ସେପ୍ଟେମ୍ବର ୨୦୨୨



ISSN NO – 2582-208X

[ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ଇ-ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

# ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**

ISSN NO.
2582-208X

# ସମ୍ପାଦକୀୟ



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ଦିନ ପରେ ଦିନ ବଦଳିବା ପରି ଆମମାନଙ୍କର ଖାଦ୍ୟପେୟ ମଧ୍ୟ ଧିରେ ଧିରେ ବଦଳିବାରେ ଲାଗୁଛି । ଦିନ ଥିଲା, ଓଡିଶାର ଘରେ ଆଉ ବାହାରେ ଦେଶୀ ଜିନିଷର ଚାହିଦା ଅନେକ ଥିଲା । ବାହାରକୁ ବାହାରିଲେ ଦୋକାନ ବଜାରରେ ଅନେକ ପ୍ରକାର ଦେଶୀ ଖାଦ୍ୟପେୟ ମିଳୁଥିଲା । ସ୍କୁଲରେ ଖେଳ ଛୁଟିରେ ବୁଟ ଭଜା ଓ ସିଝା, ମଟର ଭଜା ଓ ସିଝା, ମସାଲା ମୁଢ଼ି, ବିସ୍କୁଟ, ଦେଶୀ କେକ୍, ବରା ଘୁଗୁନି ଇତ୍ୟାଦି ମିଳୁଥିଲା ଆଉ ସେଇଥିରେ ହିଁ ମଜା ଆସୁଥିଲା । ଆଉ ବର୍ତ୍ତମାନ ତାର ସ୍ଥାନ ନେଇଛି ସ୍କୁଲ ପାଖରେ ଥିବା କ୍ୟାଣ୍ଟିନ ବା ଦୋକାନ ଯେଉଁଥିରେ ବିଭିନ୍ନ ପ୍ରକାରର ଚିପ୍ସ, ବର୍ଗର, କୋଲ୍ଡ ଡ୍ରିଙ୍କସ୍ ଏବଂ ଅନେକ ପ୍ରକାରର ଜଙ୍କ୍ ଫୁଡ ଭରି ଯାଇଛି । ଆଉ ଏହି ଜଙ୍କ୍ ଖାଦ୍ୟକୁ ଖାଇ ପିଲାମାନେ ବେମାର ହେଉଛନ୍ତି ମଧ୍ୟ ।

ଆଗରୁ କଲେଜ ବା ସହରର ଅନେକ ଜାଗାରେ ଚାର୍ଟ, ବରା-ଘୁଗୁନି, ଦହିବରା-ଆଳୁଦମ, ଉପମା, ଆଳୁଚପ୍ ଇତ୍ୟାଦି ମିଳୁଥିଲା, ମାତ୍ର ଏବେ ଏହାର ସ୍ଥାନ ନେଇଛି, ମୋମୋ, ବର୍ଗର, ଚାଉମିନ୍, ଓ ଅନେକ ପ୍ରକାରର ଚାଇନିଜ୍ ଖାଦ୍ୟ ଯାହା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ । ଦେଶୀ ଦ୍ରବ୍ୟମାନଙ୍କର ଚାହିଦା ଧିରେ ଧିରେ କମିବାରେ ଲାଗିଛି । ଆଉ ଆମେ ଜଙ୍କ୍ ଫୁଡ୍ ପସନ୍ଦ କରୁଛେ ଓ ଖାଇବାରେ ଲାଗିଛେ ।


ISSN NO.
2582-208X

ଏଠାରେ ଏକ ଛୋଟ ଉଦାହରଣ ଦିଆଯାଇପାରେ । ଆଗରୁ ନିଜ ବନ୍ଧୁବାନ୍ଧବ ବା ସଂପର୍କୀୟମାନଙ୍କ ଘରକୁ ଗଲେ କିମ୍ବା ହୋଲି, ଦିପାବଳୀ ସମୟରେ ବନ୍ଧୁମିଳନ ସମୟରେ ଆମେମାନେ ମିଠେଇ ପ୍ୟାକେଟଟିଏ ନେବାପାଇଁ ଭୁଲୁ ନଥିଲେ । କିନ୍ତୁ ଆଜିକାଲି ଏହି ମିଠେଇର ସ୍ଥାନ ନେଇସାରିଛି ଚକୋଲେଟ୍ । ଆଉ ଏଥିପାଇଁ ବିଦେଶୀ କମ୍ପାନୀମାନେ କୋଟିକୋଟି ଟଙ୍କା ଖର୍ଚ୍ଚ କରି ବିଜ୍ଞାପନ ମଧ୍ୟ ଦେବାରେ ଲାଗିଛନ୍ତି ଆଉ ଆମକୁ ଭେଳିକି ବନାଉଛନ୍ତି । ଭାବନ୍ତୁ, ଯଦି ଆମେ କୌଣସି ବିଦେଶୀ ଦ୍ରବ୍ୟ ନକିଣି ନିଜ ଘରେ କିଛି ତିଆରିକରି ଯଦି ଆମ ନିଜ ସମ୍ପର୍କୀୟ ବା ବନ୍ଧୁବାନ୍ଧବଙ୍କ ଘରକୁ ଯିବା, ତେବେ ସେଥିରେ ନିଶ୍ଚୟ କିଛିଟା ବ୍ୟକ୍ତିଗତ ସ୍ପର୍ଶ ରହିବା ସହ ସ୍ନେହ ଶ୍ରଦ୍ଧା ମଧ୍ୟ ରହିଥାଏ ଆଉ ସମ୍ପର୍କକୁ ନିଶ୍ଚୟ ଆଗକୁ ବଢାଇଥାଏ ।

ଦୁଃଖର କଥା ଯେ ଆଜିକାଲି ଅନେକ ବିଦେଶୀ କମ୍ପାନୀ ନିଜର ବ୍ରାଣ୍ଡେଡ୍ ବିଦେଶୀ ପ୍ରଡକ୍ଟ ର ଦୋକାନ ଖୋଲିବାରେ ଲାଗିଛନ୍ତି ଆଉ ତାହାର ଚାହିଦା ମଧ୍ୟ ବଢିବାରେ ଲାଗିଛି । ଅଧିକ ପଇସା ଦେଇ ଖାଇବାକୁ ଲୋକେ ଆଜିକାଲି ନିଜର ଆଭିଯାତ୍ୟ ଭାବୁଛନ୍ତି ଏବଂ ନିଜକୁ ବଡ ମନେକରୁଛନ୍ତି ଯାହାକି ଦୁଃଖର ବିଷୟ । ଅନୁରୋଧ ବିଦେଶୀ ବ୍ରାଣ୍ଡେଡ୍ ଖାଦ୍ୟ ସହିତ ଦେଶୀ ଖାଦ୍ୟ ଥିବା ଦୋକାନକୁ ମଧ୍ୟ ଯାଆନ୍ତୁ ଯାହାଦ୍ୱାରା ଦେଶୀ ଖାଦ୍ୟର ଚାହିଦା ବଢିବା ସଙ୍ଗେ ସଙ୍ଗେ ଦେଶର ଅର୍ଥନିତୀକୁ ମଧ୍ୟ କିଛିଟା ସାହାଯ୍ୟ ମିଳିବ ।

ବନ୍ଦେ ଉତ୍କଳ ଜନନୀ ।

ଅରବିନ୍ଦ ମିଶ୍ର



ISSN NO.
2582-208X

# ଭିତର ପୃଷ୍ଠାରେ....


| | | |
|---|---|---|
| ଡି.ଏଫ.ଓ କ୍ୟାମ୍ପବେଲ ବେ (ଧାରାବାହିକ) | ଅଶୋକ ବିଶ୍ୱାଳ | ୧୧ |
| ଠାକୁର, ପତ୍ନୀ ଆଉ ନୌକର | ଇଂ. ସୁଶାନ୍ତ କିଶୋର ବଳ | ୨୨ |
| ମେଳଣ | ଡ. ଶକୁନ୍ତଳା (ନାଏକ) ଗୁପ୍ତା | ୨୬ |
| ଅପେକ୍ଷା | ଡଃ ମାଙ୍ଗଳିକା ମହାପାତ୍ର | ୨୮ |
| ମଦ ଖାଉଥିବା ମଣିଷ, ଚତୁର୍ଥ ଭେଟ | ଡକ୍ଟର ବିଜ୍ଞାନୀ ଦାସ | ୨୯ |
| ଛୋଟ ମୋର ଗାଁଟି | ଡ. ପ୍ରସନ୍ନ କୁମାର ବଳ | ୪୦ |
| କରୁଣାର ବାରି ଛିଞ୍ଚିଦେଲେ ଟିକେ | ଶଶଧର ମହାପାତ୍ର | ୪୨ |
| ଶରୀର ଈଶ୍ୱର | ଡ଼ ସୁନନ୍ଦା ମିଶ୍ର ପଣ୍ଡା | ୪୪ |
| ଆଉ କରିବେନି ଅଭିଯୋଗ | ଶାନ୍ତିଲତା ମିଶ୍ର | ୪୬ |
| ଜୟ ଜଗଦୀଶ | ଜୟନ୍ତୀ ଦେବୀ | ୫୧ |
| ସ୍ୱାଧୀନତା | ସଂଯୁକ୍ତା ସାହୁ | ୫୨ |
| ମୋ ଦେଶ | ସ୍ୱର୍ଣ୍ଣମୟୀ ଷଡଙ୍ଗୀ | ୫୪ |
| ଭକ୍ତ କବି ମଧୁସୂଦନ ରାଓ | ବରଦା ପ୍ରସନ୍ନ ଦାସ | ୫୬ |
| ମେଘ ମଲ୍ଲାର | ବିନୋଦିନୀ ଦାଶ | ୫୯ |
| ଜଡ ଜୀବ ହେଉ ଧନ୍ୟା | ପୁଷ୍ପାଞ୍ଜଳି ପଣ୍ଡା | ୬୧ |
| 'ସ୍ଥାବର ଜଂଗମ' ଉପନ୍ୟାସ : ଏକ ସମୀକ୍ଷା | ଡ଼ଃ ହରିହର ପଧାନ | ୬୨ |
| ଅନନ୍ତ ଅଚ୍ୟୁତ ହରି | ଡ. ଅର୍ଜୁନ ଚରଣ ବାରିକ୍ | ୬୬ |
| ସ୍ୱାଧୀନତା : ଆମକଥା | ଡ. ଜ୍ଞାନେଶ୍ୱର ମିଶ୍ର | ୬୯ |
| ଅହଂକାର | କୀର୍ତ୍ତି ଦେବୀ | ୭୧ |

ISSN NO.
2582-208X


| | | |
|---|---|---|
| ଲଳିତ ନିବନ୍ଧ– ସିଡି | ବଦ୍ରୀ ମହାନ୍ତି | ୭୨ |
| ସୁଖପ୍ରାପ୍ତିର ଅଷ୍ଟସୂତ୍ର | ଡଃ ଅଭିମନ୍ୟୁ କାନୁନଗୋ | ୭୬ |
| ସୈନିକ ହୃଦୟର କଥା | ଦଣ୍ଡାସି ପ୍ରଧାନ | ୭୭ |
| ରାକ୍ଷୀ ଭିଜିଗଲା ଆଖି ଲୁହରେ | ବାସନ୍ତୀ ଲତା ଜେନା | ୭୯ |
| ଭାବ ବିନୋଦିଆ କଳା ଠାକୁର | ଅଳକା ମହାନ୍ତି | ୮୧ |
| କାଳିଆ ସୁନା | ସତ୍ୟନାରାୟଣ ପ୍ରସାଦ ନାୟକ | ୮୨ |
| ଢେଙ୍କିଶାଳରୁ ଢେଙ୍କାନାଳ ପର୍ଯ୍ୟନ୍ତ | ଅନିଲ୍ ସର | ୮୩ |
| ଯୋଗ | ଅଧ୍ୟାପକ ଅବିନାଶ ବାରିକ୍ | ୮୪ |
| ବହୁତ କିଛି ବଦଳି ଯାଇଛି | ବିନୟ ମହାପାତ୍ର | ୮୬ |
| ବର୍ଷା ଭିଜା ବାସ୍ନା | ମୋନାଲିସା ପଣ୍ଡା | ୯୨ |
| କୃପାକର ହେ ରାଘବ | ବିଜୟ କୁମାର ସାହୁ | ୯୪ |
| ମନେପଡେ | ଡ଼ . ପଲିମର  ଦାଶ | ୯୬ |
| ସନ୍ଦେହ ର ଝଡ | ସସ୍ମିତା ପ୍ରଧାନ | ୯୭ |
| ଘାସ ଫୁଲ | ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି | ୯୯ |
| ବିବେକ କୁ ପ୍ରଶ୍ନ | ଅମ୍ବିକା ସ୍ୱାଇଁ | ୧୦୧ |
| ଶୁଣ ଆହେ ତୁମେ ଅଗଷ୍ଟ ପନ୍ଦର | ରଘୁନାଥ ତ୍ରିପାଠୀ | ୧୦୬ |
| ଥାଇ କି ଲାଭ ? | ଅମୃତନାରାୟଣ ଶତପଥୀ | ୧୦୭ |
| ରଜନୀଗନ୍ଧା | ଅରୁଣ କୁମାର ମହାପାତ୍ର | ୧୦୯ |
| ଜୀବନଯାତ୍ରା | ଡକ୍ଟର ମନୋରଞ୍ଜନ ବିଷୋୟୀ | ୧୧୦ |
| ଝରା ଶେଫାଳୀ | ସୁଲୋଚନା ବେହେରା | ୧୧୨ |
| ସ୍ୱପ୍ନ ଭରା ରାସ୍ତା | ଆଶୁତୋଷ ମେହେର | ୧୧୩ |
| ଅଜାଗା  ଘାଆ | ଡାଃ ଅନୀତା ପଣ୍ଡା | ୧୧୪ |
| ମହାଦେବ ଗୋବିନ୍ଦ  ରାନାଡେ | ଅକ୍ଷୟ ମହାନ୍ତି (ନିର୍ମାଲ୍ୟ ) | ୧୧୯ |

ISSN NO.
2582-208X


| | | |
|---|---|---|
| ବରଷା ଆଗମନ | ଅଦ୍ୱୈତ କୁମାର ସାମନ୍ତରାୟ | ୧୨୧ |
| ଭଙ୍ଗା ହୃଦୟ | ଛବି ରାଣୀ ପତି | ୧୨୩ |
| ଉଠ୍ ପୁଟୁର୍ | ଆରତୀ ସାହୁ (ଆଶା) | ୧୨୫ |
| ଏଇତ ସମୁଦ୍ର | ବିଜୟଲକ୍ଷ୍ମୀ ପଟ୍ଟନାୟକ | ୧୩୧ |
| ଶ୍ରାବଣୀ | ତ୍ରିପତି ପ୍ରଧାନ | ୧୩୩ |
| କବିତା ଗୋ ତୁମେ | ବେଣୁଧର ସୂତାର | ୧୩୪ |
| ଝିଅଟିର ନାଁ ଗୁଡ୍ଡୀ | କୁଞ୍ଜ ବିହାରୀ ସାହୁ | ୧୩୬ |
| ବର୍ଷା | ଗଜାନନ ମିଶ୍ର | ୧୪୧ |
| ଓଡିଆ ପୁଅ | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୪୨ |
| ପୁଣ୍ୟାତ୍ମା ଉତ୍କଳମଣୀ | ରାଜକିଶୋର ସାଇଁ | ୧୪୩ |
| ଓଡିଶା ମାଟିର ସମ୍ଭ୍ରାନ୍ତ ପୁତ୍ର ଗଙ୍ଗାଧର ମେହେର | ଅସିତ ମହାନ୍ତି | ୧୪୫ |
| ପଦ୍ମର ବିଳାପ ସ୍ୱର - ଆଜ ଦେଖିଲିରେ ନବୀନ ବୟସୀ ବାଳା | ଅଲେଖ ମେହେର | ୧୪୯ |
| ବଡ଼ ଦାଣ୍ଡରେ ଉଭା ଚକାନୟନ | ଦୀନବନ୍ଧୁ ବେଜ | ୧୫୦ |
| ସମୟ ଗୋ | ବିନୟ ମିଶ୍ର | ୧୫୧ |
| ପହିଲି ବରଷା | ସିଦ୍ଧେଶ୍ୱର ତ୍ରିପାଠୀ | ୧୫୩ |
| ନାଟକ-ରାମ ରାବଣ ରାମାୟଣ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୫୪ |
| କଳା ଗୋସାଇଁ | ନନ୍ଦିନୀ ରାଉତ | ୧୫୯ |
| ଗଙ୍ଗାଧର ସ୍ମରଣେ | ଶେଷଦେବ ପଣ୍ଡା | ୧୬୦ |
| ଆଭିନନ୍ଦନ ଓ ଅଭିବାଦନ | ଜୟ କୁମାର ମିଶ୍ର | ୧୬୨ |
| ଆଦ୍ୟ ଆଷାଢ଼ | ଅରୁଣ କୁମାର ମେହେର | ୧୬୪ |
| ପ୍ରାଚୀନ ଭାରତରେ ପାର୍ସି ସଭ୍ୟତାର ଉତଥାନ, ପତନ | ପ୍ରିୟବ୍ରତ ପାତ୍ର | ୧୬୫ |

ISSN NO.
2582-208X


| | | |
|---|---|---|
| ଧରା ଶ୍ରାବଣ | ଅମରନାଥ ବାରିକ | ୧୬୯ |
| ପଞ୍ଚୋପଦେଶ | ଅଧ୍ୟାପିକା ରୋଜାଲିନ୍ ବାରିକ୍ | ୧୭୦ |
| ସ୍ୱାଧୀନତା | ଭାସ୍କର ଚନ୍ଦ୍ର ଖଣ୍ଡା | ୧୭୨ |
| ହୁଣ୍ଡା | ଅଧର ବିଶ୍ୱାଳ | ୧୭୪ |
| କିଛି କରିବା | ସୁଜ୍ଞାନ ବାଘ | ୧୭୬ |
| ଜୀବନୀ ଗୀତିକା | ଅଜିତ ପାଢ଼ି | ୧୭୭ |
| ବର୍ଷା:ତୁମର ପ୍ରକୃତି ନା ତୁମର ଈର୍ଷା! | ଡମ୍ବରୁଧର ବାଗ | ୧୭୯ |
| ପ୍ରଜ୍ଞା ଅନ୍ୱେଷଣ | କୃଷ୍ଣ ଚନ୍ଦ୍ର ବାରିକ | ୧୮୧ |
| ଅଚିହ୍ନା ବନ୍ଧନ (ଧାରାବାହିକ) | ଜୟଲକ୍ଷ୍ମୀ ସେଠୀ | ୧୮୨ |
| ପ୍ରାଚୀନ ଐଶ୍ୱର୍ଯ୍ୟ | ସୀମାଞ୍ଚଳ ରଣା | ୧୮୫ |
| ମୁଁ ଓଡିଆ | ପୂର୍ଣ୍ଣିମା ଗୋଛାୟତ | ୧୮୭ |
| ବୁଝେଇ ପାରିବ କିଏ ? | ଜୟନ୍ତ କୁମାର ମଲ୍ଲିକ୍ | ୧୮୯ |
| ପାଦ ପାଉଁଜି | ଚୈତନ୍ୟ ବାଗ | ୧୯୦ |
| ସୁବର୍ଣ୍ଣପୁରର ଲୋକଗୀତ;ଏକ ଆଲୋଚନା | ଶଙ୍ଖସିନ୍ଧୁ ପୁରୋହିତ | ୧୯୧ |
| ମୁଁ ସେଇଠି ଅଛି | ରଶ୍ମିତା ସାହୁ | ୧୯୯ |
| ସ୍ୱାଧୀନତା ଦିବସ | ପ୍ରିୟଦର୍ଶିନୀ ମହାପାତ୍ର | ୨୦୦ |
| ଆଶ୍ଚର୍ଯ୍ୟ ! | ସ୍ୱାତୀ ସୁଚରିତା ପ୍ରିୟଦର୍ଶିନୀ | ୨୦୨ |
| ସୁନାବେଶ | ଭାଗିରଥୀ ଯାନୀ | ୨୦୪ |
| ଶେଷ ସ୍ୱର୍ଶ | ଯଶୋଶ୍ରୀ ବେହେରା | ୨୦୫ |
| ନୀଳ ସୁନ୍ଦର ପରବତେ ନୀଳମାଧବ ହରି | ଦେବଜାନୀ ବାରିକ୍ | ୨୧୧ |
| ମନର ମୃତ୍ୟୁ | ଭାରତୀ ମୁଦୁଲି | ୨୧୩ |
| ବାଜପକ୍ଷୀ | ବିନୟାନନ୍ଦ ବସ୍ତସ୍ୟ | ୨୧୪ |

ISSN NO.
2582-208X


| | | |
|---|---|---|
| ସ୍ୱାଧୀନତାର ଦିବସ | କାଳିପ୍ରସାଦ ମହାପାତ୍ର | ୨୧୫ |
| ଛୋଟ ମୋର ନାଆଟି (ଧାରାବାହିକ) | ପ୍ରଫେସର ଅନିତା ପଣ୍ଡା | ୨୧୭ |
| ସାଇକେଲ୍ | କିଶୋର ମହାନ୍ତି | ୨୨୮ |
| ମେଘ ସବାରୀରେ ବରଷା ଆସିଛି | ପ୍ରଶାନ୍ତ କୁମାର ଦାଶ | ୨୩୧ |
| ବର୍ଷା ଆସିଛି | ସାଇପ୍ରସାଦ ସାହୁ | ୨୩୩ |
| ଶୁଣ ସରକାର ! | ରାଧାମୋହନ ପୂଜାହାରୀ | ୨୩୪ |
| ଅପ୍ରିୟ ସତ୍ୟ | ଖଗେଶ୍ୱର ବାଗ | ୨୩୭ |
| ମଧୁର ମଧୁର | ସୁହାସିନୀ ବାରିକ୍ | ୨୪୦ |
| ମୋ କାଳିଆ ସୁନା | ଜନ୍ମଜୟ ନାୟକ | ୨୪୨ |
| ଚନ୍ଦ୍ରଭାଗା | ପ୍ରଶାନ୍ତ କୁମାର ନାଥ | ୨୪୪ |
| ମୁକ୍ତ ବିହଙ୍ଗ | ନିରଞ୍ଜନ ସାହୁ | ୨୪୫ |
| ଭକ୍ତିରେ ଭଗବାନ ଅଭକ୍ତିରେ ହୀନିମାନ | ନରେନ୍ଦ୍ର ପ୍ରସାଦ ବେହେରା | ୨୪୬ |
| ସୁନ୍ଦର ଜୀବନର ଷଡ ସୂତ୍ର | ଅଳକା ବାରିକ୍ | ୨୫୦ |
| ବିଚିତ୍ର ପାଉଣା | ବାଙ୍କାବିହାରୀ ମହାକୁର | ୨୫୨ |
| ମିଳି ଯାଆନ୍ତା କି ସେହି | ପ୍ରଶାନ୍ତ ବ୍ରହ୍ମା | ୨୫୪ |
| ଅନେକ ଭିତରେ ଅନନ୍ୟ ସିଏ | ନୀଳମଣି ଚାନ୍ଦ | ୨୫୫ |
| ନବରଙ୍ଗପୁର ମାଟିର ସାରସ୍ୱତ ସାହିତ୍ୟ ସାଧିକା "ଶ୍ରୀମତି ଜେମାମଣି ବିଷୋୟୀ" | ପ୍ରତାପ ଚନ୍ଦ୍ର ସାହୁ | ୨୫୬ |
| ମୌସୁମୀ | ଦୁଷ୍ମନ୍ତ ବେହେରା | ୨୫୯ |
| ଜନ୍ମଦିନ ଅବସରରେ | ବିଷ୍ଣୁପ୍ରିୟା ଦାସ | ୨୬୦ |
| ପ୍ରକୃତିର ଦାନ | ଲକ୍ଷ୍ମୀପ୍ରିୟା ବିଶ୍ୱାଳ (ପୂଜା) | ୨୬୧ |
| କୋଣାର୍କ | ଲଲାଟେନ୍ଦୁ ବାରିକ | ୨୬୩ |
| ପୁରୁଣାକୁ ନୂଆ କରେ ନୂଆକୁ ନିଆରା | ସୂର୍ଯ୍ୟ ନାରାୟଣ ସାହୁ | ୨୬୪ |

ISSN NO.
2582-208X


| | | |
|---|---|---|
| ରକ୍ଷା ବନ୍ଧନ | ଦେବାର୍ଚ୍ଚନ ମେହେର | ୨୬୯ |
| ନାରୀ ଅତ୍ୟାଚାର | ସନ୍ତୋଷ କୁମାର ବେହେରା | ୨୭୧ |
| ଦୁର୍ଲଭ ମାନବ ଜନ୍ମ | ଅଲେଖ ମେହେର | ୨୭୩ |
| କୋଇଲି ପାରୁଡ଼ା ଆମ୍ବ | ତାରାପ୍ରସାଦ ଜେନା | ୨୭୫ |
| କ୍ଷୁଦ୍ରଗଳ୍ପ-ପାଗଳି | ଶ୍ୟାମସୁନ୍ଦର କୁମ୍ଭାର | ୨୭୭ |
| ଅବ୍ୟକ୍ତ ର ଚିଠି ଶ୍ରୀହସ୍ତରୁ | ମନୋରଞ୍ଜନ ସୁରୁଜାଲ | ୨୮୧ |
| ପଥ ଓ ପଥିକ | ଶୋଭାଗିନି ବିଶି | ୨୮୩ |
| ମାଆ | ଶିବରାମ ଦଳେଇ | ୨୮୫ |
| ଶିକ୍ଷକ | ସନ୍ତୋଷ ସାହୁ | ୨୮୬ |
| କ୍ଷୁଦ୍ର ଆଲୋକର ଶିଖା | ବାଲ୍ମୀକି ନାୟକ | ୨୮୮ |
| କଂସାରୀ ବକାରୀ | ମାଳତୀ ଦେବୀ | ୨୯୧ |
| ଭୁଲ୍ ବୁଝିବନି ମୋତେ | ରାଧାରାଣୀ ରାଉଳ | ୨୯୨ |
| ମୋ  ମାମା | ସଙ୍ଗୀତା ମହାନ୍ତି | ୨୯୩ |
| ମୋ ଜୀବନ ଟା | ଚିତ୍ତରଞ୍ଜନ ବେହେରା | ୨୯୫ |
| ଆଜିର ସମାଜ | ଅନନ୍ତ କୁମାର ସାହୁ | ୨୯୬ |
| ଅଧା ଲେଖା ଗଳ୍ପ ! | ଶଶିକାନ୍ତ ମେହେର | ୨୯୮ |
| ଦୁଃଖୀ ମଣିଷ | ପି. ପାତ୍ର | ୩୦୧ |
| ରସନା ରଟ | କବିତା ସ୍ୱାଇଁ | ୩୦୨ |
| ବିଶ୍ୱାସ | ବାପିନି ସିଂ | ୩୦୩ |
| କିଏ ଆସୁଛି | ବିଶ୍ୱଜିତ ନାଥ | ୩୦୫ |
| **ସ୍ୱାସ୍ଥ୍ୟ ବିଭାଗ** | | |
| ସୁସମ ଖାଦ୍ୟ ଓ ଉତ୍ତମ ସ୍ୱାସ୍ଥ୍ୟ | ଡାକ୍ତର ବସନ୍ତ କୁମାର ଷଡଙ୍ଗୀ | ୩୦୮ |

ISSN NO.
2582-208X



| | | |
|---|---|---|
| **ଆମ ହାଣ୍ଡିଶାଳ** | | |
| ଗୋଟା କଲରା | ଦେବଯାନୀ ସ୍ୱାଇଁ | ୩୧୨ |
| କଚାଇ ପନୀର | ଜୟନ୍ତୀ ଦେବୀ | ୩୧୪ |
| ଗାଜର ପାଏସ୍ | ଅଧ୍ୟାପିକା ରୋଜାଲିନ୍ ବାରିକ୍ | ୩୧୫ |
| କେକ୍ | ଅଳକା ବାରିକ୍ | ୩୧୬ |
| **ଆଞ୍ଚଳିକ** | | |
| ଚେହେରା | ସତ୍ୟନାରାୟଣ ମିଶ୍ର | ୩୧୮ |
| ଅରୁନ୍ଧତି ବୋଏଲେ ବଶିଷ୍ଠ ମୁନି କେ | କୁମରଲାଲ ରଣା | ୩୨୦ |
| ମାଲୁ ଧାନର୍ ମହକ୍ | ଦିନେଶ ମେହେର | ୩୨୨ |
| **ଶିଶୁ ବିଭାଗ** | | |
| କୁମ୍ଭୀରର ନାସପାତି ! | ଡ଼ଃ ରଞ୍ଜିତ କୁମାର ସାହୁ | ୩୨୫ |
| ସକାଳ | ସାବିତ୍ରୀ ବେହେରା | ୩୩୦ |
| ଭିତ୍ ପତାଓ | ନୀଳମାଧବ ସାହୁ | ୩୩୧ |
| କିଏ ସେ ପାରିବ କହି | ଅମରନାଥ ବାରିକ | ୩୩୫ |
| ବେଙ୍ଗୁଲି ନାନୀର ବାହାଘର | ମୀନାକ୍ଷି ପାଢ଼ୀ | ୩୩୭ |
| ସାବାସ୍ ପିମ୍ପୁଡ଼ି | ବିଜୟ କୁମାର ଛାଟୋଇ | ୩୩୯ |
| ଚିତ୍ର | ଆଦବିକା ପଟ୍ଟନାୟକ | ୩୪୨ |
| ମତାମତ/ସମୀକ୍ଷା | ବେଦାନ୍ତୀ ପରିବାର | ୩୪୩ |
| ସେପ୍ଟମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୩୪୮ |
| ଚିତ୍ର କଥା କହେ | ବେଦାନ୍ତୀ ପରିବାର | ୩୪୯ |

ISSN NO.
2582-208X

# ଡି.ଏଫ.ଓ
# କ୍ୟାମ୍ପବେଲ ବେ



ଅଶୋକ ବିଶ୍ୱାଳ

## ୩-ଛୋଟ ଜାହାଜର ଲମ୍ବା ଡେକ

ଏମ ଭି ନାନକୋରୀ ଭଳ ଏକ ଛୋଟ ଜାହାଜ ଏତେଦୂର ଲମ୍ବା ଯାତ୍ରା କରି ସହଜରେ ଫେରି ଆସୁଥିବ ବୋଲି ଭାବିହେଉନଥିଲା । ଆକାର ସେମାନେ ଦେଖିଥିବା ବଡ ଜାହାଠାରୁ ଅନେକ ଛୋଟ । ଆଉ ଏ ଲୁହାରେ ତିଆରି ଜାହାଜର ବିଶେଷତ୍ୱ ହେଲା ଜାହାଜର ତଳଟା ଅପେକ୍ଷାକୃତ ସମତଳ । ଏମିତି ଜଳଯାନ କମ ପାଣିରେ ଭାସିପାରେ । ତାହା ନିକୋବର ଦ୍ୱୀପପୁଞ୍ଜ ପାଇଁ ବହୁ ଜାଗାରେ ଦରକାର ଅଛି । କିନ୍ତୁ ଚାଲିଲା ବେଳେ ସମସ୍ୟା ଅଛି । ପାଣିରେ ବଡ ଫମ୍ପା ଥିବା ଥାଳ ଭଳ ଜାହାଜମାନ ବେଶି ଦୋହଲେ । ୧୦ ଡିଗ୍ରୀ ଚ୍ୟାନେଲ ଅତିକ୍ରମ କଲାବେଳେ ବଡ ଲହଡିମାନ ହେବ । ଜାହାଜ ଉଠିବ ପଡିବ । ଲୁହାରେ ତିଆରି ଜାହାଜରେ ଭାଙ୍ଗିବାର ବା ବୁଡିବାର ଡର ପ୍ରାୟ ନାହିଁ । ରୋଲିଙ୍ଗ ପିଚଙ୍ଗ କିନ୍ତୁ ବେଶ ହେବ । ଲୋକେ ବାନ୍ତି କରିବେ, ଅନେକ ଅସୁସ୍ଥ ହେବେ । ନିରାକରଣ ହେଉଛି ଡେକରେ କମ ବୁଲଚାଲା କରିବା ଆଉ ବେଶି ସମୟ ପେଟପୁରା ଖାଇ ଶୋଇଯିବା। ଖଟା ଆଦି ଖାଇଲେ ବାନ୍ତି କମ ଲାଗିବ । ପାଖରେ କିଛି ବାନ୍ତି ବଟିକା ରଖିବା ଦରକାର । ଏମିତି ଯାତ୍ରାର ସାବଧାନତା ପାଇଁ କିଛି କିଛି ଟିପସ ମିଳିଥିଲା । ଜାହାଜରେ ଖାଇବାକୁ ମିଳିବ । ଟିକେଟ ସହ ଖାଇବା ଖର୍ଚ୍ଚ ମଧ୍ୟ ଯୋଡାଯାଇଛି । ତେଣୁ କିଛି ଅସୁବିଧା ନାହିଁ । ବ୍ରେକଫାଷ୍ଟ, ଲଞ୍ଚ, ଡିନର ସବୁକିଛି ଠିକ ସମୟରେ ମିଳିଯିବ ।

ଆଣ୍ଡାମାନ ସମୁଦ୍ରରେ ପାଗ ଭଲଥିଲେ ପାଣି ଯାତ୍ରା ଭଲଲାଗେ । ଯଦି ରହିବା ପାଇଁ ଭଲ ସଫାସୁତୁରା କ୍ୟାବିନଟିଏ ଥାଏ ତେବେ ଆଣ୍ଡାମାନରେ ସି କ୍ରୁଇଜ ବା ଯାତ୍ରା ଭଲ ଲାଗିବ ।

ISSN NO.
2582-208X

ଯାହାହେଉ ସବୁ କଳ୍ପନା, ଆଶଙ୍କାର ଅନ୍ତ ଘଟି ଜଣା ପଡିଲା ଯେ ଛୋଟ ହେଲେ ବି ଜାହାଜଟି ପରିଷ୍କାର । ଜାହାଜର କର୍ମଚାରୀମାନଙ୍କ ବ୍ୟବାହର ଭଲ ଥିଲା । ସେମାନେ ଖାଇବା ଠିକ ସମୟରେ ଦେଉଥିଲେ । ସବୁ ଜିନଷ ଠିକ ଜାଗାରେ ରଖିଦେଉଥିଲେ । ଜାହାଜରୁ ବାହାରର ଦୃଶ୍ୟ ସୁନ୍ଦର ଲାଗୁଥିଲା । ଆଣ୍ଡାମାନ ନିକୋବରରେ ପାହାଡର ସବୁଜିମା ଆଉ ପାଣି ତଥା ଆକାଶର ନୀଳମା ପାଇଁ ଯାତ୍ରା ଅତି ମନୋରମ ଲାଗେ । ଦ୍ୱୀପର ସବୁଜ ରେଖାମାନ ଆସି ଦିଗବଳୟରେ ଲୁଚଯାଉଥିଲା ।

ଅସୀମ ଜାହାଜ ଯାତ୍ରା ବିଷୟରେ କିଛି ଖବର ଲୋକମାନଙ୍କ ଠାରୁ ଆଗରୁ ସଂଗ୍ରହ କରିନେଇଥିଲେ । ଆର୍ନ୍ତଦ୍ୱୀପୀୟ ଏହି ଜାହାଜ ଅନେକ ଯାଗାରେ ଅଟକିବ । ରାସ୍ତା ସାରା ଭିନ୍ନ ଭିନ୍ନ ଜାଗାରୁ ଯାତ୍ରୀ ଆଉ ସାମଗ୍ରୀମାନ ଉଠାଇବ । ସକାଳୁ ଜାହାଜ ପୋର୍ଟବ୍ଲେୟାର ଛାଡିବ । ଅପରାହ୍ନ ୩ଟା ରୁ ୪ଟା ବେଳେ ଲିଟିଲ ଆଣ୍ଡାମାନର ହଟ ବେରେ ପହଞ୍ଚିବ । ସେଠି ବହୁ ଲୋକ ଓହ୍ଲାଇବେ, ଚଢିବେ । ଜିନଷ ପତ୍ର ମଧ୍ୟ ଲୋଡିଙ୍ଗ ଅନଲୋଡିଙ୍ଗ ହେବ। ରାତି ପ୍ରାୟ ୯ଟାରୁ ୧୦ଟା ଭିତରେ ହଟ ବେ ରୁ ଜାହାଜ ଛାଡି ପ୍ରାୟ ବଢି ଭୋରରୁ କାର ନିକୋବରରେ ପହଞ୍ଚିବ । ନିକୋବରରେ ମଝି ସମୁଦ୍ରରେ ଜାହାଜ ରହିବ । ଲୋକମାନେ ପଣ୍ଟୁନରେ ଯିବା ଆସିବା କରିବେ । ଦିନସାରା ସେମିତି ଜାହାଜ ନିକୋବରରେ ରହିବ । ରାତି ୮ଟାରୁ ୯ଟା ମଧ୍ୟରେ ଜାହାଜ ନିକୋବର ଛାଡି ପୁଣି ସକାଳୁ ଚୌରା ଦ୍ୱୀପରେ ପହଞ୍ଚିବ । ତା'ପରେ ତେରେସା ଦ୍ୱୀପରେ ଦିନ ୯ଟାରୁ ୧୦ଟା ମଧ୍ୟରେ ପହଞ୍ଚିବ । ଯାତ୍ରାରେ ଅପରାହ୍ନ ୧ଟାରୁ ୨ଟାରେ ଜାହାଜ କଚ୍ଚାଲ ଦ୍ୱୀପରେ ପହଞ୍ଚିବ । ସେଠି କିଛି ସମୟ ରହି ପ୍ରାୟ ୪ଟା ୩୦ମିନଟ ଅପରାହ୍ନରେ ଏହା କାମୋର୍ଟା ଦ୍ୱୀପରେ ପହଞ୍ଚିବ । ସେଠାରେ ରାତି ରହଣି । ରାତି ପ୍ରାୟ ୨ଟା ୩୦ରୁ ୩ଟାରେ କାମୋର୍ଟାରୁ ଛାଡି ସକାଳୁ ସକାଳୁ କୁଣ୍ଡୁଲ ଦ୍ୱୀପରେ ପହଞ୍ଚିବ । ଆଉ ଶେଷରେ କ୍ୟାମ୍ପବେଲ ବେରେ ଦିନ ୧୦ଟା ପାଖାପାଖି ପହଞ୍ଚିବ । ଅନେକ ଜାଗାରେ ରହଣି ହେତୁ ଯାତ୍ରାରେ ବହୁ ଜିନଷ ଦେଖିହେବ।

"ନୀଳ ସମୁଦ୍ର ଶୋଭନା ।"- ଅସୀମ ଯାତ୍ରାର ପ୍ରଥମରୁ କହିଲେ । ସେମାନେ ଝରକା ଦେଇ ହାଲୁକା ନୀଳ ଆଉ ଧଳା ସମୁଦ୍ର ଦେଖୁଥିଲେ । ସକାଳେ ଆକାଶ ନିର୍ମଳ ଥିଲା ।

ISSN NO.
2582-208X

ଏକ ବଡ ପୋଖରୀର ପାଣିଭଳି ସମୁଦ୍ର ଶାନ୍ତ ଲାଗେ ସକାଳେ । ପବନ ପ୍ରାୟ ନଥାଏ । ତେଣୁ ଲହଡି ନଥାଏ । ହଲୁନଥିବା ପାଣି ।

ଦିନ ଖାଇବା ପରେ ସେମାନେ ସ୍ୱପ୍ନ ଆଉ ଆଶାର ସହ ବିଶ୍ରାମ ନେଇଥିଲେ । ଜାହାଜ ଏ ଭିତରେ ସେମାନଙ୍କୁ ପୋର୍ଟବ୍ଲେଆରରୁ ବହୁତ ଦୂରକୁ ନେଇ ଆସିଛି । ଅନେକ ବେଳୁ ଦିନରେ କୂଳର ଗଛବୃକ୍ଷ ଦେଖି ଥକ ଯାଇଥିଲେ । କ୍ୟାବିନ ପ୍ରାୟ ଏକ ଭଲ ହୋଟେଲ ଭଳି ସଫା ଥିଲା । ତଳେ ଗାଲିଚା ପଡିଥିଲା, ସୋଫା ଆଉ ଟିପୟ ଆଦି ଥିଲା । ଏମିତିକି ଭିତରେ ବସି ଗପ କରିବାକୁ ବଢିଆ ଜାଗା ଥିଲା । କାଚ ଝରକାରୁ ସବୁ ସଫା ଦେଖାଯାଉଥିଲା ।

"ଜାହାଜ ଯାତ୍ରା ଏତେ ଭଲ ଲାଗେ ମୁଁ ଭାବିନଥିଲି ।"- ଶୋଭନା କହିଲେ । ଅସୀମ ମଧ୍ୟ ଲମ୍ବା ଯାତ୍ରା ପ୍ରଥମଥର ପାଇଁ କରୁଥିଲେ । ସମୁଦ୍ର ଯାତ୍ରାରେ ଟିକଏ ଧୂଳମଳ ନଥାଏ । ଗହଳ ଚହଳ ନଥାଏ । ନୀଳ ପାଣି ଆଉ ଦ୍ୱୀପମାନଙ୍କର ସୁନ୍ଦର ସବୁଜିମା ଥାଏ । ମନ କେମିତି ଧିମା, କନ୍ତୁ ଶାନ୍ତ ହୋଇଯାଏ । ମହାସାଗରମାନଙ୍କରେ ବୁଲିଲେ ମନ ଜଳରାଶି ଭଳି ମଝି ସମୁଦ୍ରରେ ଶାନ୍ତ ରହିବା କଥା ।

"ଝରକା ପାଖରେ ଅନେକ ଲମ୍ବା ବସି ଏମିତି ବାହାରକୁ ଅନାଇହେବ ।"- ଶୋଭନା କହିଲେ । ସେ ଅସୀମଙ୍କ ଦେହକୁ ଲାଗିଆସିଲେ । ଭିତରେ ମୋଟେ ଗରମ ନଥିଲା । ତାଙ୍କ ଦେହର ହାଲୁକା ଉଷୁମ ଅସୀମଙ୍କୁ ଭଲ ଲାଗୁଥିଲା । ସେମାନେ ଏମିତି କିଛି ସମୟ ବସି ରହିଲେ ।

"ପାଣି ଭିତରେ ଏତେ ଦୂର ଆମେ ଆସିଗଲେ ।"- ସେ କହିଲେ । ଅସୀମଙ୍କ ଦେହ ସାମାନ୍ୟ ଥରି ଯାଉଥିଲା । ଏଇଟା ଜାହାଜର କମ୍ପନ ନୁହେଁ । ଅସୀମଙ୍କ ଭିତରେ ରୋମାଞ୍ଚ ଭରିଥିଲା ।

"କେମିତି ଅଲଗା ଲାଗୁଛି ।"-ସେ ପୁଣି କହିଲେ । ଅସୀମଙ୍କର କହିବାର କ'ଣ ଥିଲା? ଏକ ଅଲଗା ଅନୁଭୂତି ମଧ୍ୟ ତାଙ୍କ ପାଇଁ । ମନ, ଶରୀର ପୂର୍ଣ ଲାଗୁଥିଲା । ଭାବିବାକୁ କିଛି ସେମିତି ନଥିଲା । ଏକ ସୁନ୍ଦରୀ ତରୁଣୀ ଦେହକୁ ଲାଗି ବସିଥିଲେ ଆଗକୁ କିଛି ଭାବିବାର

ISSN NO.
2582-208X

ଦରକାର କ'ଣ ? ତା'ର ନିଃଶ୍ୱାସ ତ ଆଗର ଦିନ ଦେଖାଇଦିଏ । ସାମାନ୍ୟ ଉଷୁମ ରହୁ ମୁହୂର୍ତ୍ତମାନ ।

"ତୁମ ପାଖକୁ ଆସିବା ଏଇ ଜମା କେତେଟା ଦିନ ହେଲାଣି । ଆଉ ପୁରୁଣା କିଛି ମନେ ପଡୁନ ।"- ଶୋଭନା କହୁଥିଲେ । ତାଙ୍କର ନିଃଶ୍ୱାସ ମୋଟେ ଭାରି ନଥିଲା । ସେ ଅସୀମଙ୍କ ହାତକୁ ଆସ୍ତେ ଧରିଥିଲେ । ତାଙ୍କର ଲମ୍ବା ବାଳ ଅସୀମଙ୍କ ମୁହଁକୁ ଛୁଉଁଥିଲା । ଏକ ମଧୁର ବାସ୍ନା ଆସୁଥିଲା ସେଥିରୁ । ଅସୀମ ନିଜ ମୁଣ୍ଡକୁ ଶୋଭନାଙ୍କ ମୁଣ୍ଡରେ ଲଗାଇ ରଖିଲେ ।

"ଶୋଭନା । କାଲି ଭଲ ଲାଗୁଛି ଆଣ୍ଡାମାନ ଆସିବା ।"- ଅସୀମ କହିଲେ । ଅସୀମଙ୍କ ମନରେ ଆଣ୍ଡାମାନ ଆସିବା, କଳା ପିଚୁରାସ୍ତା, ବର୍ଷା ସବୁ ଚନ୍ଦ ଭଳ ଆସୁଥିଲା । ଆଣ୍ଡାମାନରେ ବେଶ ଜୋର ବର୍ଷା ହୁଏ । ପୁଣି ତାହା ୩-୪ ଘଣ୍ଟା ଭିତରେ ଛାଡିଯାଏ । ସେ ନିଜ ଭିତରେ ବର୍ଷାର ଧାର ବୋହିଯିବାର ଦେଖୁଥିଲେ । ପାଣି ବୋହି ସମୁଦ୍ରକୁ ଗ୍ଲିଯାଉଛି । ସବୁ ସଫା, ସବୁ ନିର୍ମଳ ହୋଇଯାଉଛି । ପାଣି ବର୍ଷାରେ କିଛି ମଇଳା ହୁଏନା ଆଣ୍ଡାମାନରେ । ସେଇଟା ହେଉଛି ଛୋଟ ଦ୍ୱୀପମାନଙ୍କ ବିଶେଷତ୍ୱ । ସେଇଥି ପାଇଁ ଛୋଟ ଦ୍ୱୀପମାନ ଭଲଲାଗେ । ମନକୁ ବାନ୍ଧିରଖିବା ପାଇଁ ବେଶି କିଛି ନାହିଁ । ସତରେ ଏଠି ଜୀବନରେ ବେଶି କିଛିର ଆବଶ୍ୟକ ବି ନାହିଁ ।

ଶୋଭନାଙ୍କ ଦେହ ସାମାନ୍ୟ ହାଲୁଥିଲା । ସେ ଅସୀମଙ୍କ ଦେହରେ ଅନେକ ସମୟ ଲାଗିକରି ବସିଲେ । ବାହାରେ ଶାନ୍ତ ସମୁଦ୍ର ଭିତରେ ଜାହାଜ ଆଗକୁ ଭାସି ଚାଲିଯାଉଥିଲା। ତାଙ୍କ ଦେହ ଅସୀମଙ୍କ ଛାତିରେ ପୁରା ଭରାଦେଇଥିଲା । କଥାରେ ସବୁ କହିବାର ଆବଶ୍ୟକ କ'ଣ ? ସ୍ପର୍ଶରେ ବହୁକଥା କହିହୋଇଯାଏ । ଏମିତି ଅନେକ ସମୟ କଟିଗଲା । ତା'ପରେ ସେମାନେ ଅନେକ ଫଟୋ ଉଠାଇଥିଲେ । କ୍ୟାମେରାରେ ସେଲଫ ଟାଇମର ଦେଇ ଅସୀମ ଶୋଭନା ପାଖକୁ ଆସୁଥିଲେ ଆଉ ତାଙ୍କୁ ବାହୁରେ ନେଇଯାଉଥିଲେ । ପରେ ଏକ କ୍ଲିକ ଶବ୍ଦ ଆସୁଥିଲା । ଏକ ମନେ ରଖିବାଭଳି ଫଟୋ ଚିରଦିନ ପାଇଁ ରହିଯାଉଥିଲା ।

ISSN NO.
2582-208X

ଶୋଭନା ଅସୀମଙ୍କୁ ପତ୍ନୀ ହୋଇବି ପ୍ରେମିକା ଭଳି ଅନାଇଥିଲେ । ପ୍ରେମିକର ବାହୁରେ ଆଗକୁ ଦିନ ସୁନ୍ଦର କିନ୍ତୁ ଅନିଶ୍ଚିତ ହୋଇପାରେ । ମଧୁର କିନ୍ତୁ କଣ୍ଟକିତ ବି ହୋଇପାରେ। ଏମିତି କିଛି ଭାବନା ତା' ଭିତରେ ଥାଇପାରେ ।

ଦିନ ଖାଇବାର ଅନେକ ସମୟ ପରେ ସେମାନେ ବାହାରେ ଆସି ବସିଲେ । ଶୋଭନା ନିଜକୁ ସେମିତି କିଛି ସଜେଇ ନଥିଲେ । କିଛି ମେକଅପ ନନେଲେ ବି ସୁନ୍ଦରୀ ତରୁଣୀ ସବୁବେଳେ ସୁନ୍ଦରୀ ଦେଖାଯାଆନ୍ତି । ତାଙ୍କର ମୁହଁ ଛାଇରେ ବି ଚମକୁ ଥିଲା । ଲୋକେ ବାହାରେ ଆସି ଡେକରେ ବୁଲୁଥିଲେ ଆଉ ଡେକଟା ପୂରା ଯାତ୍ରୀମାନଙ୍କ ପାଇଁ ଖୋଲାଥିଲା । ସେଠାରେ କିଛି ଲୁହା ବେଞ୍ଚ ପଡିଥିଲା । ଦୁହେଁ ଏକ କୋଣରେ ପଡିଥିବା ଖାଲି ଚେଆରରେ ବସି ବାହାର ଦୃଶ୍ୟ ଦେଖିବାରେ ଲାଗିଗଲେ । ଦୁହେଁ ନିଜ ନିଜ ଭାବନା ସହ ଅନେକ ସମୟ ଚୁପଚାପ ଥିଲେ ।

ଅସୀମ ପାଣିକୁ ଅନାଇ ଅନାଇ ଭାବୁଥିଲେ ନିକୋବର ଦ୍ଵୀପପୁଞ୍ଜ କଥା । ସେମାନଙ୍କ ଯାତ୍ରାସ୍ଥଳୀ ଗ୍ରେଟ ନିକୋବରର ଦ୍ଵୀପ ଧାରରେ ଚାଲିଯାଇଛି ଆନ୍ତର୍ଜାତୀୟ ଜାହାଜ ଚଳାଚଳ ପଥ । ଅସଂଖ୍ୟ ଜାହାଜ କେଉଁ ସୁଦୂର କୋରିଆ, ଜାପାନ, ଚୀନରୁ ଆସି ୟୁରୋପ, ଆଫ୍ରିକା ଚାଲିଯାଉଛନ୍ତି । ଏ ପାଣିଦେଇ ଆଗରୁ କେତେ ପରିବ୍ରାଜକ ଚାଲିଯାଇଛନ୍ତି ।

ଆରବ ବଣିକମାନେ ୮୫୦ ମସିହା ଆଡକୁ ସେମାନଙ୍କ ଚୀନ ଯାତ୍ରା ସମୟରେ ନିକୋବରୀଙ୍କ ସଂସ୍ପର୍ଶରେ ଆସିଥିଲେ । ମାର୍କୋ ପୋଲୋ ଗ୍ରେଟ ନିକୋବର ଦ୍ଵୀପ ପାଖଦେଇ ବୋଧହୁଏ ୧୨୯୩ ମସିହାରେ ଯାତ୍ରା କରିଥିଲେ । ଦକ୍ଷିଣ ଭାରତୀୟ ଚୋଳ ରାଜାଙ୍କର ସୈନ୍ୟବାହିନୀ ନିକୋବର ଦ୍ଵୀପପୁଞ୍ଜକୁ ୧୦୫୦ ମସିହା ଆଡକୁ ସ୍ପର୍ଶ କରିଥିଲେ। ରାଜେନ୍ଦ୍ର ଚୋଳ-୨ ଏହି ଦ୍ଵୀପପୁଞ୍ଜକୁ ନିଜର ନୌବନ୍ଦର ପାଇଁ ବ୍ୟବହାର କରୁଥିଲେ । ଏଇଠୁ ସେ ଅନେକ ସାମାରିକ ଅଭିଯାନ ଆଜିର ଇଣ୍ଡୋନେସିଆର ସେତେବେଳର ବୌଦ୍ଧଧର୍ମାବଲମ୍ବୀ ଶ୍ରୀବିଜୟ ରାଜ୍ୟ ବିରୁଦ୍ଧରେ ଆରମ୍ଭ କରିଛନ୍ତି ଯାହାକି ତାଞ୍ଜାଭୁର ଶିଳାଲେଖରେ ଉଲ୍ଲେଖ ଅଛି । ଆଉ ଆଜିର ନିକୋବର ନାମ ବୋଧେ ତାମିଲମାନଙ୍କର ଦ୍ଵାରା ପ୍ରଥମ ଦିଆଯାଇଥିବା ନାମ 'ନକାଭରମ'ରୁ ଆସିଛି । ସେମାନଙ୍କ ହିସାବରେ ଏଠାକାର ଲୋକମାନେ ଲଙ୍ଗଳା ରହୁଥିଲେ । କୁହାଯାଉଛି ଆଗରୁ ନିକୋବରୀ

ISSN NO.
2582-208X

ଲୋକମାନେ ଖଣ୍ଡେ ଖଣ୍ଡେ ଲେଙ୍ଗୁଟି ପିନ୍ଧୁଥିଲେ ଆଉ ପଛରେ ବଳକା କପଡା ଲାଞ୍ଜ ଭଳି ଝୁଲି ପଡୁଥିଲା ।

ଡଚ କ୍ୟାପଟେନ ଜନ ଡେଭିସ ପ୍ରଥମ ୟୁରୋପୀୟ ହିସାବରେ ନିକୋବରକୁ ଆସିଥିଲେ ଆଉ ଏହାକୁ ସେମାନଙ୍କ ରାଜୁତିର ଅଧିନ କରିଥିଲେ । ତେରେସା ଦ୍ୱୀପର ନାମ ଆସିଛି ଅଷ୍ଟ୍ରିଆନ ସାମ୍ରାଜ୍ଞୀ ମେରିଆ ଥେରେସାଙ୍କ ନାମରୁ । ପରେ ଡଚମାନେ ସେମାନଙ୍କ ଦ୍ୱାରା ଏଠାର ଶାସିତ ଭୂମିକୁ ଇଂରେଜମାନଙ୍କୁ ବିକ୍ରୀ କରିଦେଇଥିଲେ । ପରେ ଜଳଦସ୍ୟୁମାନଙ୍କ ଉତ୍ପାତ କମ କରିବା ପାଇଁ ନାନକୌରୀରେ ଏକ ସେଟଲମେଣ୍ଟ ଗଢି ଉଠିଥିଲା । ଏହାକୁ ପୋର୍ଟ ବ୍ଲେଆରରୁ ଚଫ କମିଶନରଙ୍କ ଦ୍ୱାରା ଶାସନ କରାଯାଉଥିଲା । କାର ନିକୋବରରେ ଏକ ଏଜେଣ୍ଟଙ୍କୁ ନିଯୁକ୍ତ କରାଯାଇଥିଲା । ୧୯୪୨ ମସିହାରୁ ୧୯୪୫ ମସିହା ପର୍ଯ୍ୟନ୍ତ ଏହି ଦ୍ୱୀପମାନ ଜାପାନୀମାନଙ୍କ ଅଧିନରେ ଥିଲା ।

ଭୌଗଳିକ ଦୃଷ୍ଟିରୁ ଦେଖିଲେ ସେପଟେ ଅଛି ଥାଇଲାଣ୍ଡ, କାହିଁ କେତେ ଦୂରରେ । କିନ୍ତୁ ଜଣେ ବୋଟ ନେଇ ପହଞ୍ଚିଯାଇପାରିବ । ସୁନ୍ଦର ସମୁଦ୍ର ଆଉ ସୌନ୍ଦର୍ଯ୍ୟ ପାଇଁ ବିଖ୍ୟାତ ଥାଇଲାଣ୍ଡ । ଆଣ୍ଡାମାନରେ ଉପରେ ମାୟାନମାର ବା ବର୍ମା ଅଛି । କାରେନମାନେ ବର୍ମାରୁ ଆସି ରହିଯାଇଛନ୍ତି ଆଣ୍ଡାମାନରେ । ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜରେ ଅଛି ୫୭୨ଟି ଦ୍ୱୀପ । ସେ ଭିତରେ ନିକୋବର ଦ୍ୱୀପପୁଞ୍ଜରେ ଅଛି ୨୪୭ଟି ଦ୍ୱୀପ । ଆଣ୍ଡାମାନ ଆଉ ନିକୋବର ଦ୍ୱୀପପୁଞ୍ଜ ୧୦ ଡିଗ୍ରୀ ଚ୍ୟାନେଲ ଦ୍ୱାରା ଅଲଗା ଅଲଗା ଭାଗ ହୋଇଯାଇଛି ।

ଅସୀମ ଏମିତି ଭାବିଭାବି ବହୁ ତଥ୍ୟ ସମ୍ବଳିତ କଥା ଶୋଭନାଙ୍କୁ କହିଚାଲୁଥିଲେ ।

ଜାହାଜୀମାନେ ଏହି ଦ୍ୱୀପପୁଞ୍ଜକୁ ଦୂରରୁ ଆସିଛନ୍ତି । ଏଇଠି ପ୍ରେମ କରି ବିବାହ କରି ରହିଯାଇଛନ୍ତି । ଜାଡଓ୍ୱେଟମାନଙ୍କ କାହାଣୀ ନିକୋବରର ଉନ୍ନତି ସହ ଜଡିତ । ମାୟାନମାରରେ ବଣିଜ କରୁଥିବା କେଉଁ ଦୂର ଗୁଜୁରାଟର ସୁରାଟରୁ ଆସିଥିବା ଏହି ବ୍ୟବସାୟୀ ପରିବାର ନିକୋବରରେ ନିଜ ବଣିଜ ଆରମ୍ଭ କରିଥିଲେ ଆଉ ସେମାନଙ୍କ ସଂସ୍କୃତି ସହ ଯୋଡିହୋଇଯାଇଥିଲେ । ଶେଷରେ ସେମାନେ ସେମାନଙ୍କର ବ୍ୟବସାୟକୁ ନିକୋବରୀ (ହୁଲୁଚୁ- ନିକୋବରୀ ଭାଷାରେ ଆକ୍ଷରିକ ଅର୍ଥ ବନ୍ଧୁ) ମାନଙ୍କୁ ସମର୍ପି

ISSN NO.
2582-208X

ଦେଇଥିଲେ । ରାଣୀ ଉପାଧି କାମୋର୍ଟା ପାଖ ଗ୍ରମିନ ଗ୍ରାମର ଇସଲନ (Islon) ନାମଧାରୀ ନିକୋବରୀ ମହିଳାକୁ ତାଙ୍କର ଇଂରେଜ ଶାସନ ପ୍ରତି ବିଶେଷ ସେବା ହେତୁ ଇଂରେଜମାନେ ପ୍ରଦାନ କରିଥିଲେ । ତାଙ୍କ ଝିଅ ରାଣୀ ଲକ୍ଷ୍ମୀଙ୍କୁ ମିଳଥିଲା ବହୁ ସମ୍ମାନ । ରାଣୀ ଫତିମା ରାଣୀ ଲକ୍ଷ୍ମୀଙ୍କର ଝିଅ । ଏଠି ରାଣୀ ପ୍ରେମ କରି ବିବାହ କରିଛନ୍ତି ଏକ ଜାହାଜୀକୁ । ନିୟମ ହିସାବରେ ବଡ ଝିଅକୁ ମିଳବ ରାଣୀର ସମ୍ମାନ ।

"ପ୍ରେମ କଛି ନିୟମ ମାନେନା? କ'ଣ କହୁଛ ଶୋଭନା ।"- ଅସୀମ ପଚାରିଲେ ।

"କାହିଁ ଦୂରରୁ ଆସିଛି ଜାହାଜୀ । ଏଠି ମିଳୁଛି ନଡିଆ ଆଉ ସେଇ ନଡିଆ ନେଇ ନିଜ ଦେଶରେ ବିକବ ।"-ଶୋଭନା ଏତିକ କହି ମୁଣ୍ଡ ହଲାଇଲେ । କେଉଁ ଦୂରରୁ ଭାସିଆସୁଥିବ ପୋତ । ସେଥିରେ ଲାଗିଥିବ ପାଲ ଆଉ କଛି ଥିବ ବାଷ୍ପୀୟ ପୋତ । ଏ ଭିତରେ ମନ ବିକଦେଇଛି ଏକ ନିକୋବରୀ ତରୁଣୀ । ଜାହାଜୀ ତା' ବାହୁପାଶରେ ରହିଯାଇଛି । ସେମାନଙ୍କର ସନ୍ତାନ ଆସିଛନ୍ତି । ପାଣି ଯାତ୍ରାରେ ବହୁ କାହାଣୀ ରହିଯାଇଛି। ରାସ୍ତାର ଦ୍ୱୀପମାନଙ୍କରେ ବହୁ କଥା ଛପିଯାଇଛି । ଦ୍ୱୀପ ବାସିନ୍ଦମାନେ ବହୁ କଥା ମନେ ରଖିଛନ୍ତି । ଅସୀମ ଶୋଭନାଙ୍କୁ ତାଙ୍କ ଜାଣିଥିବା ତଥ୍ୟମାନ କହୁଥିଲେ ।

ଭାଷା ଦୃଷ୍ଟିରୁ ଦେଖିବାକୁ ଗଲେ ନିକୋବର ଗ୍ରୁପରେ ୬ଟି ଡାଇଲେକ୍ଟ ଅଛି । କାର ନିକୋବର ର ଗୋଟିଏ, ଚୌରାରେ ଆଉ ଗୋଟିଏ, (ତେରେସା, ବୋମପୋକା)କୁ ମିଶେଇ ଗୋଟିଏ, (କଚ୍ଚାଲ, ଟ୍ରଙ୍କେଟ, ନାନକୌରୀ, କାମୋର୍ଟା) ଇତ୍ୟାଦିରେ ଗୋଟିଏ, ଲିଟଲ ଆଉ ଗ୍ରେଟ ନିକୋବରରେ ଗୋଟିଏ, ଶୋମ୍ପେନମାନଙ୍କର ଆଉ ଗୋଟିଏ, ଏମିତି ସବୁ ମିଶାଇ ଛଅଟି ଡାଇଲେକ୍ଟ ଅଛି । ନିକୋବରୀ ଭାଷାରେ ୨୫ କନସୋନାଣ୍ଟ ଆଉ ୩୫ଟି ଭାଓଏଲସ ଅଛି । ସେମାନଙ୍କ ଭାଷାରେ ବହୁ ବିଦେଶୀ ଶବ୍ଦ ପ୍ରବେଶ କରିଛି । ଧର୍ମ ଅନୁଯାୟୀ ସେମାନେ ମୁଖ୍ୟତଃ ଖ୍ରୀଷ୍ଟିଆନ । ଆଉ ଖ୍ରୀଷ୍ଟିଆନଟିର ପ୍ରଚାର ହୋଇଥିଲା ଭେଦାସ୍ଥାନ ଥମ୍ବୁସ୍ୱାମୀଙ୍କ ପ୍ରଚାରର ପରେ । ସେ ପରେ ବେଦାସ୍ଥାନ ସୋଲୋମନ ନାମରେ ପରିଚିତ ହେଲେ । କାର ନିକୋବରରେ ଧର୍ମ ପ୍ରଚାର ତାଙ୍କର ନିକୋବରୀ ଶିଷ୍ୟ ଜନ ରିଚାର୍ଡସନଙ୍କ ପ୍ରଚେଷ୍ଟାରୁ ମୁଖ୍ୟତଃ ହୋଇଥିଲା । ଏଠାରେ ବାକି ଲୋକ ମୁସଲିମ ।

ISSN NO.
2582-208X

ସେମାନେ ମୁଖ୍ୟତଃ ଗୁଜୁରାଟର ମିନକୟ ଅଞ୍ଚଳରୁ ଆସି ନକୋବରୀଙ୍କୁ ବିବାହ କରି ରହିଯାଇଛନ୍ତି । ନଡିଆ ନକୋବରୀମାନଙ୍କ ମୁଖ୍ୟ ବ୍ୟବସାୟ ।

ଆଉ ସେମାନେ ଏମିତି ବହୁ ତଥ୍ୟ ସମ୍ବଳିତ କଥା ଗପିଥିଲେ ।

ଏ ଭିତରେ ପାଣିର ଫୁଆର୍ ଭଳ କିଛି ଦେଖାଗଲା । ସମୁଦ୍ରର ଅସରନ୍ତି ନୀଳ ପାଣି ଭିତରେ ସାମାନ୍ୟ ପାଣିର ଫୁଆର୍! କ'ଣ ହୋଇପାରେ? ସେମାନେ ତା'କୁ ଧ୍ୟାନର ସହ ଲକ୍ଷ୍ୟ କରୁଥିଲେ ।

“ମୋ ନାଁ ମିଷ୍ଟର ମୋଇନ୍ଦ ।”- ଜଣେ ବୟସ୍କ ଭଦ୍ରବ୍ୟକ୍ତି କହୁଥିଲେ । ବେଶ ଅମାୟିକ ଚେହେରା । ତାଙ୍କ ପାଖରେ ଏକ ସୁନ୍ଦରୀ ତରୁଣୀ ଠିଆ ହୋଇଥିଲେ । ତୋଫା ଗୋରୀ ଆଉ ସୁନ୍ଦରୀ ଝିଅ । ଶୋଭନାର ପ୍ରାୟ ସମବୟସୀ ହେବ ।

“ଆପଣ କ୍ୟାମ୍ପବେଲ ବେ ଯାଉଛନ୍ତି ବୋଲି ଶୁଣିଲି ।”- ସେ କହିଲେ । ତାଙ୍କର ହସହସ ମୁହଁ ଦେଖିଲେ ଭଲ ଲାଗୁଥିଲା ।

“ଏକ ନୂଆ ଦୁନିଆ ଦେଖିବାକୁ ।”- ଅସୀମ ଟିକିଏ ହସି କହିଲେ । ସୁନ୍ଦର ନୀଳ ସମୁଦ୍ରର ପ୍ରଚ୍ଛଦପଟରେ ଏକ ହସହସ ମୁହଁ ଦେଖି ଅସୀମଙ୍କ ମୁହଁରେ ହସ ଆସିଯାଇଥିଲା। ଅବଶ୍ୟ ଅସୀମଙ୍କ ଆଖିରେ ଶୋଭନାଙ୍କ ରୂପ ନାଚୁଥିଲା । ନୂଆ ଦୁନିଆ ଏକ ନୂଆ ଝିଅ ସହ ସୁନ୍ଦର ଭାବେ ଦେଖିହୁଏ । ଅସୀମ ଜାଣି ଜାଣି ମୋଇନ୍ଦବାବୁଙ୍କର ସୁନ୍ଦରୀ ଝିଅକୁ ଅନାଉନଥିଲେ । ଶୋଭନା ତାଠାରୁ ସାମାନ୍ୟ ଅଧିକ ରୂପସୀ ଥିଲେ ।

ଶୋଭନାଙ୍କର ଆଖି ଜଲଦି ନୂଆ ଲୋକଙ୍କଠାରୁ ଦୂରେଇଯାଇ ନୀଳ ସମୁଦ୍ରର ତଳେ ଉଠୁଥିବା ପାଣିର ଫୁଆର୍ ଉପରେ ଲାଗି ରହିଥିଲା । ତା'କୁ ମୋଇନ୍ଦବାବୁ ଲକ୍ଷ୍ୟ କରିନେଲେ ।

“ସେଇଟା ତିମିର ଫୁଆର୍ ।”- ମୋଇନ୍ଦବାବୁ କହିଲେ ।

“କଣ କହୁଛନ୍ତି ! ”- ଅସୀମଙ୍କ ପାଟିରୁ ବାହାରି ଆସିଲା । ସେମାନେ ଆସି ତିମି ରାଜ୍ୟରେ କେବେ ପହଞ୍ଚିଗଲେଣି । ମହାସାଗର ଭିତରେ ଅଛନ୍ତି ।

ISSN NO.
2582-208X

"ଶୋଭନା ତୁମେ ସମୁଦ୍ରରେ ତିମି ଦେଖିନେବ । ପୃଥିବୀର ବୃହତମ ପ୍ରାଣୀ ।"– ଅସୀମ ଶୋଭନାକୁ ଆନଇ କହୁଥିଲେ ବଡ ଉତ୍ସାହରେ । ତାଙ୍କ ନଶ୍ୱାସ ଖର ହୋଇଯାଇଥିଲା । ଶୋଭନାର ଆଖି ଅସୀମଙ୍କ ଆଡକୁ ବୁଲିଗଲା । ତା' ସହ ମଧ ମୋଇନବାବୁଙ୍କ ସୁନ୍ଦରୀ ଝିଅର ଦୁଇ କଳାଆଖି ଅସୀମଙ୍କ ଉପରେ ବୁଲିଗଲା । ଶୋଭନା ଆଖିରେ ଆଶ୍ଚର୍ଯ୍ୟ ଆଉ ସେ ଝିଅର ଆଖିରେ ସାମାନ୍ୟ ହସ ଥିଲା ଅସୀମଙ୍କ ଉତ୍ସାହ ଦେଖି ।

"ଗଭୀର ସମୁଦ୍ରରେ ତିମି ଯାତ୍ରା କଲାବେଳେ କେବେକେବେ ପାଣିର ଫୁଆର୍ କରେ । ଏଇଟା ତିମିର ସ୍ୱଭବ । ତିମିତ ପାଣିରେ ପୁରା ବୁଡି ରହିପାରେନ । ତା'କୁ ନିଃଶ୍ୱାସ ନେବା ପାଇଁ ବେଳେବେଳେ ଉପରକୁ ଉଠିବାକୁ ପଡେ । ସେହି ସମୟରେ ତିମି ଫୁଆର୍ କରେ।"– ମୋଇନ ବାବୁ କହିଲେ । ତାଙ୍କର ଆଖିବି ସେହି ଫୁଆର୍ ଉପରେ ଲାଗିଥିଲା । କେତେଟା ପାଣିର ଫୁଆର ଉପରକୁ ଉଠି କିଛି ସମୟ ରହି ପାଣିରେ ପଡିଯାଉଥିଲା । ଯେମିତି କିଛି ସେଲଫ ଟାଇମର ସହ ପାଣିରୁ ଫୁଆର୍ ବାହାରୁଛି ।

ଏ ଭିତରେ ତାଙ୍କ ଝିଅ ଶୋଭନା ପାଖରେ ବସିଯାଇଥିଲା । ଆଉ ମୋଇନବାବୁ ଅସୀମଙ୍କ ପାଖରେ ବସି ପଡଥିଲେ ପାଖରେ ଥିବା ଖାଲି ବେଞ୍ଚରେ । ଦୂରରେ ତିମିମାନେ ସୁନ୍ଦର ଭାବେ ପାଣିର ଫୁଆର୍ କରୁଥିଲେ ।

"ଆମେ ଅନେକବାର ଦେଖିଛୁ ।"– ସୋମନା କହିଲା । ମୋଇନାବାବୁଙ୍କ ଝିଅର ନାଁ ସୋମନା । ଏ ଭିତରେ ପରିଚୟ ହୋଇଯାଇଛି । ମୋଇନବାବୁ କ୍ୟାମ୍ପବେଲ ବେରେ ଆଗରୁ ଚାକରୀ କରୁଥିଲେ । ଏବେ କିଛି କାମରେ ଯାଉଛନ୍ତି । ଝିଅ ଶେଷଥର ପାଇଁ କ୍ୟାମ୍ପବେଲ ବେ ଦେଖିବାକୁ ଯାଉଛି । ଆଉ କିଛିଦିନ ପରେ ମୋଇନବାବୁ ରିଟାୟାର କରିବେ । ଆଉ ଏପଟକୁ ଯିବାଆସିବା ହେବନ ।

"ମୋତେ କ୍ୟାମ୍ପବେଲ ବେକୁ ଖରାପ ଭାବିବେନ । ଭଲ ଲାଗିବ ।"– ସୋମାନା କହିଲେ ଶୋଭନାଙ୍କୁ । ଏ ଛୋଟ କଥାଟା ଭଲ ଥିଲା । ଜଣେ ଜଣକୁ କିଛି ଭଲ କହିଲେ ଆଗକୁ ଦିନ ଭଲଯାଏ । ତା' ଆଖି ସହରର ଆଲୋକ ଭଳ ନାଚୁ ନଥିଲା । ସୂର୍ଯ୍ୟର କିରଣରେ ଚମକୁଥିଲା । ସେଇଟା ପ୍ରକୃତ ଆଲୋକ । ଦୂର ଦୁନିଆରେ କେବଳ ସୂର୍ଯ୍ୟାଲୋକ ତ ମିଳେ।

ISSN NO.
2582-208X

"କ୍ୟାମ୍ପବେଲ ବେରେ ଲୋକମାନେ କିଛି କମ୍ପ୍ଲିକେଟେଡ ନୁହଁନ୍ତି । ଷ୍ଟାଫମାନେ ମଧ୍ୟ ଭଲ। ସମସ୍ତଙ୍କର ସମସ୍ତଙ୍କ ସାଙ୍ଗରେ ମଧୁର ସମ୍ବନ୍ଧ ଅଛି । ତେଣୁ ରହିବାକୁ ଆନନ୍ଦ ଲାଗିବ "– ମୋଇନ୍ଦବାବୁ କହିଲେ ନବ ଦମ୍ପତ୍ତିଙ୍କୁ ଅନାଇ ।

"ସଂନ୍ଧ୍ୟାରେ ଗୀତର ଆସର ଆରମ୍ଭ କରିପାରନ୍ତୁ । ଲୋକମାନେ ଗୀତ ଗାଇବାକୁ ଭଲପାଆନ୍ତୁ ।"– ସୋମନା କହିଲେ ଶୋଭନାଙ୍କୁ । ସୋମନାଙ୍କ ଆଖି ଅଳସରେ ଭରିଯାଉଥିଲା । ସୋମନାଙ୍କର ବୋଧେ ସଙ୍ଗୀତରେ ଭଲ ପ୍ରବେଶ ଥିବ ।

"ଆପଣ ଗୀତ ଗାଆନ୍ତୁ?"– ସୋମନା ପଚାରିଲା ।

"ଆମେ ଦୁହେଁ ଗୀତ ଗାଉନା ।"–ଅସୀମ ଦୁଇ ତରୁଣୀଙ୍କ ମଝିରେ ପଶି ଦୁଇପଦ କହିଦେଲେ । ଶୋଭନାର କଣ୍ଠ ମଧୁର । କିନ୍ତୁ ସେ ଗୀତ ଗାଆନ୍ତୁ ନାହିଁ ।

"କିଛି ଭାବନ୍ତୁନି । ଆପଣ ସେଇଠି ଷ୍ଟାଫମାନଙ୍କ ସହ ଗୀତଗାଇ ଗାଇ ଶିଖିଯିବେ । ମୁଁ ମଧ୍ୟ ସେମିତି ଗାଇ ଶିଖିଯାଇଥିଲି ।"– ସୋମନା ଶୋଭନାକୁ ଉତ୍ସାହିତ କରୁଥିଲେ ।

ଅସୀମଙ୍କ ଆଖି ଦୂର ସମୁଦ୍ରର ପାଣିର ଫୁଆର୍‌ ଉପରେ ଲାଗି ରହିଥିଲା । ପ୍ରାୟ ୧୦୦–୨୦୦ ମିଟର ଦୂରରେ ଦୁଇଟି ବଡ କଳା କାଠ ଭାସିଲା ଭଳି ଦେଖାଯାଉଥିଲା । ପାଣିରେ ଏବେ ସାମାନ୍ୟ ଢେଉ ଥିଲା । ପାଣି ନାଚୁଥିଲା । ସେ କାଠଗରମାନ ଯେମିତି ଜୋରରେ ହଲୁଥିଲା । ସେଗୁଡାକ ତିମିମାଛ । ବେଳେବେଳେ ପାଣିରୁ ଫୁଆର କରିବାକୁ କିଛି ସେକେଣ୍ଡ ପାଇଁ ଉଠିଆସୁଥିଲା । ଏ ମନୋହର ଦୃଶ୍ୟ ପ୍ରାୟ ୧୫ ମିନଟ ପର୍ଯ୍ୟନ୍ତ ଚାଲିଲା । ତିମି ପାଣିର ଫୁଆର୍‌ କରେ ଏକଥା ପ୍ରଥମରୁ ଅସୀମ ଜାଣି ନଥିଲେ । ମୋଇନ୍ଦବାବୁ ବୁଝାଇଦେଲେ ।

ତିମିର ନାକ ମୁଣ୍ଡର ଉପର ଆଡକୁ ଅଛି । ନିଃଶ୍ୱାସ ନେବାକୁ ତିମିକୁ ବାରବାର ପାଣି ଉପରକୁ ଆସିବାକୁ ପଡେ । ପାଣି ଉପରେ ପହଞ୍ଚିଲେ ତିମି କିଛି ପାଣି ଆଉ ଗରମ ପବନକୁ ଫୁସଫୁସରୁ ନାକ ଦେଇ ଜୋରରେ ବାହାର କରିଦିଏ । ତିମି ନାକରୁ ପ୍ରାୟ ୨୦୦୦ ଲିଟର ପବନ ଏକ ବା ଦୁଇ ସେକେଣ୍ଡ ଭିତରେ ବାହାର କରିପାରେ । ତେଣୁ ତା' ନାକରୁ ବାହାରୁଥିବା ପବନ ଜୋରରେ ଉପରକୁ ଉଠିଯାଏ । ସେଇ ବାହାରୁଥିବା ଗରମ

ISSN NO.
2582-208X

ଜଳକଣା ଭର୍ତ୍ତି ପବନ ଥଣ୍ଡାହୋଇ ଏକ ପାଣିର ଫୁଆର୍ ଭଳି ଦେଖାଯାଏ । ସ୍ପର୍ମ ହ୍ୱେଲ କ୍ଷେତ୍ରରେ ଏହି ଫୁଆର୍ ୪-୫ ମିଟର ପର୍ଯ୍ୟନ୍ତ ଉପରକୁ ଉଠିପାରେ । ପ୍ରତି ପ୍ରଜାତିର ତିମି ଅଲଗା ଅଲଗା ଆକୃତିର ଫୁଆର୍ କରେ ।

"ତିମି ସ୍ତନ୍ୟପାୟୀ । ଛୁଆ ଥିଲେ ଦେଖି ପାରିବେ ।"– ମୋଇନ୍ଦ୍ରବାବୁ କହିଲେ ।

ସେମାନେ ବଡ ଧ୍ୟାନର ସହ ଲକ୍ଷ୍ୟ କଲେ । କିନ୍ତୁ ଶାବକ ଦେଖାଗଲାନି । ତିମିର ଶାବକମାନେ ବିଶାଳ । ସ୍ପର୍ମ ହ୍ୱେଲର ଛୁଆ ୬ ମିଟର ପର୍ଯ୍ୟନ୍ତ ଲମ୍ବ ଆଉ ଦୁଇ ଟନ ପର୍ଯ୍ୟନ୍ତ ଓଜନ ହୋଇପାରେ । ଜନ୍ମ ନେଲାପରେ ମା' ଛୁଆକୁ ସାଙ୍ଗେ ସାଙ୍ଗେ ପାଣି ଉପରକୁ ଠେଲିଦିଏ । ଛୁଆ ଦିନକୁ ପ୍ରାୟ ୨୦ ଲିଟର ଦୁଗ୍ଧପାନ କରେ ।

"ଶୁଣିଛି ବେଳେବେଳେ ପାଣିରୁ ତିମି ସିଧା ଉପରକୁ ଉଠିଯାଏ ।"– ଅସୀମ କହିଲେ ।


"ଏହା ଏକ ବିରଳ ଦୃଶ୍ୟ । ବହୁଥର ଜାହାଜରେ ଯାତ୍ରା କରିଛି କିନ୍ତୁ ଦେଖିପାରିନି ।"– ମୋଇନ୍ଦ୍ରବାବୁ କହିଲେ ।

କ୍ରମଶଃ.....

ସେକ୍ଟର-୩, ସଲ୍ଟଲେକ, କଲିକତା

ISSN NO.
2582-208X

# ଠାକୁର, ପତ୍ନୀ ଆଉ ନୌକର



ଇଂ. ସୁଶାନ୍ତ କିଶୋର ବଳ

(୧୯୫୩ ମସିହାରେ ସୁପ୍ରସିଦ୍ଧ ବଂଗାଳୀ ଲେଖକ ସ୍ୱର୍ଗତ ବିମଳ ମିତ୍ରଂକ ଦ୍ୱାରା ରଚିତ "ସାହେବ, ବିବି ଆରେ ଗୁଲାମ" ର ହିଂଦି ଚଳଚିତ୍ର "ସାହେବ ବିଓ୍ୱି ଅର ଗୁଲାମ" ନିର୍ମିତ ହୋଇଥିଲା ଯାହା ଆବରାର୍ ଆଲଭି ସାହେବଂକ ନିର୍ଦ୍ଦେଶନାରେ, ଗୁରୁଦତ୍ତଂକ ପ୍ରସ୍ତୁତିରେ ଓ୍ୱାହିଦା ରେହମନ, ରେହେମାନ, ମୀନାକୁମାରୀଂକ ଦ୍ୱାରା ଅଭିନିତ ହୋଇଥିଲା, ଯାହା ସେତେବେଳର ଦର୍ଶକମାନଂକ ଦ୍ୱାରା ବହୁଳ ଆଦୃତ ଏବଂ ଲୋକପ୍ରୀୟ ହୋଇଥିଲା । ନୀମ୍ନରେ ମୋ ଦ୍ୱାରା ଲିଖିତ ଓଡିଆ କବିତାଟି ତାର ମୋଟାମୋଟି ଅନୁବାଦ। ଦୟାକରି ସମସ୍ତେ ପଢିବା ହେବେ, ହୁଏତ ଆପଣ ମାନଂକୁ ଭଲ ଲାଗିପାରେ ।)

ଅଜେୟ ଭୂସ୍ୱାମୀ ଅଖଣ୍ଡ ଭୂଅଧିପତି
ଗଳିଗଲେ ପଥେ ଜନେ ଲୁଚିଥାନ୍ତି,
ଗର୍ବେ ଦର୍ପେ ଅସ୍ମୀତାରେ ଆବେଷ୍ଟିତ
ସଚରାଚରେ ତାଂକ ପଦଧ୍ୱନୀ ଶଙ୍କିତ
ଘୋର ବନସ୍ତେ ବ୍ୟାଘ୍ର, ସିଂହ ବି ଶଂକିତ
ସୂର୍ଯ୍ୟଂକ ଆଦ୍ୟକିରଣ ତାଂକବାସେ ଉଦିତ;
ଅଶ୍ୱ, ହସ୍ତୀ, ଶ୍ୱାନ ପଲପଲ
କାନନ, ଉଦ୍ୟାନେ ଭରା ନାନାଜାତି ଫୁଲ
ସେ ଜମିଦାର ଥିଲେ ବଡ ସୌଖିନ
ସୁରା, ସାକିରେ ପ୍ରାୟିତ ରହୁଥିଲେ ମଗନ

ISSN NO.
2582-208X

ରାଣୀଂକ ପ୍ରତିଥିଲା କମ ମଗ୍ନତା
ରାଣୀ କିନ୍ତୁ ଥିଲେ ମହା ପତିବ୍ରତା
ସ୍ଵାମୀଂକ ପରିବର୍ତନେ ଥିଲା ତାଂକ ଲଗ୍ନତା
ସ୍ଵାମୀଂକ ସାଥେ ସେବି କରିବାକୁ ଲାଗିଲେ ପାଶେପାଶେ ବସି ସୁରାପାନ
ସମୟ ବିତାଇଲେ ଏକାନ୍ତ ଘଂଣ୍ଟା ଘଂଟା
ହେଲେ ସ୍ଵାମୀଂକ ଥିଲା ବେଶ୍ୟାଳୟ ଆଶ୍ରା
ରାଣୀଂକ ପ୍ରତିଥିଲା ତାଂକ କମ ମମତା
ତେଣୁ ସୁରାପାନେ ବିତାଇଲେ  ନଜର ବହୁ ସମୟ ହତାସେ, ଉଦାସେ
ରାଣୀଂକ ମହଲେ ଥିଲା 'ବଂଶୀ' ନାମେ ଏକ ବହୁ ପୁରାତନ  ଭୃତ୍ୟ
ଚୌଧୁରୀ ପରିବାରର ଦୁଇ ଭ୍ରାତା ମିଶି
ପ୍ରତ୍ୟହ ରାତ୍ରେ ବିତାଉଥିଲେ ଅସଂଜତେ
ଅନୈତିକେ ସୁରା, ସାକି ସାଥେ ଆମୋଦ
ଭୂତନାଥ ଦେଖି ରହୁଥିଲା ଏସବୁ ନୀରବେ
ଦିନେ 'ବଂଶୀ' ନେଇଗଲା ତାକୁ ମିଳାଇ
ବାକୁ ମହଲର ଛୋଟି ବହୁସାଥେ
କହିଥିଲେ ଛୋଟିବହୁ ତାକୁ ଆଣିଦେବା ପାଇଁ ନିଜ କାରଖାନାରୁ ମଥାର ସିଂଦୁର
ଆଗ୍ୟାଂବହ ପରିସେ କରିଥିଲା ଆଦେଶ ପାଳନ ଏବଂ ସାଜିଥିଲା
ଛୋଟିବହୁଂକର ଅତ୍ୟନ୍ତ ଆପଣାର ଭର୍ତ୍ତେଷାମନ ପ୍ରୀୟ ,ବିଶ୍ବସ୍ତ ଆଉ ଶ୍ରଧାଭାଜନ
ଛୋଟିବହୁଂକର ଅସହାୟତା, ଅସ୍ଵସ୍ତିକୁ ଅଂଗେ ଅଂଗେ ଲିଭାଇ ସେ,
ଜାଗିଥିଲା ତାଂକପ୍ରତି ଅନୁକମ୍ପା
ଗ୍ଧହୁଂଗ୍ଧଂହୁ ଧିରେ ସମ୍ପର୍କହେଲା ନୀବିଡରୁ ନିବିଡତର
ଦିନେ ଛୋଟିବହୁ ପାଖ ମଂଦିରକୁ
ଜମିଦାରଂକ ଅର୍ଥେ ପୂଜାର୍ଚନା ପାଇଂ
ସୁପଥକୁ ଫେରାଇ ଆଣିବା ପାଇଂ
ଭୂତନାଥ ସାଥେ ଯାଇଥିଲେ ଘୋଡାଗାଡି
ନେଇ ବସି ଏକାନ୍ତ ପାସେ ସାଥେସାଥେ
ଜମିଦାର ଏକଥା ଜାଣିପାରି ପ୍ରେରିତେ ଦୂତ

ISSN NO.
2582-208X

ତାଂକ ପଥରୋଧ କରିବାକୁ ମଝିରାସ୍ତେ
ରାସ୍ତାରେ ଭେଟି ଭୂତନାଥକୁ କଲେ
ବର୍ବରୋଚିତ ଆକ୍ରମଣ ଯାଦ୍ୱାରା ଭୂତନାଥ ହେଲା ଗୁରୁତର ଆହତେ,
ମାଥେ ଗଭୀର ରକ୍ତସ୍ରାବେ ଚକସ୍ଥାଳୟେ ହେଲାଯାଇ ଭର୍ତି
ଏଣେ ଛୋଟିବହୁକୁ ତାଂକ ବାହୁବଳୀ ଗଣେ
କରି ଅପହରଣ ନେଇଯାଇଥିଲେ କାହିଁ
ଅଜଣା ସ୍ଥାନେ ଯେଉଁଠାରୁ ସେ ଫେରିନାହିଁ କେଭେ,
ନାଂ କେହି ଦେଇପାରିଲେ ତା' ସୂଚନା, ବିବରଣ
ବହୁ ଅନ୍ତରାଳେ ଭୂତନାଥ ଆରୋଗ୍ୟେ
ଜାଣିବାକୁ ପାଇଲା ସମସ୍ତ ସମାଚାର
ଗଭୀର ମର୍ମାହତେ ବହୁ ମନସ୍ତାପେ
ବିତାଇଲା କଛିଟିଦିନ ସେହି ମହଲେ
'ସୁବିନୟ' ନାମେ ଏକ ବ୍ରାହ୍ମ ଧର୍ମାବଲମ୍ବୀ
ଯେ କାର୍ଯ୍ୟ କରୁଥିଲା ଜମିଦାରଂକର
'ମୋହିନୀ ସିଂଦୁର' କାରଖାନେ,
ଯା'ର ଥିଲା 'ଜବା' ନାମ୍ନୀ ଏକ ବିବାହ-
ଉପଯୋଗୀ ସୁଶ୍ରୀ କନ୍ୟା ଯା'ସାଥେ
ଥିଲା ଭୂତନାଥର ଆଗରୁ ସ୍ୱଳ୍ପ ପରିଚୟ
'ସୁପ୍ରତିଭ' ନାମେ ଏକ ତରୁଣ ସାଥେ
ତାର ହୋଇଥିଲା ବିବାହ ଯୋଗାଡ
ହେଲେ ପିତାଂକ ଦେହାନ୍ତ ଉପରାନ୍ତେ
ମନା କରିଦେଇଥିଲା 'ଜବା', ସେ ପ୍ରସ୍ତାବେ
ଏଇ ସମୟେ 'ଜବା' ସାଥେ ଦେଖାହୁଏ
ଭୂତନାଥର ସେହି ଛାରଖାର ହାବେଲିରେ
କଛି ଆଳାପ ପରେ ଦୁହେଁ ନେଇଥିଲେ
ଜୀବନର ଏକ ଶକ୍ତ ନିର୍ଣ୍ଣୟ
ଦୁହେଂ ବିବାହ ବଂଧନେ ଅନୁବଂଧିତେ

ISSN NO.
2582-208X

ହେବାକୁ ରାଜି ହୋଇଥିଲେ କରି ଅନୁଭବ
ପାରିପାର୍ଶ୍ୱିକ ସ୍ଥିତି, ପରିସ୍ଥିତି ସ୍ଥାୟୀତ୍ୱ ଆଉ ମହଲର ଅସ୍ୱସ୍ତିକର ବାସ୍ତବିକତା
ଭଗ୍ନସ୍ୱାସ୍ଥେ ଜରାଗ୍ରସ୍ତେ ମଦ୍ୟପାନେ ଜମିଦାରଂକ ଘଟିଥିଲା ବ୍ୟବକଳନ ମୃତ୍ୟୁ
ଛୋଟିବହୁର ବହୁଦିନପରେ ମହଲର ଭଗ୍ନସ୍ତୁପ ତଳୁ ମିଳଥିଲା
କଂକାଳ ଶରୀରେ ଆଭୂଷଣ ସାଥେ
ଏସବୁକୁ ଦେଖି, ଜାଣି ବିବ୍ରତ ଭୂତନାଥ ଦିନେ ପ୍ରତ୍ୟୁଷରୁ
ଘୋଡାଗାଡିରେ ସବାରି ହୋଇ ସାଥେ ଜବାକକୁ ନେଇ ଚାଲିଗଲେ
କେଉଁ ଦୂରଦେଶେ ଯା'ର ଖବର କାହାକୁ ନାହିଁ ଅଦ୍ୟାବଧି ବି ଜଣା
ରହସ୍ୟହୋଇ ରହିଗଲା କମ୍ବଦନ୍ତୀ ରୂପେ
ଛୋଟିବୋହୁର ଅଗ୍ନନକ ଅନ୍ତର୍ଧ୍ୟାନ
ଆଉ ମୃତ୍ୟୁ, ସେହି ହାଓ୍ୱେଲିର ଚାରିକାନ୍ଥେ
ଇତି ହୋଇଗଲା ଏକ ଖ୍ୟାତି ସମ୍ପନ୍ନ
ଜମିଦାର ପରିବାରର ଐତିହ, ଗାରିମା ଆଉ ବହୁଳେ ପ୍ରତିଷ୍ଠିତ ଖାନଦାନ
..........
ସୁପଥକୁ ଛାଡି ହେଲେ କୁପଥଗାମୀ,
ଧର୍ମକୁ ତ୍ୟାଗି ହେଲେ ବିଧର୍ମୀ ହେଲେ,
ଧର୍ମପତ୍ନୀକୁ ଛାଡି ନତ୍ୟ ବେଶ୍ୟାଳୟେ ସମୟ ବିତାଇ,
ଆକଂଠ ମଦ୍ୟପାନେ ଭୂଲି ନଜ ହିତାୟତ ଗ୍ୟାନ,
ଚନ୍ଦ୍ରାଶୂନ୍ୟେ ଆୟାସ କଲେ, ହେବ ଶେଷେ,
ଏହି ତହୁଁ ଅନୁମେୟ ପରିଣାମ ।

କଟକ

ISSN NO.
2582-208X

# ମେଳଣ



ଡ. ଶକୁନ୍ତଳା (ନାଏକ) ଗୁପ୍ତା

ରାମକେରୀ ମଧୁକରୀ ଯୋଡ଼ିମହୁରୀ
କେତେ ବଜାଗଜା
କି ବାଘଛେଳି, ବହୂଚୁରୀ, ହୁମବଉଳି
ନହେଲେ ଗଞ୍ଜପାର ରଙ୍ଗୀନ୍ ପଟ
ହାରିବା, ହଜିବା ପାଇଁ ରହିଛି ହଜାର ପଥ
ଆମ ଗାଆଁ କଡ଼େ
ଥକାରେ ବସିଛି, ନିର୍ବିକାର ଯୋଗିଆ ବରଗଛ ମୂଳ
ପାଣିମାହାରା ଧଡ଼ି ବିଲର
ଉଠାଣି ଗଡ଼ାଣିର ମାଟିଧାର
ଆମେ ଚାହିଁ ଫେରିପାରୁ ନଥିବା ମନ୍ଦିର
ମଧୁରକଷା ଭୂଇଁଜାମୁ କୁସୁମକୋଳି
ତାଳବଣ କାକଳି
କାଳେ କାଳେ ଟାଣି ନେଉଥିବ ଦୁହିଁଙ୍କର ମନ,
ଆମେ ମାନିନେବା
ସବୁତକ ସେଇ ଠାକୁର ଠାକୁରାଣୀମାନଙ୍କ
ଇଙ୍ଗିତ ଖେଳ।
କୋଟିଏ ମୁଣ୍ଡ ମଝିରେ
ଅସୁମାରୀ ଦୀନ ଜଣାଣ
ଏଇ ମେଳଣଟି-
ତୁମେ ଆଉ ମୁଁ ମିଶିବା,
ତୁମେ କଣ ଭାବିଲ, କପାଳର ଲେଖା ବୋଲି?

ISSN NO.
2582-208X

ହସୁଚେ କାନ୍ଦୁଚେ,
ଶୁଖିଲା ପତରଟିଏ ଉଡ଼ିଲା ପରି ବହୁଛେ
ତାଙ୍କରି ଅନବଦ୍ୟ ଇଛାରେ !

ତଥାପି ଆମେ ଅଛେ,
ଏକ ବିଭାଜିତ ପ୍ରାଣର ଦୁଇଟି ପାର୍ଶ୍ୱ
ଆମେ ଚାଲୁଚେ, ବୁଲୁଚେ
ଗୋଟିଏ ପୃଥିବୀରେ, ଏକ ସମୟରେ।
ଚାଲ ଭାବିନେବା
ଏହାହିଁ ପରମ ଆନନ୍ଦ,
ତୃପ୍ତ ଜୀବନର ବରଦାନ।

ଅନ୍ତତଃ ମୋର ଉଦାସ ମୁହୂର୍ତ୍ତ ଗୁଡ଼ିକରେ
ତୁମର ଆଧିପତ୍ୟ
ତୁମେ ଆସ,
ମୋର ହାତଧରି
ଥରକୁ ଥର ସେହି ପ୍ରେମଗୀତ ଗୁଡ଼ିକ ବୁଣିବା ପାଇଁ,
ଏ ନିଉଁଛାଣିରେ
ଯେତିକି ସୁଖ ସେତିକି ବେଦନ
ଯେତେ ବିବାଦ, ଅପବାଦ
ସେତିକି ମାନ, ଯାତନ
ଆଉ ତହୁଁ ଅଧିକ ପ୍ରେମ
ଲୁହର ସରୁ ଚୁମ୍ବନ
ଉଛୁଳି ଯାଏ କଜଳଲାଞ୍ଛି
ନୟନୁ ଗଣ୍ଡଦେଶ ଯାଏଁ !
---
(ମେଳଣ: ମିଳନ ଅର୍ଥରେ)

ଅଧ୍ୟାପିକା, ଡ. ଆମ୍ବେଦକର କଲେଜ
ରାଉରକେଲା

ISSN NO.
2582-208X

# ଅପେକ୍ଷା



ଡଃ ମାଙ୍ଗଳିକା ମହାପାତ୍ର

ହେଇ ଦେଖ.. କହିଦେଉଚି...

ଏଥର ତୁମେ ମୋ ପାଖକୁ ଆସିଲେ
ଭରିଦେବ ସିନ୍ଦୂର ମୋ ସିନ୍ଥିରେ
ପିନ୍ଧିବି ସିନ୍ଦୂର ଟିକିଲି ବଦଳେ
ମିଳନର ସେଇ ମହାର୍ଘ୍ୟ ବେଳାରେ...

ଡରୁଛ କି.. କାଳେ ଲାଗିଯିବ
ତୁମ ଦେହ ସାରା ପିନ୍ଧା ବସ୍ତ୍ରରେ
ଲାଗୁ ନା.. ଯେତେ ଲାଗିବାର ଅଛି
ବାନ୍ଧିଛ ତ ମତେ ସିନ୍ଦୂରର ଡୋରିରେ

ହାତ ମୋ ଭରିବି ରଙ୍ଗୀନ ଚୁଡ଼ିରେ
କଥା ହେବ ସେ ରୁଣୁଝୁଣୁ ଶବ୍ଦରେ
ପାଦରେ ମୋ ବାଜୁଥିବ ପାଉଁଜ..
ସେ ଶବଦେ ତୁମକୁ ଲାଗୁଥିବ ଲାଜ

ଶୃଙ୍ଗାରରେ ଭରି ନବବଧୂ ସାଜି
ତୁମ ପ୍ରଣୟ ଭିକ୍ଷା ଅପେକ୍ଷାରେ ମୁଁ ଆଜି

ରେଭେନସା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ମଦ ଖାଉଥିବା ମଣିଷ, ଚତୁର୍ଥ ଭେଟ



ଡକ୍ଟର ବିଜ୍ଞାନୀ ଦାସ

ଅମି ଅପା ଫୋନ୍‌କରିଥିଲା ମଧୁସ୍ମିତାର ମା'ଙ୍କୁ । ମଧୁସ୍ମିତା ସେତେବେଳେ ଘରେ ଥିଲା । ସେଦିନ ଥାଏ ନୂଆବର୍ଷର ପୂର୍ବ ଦିନ । ସନ୍ଧ୍ୟାବେଳେ ପାର୍ଟିଯିବା ପାଇଁ ସେମାନେ ସବୁ ପ୍ରସ୍ତୁତ ହେଉଥାଆନ୍ତି । ଅମି ଅପାର ଫୋନ୍ ପାଇ ମା' ଥପ୍ କରିବସିଗଲେ । ଅମି ଅପା ମା'ଙ୍କୁ ଅନୁରୋଧ କରୁଥିଲା, "ମାଉସୀ, କାଲି ବାବା ପୁଣି ଥରେ ଡ୍ରିଙ୍କ୍ କରି ଡ୍ରାଇଭ କରୁଥିବା ସମୟରେ ଆରେଷ୍ଟ ହୋଇଛନ୍ତି । ଏତେ ଦିନ ପର୍ଯ୍ୟନ୍ତ ଭଲ ଥିଲେ । ହେଲେ ତାଙ୍କର ପୁରୁଣାସାଙ୍ଗ କିଏ ରିଚ୍‌ମଣ୍ଡ ଆସିଛନ୍ତି । ତାଙ୍କ ସହିତ ମିଶି ବାର୍ ଯାଇଥିଲେ । ସେଇଠୁ ଏମିତି ଅବସ୍ଥା । ମା' କାନ୍ଦୁଛନ୍ତି । ତମେ ଟିକେ ମା'ଙ୍କୁ ଡାକି ବୁଝାଅ । ମୁଁ ଏବେ ବାବାଙ୍କୁ ଜାମିନ ରେ ଆଣିବାକୁ ଓକିଲଙ୍କ ସହିତ କଥାବାର୍ତ୍ତା କରୁଛି । ହେଲେ ମା'ଙ୍କ କଥା ଭାବି ବ୍ୟସ୍ତ ଲାଗୁଛି ।'

ବାବା ପଚାରିଲେ, "କଣ ହେଲା ?'

ମା' କହିଲେ, "ସେ ମଦ ମଣିଷଟାକୁ ଖାଇଗଲା ।'

ଓଡିଶାରେ ଏ ମଦ ପିଆକୁ ମଦ ଖିଆ ବିକୁହାଯାଏ । ଯେମିତି ଚାହା ପିଆକୁ ଚାହା ଖିଆ କୁହାଯାଏ । ଏ "ପିଆ' "ଖିଆ' ଶବ୍ଦ ଦୁଇଟିର ପ୍ରଚଳନ ଓଡିଆ ଭାଷାରେ ବଡ ଅଦ୍ଭୁତ ଭାବେ କରାଯାଏ ।

ISSN NO.
2582-208X


ମଣିଷ ମଦ ଖାଏ ନା ମଣିଷକୁ ମଦ ଖାଏ ? ଏଇଟା ହୁଏତ କୁକୁଡା ପ୍ରଥମେ କି ଅଣ୍ଡା ପ୍ରଥମେ ଭଳି ଗୋଲକ ଧନ୍ଦା ମନେ ହେଉଥାଇପାରେ । ହେଲେ ବିଶ୍ଳେଷଣ କରି ଦେଖିଲେ, ଦୁଇଟି ଯାକ ଉତ୍ତର ମଦ ଓ ମଣିଷ ସମ୍ବନ୍ଧରେ ଗୋଟିଏ ସମୟରେ ସତ ହିଁ ହୁଏ । ମଣିଷ ଯେତେବେଳେ ପ୍ରଥମେ ମଦ ପିଇବା ଆରମ୍ଭ କରେ, ମଦ ତାର ଆୟତରେ ରହିଥାଏ ଓ ତା' ନିଜର ମସ୍ତିଷ୍କ ମଧ୍ୟ ତାର ଆୟତରେ ଥାଏ । ତେବେ ମଣିଷ ଯେତେବେଳେ ମଦ ଉପରେ ନିର୍ଭର କରିବା ଆରମ୍ଭ କରିଦିଏ, ସେଦିନରୁ ମଦ ହିଁ ସେ ମଣିଷକୁ ନିଜ ଆୟତକୁ ନେଇଯାଏ । ସେଇଦିନରୁ ମଦ ମଣିଷକୁ ଖାଇବା ଆରମ୍ଭ କରେ । ମଣିଷର ମଣିଷତ୍ୱ ସେଇଦିନରୁ ଧୀରେଧୀରେ ନଷ୍ଟ ହେବାକୁ ଆରମ୍ଭ କରେ । କେବଳ ମଣିଷତ୍ୱ ଯେ ମଦର ଆୟତକୁ ଯାଏ, ସେକଥା ନୁହେଁ, ବରଂ ନାନା ରକମର ଶାରୀରିକ ସମସ୍ୟା ମଧ୍ୟ ମଦ ଦ୍ୱାରା ଆରମ୍ଭ ହୁଏ ଓ ଶେଷରେ ମଣିଷକୁ କବଳିତ କରିନିଏ ।

ଏମିତି ଏକ ମଣିଷ ହେଲେ ହର୍ଷ ଅଙ୍କଲ୍ । ବଡ ଦିଲ୍‌ଦାର ଲୋକ । ପେଶାରେ ଇଞ୍ଜିନିଅର୍। ତାଙ୍କର କେତେଗୁଡିଏ ଉଚ୍ଚକୋଟୀର ପାଟେଣ୍ଟ ରହିଛି । ହେଲେ ସେଇ ହର୍ଷ ଅଙ୍କଲ୍ ମଦ ପିଇ ଗାଡି ଚଲେଇବା ଅପରାଧରେ ଦଣ୍ଡିତ ହୋଇ ତାଙ୍କ ଡ୍ରାଇଭିଙ୍ଗ୍ ଲାଇସେନ୍‌ସ୍ ହରେଇ ଥିଲେ, କାହିଁ କେତେ ବର୍ଷ ତଳୁ । ତାପରେ ସେମାନେ ବାଲ୍‌ଟିମୋର୍ ସହରର ଉପାନ୍ତ ଅଞ୍ଚଳରେ ଥିବା ଘରକୁ ବିକି ରିଚ୍‌ମଣ୍ଡ ସହର ମଝିରେ ଟାଉନ୍ ହାଉସ୍‌ଟିଏ କିଣି ଚାଲିଆସିଲେ । ସେଇଠି ଗୋଟିଏ ରିହାବିଲିଟେସନ ସେଣ୍ଟରରେ ଚିକିତ୍ସିତ ହୋଇସିଏ କିଛିଟା ନିୟନ୍ତ୍ରଣକୁ ଆସିଲେ । ତାପରେ କିଛିକିଛି ଛୋଟମୋଟ କାମକରି ନିଜ ଗୁଜୁରାଣ ମେଣ୍ଟେଇବାକୁ ଉପଯୁକ୍ତ ହେଲେ । ରିଚ୍‌ମଣ୍ଡ ଆସିବାର ପଛରେ ଆଉ ଗୋଟିଏ କାରଣ ବି ଥିଲା କି ସେ ମଦ ପିଉଥିବା ସାଙ୍ଗଙ୍କ ଗହଣରୁ ଦୂରରେ ରହିବେ ।

ତାଙ୍କ ପତ୍ନୀ ବିଭା ଆଣ୍ଟି ଘର ସମ୍ଭାଳୁଥିଲେ । ଆଉ କିଛି ଜାଣିନଥିଲେ । ଭାରି ସ୍ନେହୀ ଓ ସୁନ୍ଦରୀ । ମଧୁସ୍ମିତାର ମା'ଙ୍କ ସାଙ୍ଗ । ମଧୁସ୍ମିତାର ବାବା, ମା' ଯେବେ ପ୍ରଥମ କରି ଆମେରିକା ଆସିଥିଲେ, ସେତେବେଳେ ବିଭା ଆଣ୍ଟିଙ୍କ ଘରେ ରହିଥିଲେ । ସେତେବେଳେ ହର୍ଷ ଅଙ୍କଲ୍ ବି ଅନେକ ଭଲ ଥିଲେ, ବଡ ବନ୍ଧୁବତ୍ସଳ ଓ ଖୋଲାହାତର ମଣିଷ । ତେଣୁ ସେମାନଙ୍କର ଏଭଳି ଦୁର୍ଦ୍ଦିନ ମଧ୍ୟରେ ବି ମଧୁସ୍ମିତାର ପରିବାର ଓ ହର୍ଷ ଅଙ୍କଲ୍‌ଙ୍କ ପରିବାର ମଧ୍ୟରେ ସୁସଂପର୍କ ରହିଆସିଛି । ଯଦିଓ ମା' ବାରମ୍ବାର ବାବାଙ୍କୁ ହର୍ଷ ଅଙ୍କଲ୍‌ଙ୍କ

ISSN NO.
2582-208X

ଠାରୁ ଦୂରତାରେ ରହିବାକୁ ପରାମର୍ଶ ଦେଇଥାନ୍ତି, ତେବେବି ଉଭୟ ପରିବାର ଭିତରେ ମୋଟାମୋଟି ଭଲ ସଂପର୍କ ରହିଥିଲା । ଏ ଭିତରେ ବିଭା ଆଣ୍ଟି ବି ଛୋଟମୋଟ ଧନ୍ଦାରେ ନିଜକୁ ନିୟୋଜିତ ରଖିଥିଲେ ଓ ସ୍ୱାବଲମ୍ବୀ ହୋଇଥିଲେ ।

ଯଦିଓ ହର୍ଷ ଅଙ୍କଲ୍‌ଙ୍କୁ ତାଙ୍କ ଡ୍ରାଇଭିଙ୍ଗ୍ ଲାଇସେନ୍‌ସ୍‌ର ଘଟଣା ପରେ ଓଡିଆ ଲୋକମାନେ କେହି ଏମିତି ଭଲ ଦୃଷ୍ଟିରେ ଦେଖନ୍ତିନି, ତେବେ ବିଭା ଆଣ୍ଟି ବେଳେବେଳେ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦାନ କରନ୍ତି । ତାଙ୍କୁ ସମସ୍ତେ ଭଲ ପାଆନ୍ତି । ଯୁଆଡେବି ଯାଆନ୍ତି, ସବୁକାମରେ ସାହାଯ୍ୟ କରନ୍ତି । ତାଙ୍କର ଦୁଇଟି ପୁଅ ଝିଅ, ଅମିତା ଓ ଆକାଶ । ସେମାନେ ନିଜେନିଜେ ନିଜ ଗୋଡରେ ଠିଆ ହୋଇଗଲେ କହିଲେ ଚଳିବ । ଏମିତି କି ଅମି ଅପା, ବୃତ୍ତି ପାଇ କଲେଜରେ ପଢିଲା, ନିଜ ଚେଷ୍ଟାରେ ନିଜେ ଗୋଟିଏ ଆଖି ଡାକ୍ତର ହୋଇଗଲା, ନିଜ ପାଇଁ ସ୍ୱାମୀ ବାଛିଲା ଓ ନିଜ ବାହାଘରର ସମସ୍ତ ଖର୍ଚ୍ଚର ଦାୟିତ୍ୱ ନିଜେ ନେଲା । ଆକାଶ ଭାଇ କିନ୍ତୁ ସେତେଟା ସ୍ମାର୍ଟ ହୋଇପାରିଲାନି । ତଥାପି ସିଏ କଣ ଗୋଟିଏ ଚାକିରି କରି ଭଲରେ ଅଛି ।

ଅମି ଅପାର ସ୍ୱାମୀ ଗୁଜୁରାଟୀ ଓ ପେଷାରେ ଫାର୍ମାଷିଷ୍ଟ । ସେ ଦୁହେଁ ବାହାହୋଇ ଭଲରେ ଥିଲେ । ହର୍ଷ ଅଙ୍କଲ୍ ସୁଧାରି ଯାଇଥିଲେ ବୋଲି ତ ମନେ ହେଉଥିଲା । ଅମି ଅପାର ଦୁଇଟି ପିଲାବି ହୋଇଥିଲେ ଓ ସେମାନଙ୍କ ପାଇଁ ବେବିସାୱାର୍ ଆୟୋଜନ ଅତି ଧୁମ୍‌ଧାମରେ କରିଥିଲେ ଉଭୟ ବିଭା ଆଣ୍ଟି ଓ ହର୍ଷ ଅଙ୍କଲ୍ । ହେଲେ ପୁଣି ଏମିତି କାଣ୍ଡ ?

ମଧୁସ୍ମିତାର ମା' କମଳା ଦେବୀଙ୍କ ମନ ଖରାପ ହୋଇଗଲା । ସିଏ କହିଲେ, "ଚାଲ ସମସ୍ତେ ବିଭା ପାଖକୁ ଯିବା । ମତେ ବଡ ଦୁଃଖ ଲାଗୁଛି ତା' ପାଇଁ । ଏତେ ଭଲ ଉତ୍ସବ ମନେଇବା ଭଳି ଦିନରେ ଏମିତି କାଣ୍ଡ କାହିଁକି କଲା ସେ ଲୋକ ?

ମଧୁସ୍ମିତାର ବାପା କହିଲେ, "ହଁ, ଏଥିରେ ଆଶ୍ଚର୍ଯ୍ୟ ହେବାର କଣ ଅଛି ? ପ୍ରକୃତି ନୈବ ମୁଚ୍ୟତେ, ଯଦି ମୁଚ୍ୟତେ, କିଞ୍ଚିତ୍ କିଞ୍ଚିତ୍ । ହର୍ଷବାବୁ ତ ସବୁବେଳେ ଦିଲ୍‌ଦାରିଆ ମଣିଷ। ତାପରେଏବେ କ୍ରିଷ୍ଟମାସ୍ ସମୟ । ସବୁଠି ପାର୍ଟି ଓ ଅଧୀକାଂଶ ପାର୍ଟିରେ ନିଶା କାରବାର । ହେଲେ ତାଙ୍କର ଟିକେ ଭୁଲ ହୋଇଗଲାଯେ ସିଏ ମଦ ପିଇ ଗାଡି ଚଲାଉଥିଲେ । ଥରେ

ISSN NO.
2582-208X

ସେଇ ଭୁଲ୍‌କରି ଏତେ ଦିନ ଭୋଗିଥିଲେ । ସେଇ କଥାଟା ମନେ ରଖି ଉବର୍ ଡାକିଦେଇଥିଲେ ହେଇନଥାନ୍ତା ? ଏବେ ମତେ ତ ଦୁଃଖ ଲାଗୁଛି ଅମି ପାଇଁ । ତା' ଶାଶୁଘର ଲୋକ ଏ କଥା ଶୁଣିଲେ କଣ ଭାବିବେ ? ତା' ସ୍ୱାମୀଟି କଣ ଭାବିବ ?'

କମଳା କହିଲେ, "ସେଇ କଥା ତ ଏବେ ବିଭାକୁ ବେଶି ଖାଉଥିବ । ବହୁତ ଦୁଃଖ ସହିଛି ବିଚାରି । ସ୍ୱାମୀକୁ ଗୋଡେଗୋଡେ ଜଗି ରହୁଥିଲା । ପୁଅ ଝିଅଙ୍କୁ ମଣିଷ କଲା । ଏବେ ଯୋଉ କଥାକୁ ସେଇ କଥା । ମାରିମାରି କିରି ହାତ ବଥା ।'

ମଧୁସ୍ମିତା ପାର୍ଟିକୁ ଯିବାକୁ ଗୋଡ କାଢି ବସିଥିଲା । କାରଣସେ ପାର୍ଟିକୁ ଶାନ୍ତନୁ ଭାଇ ଓ ନିଶା ଭାଉଜ ଆସିବେ । ଏବେ ନିଶା ଭାଉଜ ତାକୁ ଅତି ଭଲ, ଅତି ନିଜର ଲାଗୁଥିଲେ । ସେ ଭଲ ଲାଗିବାର କାରଣ ହେଲା ଅନୁପ । ଅନୁପ ଯେହେତୁ ନିଶା ଭାଉଜଙ୍କୁ ବଡ ଭଉଣୀ ଭଳି ଦେଖୁଥିଲା, ସେ ସଂପର୍କ ଜାଣିଯିବା ପରେ ଏବେ ଅନୁପର ସମସ୍ତ ସଂପର୍କକୁ ସିଏ ଅତି ଭଲ ପାଇବାକୁ ଆରମ୍ଭ କରିଦେଇଥିଲା । ହେଲେ ଏବେ ଆସି ପହଞ୍ଚିଲା ଏ ହର୍ଷ ଅଙ୍କଲ୍‌ଙ୍କ କାଣ୍ଡ । କଣ କରିବ କଣ ନ କରିବ ଭାବି ଶେଷରେ ସବୁକଥା ମା'ଙ୍କ ଉପରେ ଛାଡିଦେଲା । ଏବେ ବାବା, ମା'ଙ୍କର ଆଉ ଗୋଟିଏ ଚିନ୍ତା ଥିଲା, ଅରୁଣା ଆଣ୍ଟିଙ୍କୁ ଡେରିହେବା ପାଇଁ କି କୈଫିୟତ୍ ଦେବେ । ସହଜରେ ତ ସମସ୍ତେ ହର୍ଷଙ୍କୁ ଛୋଟ ଆଖିରେ ଦେଖନ୍ତି, ଏବେ ଏକଥା ଜାଣିଲେ ସମସ୍ତଙ୍କର ଘୃଣା ଆହୁରି ବଢିଯିବ । ବିଚାରୀ ବିଭା ଆଉ କାହା ଆଗରେ ମୁହଁ ଦେଖେଇ ପାରିବନି । ଯଦିଓ ଗୋଟିଏ ସମୟରେ ସମସ୍ତେ ଜାଣିବେ । ତେବେ ସେସବୁ ତାଙ୍କ ଦ୍ୱାରା ହେଉବୋଲି କମଳା ଚାହୁଁନଥିଲେ ।

ସ୍ଥିର କରାଗଲା, ସମସ୍ତେ ପ୍ରଥମେ ବିଭା ଆଣ୍ଟିଙ୍କ ଘରକୁ ଯିବେ । ସେଠି ତାଙ୍କ ସହିତ ଦୁଇ, ତିନି ଘଣ୍ଟା ବିତେଇ ଟିକେ ଡେରିରେ ଅରୁଣା ଆଣ୍ଟିଙ୍କ ଘରକୁ ଯିବେ । ଅରୁଣା ଆଣ୍ଟିଙ୍କୁ କହିଦେବେ କି ଗୋଟିଏ ସାଙ୍ଗକୁ ସାହାଯ୍ୟ କରିବାର କାମ ପଡିଗଲା, ତେଣୁ ସେମାନେ ଡେରିରେ ପହଞ୍ଚିବେ । ଏକଥା "ନରେବାଗୁଞ୍ଜରେ ଅଶ୍ୱାତ୍‌ଥାମା ହତ' ଭଳି ମିଛ ହେବନି । ସେମାନେ ସେଇଆ କଲେ ।

ISSN NO.
2582-208X

ବିଭା ଆଣ୍ଟିଙ୍କ ଘରେ ପହଞ୍ଚିବାବେଳକୁ ସାଢେ ପାଞ୍ଚଟା ବାଜିଥିଲା । ବିଭା ଆଣ୍ଟିଙ୍କ ଘରଭିତରୁ କୋଳାହଳ ଶୁଭୁଥିଲା । କଲିଂବେଲ୍ ମାରି ସେମାନେ ଅପେକ୍ଷା କରି ରହିଲେ । ବିଭା ଆଣ୍ଟି ସେମାନଙ୍କୁ ଦେଖି ଚକିତ ହେଲେ । "ଆରେ ତମେମାନେ କେମିତି ଏଠି ? ଆଜି ପରା ଅରୁଣା ଘରେ ପାର୍ଟି ଅଛି ।'

ମା' ବୋଧହୁଏ କଣ କହିବେ ଜାଣି ପାରିଲେନି । ଏମିତି ଲାଗୁଥିଲା ଯେମିତି ବିଭା ଆଣ୍ଟି ହୁଏତ ହର୍ଷ ଅଙ୍କଲ୍‌ଙ୍କର ଆରେଷ୍ଟ ହେବା ବିଷୟରେ ଜାଣିନାହାନ୍ତି । ସିଏ ସହଜ ଲାଗୁଥିଲେ ।

ବିଭା ଆଣ୍ଟି କହିଲେ, "କଣ ଖରାପ ଭାବିଲୁ ନା କଣ ? ଆରେ ମୁଁ ଥଟ୍ଟାରେ କହିଲି । ଏଇଟା ତୋରବି ଘର । ତୋ ସାଙ୍ଗର ଘରମାନେ ତୋର ଘର । ଭିତରକୁ ଆସେ । ଆଜି ଭଳି ଦିନରେ ତମେମାନେ ସମସ୍ତେ ମତେ ମନେ ପକେଇଲ, ସେଇଟା ମୋର ସୌଭାଗ୍ୟ ।'

ତାପରେ ସମସ୍ତେ ଭିତରକୁ ଗଲେ । ବିଭା ଆଣ୍ଟିଙ୍କ ଲିଭିଙ୍ଗ୍ ରୁମ୍ ରେ ଯାହାକୁ ଦେଖିଲା ମଧୁସ୍ମିତା, ହଠାତ୍ କିଛି ବୁଝି ପାରିଲାନି । ଅନୁପ ପୁଣି ବିଭା ଆଣ୍ଟିଙ୍କ ଘରେ କଣ କରୁଛି । ଅବଶ୍ୟ ଅନୁପ ସହିତ ଆଉଜଣେ ଭଦ୍ରବ୍ୟକ୍ତି ଓ ଭଦ୍ର ମହିଳା ମଧ୍ୟ ମହଜୁଦ୍ ଥିଲେ । ମଧୁସ୍ମିତାକୁ ଦେଖି ଅନୁପର ବି ସେମିତି ଅବସ୍ଥା । ଆଖିରେ ଆଖିରେ ଅନୁପ ପଚାରି ପକେଇଲା, "ତମେ ଏଠି କେମିତି ?'

ବିଭା ଆଣ୍ଟି ପରିଚୟ ଦେବାକୁ କହିଲେ, "ତମେମାନେ ତ ସବୁ ଅନୁପକୁ ଜାଣିଥିବ । ସିଏ ଶାନ୍ତନୁ ଓ ନିଶାର ବାହାଘରକୁ ଯାଇଥିଲା ବୋଲି  କହୁଥିଲା । ସେଠି ତମେ ତାକୁ ଦେଖିଥିବ । ଆଉ ଇଏ ହେଲେ ଆମ ଭଣଜା ରଞ୍ଜନ, ହର୍ଷଙ୍କ ବଡଭଉଣୀଙ୍କ ପୁଅ ଓ ତାଙ୍କ ସ୍ତ୍ରୀ ଲିପ୍‌ସା । ଏବେ ଚିକାଗୋରେ ରହୁଛନ୍ତି । ରଞ୍ଜନଙ୍କ ବାପା ଓ ଅନୁପଙ୍କ ବାପା ଏକା କଲେଜରେ ପଢୁଥିଲେ । ସେଇ ସଂପର୍କରୁ ରଞ୍ଜନର ଅନୁପ ସହିତ ସଂପର୍କ । ସେମାନେ ଏବେ ଡିସି ବୁଲି ଆସିଛନ୍ତି ଓ ଅନୁପଙ୍କ ପାଖରେ ରହୁଛନ୍ତି । ଅମି ଘରକୁ କାଲିଯିବେ । ଏଇବାଟେ ତ ଯିବେ । ମୁଁ ଡାକି ଦେଇଥିଲି ଘରକୁ ଆସିବାକୁ ।'

ISSN NO.
2582-208X

ଏମିତି କହି ଓ ସମସ୍ତଙ୍କୁ ବସେଇ ବିଭା ଆଣ୍ଟି ରୋଷେଇ ଘରକୁ ଗଲେ । ମା' ଓ ବାବା ଏଇ ସମୟ ଭିତରେ ଅନୁପ ସହିତ କଥାବାର୍ତ୍ତାରେ ମଜ୍ଜିଗଲେ । ମା' କହିଲେ, "ତମକୁ ବହୁତ ଧନ୍ୟବାଦ । ସେଦିନ ତ ଆମ ଘରେ ପାର୍ଟିରେ ଏମିତି ଘଟଣା ଘଟିଗଲା ଯେ, ମୁଁ ତମ ସହିତ କଥା ହେବାର ବି ସୁଯୋଗ ପାଇଲିନି । ତେବେ ତମ ବାବା ଓ ମା' ଙ୍କ ସହିତ ବହୁତ ଗପିଛି ଓ ତମ ବିଷୟରେ ସେମାନଙ୍କ ଠାରୁ ବହୁତ ଶୁଣିଛି ।'

ଅନୁପ କେମିତି ବିବ୍ରତ ହେବାଭଳି ମନେ ହେଉଥିଲା । ତାପରେ ମା' ଙ୍କୁ ପଚାରିଲା, "କଣ କହୁଥିଲେ ବାବା, ମା' ମୋ ବିଷୟରେ ? ଅତି ବଢେଇ କରି କହିନାହାନ୍ତି ତ । ଏବେ ସେମାନେ ସେଇଆ କରୁଛନ୍ତି । କେମିତି ସମସ୍ତେ ମୋ ଉପରେ ଭଲ ଧାରଣା ରଖିବେ, ସେଇଥିରେ ସେମାନଙ୍କର ଆଗ୍ରହ ।'

ମା' କହିଲେ, "ସିଏ କଣ କହିବେ, ଆମେ ସେଦିନ ଯାହା ଦେଖିଲୁ, ସେଇ କଥା ହିଁ ସିଏ କହୁଥିଲେ । ତମେ ଜଣେ ଭଲ ମଣିଷ । ଅନ୍ୟକୁ ସାହାଯ୍ୟ କରିବାକୁ ସବୁବେଳେ ଆଗେଇ ଆସ । ଭଲ ଛାତ୍ର, ଭଲ ଅଭିନେତା । ଯେକୌଣସି ଲୋକର ଭୂମିକାରେ ନିଖୁଣ ଅଭିନୟ କରିପାର । ଭଲ ନାଚ କର । ସମସ୍ତଙ୍କୁ ସମ୍ମାନ କର ।'

"ଆରେ ବାପରେ, ମା' ଏତେସବୁ କହିଛନ୍ତି ଆପଣଙ୍କୁ । ହଁ, ମୋର ଅନେକ ରକମର ସଉକ୍ ଅଛି । ତେବେ କେତେ ଗୁଡିଏ ମୋର ଅତି ପ୍ରିୟ ସଉକ୍, ଆଉ ସବୁ ସମୟ ମିଳିଲେ, କରେ, ନହେଲେ ନାହିଁ ।'

ବିଭା ଆଣ୍ଟି ସମସ୍ତଙ୍କ ପାଇଁ ଚାହା ତିଆରି କରି ଆଣିଲେ ଓ ଲିପ୍‌ସା ଭାଉଜ ପକୁଡି ପ୍ଲେଟ୍‌ରେ ଆଣି ରଖିଲେ । ବିଭା ଆଣ୍ଟିଙ୍କୁ ଦେଖି ମଧୁସ୍ମିତାକୁ ଡର ଲାଗୁଥିଲା । ଆଣ୍ଟି ଏମିତି ବ୍ୟବହାର କରୁଛନ୍ତି ମାନେ, ତାଙ୍କ ମନ ଭିତରେ କିଛି ନାହିଁ ତ ? ମଣିଷର ମନ ହିଁ ସବୁଠାରୁ ଏକ ଆଶ୍ଚର୍ଯ୍ୟ ରକମର ଜିନିଷ । ବେଳେବେଳେ ଭିତରେ ଦୁଃଖ ଥାଇ ବି ଉପରେ ହସ ଫୁଟେଇ ପାରିବ ଓ ବେଳେବେଳେ ଭିତରେ ଖୁସି ଥାଇ ବି ଉପରକୁ ଗମ୍ଭୀର ରହିଥିବ । ଏମିତି ଏବେ ଗୋଟିଏ ପରିବାରରେ ଘଟିଛି । ସିଏ ପୁଣି ଓଡିଆ ପରିବାର, ଏଇ ପାଖରେ ଜଣେ ଆଣ୍ଟିଙ୍କର ଝିଆରୀ ସହିତ । ସିଏ ନିଜ ପୁଅର ଜନ୍ମଦିନରେ ହିଁ ପାର୍ଟି

ISSN NO.
2582-208X

ପରେ ଯାଇ ରେଲ୍ ଲାଇନ୍ ରେ ଶୋଇ ଆତ୍ମହତ୍ୟା କରିଥିଲେ । ଯେଉଁସମସ୍ତେ ତାଙ୍କ ପୁଅର ଜନ୍ମଦିନ ଉତ୍ସବରେ ଯୋଗଦେବାକୁ ଯାଇଥିଲେ, ସମସ୍ତେ କହୁଥିଲେ, "ତା ମୁହଁରେ କି କଥାବାର୍ତ୍ତାରେ କି ବ୍ୟବହାରରେ କିଛି ବିସେମିତି ଜଣାପଡୁନଥିଲା । ଆମ ସମସ୍ତଙ୍କ ସହିତ କେତେ ରକମର ଗପଶପ କଲା, ଫଟୋ ଉଠେଇଲା । ହାପିବାର୍ଥ ଡେ ଗୀତ ଗାଇବାବେଳେ ସେ ସ୍ୱାମୀ, ସ୍ତ୍ରୀ ଓ ପୁଅ ବହୁତ ବଢ଼ିଆ ଫଟୋଗ୍ରାଫିକ୍ ପୋଜ୍ ଦେଇ ଫଟୋ ଉଠେଇଲେ । ସମସ୍ତଙ୍କର ଗ୍ରୁପ୍ ଫଟୋ ବି ଉଠିଲା । ବଢ଼ିଆ ଖାଇବା ଯୋଗାଡ କରିଥିଲେ ସେମାନେ । ଆମେ ବହୁତ ମଜାକରି ଘରକୁ ଫେରିଲୁ । ତା ପରଦିନ ସକାଳୁ ଶୁଣୁଶୁଣୁ ଏହିଭଳି କଥା । କଣ ଥିଲା ତା' ମନରେ କିଏ ଜାଣେ । ଛୋଟ ପୁଅଟିଏ ତା' କଥା ବି ଭାବିଲାନି । ସ୍ୱାମୀ ସାଙ୍ଗରେ ଯଦି କିଛି ମନୋମାଳିନ୍ୟ ଥିବ ତ ଥିବ । ହେଲେ ଛୁଆଟି କଥା ଭାବିଲାନି ।'

ସେଇ କଥା ସବୁ ମଧୁସ୍ମିତାର ମନେ ପଡୁଥିଲା ଓ ଆଜି ଏଠି ବିଭା ଆଣ୍ଟିଙ୍କୁ ଜଗିକରି ରହିବାର ସିଦ୍ଧାନ୍ତ ସିଏ ମନେମନେ ନେଇଗଲା । କେହିବି କାହିଁକି କେଜାଣି ହର୍ଷ ଅଙ୍କଲ୍‌ଙ୍କ କଥା ପଚାରୁ ନାହାନ୍ତି । ଘରର ମାଲିକ ସିଏ । ଅନୁପସ୍ଥିତ । କିଏ ତ ପଚାରିବା କଥା ନା। ମା' ବାବା ତ ଘଟଣା ଜାଣିଛନ୍ତି, ତେଣୁ ପଚାରୁ ନାହାନ୍ତି । ହେଲେ ଅନୁପ ଓ ତା' ସାଙ୍ଗ ତ ପଚାରିପାରନ୍ତେ ।

ସମସ୍ତେ ଚାହା ପିଉଥିବା ବେଳେ ବିଭା ଆଣ୍ଟି ନିଜେ ହିଁ ସେଇକଥା କହିଲେ । "ସମସ୍ତେ ତ ଜାଣିଥିବ, ହର୍ଷ କାଲି ଆରେଷ୍ଟ ହୋଇ ଜେଲ୍ ରେ ଅଛନ୍ତି । ପୁଣି ଡ୍ରିଙ୍କ୍ କରି ଗାଡି ଚଲାଉଥିଲେ । ଆଉ ଗୋଟିଏ ଗାଡି ସହିତ ଆକ୍ସିଡେଣ୍ଟ କରିଦେଲେ । ଅନ୍ୟ ଗାଡିରେ ଜଣେ ବୃଦ୍ଧା ରୋଗୀ ଥିଲେ । ତାଙ୍କ ନାତୁଣୀ ତାଙ୍କୁ ଡାକ୍ତରଙ୍କ ପାଖରୁ ଧରି ଫେରୁଥିଲା । ରକ୍ଷା ସେମାନଙ୍କର ଅଧିକ କ୍ଷତି ହୋଇନି ଓ ସେମାନେ ଜୀବିତ ଅଛନ୍ତି । ନହେଲେ ତ କଥା ସରିଥାଆନ୍ତା ।'

ସମସ୍ତେ ବିଭା ଆଣ୍ଟିଙ୍କ ମୁହଁକୁ ଚାହିଁଥାଆନ୍ତି ।

ISSN NO.
2582-208X

ରଞ୍ଜନ କହିଲେ, "ହଁ, ସେଇ ଖବର ପାଇ ଆମେ ଅନୁପକୁ ଧରି ଆଜି ମାଈଙ୍କ ପାଖକୁ ଚାଲିଆସିଲୁ । ଏମିତିରେ ତ ଆମେ ଅମି ପାଖକୁ ଆସନ୍ତା କାଲି ଯାଇଥାଆନ୍ତୁ । ଆଜି ତା' ଶାଶୁଘରେ ସେମାନଙ୍କର ପରିବାରର ମିଳନୀ ଅଛି । କାଲି ଆମେମାନେ ତା' ସହିତ ନୂଆବର୍ଷ ପାଳିଥାଆନ୍ତୁ । ତେବେ ଯୋଜନା ଟିକେ ବଦଳିଗଲା । ଅମି ମାମୁଙ୍କ ବିଷୟରେ ମତେ ଫୋନ୍ କରି ଜଣେଇବାରୁ ଆମେମାନେ ଆଜି ଚାଲିଆସିଲୁ ।'

ବିଭା ଆଣ୍ଟି ମା'ଙ୍କୁ କହିଲେ, "ତତେ ବି ହୁଏତ ଅମି ଫୋନ୍ କରିଛି । ନହେଲେ ତୁ ହଠାତ୍ କିଛି ନ କହି ଏମିତି ଆସିନଥାନ୍ତୁ । ବିଚାରୀ କଣ କରିବ କହ ତ ? ଏମିତି ଝିଞ୍ଜଟରେ ତା' ବାପା ତାକୁ ପକେଇଲେ ଯେ, କେମିତି କଣ ସମ୍ଭାଳିବ । ମୋତେ ତ ଏମିତି ଇଚ୍ଛା ହେଉଛି ଯେ ଏ ଜୀବନଟା ଛାଡି ଯାଆନ୍ତା ହେଲେ । ଏମିତି ଦିନ ଦେଖିବାକୁ ବଞ୍ଚିରହି ନଥାନ୍ତି ମୁଁ । ଏତେ ଗୋଡେଗୋଡେ ଜଗି ଏତେଦିନ ରହିଥିଲି । ମେରୀଲାଣ୍ଡର ଏତେ ବଡ ଘର, ଏତେ ଭଲ ଚାକିରି ଛାଡି ସେଇ ନିଉଛୁଣା ମଦ ପାଇଁ ଆସି ଏମିତି ଏକ ଛୋଟ ଟାଉନ୍ ହାଉସ ରେ ରହିଲେ ଆମେ । ଭଗବାନଙ୍କ ଦୟାରୁ ପିଲା ଦୁଇଟା ପାରିଗଲେ । ଏବେ ଏ ବୟସରେ ପୁଣି ସେ ମଦ । ଏତେ ଡରିଡରି ଯାହାକୁ ଏତେ ବର୍ଷ ଧରି ରହିଲି, ସେଇ ମଦ ପୁଣି ମୋ ଜୀବନକୁ ହନ୍ତସନ୍ତ କରିବାକୁ ଫେରିଲାଣି ।'

ଅନୁପ ଆସିବିଭା ଆଣ୍ଟିଙ୍କ ପାଖରେ ବସିଲା । ଆଣ୍ଟିଙ୍କୁ କହିଲା, "ଦେଖନ୍ତୁ, ଆପଣ ଏତେଦିନ ଧରି ଅଙ୍କଲ୍‌ଙ୍କୁ ସମ୍ଭାଳି ଆସିଥିଲେ ମାନେ, ଏବେବି ସମ୍ଭାଳି ପାରିବେ । ଏବେତ ଅଙ୍କଲ୍ ଆଉ ଗାଡି ନେଇ ଏକା କୁଆଡେ ଯାଇପାରିବେନି । ତାହେଲେ ଟିକେ ତ ନିୟନ୍ତ୍ରଣରେ ରହିବେ । ନହେଲେ ପୁଣି ରିହାବ୍ ସେଣ୍ଟର୍‌କୁ ପଠେଇବେ । ସେଥିପାଇଁ ଚିନ୍ତା ତ ରହିବ, ହେଲେ ଆପଣଙ୍କର ଏତେ ସୁନ୍ଦର ପରିବାର, ପୁଅ, ଝିଅ, ଜୁଆଇଁ, ନାତିନାତୁଣୀ, ସେମାନଙ୍କ କଥା ଟିକେ ଭାବନ୍ତୁ । ଆପଣ ଭାଙ୍ଗି ପଡନ୍ତୁନି । ଆମେମାନେ ଅଛୁ । ଆପଣଙ୍କ ପୁଅ ଭଳି । ଦରକାର ପଡିଲେ ଆମକୁ କହିବେ ନିଶ୍ଚୟ ।'

ରଞ୍ଜନ ବି ସେମିତି କହିଲେ । ବିଭା ଆଣ୍ଟିଙ୍କର ଏମିତି ପରିସ୍ଥିତି ଥିଲା ଯେ, ସେଇଟା ନିଜେ ଅନୁଭବ ନକଲେ ବୁଝିହେବନି । ପାଞ୍ଚଦିନ ପରେ ବିଭା ଆଣ୍ଟି ଓ ହର୍ଷ ଅଙ୍କଲ୍‌ଙ୍କର ଭାରତ ଯିବାର ଥିଲା । ସେଠି ବିଭା ଆଣ୍ଟିଙ୍କ ଭଉଣୀର ଝିଅ ବାହାଘର । ଏବେ ସେସବୁ କେମିତି

ISSN NO.
2582-208X

ହେବ, କଣ ହେବସେ ନେଇ ବିବିଭା ଆଣ୍ଟି ଚିନ୍ତିତ ଥିଲେ । ପୁଣି ରାଗିଯାଇ କହିଲେ, "ଅମି ତ ଚେଷ୍ଟା କରୁଛି ତାଙ୍କୁ ଜାମିନରେ ଆଣିବା ପାଇଁ । ହେଲେ ମୁଁ ଭାବୁଛି, ସିଏ ସେଇଠିହିଁ ରୁହନ୍ତୁ କିଛିଦିନ । ତାପରେ ମନ ଘର ଧରିଯିବ । ଏମିତି ଅଲାଜୁକ ଲୋକଙ୍କୁ ସେଇ ସ୍ଥାନ ହିଁ ଉପଯୁକ୍ତ । ଆକାଶ ତ ଆଗରୁ ଇଣ୍ଡିଆ ପଳେଇଛି । ତାକୁ ଏପର୍ଯ୍ୟନ୍ତ ବାପାର ଏ କୀର୍ତ୍ତି ବିଷୟରେ କୁହାହେଇନି ।'

ମା' ତାଙ୍କ ସାଙ୍ଗକୁ ନିଜ ଭାଷାରେ ବୁଝେଇଲେ । "ଦେଖେ ବିଭା, ଜମା ମନ ଊଣା କରନି । ଅମି କଥା ଭାବେ । ଯାହା ହେବାର ଥିଲା ତ ହେଲା । ସେଥିରେ ତୋର କିଛି ଦୋଷ ନାହିଁ। ହେଲେ ଏବେ ସେମିତି ଯେମିତି ନଘଟିବ, ସେଇ କଥା ତୁ ଅମି ସହିତ କଥାବାର୍ତ୍ତା କରି ଚିନ୍ତା କର । କେବଳ ଟିକେ ଡର, ଜୁଆଇଁ ଘରଲୋକ ଜାଣିଲେ କଣ ଭାବିବେ ? ଯାହା ଭାବିବାର କଥା ଭାବନ୍ତୁ । ବନ୍ଧୁବାନ୍ଧବ କଣ ଖାଲି ସୁଖ ବେଳ ପାଇଁ ? ଦୁଃଖ ସମୟରେ, ଅଘଟଣ ସମୟରେ ସେମାନେ ବି ପାଖରେ ଠିଆ ହେବା ଉଚିତ୍ ନା ନାହିଁ ? ସେସବୁ ଜମା ଭାବେନି । ଏବେ ତ ତୋ ପିଲାମାନେ ନିଜ ଗୋଡରେ ନିଜେ ଠିଆ ହେଲେଣି, ଆଉ କଣ ପାଇଁ ଡର ?'

ଅନୁପ ବି ଆସି ମା'ଙ୍କ କଥା ଦୋହରାଇଲା ।

ମଧୁସ୍ମିତାର ଆଉ ପାର୍ଟି ଯିବାକୁ ଇଚ୍ଛା ହେଉନଥିଲା । ଭାବୁଥିଲା, ରହିଯିବକି ଆଜି ବିଭା ଆଣ୍ଟିଙ୍କ ଘରେ, ଏଇ ଆଳରେ କି ବିଭା ଆଣ୍ଟିଙ୍କୁ ସପୋର୍ଟ ଦେବ । ପ୍ରକୃତରେ ଆଳ କୁହାଯିବନି, କାରଣ ସତରେ ତା' ମନରେ ଡର ଥିଲାଯେ ବିଭା ଆଣ୍ଟି କାଳେ କିଛି ଭୁଲ୍ ପଦକ୍ଷେପ ନେଇଯିବେ । ଆଳ ଏଇଥିପାଇଁ କି ଅନୁପ ବି ଏଇଠି ରହୁଛି ଆଜି ।

ଯାହାବି ହେଉ ଗୋଟିଏ କଥା ଭଲହେଲା କି ଅନୁପ ସହିତ ମଧୁସ୍ମିତାର ବାବା ଓ ମା'ଙ୍କର ଘନିଷ୍ଠତା ଟିକେ ବଢିଗଲା । ସେମାନେ ଅନୁପକୁ ପଚାରିଥିଲେ, "ସେମାନେ ତ ସମସ୍ତେ କାଲି ଅମି ଘରକୁ ଯିବେ । ତମେ କଣ ଅମି ଘରକୁ ଯିବ ?'

ISSN NO.
2582-208X

"ଅମି ଅପା ତ ଡାକିଛନ୍ତି । ମାଉସୀ ବି କହୁଛନ୍ତି । ହେଲେ ମୁଁ ଭାବୁଛି ଅମି ଅପାଙ୍କ ପାର୍ଟି ପରେ ମେରୀଲାଣ୍ଡ ଫେରିଯିବି । ରଞ୍ଜନ ଓ ଲିପ୍‌ସା ଏବେ ମାଉସୀଙ୍କ ସହିତ ଗୋଟିଏ ସପ୍ତାହ ରହିବେ ।'

"ତାହେଲେ ତମେ ଅମିର ପାର୍ଟି ପରେ ଆମ ଘରକୁ ଆସ । ଆମକୁ ଭଲ ଲାଗିବ । ଯଦିଓ ତମ ଭଉଣୀ ନିଶା ଶୁଣିଲେ ରାଗିବ । ହେଲେ ଆମ ଘରକୁ ଆସିଲେ, ଆମେ ଖୁସି ହେବୁ ।'

ମଧୁସ୍ମିତାକୁ ମନେମନେ ଲାଜ ଲାଗିଲା । ମା' ଆଉ ଅନୁପକୁ ମଧୁସ୍ମିତା ସହିତ ଜୁଟେଇବାକୁ ଭାବି ଏମିତି ସ୍ନେହ ଦେଖାଉ ନାହାନ୍ତି ତ ? ହେଲେବି ଭଲ ଲାଗିଲା । ଅନୁପ ହଁ କରନ୍ତା କି । ହେଲେ ଅନୁପ ମଧୁସ୍ମିତା ଆଡେ ଚାହିଁଲା । ଆଖିରେ ଆଖିରେ ଯେମିତି ପଚାରୁଥିଲା, "କଣ କହିବି ?'

ମଧୁସ୍ମିତା ଚାହାଣୀରେ ଜଣେଇଦେଲା, "ହଁ କହୁନ ।'

ଅନୁପ କହିଲା, "ଚେଷ୍ଟା କରିବି ।'

ମଧୁସ୍ମିତା ଅନୁପ ଆଡେ କଡା ହେଇକି ଚାହିଁଲା । ଆଖିରେ ଆଖିରେ ପଚାରିଦେଲା, "ସିଧା ହଁ କହିଥିଲେ କଣ ବେଦ ଅଶୁଦ୍ଧ ହୋଇଥାଆନ୍ତା ।'

ଅନୁପ ବି ସେମିତି ଆଖିରେ ଆଖିରେ ଜଣେଇଦେଲା, "କହିଲି ତ ଚେଷ୍ଟା କରିବି, ତା ମାନେ ଯିବି ।'

ମଧୁସ୍ମିତା ଭାବିଲା, ଏବେ ଏଇ ଆଖିରେ ଆଖିରେ କଥା ହେବାଟା ସେମାନଙ୍କର ଆଉ ଗୋଟିଏ ମ୍ୟାଚ୍ ପଏଣ୍ଟ୍ ।

ISSN NO.
2582-208X

ମା' କହିଲେ, "ଅମି ଘର ତ ସାଉଥ୍ ରେ । ତମେ ମେରୀଲାଣ୍ଡ କୁ ଫେରିବାବାଟରେ ଆମ ଘର ପଡିବ । ତମେ ତ ଯାଇଛ ଆଗରୁ । ହେଲେ ସେଦିନ ଭଲଭାବେ ଜଣାଶୁଣା ହୋଇ ପାରିଲାନି । ନିଶ୍ଚୟ ଆସିବ ।'

ସାଢେ ସାତଟା ବେଳକୁ ସେମାନେ ବିଭା ଆଣ୍ଟିଙ୍କ ଘରୁ ବିଦାୟ ନେଇ ଫେରିଥିଲେ । ମା' ଲିପ୍‌ସା ଭାଉଜଙ୍କୁ ଟିକେ ଦୂରକୁ ନେଇ କହିଗଲେ, "ବିଭାକୁ ଆଜି ରାତିରେ ଜଗି ରହିବୁ । ସିଏ ତ ଏତେ ଧୈର୍ଯ୍ୟ ରଖି ଏପର୍ଯ୍ୟନ୍ତ ଚଳୁଛି । ହେଲେ ଏଇଟା ତା' ପାଇଁ ବହୁତ ଜଟିଳ ସମୟ । ଧୀରେଧୀରେ ସିଏ ଭଲ ହେବ । କାଲି ତ ଅମି ପାଖରେ ରହିବ, ତାପରେ ତମେମାନେ ବି ରହିବ କିଛିଦିନ । ହେଲେ ଆଜିଟା ତୁ ତା' ପାଖେପାଖେ ଜଗି ରହିବୁ।'

ଲିପ୍‌ସା ଭାଉଜ ମୁଣ୍ଡ ହଲେଇ ସମ୍ମତି ଜଣେଇଲେ । ବିଭା ଆଣ୍ଟିଙ୍କ ସହିତ ପୁଣି କିଛି ସମୟ ଏକାନ୍ତରେ କଣ କଥାବାର୍ତ୍ତା କରି ମା' ବିଦାୟ ଆଣି ଆସିଲେ ।

ଅନୁପ ଶେଷବେଳକୁ ମା'ଙ୍କୁ କଥାଦେଲା, ସିଏ ନିଶ୍ଚୟ ଆସନ୍ତାକାଲି ସେମାନଙ୍କ ଘରକୁ ଆସିବ ।

କୃତଜ୍ଞ ଦୃଷ୍ଟିରେ ଅନୁପ ଆଡେ ଚାହିଁ ମଧୁସ୍ମିତା "ବାଏ, କାଲି ଦେଖାହେବ' କହିଲା ।

ରଦର୍‌ଫୋର୍ଡ ୱେ, ଡେଟନ୍, ମେରୀଲ୍ୟାଣ୍ଡ୍,
ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ଛୋଟ ମୋର ଗାଁଟି



ଡ. ପ୍ରସନ୍ନ କୁମାର ବଳ

ଛୋଟ ମୋର ଗାଁଟି
କ୍କ ଆଦର ତାର ଟି ।୧।
ବହୁଦିନ ପରେ ବୁଲି ଗଲି ମୋର ଅତି ପ୍ରିୟ ଗାଁ ଟିକୁ,
ମନରେ ଅନନ୍ଦ, ଉତ୍ସାହ ପୁଣି ଝୁରେ ପୁରୁଣା ସ୍ମୃତିକୁ ।୨।
ଅତି ପ୍ରିୟ ମୋର ପୁରୁଣା ସଖାକୁ ଯୋଗାଯୋଗ ପୁଣି କଲି,
ତାର ସାଥି ବିନା ଏ ଯାତ୍ରା ସମ୍ଭବ ନ ହୋଇ ପାରିବ ଜାଣି ।୩।
ଯାତ୍ରା ସମୟରେ ସେ ପୁରୁଣା ସ୍ମୃତି ଆଖିରେ ନାଚ ଉଠିଲେ,
ବାପା, ମା ଆଉ ସବୁ ଗୁରୁଜନ ମାନସେ ଉଭା ହୋଇଲେ ।୪।
ମନେ ପଡିଗଲା ପିଲାଦିନ କଥା ସବୁ ଗୋଟି ଗୋଟି କରି,
ଗାଁ ଦାଣ୍ଡେ ଖେଳବା, ଡଙ୍ଗା ଭସାଇବା, ବିଦ୍ୟାଳୟ ଯିବା ପରି ।୫।
ସବୁ ମୋର ପୁଣି ପୁରୁଣା ସାଙ୍ଗଙ୍କ ସାଥିରେ ହୋଇଲା ଭେଟ,
ସବେ କ୍କନ୍ତ ନଜ ନଜର କର୍ମରେ ଲାଗି ପଡିଛନ୍ତ ସତ ।୬।
ଘରର ସ୍ୱରୂପ ବଦଳ ଯାଇଛି ନାହିଁ ମୋ ସ୍ୱପ୍ନର ଘର,
ମାଟି ଘର ସବୁ ପକ୍କା ହୋଇଯାଏ ମନରେ ଦେଲା ଜୁଆର ।୭।
ସ୍ୱପ୍ନର ଗାଁଟି ବଦଳ ଯାଇଛି ସହରି ଢାଞ୍ଚାରେ ପ୍ରାୟ,
ଗୃଳଘର ଆଉ ନାହିଁ ପ୍ରାୟ ସତେ ପକ୍କା ଘରମାନ ତୟ ।୮।
ଗାଁ ଦାଣ୍ଡ ମୋର ନାହିଁ ତ ସତରେ ନାହିଁ ସେ ନାଳ ନର୍ଦ୍ଦମା,
ପିଚୁ ରାସ୍ତା ସହ କଂକ୍ରଟର ରାସ୍ତା କରିଛି ତାର ଭରଣା ।୯।

ISSN NO.
2582-208X

ଡଙ୍ଗା ଭସାଇବା ନାହିଁ ତ ଗାଁଆରେ ନାହିଁ ସେ ପୁରୁଣା ସ୍ମୃତି
ଦୁଃଖ ଦିଏ ସେହି ପୁରୁଣା ଦିନର ଅଭୂଲା ଅମର ଗୀତି ।୧୦ ।
ଗାଁକୁ ଯିବା ରାସ୍ତା ପୁଣି ସବୁ ସତେ ବଦଳ ଯାଇଛି କେତେ,
ନିଜ ଗାଁ ରାସ୍ତା ପଚାରି ଯିବାକୁ ଲାଜ ବି ଲାଗିଲା ମୋତେ ।୧୧ ।
ମୋର ସେହି ପ୍ରିୟ ବିଦ୍ୟାଳୟଟିକୁ ଯେବେ ମୁଁ ଦେଖିଲି ସତେ,
ଜୀବନ୍ତ ହୋଇଲା ସାଙ୍ଗ ସାଥି ମୁହଁ, ଗୁରୁଙ୍କ ଆଦର କେତେ ।୧୨ ।
ବିଦ୍ୟାଳୟଟି ତ ବଦଳ ଯାଇଛି ପୂର୍ବ ଏହାରି ମଧ୍ୟରେ,
ନୂତନ କକ୍ଷ କେତେ ଯେ ହୋଇଛି ମନ ବହୁ ଖୁସି କରେ ।୧୩ ।
ଗାଁ ତୋଟା ପୁଣି ବଦଳ ଯାଇଛି, ଶ୍ମଶାନ ସ୍ଥାନଟି ସହ,
ତା ମଧ୍ୟରେ ରାସ୍ତା, ଗୃହ ସବୁ ପୁଣି ଘେରାଇଛି ତାର ମୋହ ।୧୪ ।
ଗାଁର ପୋଖରୀ ପୂର୍ବପରି ଆଉ କୋଳାହଳ ପୂର୍ଣ୍ଣ ନୁହଁ
ତୁଠ ତାର ଆଉ ଚହ୍ଲିତ ହେଉନ ଶୂନ୍ୟ ପରିବେଶ ତୟ ।୧୫ ।
ଘରେ ଘରେ ପୁଣି ଜଳଯୋଗାଣର ହୋଇଛି ଏବେ ସୁବିଧା,
ବିଚରା ପୋଖରୀ ଅଲୋଡା ପଡିଲା, ମନରେ ଦେଲା ତ ବାଧା ।୧୬ ।
ଗାଁ ଖଳା ନାହିଁ, ସେ ବେଙ୍ଗଳା ନାହିଁ ଶୀତ ରାତିର ଶକାଳେ,
ରୂପ ତାର ସବୁ ବଦଳଯାଇଛି ଏ ସମୟ ଚକ୍ର ତଳେ ।୧୭ ।
ଯାହାତ ହେଲେ ବି ଜନ୍ମମାଟି ମୋହ କଏ ଅବା ଭୂଲିପାରେ,
ସବୁ ଗୁରୁଜନ ସ୍ୱର୍ଗରେ ଥିଲେ ବି ସ୍ମୃତି ହିଁ ଅଭୂଲା ରହେ ।୧୮ ।

ଶ୍ରୀ ସତ୍ୟସାଇ ଏନକ୍ଲେଭ,
ଖଣ୍ଡଗିରି, ଭୁବନେଶ୍ୱର

ISSN NO.
2582-208X

# କରୁଣାର ବାରି ଛିଞ୍ଚିଦେଲେ ଟିକେ



ଶଶଧର ମହାପାତ୍ର

କରୁଣାର ବାରି ଛିଞ୍ଚିଦେଲେ ଟିକେ
ଧନ୍ୟହେବ ଏ ଜୀବନ
ଦିନରାତି ସଦା ଭଜୁଥିବି ପ୍ରଭୁ
ତୁମ ନାମ ଅକିଞ୍ଚନ ।।
ସକାଳୁ ଉଠିଲେ ତୁମ ରୂପ ଦେଖେ
ମୋର ମନ ମନ୍ଦିରରେ
ଚତୁର୍ଦ୍ଧା ମୂରତି ଦର୍ଶନ ମିଳିଲେ
ଦିନ ବିତେ ଆନନ୍ଦରେ ।।
ତୁମ ପ୍ରେମେ ପଡ଼ି ନିତି ମନ ଖୋଜେ
ରତ୍ନ ସିଂହାସନ ଆଡ଼େ
ତୁମରି ନଜର ଦିନେ ଅଧେ ହେଲେ
ମୋ'ଆଡ଼େ କେବେକି ପଡ଼େ ?
ପୂଜାପାଠ ଆଉ ଜପ, ତପ, ଧ୍ୟାନ
ମୋତେ କିଛି ଜଣାନାହିଁ
ହୁଏ ଅସୁବିଧା ତୁମରି ନିକଟ
ହେବାପାଇଁ ସେଥିପାଇଁ ।।

ISSN NO.
2582-208X

ଭୋଗ ନୈବେଦ୍ୟ ବାଢ଼ି କେବେଦିନେ
ବସିନାହିଁ ସାମନାରେ
ତୁମେ ଭାବିପାର ନିଜ ସ୍ୱାର୍ଥପାଇଁ
ବୋଧେ କିଛି ମାଗିପାରେ ।।
ଅଜାଣତେ କେବେ ପାପ କରିଥିବି
ଏ କଥା ନିହାତି ସତ
ମୁଁ ଯେ ଅଜ୍ଞାନ ସ୍ୱୀକାର କରୁଛି
ହେବ ନିଶ୍ଚେ ସହମତ ।।
କପଟ ନ କରି ନୀଳାଚଳବାସୀ
ଏତିକି ସୁଦୟା କର
କ୍ଷମାର ସାଗର ଦୋଷ କ୍ଷମାକର
ଯେତେ ପାପ ଏ ଜନ୍ମର ।।
ତା'ହେଲେ ଭକତି, ଭରସା ବଢ଼ିବ
ତୁମପାଇଁ ଜାଣ ସାଇଁ
ତୁମ ଶ୍ରୀଚରଣେ ଶରଣ ପଶିବି
ଶରଧା ଟିକକ ପାଇଁ ।।
ଆସିଗଲା ଏବେ ଛାଡ଼ିଯିବା ବେଳ
କହୁଅଛି ମନକଥା
ଜୀବ ଗଲାବେଳେ ମିଳୁ ଦରଶନ
ଏ କଥା ମନେ ରଖିଥା ।।

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

ସେପ୍ଟେମ୍ବର – ୨୦୨୨
www.vedantimagazine.com
ISSN NO.
2582-208X

# ଶରୀର ଈଶ୍ୱର


ଡ଼ ସୁନନ୍ଦା ମିଶ୍ର ପଣ୍ଡା

ଚୌରାଶି ଲକ୍ଷ ଯୋନିର
ଜନ୍ମ ଯାତ୍ରା ପରେ (ମଧ୍ୟେ)
ବିରଳ ଏ ମଣିଷ ଜୀବନ
ପ୍ରଶ୍ନ କରେ ନିଜେ ....
କେବେ ଶେଷ ହେବ
ଏ ଜନ୍ମ ଜନ୍ମାନ୍ତର ର ଯାତ୍ରା ।
କିନ୍ତୁ, ସ୍ମୃତି ବିସ୍ମୃତି ର ଅବଚେତନ ରେ
ଦେହ ମୋର ହଜିଯାଏ
ଅବାଂଛିତ ସୁନ୍ଦର ସ୍ୱପ୍ନରେ ...

ସତ୍ୟ, ନିତ୍ୟ ରୂପାନ୍ତର
ଏହି ଜଗତ ନିୟମ
ପ୍ରତି ଜନ୍ମ ର ସନ୍ତକ
ଇଚ୍ଛା ହୁଏ ଅବିକଳ
ଗ୍ରହଣ କରିବାକୁ
ହୃଦୟ କୋଠରୀରେ
ପୁନଶ୍ଚ ଧରିରଖେ ମୃଦୁ ଲଘୁ ଚାପ କୁ
ମନ ଅରଣ୍ୟ ରେ ନୂତନ ଝଡ଼ ର ପ୍ରବେଶ ସୂଚାଇ
ଅନ୍ତଃ ମନ ନୂତନ ଉପମା ଖୋଜେ ....
ଭବ୍ୟ ମଞ୍ଚେ ମଂଚାସୀନ ବହୁ କଳାକାର
ନାରୀ ଓ ପୁରୁଷ ଦେହଧାରୀ
ଭୋଗ୍ୟ ଏ ସଂସାର

ISSN NO.
2582-208X

ଶରୀର ଈଶ୍ୱର
ଈଶ୍ୱର ଶରୀର
ସଂଭୋଗ ର ମହାମନ୍ତ୍ରେ
ବହୁ ଜନ୍ମ ରୁ
ଏହି ଦେହ କୁ ଦିଅନ୍ତି ଜଳାଞ୍ଜଳି .....

ଅଜଣା ମନ କେବେ
ତୀର୍ଥ ଅଭିଳାଷୀ
ମୁକ୍ତି ଅନ୍ୱେଷଣେ
ଶରୀର ଧର୍ମ ଭୁଲି
ଭକ୍ତି, ମୁକ୍ତି, ପୂଜା ପାଠ ର ସଂଧାନେ
ନିର୍ଦୋଷ ଇଚ୍ଛା କିନ୍ତୁ,
ସମ୍ଭାଳି ନପାରେ
ଶରୀରର ଅଯାଚିତ ପ୍ରେମ
କ୍ଷୁଧା ଓ ଲୋଭ କୁ ....

ସମର୍ପିତ ମନ ଟିଏ ଆଜି
ଖେଳି ଉଠେ ପୁଣ୍ୟ ର ଶତଦଳେ
ମୋକ୍ଷର ଆଶାନେଇ
ତୁଚ୍ଛ ହୁଏ ଦେହ ଦୁଃଖ
ଓ ଏ ନଶ୍ୱର ଶରୀର ।
ନାରୀତ୍ୱ ଓ ପୁରୁଷାର୍ଥ କୁ
ନିଜେ ପ୍ରଶ୍ନ କରେ
ଏ ଦେହ ବିନା ନାହିଁ ପୂର୍ଣ୍ଣ ସମର୍ପଣ
ଈଶ୍ୱର ବି ଅର୍ଦ୍ଧନାରୀଶ୍ୱର
ନିଜ ଦେହ କୁ ସମ୍ମାନ ଦେଇ
ମୁଁ ଆଜି ଜନ୍ମ ଓ ମୃତ୍ୟୁ ର ଚକ୍ରବ୍ୟୁହରେ
ହାରଜିତ ର ବାସ୍ତବତା କୁ ଖୋଜୁଛି ।

ଟରୋଣ୍ଟୋ, କାନାଡ଼ା
Email – drsunanda.panda@gmail.com

ISSN NO.
2582-208X

# ଆଉ କରିବେନି ଅଭିଯୋଗ



ଶାନ୍ତିଲତା ମିଶ୍ର

ଆଜି ଦିନ ଯାକ ଅଫିସ୍ ରେ ଯାହା କରୁଛନ୍ତି, ସବୁଥିରେ ଭୁଲ୍ ବାହାରୁଛି "ସମର ବାବୁଙ୍କର'। ଅନେକ ଅଭିଯୋଗ ଆସି ସାରିଲାଣି ତାଙ୍କ ନାମରେ ଆଜି ସକାଳ ପ୍ରହରୁ । ସେ ଅଫିସରେ ଯୋଗ ଦେଲା ଦିନରୁ ହୁଏତ ଏତେ ଅଭିଯୋଗ କେବେ ଆସି ନଥିଲା ।

"କଣ ସମର ବାବୁ ! ମନଟାକୁ ଘରେ ଛାଡି ଦେଇ ଆସିଛନ୍ତି ନା କଣ ଆଜି ।' ଦୀନବନ୍ଧୁ ବାବୁ କଟାକ୍ଷ କଲେ । ସାଙ୍ଗେ ସାଙ୍ଗେ ପ୍ରଭାକର ବାବୁ ହସି ହସି କହିଲେ କଣ କହୁଛନ୍ତି ଦୀନବନ୍ଧୁ ବାବୁ, "ବାହାଘର ପରା ଦଶ ବର୍ଷରୁ ଊର୍ଦ୍ଧ ହୋଇ ଗଲାଣି । ଏବେ କଣ ମନ ଘରେ ବାନ୍ଧି ହୋଇ ଆଉ ରହି ପାରେ ।' ଶୁଣି ନଶୁଣିଲା ପରି ସମର ବାବୁ ସାମାନ୍ୟ ହସି ଦେଇ କାମରେ ମନ ଲଗେଇବାର ଛଳନା କଲେ । କିନ୍ତୁ ଆଜି କାମରେ ମନ କୋଉ ଲାଗୁଛି ଯେ ସେ କଣ କରିବେ !

କାଲି ବାଲ୍ୟ ବନ୍ଧୁ "ସୁଜିତ୍' ସଙ୍ଗେ ଅଫିସ୍ ଫେରନ୍ତି ବାଟରେ ଚା ଦୋକାନରେ ସାଙ୍ଗ ହୋଇ ଚା ପିଉ ପିଉ କୌଣସି ଏକ କଥା ଉପରେ ଯୁକ୍ତି ତର୍କ ହେଉ ହେଉ ଟିକେ ଅଧିକ ହୋଇଗଲା । କିଛି ଅତ୍ୟଧିକ କଡା ଭାଷାର ପ୍ରୟୋଗ ହୋଇ ଯିବାରୁ ଦୁହେଁ ମୁହଁ ଫୁଲେଇ ସେଠାରୁ ଚାଲି ଯାଇଥିଲେ ପରସ୍ପରକୁ ବିଦାୟ ବାର୍ତ୍ତା ନଜଣାଇ ।

ସେଇ ରାଗଟା ରାତି ସାରା ଭଲରେ ଶୁଆଇ ଦେଇ ନଥିଲା ତାଙ୍କୁ । ଆଉ ବଳକା ରାଗ ଟା ସକାଳୁ ସ୍ତ୍ରୀଙ୍କ ଉପର ଦେଇ ବହିଗଲା । ସକାଳ ଚା ରୁ ଆରମ୍ଭ କରି ସକାଳର ଭୋଜନ ଯାଏ । " ଏ ଖାଦ୍ୟ କଣ ମଣିଷ ଖାଆନ୍ତି, ଏତେ ଅସ୍ୱାଦ ପୂର୍ଣ୍ଣ ଖାଦ୍ୟ ଥୁ ଥୁ... ।

ISSN NO.
2582-208X

ଆଶ୍ଚର୍ଯ୍ୟରେ ସ୍ତ୍ରୀ "ସୁଷମା' ସମର ବାବୁଙ୍କ ମୁହଁକୁ ଗୃହିଁ ରହିଲେ । ପନ୍ଦର ବର୍ଷ ହେବ ସେ ତ ଆସି ଏଠି ରୋଷେଇ କରି କରି ରୋଷେୟା ପାଲଟି ଗଲେଣି । ଆଜି ହଠାତ୍ ପୁଣି କଣ ହେଲା ତାଙ୍କୁ ରାନ୍ଧି ଆସୁନିର ଲାଞ୍ଛନା । ଯଦି ରାନ୍ଧି ଆସୁନି ଏତେ ବର୍ଷ ହେବ କାହିଁ କିଛି ଅଭିଯୋଗ ତ କରା ହେଉ ନଥିଲା । ସେତେବେଳେ ଇଣ୍ଟରନେଟ କି ୟୁଟ୍ୟୁବ୍ ନଥିଲା ସେ ରୋଷେଇ ବହି ପଢି ପଢି ନୂଆ ନୂଆ ରୋଷେଇ ସବୁ ଶିଖି ତାଙ୍କ ପାଇଁ ଛଅଠା ତିଅଣ ନଅଠା ଭଜା କରି ଯୋଗୋଉ ଥିଲେ । କେତେ ପ୍ରଶଂସା ପ୍ରଥମେ ପ୍ରଥମେ । ଆଜି ପୁଣି କଣ ହୋଇଗଲା !

ସୁଷମା ବି ଦି ଚାରି ପଦ ଶୁଣେଇ ଦେଲେ । ତାପରେ ରାଗଟା ଆହୁରି ବଢିଗଲା । ଦି ପଦରୁ ଚାରି ପଦ, ଚାରି ପଦରୁ ଆଠ ପଦ ହୋଇ ବହୁ ପଦରେ ପରିଣତ ହୋଇଗଲା । କେହି ଥମିବାର ନାମ ନେଲେ ନାହିଁ । ରାଗରେ ସମର ବାବୁ କହିଦେଲେ ମୁଁ ଅଫିସ୍‌ରୁ ଫେରିଲା ବେଳକୁ ତମେ ଯେପରି ଏ ଘରେ ନଥାଅ । ତୁମ ମୁହଁ ଦେଖିବାକୁ ବି ମୋର ଇଛା ନାହିଁ । କହି ଅଫିସ୍ ଚାଲି ଆସିଥିଲେ ସିନା, କିନ୍ତୁ କିଛି ସମୟ ପରେ ରାଗ ଟା ଥମି ଯାଇ ଆଶଙ୍କାରେ ପରିବର୍ତ୍ତନ ହୋଇଗଲା ।

ସତରେ ଯଦି ରାଗରେ ସୁଷମା ଘର ଛାଡି ଚାଲି ଯାଇଥିବେ ତ କଣ ହେବ । ସମର ବାବୁଙ୍କୁ ଚିକ୍କଣ କଥା କହି କାହାକୁ ମନେଇ ଆସେନା । ଏବେ ସେ ବହୁତ ବଡ ସମସ୍ୟାର ସମ୍ମୁଖୀନ । ପାଣି ମୁଣ୍ଡ ଉପରକୁ ଚାଲିଯିବ । ସୁଷମାଙ୍କ ବିନା ସେ ଅଣନିଶ୍ୱାସୀ ହୋଇଯିବେ । ଘର ଖାଁ ଖାଁ ଲାଗିବ । ସକାଳ ପ୍ରହରୁ ଦିନ ସାରା ସେ ସବୁ ଦେବା ଦେବୀଙ୍କ ଶରଣାପର୍ଣ୍ଣ ହୋଇ ଗୋଟିଏ କଥା ସେ ଖାଲି ମାଗୁ ଥାଆନ୍ତି ସକାଳର ସେ ଝଡ ଝଞ୍ଜାକୁ ସୁଷମା ଖାତିର ନକରି ତାଙ୍କ ଘରେ ରହି ଥାଆନ୍ତୁ । ତାଙ୍କ ନିତ୍ୟ ନୈମିତ୍ତିକ କାର୍ଯରେ ସେ ଲାଗି ଥାଆନ୍ତୁ ।

ସେଇ କଥାଟା ମନରେ ଏତେ ଦ୍ୱନ୍ଦ ସୃଷ୍ଟି କରି ଦେଇଛି ଯେ ତାହା ଏକ ବିରାଟ ଖାଇରେ ପରିଣତ ହୋଇ ସାରିଲାଣି । ନା କାହାକୁ କହି ପାରୁଛନ୍ତି ନା ନିଜେ ସେ ସବୁକୁ ହଜମ କରି ପାରୁଛନ୍ତି । ବଦନାମ୍ ତ ଯାହା ହବାର କଥା ହେବେ ସିଏ ଅଲଗା କଥା । ତେଣୁ କାମରେ ମନ ଲାଗୁନି ।

ISSN NO.
2582-208X

ଆତଙ୍କିତ ମନ ନେଇ ଘରକୁ ଫେରିଲା ପରେ ପ୍ରତ୍ୟେକ ଦିନ ପରି ଟେବୁଲ୍ ଉପରେ ନା ଚା ଅଛି, ନା ପକୋଡା, ସାମୋସା ଅଛି । ଘର ସାରା ଖୋଜି ଆସିଲେ କୋଉଠି ସୁଷମାକୁ ନଦେଖି ମନର ଶଙ୍କା ବୃଦ୍ଧିଭୁତ ହେବାକୁ ଲାଗିଲା । ଆଉତ ଆଉ ଘରର ବାହାର ପଟ କବାଟ ଆଉଜେଇ ଦେଇ କୁଆଡେ ଚାଲି ଯାଇଛନ୍ତି । ଯେବେ ସେ ବାହାରକୁ କୁଆଡେ ଯାଆନ୍ତି ଘରେ ତାଲା ପକେଇ ଦେଇ ଯାଆନ୍ତି । ସମର ବାବୁଙ୍କ ପାଖେ ଡୁପ୍ଲିକେଟ ଚାବି ଥାଏ ତେଣୁ ତାଲା ଖୋଲିବାରେ ତାଙ୍କର କିଛି ଅସୁବିଧା ନଥାଏ ।

ଆଜି ସବୁକୁ ଦୁଇ ଗୋଇଠା ମାରି ସୁଷମା ଚାଲିଗଲା ପରି ଲାଗୁଛି । ସବୁ ତାଙ୍କର ଦୋଷ । ତାଙ୍କର ସକାଳେ ଏତେ ରୁକ୍ଷ ହେବା ଉଚିତ ନଥିଲା । କୋଉଠିକାର ରାଗକୁ କୋଉଠି ନେଇ ଶୁଝିବାର କୋଉ ବୁଦ୍ଧିମାନର କାମ । ଏହା ସଭ୍ୟ ସମାଜରେ କେତେ ଅସମୀଚୀନ କଥା । ସୁଜିତ୍ ପରି ଜଣେ ପୁରୁଣା ବାଲ୍ୟ ବନ୍ଧୁ ହାତରୁ ଏପରି ଚାଲିଗଲେ ମନରେ ଦୁଃଖତ ନିଶ୍ଚୟ ହେବ ହିଁ ହେବ । ସେ ତ ଗଲା ଏବେ ହାତରୁ ସୁଷମା ବି ଗଲେ । ଏହି ପରି ବିଭ୍ରାନ୍ତି କର ମନର ପରିସ୍ଥିତି ରହିଲେ ଚାକିରୀ ବି ହାତରୁ ଯିବ । ସେ କୋଉ କୂଳକୁ ହେବେ ନାହିଁ ।

କଣ କରିବେ ସେ ଏବେ । ଏତିକି ସାମାନ୍ୟ କଥା ସୁଷମା ଟିକେ ସହି ପାରିଲେନି ଯେ ଘର ଛାଡି ଚାଲିଗଲେ । ଆଗରୁ ବି ଅନେକ ଥର କଥା କଟା କଟି ହୋଇଛି ସୁଷମାଙ୍କ ସଙ୍ଗେ କିନ୍ତୁ ତାହା କିଛି ସମୟ ପରେ ଆପୋସ ମିଳାମିଶାରେ ଶେଷ ହୋଇଛି । ସେ ଜାଣନ୍ତି ଆଜି ଟିକେ ଅତ୍ୟଧିକ ହୋଇ ଯାଇଥିଲା ।

ପୁଣି ଥରେ ଘର ସାରା ଖୋଜି ଆସିଲେ କାଳେ କୋଉଠି ରହି ଯାଇଥିବେ ତାଙ୍କ ଦୃଷ୍ଟିରେ ପଡି ନଥିବେ । ନା ସେ ତାଙ୍କୁ ଦେଖି ପାରିଲେନି ସତ କିନ୍ତୁ ସେ ଦେଖି ପାରିଲେ ସୁଷମାଙ୍କ ଲୁଗାପଟା ବ୍ୟକ୍ତିଗତ ଜିନିଷ ସବୁ ଯଥା ସ୍ଥାନରେ ସେମିତି ସବୁ ସୁରକ୍ଷିତ ରହିଛି । କିଛି ବି ସେ ନେଇ ନାହାଁନ୍ତି । କିଛି କ୍ଷଣ ପାଇଁ ସେ ଖୁସି ହୋଇଗଲେ । ଯଦି ଚାଲି ଯାଇଥାନ୍ତେ ତେବେ ସବୁ ନେଇକରି ସାଥିରେ ଯାଇଥାନ୍ତେ । ସେ ଭଲ ଭାବରେ ଜାଣନ୍ତି ସୁଷମା ଓ ତାଙ୍କ ସଂପର୍କ ସୂତା ଖିଅରେ ବନ୍ଧା ନୁହେଁ ସାମାନ୍ୟ କଥାରେ ଛିଣ୍ଡି ଯିବ । କିନ୍ତୁ ତେବେ ଗଲେ କୁଆଡେ !

ISSN NO.
2582-208X

ଏତିକି ବେଳେ ବାହାରେ ସୁଷମା ଓ ସୁଜିତ୍‌ଙ୍କ ହସ ଶୁଭିଲା । ଏ ପୁଣି କଣ ! ସେମାନେ ଦି ଜଣ ସାଙ୍ଗ କିପରି ହୋଇଗଲେ । ଏ ଆଉ କିଛି ଡ୍ରାମା ନୁହେଁତ ! ଦୁଇ ଜଣ ମିଶି ଅନ୍ୟ କିଛି ଷଡଯନ୍ତ୍ର କରୁ ନାହାଁନ୍ତି ତ ! ପୁଣି ସନ୍ଦେହ । ନା ନା ଏଥର ଯାହା ହୋଇ ଯାଉ ସେ ମନକୁ ଶାନ୍ତ ରଖିବେ । ଅଯଥା ଉତ୍ତେଜିତ ହୋଇ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିବା ଉଚିତ୍ ନୁହେଁ ।

ଘରେ ପଶୁ ପଶୁ ସୁଷମା କଥା ଆରମ୍ଭ କରିଦେଲେ । ଆରେ ତମେ ଆଜି ଶିଘ୍ର ଚାଲି ଆସିଲ ଯେ ଅଫିସ୍‌ରୁ ! -ଶିଘ୍ର ଚାଲି ଆସିଛନ୍ତି ! ହାତ ଘଣ୍ଟାକୁ ଚାହିଁ ଦେଖିଲେ ଆରେ ହଁ ତ ସେ ଅଧ ଘଣ୍ଟା ଆଗରୁ ଚାଲି ଆସିଛନ୍ତି । ଆଜି ଅଫିସ୍ ଅଧ ଘଣ୍ଟା ଆଗରୁ ବନ୍ଦ ହୋଇଗଲା । ବଡ ବାବୁଙ୍କର କିଛି ଏମରଜେନସି କାମ ପଡି ଯିବାରୁ ଅଫିସ୍ ଶିଘ୍ର ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଆଜି ତ ଦିନ ଯାକ ମନ ତାଙ୍କ ବାଟାଳ । ମନେ ରହିବ ବା କିପରି ।

ସୁଷମାକୁ ଦେଖି ସମର ବାବୁ ବହୁତ ଖୁସି ହୋଇଗଲେ ସତ କିନ୍ତୁ ମନର ଭାବକୁ ଚପେଇ ରଖି ପଚାରିଥିଲେ କୁଆଡେ ଯାଇଥିଲ ଆଉ ଏ ଜନ୍ତୁକୁ କୋଉଠୁ ପାଇଲ ! ସୁଜିତ କଥାର ଉତ୍ତର ଦେଇଥିଲେ -ଏ ଜନ୍ତୁ ଟି ତୋ ଘର ବାଟ ଦେଇ ଯାଉଥିଲା ଭାଉଜ ଦେଖି ଚା ପାଇଁ ଘରକୁ ନିମନ୍ତ୍ରଣ କରି ଆଣିଲେ । ତୋ ସଙ୍ଗେ କିଏ କଥା ବାର୍ତ୍ତା କରୁଛି ! ମୁଁ ତ ଭାଉଜଙ୍କ ସଙ୍ଗେ ଚା ପିଇବାକୁ ଆସିଛି ! ଚା ସଙ୍ଗରେ ପକୋଡା ଟିକେ ମିଳିଗଲେ ବି ଚଳିବ ।

ତାଙ୍କ ସାମନା ଘର ରବି ବାବୁଙ୍କ ବାପା ଭୀଷଣ ଅସୁସ୍ଥ । ଶେଷ ମୁହୂର୍ତ୍ତ । ତାଙ୍କୁ ଦେଖିବାକୁ ସୁଷମା ଟିକେ ଚାଲି ଯାଇଥିଲେ । ସୁଜିତଙ୍କୁ ଦେଖି ଘରକୁ ଡାକି ଆଣିଲେ ।

ହଉ ଆ ବସ ସୁଜିତ କୁ କହି ଗପରେ ମଜ୍ଜିଗଲେ ଦୁଇ ବନ୍ଧୁ । ସତେକି କିଛି ଯେପରି ଘଟି ନଥିଲା । ପୁଣି ସେଇ ଅଦା ଗୁଜୁରାତି ଦିଆ ଚା ଓ ପିଆଜି ବାସ୍ନାରେ ଘର ମନ ସବୁ ପୁରିଗଲା । ସମର ବାବୁ ବେଳେ ବେଳେ ସୁଷମାର, ବେଳେ ବେଳେ ସୁଜିତ୍‌ର ମୁହଁକୁ ଚାହିଁ ଭାବୁଥିଲେ ଏ ଚାଣ୍ଡାଳ ଆଜି କଣ କରିଥିଲା ସବୁ କିଛି ହରେଇବାକୁ ବସିଥିଲା ନିଜ

ISSN NO.
2582-208X

ଗୋଡରେ ନିଜେ କୁରାଢି ମାରି ଦେଇ ଥିଲା । ଦୁଇଟି ଦୁର୍ମୂଲ୍ୟ ଜିନିଷ ଜୀବନର ନିମିଷକେ ହରେଇ ଦେଇ ଥା'ନ୍ତା ।

କିନ୍ତୁ ଏତେ ବଡ ସମସ୍ୟା ଯେ ଏତେ ସହଜରେ ଓ ସୁବିଧାରେ ସମାଧାନ ହୋଇଯିବ ସେ ସ୍ୱପ୍ନରେ ବି ଭାବି ନଥିଲେ । ସେ ଏଥର ଯୋଗ ସାଧନା କରି ନିଜର ମନକୁ ନିୟନ୍ତ୍ରଣରେ ରଖିବେ । ଆଉ ଏ ବୟସରେ ଝଗଡା ଝାଟି ଶୋଭନୀୟ ନୁହେଁ । କିନ୍ତୁ ଯାହା ବି ହେଉ ଏବେ ମନ ଭିତରେ ଏକ କଲ୍ଲୋଳିତ ଝରଣା ଟିଏ ଝରି ଯାଉଛି ସତେକି !

ରଚେଷ୍ଟର, ମିନେସୋଟା

ISSN NO.
2582-208X

# ଜୟ ଜଗଦୀଶ



ଜୟନ୍ତୀ ଦେବୀ

ଜୟ ଜଗଦୀଶ ପ୍ରଭୁ ହୃଷୀକେଶ କେଶବ ଶ୍ୟାମସୁନ୍ଦର ।
ରତ୍ନ ସିଂହାସନ ମଣ୍ଡନ ଶ୍ରୀକୃଷ୍ଣ ଭାଇ ଭଗିନୀ ସଙ୍ଗର ।୧ ।
ରଘୁବଂଶ ସମୁଭବ ସେ ରାଘବ ଶ୍ରୀରାମ ଦୀନ ବାନ୍ଧବ ।
ବକାରୀ କଂସାରୀ ହୋଇ ଦ୍ୱାପରରେ ରଙ୍ଗାବତାରୀ କେଶବ ।୨ ।
ବରାହ ବାମନ ମସ୍ୟ କୁର୍ମ ମାନ ରାମ ଆଉ ପର୍ଶୁରାମ ।
ମଙ୍ଗଳ ମୂରତୀ ହୋଇ ଦଶମୂର୍ତ୍ତି ବଳରାମ ଧରେ ନାମ ।୩ ।
ମର ଜଗତରେ ନୃହରି ରୂପରେ ନାଶେ ଅସୁର ହିରଣ୍ୟ ।
ନମନ୍ତୁ ଭକତେ ବଉଦ୍ଧ କଳକୀ ରୂପକୁ କଳ ଯୁଗେଣ ।୪ ।
ନଟନାଗର ଶ୍ରୀଧର କମ୍ବୁକର ହରି ହରେ ସର୍ବ ପାପ ।
ପତିତପାବନ ଯାର ବାନା ନାମ ଉଡୁଅଛି ଜମ୍ବୁଦୀପ ।୫ ।
ପରାଣ ବାନ୍ଧବ ସେ ବୃନ୍ଦାବତୀର ନୀଳମଣି ଜଗନ୍ନାଥ ।
ଥୟଧରି ମନ ଜପ ଭଗବାନ ଦାମୋଦର ଗୋପିନାଥ ।୬ ।
ଥଣ୍ଡା ତାପିରତି ଦେବ ଯଦୁପତି ନୀଳ ମାଧବ ଶ୍ରୀକାନ୍ତ ।
ତୀର୍ଥ ସକଳ ଯାହାର ପଦତଳ ସେହିପରା ରାଧାକାନ୍ତ ।୭ ।
ତନୁମନ ତାରେ କଲେ ସମର୍ପଣ ହରଇ ଭବ କଷଣ ।
ନଦକେ ଜପକଲେ ପୁଣ୍ଡରୀକାକ୍ଷ ଦଣ୍ଡ ନଦେବ ଶମନ ।୮ ।
ନୀପ ମୂଳଆ ସେ ଚକ୍କଣ କାଳଆ ରାଧା ମନ ମହକଆ ।
ଆନମନା ନୋହି ଭଜ ଭାବଗ୍ରାହୀ କୃଷ୍ଣ ମୟୂର ଚୂଳଆ ।୯ ।
ଆପଦ ହାରୀ ଶ୍ରୀହରି ଦାନବାରୀ ଭଜସୁଧି ଦେବରାଜ ।
ଜାମଳା ଭଞ୍ଜନ ଶ୍ରୀମଧୁସୂଦନ ମାଧବ ଗରୁଡଧ୍ୱଜ ।୧୦ ।

ମହୁ, ଆଳ, କେନ୍ଦ୍ରାପଡା
ଦୂରଭାଷ-୮୮୯୫୪୫୦୧୧୦

ISSN NO.
2582-208X

# ସ୍ୱାଧୀନତା



ସଂଯୁକ୍ତା ସାହୁ

ଆମେ ସବୁ ଗୌରବମୟ ଅତୀତକୁ
ନେଇ ଭାରି ଗର୍ବ କରୁଛୁ
ସେ ସମୟର କର୍ପୁର ଉଡିଯାଇଛି
ଆମେ ବାସ୍ନାରେ ଆନନ୍ଦ ହେଉଛୁ ।

ସ୍ୱାଧୀନ ହୋଇଛୁ ବୋଲି ଛାତି ଫୁଲେଇ
ବାହାସ୍ଫୋଟ ମାରି କୁହାଟ ମାରୁ
ପୂର୍ବଜଙ୍କ ଯଶକୁ ନେଇ ସ୍ୱପ୍ନରେ ମଜ୍ଜି
ସବୁଠାରେ ସ୍ୱାଧୀନତା ପାଳନ କରୁ ।

ଦୁର୍ବଳ ହୋଇଅଛି ଦେଶ ଦେଶ ଭିତରେ
ଭାଙ୍ଗିଯାଇଛି ଭାଇଚାରର ମନ୍ତ୍ର
ଉଗ୍ର ଧର୍ମୀୟ ସନ୍ତ୍ରାସବାଦର ଭୟାବହ
ଲିଭିଯାଇଛି ଅହିଂସାର ମନ୍ତ୍ର ।

ହଜିଯାଇଛି ମାନବିକତାର ସ୍ୱର ସବୁଠି
ଭାଙ୍ଗିପଡିଛି ବିଶ୍ୱାସର ରାସ୍ତା
ନିୟମ, କାନୁନ, ବିଧିବିଧାନ ବାଟବଣା
ସବୁ ହୋଇଯାଇଛି ଭାରି ଶସ୍ତା ।

ISSN NO.
2582-208X

ରାଜନୈତିକ ବାତାବରଣ ହୋଇଅଛି
କଳୁଷିତ ଆଉ ନିୟନ୍ତ୍ରଣାହୀନ
ମାନବ ସଭ୍ୟତାର ରହସ୍ୟମୟ ସୃଷ୍ଟିର
ଅପସମୃଦ୍ଧି ସହିତ ରୁଗଣ ।

ସମସ୍ତେ ନିଜକୁ ନିଜେ ଧ୍ୱଂସ କରିବାକୁ
ଗୋଡ଼ରେ କୁରାଢ଼ୀ ମାରୁଛି
ସମ୍ପର୍କର ସୁତାଖିଅ ଆଜି ଛିଡିଯିବାକୁ
କେତେ ବା ଆଉ ଦିନ ଅଛି ।

ସ୍ୱାଧୀନତା ଆଜି ନୀରବ ନିସ୍ତବ୍ଧତାରେ
ନିର୍ବିକାର ଭାବେ ଦଣ୍ଡାୟମାନ
ଭିତରେ ଖାଲି ଗୁମୁରି ଗୁମୁରି କାନ୍ଦୁଛି
ଆଉ ସିଏ ଆଜି ସ୍ପନ୍ଦନହୀନ। ।

ଉପସଭାପତି, ମାଟିଘର ସାହିତ୍ୟ ସଂସଦ
ଗ୍ରାମା, ଜଗତସିଂହପୁର

ପଢନ୍ତୁ ଏବଂ ପଢାନ୍ତୁ ମାସିକ ପାରିବାରିକ ପତ୍ରିକା
"ବେଦାନ୍ତୀ"

ISSN NO.
2582-208X

# ମୋ ଦେଶ



ସ୍ୱର୍ଣ୍ଣମୟୀ ଷଡଙ୍ଗୀ

ଯାହାର ମଥାରେ ଶୋହେ ହିମ ଗିରି
ଯାହାର ପାଦକୁ ପଖାଳେ ସାଗର ଲହରୀ
ଯାର କଟିର ମେଖଳା ବିନ୍ଧ୍ୟାଚଳ ଗିରି
ଯାର ବକ୍ଷରୁ ଝରୁଥାଏ ପୂଣ୍ୟତୋୟା
ଗଙ୍ଗା ଗୋଦାବରୀ
ସବୁଜ ବନାନୀ ଯାର ମଥାର ଓଢଣୀ
ସେହି ମୋ ଦେଶ
ମୋ ପ୍ରିୟ ଭାରତ ବର୍ଷ।

ଯାହାର ସଂସ୍କୃତି ଅନନ୍ୟ
ଏ ସାରା ବିଶ୍ୱରେ
ଅନେକରେ ଏକ ଇତିହାସ
ରଚିଛି ଯେ
ସମୟ ଛାତିରେ
ପରମ୍ପରା ମହାନ୍ ଯାର
ବହୁ ଧର୍ମ ବହୁ ଜ୍ଞାନ ଗାରୀମାରେ
ସେହି ମୋ ଦେଶ
ମୋ ପ୍ରିୟ ଭାରତବର୍ଷ।

ଯାହାର ନଦ ନଦୀ ବହିଯାଏ
ଗାଇ ଗାଇ ପ୍ରୀତି ଆଉ ମୈତ୍ରୀ

ISSN NO.
2582-208X

ଯାହାର ନୀଳ ଗଗନରେ
ଉଡୁଥାଏ ଶାନ୍ତିର କପୋତ
ଯାର ରକ୍ଷାକର୍ତ୍ତା ସ୍ୱୟଂ ଜଗନ୍ନାଥ
ନୀଳାଚଳ ଧାମେ ବିରାଜିତ
ସେହି ମୋ ଦେଶ
ମୋ ପ୍ରିୟ ଭାରତବର୍ଷ।।

ଯାହାର କୋଳରେ ଜନମିଛନ୍ତି
ଶତ ଶତ ବୀର ନରନାରୀ
ଦେଶ ମାତୃକାର ସେବାରେ
ଉତ୍ସର୍ଗୀକୃତ ଜୀବନ ତାଙ୍କରି
ଗାନ୍ଧୀ ଗୋପବନ୍ଧୁ ସୁବାସ ଜବହାର
ଯାହା ପାଦେ ସମର୍ପିଲେ ସ୍ୱାର୍ଥ ଆପଣାର
ସେହି ମୋ ଦେଶ
ମୋ ପ୍ରିୟ ଭାରତ ବର୍ଷ।।

ଯାହାର ନୀତି ପଞ୍ଚଶୀଳ
ଯାହାର ହୃଦୟ ନିର୍ମଳ
ଅପରକୁ ଅମୃତ ବାଣ୍ଟି
ଯିଏ ପିଅଇ ଗରଳ
ଯିଏ ସୁଖ ଦାୟକ
ଶୁଭାଦୟକ
ବର ଦାୟକ
ସେହି ମୋ ଦେଶ
ମୋ ପ୍ରିୟ ଭାରତ ବର୍ଷ।।

ISSN NO.
2582-208X

ଜ୍ଞାନ ବିଜ୍ଞାନରେ ଯିଏ ସଦା ଚର୍ଚ୍ଚିତ
କଳା ଚାତୁର୍ଯ୍ୟରେ ଯାର ପଣତ ଚିତ୍ରିତ
ଗୀତା ଭଗବତ କୋରାନ ବାଇବେଲ୍
ଯାହାର ଧର୍ମକୁ କରେ ରୁଦ୍ଧିମନ୍ତ
ମନ୍ଦାକିନୀ ପବିତ୍ର ଧାରାରେ
ଯାହାର ମାଟି ପବିତ୍ର
ସେହି ମୋ ଦେଶ
ମୋ ପ୍ରିୟ ଭାରତ ବର୍ଷ।।

ଯେଉଁଠି ଗାଏ କୋକିଳ ମଧୁର ସୁରରେ
ଯେଉଁଠି ମଳୟ ବହେ ଧୀରେ ଧୀରେ
ସୂରୁଜ ଯେଉଁଠି ଉଏଁ ସାତ ରଙ୍ଗ
ବର୍ଣ୍ଣାଳୀ ସାଥୀରେ
ଚନ୍ଦ୍ରମା ଯେଉଁଠି ଭିଜାଇଦିଏ ତନୁମନ
ଶୀତଳ ଜ୍ୟୋସ୍ନାରେ
ସେହି ମୋ ଦେଶ ମୋ ପ୍ରିୟ ଭାରତ ବର୍ଷ।।

ଶିକ୍ଷକ, କେନ୍ଦ୍ରାପଡା

ISSN NO.
2582-208X

# ଭକ୍ତ କବି
# ମଧୁସୂଦନ ରାଓ

(୨୯.୦୧.୧୮୫୩ - ୨୮.୧୨.୧୯୧୨)



ବରଦା ପ୍ରସନ୍ନ ଦାସ

ଋଷିସୁଲଭ ଦାର୍ଶନିକ ମନୋବୃତ୍ତି ନେଇ ଓଡିଆ ସାହିତ୍ୟର ଆଧୁନିକ ଯୁଗରେ ମଧୁସୂଦନ ରାଓଙ୍କ ଆବିର୍ଭାବ ଘଟିଥିଲା । ଓଡିଆ ସାହିତ୍ୟର ଅନ୍ତରାତ୍ମାରେ ଭଗବତ୍ ସତ୍ତାର ମହିମା ପ୍ରକାଶ କରି, ସେ ଯେଉଁ ଚିରନ୍ତନ ବାସ୍ତବ ତଥା ମହନୀୟ ଆଲେଖ୍ୟ ରଖିଯାଇଛନ୍ତି ତାହା ଯୁଗ ଯୁଗ ଧରି ତାଙ୍କୁ ଦେବପ୍ରତିମ ଋଷିକବି ଭାବରେ ପୂଜା ଦେଉଥିବ । ଶିବର ସନ୍ଧାନରେ ବ୍ରତୀ ହୋଇ, ଭୂମା ଆଲୋକର ସ୍ପର୍ଶ ପାଇଁ, ସେ ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ଜାଗ୍ରତ କରି ରଖିଥିଲେ । ତାଙ୍କର ପ୍ରତ୍ୟେକଟି ସାହିତ୍ୟ କୃତି ସେହି ଅତିନ୍ଦ୍ରିୟ ଶକ୍ତିର ପରିକଳ୍ପନା, ଅନୁଭବର ଆକର୍ଷଣ, ଅନନ୍ତ ପରମେଶ୍ୱରଙ୍କ ସହିତ ନିବିଡ ସଂଯୋଗ ସ୍ଥାପନ, ଅମୃତର ସନ୍ଧାନ ଓ ଭୂମାର ଉପଲବ୍ଧି ଉପରେ ହିଁ ପର୍ଯ୍ୟବେସିତ । ମଧୁସୂଦନ ରାଓ ଥିଲେ ଯଥାର୍ଥରେ ଜଣେ ଋଷି । ଋଷି ସୁଲଭ ଅନୁଭୂତିର ଅଭିବ୍ୟକ୍ତି ହିଁ ତାଙ୍କର ସମଗ୍ର ସାହିତ୍ୟର ସତ୍ତା । ସମଗ୍ର ବିଶ୍ୱର ସ୍ରଷ୍ଟା, ସକଳ ଭୂତର ଆଧାର, ସବୁ ଶକ୍ତିର କେନ୍ଦ୍ରସ୍ଥଳ ତଥା ସୂତ୍ରର ସଂଜ୍ଞା ଯାହାଙ୍କଠାରେ ନିହିତ, ସେହି ପରତ୍ପର ପରମେଶ୍ୱରଙ୍କ ସ୍ଥିତି ସାନ୍ନିଧ୍ୟ ହିଁ ଥିଲା ତାଙ୍କର ଜ୍ଞାନ ଓ ଜ୍ଞେୟର ବିଷୟ । ସେ ଏକାଧାରରେ ଥିଲେ ଦାର୍ଶନିକ, ବ୍ରହ୍ମ ଉପାସକ ଗୀତିକବି, ପ୍ରାବନ୍ଧିକ, ଭକ୍ତକବି, ସମାଲୋଚକ, ଶିଶୁ ସାହିତ୍ୟକ ଏବଂ ସମାଜ ସଂସ୍କାରକ । ତାଙ୍କ ରଚିତ ଛାନ୍ଦମାଳା, କବିତାବଳୀ, କୁସୁମାଞ୍ଜଳି, ବସନ୍ତଗାଥା, ଉତ୍କଳଗାଥା ସଂଗୀତମାଳା ଆଦି କବିତା ଗ୍ରନ୍ଥ ଉତ୍ତର ରାମ ଚରିତ ମାନସ ନାଟକ ସାହିତ୍ୟ

ISSN NO.
2582-208X

କୁସୁମ, ସାହିତ୍ୟ ପ୍ରସଙ୍ଗ ପ୍ରବନ୍ଧ ମାଳା ଆଦି ଗଦ୍ୟଗ୍ରନ୍ଥ ଏବଂ ପ୍ରଣୟର ଅଦ୍ଭୁତ ପରିଣାମ ଉପନ୍ୟାସ ଓଡିଆ ସାହିତ୍ୟ ଭଣ୍ଡାରର ଗୋଟିଏ ଗୋଟିଏ ରତ୍ନରେଣୁ ।

ଓଡିଶାର ଶିକ୍ଷା ବିଭାଗ ସହ ତାଙ୍କର ଜୀବନବ୍ୟାପି ସମ୍ପର୍କ ଓ ସେ ସମୟରେ ଓଡିଆ ପାଠ୍ୟ ପୁସ୍ତକ ଅଭାବ ଦୂର କରିବା ପାଇଁ ତାଙ୍କର ଐକାନ୍ତିକ ନିଷ୍ଠା ଓ ନିରବଚ୍ଛିନ୍ନ ଫଳ ସ୍ୱରୂପ ସୃଷ୍ଟ "ବର୍ଣ୍ଣବୋଧ" ଏ ଦିଗରେ ଅଦ୍ୱିତୀୟ ତଥା ଅବିସ୍ମରଣୀୟ ପଦକ୍ଷେପ । ସେଇଥିପାଇଁ ଓଡିଆ ଜାତି ତାଙ୍କ ନିକଟରେ ଚିର କୃତଜ୍ଞ । ଭକ୍ତମଧୁ ବିଦ୍ୟାପୀଠ, ଉତ୍କଳ ସାହିତ୍ୟ ସମାଜ ଆଦି ସର୍ବସାଧାରଣ ଅନୁଷ୍ଠାନ ତାଙ୍କର ସାଙ୍ଗଠନିକ ଦକ୍ଷତାର ପରିଚାୟକ । ମଧୁସୂଦନଙ୍କ ସାହିତ୍ୟ ଯୁଗ ଯୁଗ ପାଇଁ ପାଠକ ପ୍ରାଣକୁ ଦିବ୍ୟାଲୋକ ସନ୍ଧାନରେ ସନ୍ଧାନୀ କରିବା ସଙ୍ଗେ ସଙ୍ଗେ ଋଷୀ କବିଙ୍କ ପାଇଁ ପାଠକ ପ୍ରାଣରେ ଶ୍ରଦ୍ଧା ସୁମନ ସାଇତି ରଖିଥିବ । ଏହି ବରେଣ୍ୟ ସାରସ୍ୱତ ସାଧକ ଏ ଜାତିର ଚିରନମସ୍ୟ ।

ମହାନ୍ତ ଲେନ୍, କେଶରପୁର
କଟକ, ମୋ: ୯୮୬୧୧୪୫୬୮୭

ବେଦାନ୍ତୀର ପୁରୁଣା ସଂଖ୍ୟା ଆପଣ www.vedantimagazine.com କୁ ଯାଇ ପଢିପାରିବେ ଏବଂ download ମଧ୍ୟ କରିପାରିବେ

ISSN NO.
2582-208X

# ମେଘ ମଲ୍ଲାର

(ଛନ୍ଦ-କୌଶିକ)



ବିନୋଦିନୀ ଦାଶ

କଳା ମେଘୀ ଶାଢ଼ୀ ପିନ୍ଧି ଛତ୍ରି ସମ
ନଭ ବୁକୁରେ ମେଘମାଳା
ଭାସୁଥାଏ କେତେ ହରଷିତ ପ୍ରାଣେ
ଝରାଇବାକୁ ସୁଧା ଧାରା
ଜାଣି ଆସନ୍ନ
ଖୁସିରେ ଧରଣୀ ଅଧୀର
ଚାହିଁ ରହିଥାଏ ଚାତକୀ ସମ ସେ
ପାଇବାକୁ ସ୍ପର୍ଶ ତାହାର ।

ଘନ କୋଳେ ହସି ଉଠିଲେ ତଡିତ
ତା' ପ୍ରାଣଚମକି ଉଠଇ
ଘଡ଼ଘଡ଼ି ଶବ୍ଦେ ପ୍ରକମ୍ପିତ ହୃଦେ
ସତେ କି ମାଦଳ ବାଜଇ !
ମେଘ ମଲ୍ଲାର
ଶ୍ରବଣରେ ସେ ପୁଲକିତ
ତା'ର ଛମଛମ୍ ଛନ୍ଦରେ ଆନନ୍ଦେ
ନାଚି ଉଠଇ ମନ-ହୃଦ ।

ISSN NO.
2582-208X

ମେଘ ମଲ୍ଲାର ହେଲେ କର୍ଣ୍ଣଗତ
ମୟୂର ପୁଲକେ ନାଚଇ
ଧରଣୀରୁ ମହମହ ବାସ୍ନା ଛୁଟି
ଜନ ମନ ହରି ନିଅଇ
ତା'ର ସେ ସୁରେ
ଥାଏ ସତେ କି ସମ୍ମୋହନ
ନର, ପଶୁପକ୍ଷୀ, କୀଟ, ତରୁଲତା
ପଲ୍ଲବିତ ସଭିଙ୍କପ୍ରାଣ ।

ଋତୁଚକ୍ରେ ମେଘ ଆକାଶେ ବିରାଜି
ଭୂପତିତ ଧରା ବୁକୁରେ
ସେତେବେଳେ ତା'ର ମଧୁର ରାଗିଣୀ
ଆହା ! କି ମଧୁର ସତରେ
ଦୁହିଁଙ୍କ ପ୍ରୀତି
ଅଭେଦ ପରା ଏ ମହୀରେ
ମେଘ ମଲ୍ଲାରରେ ଧରା ବିମୋହିତ
ହସି ନାଚେ ସବୁଜିମାରେ ।

କୁରୁଆଁ, ମୁଗପାଳ, ଯାଜପୁର

ISSN NO.
2582-208X

# ଜଡ ଜୀବ ହେଉ ଧନ୍ୟା



ପୁଷ୍ପାଞ୍ଜଳି ପଣ୍ଡା

ମାଆ ଜଗଦ୍ଧାତ୍ରୀ ଓହ୍ଲାଇ ଆସ ଗୋ
କାଶତଣ୍ଡୀ ରେଣୁ ରାଗେ
ଅତିଷ୍ଠ ପୃଥିବୀ ନିର୍ଯାତିତା ଆଜି
ବୁଡ଼ିଛି ଲହୁର ରଙ୍ଗେ । ।
ଦଶଭୂଜା ଧରି ନାଶକର ମାଆ
ମହିଷା ରୁପକ ଅରି
ପାପ ଧ୍ୱଂସ କରି ସତ୍ୟ ପ୍ରକାଶ ଗୋ
ଶକ୍ତୀମୟୀ ଯାଦୁକାରୀ । ।
ଶେଫାଳୀ ଫୁଲରେ ଶିଶିର ବିନ୍ଦୁରେ
ଶୁଭେ ତବ ଆଗମନୀ
ବର୍ଣ୍ଣ ବିଭାରେ ତୁମରି ଆଭାରେ
ଗାଉଛି ବନ୍ଦନା ବାଣୀ । ।
ଅବତରୀ ଆସି ଛୁଇଁ ଦେଇ ଯାଅ
ହିମାଳୟ ରାଜ କନ୍ୟା
ହସିଉଠୁ ଏଇ ଅଖିଳବିଶ୍ୱ
ଜଡ଼ ଜୀବ ହେଉ ଧନ୍ୟା । ।

ତ୍ରିଶୂଳ ଧାରିଣୀ ମହିଷାମର୍ଦ୍ଦିନୀ
ଜଡ଼ତ୍ୱରେ  ଭର ଚେତନା
ମୃଣ୍ମୟୀ ମୂର୍ତ୍ତି ରେ ପୂଜା ମଣ୍ଡପରେ
କରୁ ତବ ପୂଜା ଅର୍ଚ୍ଚନା । ।

କେନ୍ଦ୍ରାପଡ଼ା

ISSN NO.
2582-208X

# 'ସ୍ଥାବର ଜଂଗମ' ଉପନ୍ୟାସ : ଏକ ସମୀକ୍ଷା



ଡ଼: ହରିହର ପଧାନ

ଓଡ଼ିଆ ଉପନ୍ୟାସ ସାହିତ୍ୟର ପରମ୍ପରାରେ, ଉପନ୍ୟାସ କାର କୈଳାଶ ପଟ୍ଟନାୟକଙ୍କ 'ସ୍ଥାବର ଜଂଗମ' ଉପନ୍ୟାସ ଏକ ଅଭିନବ ସୃଷ୍ଟି। ଅଭିନବ ବିଭିନ୍ନ ଦିଗରୁ ଓ ବିଭିନ୍ନ କାରଣରୁ। ନାୟକ ନାୟିକା ସମ୍ପର୍କରେ କାହାଣୀ କିମ୍ବା ପରବର୍ତ୍ତୀ କାଳର ସାମାଜିକ ସମସ୍ୟା କିମ୍ବା ଆହୁରି ପରବର୍ତ୍ତୀ ଆଧୁନିକ କାଳରେ ପରୀକ୍ଷା ଧର୍ମୀ ଉପନ୍ୟାସ ଗୁଡିକ ଠାରୁ ମଧ୍ୟ ନିଆରା ଅତ୍ୟାଧୁନିକ ଭାବବସ୍ତୁ ସମ୍ପର୍କିତ ଏହି ଉପନ୍ୟାସଟି ମଣିଷ ଚରିତ୍ର ବିହୀନ।

'ସ୍ଥାବର ଜଂଗମ' ଉପନ୍ୟାସ ଟିରେ ମାନବ ବିହୀନ କଥାପଂଜର ବ୍ୟତୀତ, ନିର୍ଦ୍ଦିଷ୍ଟ ଗଳ୍ପ-ହୀନତା ଅନ୍ୟ ଏକ ଲକ୍ଷଣୀୟ ଦିଗନ୍ତ। କାହାଣୀ ଶୁଣେଇବା ଏହି ସାହିତ୍ୟ କୃତିଟିର ଉଦ୍ଦେଶ୍ୟ ନୁହେଁ, ତେଣୁ ବରେଣ୍ୟ ଉପନ୍ୟାସ କାର କାହ୍ନୁ ଚରଣ ମହାନ୍ତି, ନିଜ ଜୀବନ କାଳରେ ଓଡ଼ିଆ ଉପନ୍ୟାସ ମାନେ, 'କଥାଟିଏ କହୁ' ର ଯେଉଁ ବଦ୍ଧମୂଳ ଧାରଣା ରଖି ଥିଲେ, ତାହା ଯେ ସ୍ଥାବର ଜଂଗମରେ ବ୍ୟାହତ ହୋଇପଡିଛି, କହିବା ବାହୁଲ୍ୟ ମାତ୍ର। ସେହି ମର୍ମ ରେ, ପାଠକକୁ ସର୍ବନିମ୍ନ ରୁଚିପୂର୍ଣ୍ଣ କଥାଟିଏ ଶୁଣେଇବା ଅପେକ୍ଷା, ଉପନ୍ୟାସ ମଧ୍ୟ ଯଦି ପ୍ରବଂଧ ଭଳି ଶୁଦ୍ଧ ଚିନ୍ତା ଚେତନାର କଥା କହି ସାଧାରଣ ପାଠକର ମନଃସ୍ଥିତିକୁ ଅଧିକ ଭାରାକ୍ରାନ୍ତ କରେ, ତେବେ ସେହି ଧରଣର ରଚନାକୁ 'ଅଣ-ଉପନ୍ୟାସ' କୁହାଯାଇପାରେ। ମାତ୍ର କଥାକାର ଶ୍ରୀ ପଟ୍ଟନାୟକ ସେହି ଅଭାବନୀୟ ସ୍ଥିତି କୁ ଏଡ଼େଇଯିବାରେ ସମର୍ଥ ହୋଇଛନ୍ତି। 'ସ୍ଥାବର ଜଂଗମ'ରେ ମଣିଷ ଚରିତ୍ର ସମୂହ ବିଚରଣ କରୁନଥିଲେ ମଧ୍ୟ, ମାନବୀୟ ଗୁଣଧର୍ମ ଗୁଡିକର ପ୍ରଦର୍ଶନ ପ୍ରତି ସାମ୍ୟାତ୍ମକ ପଶୁ ପକ୍ଷୀ, ଉଦ୍ଭିଦ ଜଗତ ଓ ପରିଦୃଶ୍ୟମାନ ପ୍ରକୃତି ମାଧ୍ୟମରେ ଉପସ୍ଥାପନ କରାଯାଇଛି। ଏବଂ

ISSN NO.
2582-208X

ମାନବୀୟ ଗୁଣଧର୍ମ ଗୁଡିକୁ ନିରେଖି ଦେଖିବା ମଧ୍ୟ ଏକ ସଶକ୍ତ ମାନବୀୟ ଗୁଣ, ଯାହା ଲେଖାଟିକୁ ଶେଷ ପୃଷ୍ଠା ଯାଏ ପଢ଼ିବା ପାଇଁ ପାଠକକୁ ବାଧ୍ୟ କରି ଥାଏ। ଏବଂ ଏହି ନିର୍ଦ୍ଦିଷ୍ଟ ମାନକ ଟି ହିଁ, ଲେଖାଟିକୁ ଉପନ୍ୟାସର ମର୍ଯ୍ୟାଦା ଆଣି ଦେଇଛି।

'ସ୍ଥାବର ଜଂଗମ, ମାତ୍ର ଅଠସ୍ତରୀ ପୃଷ୍ଠା ର ଏକ ସ୍ଫୀତିକୃତ ଗଳ୍ପ। 'କାଦମ୍ବିନୀ' ପତ୍ରିକା ରେ ଗୋଟିଏ ଲେଖା ହିସାବରେ ପ୍ରଥମ ପ୍ରକାଶ ପାଇଥିଲା ୨୦୦୬ ମସିହାରେ ଓ ପରେ ୨୦୦୭ ମସିହାରେ ବହି ଆକାର ରେ ପ୍ରକାଶ ପାଇଥିଲା ସେହି ପ୍ରକାଶନ ତରଫରୁ। ଆଲୋଚ୍ୟ ଉପନ୍ୟାସଟି ଯେଉଁ ନବୀନ ଭାବଧାରା ଓ ଉନ୍ନତ ଲେଖନଶୈଳୀ ଯୁକ୍ତ, ଏହାର କ୍ରମବଦ୍ଧ- ତାକୁ ଲେଖକ ଆଉ ବର୍ଦ୍ଧିତ ମଧ୍ୟ କରିପାରିଥାନ୍ତେ ଏବଂ ବ୍ୟାପକତର ନୂତନତାର ଧ୍ରୁପଦୀ ମର୍ଯ୍ୟାଦା ମଧ୍ୟ ସୃଷ୍ଟି କରି ପାରିଥାନ୍ତେ। ଯେକୌଣସି କାରଣରୁ ହେଉନା କାହିଁକି, ସେହି ଦୃଷ୍ଟିରୁ ଆଲୋଚ୍ୟ ଉପନ୍ୟାସଟି କ୍ୱଚିତ ସଂକୁଚିତ ମନେହୁଏ। ଗୋଟିଏ ସ୍ୱଷ୍ଟ କାରଣ ତ ଏୟା, ଯେ ଏହି ଅଠସ୍ତରୀ ପୃଷ୍ଠା କଥାକାର ଦଶବର୍ଷର ସମୟାବଧିରେ ଲେଖିଛନ୍ତି ! ସଚେତନ ପାଠକ ଉପନ୍ୟାସ ପୃଷ୍ଠାରୁ ଶୈଳୀଗତ ସମୀକରଣରୁହିଁ ଲେଖକୀୟ ପରିପକ୍ୱତା ର କ୍ରମବର୍ଦ୍ଧମାନତାରୁ ଏକଥା ସ୍ୱଷ୍ଟ ବୁଝିପାରିବେ।

ଏହି ଉପନ୍ୟାସ ରେ ଗୋଟିଏ ଶାଳଗଛ, ଗୋଟିଏ ଶାଗୁଆନ ଗଛ, ଗୋଟିଏ ବୁଢ଼ା ବରଗଛ, ଗୋଟିଏ ଗଂଜା କୁକୁଡ଼ା, କାଉ, ପଳେ ଶାଗୁଣା, ପଳେ ମାଡ଼ଙ୍କ/ମାଙ୍କଡୀ, କୋଚିଲାଖାଇ ଓ କୁମ୍ଭାଟୁଆ ଦୁଇ ଯୋଡା, ଗୋଟିଏ କୋକିଶିଆଳ ଓ ଗୋଟିଏ ନଦୀ ମୁଖ୍ୟ ଭୂମିକାରେ। ଏମାନଙ୍କ ମଧ୍ୟରେ ବିଭିନ୍ନ ଚିତ୍ରକଳ୍ପ ସବୁ ସୃଷ୍ଟି କରାଯାଇଛି ପରୀକ୍ଷା ମୂଳକ ଭାବେ ଲେଖକଙ୍କ ଇଚ୍ଛାକୃତ ଭାବ ସଂଚରଣ ପାଇଁ। ଏବଂ ଏହି ଉଦ୍ଦେଶ୍ୟରେ କଥାକାର ଷୋହଳଅଣା ସଫଳ ମଧ୍ୟ ହୋଇଛନ୍ତି। କ୍ରୌଂଚ ଦମ୍ପତ୍ତିର ମୈଥୁନ ଦୃଶ୍ୟରୁ ବାଲ୍ମୀକିଙ୍କ ରାମାୟଣ ସୃଷ୍ଟି ଭଳି, ବିଶ୍ୱ ଭାରତୀ, ଶାନ୍ତି ନିକେତନରେ କୌଣସି ଏକ ଶୈତ୍ୟ ସକାଳରେ କୌଣସି ଦୁଇଟି ଚଢେଇର ପ୍ରେମମୟ ଦୃଶ୍ୟରୁ 'ସ୍ଥାବର ଜଂଗମ'ର ବୀଜବପନ। କଥାକାର ଏକଥା ନିଜେ ସ୍ୱୀକାର କରିଛନ୍ତି।

ISSN NO.
2582-208X

ଆମେରିକୀୟ ଉପନ୍ୟାସକାର ଷ୍ଟିଫେନ କ୍ରେନ, ୧୮୯୮ ମସିହାରେ ଘୋଷଣା କରିଥିଲେ ଯେ,' xxx environment is a tremendous thing in the world and frequently shapes lives regardless '* କଥାକାର କୈଳାଶ ପଟନାୟକଙ୍କ 'ସ୍ଥାବର ଜଂଗମ' ଉପନ୍ୟାସ ସେହି ଦୃଷ୍ଟିରୁ ଚଳମାନ ମଣିଷ ଅପେକ୍ଷା ଚଳମାନ ପ୍ରକୃତିକୁ ଅଧିକ ପ୍ରାଣବନ୍ତ ଭାବେ ଉପସ୍ଥାପିତ କରିଥାଏ। ଆଲୋଚ୍ୟ ଉପନ୍ୟାସର ଘୂର୍ଣ୍ଣିବଳୟ ମଧ୍ୟରେ ବାହ୍ୟ ପ୍ରସ୍ଥ ପ୍ରକୃତି, ମଧ୍ୟ ପ୍ରସ୍ଥ ପ୍ରକୃତି ଏବଂ ଅନ୍ତଃପ୍ରସ୍ଥ ମଧ୍ୟ ପ୍ରକୃତି, ଏପରିକି ପ୍ରକୃତିର ନିୟାମକ ମଧ୍ୟ ପ୍ରକୃତି। ସେହି ଦୃଷ୍ଟିରୁ ଏହା କାୟ-ମନୋବାକ୍ୟରେ ଏକ ପ୍ରକୃତ ପ୍ରକୃତିବାଦୀ ଉପନ୍ୟାସ। ଏଠିକାର ପ୍ରକୃତି, ଏମିଲ ଜୋଲା କିମ୍ବା ମପାସା ଭଳି ଲେଖକୀୟ ପରିକଳ୍ପନାର ଇନ୍ଦ୍ରିୟ କୈନ୍ଦ୍ରିତ କେବଳ ମାତ୍ର ନଗ୍ନତା ଓ ଯୌନ ସଂପର୍କିତ ନୁହେଁ, ସଂପୂର୍ଣ୍ଣ ଜୀବନବାଦୀ। ଏଠାରେ ପରିବେଷିତ ଜାଂଗଳିକ ପରିବେଶରେ ଯୋଗ୍ୟ ତମର ଉଜ୍ଜୀବନ (Survival of the fittest) ନ୍ୟାୟ ଘୋଷଣା କରାଯାଇଛି। ଏଠି କୋଚିଳାଖାଇର ଅଣ୍ଡା/ଶାବକ ଖାଇବାକୁ ସାପ ଆସେ, ସାପକୁ ଖାଇବାକୁ କୁମ୍ଭାଟୁଆ ଆସେ, କୁମ୍ଭାଟୁଆ/କୁକୁଡ଼ା ପରି ଚଢେଇମାନଙ୍କୁ ଖାଇଯିବାକୁ କୋକିଶିଆଳ ଜଗିରହିଥାଏ, ତାର ମଧ୍ୟ ଭୟ ଥାଏ ତାଠୁ ବଳଶାଳୀ ଜନ୍ତୁ ମାନଙ୍କ ପ୍ରତି। ଏତାଦୃଶ ଦୃଶ୍ୟରୁ ଜୀବ-ଜଗତର ବିବର୍ତନ ତଥା ପ୍ରାକୃତିକ ବିପର୍ଯ୍ୟୟ ଓ ପରିବେଶ ଗତ ଭିନ୍ନତା ମାଧ୍ୟମରେ ବଂଚି ରହିବାର ଆପ୍ରାଣ ଉଦ୍ୟମର ଦୃଶ୍ୟ ସମୂହରେ ମାନବୀୟ ପ୍ରତି ସାମ୍ୟ ଦେଖାଯାଇପାରେ। ଲରେନ୍ସ ବେଲ୍ (Lawrence Bell) ପ୍ରକୃତିକୁ ସାଧାରଣ/ମାନବେତର କହିବାର ଭୁଲ ପାଇଁ ଅଂଗୁଳି ନିର୍ଦ୍ଦେଶ କରି କହନ୍ତି, " xxx non-human environment is present not merely as a framing, but as a presence that begins to suggest that human history implicated in natural history." ** ପ୍ରକୃତିର ଫଟୋଗ୍ରାଫିକ୍ ରୂପ ପରିବର୍ତ୍ତେ ତାର କ୍ରିୟାଶୀଳ ରୂପ ଓ ଅଧି-ନାୟକତ୍ୱ ଏହି ଉପନ୍ୟାସରେ ସ୍ପଷ୍ଟ ରୂପେ ପରିଦୃଶ୍ୟମାନ।

ISSN NO.
2582-208X

କଥା ଭାଗ, ଚରିତ୍ର ସମୂହ ଓ ଭାବଜଗତ ଯାହା ବା ଉଲ୍ଲେଖିତ, ଏଠାରେ ଲେଖକଙ୍କ ଭାଷା ଶୈଳୀ ଅତ୍ୟନ୍ତ ପରିବେଶ ସାପେକ୍ଷ, ଯଥାଯଥ ଓ ଇପ୍ସିତ ଭାବସଂଚରଣରେ ସଫଳ ମଧ୍ୟ। ଶବ୍ଦ ସମୂହରେ ଏକ ଅନ୍ତରୀଣ ସାଠଗୀତିକତା, ଭାବ ବ୍ୟଂଜନାର ସୀମାନ୍ତ ଶକ୍ତି, ପ୍ରତୀକାତ୍ମକତା ତଥା ଅଗ୍ରଣୀ ଭୂମିକା ସୁସ୍ପଷ୍ଟ ଦେଖାଯାଏ। ଏକବିଂଶ ଶତାବ୍ଦୀରେ ଓଡ଼ିଆ ଉପନ୍ୟାସ ସାହିତ୍ୟର ଏହା ଯଥାର୍ଥ ପ୍ରତିନିଧିତ୍ୱ କରିବାରେ ସଫଳ ହେବ ବୋଲି ଆଶା କରାଯାଏ।

-------------000------------

ଅନ୍ତଃଟୀକା:

* Harrison T, 'American Literature, tradition and Innovation ‘, Massachusetts,1969, p-27.

** Waugh Patrica, 'Literary theory and  Criticism’, Oxford, 2006, P,-537.

ବିଭାଗୀୟ ମୁଖ୍ୟ, ଉପାଧ୍ୟୁତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
କୋହ୍ଲଣ ବିଶ୍ୱ ବିଦ୍ୟାଳୟ, ଚାଇବସା, ଝାଡ଼ଖଣ୍ଡ

ISSN NO.
2582-208X

# ଅନନ୍ତ ଅଚ୍ୟୁତ ହରି

(ବ୍ରଗ-ଗ୍ରେଖ୍)



ଡ. ଅର୍ଜୁନ ଚରଣ ବାରିକ୍

ଅନନ୍ତ ଅଚ୍ୟୁତ ହରି କ୍ଷୀରସାଗର ବିହାରୀ
ଅଶରଣ ଶରଣ ମୁକୁନ୍ଦ ମୁରାରୀ,
ଅକ୍ଷର କ୍ଷର ଶ୍ରୀହରି ନୀଳମଣି ମଧୁହାରୀ
ଅଶେଷ ତା ରୂପ ଗୁଣ ବାଙ୍କ ବିହାରୀ
ଅତ୍ରାହୀ ଭଞ୍ଜନ ଦୈତାରୀ, ଅମଳୀନ ଯା ପ୍ରତିଭା କେଜାଣିପାରି ?୧ ।

ଆରତ ନାଶନ ସେହି ଦୟାମୟ ଭାବଗ୍ରାହୀ,
ଆନନ୍ଦ କରେ ବର୍ଦ୍ଧନ ନନ୍ଦତନୟୀ,
ଆରତୀ ଆରତ ହାରୀ ଦୀନବାନ୍ଧବ ମୁରାରୀ
ଆରତ କରେ ହରଣ କଳାକହ୍ନାଇ
ଆନମନା ମନନ ହୋଇ ସ୍ଥିର ମନେ ଭଜ ଯଶୋମତୀ ତନୟୀ ।୨ ।

ଇନ୍ଦିରାଧବ ମାଧବ, ଭକ୍ତ ବାନ୍ଧବ କେଶବ
ଇଶାନ ଜପନ୍ତି ନାମେ କରିଣ ଭାବ,
ଇନ୍ଦ୍ରଧାତା ହର ଯାର ନିତି ବନ୍ଦନ୍ତି ପୟର
ଇକ୍ଷ୍ୱାକୁ ବଂଶ ସମ୍ଭବ, ସେହି ରାଘବ,
ଇରା ଲେଉଟାଇଣ ଭାବ, ସକଳ ଅଭାବ ହରିବେ ରାଧାଧବ ।୩ ।

ISSN NO.
2582-208X

ଉତ୍ପତ୍ତି ସ୍ଥିତି ପ୍ରଳୟ କାରଣ ନନ୍ଦ ତନୟ
ଉତ୍କଳ କଳା କେଶରୀ ଦେବାଧିରାୟ
ଉତ୍ପଳ ନୟନ ଭଜ ଭବତାପ ମାନଗଞ୍ଜ
ଉଦଧିଶୟନ ବସୁଦେବ ତନୟ
ଉଦ୍ୟମେ ସର୍ବ କାର୍ଯ୍ୟେ ଜୟ, ଉଦ୍ୟମ ବଳରେ ଲଭ କରୁଣାମୟ ।୪ ।

ଋଷୀ ମୁନୀଙ୍କର ବନ୍ଦ୍ୟ ଧନ୍ୟ ସେ କଳା ଗୋବିନ୍ଦ
ଋତୁଶ୍ରେଷ୍ଠ କୁସୁମାକର ସେ ମୁକୁନ୍ଦ
ଋକ୍ଷକପିମାନ ଘେନି ତ୍ରେତୟାରେ ରଘୁମଣି
ରୂପରେ ମୋହିଲେ ମୁନୀ ଦେଇ ଆନନ୍ଦ
ରୁକ୍ମିଣୀ ବଲ୍ଲଭ ଗୋବିନ୍ଦ ଦ୍ୱାପରରେ ଗୋପିନାଥ ନାମରେ ବନ୍ଦ୍ୟ ।୫ ।

ରୂପ ସେ ପୁଣି ଅରୂପ କୋଟି ବ୍ରହ୍ମାଣ୍ଡର ଭୂପ
ରୁଦ୍ର  ଇନ୍ଦ୍ର ଚନ୍ଦ୍ର ବନ୍ଦ୍ୟ ସେ ବିଶ୍ୱ ବାପ
ରଚି ସେ ଅରୁଚି ହୀନ ବିଷ୍ଣୁ ପତିତପାବନ
ଋଷ୍ୟ ମୂଖେ ତ୍ରେତାଯୁଗେ ଅଯୋଧ୍ୟା ନୃପ
ଋଷୀମୁନୀ ମାନଙ୍କ ତପ, ଦରଶନ ଦେଇ ହରିଲେ ତାଙ୍କ ପାପ ।୬ ।

ଏହି ତ ବିଶ୍ୱ ନିୟମ ପାଳନେ ସତ୍ୟ ଧରମ
ଏମନ୍ତ ଅଟଇ ଯାହାର ନାମ ପ୍ରେମ
ଏତ ନରର କରମ, ହରି ପାରେ ଅଘତମ
ଏସନ ଅଟଇ ଯାର ନାମ ପରମ
ଏଣୁ ପାବନ ରାମ ନାମ, ଅତ୍ରାହୀ ରଞ୍ଜନ ସେହି ପ୍ରଭୁ ଶ୍ରୀରାମ ।୭ ।

ଐକନ୍ତକ ଯାର ଭକ୍ତି ପ୍ରଦାନଇ ଗତି ମୁକ୍ତି
ଐଶ୍ୱର୍ଯ୍ୟମୟ ଶ୍ରୀପତି ବଧୂ ଯାରତି
ଅସୁଖ ହରି ହରନ୍ତି ଶ୍ବାଶ୍ୱତ ସୁଖ ଦିଅନ୍ତି

ISSN NO.
2582-208X

ଐଶୀ ଶକ୍ତି ପ୍ରଦାନନ୍ତି ହରିଣ ଭୀତି
ଐକାନ୍ତିକ ଯାର ଭକ୍ତି, ଅନନ୍ତ ସୁଖ ଦିଅନ୍ତି ଶ୍ରୀମତୀପତି ।୮।

ଓଲଟା ମରା ଜପିଣ ବିରଚିଲେ ରାମାୟଣ
ଓଁକାର ଭବନେ ରତ୍ନାକର ପ୍ରମାଣ
ଓତଃପ୍ରୋତ ସେ ହୋଇଣ ଜପି ରାମ ନାରାୟଣ
ଉତ୍ତରୋତରେ ବେଦେ ରାମାୟଣ ପୁଣ
ଉତ୍ପନ୍ନ ହେଲା ରାମାୟଣ, କୌଞ୍ଚ ପକ୍ଷୀ ଯୁଗଳଙ୍କ ମହାମିଳନ ।୯।


ଔଦ୍ଧତ୍ୟ ନସହେ କାର ନରହରି ଦାମୋଦର
ଔଦାର୍ଯ୍ୟମୟ ଠାକୁର କମଳା ବର,
ଔଚିତ୍ୟ କର୍ମ ତାହାର ନାହିଁ ଯାର ପଟ୍ଟାନ୍ତର
ଔଷଧମାନ ଚନ୍ଦ୍ରର ଅଟେ ଯାହାର
ଅଉଦ୍ଧତ୍ୟ ଗର୍ବ କାହାର, କଦାପି ସହି ନପାରେ ଭାର୍ଗବୀ ବର ।୧୦।

ବିଭାଗୀୟ ମୁଖ୍ୟ, ଇଂରାଜୀ ଭାଷା ସାହିତ୍ୟ,
ସା:ପୋ-ମହୁ, ଜି-କେନ୍ଦ୍ରାପଡା

ପଢନ୍ତୁ ଏବଂ ପଢାନ୍ତୁ ମାସିକ ପାରିବାରିକ ପତ୍ରିକା
"ବେଦାନ୍ତୀ"

ISSN NO.
2582-208X

# ସ୍ୱାଧୀନତାଃ ଆମକଥା



ଡ. ଜ୍ଞାନେଶ୍ୱର ମିଶ୍ର

ହେ ସ୍ୱାଧୀନତା,
ସମ୍ବିଧାନ ଅଭିଧାନରେ
କେତେଦିନ ବନ୍ଦୀରେ ରହିବ
ଅନାଇ ବସିଛୁ ଆମେ
ନିଜ ରୂପରେ କେବେ ଫେରିଆସିବ ।
ସ୍ୱାଧୀନତାର ଅର୍ଥ ଏଠି
ସବୁ କ୍ଷେତ୍ରେ ଉଚ୍ଛୃଙ୍ଖଳତା
ଲଜ୍ଜ ମାଡେ କହିବାକୁ
ଆମେ ଏକ ସ୍ୱାଧୀନ ରାଷ୍ଟ୍ରର ଜନତା
ହିନ୍ଦୁ, ମୁସଲମାନ ଭାଙ୍ଗୁଛି
କିଏ କାହାର ମସଜିଦ ମନ୍ଦିର
ପାକିସ୍ଥାନ ଭଡାଟିଆ ଅଲାଜୁକ
ଉଗ୍ରପନ୍ଥୀ କହେ କାଶ୍ମୀର ଆମର
ନାକଚେପା ଚୀନ ତୋ ଘରେ
ବଜାର ମେଲି ପଇସା ଲୁଟୁଛି
ଭିତରେ ଭିତରେ ଚେର କାଟିବାକୁ
ଯୁଦ୍ଧର ହୁଂକାର କରୁଛି
ବଜାରରେ ହୁ ହୁ ବଢୁଛି ସବୁ ଜିନିଷର ଦର
ମାଗଣାରେ ଭାତ ଡାଲମା ଖଟିଖିଆଙ୍କୁ କରିଛି ବେକାର

ISSN NO.
2582-208X

ପୋଲିସି ଶାସନ କ ଆଇନକୁ ଭୟ ନାହିଁ ତ କାହାର
ଗୁଣ୍ଡା ଅପରାଧୀକୁ ଧରିବାକୁ ପୋଲିସର ଡର
ପାଠପଢା ସ୍କୁଲ କଲେଜରେ ଗ୍ଳଲିଛି ବେପାର
ଗାଁ କଲେଜରୁ କପି କର୍‌ ଟୋକା ସବୁ ସ୍କୁଲ ମାଷ୍ଟର
ନଜକୁ ପାଠ ଜଣାନାହିଁ କସ ପଢାଇବେ
ଦରମାରେ ପୋଷାହୋଇ ଭ୍ଵୋଟ ବେଳେ କାମରେ ଲ୍‌ଗିବେ
ଡାକ୍ତରଖାନା ପାଲଟିଛି ନରକପୁର
ପଇସା ନଥିଲେ ଚକସ୍ଵା ବିନା ହେବ ମୃତ୍ୟୁର ଶିକାର
ଆଜି ଅଗଷ୍ଟ ପନ୍ଦର ଆସ ଆମେ ଶପଥ କରିବା
ଶାନ୍ତ ମୈତ୍ରୀ, ପ୍ରଗତି ମନ୍ତ୍ରରେ ଦେଶର ମାନ ବଢାଇବା
ଆଏ ବଦଳଲେ ବଦଳବ ଦେଶ
ସାର୍‌ ବିଶ୍ଵ ଗାଇବ ଆମ ଯଶ ପଉରୁଷ ॥

୪୯/୫, କାର୍ଲମାର୍କ୍ସ ସରଣୀ,
ଖିଦିରପୁର, କଲିକତା

ବେଦାନ୍ତୀର ପୁରୁଣା ସଂଖ୍ୟା ଆପଣ www.vedantimagazine.com କୁ ଯାଇ ପଢିପାରିବେ ଏବଂ download ମଧ୍ୟ କରିପାରିବେ

ISSN NO.
2582-208X

# ଅହଂକାର



କୀର୍ତ୍ତି ଦେବୀ

ସର୍ବଦା ବିବାଦକୁ ମୁଣ୍ଡାଇ ଥାଉ ତୁ

ତୋ ଭାବ ଗମ୍ଭୀର ଚେହେରାକୁ

ଦେଖିଲେ ସାଧୁ ବି ମଥା ନତ କରିଦିଏ ।

ତୋ ରୂପ, ରସ, ଗନ୍ଧରେ ଯିଏ ଭାସେ

ତା ପାଇଁ ଗଭୀର ଗାତ ଖୋଳେ ।

ସେଇ ଦିନ ତୋର କାଳ ସରିବ

ଯେଉଁ ଦିନ ଈଶ୍ୱର ତୋ ଗୁମର ଫିଟାଇବେ

ପ୍ରତ୍ୟେକ ମନରୁ ତୁ ଚାଲିଯା ଦୂର ଦିଗନ୍ତକୁ ॥

ସିଭିଲ୍ ଟାଉନସିପ୍, ରାଉରକେଲା
ମୋବାଇଲ -୯୫୮୩୮୩୩୮୨୭

ISSN NO.
2582-208X

# ଲଳିତ ନିବନ୍ଧ– ସିଡି



ବଦ୍ରୀ ମହାନ୍ତ

ଜନ୍ମ ହେବାପରେ କେହି ଜାଣି ନଥାନ୍ତି ନିଜ ଚଲାପଥ। କେଉଁ ଦୁନିଆକୁ ଆପଣାର କରି, କେଉଁ କେଉଁ ସମ୍ପର୍କ ଓ ବ୍ୟବସ୍ଥା ସହିତ ସେ ଜଡ଼ିତ ରହି ଇମାରତ ନିର୍ମାଣ କରିବ ତାହା ସୁଦ୍ଧା ଥାଏ ଜ୍ଞାତ ସାର ବାହାରେ। ମାତ୍ର ଏକଥା ସତ ଯେ, ବିଧାତା ଯେଉଁ ଶକ୍ତି ସାମର୍ଥ୍ୟର ପୁଞ୍ଜି ତା ଭିତରେ ଖଞ୍ଜିଦେଇ ପଠେଇଛନ୍ତି, ତାକୁ ଓଲଟ ପାଲଟ କରି ନିରୀକ୍ଷଣ କରି ଜୀବନକୁ ଅନ୍ତିମ ଇଲାକାରେ ପହଞ୍ଚାଇ ପାରିବ। ଏହା ଏକ ନିର୍ଦ୍ଧାରିତ ସତ୍ୟ। ଜନ୍ମଠୁ ମୃତ୍ୟୁ ପର୍ଯ୍ୟନ୍ତ ତାକୁ ବିଭିନ୍ନ ପର୍ଯ୍ୟାୟକୁ ସାମ୍ନା କରି ନିଜକଥା ସହିତ ତାକୁ ଅନ୍ୟ ପାଇଁ ଅନେକ କାମ କରିବାକୁ ପଡ଼ିବ। କେମିତି ଯାତ୍ରା ଆରଂଭ କରି  ନିଜର ଲକ୍ଷ୍ୟ ସ୍ଥଳରେ ପହଞ୍ଚି ବିଜୟ କେତନ ଉଡ଼ାଇବ, କିପରି ଗୋଟାଏ ପରେ ଗୋଟାଏ ଥାକ ଅତିକ୍ରମ କରି ଛୁଇଁବ ତାର ସ୍ୱପ୍ନର ଇଲାକା, ଏହା ଜଣା ନଥାଏ। ପ୍ରତି କାର୍ଯ୍ୟ ନିମନ୍ତେ ଲୋଡା ଅବଲମ୍ବନ। ଏହା ପଥ ପରିଷ୍କାର କରେ, ସୁଗମ କରେ ଯାତ୍ରା ଏବଂ ସାକାର କରେ ସ୍ୱପ୍ନ।

ଗୋଟାଏ ଥାକରୁ ଆଉ ଏକ ଥାକରେ ପହଞ୍ଚିବା ପାଇଁ ସଫଳତାର କ୍ରମ ବିକାଶ ପାଇଁ ଲୋଡା ପଡ଼ିଥାଏ ସିଡି। ହୋଇପାରେ ଅଦୃଶ୍ୟ ସିଡି ବା ବସ୍ତୁବାଦୀ ସିଡି। ଜୀବନ ଓ ଜୀବିକା ନିମନ୍ତେ ସିଡି ଏକ ସହଯୋଗୀ ବସ୍ତୁ ନୁହେଁ, ଏକ ଅନିର୍ବାଯ୍ୟ ଆବଶ୍ୟକତା। ଦୁନିଆରେ ଏମିତି କୌଣସି ସଫଳ ବ୍ୟକ୍ତି ନାହାନ୍ତି ଯେ କୌଣସି ନା କୌଣସି ସିଡି ଉପଯୋଗ କରି ନାହାନ୍ତି ଜୀବନ ସାରଣୀରେ ! ସିଡିର ସଫଳ ବିନିଯୋଗ ଯେ ସଫଳତାର ଶୀର୍ଷରେ ପହଞ୍ଚାଇବ, ଏହା ଜରୁରୀ ନୁହେଁ। ଭୁଲ ନିଶୁଣୀ ଏବଂ ଭୁଲ ଆରୋହଣ କେବଳ ଅସଫଳତା ଆଣିଦିଏ ନାହିଁ ବରଂ ନିନ୍ଦା ଅପବାଦର ରତ୍ନ ଖଚିତ ମୁକୁଟ ବି ପିନ୍ଧାଇ ଦେଇଥାଏ।

ISSN NO.
2582-208X

ସିଡି ସବୁଠି ସମାନ ଓ ସୁଦୃଢ଼ ନଥାଏ। ଛୋଟ ସିଡି, ମଧ୍ୟମ ସିଡି ଓ ବଡ ସିଡି ଦ୍ୱାରା ଗୋଟାଏ ଥାକରୁ ପରବର୍ତ୍ତୀ ଥାକକୁ ଚଢ଼ିବା ପାଇଁ, ଗୋଟାଏ ପଦବୀରୁ ଆଉ ଏକ ପଦବୀକୁ ଉନ୍ନୀତ ହେଲା ବେଳେ ଭାବି ବିଚାରି ଏକ ନିର୍ଦ୍ଦିଷ୍ଟ ବ୍ୟବଧାନ ପ୍ରତ୍ୟକ୍ଷ କରିବା ଆବଶ୍ୟକ। ନହେଲେ ଅଧା ରାସ୍ତାରୁ ଖସି ପଡ଼ି ଲହୁଲୁହାଣ ହେବାର ସମ୍ଭାବନାକୁ ଏଡାଇ ଦିଆ ଯାଇ ନପାରେ। ଯେତିକି ମଜବୁତ୍ ଓ ସକାରାତ୍ମକ ହେବ ନିଶୁଣୀ ସେତିକି ହାସଲ ହେବ ସଫଳତା। ବାପା ମା ଭାଇଭଉଣୀ ପତି ପତ୍ନୀ ପ୍ରେମିକ ପ୍ରେମିକ ସାଙ୍ଗସାଥି ସମ୍ପର୍କୀୟ ପ୍ରଭାବଶାଳୀ ବ୍ୟକ୍ତି ରାଜନେତା ଉପରିସ୍ଥ ଅଧିକାରୀ ଅଧସ୍ତନ କର୍ମଚାରୀ କେହିବି ନିଶୁଣୀର ଦାୟିତ୍ୱ ତୁଲେଇ ପାରନ୍ତି। ଠିକଣା ବ୍ୟକ୍ତିଟି ଠିକଣା ସ୍ଥାନରେ ସିଡି ହୋଇ ଛିଡା ନହେଲେ ସଫଳତା ତ ଦୂରର କଥା ନିନ୍ଦା ଅପଯଶ ଓ ହାନିର ପଥ ପରିଷ୍କାର ହୋଇଯାଏ।

ଆମ ଜୀବନର ସହଭାଗିତା ଓ ସହଯୋଗିତା ଦୁଇଟି ଅମୂଲ୍ୟ ସମ୍ପଦ। ଏହାକୁ ଯଥାର୍ଥରେ ଯେ ହୃଦୟଙ୍ଗମ କରି ଉପଯୁକ୍ତ ସମୟରେ ଉପଯୋଗ କରିଥାଏ ସେ ହିଁ ଅନୁଭବ କରି ପାରିଥାଏ ଶୀର୍ଷ ଆନନ୍ଦ। ମାତ୍ର ନିଶୁଣୀର ବ୍ୟବହାର ଓ ପରବର୍ତ୍ତୀ ସମୟ ଅନେକ ସମୟରେ ବ୍ୟବସ୍ଥା ପାଇଁ ଅନୁକୂଳ ହୋଇ ନଥାଏ। ସିଡି ଚଢି ଆଗକୁ ଯାଉଥିବା ବ୍ୟକ୍ତିଟି ଅନେକ ସମୟରେ ନିଶୁଣୀର ଠିକଣା ଓ ବ୍ୟବହାର ଅନ୍ୟକୁ ଜଣାଏ ନାହିଁ। ଚଢ଼ିବାର ଅନୁଭବ ଓ ପ୍ରାପ୍ତିକୁ ଗୋପନ ରଖିବା ଶ୍ରେୟ ମଣିଥାଏ। ଚାହେଁ ନାହିଁ ଅନ୍ୟ ଜଣେ ତା' ପରି ସଫଳତାର ସିଂହାସନ ଆରୋହଣ କରୁ ଓ ପ୍ରାଚୁର୍ଯ୍ୟରେ ତାର ସମକକ୍ଷ ହେଉ। ଭୟ ଓ ଆଶଙ୍କା କରୁଥାଏ ଅନ୍ୟ ଜଣେ ତାକୁ ଅତିକ୍ରମ କରି ଯାଉନି ତ ! ତେଣୁ ସେ ବ୍ୟବହାର କରିଥିବା ସିଡିଟିକୁ ବା ଅବଲମ୍ବନଟିକୁ ଅଚିରେ ଧ୍ୱଂସ କରିଦିଏ ଓ ଅଗମ୍ୟ ସ୍ଥାନରେ ଲୁଚାଇ ରଖିଥାଏ। ଧୀରେ ଧୀରେ ଅମୂଲ୍ୟ ମନେକରୁଥିବା ସିଡିଟି ତା ନିମନ୍ତେ ହୋଇଯାଏ ଅଲୋଡ଼ା।

ଦୁର୍ବଳ ନିଶୁଣୀ ଦୁର୍ଘଟଣା ବରଣ କରାଇଥାଏ। ତଳିତଳାନ୍ତ କରିଦିଏ ମଣିଷକୁ। ଆସନ୍ତା କାଲିକୁ ଉଜ୍ଜ୍ୱଳ ବର୍ଣ୍ଣବିଭାରେ ଭୂଷିତ କରିବା ପରିବର୍ତ୍ତେ ସମସ୍ୟା ଓ ବିପଦପୂର୍ଣ୍ଣ ଇଲାକାରେ ଆଣି ଛିଡ଼ା କରାଇଦିଏ। ସେତେବେଳେ ସେ ବୁଝି ପାରେନା କେମିତି କଣ ସବୁ ସଂଗଠିତ ହୋଇ ବିପନ୍ନ ଓ ଅସହାୟତାର ଦ୍ୱାର ଦେଶରେ ଆଣି ତାକୁ ପହଞ୍ଚାଇ ଦେଇଛି। ଉପାୟ ନଥାଏ ଅବକ୍ଷୟରୁ ବାହାରି ଆସି ପୁନଶ୍ଚ ସୌଧଟିଏ ନିର୍ମାଣ କରିବା ପାଇଁ। ସିଡିର ସ୍ୱରୂପ

ISSN NO.
2582-208X

ଓ ତାର ଲୋଡ଼ାପଣକୁ ଠିକ୍ ଭାବରେ ନବୁଝି ନବିଚାରି ଆପଣେଇ ନେଲେ ସୁଦ୍ଧା ହରାଇବାକୁ ପଡେ ବାଞ୍ଛିତ ବସ୍ତୁ। ବାଇ ମହାନ୍ତିଙ୍କ ଦୃଷ୍ଟିରେ, 'ସିଡି ଚୟନ ସବୁଠୁ ମହତ୍ତ୍ୱପୂର୍ଣ୍ଣ ବିଷୟ। ବିଶେଷତଃ ରାଜନେତା ନିଶୁଣୀ ଉପଯୋଗ କଲାବେଳେ ସାବଧାନତା ସହିତ ନିଜର ସଂଚିତ ଓ ବିଭୁଦତ୍ତ ସାଧନ ପ୍ରତି ସଚେତନ ନହେଲେ କେଉଁ ମୁହୂର୍ତ୍ତରେ କେଉଁ ଅବସ୍ଥାରେ ଅନନ୍ତ ଗହ୍ୱର ଭିତରେ ଅଜ୍ଞାତରେ ପ୍ରବେଶ କରିଯିବ ତାର ଇୟତ୍ତା ନାହିଁ। କୂଟନୀତି, ରାଜନୀତି ଓ ଧୂର୍ତ୍ତ ବ୍ୟବସାୟ ମାନଙ୍କ ଚକ୍ର ଭିତରେ ନିଶୁଣୀଟିକୁ ସଂଗ୍ରହ କଲାବେଳେ ସତର୍କ ହୋଇ ଆଗ ପଛ ଉପର ତଳ ସବୁକିଛି ଧର୍ମଧାରଣା ଭିତରକୁ ନଆଣିଲେ ଘଟଣା ବା ପ୍ରାପ୍ତି ବଦଳି ଯିବ ଦୁର୍ଘଟଣାରେ। ମାତ୍ର ଉପରୋକ୍ତ ସିଡି ବିନା ଆମ ବ୍ୟବସ୍ଥା ସହ ବ୍ୟକ୍ତିର ଗତି ଯେ ଶିଥିଳ,ଏ କଥା ଅତ୍ୟନ୍ତ ନମ୍ରତାର ସହ ସ୍ୱୀକାର କରିବାକୁ ପଡ଼ିବ।'

ସଭିଏଁ କୌଣସି ନା କୌଣସି ସିଡି ଚଢ଼ି ନିଜ ଚଲାପଥକୁ ସୁଗମ କରିଥାନ୍ତି ସତ, ମାତ୍ର ସମସ୍ତଙ୍କ ଭାଗ୍ୟରେ ସଶକ୍ତ ମଜଭୁତ ପ୍ରତିଶ୍ରୁତି ସମ୍ପନ୍ନ ସିଡ଼ି ଜୁଟି ନଥାଏ। ତେଣୁ ଜୀବନ ବ୍ୟାପୀର ସାଧନା ଓ ସଂକଳ୍ପ ନିରର୍ଥକ ମନେହୋଇଥାଏ ପରିଣତିରେ। ନିଜର ସମସ୍ତ ଇଚ୍ଛାଶକ୍ତି, ସ୍ୱପ୍ନ, ପ୍ରତିବଦ୍ଧତା ଦିଶୁଥାଏ ଧୂସର। ସିଡି ଯୋଗାଡ ପାଇଁ ଅନେକ ମୂଲ୍ୟ ଦେବାକୁ ହୁଏ ନିଜର ଶକ୍ତି ସାମର୍ଥ୍ୟ ବାହାରେ। ଉପରିସ୍ଥ ଅଧିକାରୀ, ସମାଜର ଠେକାଦାର, ରାଜନେତା, ପୃଷ୍ଠପୋଷକ ଓ ପ୍ରାୟଜୋକ ରୂପକ ଅବଲମ୍ବନ ଯୋଗାଡ ନିମନ୍ତେ ଅନୈତିକ ଦାବି ପୂରଣ କରୁ କରୁ କେହି କେହି ଜୀବନର ଶେଷ ଧାଡ଼ିରେ ଆସି ଛିଡ଼ା ହୋଇ ଯାଆନ୍ତି। ଏକଥା ନୁହେଁ ଯେ, ଏବେ ସୁଦ୍ଧା ସ୍ୱାର୍ଥ ବିହୀନ ସିଡି ବା ଅବଲମ୍ବନ ଆମ ପାଖରେ ନାହିଁ। ବୋଧହୁଏ ସେଥିପାଇଁ ଏ ସନ୍ତୁଳିତ ସମାଜ ଭିତରେ ଆମେ ବଞ୍ଚିଛୁ ଓ ଅନ୍ୟ ପାଇଁ ଉଦାହରଣ ସାଜିଛୁ।

ସଫଳତା ଓ ସ୍ୱପ୍ନ ସାକାର କରିଥିବା କୃତଘ୍ନ ଓ ବେଇମାନମାନେ ଯେଉଁ ମାଟିରେ ପାଦ ରଖି ସିଡି ସାହାଯ୍ୟରେ ଲମ୍ବ ଡିଆଁ ଦେଇଥାନ୍ତି, ସେମାନେ କସ୍ମିନ କାଳେ ଅବଲମ୍ବନକୁ ବା ସହଯୋଗକୁ ମନେ ରଖି ପାରନ୍ତିନାହିଁ। ଶୀର୍ଷ ଛୁଇଁବା ପରେ ମନେକରନ୍ତି ନିଜ ପାଣ୍ଡିତ୍ୟ, ବ୍ୟକ୍ତିତ୍ୱ ଓ ନିଜ ପରିଶ୍ରମ ହିଁ ଥିଲା ଏହାର ଚାବିକାଠି। ସେତେବେଳେ ଶୈଶବରୁ ଏ ଯାବତ୍ ଚଢ଼ିଥିବା ସିଡି ତଥା ଅବଲମ୍ବନ ସବୁ ଗୌଣ ଓ ଆପାଙ୍କ୍ତେୟ ମନେ ହୁଅନ୍ତି।

ISSN NO.
2582-208X

ଭାବନ୍ତି ଏସବୁ ବିଧି ନିର୍ଦ୍ଦେଶ ଓ ଦୈବିକୃତ। ଏପରିକି ପିତାମାତା ଓ ଆତ୍ମୀୟ ସ୍ୱଜନଙ୍କ ନିସର୍ତ୍ତ ତ୍ୟାଗକୁ ସେମାନଙ୍କ ଦାୟିତ୍ୱ ବା କର୍ତ୍ତବ୍ୟ ବୋଲି କହି ଅବଜ୍ଞା କରିଥାନ୍ତି।

ଚଢ଼ିବା ସବୁସମୟରେ କଷ୍ଟସାଧ୍ୟ ଓ ଓହ୍ଲାଇବା ସହଜ ବୋଲି ପ୍ରତୀତ ହେଉଥିବା ସତ୍ୱେ ଥରୁଟିଏ ପ୍ରାଚୁର୍ଯ୍ୟ ଓ ସଫଳତାର ଉପର ଥାକରେ ପହଞ୍ଚି ତଳକୁ ସିଢ଼ି ଜରିଆରେ ଫେରିବା ଏକ ପ୍ରକାର ଅସମ୍ଭବପ୍ରାୟ। କ୍ୱଚିତ ପରିଦୃଷ୍ଟ ହୋଇଥାଏ ପ୍ରତ୍ୟାବର୍ତ୍ତନ। ପତନର ଯାତ୍ରା ନିମନ୍ତେ ଲୋଡ଼ା ହୁଏନା ଅବଲମ୍ବନ ବା ସଶକ୍ତ ସିଢ଼ି। ଏହା ଅଜ୍ଞତା ଓ ଅପରାଧ ଜନିତ କର୍ତ୍ତୃତ୍ୱର ଅବଶ୍ୟମ୍ଭାବୀ ପରିଣତି। ବୃତ୍ତି, ପ୍ରବୃତ୍ତି ଓ କାରଣ ଯଥାଯଥ ନିର୍ଦ୍ଧାରଣ ନକରି କାନ୍ଥ ଉପରେ ସିଡି ପକାଇ ଚଢ଼ିବାକୁ ଉଦ୍ୟମ କଲେ ଅଧା ରାସ୍ତାରୁ ଖସି ପଡ଼ିବାର ସମ୍ଭାବନା ଥାଏ।

ସ୍ୱର୍ଗକୁ ନିଶୁଣୀ ଲଗାଇବାର ସ୍ୱପ୍ନ ଦେଖୁଥିବା ବ୍ୟକ୍ତି ଜଣକ ଅହରହ ବ୍ୟସ୍ତ ଥାଏ ଯୋଗାଡ ଯନ୍ତ୍ରରେ। ନିଜକୁ ତିଳ ତିଳ ଦଗ୍ଧ କରିବା ସହିତ ଆପଣାର ମଣୁଥିବା ସବୁକିଛିର ବିନିମୟରେ ପାଦ ରଖିବା ଇଚ୍ଛା କରୁଥାଏ ଅର୍ଥ, ପ୍ରତିପତ୍ତି ଓ ସମ୍ମାନର ଶୀର୍ଷ ଥାକ। ସାପ-ସିଢ଼ି ଖେଳ ପରି ଲମ୍ବ ଡିଆଁ ଦେବାର କ୍ରମରେ କେତେବେଳେ ସାପ ମୁହଁରେ ପଡ଼ିଯିବ ତାକୁ ଜଣା ନ ଥାଏ। ଜୀବନ ଯେ ସାପ ସିଡିର ଖେଳ, ବିଜୟ ପରାଜୟ ଉଠିବା ଖସିବାର ଏକ ବାସ୍ତବ ଧାରା, ଏ କଥା ମନକୁ ନନେଲେ ଉତଶୃଙ୍ଖଳ ଉତଫେଣିତ ନଇ ସ୍ରୋତରେ ବହିଯିବା କେହି ଅଟକେଇ ପାରିବେ ନାହିଁ। ତେଣୁ ବାଇ ମହାନ୍ତି କହନ୍ତି, "ଆଜିର ଅତ୍ୟାଧୁନିକ ବ୍ୟବସ୍ଥା ଯେଉଁ ଅଦୃଶ୍ୟ ସିଡି ତୁମ ହାତ ପାଆନ୍ତାରେ ଆଣି ପହଞ୍ଚାଇ ଦେଇଛି ତାକୁ ଉପଯୋଗ କରିବା ଆଗରୁ ନିଜ ଜ୍ଞାନ ବୁଦ୍ଧି ବିବେକ ଇଚ୍ଛା ଓ ସଙ୍କଳ୍ପକୁ ଖଟେଇ ଥାକ ପରେ ଥାକ ବୁଝି ବିଚାରି ଆଗପଛ ଦେଖି ଭୟଶୂନ୍ୟ ହୋଇ ଚଢ଼ିଯାଅ, ଦେଖିବ ନିଜ ଅଜାଣତରେ ତୁମେ ଆସି ପହଂଚି ଯାଇଛ ଇନ୍ଦ୍ର ଭୁବନରେ, ଆଉ ସେତେବଳେ ମନେହେବ ସତେ ଯେପରି କେଉଁକାଳୁ ତୁମ ଆଗମନ ଅପେକ୍ଷାରେ ଥିଲା ଇନ୍ଦ୍ରଲୋକ!"

ବି 10/154,କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ, ଭୁବନେଶ୍ୱର-751028
badrimohanty60@gmail.com

ISSN NO.
2582-208X

# ସୁଖପ୍ରାପ୍ତିର ଅଷ୍ଟସୂତ୍ର



ଡଃ ଅଭିମନ୍ୟୁ କାନୁନଗୋ

ବୁଦ୍ଧି ର ହିଁ ସଦୁପଯୋଗ କରିଲେ ସଫଳତା ମିଳିଥାଇ ।
ସରଳ ସ୍ୱଭାବ ସହନଶୀଳତା ଲୋକପ୍ରିୟ କରିଥାଇ ।୧ ।
ନିଜର ବାଣୀ ଉପରେ ନିୟନ୍ତ୍ରଣ ରଖ ଆହେ ସୁଧିଜନ ।
ଏହାଦ୍ୱାରା ମିଳିଥାଇ ସଫଳତା ଆଦର ମାନ ସମ୍ମାନ ।୨ ।
ନିଜପାଖେ ସର୍ବଦା ଜ୍ଞାନ ରଖିଲେ ଜୀବନେ ଖୁସି ମିଳିବ ।
ସଦା ପରାକ୍ରମୀ ସାହସୀ ହୋଇଲେ ଶାନ୍ତି ପ୍ରାପତ ହୋଇବ ।୩ ।
ବ୍ୟକ୍ତିଙ୍କୁ ବୁଝି ବିଚାରି ପରିସ୍ଥିତି ମାନଙ୍କୁ ସାମନା କର ।
ସଭିଙ୍କର ପ୍ରିୟପାତ୍ର ହୋଇ ରହି ସୁଖରେ କରିବ ଘର ।୪ ।
ଦାନ ଦ୍ୱାରା କ୍ଷ୍ୟାତି ଅର୍ଜନ ହୁଅଇ ମାନ ସମ୍ମାନ ମିଳଇ ।
ତେଣୁ ଦାନଶୀଳ ହୋଇ ସୁଜ୍ଞନର ସୁଖରେ କାଳ କାଟଇ ।୫ ।
ଅନ୍ୟକୁ ସାହାଯ୍ୟ କରିବାର ଇଚ୍ଛା ସ୍ୱଭାବ କର ଧାରଣ ।
ଏହାଦ୍ୱାରା ସହଯୋଗ ମିଳିଥାଇ ମିଳଇ ମାନ ସମ୍ମାନ ।୬ ।
ସାହସ ଓ ପରାକ୍ରମ ବେନିଗୁଣ ନିରତେ ଧାରଣ କର ।
ଅସାଧ୍ୟ ସାଧନ ହୋଇବ ନିଶ୍ଚୟ ସୁଖ ମିଳିବ ଅପାର ।୭ ।
ସଠିକ ମାର୍ଗ ଅନୁସରଣ କରି ଜୀବନେ ସାର୍ଥକ ହୁଅ ।
ଉଚିତ ମାର୍ଗରେ ଗମନ କରିଲେ ମିଳେ ସୁଖରାଶିଚୟ ।୮ ।
ସୁଖ ପ୍ରାପତର ଏ ଅଷ୍ଟ ସୋପାନ ବିଦୂରଙ୍କ ବିରଚିତ ।
ଯଥାଯଥ ଯାକୁ ଅନୁସରି ନରେ ସୁଖ ହୁଅ ପରାପତ ।୯ ।

ପ୍ରସାର ଭାରତୀ (ଆକାଶବାଣୀ)

ISSN NO.
2582-208X

# ସୈନିକ ହୃଦୟର କଥା



ଦଣ୍ଡାସି ପ୍ରଧାନ

ଫୁଲ !
ମନ୍ଦିର କୁ ଯିବ,
କି ମଶାଣି କୁ ଯିବ ,
ତାପାଇଁ କିଛି ସ୍ୱତନ୍ତ୍ର ଅର୍ଥ ନାହିଁ।
ତାର ସୃଷ୍ଟି
ନିତିଦିନ ଫୁଟି
ପ୍ରକାଶ ଫେଇ ସୁଗନ୍ଧ ବାଣ୍ଟିବାକୁ ।
ଆଉ ଫୁଲ ଟି
ସର୍ବାଧିକ ସୁଖ ପାଏ;
ତାର ଗଛ ତଳ ମାଟିରେ ମିଶି
ଗଛକୁ ପୁଷ୍ଟିସାର ଯୋଗାଇ ଦେବାରେ ।
ମନ୍ଦିର ର
ମାଧବ ସେବା ହେଉ
କି ମଶାଣି ର
ମୁର୍ଦ୍ଦାର ସେବା
ମାଟି ସେବାର ମହନୀୟତା;
ଫୁଲ ପାଇଁ
ନିଆରା ଅନୁଭବ
ତାର ଭଳି ପେନ୍ଥା ପେନ୍ଥା
ଫୁଲ ସୃଷ୍ଟିବାରେ,
ସବୁଦିନ।

ISSN NO.
2582-208X

ଠିକ ସେହିପରି, ସୈନିକ
ସମ୍ମାନ ଓ ଶୁଭେଚ୍ଛା ସହିତ;

ବୁଝି ନାହିଁତ ପାର୍ଥିବ ପୃଥକ କୁ
ଅବା ଏଠି ଅନନ୍ୟତାର
ବିବିଧ ସ୍ୱାତନ୍ତ୍ର୍ୟକୁ ।
ସେ କେବଳ ବୁଝିଛି, ସ୍ଥାନ-କାଳ -ପାତ୍ର
ସମାନ ଭାବନାରେ -
ସେବା, ତ୍ୟାଗ ଓ ସମର୍ପଣର
ଅମର ସଂଜ୍ଞାକୁ ।
ଆଉ ତା'ର ହୃଦୟର ସନ୍ଦୋଳିତ
ପବିତ୍ର ସନ୍ତୁଷ୍ଟି ସ୍ପନ୍ଦନ
ସ୍ପର୍ଶରେ ଦୈତବାଦର ବିଭିନ୍ନତାକୁ -
ଏକାକାର କରି ।
ଫୁଲର
ଏକନିଷ୍ଠ ପନ୍ଥା ଓ ଶୀର୍ଷ ପରିଣତି
ସୈନିକର ଅହର୍ନିଶ ଅନ୍ୱେଷଣ ;
ସଫଳ ବିଶ୍ୱାସର ଅୟୁତ ମୂହୁର୍ତ୍ତ-
ପ୍ରତିଟି ନିଶ୍ୱାସ ରେ ।

ଅବିଶ୍ରାନ୍ତ ନିଷ୍ଠା--
ସାଧନା, ସିଦ୍ଧି ଓ ସିଦ୍ଧାନ୍ତ ରେ ।।***

ସାହିତ୍ୟ ସମ୍ପାଦକ
ଉପାନ୍ତ ସାହିତ୍ୟ ସଂସ୍କୃତିକ ସେବା ସଂସଦ
ପାଟପୁର, ଗଞ୍ଜାମ
ଭ୍ରାମ୍ୟଭାଷ 8660194967/ Dpradhan@gmail.com

ISSN NO.
2582-208X

# ରାକ୍ଷୀ ଭିଜିଗଲା ଆଖି ଲୁହରେ



ବାସନ୍ତୀ ଲତା ଜେନା

ନୀଳକଣ୍ଠ ପୁର ଗାଁର ମଧୁସୂଦନ ବେହେରାଙ୍କ ଘର । ମଧ୍ୟବିତ୍ତ ପରିବାରରେ ସେ ଖୁବ ଖୁସିରେ ଥାଆନ୍ତି । ତାଙ୍କର ଝିଅ ଝରଣା ଓ ପୁଅ ପ୍ରଶାନ୍ତ । ପିଲା ଦୁଇଟି ଶାନ୍ତ ଶିଷ୍ଟ, ଆଜ୍ଞାଧିକାରୀ । ହସ ଖୁସିର ପରିବାର ତାଙ୍କର । ଝିଅ ଝରଣାକୁ ମାଟ୍ରିକ ପାସ ପରେ ଉଚ୍ଚ ଶିକ୍ଷା ପାଇଁ ଭୁବନେଶ୍ୱରରେ ଛାଡି ଥିଲେ ତାର ମାମୁଁଙ୍କ ଘରେ । ମାମୁଁ ମାଈଁ ଅଜା ଆଈଙ୍କର ଗେହ୍ଲା ଥିଲା ସେ । ମାମୁଁ ଝିଅ ସୁନିତା ଏକା ଶ୍ରେଣୀ ରେ ପଢ଼ନ୍ତି, ଏକା ସାଙ୍ଗରେ କଲେଜ ଯାଆନ୍ତି, ଖାଆନ୍ତି, ଖେଳନ୍ତି ଶୋଅନ୍ତି, ଘର କାମ କରନ୍ତି । କିନ୍ତୁ ବିଧାତା ଏତେ ଖୁସି ସହି ପାରିଲେ ନାହିଁ । ମହାମାରୀ କରୋନା ଅକାଳ ଚଡକ ପକାଇଲା । ମାମୁଁ ଘରେ ଥିବା ସମୟରେ ଝରଣକୁ କରୋନା ହେଲା ୨୦୨୦ ମସିହା ସେପ୍ଟେମ୍ବର ମାସରେ । ଘରେ ରହି ଝରଣା ଚିକିତ୍ସା ହେଉ ଥିଲା । ଦେହ ଅଧିକ ଅସୁସ୍ଥ ହେବାରୁ ତାକୁ ମାମୁଁ ମାଈଁ ସୋମ ହସ୍ପିଟାଲରେ ଭର୍ତ୍ତି କରାଇ ଭଉଣୀ ଭିଣୋଇ ମଧୁସୂଦାନ ଓ ରାଧା ରାଣୀକୁ ଖବର ପଠାଇଲେ । ଝରଣାର ପିତା ମାତା ଖବର ପାଇ ସଙ୍ଗେ ସଙ୍ଗେ ଯାଇ ପହଁଚିଲେ । ସୋମ ହସ୍ପିଟାଲରେ ଝରଣା ଏକ ମାସ ରହି ଚିକିତ୍ସିତ ହେଉ ଥିଲା । କିନ୍ତୁ କାଳ ହେଲା ବିଷମୟ । ଝରଣା ସୁସ୍ଥ ହୋଇ ପାରିଲା ନାହିଁ । ସେ ଚାଲି ଗଲା ପର ପାରିକୁ । ପିତା ମାତା, ଭାଇ, ଆତ୍ମୀୟ ମାନଙ୍କୁ ଲୁହ ସାଗରରେ ଭସାଇ ଦେଇ । ପରିବାରରେ ଖେଳି ଗଲା ଦୁଃଖର ଛାୟା ।

ଆଜି ରାକ୍ଷୀ ପୂର୍ଣ୍ଣିମା । ପ୍ରଶାନ୍ତ ତାର ନାନୀ ଝରଣା କଥା ମନେ ପକାଇ କାନ୍ଦୁଛି । ମା ଖାଇବାକୁ ଯେତେ ଡାକିଲେ ବି ସେ ଖାଉ ନାହିଁ । ଝରଣା ତାର ସାନ ଭାଇକୁ ଯେଉଁ ରାକ୍ଷୀ ପ୍ରତି ବର୍ଷ ପିନ୍ଧାଏ, ସେ ୪/୫ଦିନ ପିନ୍ଧିବା ପରେ ସାଇତି ରଖି ଥାଏ ଗୋଟିଏ ଛୋଟ

ISSN NO.
2582-208X

ବାକ୍ସରେ । ଆଜି ସେଇ ରକ୍ଷୀକୁ ସେ ଖୋଲି ଦେଖୁଛି । ଗତ ବର୍ଷ ରାକ୍ଷୀ ପ୍ରଶାନ୍ତ ମନକୁ ପାଇ ନ ଥିଲା ବୋଲି ସେ ତାର ନାନୀକୁ କେତେ କଥା କହିଥିଲା । ନାନୀ, ତୁ ଏତେ କୃପଣ ? ମୋ ପାଇଁ ଭଲ ରାକ୍ଷୀଟିଏ ଆଣିଲୁ ନାହିଁ । ମୁହଁ ଫୁଲାଇ ଥିଲା । ତାର ନାନୀ କହି ଥିଲା, ଏ ବର୍ଷ ଚଳେଇ ଦେରେ । ଆସନ୍ତା ବର୍ଷକୁ ସୁନ୍ଦର ରାକ୍ଷୀ ତୋ ପାଇଁ ଆଣି ଦେବି । ତୋ ମନ ପସନ୍ଦର । ସତ କହୁଛିରେ । ତା ପରେ ସେ ରାକ୍ଷୀ ପିନ୍ଧି ଥିଲା । ଆଜି ପ୍ରଶାନ୍ତର ତା ନାନୀ କଥା ଭାରି ମନେ ପଡୁଛି । ନିଜ ହାତକୁ ସେ ବାରମ୍ବାର ଦେଖୁଛି । ପୁରୁଣା ରାକ୍ଷୀକୁ ବାକ୍ସରୁ କାଢି ଦେଖୁଛି, କାନ୍ଦୁଛି, ଚୁମା ଦେଉଛି । ତାର ଆଖି ଲୁହରେ ରାକ୍ଷୀ ଗୁଡିକ ଭିଜି ଯାଇଛି । ରାକ୍ଷୀକୁ କେତେ ବେଳେ ଛାତିରେ ଚାପି ଧରୁଛି ତ, କେତେ ବେଳେ ଅପଲକ ନୟନରେ ଅନାଇ ରହୁଛି ।

ମା ରାଧା ରାଣୀ ଡାକି ଆସିଲେ ପୁଅକୁ ଖାଇବାକୁ ଦେବା ପାଇଁ । ଦେଖିଲେ, ପୁଅ ତାର ନାନୀର ରାକ୍ଷୀକୁ ଦେଖି କାନ୍ଦୁଛି । ସେ ପୁଅକୁ କୁଣ୍ଢାଇ ପକାଇ କାନ୍ଦିବାକୁ ଲାଗିଲେ । ବହୁତ ବୁଝାଇଲେ । ନାନୀ ଏବେ ଅଫେରା ବାଟରେ ପଥିକ । ସେ ଭଗବାନଙ୍କ ପାଖକୁ ଚାଲି ଯାଇଛି । ଆଉ କେବେ ଫେରିବନିରେ । ସେ ଆମ ଠାରୁ ବହୁ ଦୁରକୁ ଚାଲି ଯାଇଛି ସତ । ଆମ ହୃଦୟରେ ସେ ସବୁ ଦିନ ପାଇଁ ଜୀବିତ ହୋଇ ରହିବ । ସେ ଯେଉଁଠି ଥିଲେ ବି ତୋତେ ଦେଖୁ ଥିବ । ତୁ ଯଦି କାନ୍ଦିବୁ, ମନ ଦୁଃଖ କରିବୁ, ସେ ବି କାନ୍ଦିବ । ତା ଆତ୍ମା କେବେ ବି ଶାନ୍ତି ପାଇବନି । ମୋ ସୁନା ପୁଅଟା ପରା, ଚାଲ ଗାଧୋଇବୁ । ସୁନିତା ତୋ ପାଖକୁ ଦୁଇଟା ରାକ୍ଷୀ ପଠାଇଛି । ତୁ ପିନ୍ଧିକି ତୋ ନାନୀକୁ ଦେଖାଇ ଦେବୁ । ତୋ ନାନୀ ପାଇଁ ଗୋଟେ ଆଉ ସୁନିତାର ଗୋଟେ । ଚାଲ ବାବା ! ତୁ ଆଜି ରାକ୍ଷୀ ନ ପିନ୍ଧିଲେ ତୋ ନାନୀ ମନ ଦୁଃଖ କରିବ । ତୁ କଣ ଚାହୁଁଛୁ ତୋ ନାନୀ ତୋ ପରି ଆଜିର ଦିନରେ କାନ୍ଦୁ ? ମନ ଦୁଃଖ କରୁ ? ପ୍ରଶାନ୍ତ ମୁଣ୍ଡ ହଲାଇ ନାର ସଂକେତ ଦେଲା ।

ଗାନ୍ଧୀନଗର,
ପୋଷ୍ଟ / ଜିଲ୍ଲା : ନବରଙ୍ଗପୁର

ISSN NO.
2582-208X

# ଭାବ ବିନୋଦିଆ କଳା ଠାକୁର



ଅଳକା ମହାନ୍ତ

ବଡ଼ ଦେଉଳରେ ବଡ଼ ତୁ କାଳିଆ -
ବଡ଼ ତୋର ଚକା ଆଖି,
ଭାଇ ଭଉଣୀ ଙ୍କୁ ସାଥୀରେ ରଖିଛୁ-
ଦେଇ ବଡ ହୃଦୟ ର ସାକ୍ଷୀ।(୧)

ବଡ଼ ଦାଣ୍ଡେ ବଡ ରଥରେ ବସି ତୁ -
କରୁ ଯାତ୍ରା ଭକ୍ତ ପାଇଁ,
ବଡ଼ ଦୟାବାନ ବଡ଼ ଠାକୁର ତୁ -
ତୁହି ତ ଜଗତ ସାଇଁ। (୨)

ମହୋଦଧି କୂଳେ ନୀଳ କନ୍ଦର ରେ -
ମହାପ୍ରଭୁ ବିରାଜିତ,
ପତିତପାବନ ନାମ କୁ ରଖିଲ -
କରି ଉଦ୍ଧାର ପତିତ ।(୩)

ଭକ୍ତ ସାଲବଗ, ଦାସିଆ ବାଉରୀ -
ଅବା ରଘୁ ଅରକ୍ଷିତ,
ଭାବ ବିନୋଦିଆ, ଭାବେ ସେ ବିହ୍ୱଳ -
ନାହିଁ ତାର ଜାତି ପାତ ।(୪)

ତୁହି ଅବିନାଶୀ ତୁହି ସର୍ବ ବ୍ୟାପୀ -
ତୁ ତୁଳନାତୀତ ବିଗ୍ରହ,
ନିରାକାର ତୁହି, ଚତୁର୍ଦ୍ଧା ମୂରତି -
ଭକତ ହୃଦ ଚନ୍ଦନ (୫)

ନଭି ମୁମ୍ବାଇ, ମହାରାଷ୍ଟ୍ର
ମୋ: ୭୩୦୩୨୬୪୩୭୭

ISSN NO.
2582-208X

# କାଳିଆ ସୁନା



ସତ୍ୟନାରାୟଣ ପ୍ରସାଦ ନାୟକ

ଯିବିନି ଯମୁନା କହୁଛିରେ କାହ୍ନା
ଶୁଣିବିନି ଆଉ ଏତେ ଗଞ୍ଜଣା,
ତୋ ବଇଁଶୀ ସୂରେ ଉଛୁଳେ ଯମୁନା
ଦିଅ ନାହିଁ ଆଉ ଏତେ ଯାତନା ।

ଜାଣିଛ କି ତୁମେ ଯାଦୁ ମନ୍ତର
ମନକୁ ମୋହୁଛ ହେ ଦାମୋଦର,
ହସରେ ଚମକେ ରଙ୍ଗ ଅଧର
ଘନଶ୍ୟାମ କାନ୍ତି ଦିଶେ ସୁନ୍ଦର ।

ସ୍ୱର୍ଗୀୟ ସୁଷମା ହୋଇଛି କି ଜମା
ଦିବ୍ୟ ଝଲକର ନାହିଁ ତୁଳନା,
ଆଖି ପଲକରେ ହୃଦୟ ଭିତରେ
ଗୁଞ୍ଜରିତ ହୁଏ ତୁମ ମହିମା ।

କଳା କଳେବର ଧରି ନଟବର
କାହିଁକି ବାଛିଲ ନୀଳ କନ୍ଦର,
ଭାଇ ଭଉଣୀଙ୍କୁ ପାଖରେ ବସେଇ
ଲୀଳା କରୁଅଛ ପରମେଶ୍ୱର ।

ନଦେଲେ ନ ଦିଅ ଧନ ସମ୍ପତ୍ତି
ମନ ମୋହୁଥାଅ ଜଗତ ପତି,
ହୃଦୟ କନ୍ଦରେ ତୁମକୁ ସୁମରି
ଭବ ସାଗରରୁ ପାଏ ମୁକତି ।

ରଥ ରୋଡ, ଭୁବନେଶ୍ୱର -2
Mob-94377640 14

ISSN NO.
2582-208X

# ଢେଙ୍କିଶାଳରୁ ଢେଙ୍କାନାଳ ପର୍ଯ୍ୟନ୍ତ



ଅନଲ୍ ସର

ଢେଙ୍କିଶାଳର ଢକ ଢକ ଶବ୍ଦ
ଗଲାଣି ତ ତୁନି ହୋଇ,
ନବ ବଧୂ ପାଣି କାଚ ରୁଣୁ ଝୁଣୁ
ଅଗଣାରେ ଶୁଭୁ ନାହିଁ ।
କିଚିରି ମିଚିର ଘର ଚଟିଆ ତ
ଚାଳରେ ନାହାନ୍ତି ଆଉ,
କୁଣିଆଁ ଆସୁନି ସକାଳୁ ସକାଳୁ
ରାବି ରାବି ଗଲା କାଉ ।
ପାହାନ୍ତା ପହରୁ ଗୋବର ପାଣିରେ
ଆଉ କି ପଡୁଛି ଛିଟା,
ରାତି ନ ପାହୁଣୁ ମା' ବସଉନି
ଉଷୁନା ପଲମ ପିଠା ।
ଖଇ ମୁଢି ଭଜା ବାସନା ଆସୁନି
ପଡିଶା ଗୁଡ଼ିଆ ଘରୁ,
ନିଦ ଭାଙ୍ଗୁନାହିଁ କୁକୁଟ ର ଡାକ
ଶୁଭୁନି ଗାଁ ମୁଣ୍ଡରୁ ।
ଶୁଭ ମାନାସି କି ସଞ୍ଜ ସଳିତା
ଆଉକି ଜାଳୁଛି ବଧୂ,

ଗୀତା ଭାଗବତ ଘର କୋଣେ ଏବେ
ଗଲାଣି ଲାଗି ଅଳନ୍ଧୁ ।
ଚକି ଚଲାଉନି ଘରର ଘରଣୀ
ଶୁଭୁନାହିଁ ଘର ଘର,
ଖୁଆ ଦଣ୍ଡ ଆଉ ଚାଲୁନି ହାଣ୍ଡିରେ
ନାହିଁ ସେ ଲବଣୀ ସର ।
ମଗୁଶୁର କ୍ଷେତ ଖଳାକୁ ଆସୁନି
ବେଙ୍ଗଳା ବୁଲୁନି କାହିଁ,
ବାଡ଼ି ବଗିଚାରେ ଲଙ୍କା କସିଟାଏ
କାହା ଘରେ ଦେଖା ନାହିଁ ।
କୁଆଁର ପୁନେଇଁ, ରଜ ଦୋଳି ଖେଳ
କୁଆଁରୀ କନିଆଁ ମେଳ,
କୁଆଡେ ଗଲାସେ ଖିଲି ଖିଲି ହସ
ମନ ଦିଆ ନିଆ ବେଳ ।
ମଣିଷ ଭିତରେ ଯନ୍ତ୍ର ମଣିଷ
କିଏ ସେ ଦେଲାରେ ଖଞ୍ଜି ,
ସବୁ ଅଛି ହେଲେ ସବୁ ତ ଯାଇଛି
ଏ ମନ ରୁ ଖାଲି ହଜି ।

ଗ୍ରାମ–ଗ୍ରସୋଳ, ଜିଲ୍ଲା– ଢେଙ୍କାନାଳ

ISSN NO.
2582-208X

# ଯୋଗ



ଅଧ୍ୟାପକ ଅବିନାଶ ବାରିକ୍

ଯୋଗ ବଳେ ରୋଗ ହୁଅଇ ଖଣ୍ଡନ ଆୟୁ ହୁଅଇ ବର୍ଦ୍ଧନ ।
ଯୋଗ ବଳେ ମନ ହୁଅଇ ପ୍ରସନ୍ନ ଯୋଗ ଆଧ୍ୟାତ୍ମିକ ଜ୍ଞାନ ।୧।
ସୁସ୍ଥ ଦେହ ମନ ରହିବ ପ୍ରମାଣ ଯୋଗୀ ଭବ ସୁଜ୍ଞ ଜନ ।
ଅଷ୍ଟାଙ୍ଗ ଯୋଗରେ ମଜ୍ଜ ହେ ସାଧବ ମୂଳ ଯାହାର ଆସନ ।୨।
ଧ୍ୟାନ ପ୍ରାଣାୟାମ ଆସନ ନିୟମ ଯମାଦି କରେ ପାଳନ ।
ଯୋଗୀ ଭବ ନର ଅଷ୍ଟାଙ୍ଗ ଯୋଗର ଜଗତ ହୀତ କାରଣ ।୩।
ଚଞ୍ଚଳ ମନକୁ ସ୍ଥିର କରେ ଯୋଗ ଯୋଗେ ସୁସ୍ଥ ଅପଘନ ।
ଷଡ ଚକ୍ର ଭେଦି ସାଧ ପବନକୁ ସହସ୍ରାରୁ ରସ ପାନ ।୪।
ଆତ୍ମା ପରମାତ୍ମା ବେନଙ୍କ ମିଳନ ଅଟଇ ଯୋଗ ସାଧନ ।
ଯୋଗ ହୀତକର ଆତ୍ମା ଓ ମନର ଜାଣ ଅପୂର୍ବ ମିଳନ ।୫।
ପୁରକ କୁମ୍ଭ କରରେ ଚକ ପଟକ ଯୋଗର ଚ୍ଚରି ଚରଣ ।
ଯୋଗେ ହୁଅ ସିଦ୍ଧ ଲଭିବ ଆନନ୍ଦ ମନ୍ଦକରି ସମୀରଣ ।୬।
ଯାଉଅଛି ବାର ଆସୁଅଛି ବାର ଶରକୁ ଜଗ ସୁଜନ ।
ବାର୍‌ଙ୍ଗୁଳ ବାୟୁ କବଳ କରିଲେ ମିଳବ ଦିୟ ଜୀବନ ।୭।
ଆକାର ଉକାର ମକରକୁ ଘେନ ପ୍ରାଣବିନ୍ଦୁ କରେ ଧ୍ୟାନ ।
ପ୍ରଣବ ଓକାର ଉଚ୍ଚାରିଣ ନର ବସ ପଙ୍କଜ ଆସନ ।୮।
ପ୍ରାଣାୟାମ ପର୍‌ୟଣ ଭବଜନ ମିଳବ ସୁଖ ମହାନ ।
କୁଣ୍ଡଳନୀ ଶକ୍ତ ହୋଇବ ଜାଗ୍ରତ କରିବସ ସ୍ଥିର୍‌ମନ ।୯।
ସମକାୟ ଗ୍ରୀବା ଶିରକୁ ରଖିଣ ତ୍ରିକୁଟେ କର ଧିଆନ ।
ପବନ ନିରୋଧି ଷଡଚକ୍ରେ ଭେଦି ସହସ୍ରାରେ ରଖ ପ୍ରାଣ ।୧୦।

ISSN NO.
2582-208X

ଝରୁଛି ଅମୃତ ସହସ୍ରାରୁ ନିତ୍ୟ ଚିତ୍ତ ରୋଧିକର ପାନ ।
ଶରୀର ହୋଇବ ବାୟୁ ରେ ଆପ୍ଲୁତ ଲାଗିବ ଯେସନେ ଶୂନ୍ୟ ।୧୧।
ଶୂନ୍ୟେ ଏ ଶରୀର ଉଠିବ ସତ୍ୱର ବାର ଆଙ୍ଗୁଳ ପ୍ରମାଣ ।
ଶୂନ୍ୟରେ ଭାଷିବ ଶୂନ୍ୟରେ ମିଶିବ ଶାଶ୍ୱତ ଆନନ୍ଦେ ମନ ।୧୨।
ବ୍ରହ୍ମରନ୍ଧ୍ରେ ନେଇ ଚିତ୍ତ କର ସ୍ଥିର ବ୍ରହ୍ମେ ହୋଇଯିବ ଲୀନ ।
କ୍ଷୁଧା ତୃଷା ନ ଘାରିବ ପୁଣ ଦେହ ନହୋଇବ ଅବସନ୍ନ ।୧୩।
ଚମତ୍କାର ଏ ଅପୂର୍ବ ଭାବ ଗୋଟି ପ୍ରାପ୍ତ ହୋଇଯିବ ପୁଣି ।
ଚିତ୍ତ ବୃତ୍ତି ନିରୋଧନ କରିଦେଲେ ନରହିବ ବାହ୍ୟ ଜ୍ଞାନ ।୧୪।
ନିଶ୍ଚଳ ସମାଧି ହରେ ଦୁଃଖ ବ୍ୟାଧି ଜାଣେ ଅନୁଭବି ଜନ ।
ଚିରାନନ୍ଦ ଲଭ ହେ ସୁଧି ସାଧିବ ସାର୍ଥକ ହେବ ଜୀବନ ।୧୫।

ମଧୁ, ଆଳ, କେନ୍ଦ୍ରାପଡ଼ା
ମୋ- ୭୦୦୮୪୩୬୮୩୪

ISSN NO.
2582-208X

# ବହୁତ କିଛି ବଦଳି ଯାଇଛି



ବିନୟ ମହାପାତ୍ର

ଆମର ବୟସ ସାଥିରେ ଏଇଠି ବହୁତ କିଛି ବଦଳି ଯାଇଛି । ସମୟ ବଦଳି ଗଲା, ଲୋକେ ବଦଳି ଗଲେ ଆଖ ପାଖର ଦୃଶ୍ୟ ବି ବଦଳି ଗଲା । ଆମ ସହର ଏବେ ଆଉ ଏନ.ଏ.ସି ହୋଇ ନାହିଁ, ସେଇଟା ଏବେ ମ୍ୟୁନିସି ହୋଇ ଗଲାଣି । ଗଳିର ରାସ୍ତାଟି ମରାମତି ପରେ ଆଉ ଉବଡ ଖାବଡ ଖଣ୍ଡିଆ ରାସ୍ତା ହୋଇ ନାହିଁ । ସହରର ପ୍ରାୟ ସବୁ ରାସ୍ତା ଏବେ ସିମେଣ୍ଟେଡ, ଆଉ ମେନ ରୋଡ ସବୁ ଚିକ୍କଣ ପିଚୁ ସଡକ ହୋଇ ଯାଇଛି । ରାସ୍ତା କଡ ନାଳରେ ଆଉ ପଚା ପାଣି ଜମି ରହୁନି କି ଦୁର୍ଗନ୍ଧ ହେଉନି । ହେଲେ ସେ ସାଇ ମୁଣ୍ଡର ସେଇ କେତେ ଯୁଗର ଯେଉଁ ପୁରୁଣା ବରଗଛଟା ଥିଲା, ସେଇଟା ଏବେ ଆଉ ନାହିଁ, ଗତ ବାତ୍ୟାରେ ଉପୁଡି ଯାଇ ଥିଲା । ମନେ ଥିବ, ତା ପାଖରେ ରଘୁଆର ଯେଉଁ ଚା ଦୋକାନଟା ଥିଲା, ତାର ବରା ଆଉ ପିଆଜି ତୁମର ଭାରି ପସନ୍ଦ ଥିଲା, ସେଇଟି ବି ଏବେ ଆଉ ନାହିଁ । ତୁମର ମନେ ପଡୁଛି ? ବଜାରରୁ ଫେରିଲା ସମୟରେ ତାରି ଦୋକାନରୁ ଆମେ ବରା ଆଉ ପିଆଜି ନେଇକି ଆସୁ ଥିଲେ । ବଜାରର କେତେ ବଡ ବଡ ରେଷ୍ଟୁରାଣ୍ଟ ଥିଲା, ସବୁଠି ସଂଧ୍ୟା ସମୟରେ ବରା ଆଳୁଚପ୍ ପିଆଜି ଛଣା ହେଉଥିଲା, କିନ୍ତୁ ସେ ସବୁ ଅପକ୍ଷା ରଘୁଆର ବରା ତୁମର ବହୁତ ପସନ୍ଦ ଥିଲା !

ରଘୁଆର ସେଇ ଚା ଦୋକାନଟା ଏବେ ବଦଳି ଯାଇଛି । ସେଇଠି ଆଉ ସକାଳ ସନ୍ଧ୍ୟାରେ ବରା ପିଆଜି ଛଣା ହେବାର ବାସ୍ନା ଆସୁନି, କି ରଘୁ ତାର କୋଚଟ ଆଣ୍ଠୁ ଲୁଚା ଧୋତି ପିନ୍ଧି, ଫୁଙ୍ଗୁଲା ଦେହରେ ଥନ୍ତଲ ପେଟକୁ ଦେଖେଇ ଗରମ ତେଳ କଡେଇରେ ବରା ଛାଣିବାର ଦିଶୁନି । ସେ ଆଉ ନାହିଁ, ବର୍ଷେ ହେଲା ମରି ଗଲାଣି । ସେ ମଲା ପରେ ତା ପିଲା ମାନେ ସେଇଠି ଗୋଟାଏ ରେଷ୍ଟୁରାଣ୍ଟ ଖୋଲିଛନ୍ତି । ବହୁତ ଭଲ କୋଠା ଘରଟିଏ

ISSN NO.
2582-208X

କରିଛନ୍ତି । ଆଗରେ କାଚର କବାଟ, ଭିତରେ ଏ.ସି, ତାଆରି ଭିତରେ ନୂଆ ଫର୍ଣ୍ଣିଚର, ଖୁବ୍ ସୁନ୍ଦର ସାଜ ସଜ୍ଜା ହୋଇଛି ଭିତରଟା । ସେଠାରେ ଆଉ ଟଙ୍କାରେ ଦୁଇଟା ବରା କିମ୍ବା ଆଠଣାର ଚା କପେ ମିଳୁନି । ସେ ଦୋକାନର ନାଆଁ ଏବେ ରଘୁଆ ଚା ଦୋକାନ ନୁହେଁ ସେଇଟା ଏବେ 'ରଘୁନାଥ ଏ.ସି ଫାମିଲି ରେଷ୍ଟୁରାଣ୍ଟ' ହୋଇ ଯାଇଛି । ସେଇଠି ମହଙ୍ଗା ବ୍ରେକଫାଷ୍ଟ, ଲଞ୍ଚ, ଡିନର ମିଳୁଛି । ସଂଧ୍ୟା ପରେ ପରେ ବହୁତ ଗାଡି ମଟର ଜମା ହୋଇ ଯାଏ ତା ଆଗରେ, ରାସ୍ତା ଜାମ ହୋଇ ଯାଉଛି । ବଡ ବଡ ପଇସାବାଲା, ବଡ ଅଫିସର, ବଡବଡିଆ ଯେତେକ ଆସୁଛନ୍ତି ଖାଇବା ପାଇଁ । ତା ଭିତରେ କୁଆଡେ ପିଆ ପିଇ କରିବାର ସୁବିଧା ବି ଅଛି ।

ସଂଧ୍ୟା ପରେ ସେଇଠି ଆଉ ଗପର ଆସର ଜମୁନି । ତୁମର ମନେ ଥିବ, ସଂଧ୍ୟା ହୋଇ ଗଲା ପରେ ରଘୁଆ ଚା ଦୋକାନରେ ଆମ ସାଇର ଆଉ ଆଖ ପାଖ ଇଲାକାର ଯେତେକ ବୁଢା ବୁଢା ରିଟାୟର୍ଡ ଲୋକ ହେଉ କି ଟୋକା ଟୋକଳିଆ ବାବୁମାନେ, ସବୁ ପ୍ରକାରର ଲୋକ ଜମା ହୋଇ ଯାଉଥିଲେ । ଚା କପେ କପେ ହାତରେ ଧରି କେତେ ଗପୁ ଥିଲେ ତାରି ଦୋକାନର ବେଞ୍ଚରେ ବସି । ସାଇ ପଡିଶା କଥା ଠାରୁ ଆରମ୍ଭ କରି ଆମେରିକାର ରାଷ୍ଟ୍ରପତି ନିର୍ବାଚନରେ କିଏ ଜିତିବ କିଏ ହାରିବ ତାର ପୂର୍ବାନୁମାନ ହେଉ, କି ଗାଆଁ ଗଣ୍ଡାରେ କଣ ହେଉଛି, ସହରରେ କଣ ହେଉଛି ସେ କଥା ହେଉ, ଅବା ସିନେମା ହିରୋ ହିରୋଇନଙ୍କ ଆଲୋଚନା କିବା ବଜାରଦର କାହାର ଦାମ ବଢିଲା କାହାର କମ୍ ହେଲା, କୋଉ ଆଫିସର ଲାଞ୍ଚ ନେଉଥିବା ବେଳେ ଧରା ପଡିଲା ଅବା କୋଉ ମନ୍ତ୍ରୀ କେଉଁ ଦୁର୍ନୀତି କଲା କଥା ଅବା ଆଜି କାଲିର ଆଧୁନକ ଝିଅ ବୋହୁ ହେଉ କି କଲେଜ ପଢୁଆ ପୁଅଙ୍କ ଫେସନ, ଲମ୍ବା ବାଳ, ଲମ୍ବା କଲି ଅବା ବେଲ ବଟମ ପେଣ୍ଟ କଥା, ସବୁରି ଚର୍ଚ୍ଚା ଏଇଠି ଏଇ ରଘୁ ଚା ଦେକାନର ବେଞ୍ଚରେ ବସି ହୁଏ । ହସର ଫୁଆରା ଛୁଟେ ଏଠି, କେବେ ଦୁଃଖରେ ଆହା ଅବା ଚୁ ଚୁ କାର ବି ଶୁଭାଯାଏ । ଏମିତି କେବେ କଥା କଟା କଟି ରାଗ ରୁଷା ଯେ ହୁଏନି ସେ କଥା ନୁହେଁ, ସବୁ ହୁଏ ଏଠି, ହେଲେ, ତା ପର ଦିନ ସଂଧ୍ୟାରେ ସମସ୍ତେ ଯେତେ ବେଳେ ସମସ୍ତେ ଏକାଠି ହୁଅନ୍ତି କାହାର କିଛି ମନେ ନଥାଏ, କାଲି ସଂଧ୍ୟାରେ କୋଉ କଥାକୁ ନେଇ କଣ ଲଫଡା ହୋଇ ଥିଲା । ସମସ୍ତେ ସମସ୍ତଙ୍କ ଦେହପା' ଭଲମନ୍ଦ ଖବର ପଚାରୁ ଥିଲେ । ସମସ୍ତେ ଯେମିତି ଆପଣାର ଥିଲେ, ଗୋଟିଏ ପରିବାରର ଥିଲେ । ସେଇଠି ପହଞ୍ଚି ଲାଗୁଥିଲା ସତେ ଯେମିତି, ଜୀବନର ସବୁ ଆନନ୍ଦ ଏଇ ବନ୍ଧୁ ମାନଙ୍କ ଗହଳରେ ହିଁ ମିଳୁ ଥିଲା । ପୁରୁଣା ଦିନ ମାନଙ୍କର କେତେ ଖଟା ମିଠା ଅନୁଭୂତି

ISSN NO.
2582-208X

ସେଇଠି କହି ଶୁଣି ମନ ହାଲୁକା ହୋଇ ଯାଉ ଥିଲା । କ୍ଲବ ତ ନଥିଲା ଆଖ ପାଖରେ, କିନ୍ତୁ ରଘୁଆର ଚା ଦୋକାନରେ ଏଇ ଖଟି, କେଉଁ ଗୁଣରେ, କୋଉ କ୍ଲବ ଠାରୁ କିଛେ କମ୍ ବି ନଥିଲା ।

ରାସ୍ତା କଡର ନୁଆଣିଆ ଚାଳିଆ ଟିଏ, ଆଗ ପଟକୁ ରଘୁର ଚୁଲି, ଚୁଲି ନୁହେଁ ତ ସେଇଟା ଗୋଟାଏ ଭାଟି । ଗୋଟେ ପଟ ଚୁଲିରେ ଚାହା ଫୁଟୁ ଥାଏ ତ ଆରଟିରେ ରଘୁଆର ବଡ ତେଲ କଡେଇଟା ବସି ଥାଏ । ପଛ ପଟକୁ ବଖରାଏ ଘର, ସେଇଟା ତାର ଷ୍ଟୋର । ସାମ୍ନାରେ ପୁରୁଣା କାଠ ସେଲ୍ଫଟିଏ, ସେଇ ସେଲ୍ଫଟା ତା ଜେଜେ ଅମଳର ସେଲ୍ଫ, ତାର ସାମ୍ନା ପଟରେ କାଚର କବାଟ ଲାଗି ଥିଲା । ସେଇ ସେଲ୍ଫ ଭିତରେ ଲଡୁ, ପେଡା, ରସଗୋଲା ଗୋଲାପ ଜାମୁନ ସବୁ ଗ୍ରାହକ ମାନଙ୍କୁ ଆକର୍ଷିତ କରିବାକୁ ନିଜର ସ୍ୱାଦିଷ୍ଟ ରୂପ ଦେଖେଇ ଉଙ୍କି ମାରୁ ଥିଲେ । ଛଅ ସାତଟା କାଠର ପୁରୁଣା ବେଞ୍ଚ । ବସିବାକୁ ଜାଗା ନ ମିଳିଲେ ଠିଆ ଠିଆରେ ବି ଲୋକେ ବରା ଖାଉ ଥିଲେ, ଚା ପିଉଥିଲେ, ଚା ପିଉ ପିଉ ସାଙ୍ଗ ମାନଙ୍କ ସହ ଗପୁ ଥିଲେ । ଟେବୁଲ ନଥିଲା ତା ଦୋକାନରେ । ଟେବୁଲର କଣ ଦରକାର ଥିଲା ? ସିଏ ବରା ଶାଳ ପତରରେ ତିଆରି ଠୋଲାରେ ପରଶି ଦିଏ । ସକାଳ ଜଳଖିଆ ସାଙ୍ଗରେ ଘୁଗୁନି ଦିଏ, କିନ୍ତୁ ସଂଧ୍ୟାରେ ଘୁଘୁନି ମିଳେନା । ଖାଲି ବରା ଆଉ ଛଣା ହୋଇ ଥିବା କଞ୍ଚା ଲଙ୍କା । କିଏ ଯଦି ମାଗେ କଟା ପିଆଜ ଖଣ୍ଡେ ଦେଇ ଦିଏ ନ ହେଲେ ନାହିଁ । ଆଜି କାଲିକା ପରି ଫାଷ୍ଟଫୁଡ୍ କି, ଚିକେନ ରୋଲ ହେଉ ଅବା ପାଓଭାଜି, ମୋମୋସ ପରି ଖାଦ୍ୟ ସେତେ ବେଳ ସମୟରେ ତ ନଥିଲା । ଅତି ବେଶିରେ କଟକି ଚାଟବାଲାଟିଏ ରେଡି ଲଗଉ ଥିଲା ରଘୁଆ ଦୋକାନ ପାଖରୁ ଟିକିଏ ଦୂରରେ, ତା ପାଖରେ ଗୁପ ଚୁପ୍ ବାଲା ଠିଆ ହେଉ ଥିଲା ।

ରଘୁଆର ଚା ଦୋକାନ ଖାଲି ବେପାର ପାଇଁ ନଥିଲା, ଖରା ଦିନେ ଜଳଛତ୍ର ବନି ଯାଉ ଥିଲା ସେଇଟା ତୃଷାର୍ତ୍ତ ପଥଚାରୀ ମାନଙ୍କ ପାଇଁ । ପାଣି ଗ୍ଲାସେ ମାଗିଲେ କେବେ ମନା କରେନି ରଘୁ, ବରଂ କହେ ଜଳଦାନ ମହାପୂଣ୍ୟ । ଯଦିଓ ଜଳ ପାଇଁ ସେ ଅଧ ମାଇଲ ଦୂରରେ ଥିବା କୂଅ ଉପରେ ନିର୍ଭର କରୁଥିଲା, ସେଥି ପାଇଁ ଲୋକଟିଏ ରଖି ଥିଲା । ଯଦି କିଏ ପଚାରେ ଏଇ ପାଖରେ ବି ତ କୂଅ ଅଛି, ଏତେ ଦୂରରୁ କାହିଁକି ପାଣି ବୋହୁଛ? ତା ହିସାବରେ ପାଖରେ ଥିବା କୂଅର ପାଣି ଲୁଣିଆ ଲାଗେ, ପିଇବାକୁ ଭଲ ଲାଗେନା । ଦୁଇ ପଇସା ବଞ୍ଚେଇବ ବୋଲି ଲୋକଙ୍କୁ କଣ ଲୁଣିପାଣି ପିଇବାକୁ ଦେବି ? ପ୍ରଚଣ୍ଡ

ISSN NO.
2582-208X

ଗ୍ରୀଷ୍ମଋତୁରେ ତାର ଚା ଦୋକାନଟି ପଥିକ ମାନଙ୍କର ଆଶ୍ରୟସ୍ଥଳ ହୋଇ ଯାଉଥିଲା, ଶୋଷିଲା ପାଇଁ ଶୀତଳ ଜଳ ବି ମିଳି ଯାଉଥିଲା, ତାପାଖରେ ବିନା ପାଉଣାରେ । ଥକାହରା ପଥିକ ଦି' ଘଡି ସୁସ୍ତେଇ ପଡୁଥିଲା ତାରି ବେଞ୍ଚ ଉପରେ । ବର୍ଷା ଦିନେ ଏଇ ଗୋଟିକ ଆଶ୍ରୟସ୍ଥଳ ଥିଲା ଆଖ ପାଖରେ ବର୍ଷା ପବନରୁ ରକ୍ଷା ପାଇବାକୁ ।

କିନ୍ତୁ ଆଜି ସେ ସବୁ ଦୃଶ୍ୟ ବଦଳି ଯାଇଛି, ଉଜ୍ଜ୍ୱଳ ଆଲୋକରେ ଚମକୁ ଥିବା ବଡ ବଡ ଗ୍ଲୋସାଇନ ବୋର୍ଡ ଆଢୁଆଳରେ ମୁହଁ ଲୁଚାଇ ନେଇଛି ରଘୁଆର ଚା ଦୋକାନ । ସଂଧ୍ୟାର ସେଇ ଚାହା ଖଟିର ଆସରରେ, ଚାହାର ଗ୍ଲାସ ନାହିଁ, ଗରମ ଗରମ ବରାର ମହକ ନାହିଁ। ବନ୍ଧୁ ମାନଙ୍କର ଗହଳ ଚହଳ ନାହିଁ । ଏବେ ସଂଜ ନଇଁଗଲା ପରେ ବନ୍ଦ କବାଟ ପଛରେ, ବିଦେଶୀ ସୁରାର ବୋତଲ ଖୋଲିବାର ଶବ୍ଦ ସହିତ ବେସୁରା ପିଆଲାର ଛନକ ଶୁଭିଯାଏ । ଆସର ତ ସେଠି ବି ଜମୁଛି, ହେଲେ ସେ ଆସରରେ ଆତ୍ମୀୟତା ନାହିଁ, ସ୍ନେହ ସୌହାର୍ଦ୍ଦ୍ୟ ନାହିଁ, ଅଛି କେବଳ ବ୍ୟବସାୟିକତା, ଲାଭ କ୍ଷତିର ହିସାବ । କାହାର କେତେ ଅଛି ଦେଖେଇ ହେବାର ପ୍ରବୃତ୍ତି । ଏଇ ଅସରରେ ଦେବା ଠାରୁ ନେବାର ଆଶକ୍ତି ଅଧିକ, ଲୋଭ ପ୍ରଲୋଭନର ଖେଳ ଚାଲେ ତା' ଭିତରେ । ମନ ଖୋଲା ହସ ନାହିଁ, ସବୁ କିଛି ମାପ ଚୁପରେ ହୁଏ, କଥା ବି ହସ ବି । ଏଠି କିଏ ନିଟ୍ ପିଏ ତ କିଏ ସୋଡା ମିଶାଇ ପିଏ । କିନ୍ତୁ ମତଲବ, ନିଶା ହେବା ନୁହେଁ, ଅସଲ ଉଦ୍ଦେଶ୍ୟ ସମ୍ନା ବାଲାକୁ ଜତେଇ ଦେବାକୁ କି ମୁଁ କେତେ ପାଣିରେ ଅଛି, ମୁଁ କେତେ ପାରିବାର । ଚିକେନ ପକୋଡା କି ମଟନ ବିରିଆନୀର ମହକରେ ଗରମ ବରାର ମହକ ସତେ ମୁହଁ ଲୁଚେଇ ଚାଲି ଯାଇଛି, ଯେମିତି ଗାଆଁର ଅଭିଆଡି କୁଆରୀ କନିଆଁର ସାଧା ସିଧା ରୂପର ସୌମ୍ୟତା, ଆଡମ୍ବର ପୂର୍ଣ୍ଣ ଆଧୁନୀକା ମଡେଲର ରଙ୍ଗ ମଖା ବନାବଟି ମୁହଁ ଆଗରେ ଲାଜେଇ ଯାଇଛି । ଆଜି ମନ ଖୋଜୁଛି ସେଇ ହଜିଲା ଦିନ ମାନଙ୍କୁ, ସାଙ୍ଗ ସାଥୀ ମାନଙ୍କର ସେଇ ଖଟିର ମେଳକୁ । ସାଙ୍ଗ ହୋଇ ବସିବାର ଲାଳସା । ଦି'ପଦ ମନ ଖୋଲି କଥା ହେବାର ଲୋଭ, ଟିକିଏ ବେପରୁଆ ହସ ! ଯେଉଁଠି ଦେବା ନେବାର ହିସାବ ନଥିବ, ଖାଲି ଥିବ ହୃଦୟ ଖୋଲି ପ୍ରେମ ବାଣ୍ଟିବାର ଲୋଭ । ହେଲେ ବହୁତ କିଛି ବଦଳି ଯାଇଛି ସମୟ ସାଥିରେ ।

ତୁମର ମନେ ଅଛି, ଯେତେ ବେଳେ ଆମର ବଜାର ହେଉ କି ସିନେମା ଯିବାର ପ୍ରୋଗ୍ରାମ ହୁଏ, ଦିନୁଆ ରିକ୍ସାବାଲାକୁ ସେଇ ଛକରୁ ଡାକି ଆଣେ, ଭାରି ଭଲ ପିଲାଟାଏ । ପିଲା ମାନଙ୍କୁ ବି ତ ସିଏ ସ୍କୁଲ ନବା ଆଣିବା କରୁ ଥିଲା । ବଡ ବିଶ୍ୱାସୀ ପିଲାଟା ଥିଲା । ସିନେମା ଗଲେ ସେ ନେଇକି ହଲରେ ଛାଡି ଦେଉ ଥିଲା, ସିନେମା ସରିଲା ପରେ ସେଇଠି

ISSN NO.
2582-208X

ଅପକ୍ଷା କରିଥାଏ, ଆମକୁ ଘରେ ଛାଡିବା ପାଇଁ । ସଂଧ୍ୟା ବେଳେ ବଡ ବଜାର ଛକରେ କେତେ ଭିଡ ହୁଏ ଏଇ ରିକ୍ସାବାଲାଙ୍କ ପାଇଁ, ଆଜି କାଲି ବଜାରରେ ରିକ୍ସା ଦେଖିବାକୁ ମିଳୁନି । ଏବେ ସବୁ ଅଟୋରିକ୍ସା ହୋଇ ଗଲାଣି, ଦିନୁଆ ବି ଅଟୋଟିଏ କିଣିଛି । ତାକୁ ଡାକିବାକୁ ହେଲେ ଆଉ ଖୋଜିବାକୁ ପଡୁନି । ତା ପାଖରେ ମୋବାଇଲ ଫୋନଟିଏ ଅଛି । ନମ୍ବର ଦେଇଛି ମୋତେ । କେବେ ହସପିଟାଲ ଯିବାକୁ ହେଲେ ତାକୁ ଫୋନ କରି ଦିଏ । ଆଜି କାଲି ବାହାରକୁ ଆଉ ବେଶି ଯିବା ଆସିବା କରୁନି, ବୁଢା ହୋଇ ଗଲିଣିନା । ପୁରୁଣା ବାଜାଜ ସ୍କୁଟରଟା ଏବେ ବି ଅଛି, କେବେ କେମିତି ବାହାରକୁ ଗଲେ ବାହାର କରୁଛି । ରାଜୁ କହୁଥିଲା, ବାପା ସେଇଟାକୁ ବିକି ଦେବା, ସେଥିରେ ଆଉ କିଛି ଟଙ୍କା ମିଶେଇ ସ୍କୁଟି କିଣି ଦେବା । କହିଲା ଏ ପୁରୁଣା ଟୁ-ଷ୍ଟ୍ରୋକ ଇଂଜିନ୍ ବେଶି ତେଲ ପିଉଛି । ସ୍କୁଟି ଅଧିକ ମାଇଲେଜ ଦେବ । ବଜାରରେ ଆଉ ବାଜାଜ ସ୍କୁଟର ଦେଖିବାକୁ ମିଳୁନି । ହେଲେ ମୁଁ ମନା କରି ଦେଲି । ତୁମର ମନେ ଥିବ କି ନାହିଁ, ଏଇ ସ୍କୁଟର ପାଇଁ ଆମେ ବୁକିଙ୍ଗ କରି ଦୁଇ ବର୍ଷ ଅପେକ୍ଷା କରି ଥିଲେ । ତୁମେ ଘର ଖର୍ଚ୍ଚରୁ କାଟି କାଟି ସବୁ ମାସରେ କିଛି କିଛି ସେଭିଙ୍ଗ କରିଥିଲ ସ୍କୁଟର ପାଇଁ । ଶେଷରେ ଯେବେ ସ୍କୁଟର ମିଳିବ ବୋଲି ଚିଠି ଆସିଲା, ସେଦିନ ସଂଧ୍ୟାରେ, ସେଇ ଦିନୁଆ ରିକ୍ସାରେ ବସି ଆମେ ଦେବୀ ମନ୍ଦିର ଯାଇ ଥିଲେ । ତୁମେ କେଡେ ଗର୍ବରେ ଦିନୁଆକୁ କହିଥିଲ, ହେଇରେ ଦିନୁଆ, ଏବେ ଆମକୁ ଆଉ ତୋର ରିକ୍ସା ଦରକାର ପଡିବନି । ବାବୁଙ୍କର ସ୍କୁଟର ଆସି ଯିବ ଆର ସପ୍ତାହରେ । ଦିନୁଆ ମନ ଦୁଃଖ କରି ଥିଲା, କହିଲା ଭଲ ହେଲା ମାଆ, ହେଲେ ଏ ଦିନୁଆକୁ ଭୁଲି ଯିବନି । ଯେବେ ଦରକାର ପଡିବ ଡାକିବ, ମୁଁ ଆସିବି ।

ହେଲେ, ଦିନୁଆ ସବୁ ବେଳେ ଦରକାରରେ ଆସୁ ଥିଲା, ପିଲାଙ୍କ କାମରେ । ଝିଅର ହାଇସ୍କୁଲ ସରିବା ଯାଏ ଦିନୁଆ ନବା ଆଣିବା କରୁଥିଲା ତାକୁ । ହଁ ସ୍କୁଟର କଥା କହୁଥିଲି ନା । ତୁମର ମନେ ଥିବ ଯେଉଁ ଦିନ ସ୍କୁଟର ଆସିଲା କେତେ ଖୁସି ହୋଇ ଥିଲେ ଆମେ ସମସ୍ତେ । ଦେବୀ ମନ୍ଦିର ନେଇ ପୂଜା କରି ଥିଲେ, ମାଳ ପିନ୍ଧେଇ, ସିନ୍ଦୁର ଲଗେଇ ନାଲି କନା ଖଣ୍ଡେ ତା ବେକରେ ଗୁଡେଇ ନୁଆ ବୋହୂ ପରି ସଜେଇ ହୋଇ ଥିଲା ସ୍କୁଟରଟା । ତୁମେ ବି ତ କମ୍ ଫୁଲେଇ ହୋଇ ନଥିଲ ସେଦିନ, ଭଲ ଶାଢୀ ଖଣ୍ଡେ ପିନ୍ଧି ନୁଆବୋହୂ ପରି ସଜେଇ ହୋଇ ଥିଲ । ସାଇ ପଡିଶାଙ୍କୁ ଡାକି ହାକି ସମସ୍ତଙ୍କୁ ସ୍କୁଟର ଦେଖେଇ ଥିଲ ଲଡୁ ଖୋଇବା ବାହାନାରେ । ସ୍କୁଟରରେ ଆମେ ଚାରି ଜଣ, ଝିଅ ଆଗରେ ଠିଆ ହେଲା, ତୁମେ ପଛରେ ବସିଲ, ମଝିରେ ପୁଅ ଆଉ ମୁଁ ଡ୍ରାଇଭର ସିଟରେ । ସାଇ ପଡିଶା ବନ୍ଧୁ

ISSN NO.
2582-208X

ବାନ୍ଧବ ମାନଙ୍କ ଭିତରେ ଆମର ଇଜ୍ଜତ ବଢି ଯାଇ ଥିଲା ସେ ସ୍କୁଟରଟା ପାଇଁ । ସେତେ ବେଳେ କେତେ ଜଣଙ୍କ ପାଖରେ ସ୍କୁଟର ଥିଲା ଯେ ? କିନ୍ତୁ ଏବେ ତ ସମସ୍ତଙ୍କ ପାଖରେ ମୋଟର ସାଇକେଲ ହୋଇ ଗଲାଣି । କେତେ ଜଣ କାର ବି କିଣି ସାରିଲଣି । କେତେ ସ୍ମୃତି ଯୋଡି ହୋଇ ରହିଛି ସେଇ ସ୍କୁଟର ସାଥିରେ । ଭଲରେ ମନ୍ଦରେ ସବୁ ବେଳେ କାମରେ ଆସିଛି । କୁଆଡେ ବୁଲି ଯିବାକୁ ହେଲେ ସ୍କୁଟର, ରାତି ଅଧରେ ଦେହପା ଖରାପ ହେଲେ ହସପିଟାଲ ଯିବା ପାଇଁ ସେଇ ସ୍କୁଟର । ରାଜୁ ବି ତ ସ୍କୁଟର ଚଲେଇବା ଏଇ ସ୍କୁଟରରେ ଶିଖିଚି । ଏବେ ରାଜୁ କାର କିଣିଲା ପରେ ସ୍କୁଟରଟା ତାକୁ ପୁରୁଣା କାଳିଆ ଲାଗୁଛି । ନହେଲେ ଏଇ ସ୍କୁଟରରେ ସାଙ୍ଗ ସାଥୀଙ୍କ ସାଙ୍ଗରେ କେତେ ବୁଲିଛି ସିଏ, କେବେ କେବେ ଦେଖେଇ ହେବାକୁ କଲେଜ ବି ନେଇକି ଯାଉ ଥିଲା ।

ଆଜି କାଲି ସ୍କୁଟର ନେଇ ରାସ୍ତାରେ ଯିବାକୁ ଡର ଲାଗୁଛି, ଛୋଟ ଛୋଟ ପିଲାଙ୍କ ହାତରେ ମୋଟର ସାଇକେଲ ସ୍କୁଟି ଦେଇ ଦେଉ ଛନ୍ତି ମାଆ ବାପା ମାନେ । ଆଖି ବୁଜି ସାପ ପରି ବୁଲେଇ ବଙ୍କେଇ ଏମିତି ଜୋରରେ ଚଳଉଛନ୍ତି ଯେ ଆଖି ବୁଜି ହୋଇ ଯିବ । ସତେ ଯେମିତି ମୋଟର ସାଇକେଲ ରେସ ହେଉଛି, ଅବା ପଛରେ କେଉଁଠି ବୋମା ପଡିଛି । ଆମ ପିଲା ବେଳର କଥା ମନେ ପଡୁଚି, ସାମାନ୍ୟ ସାଇକେଲ ଦେବା ଆଗରୁ ବାପା, ମାଆ କେତେ ଉପଦେଶ ଶୁଣେଇ ଯାଉ ଥିଲେ, ଧୀରେ ଚଲେଇବୁ, ବାଆଁ ଡାହାଣ ଦେଖିକି ବୁଲାଣି ବୁଲିବୁ, ଘଣ୍ଟି କେତେ ବେଳେ କେଉଁଠି ବଜେଇବୁ, ବ୍ରେକ୍ କେମିତି ମାରିବୁ, ଇତ୍ୟାଦି ଇତ୍ୟାଦି । ହେଲେ ଆଜି ପିଲାଙ୍କୁ କିଏ କହୁଛି ସେ କଥା, କିଏ ଦେଖୁଛି, ସେମାନେ ମୋଟର ସାଇକେଲ ନେଇ କୁଆଡେ ଯାଉଛନ୍ତି, କେମିତି ଚଲଉଛନ୍ତି । ଏସବୁ ଜାଣିବାକୁ ଦେଖିବାକୁ ମାଆ ବାପାଙ୍କ ପାଖରେ ସମୟ କେତେ ବେଳେ ? ପିଲାଙ୍କୁ ଏସବୁ ଦେବା ପଛରେ ମାଆ ବାପାଙ୍କର ସ୍ନେହ ଶ୍ରଦ୍ଧା କଥା ତ ବୁଝି ହୁଏ, କିନ୍ତୁ ଯାହା ବୁଝି ହୁଏନା ସେଇଟା ହେଉଛି ସମାଜରେ ଦେଖେଇ ହେବାର ପ୍ରବୃତ୍ତି । ମୋର ଏତେ ପଇସା ଅଛି ବା ମୁଁ ମୋ ପିଲାଙ୍କ ପାଇଁ ଏତେ ବଡ ଗାଡି କିଣି ଦେଇଛି । କିନ୍ତୁ ସେମାନଙ୍କର ଏଇ ଦେଖେଇ ହେବାର ପ୍ରବୃତ୍ତି ସେମାନଙ୍କ ଅଜାଣତରେ ନିଜର ପିଲାମାନଙ୍କୁ ଯେ ମୃତ୍ୟୁ ମୁହଁକୁ ଟାଣି ନେଉଛି ଅବା ରାସ୍ତାରେ କେଉଁ ନୀରିହ ମଣିଷର ମୃତ୍ୟୁର କାରଣ ହୋଇ ଯାଉଛି, ସେ କଥାକୁ କେହି ଧ୍ୟାନ ଦିଅନ୍ତି ନାହିଁ ।

ପଟିଆ, ଭୁବନେଶ୍ୱର

ISSN NO.
2582-208X

# ବର୍ଷା ଭିଜା ବାସ୍ନା



ମୋନାଲିସା ପଣ୍ଡା

ବର୍ଷା ଭିଜା ଧରା ମାଟିର ବାସନା
ତା'କୁ ଦେଖି ମନ ହୁଏ ଆନମନା
ରହିଯାରେ ମନ ହୁଅନା ଅଥୟ
ଥୟଧର ଏହା ପ୍ରକୃତିର ଖେଳ।।

ଚହଲ ଯାଏ ଯେ ହୃଦୟ ଭାବନା
ପୁଲକତ ହୁଏ ହଜାରେ କାମନା
ଶିହରଣ ଖେଳେ ମନ ପ୍ରାଣେ ସିନା
ବିଚଳତ କରେ ସାଗରେ ଜୋଛନା।।

ଆତ୍ମହରା ହୁଏ ପ୍ରବାସୀର ମନ
ପ୍ରିୟା ବିଚ୍ଛେଦରେ କରେ କେତେ ଗାନ
ନାୟିକା କାନ୍ଦୁଛି ଘୋର ପ୍ରମାଦରେ
ଦୂରତ୍ୱର ଦୁଃଖ କରେ ଆଲିଙ୍ଗନ।।

ମାଟିର ସୁଗନ୍ଧ ପ୍ରଲୋଭିତ ବାସ୍ନା
ପୂର୍ଣ୍ଣ କରେ କୋଟି ତୃଷାତୁର ତୃଷ୍ଣା
ପ୍ରଥମ ବରଷା ମାଟିର ବାସନା
ଉଙ୍କିମାରେ କୋଟି ପ୍ରାଣରେ କଳ୍ପନା।।

ISSN NO.
2582-208X

ଛିଡାହୋଇ ଦଣ୍ଡେ କରନ୍ତୁ ଆଘ୍ରାଣ
ଶାନ୍ତ ହୋଇଯା'ନ୍ତା ସବୁ ଉନ୍ମାଦନା
ଭୁଲି ହୋଇଯା'ନ୍ତା ନଜର ସନ୍ଧାନ
ସ୍ତବ୍ଧ ହୋଇଯାଉ ହିତାହିତ ଜ୍ଞାନ।।

ରହିଯାରେ ମନ ହୁଅନା ଚଞ୍ଚଳ
ଏହା ନୁହେଁ ତୋ'ର ଭବ୍ୟ ଲକ୍ଷ୍ୟସ୍ଥଳ
କ୍ଷଣିକର ଶାନ୍ତ ଆକାଶ କୁସୁମ
ବାସ୍ନା ଗ୍ଢଲିଗଲେ ଲଭିବୁ ଅକ୍ଷମ।।

ଫେରି ଆସିବୁ ତୁ ବାସ୍ତବ ଜୀବନ
ଛାଇ ଆଲୁଅର ଏଇ ତ ସଂଗ୍ରାମ
ପଶ୍ଚାତାପ ହେବ ଭ୍ରବି ସେହି କ୍ଷଣ
ଦେଖି ହସୁଥିବୁ ଅତୀତ ଦର୍ପଣ।।

କୋମନା, ଜିଲ୍ଲା- ନୂଆପଡା
୯୭୭୭୭୬୮୧୩୯

ISSN NO.
2582-208X

# କୃପାକର ହେ ରାଘବ



ବିଜୟ କୁମାର ସାହୁ

କୃପାକର ହେ ରାଘବ
ଯମ ଯନ୍ତ୍ରଣାରୁ ଉଦ୍ଧାର କର
ହେ ରାଘବ !
ଜଗି ବସି କାଳ ଜୀବନ ଦୁଆରେ
ନେବାକୁ ବସିଛି ପ୍ରାଣ  ହେ ରାଘବ !
କୃପାକର ......
ଜୀବନରେ ନେଇ ନାହିଁ ତୁମ ନାମ
ଆଜି ମୁଁ ପାଉଛି ଦୁଃଖ ହେ ରାଘବ
ଇନ୍ଦ୍ରିୟ ଲାଳସା ପଛେ ପଛେ ମୁହିଁ
ଧାଉଁଥିଲି ଅବିରତ ହେ ରାଘବ
କୃପାକର ହେ ..............
ଦିନେ ହେଲେ ତୁମ ଶ୍ରୀଚରଣେ ରାମ
ପଶିନାହିଁ ମୁଁ ଶରଣ ହେ ରାଘବ
ମୋ ନୟନ ପିତୁଳା ଦେଖିନାହିଁ ଦିନେ
ତୁମ ଶ୍ରୀମୁଖ ଚନ୍ଦନ ହେ ରାଘବ
କୃପାକର ହେ .......
ମୋ କର ଯୁଗଳ ଯୋଡିନାହିଁ କେବେ
ତୁମ ପଦ୍ମପାଦେ ହେ  ରାଘବ
କର୍ଣ୍ଣ ଦିନେ ମୋର  ଶୁଣିନାହିଁ ତୁମ

ISSN NO.
2582-208X

ପରମ ପାବନ ଗୁଣ ହେ ରାଘବ
କୃପାକର ହେ ..................
ମୋ ରସନା କେବେ ସ୍ୱାଦ ଚାଖିନାହିଁ
ତୁମ ନାମ ପ୍ରେମରସ ହେ ରାଘବ
ମୋ ପାଦ ଯୁଗଳ ଯାଇନାହିଁ କେବେ
ତୁମରି ଅବଧପୁର ହେ ରାଘବ
କୃପାକର .........
ମାତୃଗର୍ଭେ ଯେବେ ଅନ୍ଧାରେ ଥାଇଣ
ଖୋଜୁଥିଲି ତୁମ ଆଲୋକ ହେ ରାଘବ
କୃପାପରବଶ ହେ ପରମପାବନ
ଆଲୋକ ଦେଖାଇଥିଲ ହେ ରାଘବ
କୃପାକର ................
ସଂସାରେ ପଡିଣ ଭୁଲିଗଲି ରାମ
ଅଜପା ନାମ ତୁମର ହେ ରାଘବ
କୁଆଁକୁଆଁ ରାବେ କାନ୍ଦିଲି କେବଳ
କିଏ ମୁଁ କିଏ ମୁଁ ହେ ରାଘବ
କୃପାକର ........
ଜନ୍ମ ସରିଗଲା ମରଣ ଆସିଲା
ହୋଇଗଲି ଆଶ୍ରାହୀନ ହେ ରାଘବ
ଆଶ୍ରା ଦେବ ରାମ ପାଦତଳେ ତୁମ
ଗୁହାରୀ କରେ ବିଜୟ ହେ ରାଘବ
କୃପାକର .................

ବିଜିଗୋଳ, ଏନ ଟି ପିସି, ଅନୁଗୋଳ

ISSN NO.
2582-208X

# ମନେପଡେ



ଡ଼. ପଲିମର ଦାଶ

ମନେପଡେ,
ସେଦିନର ସବୁ କଥା
ସ୍ୱଚ୍ଛ ମନର ମଣିଷଟିକୁ ଚିହ୍ନିବା କଥାଟି
କେତେସବୁ କଥା କେତେ ରାଇଜର
କଲେଜ ଜୀବନଠୁ ସଂସାର ଯାଏଁ।

ମନେପଡେ,
କହିଥିବା କଥାଟି ଯାକୁ ନେଇ କେତେ ସ୍ୱପ୍ନ
ଅଶାର ଅନେକ ପିରତିକୁ ନେଇ
କଥାରେ ଅନେକ ବାର୍ତ୍ତା
ନିରୋଳା ସ୍ୱପ୍ନ ଆଉ ହସ ହସ ମୁଖ ।

ମନେପଡେ,
ସେଦିନର ସନ୍ଧ୍ୟା ରାତି
ମିଞ୍ଜି ମିଞ୍ଜି ତାରାକୁ ଚାହିଁ
ନ କହି କିଛି ସବୁ କହିବା ଛଳରେ
ଶାନ୍ତ ନିଶବ୍ଦ ଅକୁହା କଥା ସବୁ ।

ମନେପଡେ,
ଅଜିମଧ୍ୟ ସେ ଅଭୁଲା କଥା ସବୁ
ସ୍ମିତ ହସଟିଏ ପରି ଲାଗେ
କମ ସମୟର ଅନୁଭୂତି ଆଉ
ଜୀବନବ୍ୟାପି ଖୁସି
ମନେପଡେ ମନେପଡେ ମନେପଡେ ।

ଝାରସୁଗୁଡା

ISSN NO.
2582-208X

# ସନ୍ଦେହ ର ଝଡ

ସସ୍ମିତା ପ୍ରଧାନ

ଆଖିରେ ଲୁହ ସବୁ ଆଜି ବନ୍ଧବାଡ ମାନୁନାହିଁ ସ୍ମିତା ର । ଅନବରତ ଭାବେ ବହିଚାଲିଛି । ହାତ ଉଠେଇ ପୋଛିବାକୁ ବି ସ୍ମିତା ର ସାହସ ନାହିଁ କି ବଳ ନାହିଁ । ଆଜି ସେ ଯେମିତି ହାରିଯାଇଛି ଜୀବନ ଯୁଦ୍ଧ ରେ । ନିଃସ୍ୱ ନିଃସଙ୍ଗ ହୋଇ ଯାଇଛି ସେ । ଅତୀତର ସ୍ମୃତି ସବୁ ତା ମନ ଭିତରେ ଆନ୍ଦୋଳିତ ହେଉଛି । କଲେଜରେ ପଢୁଥିବା ବେଳେ ରାକେଶ ହିଁ ପ୍ରଥମେ ନିଜ ତରଫରୁ ସ୍ମିତା କୁ ପ୍ରେମ ନିବେଦନ କରିଥିଲେ । ସାରା ଜୀବନ ନିଜ ପାଖରେ ରଖିବେ ବୋଲି ପ୍ରତିଶ୍ରୁତି ଦେଇ ଥିଲେ । ରାକେଶ ଙ୍କ ପ୍ରେମ କୁ ପ୍ରତ୍ୟାଖ୍ୟାନ କରିପାରି ନ ଥିଲା ସ୍ମିତା । ହାର ମାନି ଯାଇଥିଲା ପ୍ରେମ ପାଖରେ । ସେଇଥିପାଇଁ ତ ସ୍ମିତା ଘର ଲୋକଙ୍କ ବାରଣ ସତ୍ତ୍ୱେ ରାକେଶ ସହ ଲୁଚି ମନ୍ଦିରରେ ବିବାହ କରିଥିଲା ସେ । ରାକେଶ ତାକୁ ନିଜ ଠାରୁ ଅଧିକ ଭଲ ପାଉଥିଲେ । ଦାମ୍ପତ୍ୟ ଜୀବନ ହସ ଖୁସି ରେ ଚାଲି ଥିଲା । ହେଲେ ଯେଉଁ ଦିନ ଠାରୁ what's app group ରେ କଲେଜ ସମୟ ର ସାଙ୍ଗମାନେ ଗ୍ରୁପ ଚାର୍ଟ ରେ ସ୍ମିତା କୁ ଆଡ୍ କରି ଥଟ୍ଟା ମଜାରେ ଯ୍ୟାଡୁ ସାଡୁ କହିଲେ । ଆଉ ରୋହନ୍ ର ମେସେଜ୍ "ସ୍ମିତା ତୁ କଲେଜରେ କୁଇନ୍ ହୋଇ ଭାଉ ଖାଉଥିଲୁ ଆଉ ଆଜି ପୋଷା ବିଲେଇ ପରି ଚୁପଚାପ "। ସେହି ମେସେଜ୍ ପଢିକି ରାକେଶ କେମିତି କେମିତି ନଜରରେ ସ୍ମିତା କୁ ଦେଖୁଛନ୍ତି । ଆଗପରି ଆଉ ଦୁହିଁଙ୍କ ଭିତରେ ହସ ଖୁସି ନାହିଁ । ସ୍ମିତା ବି ସେବେଠାରୁ ଗ୍ରୁପରୁ ଲେଫ୍ଟ ହୋଇ ଆସିଛି । ସ୍ମିତା ଯେତେ ବେଳେ ବି ନିଜ ଆଡୁ କଥା ହେବାକୁ ଚେଷ୍ଟା କରୁଛି ରାକେଶ ତାକୁ ଅଣଦେଖା କଲା ପରି ଦୂରେଇ ରହୁଛନ୍ତି । ଘରକୁ ପ୍ରାୟ ନ ଆସି ବାହାରେ ରହୁଛନ୍ତି । ବେଳେ ବେଳେ ଡ୍ରିଙ୍କସ୍ କରି ଘରକୁ ଫେରୁଛନ୍ତି । ସ୍ମିତା ରାକେଶ ସାମ୍ନାରେ ନିଜ ମୋବାଇଲ କୁ ଫୋପାଡ଼ି ଭାଙ୍ଗଦେଲା । ରାକେଶ ଗୋଡ ଧରି ଭୁଲ୍ ମାଗି କାନ୍ଦି କହିଲା - "ମୋର ଦରକାର ନାହିଁ ମୋବାଇଲ ରେ କଥା ହେବା what's app ରେ ଚାର୍ଟ କରିବା, ମୋତେ ତମ ଭଲ ପାଇବା ଦରକାର।" କିନ୍ତୁ ରାକେଶ ସ୍ମିତା କଥାକୁ ଏ କାନରେ ପୁରେଇ ସେ କାନରେ ବାହାର କରିଦେଇ, ପାଦରେ ଆଡ଼େଇ

ISSN NO.
2582-208X

ଅଫିସ ଚାଲିଗଲେ । ସ୍ମିତା ନିଜକୁ ବହୁତ କଷ୍ଟ ଦେଉଛି । ଖାଇବା ପିଇବା ର ଠିକ୍ ଠିକଣା ନାହିଁ । ରାତି ରାତି ଅନିଦ୍ରା ରହି ତକିଆ ଭିଜେଇ କାନ୍ଦୁଛି ସ୍ମିତା । ରାକେଶ କିନ୍ତୁ ବାହାରେ ଖାଇ ଦେଇ ଆସି ଚୁପଚାପ ଶୋଇ ପଡୁଛନ୍ତି । ସନ୍ଦେହ ର ଝଡ ଆସି ଏମିତି ଦିନେ ସେମାନଙ୍କ ସମ୍ପର୍କ ର ସୌଧ କୁ ଭାଙ୍ଗି ଚୂର୍ମାର୍ କରିଦେବ ବୋଲି ସ୍ମିତା କଳ୍ପନା ବି କରି ନ ଥିଲା । କେତେ ସ୍ୱପ୍ନ ଦେଖି ଥିଲେ ଦୁହେଁ ଭବିଷ୍ୟତ ପାଇଁ ସବୁକିଛି ଭାଙ୍ଗି ଧୂଳିସାତ୍ ହୋଇ ଗଲା । ଉଜୁଡି ଗଲା ତାର ହସଖୁସିର ସୁନା ସଂସାର । କାହାକୁ ବା କହିବ ନିଜ ମନ କଥା ବୁଝିବା ଲୋକ ଅବୁଝା ହେଉଛି । ତା ମୁଣ୍ଡଟା କଣ ହେଇଯାଉଥିଲା । ମନକୁ ମନ ଭାବିଲା ସ୍ମିତା କେତେ ଝଡ ତୋଫାନ ଆସୁଛି ଯାଉଛି ପ୍ରତି ବର୍ଷ ଘର ଦ୍ୱାର ଗଛ ଭାଙ୍ଗି ନଷ୍ଟ ହେଉଛି ଶ୍ରୀହୀନ ଦିଶୁଛି ଧରଣୀ ମାଆ। କିଛି ଦିନ ପରେ ପୁଣି ନୂଆ ଘର ନୂଆ ଚାରାଗଛ ଲାଗୁଛି ଧରଣୀ ମାଆ ପୁଣି ହସି ଉଠୁଛି । ସେମିତି ମୁଁ ବି ହାର୍ ମାନିବିନି ରାକେଶ ଙ୍କୁ ବୁଝେଇ ବି ତାଙ୍କ ମନରେ ଆଗ ପରି ବିଶ୍ୱାସ ଜଗେଇବି । ଆମ ସମ୍ପର୍କ କୁ ଏମିତି ଅଦିନ ଝଡରେ ଧୂଳି ସାତ୍ ହେବାକୁ ଦେବିନି । ମନକୁ ଦୃଢ କରି ସ୍ମିତା ଆଖି ଲୁହ ପୋଛିଲା । ଧରଣୀ ମାଆ ସର୍ବସଂହା ସବୁ ଦୁଃଖ କଷ୍ଟକୁ ନିଜ ଭିତରେ ସହିଲା ପରି ମୁଁ ବି ରାକେଶ ଙ୍କ ଘୃଣା, ରାଗ, ଅଭିମାନ କୁ ମଥାପାତି ସହିନେବି । ଛିଡି ଆସୁଥିବା ସମ୍ପର୍କ କୁ ମୁଁ ମଜବୁତ କରିବି । ଭଗବାନଙ୍କ ଉଦ୍ଦେଶ୍ୟରେ ଦୁଇ ହାତ ଯୋଡି ପ୍ରଣାମ କଲା । ପ୍ରଭୁ ମୋତେ ସାହସ ଦିଅ ।

ରାଜନଗର, କେନ୍ଦ୍ରାପଡା

ISSN NO.
2582-208X

# ଘାସ ଫୁଲ



ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତ

ମୁଁ ଏକ ଘାସଫୁଲ,
ବୁଝି କେହି ବୁଝନାତ ମୋ ଅନ୍ତର କଥା;
ସକାଳରୁ ସଞ୍ଜଯାଏ ଗାଇଆଳ ନାଚେ
ଗାଇପଲ ଧରି
ମୋ ଦେହର ଯୋଗେନାକ ବ୍ୟଥା?
ତୁମେସବୁ ସ୍ୱାର୍ଥପର,
ବୋଲ୍‌ଉଛ ପ୍ରୀତିର ପ୍ରତୀକ;
ତୁମେ ଗୃହିଁ ରଞ୍ଜିବାକୁ ପ୍ରିୟାର ଗଭ୍‌ରେ
ନାଲି, ନେଳୀ, ବାସଭର୍ ଫୁଲକୁ ଯେତକ ।
ତୁମେତ ପୂଜୁଛ ଦିଅଁ ଗୋଲ୍‌ପ, ଟଗରେ,
କେତକୀ, ନଆଳ, ଯୂଇ, ଜାଇ, ମାଧବୀରେ;
ମୁଁ ଫୁଟିଛି ଆଶାନେଇ ବିଦ୍ରୋହର ବହ୍ନି ଠୁଳକରି;
ମୋ ରୂପର କରୁନା ଆଦର
ସକଳେ ଯାଉଛ ମତେ ପଦାଘାତ କରି ।
ମୁଁ ଦେଖିଛି ଟୋପା ଟୋପା ଜଳ
ଯେ ଗଢିଛି ବିରାଟ ସମୁଦ୍ର;
ଟିକ ଟିକ ରେଣୁଦ୍ୱାର୍ ଗଢା
ମୋ ସମୀପେ ଛିଡା ଏଜେ ଦୁର୍ଗ ।
ଅଶ୍ରୁ ଝରେ ସେଥିପାଇଁ ଅଳକରେ
ନଅ ମୋତେ ପୂଜା-ଗୃଙ୍ଗୁଡିରେ,

ISSN NO.
2582-208X

ରଖମୋତେ ଦିଅଁ ପାଦତଳେ;
ନରହେ ମୁଁ ପଛେ ତୁମେ ପ୍ରିୟ କବରୀରେ;
ଅବା ତୁମ ପ୍ରେମିକର ଛାତି-ପକେଟରେ
ଗଳାରେ ଥାଆନ୍ତୁ ପଛେ
ମଲ୍ଲୀ, ହେନା, ଗୋଲାପ, ନଆଳ,
ସେଥିପାଇଁ ନାହିଁ ମନେ ଦୁଃଖ;
ହିଂସାରେ ମୁଁ ମରିବିନ ଜଳ ।
ବାସହୀନା, ରୂପହୀନା
ହୁଏ ପଛେ ମୁହିଁ ରସହୀନା;
ସୃଷ୍ଟିର ଆସରେ ମୁଁ ଯେ କ୍ଷୁଦ୍ର ଏକ ପୁଷ୍ପ;
ମୋତେ ତୁମେ କରନାହିଁ ଘୃଣା ।

ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ

ସେପ୍ଟେମ୍ବର - ୨୦୨୨
www.vedantimagazine.com
ISSN NO.
2582-208X

# ବିବେକ କୁ ପ୍ରଶ୍ନ



ଅମ୍ବିକା ସ୍ୱାଇଁ

ଦୁଇ ଦିନ ହେଲା କାମବାଲି ବିନି କାହିଁକି ଆସୁନି, ଅସୀମା ଦେବୀ କିଛି ଜାଣି ପାରୁନାହାନ୍ତି, ବାରବାର ଫୋନ ଲଗାଇ ଥକିଲେଣି ଫୋନ ବି ତା"ର ଲାଗୁନି । ସେ ତ କେବେ ନ କହି କି ଛୁଟି ରେ ରହେନା ! କିନ୍ତୁ କ'ଣ ପାଇଁ ଆସୁନି ଏମିତି ଭାବି ଭାବି ତାଙ୍କୁ ଭାରି ବ୍ୟସ୍ତ ଲାଗୁ ଥାଏ । ହଠାତ୍ ରାତି ୮ ଟା ହେବ, କଲିଂ ବେଲ୍ ଶବ୍ଦ ଶୁଣି କବାଟ ଖୋଲି ଦେଖିଲେ ବିନି ଠିଆ ହୋଇଛି ।

ଅସୀମା ପଚାରିଲେ ଆରେ ବିନି ତୁ ଏତେବେଳେ କ'ଣ ଆସିଛୁ ? ଦୁଇ ଦିନ ହେଲା କେଉଁଠି ଥିଲୁ ? କାନ୍ଦ କାନ୍ଦ ସ୍ୱର ରେ ବିନି କହିଲା ମାଆ ମୋ ପୁଅ ଦେହ ଭୀଷଣ ଖରାପ ମୋତେ ଦଶ ହଜାର ଟଙ୍କା ଦିଅ ମୁଁ ତାକୁ ହସ୍ପିଟାଲ୍ ନେଇ କି ଯିବି । ତା'ର ନିଶ୍ୱାସ ନେବାରେ କଷ୍ଟ ହେଉଛି, ତାକୁ ଜ୍ୱର ହୋଇଛି ଡାକ୍ତରଙ୍କ ପାଖକୁ ନେଇ କି ଯାଇଥିଲି, ସେ କହିଲେ ତାକୁ ନିମୋନିଆ ହୋଇଛି। ଆରେ କଣ୍ କହୁଛୁ ତୁ ବିନି ... ନିମୋନିଆ ? ଆରେ ଛୋଟ ଛୁଆଟା....!!

ଅସୀମା ଏ କଥା ଶୁଣି ତାଙ୍କ ଛାତି ଥରି ଉଠିଲା କ'ଣ କରିବେ କିଛି ବୁଝି ପାରିଲେନି, ମନେ ମନେ ଭାବୁଥିଲେ ମାସ ଶେଷରେ ମୋ ପାଖରେ ଏତେ ଟଙ୍କା ବା କାହିଁ ? ପୁଅ ପାଠ ପଢ଼ା ଖର୍ଚ୍ଚ ଘର ଖର୍ଚ୍ଚ ଯେତିକି ଆବଶ୍ୟକ ପଡେ ସ୍ୱାମୀ ହିସାବ କରି ସେତିକି ଟଙ୍କା ପଠାଇ ଦିଅନ୍ତି ଆମ ପାଖକୁ । ସେଥିରେ ମା' ପୁଅ ଆମେ ସୁରୁଖୁରରେ ଚଳିଯାଉ । ବେଳେ ବେଳେ ମୋ ଆକାଉଣ୍ଟ ରେ ଥିବା ବଳକା ଟଙ୍କା ବି ଖର୍ଚ୍ଚ ହୋଇ ଯାଏ ।

ଏମିତି ଭାବି ଭାବି ଅସୀମା ବଡ଼ ଚିନ୍ତାରେ ପଡିଗଲେ। ଏପରି ବିପଦ ସମୟ ରେ ତାକୁ ଯଦି ସାହାଯ୍ୟ ନ କରିବି ବିଚରା ତା"ପିଲା ଟିର ଅବସ୍ଥା କଣ ଯେ ହେବ !! ତା'ଙ୍କ ଦରଦୀ ହୃଦୟ ବ୍ୟାକୁଳିତ ହେଲା । ଭାବିଲେ ଅନେକ ଚିହ୍ନା ପରିଚୟ ସାଙ୍ଗ ସାଥି ଅଛନ୍ତି,

ISSN NO.
2582-208X

କାହା ଠାରୁ ଧାର ମାଗି ଆଣି ତାକୁ ଦେଇଦେବି । ବିନି କୁ ସେ ପ୍ରତିଶ୍ରୁତି ଦେଲେ, ତୁ ବ୍ୟସ୍ତ ହଅନା, ଘରକୁ ଯା, ମୁଁ ଟଙ୍କା ଯୋଗାଡ କରି ତୋ ପାଖକୁ ପଠାଇ ଦେବି । ସ୍ୱାମୀ ଙ୍କୁ ମାଗିବେ ବୋଲି ଭାବୁଥିଲେ, କିନ୍ତୁ ସ୍ୱାମୀ ଙ୍କର ପ୍ରଶ୍ନ କୁ ସାମ୍ନା କରି ଉତ୍ତର ରଖିବା ସେତିକି ଶ୍ରେୟ ମଣିଲେନି, ବରଂ ଏତେ ଅଡୁଆକୁ ନ ଯାଇ ନିଜେ କେମିତି ସମସ୍ୟା ର ସମାଧାନ କରିବେ ସେ ଚିନ୍ତାରେ ରହିଲେ । ହଠାତ ତାଙ୍କର ମନେ ପଡିଗଲା ଦୁଇ ଜଣ ବନ୍ଧୁ, ଯେଉଁ ମାନେ ଭଲ ଦରମାରେ ଚାକିରୀ କରିଛନ୍ତି, ଏବଂ ତା ସହ ସେମାନଙ୍କ ର ଭଲ ସମ୍ପର୍କ ଅଛି । ମାତ୍ର ପାଞ୍ଚ ହଜାର ଟଙ୍କା ଲେଖାଏଁ ଧାର ସୂତ୍ରରେ ସେ ଦୁହିଁଙ୍କୁ ମାଗିଲେ କେବଳ ଚାରି ଦିନ ମଧ୍ୟରେ ପଇସା ଫେରାଇ ଦେବା ପାଇଁ ପ୍ରତିଶ୍ରୁତି ମଧ୍ୟ ଦେଲେ । ସେମାନେ ବିଭିନ୍ନ ଆଳ ଦେଖାଇ ପଇସା ନାହିଁ ବୋଲି ସିଧା ସଳଖ ରୋକ୍ ଠୋକ୍ ମନା କରି ଦେଲେ । ସେମାନେ ଏତେ ସମ୍ପର୍କ ଭିତରେ ଠିକ ରେ ମଣିଷ ଚିହ୍ନି ପାରିଲେନି ଭାବି, ଅସୀମା ଖୁବ୍ କଷ୍ଟ ପାଇଲେ, ମନସ୍ତାପ କଲେ । ଏହା ତାଙ୍କ ପାଇଁ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ, ଅପମାନବୋଧ ଅନୁଭବ କଲେ । କଣ କରିବେ କିଛି ଭାବି ପାରିଲେନି । ତାଙ୍କୁ ଖୁବ୍ ଚିନ୍ତା ଘାରିଲା । ବିନି କୁ ସାହାଯ୍ୟ କରି ନ ପାରିବା ଦୁଃଖ ରେ ଭାଙ୍ଗି ପଡିଲେ, ଏବଂ ଈଶ୍ୱର ଙ୍କୁ କାକୁତିମିନତି କରି ଜଣାଇଲେ, ପ୍ରଭୁ ଟିକେ ଦୟାକରନ୍ତୁ ଏପରି ବିପଦ ବେଳେ ମୋତେ ସହାୟ ହୁଅନ୍ତୁ । ମୁଁ ମୋ ପାଇଁ ନୁହେଁ ସେହି ଗରିବ ବିନି ର ପୁଅ ପାଇଁ ହିଁ ସାହାଯ୍ୟ ଚାହୁଁଚି । ବଡ ଆଶା କରି ଚାକିରୀ କରି ଥିବା ଦୁଇ ବନ୍ଧୁ ଙ୍କୁ ମୁହଁ ପୁରାଇ ଏମିତି ଅସୁବିଧା ରେ ସାହାଯ୍ୟ ମାଗିଲି ଯେ ଦେଲେନି । ସିଧା ସିଧା ମନା କରି ଦେଲେ ।

ଅସୀମା ର ମନେ ପଡି ଗଲା ସେହି ପନ୍ଦର ବର୍ଷ ତଳର କଥା....ସେତେବେଳେ ତା ପଡ଼ିଶା ଘରେ ଭଡ଼ା ରହୁଥିବା ଜଣେ ସ୍ତ୍ରୀ ଲୋକ, ସନ୍ଧ୍ୟା ସ୍ୱାମୀ ଙ୍କ ର ହଠାତ୍ ଆକ୍ସିଡେଣ୍ଟ ହୋଇ ହସ୍ପିଟାଲ୍ ରେ ପଡିଥାନ୍ତି । ଏହି ସମୟରେ ତା ପୁଅ ବବୁଲ ର ଇଞ୍ଜିନୟରିଙ୍ଗ୍ କଲେଜ ଡିପ୍ଲୋମା ରେ ଆଡ଼ମିଶନ ପାଇଁ ଶେଷ ତାରିଖ, ଆଉ ୨୦ ହଜାର ଟଙ୍କା ତା'ର ଦରକାର ପଡୁ ଥାଏ । କିନ୍ତୁ ସନ୍ଧ୍ୟା ପାଖରେ ଟଙ୍କା ନଥାଏ ତାଙ୍କ ଅବସ୍ଥା ଏତେ ସ୍ୱଚ୍ଛଳ ନୁହେଁ । ପଡୋଶୀ ସନ୍ଧ୍ୟା ଅସୀମାଙ୍କର ଖୁବ ସମ୍ପର୍କ, ଦୁହିଙ୍କ ଭିତରେ ଭଲ ବନ୍ଧୁତ୍ୱ । ସନ୍ଧ୍ୟା ଅସୀମା ଙ୍କର କାର୍ଯ୍ୟକଳାପ ରେ ଖୁବ ଖୁସି ହୁଅନ୍ତି । ତାଙ୍କ ଦୁଃଖ ସୁଖ ଭଲ ମନ୍ଦ ଅସୀମାଙ୍କୁ କୁହନ୍ତି । ତାଙ୍କର ଅନ୍ୟକୁ ସାହାଯ୍ୟ କରିବା ମନୋବୃତ୍ତି କୁ ଭାରି ପ୍ରଶଂସା କରନ୍ତି ସନ୍ଧ୍ୟା। ଯେତେବେଳେ ଯାହା ଦରକାର ପଡେ ଅସୀମା ତାଙ୍କୁ ସାହାଯ୍ୟ କରନ୍ତି,

ISSN NO.
2582-208X

୫୦୦/୧୦୦୦ ଯେତେବେଳେ ମାଗନ୍ତି ତାଙ୍କୁ ଦେଇ ଦିଅନ୍ତି । ବବୁଲର ମା (ସନ୍ଧ୍ୟା) ସବୁବେଳେ ସୀମା କୁ କୁହନ୍ତି ଅପା ଆପଣଙ୍କ ପରି ଦରଦୀ ହୃଦୟ ର ମଣିଷ ଦୁନିଆରେ ଦେଖିବାକୁ ମିଳିବେନି । ନିଜେ ନ ଖାଇ ଅନ୍ୟକୁ ଦେଇଦିଅ। । ବିପଦ ସମୟରେ ଅନ୍ୟକୁ ସାହାଯ୍ୟ କର । ହଁ ମ ଅପା ତୁମେ ଅନ୍ୟକୁ ସାହାଯ୍ୟ କରୁଚ ତୁମକୁ ଭଗବାନ ସବୁବେଳେ ନିଶ୍ଚୟ ସାହାଯ୍ୟ କରିବେ !!!! ସନ୍ଧ୍ୟା ର ପ୍ରଶ୍ନ ଉତ୍ତର ସବୁ ନିଜ ମୁହଁରେ....!!!

ଅସୀମା କୁହନ୍ତି ନା ରେ ସନ୍ଧ୍ୟା ଭଗବାନ ବି ବେଳେ ବେଳେ ବହୁତ ପରୀକ୍ଷା କରନ୍ତି । ଆମକୁ ତାଙ୍କ ପରୀକ୍ଷାରୁ ଉର୍ତ୍ତିନ ହେବାର ଅଛି । ମୋ ପିଲା ଦିନର ସ୍ୱପ୍ନ ମୁଁ ଜଣେ ସମାଜ ସେବୀ ଭାବରେ ଅନ୍ୟକୁ ସାହାଯ୍ୟ କରିବି । ମଦର ଟେରସା ଙ୍କୁ ଆଦର୍ଶ ବୋଲି ମାନେ, ତାଙ୍କ ପରି ନ ହୋଇ ପାରିଲେ ବି, ଗୁଣ୍ଡୁଚି ପରି ଟିକିଏ ତ କାହାକୁ ସାହାଯ୍ୟ କରିପାରିବି। ଅନ୍ୟର ଦୁଃଖ ବା ଅସୁବିଧା ସମୟ ରେ ମୁଁ କାହାକୁ ସାହାଯ୍ୟ କରିବାରେ ଖୁବ ଆନନ୍ଦ ପାଏ । ସେଥିପାଇଁ ମୋର ସକ୍ଷମ ଅନୁସାରେ ଯେତିକି ପାରିବି କରିବା ପାଇଁ ସଂକଳ୍ପ ବଦ୍ଧ।

ସନ୍ଧ୍ୟା ତୁମେ ଆଉ ଏତେ ପ୍ରଶଂସା କରନି ! ଥାଉ କହି ଅସୀମା ମୁରୁକି ହସା ଟିଏ ଦିଅନ୍ତି। ସନ୍ଧ୍ୟା କୁହନ୍ତି ଅପା ଯିଏ ପ୍ରଶଂସା ପାଇବା ପାଇଁ ଯୋଗ୍ୟ ତାଙ୍କୁ ପ୍ରଶଂସା କରିବାରେ ଅସୁବିଧା କେଉଁଠି ? ତୁମେ ତ ପ୍ରଶଂସାର ପାତ୍ରୀ ।

ସେତେବେଳର ଏ ସବୁ ଘଟଣା ଅସୀମା ଙ୍କ ର ସେହି ମୁହୂର୍ତ୍ତ ରେ ଗୋଟି ଗୋଟି କରି ମନେ ପଡିଗଲା । ସନ୍ଧ୍ୟା ସ୍ୱାମୀ ଙ୍କର ଅନ୍ୟ ସହର କୁ ବଦଳି ହେଲାପରେ ଆଉ ପଡ଼ିଶା ହୋଇ ନାହାନ୍ତି । କେବେ କେବେ ଫୋନ ରେ କଥା ହୁଅନ୍ତି । କିନ୍ତୁ ଆଜି ପରିସ୍ଥିତି ରେ ପଡି ତାଙ୍କ ର ପୂର୍ବ କଥା ଗୋଟି ଗୋଟି ମନେ ପଡି ଯାଉଛି ଆଜି । !! ସେଦିନ ସନ୍ଧ୍ୟା ପୁଅର ଆଡ଼ମିଶନ ପାଇଁ ଦରକାର ପଡୁଥିବା ୨୦ ହଜାର ଟଙ୍କା କେମିତି ନିଜର ଦୁଇହଳ କାନ ଫୁଲ ବିକ୍ରି କରି ଅସୀମା ସନ୍ଧ୍ୟା କୁ ଦେଇ ଥିଲେ ସ୍ୱାମୀ ଙ୍କୁ ନ ଜଣାଇ। କାରଣ ପଡ଼ିଶା ଘର ଲୋକକୁ ଏତେ ଗୁଡିଏ ଟଙ୍କା ସ୍ୱାମୀ ଙ୍କ ଠୁ ମାଗି ଦେବାକୁ ସାହସ କରି ନଥିଲେ ଅସୀମା । ତେଣୁ ନିଜର କାନ ଫୁଲ ବିକ୍ରି କରି ସନ୍ଧ୍ୟା କୁ ସାହାଯ୍ୟ କରି ଯେଉଁ ଅଫୁରନ୍ତ ଆନନ୍ଦ ପ୍ରାପ୍ତି କରିଥିଲେ ତାହା ବି ଆଜି ସଜଳ ସ୍ମୃତି ପଟ୍ଟରେ ଜଳ ଜଳ

ISSN NO.
2582-208X

ଦିଶିଯାଉଛି । ଅବଶ୍ୟ ସନ୍ଧ୍ୟା ନେଇ ଥିବା ଟଙ୍କା ଧୀରେ ଧୀରେ କରି ସୁବିଧା ଅନୁସାରେ ଫେରାଇ ଦେଇ ଥିଲେ । ସେତେବେଳେର ଏହି ସବୁ କଥା ଭରାକ୍ରାନ୍ତ ମନରେ ଭାବୁଥିଲେ ଅସୀମା ।

ଯୋଗକୁ ଏହି ସମୟରେ ଅସୀମାର ଫୋନ ବାଜି ଉଠିଲା । ଦେଖିଲେ ତାଙ୍କର ଆଉ ଜଣେ ପରିଚିତ ବନ୍ଧୁଙ୍କର ଫୋନ କଲ, ସେ ଫୋନ ଉଠାଇ କଣ୍ଠ ରୁଦ୍ଧ ଗଳାରେ ଯେତେବେଳେ ହ୍ୟାଲୋ କହିଛନ୍ତି । ସେ ପଟୁ ତାଙ୍କର ବନ୍ଧୁ ଜଣଙ୍କ କହିଲେ କଣ ମ୍ୟାଡାମ ମନ ଭଲ ନାହିଁ କି ? କଣ ହୋଇଛି କଥାରୁ ଜଣା ପଡୁଛି ବୋଧହୁଏ ଭଲ ନାହାନ୍ତି । ନା ନା ମ୍ୟାଡାମ ଭଲ ଅଛି କହି କଥା ଟାଳିବାକୁ ଚେଷ୍ଟା କଲେ। ଯେହେତୁ ବନ୍ଧୁ ନମିତା ଙ୍କ ସହ ଯଦି ବା ଅସୀମାର ସଂପର୍କ ଭଲ କିନ୍ତୁ ସେତେ ନିକଟତର ସେତେବେଳେ ଦୁହେଁ ନ ଥିଲେ, ସେଥିପାଇଁ ଅସୀମା ଟଙ୍କା କଥା କହିବା ପାଇଁ କୁଣ୍ଠା ବୋଧ କରୁଥିଲେ ନମିତା। ବାରମ୍ବାର ପଚାରିଲାରୁ, ଅସୀମା ବାଧ୍ୟ ହୋଇ ଏପରି ଅସୁବିଧା କଥା ଜଣାଇ ଥିଲେ ।

ବଡ଼ ଆଶ୍ଚର୍ଯ୍ୟ କଥା ବନ୍ଧୁଟି ସାଙ୍ଗେ ସାଙ୍ଗେ କହି ଉଠିଲେ । ଏଇ ଗୋଟେ କଥା, ଆପଣଙ୍କ ପାଖରେ ପଇସା ନାହିଁ ତ କଣ ହେଲା, ଆକାଉଣ୍ଟ ନମ୍ବର ଦିଅନ୍ତୁ ମୁଁ ସଙ୍ଗେ ସଙ୍ଗେ ଟଙ୍କା ପଠାଇ ଦେଉଛି । ଆପଣଙ୍କର ସୁବିଧା ଦେଖି ମୋତେ ଫେରାଇ ଦେବେ ।ଆଜି ଆପଣ ଙ୍କର ଦରକାର ଅଛି, କାଲି ମୋର ବି ଦରକାର ପଡିପାରେ ।

ଏପରି ଅସୁବିଧା ସମୟ ରେ ଯଦି ଜଣେ ବନ୍ଧୁ, ବନ୍ଧୁଙ୍କୁ ସାହାଯ୍ୟ ନକରେ ତେବେ ବନ୍ଧୁତ୍ୱର କି ମୂଲ୍ୟ ? ଜଣେ ଅଚିହ୍ନା, ଅଜଣା ଅପରିଚିତ ଙ୍କୁ ସିନା ଟଙ୍କା ଧାର ଉଦ୍ଧାର ଦେବନି, କାଳେ କିଏ ଫେରାଇବନି ଠକି ଦେବ । ଆପଣଙ୍କୁ ଟଙ୍କା ଦେବାରେ ମୋ ମନରେ ଟିକେ ବି ଦ୍ୱିଧା ନାହିଁ ମାଡାମ । ଆପଣଙ୍କ ପରି ପରୋପକାରୀ ଭଲ ମଣିଷ ଦୁନିଆରେ ବିରଳ । ଅନ୍ୟକୁ ସାହାଯ୍ୟ ସହଯୋଗ କରିବା ପାଇଁ ଆପଣ ସାହାଯ୍ୟ ର ହାତ ସବୁବେଳେ ଲମ୍ବି ଆସେ ସମସ୍ତ ଙ୍କ ପାଇଁ, ଏକଥା ସମସ୍ତେ ଜାଣନ୍ତି। ଆପଣ ସବୁବେଳେ ନିଜ ପାଇଁ ଯେତିକି ଚିନ୍ତା କରନ୍ତିନି, ସମାଜ ପାଇଁ ବେଶି ଚିନ୍ତା କରନ୍ତି,ଏହା ତ ଆପଣ ଙ୍କର ମହାନତା ।

ଏହା କହି ସେ ସହୃଦୟର ବନ୍ଧୁ ଜଣକ ମାତ୍ର ପାଞ୍ଚ ମିନିଟ୍ ଭିତରେ ଦଶ ହଜାର ଟଙ୍କା ତାଙ୍କ ଆକାଉଣ୍ଟ୍ କୁ ପଠାଇ ଦେଲେ । ସେ ସାଙ୍ଗେ ସାଙ୍ଗେ ଘର ପାଖ ATM ରୁ ଟଙ୍କା ଉଠାଇ ବିନି ହାତରେ ଧରେଇ ଦେଲେ ଭଗବାନ ଙ୍କୁ ଶତ ଧନ୍ୟବାଦ ଦେଲେ। ବିନମ୍ରତାର

ISSN NO.
2582-208X

ସହ ପ୍ରାର୍ଥନା କରି କହିଲେ ପ୍ରଭୁ ବିନି ର ପୁଅ କୁ ଶୀଘ୍ର ଭଲ କରି ଦିଅନ୍ତୁ । ଭଗବାନ ଙ୍କ କୃପାରୁ ପିଲାଟି ଭଲ ହୋଇଯାଇଛି । ସୀମା ଆଜି ବହୁତ୍ ଖୁସି....!! ସେ ଧାର ଆଣି ଥିବା ଟଙ୍କା ମଧ୍ୟ ଯଥା ସମୟ ରେ ସେ ବନ୍ଧୁ ଙ୍କୁ ଫେରାଇ ଦେଇଛି ।

ଆଜି କାମବାଲୀ ବିନି ଖୁସି ମନରେ ଆସିଛି ଓ ସୀମା କୁ କହୁଛି ମା' ଆପଣ ଙ୍କ ପାଇଁ ମୋ ପୁଅ ବଞ୍ଚିଗଲା ଆପଣ ଯଦି ଟଙ୍କା ସାହାଯ୍ୟ ନ କରିଥାନ୍ତେ ମୋ ପୁଅ ର କଣ ଯେ ହୋଇ ଥାନ୍ତା !!!!!

ଅସୀମା କିନ୍ତୁ ଭାବୁଥିଲେ, ସେହି ମହାନ୍ ଅଦୃଶ୍ୟ ଶକ୍ତି ଙ୍କ କରାମତି କୁ..,ମନେ ମନେ ଧନ୍ୟବାଦ ଦେଉଥିଲେ ତତ୍ କ୍ଷଣାତ ସାହାଯ୍ୟ କରିଥିବା ସେହି ମହିୟସୀ ମହିଳାଙ୍କୁ । ଏବଂ ଫରକ ଅନୁଭବ କରୁ ଥିଲେ ମଣିଷ ଭିତରେ ମଣିଷ ଙ୍କୁ....ଏବଂ ଅସୀମା ନିଜ ବିବେକ କୁ ପ୍ରଶ୍ନ ପଚାରୁଥିଲେ, ଜଣ ଙ୍କ ବିପଦ ବେଳେ ମୁଁ କାହା ଠାରୁ ଧାର ମାଗି ଅନ୍ୟକୁ ସାହାଯ୍ୟ କରିଛି ଠିକ୍ କରିଛି ନା ଭୁଲ୍ କରିଛି । ଯେଉଁ ମାନଙ୍କୁ ମୁଁ ଧାର ମାଗିଛି ତାଙ୍କ ଦୃଷ୍ଟି ରେ ମୁଁ ଛୋଟହୋଇ ଯାଇନି ତ !! ??????

ଶ୍ୟାମପୁର, ଭୁବନେଶ୍ୱର, ଓଡ଼ିଶା
୯୭୭୭୫୯୯୬୯୫

ISSN NO.
2582-208X

# ଶୁଣ ଆହେ ତୁମେ ଅଗଷ୍ଟ ପନ୍ଦର



ରଘୁନାଥ ତ୍ରିପାଠୀ

ଶୁଣ ଆହେ ତୁମେ ଅଗଷ୍ଟ ପନ୍ଦର
ଆସୁଅଛ ପରା ସବୁ ବରଷ
ଭାରତବାସୀଙ୍କ ହୃଦୟ କନ୍ଦରେ
ଝଙ୍କାର ତୋଳୁଛ ଭରି ଉଲ୍ଲାସ ।
ଉଡ଼ଇ ତ୍ରିରଙ୍ଗା ଫରଫର ହୋଇ
ଇତିହାସ କଥା ପକାଇ ମନେ
ଶୁଖିଲା ହସକୁ ମୁଖରେ ଫୁଟାଇ
ସଭାରେ ଭାଷଣ ଶୁଣୁଛୁ କାନେ ।
ବିଦେଶୀ ଶାସକ ସ୍ୱାଧୀନତା କାଳେ
ଅଶାନ୍ତିର ବୀଜ ବପନ କଲେ
ଖୁସି ନୁହେଁ ବାଧ୍ୟ ହୋଇଥିଲେ ପରା
ସଂଗ୍ରାମୀଙ୍କ ବଜ୍ର ଶପଥ ବଳେ ।
କେତେ ରକତରେ ହୋଲି ସେ ଖେଳିଲେ
ଜାଲିଆନାୱାଲା ସାକ୍ଷୀ ତା ଥାଇ ।

କେତେ ଶୂର ବୀର ଟଳି ପଡ଼ିଥିଲେ
ନିଜ ଜୀବନକୁ ବାଜି ଲଗାଇ
ଫିରିଙ୍ଗି ସାଥିରେ ଲଢ଼ି ନ ପାରିଲୁ
ଆଦରିଲୁ ଆମେ ଅହିଂସା ରଣ
ଗରିବୀ ଅଶିକ୍ଷା ସାଥେ ଲଢୁଅଛୁ
ସୀମାନ୍ତରେ ପୁଣି ଶତ୍ରୁ ଆହ୍ୱାନ ।
ଶାନ୍ତି ମୁକତି ଓ ପ୍ରଗତୀର ସ୍ୱର
ଆମରି ପତାକା ଘୋଷୁଛି ପରା
ଆମରି ଗରିମା ବଢୁ ଦୁନିଆରେ
ଦେଶ ହେଉ ସୁଖ ଶାନ୍ତିରେ ଭରା ।

ବାଲିସାହି, ମଧୁପାଟଣା,
କଟକ 8763343263

ISSN NO.
2582-208X

# ଥାଇ କି ଲାଭ ?



ଅମୃତନାରାୟଣ ଶତପଥୀ

ମୁଖ ଥାଇ କି ଲାଭ ? ଯଦି ନାହିଁ ହସ
ମନ ଥାଇ କି ଲାଭ ? ଯଦି ନାହିଁ ବଶ ।(୧)

ପାଦ ଥାଇ କି ଲାଭ ? ନ କଲେ ଭ୍ରମଣ
ଚକ୍ଷୁ ମୂଲ୍ୟହୀନ ବିନା ଈଶ୍ୱର ଦର୍ଶନ ।(୨)

ଭାର୍ଯ୍ୟା ଥାଇ କି ଲାଭ ? ଯଦି ନୁହେଁ ସତୀ
ଧନ ଥାଇ କି ଲାଭ ? ଯଦି ମଦମତ୍ତି ।(୩)

ବଳ ଥାଇ କି ଲାଭ ? ଅକାରଣେ କ୍ଷୟ
ବୁଦ୍ଧି ଥାଇ କି ଲାଭ ? ହୁଅ ଯେବେ ହେୟ ।(୪)

ବିଦ୍ୟା ଥାଇ କି ଲାଭ ? ନ କଲେ ବଣ୍ଟନ
ଜୀବନଟି ମୂଲ୍ୟହୀନ ବିନା ଭଜନ କୀର୍ତ୍ତନ ।(୫)

ହସ୍ତ ଥାଇ କି ଲାଭ ? ନକରିଲେ ଦାନ
ରୋଗ ମୁକ୍ତ ହୁଏ ନାହିଁ ବିନା ତିକ୍ତ ପାନ ।(୬)

ISSN NO.
2582-208X

କର୍ଣ୍ଣ ଥାଇ କି ଲାଭ ? ହରି ନାମ ବିନା
ଜିହ୍ୱାରେ ରଖିବା ସଦା ରାମନାମ ସିନା ।(୭)

ସର୍ବ ଗୁଣ ଥିଲେ ପାଖେ କି ଲାଭ ଭାଇ ?
ଚରିତ୍ର ନଥିଲେ ସବୁ ମାଟି ଯାଏ ହୋଇ ।(୮)

କଣ ଥିଲେ କି ଲାଭ ମନରେ ଭାବିବା
ବିଚାର ବୁଦ୍ଧି ବିବେକେ ସଂସାରୁ ତରିବା ।(୯)

ନଶ୍ୱରତା ପଛେ ଆହେ ଧାଅଁ ନାହିଁ କେହି
ଧର୍ମ କର୍ମେ ଶାଶ୍ୱତ ଚିଜକୁ ଯାଅ ପାଇ ।(୧୦)

କବିତା ପଢ଼ି ଶୁଣି ଲେଖି କି ଲାଭ ? ପ୍ରଶନ୍ନ ନହୋଇ
ଉପଭୋଗ କର ସଭିଏଁ ଏହାକୁ ବନ୍ଧୁ ଭାଇ ।(୧୧)

ନୟାପଲ୍ଲୀ, ଜୟଦେବ ବିହାର,
ଭୁବନେଶ୍ୱର

ISSN NO.
2582-208X

# ରଜନୀଗନ୍ଧା



ଅରୁଣ କୁମାର ମହାପାତ୍ର

ମହ ମହ ବାସେ ଚତୁର୍ଦ୍ଦିଗ ହସେ
ଜାଗେ ପ୍ରୀତିର ପୁଲକ
ବଢାଏ ତା ମୂଲ ଶୀତଳ ମଳୟ
ରଜନୀଗନ୍ଧା ମହକ ।
କୃଷ୍ଣ ଶାଢୀ ପିନ୍ଧା ନିଶିର ବନ୍ଧନ
ରଖିଛି ଅବା ଅତୁଟ
ତା ସୁବାସ ଭରି ସେ କୃଷ୍ଣ ରଜନୀ
ଗାଏ ମଧୁର ସଙ୍ଗୀତ ।
ନାରୀ ଗଭା ଭରି ବଢାଏ ତା ଶୋଭା
ପ୍ରେମିକାର ଜିଣି ମନ
ରଜନୀଗନ୍ଧା ତା ମନରେ ଜଗାଏ
ବାସର ରାତି ସପନ ।
ସୂକ୍ଷ୍ମ ଶରୀରର ଗହନ ରହସ୍ୟ
ବୁଝିଛି ଧରିତ୍ରୀ ମାଟି
ଚହଟାଇ ଦିଏ ମହକେ ତା ବୁକୁ
ରଜନୀର ପ୍ରେମ ଗୀତି ।

ଧନ୍ୟ ସୃଷ୍ଟି କର୍ତ୍ତା ରହସ୍ୟ ଭରା ଏ
ସୃଷ୍ଟିର ସର୍ଜନା ତୁମ
କିଏ ବା ମଉଳେ କିଏ ବା ସମ୍ଭାଳେ
ଶ୍ମଶାନଠୁ ଶୁଭ କାମ ।
କବିର କାବ୍ୟିକ ପଙ୍କ୍ତିକୁ ମାର୍ମିକ
କରଇ ରଜନୀଗନ୍ଧା
ଭରା ଆଞ୍ଜୁଳିରେ ପ୍ରୀତିର ସଂପର୍କ
ସଜାଏ କି ପ୍ରୀତିନନ୍ଦା ।

ବୈଜ୍ଞାନିକ ଅଧିକାରୀ
ଅଶ୍ୱପୁରମ ତେଲେଙ୍ଗାନା

ISSN NO.
2582-208X

# ଜୀବନଯାତ୍ରା



ଡକ୍ଟର ମନୋରଞ୍ଜନ ବିଷୋୟୀ

ଏ ବିଶାଳ ପୃଥିବୀରେ ମନୁଷ୍ୟ ମୁକ୍ତ ଭାବରେ ଜନ୍ମନିଏ । ଜନ୍ମ ପରବର୍ତ୍ତୀ ସମୟ ଠାରୁ ବିଭିନ୍ନ ଭାବରେ ତା'ର ପ୍ରସାରଣର ମାର୍ଗ ଅବରୁଦ୍ଧ ହୋଇଉଠେ । କୁହାଯାଏ ମନୁଷ୍ୟ ଯେଉଁ ବନ୍ଦୀଶାଳାରେ ଅବରୁଦ୍ଧ; ତା'ର ସମସ୍ତ ଦ୍ୱାର ଉନ୍ମୁକ୍ତ ରହିଥାଏ । କିନ୍ତୁ ଏଇ ଦ୍ୱାର ଦେଇ ଅନ୍ୟ ଗୋଟିଏ ପରିସରକୁ ଗଲାବେଳେ ତାହା ମନେହୁଏ; ଯେପରି ଅନ୍ୟ ଏକ ବନ୍ଦୀଶାଳାର ପ୍ରବେଶ ଦ୍ୱାର । ବିଭିନ୍ନ ସମୟରେ ବିଭିନ୍ନ ପରିପ୍ରେକ୍ଷୀରେ ବ୍ୟକ୍ତିର ସ୍ୱଚ୍ଛନ୍ଦ ପରିପ୍ରକାଶ ଅବରୁଦ୍ଧ ହୋଇଥିବା ଭଳି ମନେହୁଏ । କିନ୍ତୁ ଏସବୁ ସତ୍ତ୍ୱେ ବଞ୍ଚିବାର ମୋହ ମନୁଷ୍ୟକୁ ଜଡ଼େଇ ରଖେ । ସବୁ ପ୍ରତିକୂଳତା ଭିତରେ ଜିଇଁବାର ଦୁର୍ବାର ବାସନା ଅନାହତ ହୋଇ ରହିଥାଏ । ଯଥାର୍ଥରେ କହିବାକୁ ଗଲେ ମନୁଷ୍ୟ ହେଉଛି ନିଜେ ସବୁ ଦୁଃଖର କାରଣ । ମନୁଷ୍ୟ ସମାଜ ଗଢ଼େ; ନିତି, ନିୟମ ଓ ଆଦର୍ଶର ଦୁହାଇ ଦେଇ ଆପଣା ନିମନ୍ତେ ଏକ ଆଦର୍ଶ ତିଆରି କରିଥାଏ । ଦୁର୍ବାର ମନର ଆହ୍ୱାନରେ ଏହାକୁ ଭାଙ୍ଗିବାକୁ ଚେଷ୍ଟା କରେ । ନିଜେ ହିଁ ପାପ ପୁଣ୍ୟର ମଧ୍ୟବିନ୍ଦୁରେ ପେଣ୍ଡୁଲମ୍ ଭଳି ଏପଟ ସେପଟ ହୁଏ । ନିଜର ବିଜ୍ଞତା/ଅଜ୍ଞତା ବିଶ୍ୱ ପ୍ରବାହରୁ କିଛି ବି ପରିବର୍ତ୍ତନ ଆଣିବାର ସମର୍ଥ ହୁଏନାହିଁ । କାରଣ କାଳ ଓ ସ୍ରୋତ କାହାକୁ ଅପେକ୍ଷା କରେନାହିଁ । ସମୟର ଧାର୍‌ରେ ଉତ୍‌ଥାନ ପତନ ଦେଇ ଗତି କରୁଥିବା ମନୁଷ୍ୟ ତା'ର ଚତୁର୍ଦ୍ଦିଗର ପରିବର୍ତ୍ତନକୁ ଅନୁଭବ କରେ । ଦର୍ଶନ ଓ ତତ୍ତ୍ୱର ନିବିଡ଼ ପରିସରରେ ତାକୁ ପରଖିବାକୁ ଚେଷ୍ଟା କରେ ।

ଏ ପରିପ୍ରେକ୍ଷୀରେ କହିରଖେ ଭାରତୀୟ ଦୃଷ୍ଟିକୋଣରେ ଜୀବନ ହେଉଛି ଏକ ରଙ୍ଗମଞ୍ଚ । ବିଶ୍ୱନିଅନ୍ତାଙ୍କ ନିର୍ଦ୍ଦେଶରେ ସମସ୍ତଙ୍କୁ ଏଠାରେ ଆପଣା ଆପଣାର ଅଭିନୟ ପ୍ରଦର୍ଶନ କରିବାକୁ ପଡ଼ିଥାଏ । ଏହି ରଙ୍ଗମଞ୍ଚରେ ବିଭିନ୍ନ ଭୂମିକାରେ ଅଭିନୟ କଲାବେଳେ ଅନେକ ସମୟରେ ନିଜର ସ୍ଥିତି ଭୁଲିଯାଏ ମନୁଷ୍ୟ । ଗଭୀର ତନ୍ମୟତାରେ ଆପେ ହିଁ ଘାରି ହୁଏ ।

ISSN NO.
2582-208X

ଏ ମୋହରୁ ମୁକ୍ତ ପାଇବା ହିଁ ହେଉଛି ଜୀବନର ଲକ୍ଷ୍ୟ । କିନ୍ତୁ ଏଠାରେ କହିରଖେ ସନାତନ ଆର୍ଯ୍ୟ ପରମ୍ପରାରେ ମନୁଷ୍ୟ ଜନ୍ମ ଓ ମୃତ୍ୟୁକୁ ଜୀବନର ଆରମ୍ଭ ଓ ଶେଷ ଭାବରେ ଗ୍ରହଣ କରିନାହିଁ । ପୁଣି ସେ ଜିଉଁଥିବା ଜୀବନ ତା'ର ସବୁକିଛି ନୁହେଁ । ସେ ସମକାଳରେ କେବଳ ବଞ୍ଚେ ନାହିଁ । ଅତୀତର କର୍ମଫଳ ଯେମିତି ଅନୁରଣିତ ହେଉଥାଏ ସମଗ୍ର ଜୀବନ । ପୁଣି ଆଗାମୀ ଜନ୍ମ ନିମନ୍ତେ କିଛି ସଞ୍ଚିତ କରି ରଖିବାର ବ୍ୟଗ୍ରତା ତାକୁ ଉଦ୍‌ଗ୍ରୀମ କରେ; ସତରେ କ'ଣ ପୁନର୍ଜନ୍ମ ସତ୍ୟ ? ପୁଣି ଅତୀତର କର୍ମଫଳ ନେଇ ବାକିଥିବା ଜୀବନ କାଟିବାକୁ ପଡ଼େ । ଏହିପରି ଏକ ଆବେଗର ସମାହାର ହେଉଛି ମନୁଷ୍ୟ ଜୀବନ । ତେଣୁ ତ କୁହାଯାଏ ଜୀବନର ଗତି ବଡ଼ ବୈଚିତ୍ରମୟ । ଏହି ସତ୍ୟକୁ ବୁଝିବା ପାଇଁ ଯୁଗେ ଯୁଗେ ମାନବ ଖୋଜିଛି ବିଭିନ୍ନ ପଥ । କିନ୍ତୁ ଜୀବନର ସୀମିତ ପରିଧି ଭିତରେ ହୁଏତ ସମ୍ଭବ ହୋଇପାରିନାହିଁ ଏହାର ସମାଧାନ ।

ପରିଶେଷରେ କେବଳ ଏତିକି କହିବି ମାନବ ଜୀବନ ହେଉଛି ଏକ ଅନ୍ୱେଷା । ଏ ଅନ୍ୱେଷାର ଧାରା ଗଡ଼ିଆସିଛି ଅବାରିତ ଭାବରେ କାଳ କାଳ ଧରି । ବିଶ୍ୱ ପ୍ରଦକ୍ଷିଣ ପରେ ଅନ୍ତରୀକ୍ଷ ଯାତ୍ରା ସାରି ସତେ ଯେମିତି ମନେ ହୋଇଛି ସବୁ ଅନ୍ୱେଷା ବୃଥା । ଏ ପିଣ୍ଡ ହିଁ ତ ବ୍ରହ୍ମାଣ୍ଡ । ଏଇଠି ନିତ୍ୟ ବୃନ୍ଦାବନ । ସୋଽହଂର ସ୍ୱର ନିନାଦିତ ହୁଏ ସଚରାଚର । ଜଗତ ରହେ ମନର ମୂଳରେ । ତେଣୁ ତ ଦୃଶ୍ୟମାନ ଜଗତ ହେଉଛି ମନର ଏକ ରୂପାନ୍ତରଣ । ଚିତ୍ତବୃତ୍ତିର ପ୍ରତିଫଳନ ନେଇ ଦିଗ୍‌ବିଦିଗ ଖେଳଯାଏ ଭାବନାର ତରଙ୍ଗ । ସବୁ ସ୍ୱପ୍ନ, ସବୁ ବିଶ୍ୱାସ, ସବୁ ଆଶ୍ୱାସନା, ସବୁ ପ୍ରାପ୍ତି ଓ ଅପ୍ରାପ୍ତି ବେଦନା ତିଆରି ହୁଏ ଆପେ ଆପେ ଏବଂ ନିଶ୍ଚିହ୍ନ ମଧ୍ୟ ହୁଏ ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ସଂପର୍କ: ୮୮୯୫୧୪୧୭୨୭

ISSN NO.
2582-208X

# ଝରା ଶେଫାଳୀ



ସୁଲୋଚନା ବେହେରା

ଧିରେ ଢଳି ଗଲେ ରବି ଅସ୍ତାଚଳେ
ପକ୍ଷୀ ବହୁଡିଲେ ନୀଡେ,
ନୀଳ ନଭେ ନିଶି ପ୍ରବେଶିଲା ଆସି
ଶୋଭା ରାଜି ଝରି ପଡେ।(୧)

ଚାନ୍ଦିନୀ ପ୍ରବେଶି ବୋଳି ସୁଧା ରାଶି
ଧରଣୀ ତପ୍ତ ଉଝାଳି,
ଲଳିତ କୋମଳ ସୁରଭି ମଧୁର
ବାଣ୍ଟଇ ଝରା ଶେଫାଳୀ।(୨)

ଦୂର ତରୁବନେ ଫୁଟଇ ଗୋପନେ
ଭୁରୁ ଭୁରୁ ବାସ ଛୁଟେ,
ନିଶିଥ ବିଜନେ ବିରହିଣୀ ମନେ
ବିରହ ଯାତନା କାଟେ।(୩)

ରୁକ୍ଷ ପତ୍ର କୋଣେ ଫୁଟୁଥାଏ ଗୁଣେ
ମୁଗ୍ଧ କରଇ ସଂସାର,
କ୍ଷଣିକ ଜୀବନ ନୁହେଁ ଅକାରଣ
ଝୁରଇ ପ୍ରାଣ ସକଳ।(୪)

ହସେ ବାସେ ମିଶେ ଏକ ଦିନ ଶେଷେ
ଧାରା କୋଳେ ଯାଏ ଶୋଇ,
ମୃଣ୍ମୟ ଶରୀର ଗୋପନେ ଅନ୍ତର
ପ୍ରକାଶ ପାରେନା ଛୁଇଁ।(୫)

କାୟ ମନ ବାକ୍ୟେ ଚନ୍ଦ୍ରମା କୁ ସତେ
ହୃଦ ପଲ୍ଲବେ ବରିଛି,
ପ୍ରଭାକର ସ୍ପର୍ଶ ହରିବ ସତୀତ୍ୱ
ପ୍ରଭାତେ ଝାସ ଦେଇଛି।(୬)

ଅବା ଷଟପଦ ଆଚରି କପଟ
ମଧୁ ନେବ ଚୋରିକରି,
ଆଗମନ ପୂର୍ବୁ ବିସର୍ଜନ ମାର୍ଗ
ଦୃଢ଼ ସଂକଳ୍ପେ ଆଦରି।(୭)

ବଇଁତୁଆ,
ବାଳକାଟି, ଖୋର୍ଦ୍ଧା।

ISSN NO.
2582-208X

# ସ୍ୱପ୍ନ ଭରା ରାସ୍ତା



ଆଶୁତୋଷ ମେହେର

ବୟସର ରାସ୍ତା କେତେ, କିଏ ସେ ମାପିଛି,
କାହା ପାଇଁ କେତେ ଲମ୍ବା, କିଏ ସେ ଜାଣିଛି?
କେଉଁ ବାଟେ କିଏ ଯିବ, ଆଗରୁ ସେ ଲେଖା,
ଜଣା କେତେ ଅଜଣା ବି, ଆନ ସାଥେ ଦେଖା ।।

ରାସ୍ତା କିଛି ଫୁଲ ଭରା, ମହକର ଢେଉ,
କେତେବେଳେ କଣ୍ଟାବାଡ, ରୁକ୍ଷ ଭରା ତାଉ।
ଶୀତଳ ଜୋଛନା ସାଥେ, ଚାନ୍ଦ ହସ ମୁହିଁ,
ଆଗ୍ନେୟ ଉଚ୍ଛ୍ୱାସ ଧାସେ, ବାଟ ହଜେ କାହିଁ ??

ଶିଶୁ ର ଦରୋଟି କଥା, ନାଲି ନାଲି ହସ,
ପ୍ରିୟା ଆଖି ଭାଷା କରେ, ଅବେଳରେ ବସ।
ବନ୍ଧୁ କିଏ ପରିଜନ, ହାତ ଆସେ ଧରି,
ଆବାଟ ରୁ ବାଟ କାଢେ, ମନେ କଥା ଭରି ।।

ଜୀବନ ଜଞ୍ଜାଳ ଭରା, ତଥାପି ତ ଭରେ,
ଆଗକୁ ବଢିବା ରାହା, ସ୍ୱପ୍ନ ସତ କରେ !!

୫୪ ଆର୍ଯ୍ୟପଲ୍ଲୀ, କଟଛକ ପଟିଆ
ଭୁବନେଶ୍ୱର ୭୫୧୦୨୪
ଦୂରଭାଷ 9437085396

ISSN NO.
2582-208X

# ଅଜାଣା ଘାଆ



ଡାଃ ଅନୀତା ପଣ୍ଡା

(ବିଶ୍ୱ ଆତ୍ମହତ୍ୟା ନିରାକରଣ ଦିବସ ଉପଲକ୍ଷେ )

ଆମ୍ବ ବଗିଚାର ସିମେଣ୍ଟ ବେଞ୍ଚ ଉପରେ ଦୁଇ ବନ୍ଧୁ ନୀରବରେ ବସିଛନ୍ତି । ଦୁହିଁଙ୍କର ବୟସ ପଞ୍ଚ ଷଠି ଉପରେ । ଅଳ୍ପ ପୂର୍ବରୁ ଟିକଏ ଝିପି ଝିପି ବର୍ଷା ହେଇ ଛାଡି ଯାଇଛି ବୋଧେ । ମାଟି ଟିକଏ ଓଦାଳିଆ ରହିଛି ସିନା, ମାତ୍ର କାଦୁଅ ନାହିଁ । କିନ୍ତୁ ଅଳ୍ପକେ ସୂର୍ଯ୍ୟ ବୁଡିଯିବ । କୃଷ୍ଣପକ୍ଷର ଅନ୍ଧାର ମାଡି ଆସିବ । ସେସବୁ ଆଡେ ବୋଧେ ଦୁହେଁ ସଚେତନ ନୁହନ୍ତି । ଦୁହିଁଙ୍କ ଭିତରେ କ୍ଷୀର ନୀର ସମ୍ବନ୍ଧ । ମାତ୍ର କେଇ ଦିନର ବନ୍ଧୁ ନୁହନ୍ତି । ପିଲାଟି ଦିନରୁ ମଧୁର ସମ୍ପର୍କ । କେବଳ ପିଲାଦିନ ନୁହେଁ, ଚାକିରୀ ଜୀବନର କର୍ମ ବହୁଳତା ଭିତରେ ମଧ୍ୟ କେବେ କେମିତି ଦେଖା ହୋଇଗଲେ ପୁଣି କେତେ ଅସରନ୍ତି ଗପ । ସତେ ଯେମିତି ନଦୀର ମୁହାଣଟି ଭାଙ୍ଗି ଗଲେ ଅସୁମାରୀ ଜଳଧାର । କେତେ ବର୍ଷ ଉପରାନ୍ତେ ଦେଖା ସାକ୍ଷାତ ।ତେବେ ଆଜି କାହିଁକି ଦୁହେଁ ନିରବ !! ଏ ନୀରବତା ପଛରେ କିଛି ଗୁଢ ରହସ୍ୟ ଲୁଚ ରହିଛି କି ? କିଏ ଦେବ ଏ ପ୍ରଶ୍ନର ଉତ୍ତର ! କରୁଣାକର ବାବୁ ! ଯିଏ ସାରା ଜୀବନ ସମାଜକୁ କରୁଣାରେ ବାନ୍ଧି ଦେଇଛନ୍ତି । ନାଁ ଯଶେଶ୍ୱର ବାବୁ ! ଯିଏ ନିଜେ କିଶୋର ବୟସ ପାର ନ କରିବା ଦିନଠାରୁ ଅଜ୍ଞାନ ପିଲାମାନଙ୍କୁ ଶିକ୍ଷା ଦାନ କରି କରି ଏକ ଯଶସ୍ୱୀ ଶିକ୍ଷକ ରୂପେ ନିଜର ପରିଚିତି ପ୍ରତିଷ୍ଠା କରି ପାରିଛନ୍ତି । କରୁଣାକର ବାବୁ ମୁହଁ ଖୋଲିଲେ । ମୋ ବନ୍ଧୁକୁ ଚିହ୍ନିବା ପାଇଁ ଆଉ କଣ ବାକୀ ଅଛି ! ତୋ ତେଜହୀନ ଆଖି ଦୁଇଟି ଯାହା ମୋ ପାଇଁ ଉଦୀୟମାନ କହି ଦେଉଛି ତୁ କିଛି ପ୍ରକାଶ କରିବାକୁ ଚାହୁଁଛୁ । ତେବେ ବିଳମ୍ବ କାହିଁକି ?

ISSN NO.
2582-208X

ପ୍ରଶାସକ ପରା, ତୁ ବୁଝି ପାରିବୁନି ! ଆଚ୍ଛା କହିଲୁ ସେପ୍ଟେମ୍ବର ୧୦ ତାରିଖ ଆଉ କେତେ ଦିନ ରହିଲା ?

ବାଃ ବାଃ ବାଃ ବାଃ ବାଃ । ଖୋଳଲି ପାହାଡ଼, ବାହାରିଲା ମୂଷା ଛୁଆ । ଦେଖିଲୁ ଯଶ, ବୟସ କେମିତି ମଣିଷର ଗତିବିଧିକୁ ନିୟନ୍ତ୍ରଣ କରି ଥାଏ ।

କେବଳ ଗତିବିଧି ନୁହେଁ, ବହୁତ କିଛିରେ କରୁଣା ।

ହଁ ଠିକ କହିଛୁ ଯଶ, ସେଥିପାଇଁ ସବୁଠାରୁ ଶ୍ରେୟ କଏ ଜାଣୁ, ସମୟ । ପିଲାଦିନ ତୋର ଖୁବ ଭଲ ଭାବେ ମନେ ଥିବ ନିଶ୍ଚୟ । ଲୁଚ ଛପି ନିଜ ନିଜର ପ୍ଲାଷ୍ଟିକ ବ୍ୟାଟ ବଲ ନେଇ ଘର ପଛପାଖ ପଡିଆରେ ଯାଇ ଖେଳିବା ଆରମ୍ଭ କରି ଦେଉଥିଲେ । ବେଶୀ ସମୟ ବାହାରେ ରହିଲେ ଜେଜେ ବାପା, ବାପାଙ୍କ ଠଉ ଗାଳି ଖାଇବା ଭୟରେ ଖେଳ ଶେଷ କରି ଜଲଦି ଜଲଦି ଘରକୁ ଫେରି ଆସୁଥିଲେ । ସେଇ ଯୋଉ ଟିକିଏ ସମୟ ସେତକରେ କେତେ କଥାବାର୍ତ୍ତା । ଆଗାମୀ ଦିନ ମାନଙ୍କ ପାଇଁ ନୂଆ ନୂଆ ଖେଳର ଯୋଜନା ।

ପୁଣି ଆମେ ସ୍କୁଲ ଗଲେ । ଏକା କ୍ଲାସରେ ଥାଇ ମଧ୍ୟ ଅଲଗା ଅଲଗା ଅଲଗା ସେକ୍ସନ । ମଝିରେ ସେଇ ଯୋଉ ଟିକିଏ ଖେଳ ଛୁଟି ପାଇଁ ସମୟ ମିଳୁଥିଲା ଜଲଦି ଜଲଦି ଟିଫିନ ବାକ୍ସ ଖାଲି କରି ପୁଣି ଖେଳରେ ମାତି ଯାଉଥିଲେ । ସ୍କୁଲ ଛୁଟି ପରେ ଅଲଗା ଅଲଗା ଲାଇନରେ ଯାଇ ବସ ଚଢୁଥିଲେ । ମୋ ବାପାଙ୍କ ପାଖେ ଗାଡି ଥିଲା । ତେଣୁ ନୂଆ ନୂଆ ମୁଁ ଗାଡ଼ିରେ ଯିବା ଆସିବା କରୁଥିଲି । ତତେ ମଧ୍ୟ ଆମ ଗାଡ଼ିରେ ଆସିବାକୁ ବାଧ କରିଥିଲି । କାହିଁକି କେଜାଣି ତାହା ସମ୍ଭବ ହୋଇ ପାରି ନଥିଲା । ତେଣୁ ଜେଜେ ବାପାଙ୍କ ପାଖରେ ଅଳି କରି ମୁଁ ବସରେ ଯିବା ଆସିବା କରିବା ପାଇଁକି ସକ୍ଷମ ହୋଇଥିଲି । କାହିଁକି କହିଲୁ ? ଏକାଠି ଦୁଇପଦ କଥା ହେବା । ତା ମଧ୍ୟ ଈଶ୍ୱରଙ୍କୁ ମଂଜୁର ନ ଥିଲା । ତୁ ବସ ରେ ପୁରୁଣା ହେଇ ଯାଇଥିଲୁ, ତେଣୁ ତୋ ସିଟ ଆଗରେ ଥିଲା । ସେଇଥି ପାଇଁ ଗୋଟିଏ ବସରେ ଯାଉଥିଲେ ମଧ୍ୟ ଦୁହିଁଙ୍କ ଭିତରେ ଦୂରତା ରହୁଥିଲା । ବସ୍ରୁ ଓହ୍ଲାଇବା ପରେ ସେଇ ଯୋଉ ନିମିଷେ ସମୟ ମିଳୁଥିଲା ସେତିକିରେ ହଜାର ଗପ । ଜେଜେ କହୁଥିଲେ ଏବେ ଘରକୁ ଗ୍ଭଲ । ଖାଇ ପିଇ ଘଣ୍ଟେ ଘଣ୍ଟେ ଶୋଇପଡ । ତାପରେ ଉଠି

ISSN NO.
2582-208X

ଖୀର ଗିଲ୍ସେ ଗିଲ୍ସେ ପିଇ ଘଣ୍ଟେ ଦେଢ଼ ଘଣ୍ଟା ମନଇଛା ଖେଳ । କେହି ମନା କରିବେନ । ହେଲେ ସେଥି ପାଇଁ ମଧ କଟକଣା ଥିଲା । ଯେମିତି ହେଲେ ସାଢେ ଛ'ଟା ଆଗରୁ ଘରକୁ ଆସି ହାତ, ଗୋଡ଼, ମୁହଁ ଧୋଇ ପ୍ରାର୍ଥନା . ତାପରେ ପୁଣି ପାଠ ପଢା । କେମିତି ସମୟ ଗଡୁଥିଲା ଜଣା ବି ପଡୁ ନ ଥିଲା ।

ତୋ ଜେଜେ କଣ କହୁଥିଲେ ଆଉ ତୋର ବୋଧେ ମନେ ନ ଥିବ। ହେଲେ ମୁଁ ତାକୁ ବେଦରେ ଗାର କରି ରଖିଛି । "ଘର ତିଆରି କରିବା ବହୁ କଷ୍ଟ ସାପେକ୍ଷ, କନ୍ତୁ ତାକୁ ଭଙ୍ଗିବାକୁ ସମୟ ଲାଗେନା । ବନ୍ଧୁତା ବାନ୍ଧିବାକୁ ଲମ୍ବା ସମୟ ଲାଗେ, ମାତ୍ର ତାକୁ ଭାଙ୍ଗିବା ପାଇଁ ସମୟ ଲାଗେନା । ସମ୍ପର୍କ ଗଢିବା ପାଇଁ ଜୀବନ ବିତି ଯାଏ, ମାତ୍ର ତାହା ବିଗାଡିବା ପାଇଁ ସମୟ ଲାଗେନା । ମଣିଷକୁ ଛୋଟରୁ ବଡ ହେବା ପାଇଁ ବହୁ ସମୟ ଲାଗିଥାଏ, ମାତ୍ର ଧରା ଛାଡ଼ି ଯିବା ପାଇଁ ନିମିଷଟେ ମାତ୍ର । ଆଉ ସେଇ ସମୟ ଯାହାର ଗତିକୁ ବାନ୍ଧି ରଖିବା ଅସମ୍ଭବ। ତେଣୁ ସେଇ ସମୟକୁ ସଂମାନ ଦେଇ ନିଜ ନିଜ କାମ କରିଯାଅ । ଆଉ ଆଜି ! ଆମପାଖେ ସମୟ ହିଁ ସମୟ । କରିବା ପାଇଁକି କିଛି ନାହିଁ କି କହିବା ପାଇଁ ମୁହଁରେ ଭାଷା ନାହିଁ।

କରୁଣାକର ବାବୁଙ୍କ ହାବଭାବରୁ ମନେ ହେଉଥିଲା ତାଙ୍କର ବହୁତ କିଛି କହିବା ପାଇଁ ରହିଛି । ମାତ୍ର ସତେ ଯେମିତି କୌଣସି ଏକ ଅଜଣା ଶକ୍ତି ଭିତରୁ ତାଙ୍କର ସ୍ୱର ରଜୁଟିକୁ ରୁଦ୍ଧ କରି ଦେଉଛି । ତାଙ୍କୁ ଆବାକାବା କରାଇ ଯଶେଶ୍ୱର କହି ଉଠିଲେ, ତୋ ଆଉଟ ହାଉସ ଟା ଖାଲି ପଡିଥିବ ତ ! କଛି ମନେ ନକରୁ ଯଦି ତତେ ଗୋଟେ ଅନୁରୋଧ କରୁଛି । ଆଶା କରୁଛି ତୁ ନଷ୍ଟେ ନଜର ନଷ୍ୱଉି ନେବୁ । ଅର୍ଥାତ ଘରଟା ତୋର । ଆଉ ତୋ ପିଲାମାନେ ତ ତୋର କେତେ ବାଧ୍ୟ । ତେଣୁ ତତେ ନିଷ୍ୱଉି ନେବାରେ ଅସୁବିଧା ହେବନି। ମୋ ଆର୍ଥିକ ଅବସ୍ଥା ତ ତତେ ଅଛପା ନୁହେଁ । ସାରା ଜୀବନ ବିତିଗଲା, ଘର ଖଣ୍ଡେ କରି ପାରିଲିନି। ପିଲାମାନଙ୍କୁ ଶିକ୍ଷିତ କରି ମଣିଷ କରିବାକୁ ଶ୍ରେୟ ମନେ କଲି । ସେମାନେ ମଣିଷ ହେଲେ ଭବିଷ୍ୟତରେ ମହଲ ଗଢିବାକୁ ସକ୍ଷମ ହେବେ । ପିଲା ମାନଙ୍କୁ ହଷ୍ଟେଲ ରେ ରଖିଥିଲି । ଆମ ଦିହିଁଙ୍କ ପାଇଁ ସେଇ କୁଡ଼ିଆଟି ଯଥେଷ୍ଟ ମନେ କରୁଥିଲି। ହେଲେ ଶ୍ରୀମତୀ ଙ୍କୁ ଏହା କେବେ ବି ପସନ୍ଦ ନଥିଲା।

ISSN NO.
2582-208X

ବଡପୁଅ ଯେଉଁଦିନ ବାଙ୍ଗାଲୋରରେ ପେଣ୍ଟ ହାଉସ ଟିଏ ତିଆରି କରେଇଲା ଶ୍ରୀମତୀ ମୋ ସଂଗେ ଲଗାଇଥିଲେ, ସୁରେଶ ପାଖରେ ବାଙ୍ଗାଲୋର ରେ ଏଡ଼େ ବଡ଼ ଘରଟାଏ ଅଛି, ସେଇଠିକୁ ଚାଲିଯିବା । ତମେ ସେଠି ରାଜା ହେଇ ରଇବ । ଏ ପାରାପେଡି ଠଉ ତ୍ରାହି ମିଳିଯିବ । ଶ୍ରୀମତୀ ଙ୍କୁ ବୁଝେଇ ଦେଇଥିଲି, ତୁମେ ସିନା ବଡ ହେବା ପରେ ଏ ଘରକୁ ଆସିଛ, ଘରଟା ପ୍ରତି ଏତେ ମାୟା ମମତା ନାହିଁ । ମୋର ଜନ୍ମ ଏଇଠି । ଏଠାରେ ମୁଁ ମୋର ପିତୃ ପୁରୁଷ ମାନଙ୍କର ଛବି ଦେଖି ପାରୁଛି ।ସେତେବେଳେ ଶ୍ରୀମତୀ ସିନା ମାନି ଯାଇଥିଲେ, ହେଲେ ସେଇ କୁଡ଼ିଆଟିକୁ ଭାଙ୍ଗି ସାନପୁଅ ସନ୍ତୋଷ ଯେତେବେଳେ ଗୋଟିଏ ଦି ମହଲା କୋଠା ଛିଡା କରିବା ପାଇଁ ଯୋଜନା କଲା, ଶ୍ରୀମତୀ ମତେ ବୁଝାଇବାର ପ୍ରୟାସ କଲେ, 'ତୁମ ଚିନ୍ତା ଧାରାକୁ ସଂମାନ ଦେଇ ସନ୍ତୋଷ ଏ ଏ ପ୍ରୟାସ କରୁଛି, ଅବୁଝା ନହେଇ ମାନି ଯା । ଜୀବନ ଯାକ ସନ୍ତୋଷ ଲାଭ କରିବ। ନିଜର ଅନିଚ୍ଛା ସତ୍ତ୍ୱେ ମଧ୍ୟ ଶ୍ରୀମତୀ ଙ୍କୁ ଖୁସି କରିବା ପାଇଁ ଗୋଟାଏ ମସ୍ତବଡ ଭୁଲ କରିଥିଲି । ନାଁ, ଏକଲା ତାଙ୍କୁ କାହିଁକି ଦୋଷ ଦେବି । ମୋ ଅବଚେତନ ମନରେ ମଧ୍ୟ ଆଲିସାନ ଘର ପାଇଁ ଉତ୍କଣ୍ଠା ଜାଜରୁଙ୍କ ହୋଇଥିଲା । ନଚେତ ତାହା ମଧ୍ୟ ମୁଁ ଅସ୍ୱୀକାର କରି ପାରିଥାନ୍ତି ।

ନିଜ ପ୍ରଶ୍ନର ଉତ୍ତର ନ ପାଇ ଯଶେଶ୍ୱର ପୁଣି ଆରମ୍ଭ କଲେ, ତୁ ତ ଜାଣିଛୁ କରୁଣା, ଭଡାଘର ନେବାପାଇଁ ମୋ ପାଖେ ଅର୍ଥାଭାବ । ବୁଢା ବୁଢ଼ୀ ଦିଟା ଗଣ୍ଡାଏ ଖାଇ, ଢୋକେ ପିଇ ଜୀ ରହି ପାରିବୁ ତାହା ମଧ୍ୟ ଦୁଷ୍କର । ତୋ ଆଉଟ ହାଉସରେ କଣ କେହି ରହୁଛନ୍ତି ?

ନିଜ ଅଜାଣତରେ କରୁଣାକର ବାବୁଙ୍କ ମୁହଁରୁ ବାହାରି ଆସିଲା, ହଁ । ପୁଣି କଥାର ମୋଡ ବଦଳାଇ କହିଲେ, କରୋନାର ଦ୍ୱିତୀୟ ଢେଉ ସମୟରେ ଆକ୍ରାନ୍ତ ହୋଇଥିଲି । ଡାକ୍ତର କହିଥିଲେ ହୋମ ଆଇସୋ ଲେସନ । ତେଣୁ ସେଠାକୁ ସିଫ୍ଟ ହୋଇ ଯାଇଥିଲି । କେତେଦିନ ପରେ ପୁଅ ବୋହୂ ଜବରଦସ୍ତି ମତେ ଘର ଭିତରକୁ ନେଇଗଲେ.. ହେଲେ ଇଶ୍ୱରଙ୍କ ଇଛା । ତୃତୀୟ ଢେଉ ସମୟରେ ମଧ୍ୟ ସେ କରୋନା ମତେ ଆଉଥରେ ଗ୍ରାସିଲା । ଯଦିଓ କୋଠରୀଟି ଭଲଭାବେ ସାନିଟାଇଜ କରାଯାଇଛି, ତଥାପି ମଧ୍ୟ କେତେ ସୁରକ୍ଷିତ ଏବେ ମୁଁ ଜାଣି ପାରୁନି ।

ISSN NO.
2582-208X

ଆମ ଦୁହିଁଙ୍କୁ କରୋନା ଗ୍ରାସିବ ତ ! ଭଲ କଥା । ଆତ୍ମହତ୍ୟାର ପାପ ତ ଆମେ ମୁଣ୍ଡରେ ନେଇ ଯିବୁନି । ତାଛଡା ତୁ ମଧ୍ୟ ଦୁଇଟି ଆତ୍ମହତ୍ୟାର ନିରୋଧ କରି ପାରିଛୁ ପ୍ରମାଣ କରି ସେପ୍ଟେମ୍ବର ୧୦ ତାରିଖ ଦିନ ପ୍ରଶଂଶା ଭାଜନ ହୋଇ ପାରିବୁ । ହତବୁଦ୍ଧି ହୋଇ କରୁଣାକର ବାବୁ ବସିଥିବା ସିମେଣ୍ଟ ବେଞ୍ଚଟିରୁ ଉଠି ପଦଚାରଣ ଆରମ୍ଭ କରିଦେଲେ । ଚିନ୍ତା କରି ଚାଲିଥିଲେ, ଅଗ୍ନାଗ୍ନି ବନସ୍ତରେ ଛେଳି, କୁକୁର, କୁକୁଡ଼ା ନିଖୋଜ ହେଲା ଭଳି ତାଙ୍କୁ ସେଇ ବନସ୍ତରେ କେହି ନିଖୋଜ କରି ଦିଅନ୍ତାନି ? ଅସ୍ପଷ୍ଟ ଭାବେ ମୁଖରୁ ନିର୍ଗତ ହୋଇ ଉଠିଲା ଅଜାଗା ଘାଟେ ଉଠିଛିରେ ଯଶ, ବହୁତ କଷ୍ଟ ହେଉଛି । ହତବମ୍ବ ହୋଇ ଯଶେଶ୍ୱର ବାବୁ ମଧ୍ୟ ବେଞ୍ଚରୁ ଉଠି ପଡିଲେ । ତୁ ବି ଆଜି ଅନ୍ୟର ଦୟାରେ ବଞ୍ଚିଛୁ କରୁଣା ! ତୋର କରୁଣା ମୟ କର ଦୁଇଟି ନିସ୍ତେଜ ହୋଇ ପଡିଛି । ହଁ, ତୁ ଏବେ କରୁଣାକର ନୋହୁ କରୁଣା ଗ୍ରାହୀ । ଦୁହିଁଙ୍କର ଆଖି ନତ ହୋଇଥିଲା ସିନା ଅନ୍ତର୍ଦୃଷ୍ଟିରେ ଦୁହେଁ ଦୁହିଁଙ୍କୁ ଚାହିଁ ରହିଥିଲେ । କାହାର ଶରାଘାତରେ ଗଛ ଉପରୁ ରକ୍ତାକ୍ତ ପକ୍ଷୀଟିଏ ଭୁଇଁରେ ପଡି ଯାଇଥିବା ଦେଖି ଦୁହେଁ "ଆହା" କହି ପକ୍ଷୀଟି ଉପରକୁ କୁଡି ଝାମ୍ପି ପଡ଼ିଥିଲେ ।

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ISSN NO.
2582-208X

# ମହାଦେବ ଗୋବିନ୍ଦ ରାନାଡେ



ଅକ୍ଷୟ ମହାନ୍ତ (ନିର୍ମାଲ୍ୟ)

ଦୁଇ ପତରରୁ
ତୁଳସୀଟା ବାସେ
ଏମିତି ରହିଛି କଥା
ବଡ ହୋଇ ସିଏ
ଫୁଲ ପତ୍ର ହେଲେ
ଜଣା ପଡେ ଯଥାର୍ଥତା।

ଛଅ ବରଷର
ପିଲାଟିଏ ନିତି
ଖେଳିବାକୁ ଯାଇଥାଏ
ଆଠ ବରଷର
ଆଉ ଏକ ପିଲା
ତା' ସାଂଗରେ ଖେଳି ଥାଏ।

ଆସିବାକୁ ଦିନେ
ଡେରି ହେଲା ବୋଲି
ମାଆ ତା' ପାଖକୁ ଗଲେ
ପୁଅ ପାଇଁ ତାଙ୍କ
ଥଳରେ କିଛିଟା
ଖାଦ୍ୟ ନେଇ ଯାଇଥିଲେ।

ମାଆ ହାତୁ ନେଇ
ଖାଦ୍ୟ ଥଳିଟିକୁ
ଖାଦ୍ୟକୁ ଦି ଭାଗ କଲା
ବଡ ଭାଗଟିକୁ
ସାଂଗକୁ ଦେଇ ସେ
ଛୋଟକୁ ନିଜେ ଖାଇଲା।

ମନେ ମନେ ମାଆ
ଦୁଃଖ କରିଥିଲେ
ଚୁପ ଚାପ ରହିଗଲେ
ଘରକୁ ଆସି ସେ
ପୁଅକୁ ତାଙ୍କର
ତାଗିଦ୍ ହିଁ କରିଥିଲେ।

"ତୋହ ଲାଗି ମୁହିଁ
ଖାଦ୍ୟ ନେଇଥିଲି
ଭାଗ ତାକୁ କରିଦେଲୁ
ବଡ ଭାଗଟିକୁ
ବଡ ପିଲାଟାକୁ
କେମିତି ତୁ ଦେଇ ଦେଲୁ ?"

ISSN NO.
2582-208X

ପୁଅ କହିଥିଲା
"ବଡ ପିଲା ବୋଲି
ବଡ ଭାଇ ସିଏ ମୋର
ବଡ ଭାଗ ଯଦି
ନ ଦେଇ ଥାଆନ୍ତି
ମନ ବୁଝି ଥାନ୍ତା ତାର ?"

ସେହି ପିଲା ଦିନେ
ଶିକ୍ଷକତା କଲା
ପରେ ହେଲା ନ୍ୟାୟାଧୀଶ
ନାଆଁ ମହାଦେବ
ଗୋବିନ୍ଦ ରାନାଡେ
ରଖି ଯାଇଛନ୍ତି ଯଶ ।

ମୋ ନଂ 9937462507

ISSN NO.
2582-208X

# ବରଷା ଆଗମନ



ଅଦ୍ୱୈତ କୁମାର ସାମନ୍ତରାୟ

ଅର୍କ ତେଜ କ୍ଷୀଣ    ଅର୍କ  ଅନୁରାଗେ
ଧରା ରାଣୀ ତାପ ଶିତଳ ହେଲା
ପୁଷ୍କରେ ପୁଷ୍କର    ଉଡିଲେ ହରଷେ
ଶେଷରେ ଆଷାଢ଼ ମହୀ ଛୁଇଁଲା

ଜୀବନ ବିହୁନେ    ଜୀବନ ବ୍ୟସ୍ତତା
ଧିରେ ଧିରେ ଆଜି ଅପସରିଲା
ବାରିଦ ଉହାଡୁ    ଝରିଲା ବରଷା
ଜଳ ପ୍ରବାହ ରେ ମହୀ ତିନ୍ତିଲା

ଚଞ୍ଚଳା ଆଲୋକ   ଚଞ୍ଚଳା ହୃଦରେ
ରଚିଲା ପ୍ରମାଦ ଗୃହେ ଗମିଲେ
ସାରଙ୍ଗ ର ତାନ   ତୋଳିଲାନି ଆଉ
ଆନନ୍ଦେ ସାରଙ୍ଗ ନୃତ୍ୟ ରଚିଲେ

ଶେଷ ଗୀରିଷମ   ତାପର ସନ୍ତାପ
ସଭୀତା ବିଦଗ୍ଧା ଧରିତ୍ରୀ ଯୋଶା
ଅରୁଣ ର କର  ନିଷ୍ପ୍ରଭ ଲଭିଲା
ବିଷାଦିନୀ ମନେ ତୋଳିଲା ଆଶା

ମେଘ ରାଜ କନ୍ୟା   ବରଷା ରାଣୀଗୋ
ସହଜେ ତ ଏହି ତାମସୀ ରାତି

ତବ ଅଭିସାର   ଏ ଧରା ଧାମରେ
ରଚିଯାଏ କେତେ ଲାବଣ୍ୟ ପ୍ରୀତି

ଅଙ୍ଗ ବଲ୍ଲରୀରେ  କଳାମେଘି ଶାଢ଼ି
କଜ୍ଜଳ ଚିକୁର କୁଙ୍କୁମ ଲୀଳା
ଅଭିମାନୀ ତୁମେ   ଅଭ୍ର ଅଙ୍ଗନରେ
ଜୀମୂତ କୋଳରେ ଚପଳା ଖେଳା

ଅମ୍ବରେ ଆବୃତ   ମେଘର ଅମ୍ବର
ଜଳ ବରଷଣେ ହସିଲା ଧରା
ଶିଖରେ ଶିଖରେ  ବନ ଶ୍ୟାମଳୀମା
ନଭସେ ଲିଭିଲା ବିମଳ ତାରା

ପ୍ରଦୋଷ ପ୍ରତ୍ୟୁଷ  ଏକାକାର ହେଲା
ଦିବା ନିଶି ଭେଦ ରହିଲା ନାହିଁ
କୁଳିଶ ନିନାଦ   ଭୀତି ସଂଚରିଲା
ବାସରେ ଅବଳା ଲୁଚିଲେ ଯାଇ

ବାରୁଣୀ ଆଶାରେ  ଆସାର ରଚିଲା
କାମନା ରଚିଲା କାମିନୀ ମନେ
ପଲକେ ପଲକେ  ତୋଳିଲା ସମ୍ଭ୍ରମ
ପ୍ରଣୟୀ ର ସ୍ମୃତି ଆସିଲା ଧ୍ୟାନେ

ISSN NO.
2582-208X

କ୍ଳାନ୍ତ ତନୁ ଭାର   ଫୁଲ ଶେଯ ପରେ
ଗହନ ମନର ଗୋପନ ବାର୍ତ୍ତା
ସ୍ମରଇ ଅତୀତ   ବ୍ରୀଡା ବତୀ ବାଳା
ବୁକୁରେ ଲେଖି ପ୍ରିୟତମ କଥା

ନିମ୍ନଗା ଉରସେ   ଜଳ ନିର୍ମଳତା
ଦେଖୁ ଦେଖୁ କ୍ଷଣେ ହଜିଲା ତହିଁ
ପ୍ରବଳ ରଭସେ   ଭେଦି ବନ ପ୍ରାନ୍ତ
ବହିଲା ସିନ୍ଧୁରେ ମିଶିବା ପାଇଁ

ମିଶଇ ତଟିନୀ   ସାଗର ଗରଭେ
ଏକାକାର ସେହି ଅନନ୍ତ ଦେଶେ
ପ୍ରତୀଚୀ ଦିଗନ୍ତେ   ଶଇଳ ଶିଖରୁ
ଚପଳ ଚପଳା ଆଲୋକ ହସେ

ବରଷା ଜଳର   ପରଶ ପାଇଁକି
ଚାତକ ଚାତକୀ ଉଡ଼ି ବୁଲିଲେ
ବଳାହକ କୋଳେ   ବଳାହକ ଖଣ୍ଡ
କ୍ଳାନ୍ତି ଉପସମେ କ୍ଷଣେ ରହିଲେ

ତଡାଗେ ନଳିନୀ   କ୍ଷଣେ ହଜି ଗଲା
କଦମ୍ବ ହସିଲା ବିଟପେ ତହିଁ
ବର୍ଷାମ୍ବୁ ପରଶେ   ପ୍ରଭଞ୍ଜନ ଘାତେ
ଝଟିକା ଆଗମେ ଥରିଲା ମହି

ସରସୀ ବୁକୁରେ   ସାରସ ଖେଳିଲେ
ସାରସ ପ୍ରକାଶେ ତପନେ ଚାହିଁ
ପାଟପୋକ ଗଣ   ହରଷେ ଗମିଲେ
ବର୍ଷକରୀ ନାଦେ କମ୍ପିଲା ମହି

ବର୍ଷାଗମ ଦେଖି   ବର୍ଷାମଦ ଗଣ
ନାଚିଲେ ଆନନ୍ଦେ କାନନେ ରହି
ଦୂର୍ବାଦଳେ ମଣ୍ଡି   ଅବନୀ ମୁକୁର
ଘନ ଶ୍ୟାମଳୀମା ରଚିଲା ମହି

କଦବା କଦବା   ବର୍ଷୋପଳ ଖସେ
ନଭସ୍ଥ ଧରଣୀ ବିତାନ ପରେ
କ୍ଷଣେ ରହିଯାଇ   ମିଶିଯାଏ ଜଳେ
ଭାସିଯାଏ ସେହି ବରଷା ନୀରେ

ଶରତ ପରଶେ   ହଜିଯିବ ତୁମେ
ଜାଣନ୍ତି ସଭିଏଁ ଜଗତ ସାରା
ସବୁଦିନ ପାଇଁ   ଏ ମର ଜଗତେ
କିଏବା କେଉଁଠି ରହିଛି ପରା ?

ଏହିତ ଜୀବନ   କ୍ଷଣକ ପାଇଁକି
କ୍ଷଣ କ୍ଷଣକରେ ଆୟୁଷ ସରେ
ବରଷା ରାଣୀଗୋ   ରାଣମୋ ରହିଲା
ଆସିବ ଧରାକୁ ବର୍ଷକେ ଥରେ ।

ଜଗତସିଂହପୁର
(୭୯୭୮୧୩୩୮୦୮)

ISSN NO.
2582-208X

# ଭଙ୍ଗା ହୃଦୟ



ଛବି ରାଣୀ ପତି

କାହିଁ ଭାଙ୍ଗିଦେଲୁ ହୃଦୟ ? ଏତିକି କହିଯା ଥରେ
କିଛି ତ ବାହାନା ରଖିଯା, କିଛି ତ କାରଣ କହିଯା ।

ମୁଁ ଯେବେ ତୋର ମନେ ପଡ଼ିବି
ବାତୁଳା ହୋଇ ରାତି ଝୁରିବୁ
କେମିତିକା ଚିଜ ହରେଇ ଦେଲୁତୁ
ଆସିବନି ନିଦ ଭାବି ବସିବୁ ।

ଯୋଉ ସ୍ୱପ୍ନ ଥିଲା ତୋର ଆଉ ମୋର
ସେ ସ୍ୱପ୍ନ ତୁ ଆଉ କାହୁଁ ପାଇବୁ ?
କେମିତିକା ଚିଜ ହରେଇ ଦେଲୁତୁ
ଆସିବନି ନିଦ ଭାବି ବସିବୁ ।

କେତେ ଆଶା ଗୁନ୍ଥିଥିଲେ ଆଲିଙ୍ଗନେ ରହି
ଚାଲିଯିବୁ ଯଦି ତୁହି, ଲୁହ ନିଗାଡି ମରିଯିବି ମୁହିଁ ।
ଆଉ କାହା ସାଥେ ଯେବେ ବାଣ୍ଟୁଛୁ ମନ
ମନେ କି ପଡୁନି ମୋ ସଙ୍ଗେ ବିତିବା ଦିନ ?

ତୋତେ ଚାହୁଁଛନ୍ତି ବୋଲି ହଜାରେ କହିବେ
ମୋ ଠାରୁ ଅଧିକ ତୋତେ କିଏ ଭଲ ପାଇବେ ।

ଯେତେ ଇଚ୍ଛା ଚେଷ୍ଟା କରି ତୁ ଦେଖିନେ
କାହାର କି ଆଉ ତୁ ହୋଇ ପାରିବୁ

ISSN NO.
2582-208X

ମୁଁ ଯେବେ ତୋର ମନେ ପଡ଼ିବି
ବାତୁଳା ହୋଇ ତୁ ରାତି ଝୁରିବୁ
କେମିତିକା ଚିଜ ହରାଇ ଦେଲୁତୁ
ଆଶିବନି ନିଦ ଭାବି ବସିବୁ ।

ଯୋଉ ସ୍ୱପ୍ନ ଥିଲା ତୋର ଆଉ ମୋର
ସେ ସ୍ୱପ୍ନ ଆଉ ତୁ କାହୁଁ ପାଇବୁ ?
କେମିତିକା ଚିଜ ହରାଇ ଦେଲୁତୁ
ଆସିବନି ନିଦ ଭାବି ବସିବୁ ।

ମୋ ପରଶ କୁ ତୋ ଜୀବନ ଆକାଶ ତରସୁ ଥିବ
ମୋ ସ୍ମୃତି ସତ ହୋଇ ଆଉ କେବେ ନଫେରିବ ।

ଯୋଉ ସ୍ୱପ୍ନ ଥିଲା ତୋର ଆଉ ମୋର
ସେ ସ୍ୱପ୍ନ ଆଉ ତୁ କାହୁଁ ପାଇବୁ ?
କେମିତିକା ଚିଜ ହରାଇ ଦେଲୁ ତୁ
ଆସିବନି ନିଦ ଭାବି ବସିବୁ ।

ବରଷା ରେ ଯେତେ ଲୁହ ମୁଁ ଢାଳିଛି ଲୁଚି
ତୋତେ ବି ସେତିକି ଲୁହ ଗାଳିବାକୁ ହେବ
କେବଳ ମୁଁ ଭାଙ୍ଗିଯିବା ନୁହେଁ ତ ଯଥେଷ୍ଟ
ତୋ ମନ ବି ଦିନେ ନିଶ୍ଚେ ଭାଙ୍ଗିବ ।

ମଧ୍ୟ ଶାସନ
ବିରିଡ଼ି, ଜଗତସିଂହପୁର
ଫୋନ୍ -୯୩୩୭୯୭୦୦୭୦

ISSN NO.
2582-208X

# ଉଠ୍ ପୁଟୁର୍



ଆରତୀ ସାହୁ (ଆଶା)

( ଭାଗ - ୧୨ )

ଉଠ୍ ପୁଟୁର୍ ....
ଉଠ୍ ପୁଟୁର୍ ....

କବ୍ରା ଡାକିତେ ଡାକିତେ, ନିଦଟା ଭାଙ୍ଗିଗଲା ମୋର । ଆଜି ମୋ ଜୀବନରେ ଏକ ନୂତନ ସକାଳ । ନୂତନ ଆଶା ଓ ଭରସା ନେଇ ଆସିଛି ଏଇ କବ୍ରା । ଆମ୍ବଡା ଗଛରେ ବସି ଡାକୁଛି ।

ଉଠ୍ ପୁଟୁର୍ .... ଉଡ୍ ପୁଟୁର୍ .... ପୁଟୁର୍ ଉଠିବ ନିଶ୍ଚିତ, ଆଉ ଉଡ଼ିବ ମଧ୍ୟ ।

ଗଣନାଥ ଭାଇ ସହିତ ମୁଁ ଯିବି ଦୁଇଟା ନଈ ପାରି ହେଇ ବଡ୍ଡ ଗାଁ ନୁଆଗାଁ ଜିଲ୍ଲା ହାଇସ୍କୁଲକୁ । ଭଗବାନଙ୍କ ଦୂତ ପରି ମୋ ଜୀବନରେ ଆସିଥିଲେ ଗଣିଆ ଭାଇ । ଆଜି ସପ୍ତମ ଶ୍ରେଣୀ ଉତ୍ତୀର୍ଣ୍ଣ ହେବା ଲାଗି ବିଶେଷ ଏକ ସ୍ୱତନ୍ତ୍ର ପରୀକ୍ଷା ଦେବି ମୁଁ । ଏକଲା ପରୀକ୍ଷା, ଏକଲା ପରୀକ୍ଷାର୍ଥୀ ।

ମୁଁ ଅଭି, ମୁଁ ଅଭିମନ୍ୟୁ, ମୁଁ ଅଭିମନ୍ୟୁ ପରିଚ୍ଛା ।

ଏ ଭିତରେ ଗଣନାଥ ଭାଇ ଜିଲ୍ଲା ସ୍କୁଲରେ ଶିକ୍ଷକତା ଆରମ୍ଭ କରି ଦେଇ ଥାଆନ୍ତି । ବିବେକା ମାଷ୍ଟରଙ୍କୁ ନେଇ ଜିଲ୍ଲା ସ୍କୁଲର ହେଡ ମାଷ୍ଟର ସହିତ ମୋ ବିଷୟରେ କଥାବାର୍ତ୍ତା

ISSN NO.
2582-208X

କରି ସାରିଥାନ୍ତି । ଏକା ଥରେ ଅଷ୍ଟମ ଶ୍ରେଣୀରେ ମୋର ନାମ ଲେଖାଇବା ପାଇଁ ମୋ ଠାରୁ ବିଶେଷ ଦରଖାସ୍ତ ଲେଖାଇ ନେଇ ଜମା କରି ଦେଇଥାନ୍ତି ।

ପିଲାର ଯୋଗ୍ୟତା ନ ଜାଣି ତାକୁ ଅଷ୍ଟମ ଶ୍ରେଣୀରେ କେମିତି ବସା ଯାଇ ପାରିବ ? ଇଏ ଏକ ଗହନ ପ୍ରଶ୍ନ ଥିଲା ।

ବହୁତ ଧାଁ ଧପଡ଼ କରି ଆ ତା ହାତ ତା ଓଠ ଧରି ସେ ଦୁହେଁ ଶେଷକୁ ସଫଳତା ପାଇଥିଲେ । ତହସିଲଦାର ଓ ସବ୍ ଡିଭିଜନାଲ୍ ଅଫିସରଙ୍କୁ କୁହାବୋଲା କରି ମୋ ପାଇଁ ଏକ ସ୍ୱତନ୍ତ୍ର ପରୀକ୍ଷାର ଆୟୋଜନ କରା ଯାଇଥିଲା । ଆଜି ଥିଲା ସେହି ପରୀକ୍ଷା । ମୋର ଉନ୍ନତି ଦିଗରେ ବାଟ କଢେଇ ନେଇ ଯିବା ପାଇଁ ଏକ ସ୍ୱତନ୍ତ୍ର ପାହାଚ । ପୁଟୁର୍ କୁ ଉଠେଇବା ପାଇଁ, ଉଡେଇବା ପାଇଁ ସମସ୍ତଙ୍କର ମିଳିତ ପ୍ରଚେଷ୍ଟା ।

ବାପା ମାଆ ସମସ୍ତଙ୍କର ଛାତି ଧଡ଼ଧଡ଼ ହେଉଥିଲା । ଉତ୍କଣ୍ଠା ଓ ଚିନ୍ତାରେ । ସେମାନେ ମୋ ନିଦ ଭାଙ୍ଗିବା ପୂର୍ବରୁ ଉଠି ପଡ଼ିଥିଲେ । ମୁଁ ପୁଣି ଥରେ ସେହି ବିଛଣାରେ ବହି ଖେଳେଇ ଆଉ ଥରେ ଥରେ ସବୁ ପାଠକୁ ଗଡ଼ଉଥିଲି । ମୁଁ ଜାଣି ପାରି ନଥିଲି, ମାଆ ବାପା ଦୁହେଁ ଆସି ମୋ ପାଖରେ ବସିଛନ୍ତି ।

ବିବେକା ମାଷ୍ଟର କହିଛନ୍ତି ରୁଢ଼ିପ୍ରୟୋଗ, ଓ ସମାସ ଟିକେ ଭଲ କରି ଦେଖିବା ପାଇଁ । ଗଣିତ ପାଇଁ ମୋର ଡର ନଥିଲା ଟିକେ ହେଲେ । ପାଦ୍ୟ ଉପପାଦ୍ୟ, ବୀଜ ଗଣିତ, ଅଙ୍କ ଗଣିତ ସବୁ ଭଲ ଭାବରେ ଆସୁଥିଲା । ବିବେକା ମାଷ୍ଟର ଭଲ ଭାବରେ ବୁଝେଇ ଦେଇଥିଲେ । ଆଉ ଗଣନାଥ ଭାଇଙ୍କ ଠାରୁ ଅନେକ ସଂକ୍ଷିପ୍ତ ଟ୍ରିକ୍ ସବୁ ଶିଖି ଯାଇଥିଲି । ଇଂରାଜୀ ମଧ୍ୟ ଠାକ୍ ଠାକ୍ କରି ଦେଉଥିଲି ।

କିନ୍ତୁ ସବୁଠାରୁ ଚିନ୍ତାର ବିଷୟ ଥିଲା ବିଜ୍ଞାନ । କୋଉ ଏକ ପଶି ଗାଁର ନିତାନ୍ତ ଅବୈଜ୍ଞାନିକ ପରିବେଶରେ ବିଜ୍ଞାନ ବୁଝିବା ନିହାତି ଦୁଷ୍କର ଥିଲା । ବିବେକା ମାଷ୍ଟର୍ ଯତ୍ କିଞ୍ଚିତ୍ ବୁଝେଇଥିଲେ । ଅଧିକାଂଶ ବୁଝି ଯାଉଥିଲି, କିନ୍ତୁ, ପ୍ରକାଶ, ଦର୍ପଣ, ବିଦ୍ୟୁତ,

ISSN NO.
2582-208X

ଗତି ଓ ସମୟ ଇତ୍ୟାଦି ବୁଝିବାକୁ ବଡ଼ କଷ୍ଟ ହେଉଥିଲା । ତଥାପି ପରିଭାଷା ସବୁ ମୁଖସ୍ଥ କରି ଦେଇଥିଲି ।

ମୁଁ ବହୁତ ନର୍ଭସ୍ ହେଇ ଯାଇଥିଲି । ମୁହଁ ଶେଥା ପଡ଼ି ଯାଇଥିଲା । ଗୋଡ଼ ହାତ ଝାଳେଇ ଓଦା ହେଇ ଯାଉଥିଲା । ପ୍ରଥମ ଥର ପାଇଁ ମୁଁ ଗାଁ ବାହାରକୁ ଯିବି । ନିହାତି ଅପରିଚିତ ସ୍ଥାନ, ଲୋକ ଓ ପରିବେଶ ।

ଠିକ୍ ଦିନ ନଅଟାରେ ମୁଁ ଗାଧେଇ ପାଧେଇ ତିଆର୍ ହେଇ ରହିଥିଲି । ବାପା ନୁଆ ଝର କଲମଟିଏ ଆଣି ଦେଇଥିଲେ । ଅନୁ କାଳର ପରୀକ୍ଷା ପଟା ଓ କମ୍ପାସ ବାକ୍ସ ସଫାସଫି କରି ରଖିଥିଲି ।

– ବାପାରେ, କଲମରେ କାଳି ଭରିଛୁ ନା । – ହଁ ବାପା,

ମୋ ମୁହଁରୁ ରଙ୍ଗ ଉଡ଼ି ପେଣ୍ଡରିଆ ଦେଖା ଯାଉଥିଲା । ବାପା କହିଲେ,– ଏତେ ଡରୁଛୁ କି ପେଇଁ । ତୋତେ ଆମର୍ ସବୁ ଆସେଇ । ଭଲକରି ପ୍ରଶ୍ନ ପଢ଼ବୁ । ମନେ ରଖିଥା, ପ୍ରଶ୍ନ ଭିତରେ ନି ଉତ୍ତରଟା ନୁଚି କରି ରହିଥାଏ ।

କେତେ ମର୍ମ କଥାଟା କହିଥିଲେ ସତରେ । ଜୀବନର ଜଟିଳରୁ ଜଟିଳତର ପ୍ରଶ୍ନ ମାନଙ୍କର ସମ୍ମୁଖୀନ ହେଇ ମୁଁ ତାଙ୍କରି ଭିତରେ ଯଥାର୍ଥ ଉତ୍ତର ପାଉଥିଲି ।

ଗଣିଆ ଭାଇ ଓ ବିବେକା ମାଷ୍ଟର୍ ଆସିଲେ । ମୁଁ ବାପା ଓ ମାଆର ପାଦ ଛୁଇଁ ପ୍ରଣାମ କଲି। ଭାବ ପ୍ରବଣତାର ପ୍ରାବଲ୍ୟରେ ମୋ ଆଖିରୁ ଗଳ ଗଳ ଲୁହ ବୋହି ପଡ଼ିଲା । ବାପାଙ୍କ ଆଖି ପାଣିଚିଆ ଦେଖା ଗଲା । ମାଆର ଛାତିରୁ ହାବୁକା ଉଠି ଲୁହ ସବୁକୁ ଅଟକେଇବାକୁ ଚେଷ୍ଟା କରୁଥିଲା । ମାଆ ଗୁଣ୍ଡାଏ ଦହି ଚୁଡା ପାଟିରେ ଗୁଞ୍ଜିଦେଲା । ଦହି ଟୋପାଟେ ମଥାରେ ଲଗେଇଦେଲା । ଦିନା ମଉସା ଦିନେ ପୂର୍ବରୁ ଦହି ଦେଇ ଯାଇଥିଲେ।

ଧଡ଼। ଦୁଆରେ ଡାହାଣ ପଟେ ପୂର୍ଣ୍ଣ ଶୁଭକଳସଟେ ଥୋଇ ଥିଲା ମୋ ମାଆ । ବିବେକା ମାଷ୍ଟରଙ୍କ ଆଖି ମଧ୍ୟ ଛଳଛଳେଇ ଯାଇଥିଲା ।

ISSN NO.
2582-208X

ଆମେ ଚାଲି ଚାଲି ନଈ କୂଳକୁ ଗଲୁ । ଗଣନାଥ ଭାଇଙ୍କର ସାଇକଲ୍ ଥିଲା, କିନ୍ତୁ ତିନିଜଣ ଆସିବା ସମ୍ଭବ ନ ଥିବାରୁ ସେ ସାଇକଲକୁ ଗଡେଇ ଗଡେଇ ଆସିଥିଲେ । ପ୍ରଥମ ନଈଟା ବଡ଼ ଚଉଡ଼ା ଓ ଗହିରିଆ । ଏକୁ ମୁଁ ପୂର୍ବରୁ କେବେ ଦେଖି ନଥିଲି । ଆମେ ଡଙ୍ଗାରେ ବସି ପାରିହେଲୁ । ସାଇକଲଟା ବି ଡଙ୍ଗାରେ ଚଢ଼ିଲା ।

ଏହି ନଈଟାରୁ ଅଣ ଓସାରିଆ ଶାଖା ନଈଟିଏ ବାହାରି ଆମ ଗାଁ ଭିତରକୁ ପଶିଥାଏ । ଯେଉଁଥିରେ ଆମେ ଗାଧୁଆ ପାଧୁଆ କରୁ । ସେଥିରେ ତ ଆମେ ପହଁରି ପହଁରି ଏ କୂଳ ସେ କୂଳ ବଡ଼ ସହଜରେ ଛୁଇଁ ଦେଉଥିଲୁ । କିନ୍ତୁ ଏଟା ତ ଅନେକ ବଡ଼ ନଈଟେ ।

ଡଙ୍ଗାରେ ବି ମୁଁ କେବେ ବସି ନଥିଲି । ଭାରି ରୋମାଞ୍ଚକାରୀ ଲାଗୁଥାଏ । ଡଙ୍ଗା ମଙ୍ଗକୁ ଧରି ମୁଁ ପାଣିକୁ ଅନେଇ ଥାଏ । ନାଉରି ମାନେ କେତେବେଳେ କାତ ତ କେତେବେଳେ ଆହୁଲା ମାରୁଥାଆନ୍ତି । ଡଙ୍ଗାଟି ସଳଖ ହେଇ ପାଣି କାଟି କାଟି ଚାଲିଥାଏ । ଏଇଠାରେ ମୁଁ ନ୍ୟୁଟନଙ୍କ ତୃତୀୟ ନିୟମକୁ ବହୁତ ଭଲ ଭାବରେ ବୁଝିଗଲି । କାତର କ୍ରିୟା ଓ ପାଣି ତଳର ପ୍ରତିକ୍ରିୟା ।

ମୁଁ ମୁଗ୍ଧ ହେଇ ଚାହୁଁଥାଏ । ମୋର ମନେ ପଡ଼ି ଯାଉଥାଏ, "କାତ ଧରି ଧୀରେ ନାଉରି, ନାଆ ଦେଇଛି ମେଲି" ।

ପଛକୁ ଫେରି ଚାହିଁଲି, କି ସୁନ୍ଦର ଦେଖା ଯାଉଥାଏ ଆମ ଗାଁ, ଦୂରରୁ । ଏଇ ଚଉଡ଼ା ଗହିରିଆ ନଈ, ନଈକୁ ଲାଗି ବାଲି, ତାପରେ ପଥୁରିଆ ଭୁଇଁ, ଶେଷକୁ ଶାଗୁଆ ବିଲ ଓ ତାପରେ ଯାଇଁ ଆମ ଗାଁ । ଗଛ ଲତା, ବଣ ବୁଦା ଭିତରେ, ବିଲବାଦୀ ଘେରରେ ଆମର ଟିକି ଗାଁ । ଆମର ଟିକି ନଈଟା ତା ଗଳାରେ ମୁକ୍ତାହାର ପରି ଗୁନ୍ଥି ହେଇଥାଏ । ପ୍ରକୃତି ସୁନ୍ଦରୀ ବେଢେଇ ଧରିଥାଏ ଆମ ଗାଁକୁ ।

ଆହା ! ଆମ ଗାଁ ପରି ସୁନ୍ଦର ଗାଁ ବୋଧେ ବିଶ୍ୱ ବ୍ରହ୍ମାଣ୍ଡରେ ନଥିବ । ମୋ ମନ କେମିତି କଲବଲ ହେଇଗଲା, ସତେ ଯେମିତି ମୁଁ ମୋ ଗାଁକୁ ଏକୁଟିଆ ଛାଡ଼ି ଦେଇ ଚାଲି ଯାଉଛି । ଗାଁର ମାୟା !!!

ISSN NO.
2582-208X

ନଈଟା ପାର ହେଲା ପରେ ଗୋଟିଏ ତ୍ରିକୋଣ ଭୂମି । ତାପରେ ଆଉ ଗୋଟିଏ ତନୁ ପାତଳୀ ପଥୁରିଆ ନଈ । ନଈଟି ଏମିତି ହେଇଥାଏ ଯେ ବଡ଼ ନଈରୁ ଗୋଟିଏ ସ୍ଥାନରେ ବାହାରି ଆଉ ଗୋଟିଏ ସ୍ଥାନରେ ମିଶି ଯାଇଥାଏ । ତେଣୁ ମଝି ଭାଗଟା ଏକ ତ୍ରିକୋଣ ଭୂମି ପରି ଲାଗୁଥାଏ । ସେହି ତ୍ରିକୋଣ ଭୂମିଟା ଖାଲି ପଥର, ଟାଙ୍ଗର ଓ କଣ୍ଟା ବୁଦାରେ ଭର୍ତ୍ତି । ମଝିରେ ପାଦଚଲା ସରୁ ରାସ୍ତାଟିଏ । ତା ଉପରକୁ ମଧ୍ୟ କଣ୍ଟା ଘାସ ମାଡ଼ି ଆସିଥାଏ । ସିଜୁ, ନାଗଫେଣି, ବବୁରି ବୁଦା, ଖଜୁରୀ ଓ ଅନାମଧେୟ ଘାସ ଓ କଣ୍ଟା ଝଣ୍ଟା । ବିବେକା ମାଷ୍ଟରଙ୍କ ଧୋତିଟା ପବନରେ ଉଡୁ ଥିବାରୁ ଘାସ ମାନଙ୍କରେ ଲାଗି ଯାଉଥାଏ । ତାଙ୍କ ଧୋତିରେ ଦିବାଲୀ ପୋକ ପରି  କଣ୍ଟା ସବୁ ଲାଖି ଯାଏ । ତାଙ୍କୁ ଛଡେଇବା ବଡ଼ କଷ୍ଟକର।

ପତଳା ନଈଟା ଛାଁକୁ ପାରି ହେଇଗଲୁ । ମୋ ପାଦରେ ତ ଚପଲ ନଥିଲା । ବିବେକା ମାଷ୍ଟର ଓ ଗଣିଆ ଭାଇ ତାଙ୍କର ଯୋତା ଖୋଲି ସାଇକଲ କେରିୟର ଉପରେ ଥୋଇଦେଲେ ।

ସେ ଟିକି  ନଈଟାର ପାଣି କାଚ ପରି ସ୍ୱଚ୍ଛ । ପାଣି  ତଳେ କେତେ ରଙ୍ଗର ଗୋଡ଼ି ପଥର ପଡ଼ିଥାଏ ଯେ ଦେଖି ମନ ଖୁସି ହେଇ ଯାଉଥାଏ । ରୂପା କାତିଆ ଟିକି ଟିକି ମାଛ ବି ପହଁରୁ ଥାନ୍ତି । ଆସି ମୋର ନଳି ଗୋଡ଼ ଓ ପାଦକୁ ଖୁମ୍ପି ପକାଉଥାନ୍ତି । ମୋତେ କୁତ୍ କୁତ୍ ଲାଗୁଥାଏ ।

ବିବେକା ମାଷ୍ଟର କହିଲେ, - ଜାଣିଛୁ ?  ଏଇ ମାଛ ମାନଙ୍କ ଦ୍ୱାରା ଆମର ଆୟୁର୍ବେଦରେ ଅନେକ ଚିକିତ୍ସା ପ୍ରଣାଳୀ ଅଛି । କାଛୁ କୁଣ୍ଡିଆ ଭଲ କରିବା ନିମନ୍ତେ ବର୍ତ୍ତମାନ ବି ଅନେକ ସ୍ଥାନରେ ଏଇ ମାଛ ମାନଙ୍କର ସାହାଯ୍ୟ ନିଅନ୍ତି । ଛୁଆ ମାନଙ୍କର ପ୍ରାୟ ଗୋଡ଼  ହାତର ସନ୍ଧି ମାନଙ୍କରେ ଓ ପଛପଟେ କାଛୁ ବେଶି ହୁଏ । ମାଆ ମାନେ କଣ କରନ୍ତି ନା, ପିଲାଙ୍କୁ ପାଣି ଭିତରେ କିଛି ସମୟ ବୁଡେଇ ରଖନ୍ତି । ମାଛ ମାନେ ସେହି ଘାଆ ମାନଙ୍କୁ ଖୁମ୍ପି ତାର ଉପର ଖୋଳପା ଖାଇ ଯାଆନ୍ତି । ମାଛ ମାନଙ୍କର ପାଟିରେ ଥିବା କୌଣସି ରାସାୟନିକ ଦ୍ରବ୍ୟ  ଲାଗି କିଛିଦିନ ପରେ କାଛୁ କୁଣ୍ଡିଆ ଭଲ ହେଇ ଶୁଖି ଯାଏ । ମୋ ମାଆ ମୋର ଏମିତି ଚିକିତ୍ସା କରିଥିଲା । କଷ୍ଟ ତ ହୁଏ, କିନ୍ତୁ ନିରୁପାୟ ଗରିବ ମାନଙ୍କ ପାଇଁ ଏହା ହିଁ

ISSN NO.
2582-208X

ମହୌଷଧି ଥିଲା ।(ବର୍ତ୍ତମାନ ଫିଶ ଥେରାପି, ଫିଶ୍ ପେଡିକ୍ୟୋର୍ ମେନିକ୍ୟୋର୍ ପ୍ରଚଳିତ)। ମୁଁ ଓ ଗଣିଆ ଭାଇ ଆଶ୍ଚର୍ଯ୍ୟ ହେଇ ଶୁଣୁଥିଲୁ । ଛୋଟ ନଈ ବି ସରିଲା ।

ନଈରୁ ସୁନ୍ଦର ମୁରୁମ୍ ସଡ଼କଟିଏ ଲମ୍ବି ଯାଇଥାଏ ଗାଁ ଭିତରକୁ । ଗାଁରେ ପଶୁ ପଶୁ ଅନେକ ଦୋକାନ । ମୁଁ ଏତେ ଦୋକାନ କେବେ ଦେଖି ନଥିଲି । ଆମର ତ ସେଇ ଗୋଟାକ ଦୋକାନ । ସିଡୁ ଦୋକାନ । ତେଜରାତି ହେଉ କି ମନିହାରୀ ହେଉ କି ବହିପତ୍ର ଖାତା ପେନ୍ସିଲ୍ ହେଉ । ସବୁ ଜିନିଷ ପାଇଁ ସେଇ ଗୋଟାକ ଦୋକନ ଉପରେ ନିର୍ଭର । ଆମ ଗାଁର "ଜୀବନ ରେଖା" ।

ଏତିକି କୋଠାଘର ସେଠାରେ ଦେଖି ମୋର୍ ଷଷ୍ଠେନ୍ଦ୍ରିଅରେ ଲୁଚିଥିବା ସ୍ୱପ୍ନଟା କୁଲବୁଲେଇ ଉଠିଲା । ବଡ଼ ଫାଟକ, ଯକ୍ଷମୂର୍ତ୍ତୀ, ଆରାମ୍ ଚେୟର୍ ଓ ସେଥିରେ ଖବର କାଗଜ ପଢୁ ପଢୁ ଝୁଲୁଥିବା ମୋ ବାପା ।

ଗାଁର ଶେଷ ମୁଣ୍ଡରେ ପହଞ୍ଚି ମୁଁ ସ୍ଥାଣୁ ପରି ଠିଆ ହେଇଗଲି । ଆଖି ଖୋସି ହେଇଗଲା । ଭେକଲା ହେଇ ଚାହିଁ ରହିଲି ।

ଏଇଟା କଣ ?
ଏଇଟା କଣ ସ୍କୁଲ୍ ?
ସ୍କୁଲ୍ କଣ ସତରେ ଏମିତି ହୁଏ ?

କ୍ରମଶଃ .....

ବସନ୍ତ ବିହାର, ନୂଆଦିଲ୍ଲୀ

ସେପ୍ଟେମ୍ବର – ୨୦୨୨
www.vedantimagazine.com
ISSN NO. 2582-208X

# ଏଇତ ସମୁଦ୍ର



ବିଜୟଲକ୍ଷ୍ମୀ ପଟ୍ଟନାୟକ

ମୋ ପାଦତଳୁ ଖସିଯାଉଛି
କେତେ ଆଶ୍ୱାସନାର ଚୋରାବାଲି
କଥା ଥିଲା ଆମେ ସାଥିହୋଇ ବସିବା
ବାଲି ଭିତରେ ପାଦ ଆଉ ଉପରେ ଆମେ
କଥା ଥିଲା ଏଇ ଯେଉଁ ଅଶାନ୍ତ ଲହଡି
ତାକୁ ଭାଙ୍ଗି ଭାଙ୍ଗି ଟିକେ ଆଗକୁ ଆଉ ପଛକୁ
ବରାବର ଯିବା ଆସିବା ଆଉ ସୁଅରେ ତାର
ଭସେଇ ଦେବା ସ୍ୱପ୍ନର ତରୀଟିଏ
ଏ ଜନ୍ମରୁ ଆରଜନ୍ମ ଯଦି ଥାଏ ସେଯାଏ
କଥା ଥିଲା ଏଇ ସୁବର୍ଣ୍ଣ ବେଳାଭୂମିରେ
ଛୋଟ ଛୋଟ ସାମୁକା ସାଉଁଟି ସାଉଁଟି
ଟିକି ଟିକି ଗିଡି ଗିଡି ଧାଉଁଥିବା କଙ୍କଡାକୁ
ଗୋଡେଇ ଗୋଡେଇ ଧରିବାର ଚେଷ୍ଟାରେ
ମାତିବାକୁ ଟିକେ ସମୟ ତ ଦେବା
କଥା ଥିଲା ଏ ସମୁଦ୍ର ସହ ଅସୁମାରୀ
ଶବ୍ଦ ହୀନ ଶବ୍ଦର ସମ୍ଭାରରେ କଥା ହେବା
ଏଇ ବୁଦା ବୁଦା ଝାଉଁ ଗଛତଳେ
ହାତରେ ହାତ ଛନ୍ଦି ସ୍ମୃତିର ଫଟୋ ଉଠେଇବା
କଥା ତ ଥିଲାନା ଆପତ୍ତି କି ଅଭିଯୋଗ ନୁହେଁ
ଖାଲି ହସ ଆଉ ହସରେ ସମୟ କାଟିବା

ISSN NO.
2582-208X

ସେଇ ଦୂର ଛୋଟ ନାଆଟିରେ
ଛୋଟ ଛୋଟ ସ୍ୱପ୍ନ ସବୁ ଭରିଦେଇ
ଏ ସମୁଦ୍ର କୋଉଠି ଶେଷ କେଜାଣି ସେଇଠି
ପହଞ୍ଚିଯିବା ଅନାହତ ଓଁକାର ଶବଦ ଛଡା
ଆଉ କିଛି କଥା ତ ନ ଥିବ ସେ ସମୟେ
ମତ୍ସ୍ୟ ଅବତାର ହୋଇ ସପ୍ତର୍ଷିଙ୍କ ସାଥେ
ଡଙ୍ଗା ବାହି ଗଲାବେଳେ ମନ୍ଦର ପର୍ବତେ
ଆଉ ଥରେ ଜନ୍ମ ନେବା ପାଇଁ କଥାଦେବା
ହେ ସମୁଦ୍ର ! ଏତେ କିଆଁ ଆକର୍ଷିତ କର ସତେ
ଏ ବାଲିରେ ଖାଲି ଦୁଇ ପାଦ ମୋର
ଆଉ ଦୁଇ ପାଦ କାହିଁ, ଅପେକ୍ଷା ଯୁଗଯୁଗକୁ
ଦୁଇଟି ପାଦ ଛଡା ଆଉ କିଛି ନାହିଁ ଏଠି
ହେ ସମୁଦ୍ର କେତେ ତ କଥା ଥିଲା
ଥାଉନା ଏଇଠି ଆଉ ଗୋଟେ ଜନ୍ମ ପରେ
ଭେଟାଭେଟି ହେବା ଶଙ୍ଖ ଆଉ ସାମୁକା ସାଥିରେ
ତମେ ଏମିତି ମୁଣ୍ଡ ପିଟୁଥାଅ ଆଉ
ଗୋଟେଇ ନିଅ ଅକୁହା ବେଦନା ସବୁକୁ
ପୁଣି ଫେରେଇବ ଆର ଜନ୍ମକୁ
ସୁଧ କଳନ୍ତର ସହ, ମୁକ୍ତି ତ ଲୋଡା ନାହିଁ
ହେ ସମୁଦ୍ର ତୁମର ଢେଉ ଏମିତି
ମୋ ପାଦତଳୁ ଧୋଇନେଉ ଚୋରା ବାଲି
ପଡି ଯାଉ ଯାଉ କାହାରି ବଳିଷ୍ଠ ହାତ
ଥାଉ ମୋ ହାତରେ ବଞ୍ଚାଇବା ଲାଗି ।
ତମେ ସାକ୍ଷୀ, ସାକ୍ଷୀ ସେଇ ଚକା ଚକା ଆଖି ।

ଭୁବନେଶ୍ୱର ୧୬

ISSN NO.
2582-208X

# ଶ୍ରାବଣୀ



ତ୍ରିପତି ପ୍ରଧାନ

ଶ୍ରାବଣୀ ଗୋ ତୁମ ଦୟା, ଧର୍ମ,ପ୍ରେମ
ରଖି ନାହଁ କିବା ଏ ଜଗତେ
ତବ ଆଗମନ ଭରେ ପ୍ରାଣୀ ମନ
ଦେଖା ନାହିଁ କାହିଁ ହୃଦ ଗତେ (1)

ପ୍ରକୃତି ସୁଷମା ନଥିଲା ଉପମା
ଲୋଭା ମନମୁଗ୍ଧ ଶୋଭାରାଜି
ଝିମି ଝିମି ସୁର ତାନରେ ନୂପୁର
ଭାଜୁ ଥିଲ ଗ୍ରୀଷ୍ମ କଷ୍ଟରାଜି (2)

ବନ ଉପବନ ପ୍ରାନ୍ତର କାନନ
ସବୁଜିମାମୟ ବସ୍ତ୍ରାବୃତ୍ତେ
ସାଧବ ବଧୂର ଅଙ୍ଗେ ଆଙ୍କିତୋର
ପାଦ ପାତ ବୀଣା ସୁସଂଗୀତେ (3)

କ୍ଷେତେ କର୍ମରତ ଜନ ମୁଖ ଗୀତ
ଗୃହ ଲକ୍ଷ୍ମୀ ସୃଷ୍ଟି ହୁଳହୁଳି
ଦେବରାଜ ସଭା ଅପ୍ସରୀଙ୍କ ଆଭା
ନୃତ୍ୟରତା ନୁହଁ ଆଜିକାଲି (4)

କୁହଇ ଶ୍ରାବଣୀ ବାହୁନି ବାହୁନି
ଶ୍ରେଷ୍ଠପ୍ରାଣୀ ଭ୍ରାତା, ମୁଁ ଭଗିନୀ
ଭାଇ ମୋ ବିଜ୍ଞାନ ବଳେ ବଳିୟାନ
ଶ୍ରବଣା ଗଢିଲା ମୋତେ ପୁଣି (5)

ଉପଭୋଗ୍ୟ ଲୋଭ ହରି ମୋ ଶୁଲୋଭ
ମୋହେ ମାତି କଲେ ହୀନିମାନୀ
ଶ୍ରୀହୀନ ପରାୟେ ପଡି ଅଛି କାୟେ
ପ୍ରଶବ ବିହୀନ ମୁଁ ଜନନୀ (6)

ସଂସ୍କୃତ ଶିକ୍ଷକ, ଚିକିଟି, ଗଞ୍ଜାମ

ISSN NO.
2582-208X

# କବିତା ଗୋ ତୁମେ

ବେଣୁଧର ସୂତାର

ତୁମେ କଳ୍ପନାର ରସାଣିତ ଧାରା
ନିଃଶବ୍ଦର ଚାରୁକଳା
କବି ମାନସର ଭାବ ତନ୍ମୟର
ଲଳିତ ଶବ୍ଦର ମାଳା
ଆହାକି ମାଧୁର୍ଯ୍ୟ ବୋଳା
ତୁମେ ଅନ୍ତଃସ୍ୱର ପୁଲକ ପଙ୍କ୍ତିର
ସାରସ୍ୱତ ପଦ୍ମତୋଳା
ଲଳିତ ଶବ୍ଦର ମାଳା .........(୦)

ତୁମେ ହୃଦୟର ପ୍ରତି ସ୍ପନ୍ଦନରେ
ମହକିତ ମଧୁ ଆଶା
ଭାବମୟତାର ସୁରଭି ସମ୍ଭାର
ମଗ୍ନମୟ ପରିଭାଷା
ଭାବର ଲହରି ମାଳା
ଭାଷା ସୁଷମାର ଚାରୁ ରୂପକଳ୍ପ
ଲେଖନୀର ସୂକ୍ଷ୍ମ କଳା
ଲଳିତ ଶବ୍ଦର ମାଳା..........(୧)

ତୁମେଚେତନାର ବିମୁଗ୍ଧ ଆଲେଖ୍ୟ
ପୁଲକିତ ଅନୁଭବ

ISSN NO.
2582-208X

ମନ କଳ୍ପନାର  ଅମୃତ ନିର୍ଝର
ଭାବାତୀତ ମହାଭାବ
ରସର ଲାବଣ୍ୟ ଲୀଳା
ଅମିତ ପ୍ରଜ୍ଞାର ସୁଧା ସମାହାର
ଜ୍ଞାନରତ୍ନ ରୂପଶାଳା
ଲଳିତ ଶବ୍ଦର ମାଳା...........(୨)

ଅମୃତ ବୀଣାର ତୁମେତ ଝଙ୍କାର
ରୋମାଞ୍ଚିତ ସୁର ଛନ୍ଦ
ମୁଗ୍ଧ ଆବେଗର ଲଳିତ ଲହର
ଭାବମୟ ଅନୁବନ୍ଧ
କବିର ମାନସୀ ବାଳା
କବିତା ଗୋ ତୁମେ ବାଣୀ ମହଲର
ପ୍ରଜ୍ଞାମୟୀ ଚାରୁଶୀଳା
ଲଳିତ ଶବ୍ଦର ମାଳା...........(୩)

କେଶଦୁର୍ଗପାଳ    କେନ୍ଦୁଝର
ଦୂରଭାଷ –୯୧୭୮୫୬୮୨୪୬

ISSN NO.
2582-208X

# ଝିଅଟିର ନାଁ

# ଗୁଡ୍ଡୀ



କୁଞ୍ଜ ବିହାରୀ ସାହୁ

ପଲିଟିକାଲ୍ ପ୍ରେସର ପଡିଲା ଶୋଭନ ଉପରେ । ଅଚାନକ ବଦଳି ହୋଇଗଲା ସମ୍ବଲପୁର ସହରରୁ ସୁଦୂର କୋରାପୁଟ । ଏତେ ବାଟ ଭାବିଲାବେଳକୁ ଶୋଭନ ଛୋଟ ପିଲାଟି ପରି କାନ୍ଦିଲା । କାନ୍ଦିବା ବୋଧହୁଏ ସ୍ଵାଭାବିକ ଥିଲା । ସାତ ଆଠ ବର୍ଷର ସରକାରୀ ଚାକିରି । ଠିକ୍ ଅଛି । ଢିଙ୍କି ଯୋଉଠିକି ଗଲେ ବି କୁଟିବା ହିଁ ଧର୍ମ । ନିଜ ମନକୁ ବୁଝାଇଲା ।

କୋରାପୁଟର ତହସିଲଦାର ଶୋଭନ । ସରକାରୀ ଘର ମିଳିଛି । ଘରକାମ କରିବାକୁ ଲୋକଙ୍କୁ ଅର୍ଡର ହେଇଛି । ସବୁ ଖୁସିରେ ବି ତା ମନରେ ହସଟା ବସା ବାନ୍ଧିପାରୁନି । ନିଜ ଭିଟାମାଟିର ମାଦକତା / ଆତ୍ମୀୟତାକୁ ଛାଡିଆସିଛି ଯେତେବେଳେ କେମିତି ଯେ ଏକା ଏକା ବଞ୍ଚିବ ଏକଲା ପଣରେ । ସାଙ୍ଗସାଥୀ, ସାଇପଡିଶା, ବନ୍ଧୁବାନ୍ଧବଙ୍କୁ ଦେଖିବାକୁ ତା'କୁ ଗୋଟେ ଯୁଗ ଲାଗିଯିବ କି କ'ଣ ! ପିଲାଟିବେଳୁ ବାପା ବୋଉ, ସାଙ୍ଗସାଥୀ, ବନ୍ଧୁବାନ୍ଧବଙ୍କ ପାଖରେ ହସ ଖୁସିରେ ସମୟ କଟାଇ ଆସୁଥିଲା । ଚାକିରି କାଳର ପ୍ରଥମ ସୋପାନରେ ବି ନିଜ ଜିଲ୍ଲାରେ ପୋଷ୍ଟିଂ ହେଇଥିଲା । ସାଧାସିଧା ଯୁବକଟେ । ଏ ପାହାଡ, ପର୍ବତ, ନଦୀ, ନାଳ ଝରଣା,ଡଙ୍ଗର, ତଇଲାବାଡି, ଆଦିବାସୀଙ୍କ ଗନ୍ଧିଲା ଦେହ, କଳା ପିଚପିଚ ପେଟ ପିଠି, ଓସାରିଆ ନାକ । ବେକ- ନାକ- କାନରେ ଲାଗିଥିବା ଭୂଷଣ…ସବୁ କିଛି ଅଲଗା ଅଲଗା ଲାଗୁଥିଲା ଶୋଭନକୁ । ରେଭିନ୍ୟୁ ବିଭାଗରେ ଚାକିରି ତାକୁ ଅସ୍ତବ୍ୟସ୍ତ କରୁଥିଲା । ମିଟିଙ୍ଗ ପରେ ମିଟିଙ୍ଗ …..କେତେବେଳେ ଉଚ୍ଚ ଅଧିକାରୀଙ୍କ ଡାକରା ତ ପୁଣି କେତେବେଳେ ଗାଁ ଲୋକମାନଙ୍କର ଜମିପଟ୍ଟା ବିଷୟରେ ବୁଝାଶୁଝା କରିବା। କେମିତି ଯେ ଦିନ ପଳେଇଯାଉଛି ଜାଣିହେଉନି ।

ଲୋକମାନେ କହୁଛନ୍ତି ଏଠି ବର୍ଷା ଋତୁରେ ସବୁବେଳେ ବର୍ଷା । ଲୁଗା ଶୁଖିବନି ସହଜରେ। ପାହାଡିଆ ବର୍ଷା ଦେଖିବାକୁ ଖୁବ୍ ସୁନ୍ଦର । ବର୍ଷା ଟୋପା ନଇରେ ଉବୁଟୁବୁ ହୁଏ ।

ISSN NO.
2582-208X

ଗଛଡାଳ ଓଦା ହେଇ ଥରିଯାଆନ୍ତି । ବାଟଘାଟ କାଦୁଅ । ଚାଲିଲାବେଳେ ଗୋଡ ଖସିଯାଏ ଅଲକ୍ଷ୍ୟରେ । ଗାଡିଚକାର କାଦୁଅଛିଟା ଦେହରେ ପଡିଲେ ଛାଡିବନି ଯେମିତି । ଲମ୍ବା ଲମ୍ବା ଗହଳିଆ ଗଛରୁ ପାଣି ନିଗିଡି ପଡୁଥିବ ଅମାନିଆ ହେଇ । ଗାଁ ରାସ୍ତା କୋଉଠି ଖାଲ-ଢିପ, ଆବୁଡାଖାବୁଡା । ଦେହ ଶିତେଇ ଯାଉଥିବ ଆଉ ସଞ୍ଜ ହେଲେ ମନରେ ଛନକା ପଶିଯାଉଥିବ ।

ଶୀତ ଋତୁ ବି ଆହୁରି ଅଧିକା ଦୁଃଖଦାୟକ । ସକାଳେ ସଞ୍ଜରେ କୁହୁଡି ସତେ ଅବା ଗୋଟାପଣେ ଗିଳିଦେଉଛି ଗୋଟାପଣେ ଗାଁକୁ । ପାହାଡିଆ ଶୀତ ସମ୍ଭାଳି ହେଉନି । ପାଣିରେ ବରଫ ପଡେ । ତାଟିକବାଟର ସରୁ ଫାଙ୍କ ଦେଇ କୋହଲା ପବନ ଘର ଭିତରେ ଲୁଚକାଳି ଖେଳେ । ଶୋଇବା ଆସ୍ଥାନରେ ନେସି ହୋଇ ରହିଯାଏ । କମ୍ବଳ, ରେଜେଇ ଭିତରେ ଶୀତ ଲୁଚି ରହିଯାଏ । ରାତିରେ ଦେହକୁ କୁତୁକୁତୁ କରେ ।  ବଡି ଭୋରରୁ ଉଠିବାକୁ ଇଛା ହୁଏନି । ଦେହରେ ଯଦି କୋରାପୁଟିଆ ଶୀତ ରହିଗଲା, ସବୁ ସରିଗଲା । ମ୍ୟାଲେରିଆ ଜ୍ଜ୍ୱର ନିହାତି ହେବାଟା ହିଁ ହେବ ।

ପୁଣି ଗାଁ ଲେକେ କହନ୍ତି ଏଠି କୁଆଡେ ବର୍ଷା ଋତୁରେ ବଡ ମଜା ଲାଗେ । ପାହାଡି ଝରଣାର କୁଳୁକୁଳୁ ନାଦ, ଜଙ୍ଗଲ ଭିତରେ ଝିଁ ..ଝିଁ ..ସ୍ୱର କବି ଭାବୁକ ମନରେ ଚମକ ତୋଳେ ।  ତଥାପି ଭା'ରି ଭଲ ଲାଗେ । ବିଲରେ ଚଷାଭାଇ ହଳ କଲାବେଳେ ଗୋଡରେ କାଦୁଅ ଲାଗିଯାଇଥିବ । ଲଙ୍ଗଳ ଧରି ବିଲରେ ପଶିଥିବ । ବର୍ଷାକୁ ତା'ର ନିଘା ନ ଥିବ । ବର୍ଷାରେ ଭିଜିଭିଜି ଧାଙ୍ଗଡ଼ୀମାନେ ହାଟକୁ ଯାଆସ କରୁଥିବେ । ଫୁଙ୍ଗୁଳା ଦେହରୁ ପାଣି ନିଗିଡି ପଡୁଥିବ । ବେଶୀ ଜୋରରେ ମେଘ ପବନ ହେଲେ କୋଉ ଅଫିସରିଆ ବାବୁଙ୍କ ଦାଣ୍ଡ ଅଗଣାରେ ବସି ପଡିଥିବେ । ଯୁଆନ ଅଫିସର ବାବୁଟା କଣେଇ କଣେଇ ଚାହୁଁଥିବ। ଏଣୁ ତେଣୁ ଗୁଡାଏ ଗପିଚାଲୁଥିବ । ଏସବୁ ଆଉ କୋଉଠି ମିଳିବନି ।  ଶୀତ ଋତୁରେ ଡଙ୍ଗରରେ ହଳଦୀ ରଙ୍ଗର ସୋରିଷ ଫୁଲ ଫୁଟିଥିବ । ଅଳସୀଫୁଲ ହଳଦୀରଙ୍ଗ ଲଗେଇ ସୁନ୍ଦରୀ ଦେଖାଯାଉଥିବ । ଧାଙ୍ଗଡ଼ୀମାନେ ଝରଣାପାଣିରେ ବାସିଲୁଗା ପଖାଳୁଥିବେ। ମାଉଁସିଆ କଳା ମଚମଚ ଦେହଟା ସତେଜ ଦିଶୁଥିବ । ଶୀତ ଋତୁ ବି ବଢିଆ ଲାଗେ ।

ଏମିତି ପାଣିପାଗର ସଂଜ୍ଞା ଖୋଜୁ ଖୋଜୁ ଶୋଭନ ନିଜ ଭିତରେ  ହଜିଯାଉଥିଲା ଗୋଟାପଣେ । ତା ଭାବନାକୁ କିଏ ଯେମିତି ଦ୍ୱିଗୁଣିତ କରିଦେଉଥିଲା ଖୁସିପଣରେ  ।

ISSN NO.
2582-208X

କୋରାପୁଟକୁ ବଦଳି ହେଇ ଆସିଛି ମାନେ ଠାକୁରଙ୍କ ଆଶୀର୍ବାଦ ଅଛି । ଆଦିବାସୀ ଲୋକମାନଙ୍କର ମୋ'ଠୁ ଭଲପାଇବାର ଅଛି । ଏଠି ଭଲ କାମ କରି ପ୍ରମୋସନ ପାଇବାର ସୁଯୋଗଟେ ମିଳିଛି । ଯା ହେଇଛି ଭଲ ହେଇଛି । କଥାରେ ଅଛି ଠାକୁରେ ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ ।

ପୌଷର ଶୀତୁଆ ସକାଳ । ନିଦ ଭାଙ୍ଗିଗଲା ସକାଳୁ ସକାଳୁ । ଇଛାହେଲା ଗାଁ ଆଡେ ବୁଲିଯିବାପାଇଁ। ପୁଣି ଇଛାହେଉଥିଲା ଅଫିସର୍ କ୍ଲବରେ ବ୍ୟାଡମିଣ୍ଟନ ଖେଳିବାକୁ । ପୁଣି କ'ଣ ଗୋଟାଏ ମନେ ପଡିଗଲା ଯେ ଭୁଲିଗଲା ସାଙ୍ଗେସାଙ୍ଗେ ।

ଆଜି ରବିବାର ହାଟ ପାଳି । କେତେ କୁଆଡୁ ଲୋକେ ଆସି ବିକାକିଣା କରୁଛନ୍ତି । ଦେଶୀ ଜିନିଷ ବି ଆସୁଛି ହାଟକୁ । ହାଟଆଡେ ବୁଲିବାକୁ ଯାଇ ଘରପାଇଁ କିଛି କିଣିଆଣିବ ବୋଲି ଭାବିଲା । ନିଜ ଡ୍ରେସରେ ଟିକେ ପରଫ୍ୟୁମ ପକେଇ ଗୋଡ କାଢିଲାବେଳକୁ ଗାଁର ଆଦିବାସୀ ଲୋକେ ପହଞ୍ଚିଲେ । ଶୋଭନ ହାଟକୁ ଯିବ କ'ଣ ସେମାନଙ୍କୁ ଦେଖୁ ଦେଖୁ ଯିବା ମନଟି ଏପଟ ସେପଟ ହେଇଗଲା । ପଚାରିଲେ- ମୋ ପାଖରେ କିଛି କାମ ଅଛି କି?

- ନା ବାବୁ, କିଛି କାମ ନାହିଁ । ହାଟକୁ ଯାଉଥିଲୁ । ଟିକେ ଥକ୍କା ଲାଗିଲା ତ । ଏ ପିଣ୍ଡାରେ ଅଟକିଗଲୁ । ଛୋଟ ପିଲାଟିକୁ ଶୋଷ ଲାଗିଲା । ଭାବିଲୁ ଆମ ଏ ବାବୁ ତ ସାଧାସିଧା ଲୋକଟିଏ । ପିଲାଟିକୁ ପାଣି ପିଆଇ ହାଟକୁ ପଳେଇବୁ । ଫେରୁ ଫେରୁ ଉଛୁର ହେଇଯିବ ।

- ହଉ ହଉ, ଏ ପିଣ୍ଡାରେ ବସିପଡ । ମୁଁ ହାଟ ଆଡେ ଯିବି ବୋଲି ଭାବୁଥିଲି ତ । ଠିକ୍ ଅଛି, ମୁଁ ଘରୁ ପାଣି ଆଣିଦେଉଛି । ଛୋଟ ଛୁଆକୁ ପିଆଇଦେବ ।

ଶୋଭନ ଘର ଭିତରକୁ ଯାଇ ଆକ୍ୱାଗାର୍ଡ ରୁ ଦି' ଗ୍ଲାସ ପାଣି ଆଣିଲେ। ଛୋଟ ଝିଅ ହାତକୁ ବଢେଇଦେଲେ । ଶୋଷ ହେଉଥିଲା ଝିଅକୁ । ଢଗ ଢଗ ପିଇଦେଲା ଦି ଗ୍ଲାସ ପାଣି । ଖୁସି ହେଇଗଲା ଛୋଟ ଝିଅଟି । ନାକରୁ ଟିକେ ଟିକେ ସିଙ୍ଘାଣି ବାହାରୁଥିଲା । ତା ମାଆର ପଣତରେ ଝିଅଟି ପୋଛିଦେଲା ନାକ ସିଂଘାଣି । ଖିଲିଖିଲି ହସିଦେଲା ସତେ ଯେମିତି ଅପୂର୍ବ ଦରବଟେ ପାଇଗଲା ସେ ।

ISSN NO.
2582-208X

ଶୋଭନ ଶୁଣିଛନ୍ତି ଆଦିବାସୀଙ୍କ ଜୀବନ ଶୃଙ୍ଖଳିତ । ସେମାନେ ନିଜସ୍ୱ ସଂସ୍କୃତି ଓ ପରମ୍ପରାକୁ ଆଦରି ନିଅନ୍ତି । ଖୁବ୍ ସରଳ, ଅମାୟିକ, ଅତିଥିପରାୟଣ, କର୍ମପ୍ରବଣ, କର୍ତ୍ତବ୍ୟନିଷ୍ଠ, ନିରହଂକାରୀ । ପୁରୁଷମାନେ ଯେମିତି ପରିଶ୍ରମୀ, କଷ୍ଟସହିଷ୍ଣୁ ରମଣୀମାନେ ବି ପ୍ରକୃତିପ୍ରେମୀ, ମମତାମୟୀ, ପ୍ରେମମୟୀ । କନ୍ୟାଟିଏ ଜନ୍ମନେଲେ ଘରଟି ହସ ଖୁସିରେ ଉଛୁଳିପଡେ । ସତେ ଅବା ଆଦିବାସୀ ସମାଜ ସ୍ୱାଗତ କରିବାକୁ ଚାହିଁଥାଏ । ପୁତ୍ରକନ୍ୟାଙ୍କ ଭିତରେ ପାର୍ଥକ୍ୟ ଦେଖନ୍ତିନାହିଁ । ବରଂ ରତ୍ନଟିଏ ଘରକୁ ଆସିଛି ନିଜକୁ ଭାଗ୍ୟବାନ ମନେକରନ୍ତି । ଆଦର ଯତ୍ନରେ ଝିଅଟିକୁ ଲାଳନପାଳନ କରି ଝିଅର ସୁମଙ୍ଗଳ ମନାସନ୍ତି ।

ବାପା ମାଆ ପାଖରେ ଝିଅଟି ହସିଲାବେଳକୁ କିଏ ତାକୁ ଡାକିଦେଲା – ଗୁଡ୍ଡୀ ।

ଚମକି ପଡିଲେ ଶୋଭନ । ସତରେ ସୁନ୍ଦର ନାଁ ଟିଏ । ଆଦିବାସୀ ସମାଜରେ ବି ଏମିତି ନାଁ ଟିଏ ଅଛି ! ସ୍ନେହ-ବାତ୍ସଲ୍ୟରେ ଗେଲା କରିଦେଲେ ଶୋଭନ । ପଚାରିଲେ – କ'ଣ ଖାଇବୁ ? ମୁଣ୍ଡ ହଲାଇ ମନା କରିଦେଲା ଝିଅଟି । ମନ କିନ୍ତୁ ବୁଝିଲାନି ଶୋଭନର । ଘରୁ ଆଣିଲେ ଡ୍ରାଏ ଫୁଡ୍ । କୁନିଝିଅ ହାତକୁ ବଢେଇଦେଇ ଗେଲରେ କହିଲେ – ଗୁଡ୍ଡୀ, ତୁ ମୋର ଗେହ୍ଲା ଝିଅ । ତୁ ଆମ ଘରକୁ ଆସିଛୁ । ଖାଲି ପାଣି ପିଇବୁ କି ? କିଛି ଖାଇକି ଯିବୁ ନା । ତୁ ପରା ମୋର ଅତିଥି । ତୁ ନ ଖାଇଲେ ମୁଁ ରୁଷିବି । କାନ୍ଦିବି । ଖାଇଦେ..ଖାଇଦେ । ତୋତେ ଭୋକ ଲାଗୁଥିବ । କେତେ ବାଟରୁ ଚାଲିଚାଲି ଆସିଛୁ । ଏତକ ଶୁଣୁ ଶୁଣୁ ଗୁଡ୍ଡୀ ତା ମାଆ ମୁହଁକୁ ଚାହିଁଲା । ଅନ୍ୟ କାହା ଜିନିଷ ଧରିବାକୁ ତା ମାଆ ମନା କରିଥିଲା । କିନ୍ତୁ ଗୁଡ୍ଡୀର ଚାହାଁଣିରେ ତା ମାଆ ଆନମନା ହେଇପାରିଲାନି । ପିଲାଟି ଅନେକ ବେଳୁ ଆସିଲାଣି । ଭୋକ ଲାଗୁଥିବ । ପୁଣି ଏ ସହରିଆ ବାବୁଟା ଆମରି ପରି ସରଳ । ପିଲାଟି ପରି କଥା ହେଉଛି । ଶରଧାରେ ମୋ ଝିଅକୁ ଖାଇବାକୁ ଦେଇଛି । ବିଶ୍ୱାସୀ ବାବୁଟା ।

ଏକଥା ଭାବୁ ଭାବୁ ଝିଅକୁ କହିଦେଲା – ଖା..ଖାଇଦେ । ଆମ ଗାଁ ବାବୁଟା ପରା । ଆମର ହାନିଲାଭ ବୁଝିପାରୁଛି । ଏମିତିଆ ବାବୁଟା ଏ ଖଣ୍ଡମଣ୍ଡଳରେ ମିଳିବନି । ବଡ ଶାନ୍ତସୁଧାର। ମନ ଚିହ୍ନିଲା ଭଳି ମଣିଷଟିଏ ।

ISSN NO.
2582-208X

ମାଆର ତୁଣ୍ଡରୁ କଥା ସରୁ ନ ସରୁଣୁ ଗୁଡ୍ଡୀ ହାତରେ ଧରିଥିବା ଖାଇବା ଦରବକୁ ଧୀରେ ଧୀରେ ଖାଇଲା । ମଝିରେ ମଝିରେ ସହରୀ ବାବୁ ଶୋଭନର ମୁହଁକୁ ଚାହୁଁଥିଲା । ଗୁଡ୍ଡୀକୁ ଦେଖି ଶୋଭନ ନିଜ ଗାଁର ଝିଅଟିକୁ ମନେ ପକେଇଲେ । ସେ ବି ଗୁଡ୍ଡୀ ଭଳି ଶାନ୍ତଶିଷ୍ଟ ଝିଅଟିଏ । ହେଲେ ଝିଅଟିଏ ହେଇଛି ବୋଲି ତା ବାପା ମାଆ କେତେ କ'ଣ କହିଯାଉଥିଲେ। ଝିଅ ଜନ୍ମ କ'ଣ ପାପ ? ଝିଅ ପରା ଗୋଟେ ମାଆ । ସେ ତ ପୁଣି ଗୋଟେ ସନ୍ତାନକୁ ଜନ୍ମ ଦେବାର କ୍ଷମତା ନେଇଛି ।

ଗୁଡ୍ଡୀର ମାଆ ହାଟକୁ ଯିବାପାଇଁ ଗୋଡ କାଢିଲା । ଗୁଡ୍ଡୀ ସହରୀ ବାବୁ ଶୋଭନକୁ ମୁଣ୍ଡିଆ ମାରିଲା । ସମସ୍ତେ ଶୋଭନ ବାବୁଙ୍କୁ ନମସ୍କାର ଜଣାଇଲେ । ହାଟକୁ ବାହାରିଲେ । ଗୁଡ୍ଡୀ ତା ମାଆର ହାତ ଧରି ଆଗକୁ ପାଦ ପକେଇଲା ।

ଶୋଭନ ଅଗଣାରେ ଠିଆ ହେଇ ଭାବୁଥିଲେ ଆଦିବାସୀ ଝିଅ ଗୁଡ୍ଡୀ କଥା । ସତରେ କେତେ ଶାନ୍ତ, ସରଳ, ନିରୀହ ! ଝିଅଟିଏ ଯେ ଆଦିବାସୀ ସମାଜର ଏକ ରତ୍ନଟିଏ, ମନେ ମନେ ହୃଦୟଙ୍ଗମ କଲେ । ଆଦିବାସୀମାନଙ୍କ ପାଇଁ ବହୁତ କିଛି କାମ କରିବାର ଇଚ୍ଛାକୁ ସାଇତିଲେ । ବଣ ଜଙ୍ଗଲରେ ରହୁଥିବା ଏ ଜନଜାତି ଆମଠାରୁ ବି କୋଉ ଗୁଣରେ କମ୍ ନୁହଁ । ବରଂ ଏମାନଙ୍କ ପାଖରେ ଅଛି ଆତ୍ମବିଶ୍ୱାସ, ନିରୀହ ପଣ, ଏକା ଏକା ଲଢିବାର ଅଦମ୍ୟ ସାହସ । ହିଂସା, ଈର୍ଷା ଠାରୁ ଅନେକ ଦୂରରେ ।

ସତରେ ଗୁଡ୍ଡୀ, ତୁ ତୋ ବାପା ମାଆର ନାଁ ରଖିବୁ । ଜନ୍ମ ମାଟିକୁ ଆଦରି ନେଇ ସମାଜରେ ପ୍ରତିଷ୍ଠା ଲାଭ କରିବୁ – ତୋତେ ଶୁଭାଶିଷ ଜଣାଉଛି । ଏତକ କହୁ କହୁ ଶୋଭନର ଆଖି ଛଳଛଳ ହୋଇଯାଉଥିଲା ।

ଏଲ୍.ଆଇ.ଜି ୧୫
ନୟାପଲ୍ଲୀ ବ୍ରିଟ୍ କଲୋନୀ, ଭୁବନେଶ୍ୱର
୭୦୦୮୧ ୪୨୦୪୦

ISSN NO.
2582-208X

# ବର୍ଷା



ଗଜାନନ ମିଶ୍ର

ବର୍ଷା ନିଜେ ଆସି
ଦେଲା ଘାଣ୍ଟି ଭିତର ବାହାର
ଆଉ ବସି ରହିଲା ଚକାମାଡି
ସାମ୍ନାରେ ଯିବାକୁ ନ ଦେଇ
କାହାକୁ ଜଣକୁ ବି ।

ବର୍ଷା ମାଗିଲା ପ୍ରେମ
ଦେବାଲୋକ ନ ଥିବାବେଳେ
କେହି ଜଣେ ଏଠି ।
ଝୁଙ୍କିପଡି ଆଗକୁ ଖୋଜିଲା
କଣ କଣ ମନଭରି ।

ଅନ୍ୟମନସ୍କ କଲା ସଭିଙ୍କୁ,
ଶ୍ରଦ୍ଧା ଦେଲା ସମ୍ମାନ ଦେଲା
ଆଉ ରଖିଲା ସମୁଦ୍ର ଭିତରର
ବତୀଘର ଭଳି ।

ହାତ ହଲେଇ ଟା ଟା କଲା
ଆଉ କହିଲା ପୁଣି ହେବା ଦେଖା,
ଏଥର ଏତିକି ବୋଲି କହିଲା ପୁଣି
ଆଉ ନିର୍ଜନ ଇଲାକାରେ
ଡାକିଲା ଥା ରେ ଥା ।

ତପୋବନ, ଟିଟିଲାଗଡ,
ବଲାଙ୍ଗୀର

ISSN NO.
2582-208X

# ଓଡିଆ ପୁଅ



ପ୍ରକାଶ ଚନ୍ଦ୍ର ପଣ୍ଡା

ଜାଗରେ ଜାଗ ଓଡିଆ ପୁଅ
ଭସାଇ ଦିଅ ରକତ ସୁଅ
ତୋ ଜାତି ଯାଏ ଭାଷି ।
ଏ ଦେଶ ନୀର ଦେହରେ ତୋର
ବହୁଛି ହୋଇ ରକତ ଧାର
ଚାହିଁବୁ କାହିଁ ବସି ।
ତୋ ମାଆ ରଣ ଶୁଝିବୁ କେବେ
ତା ମୂଲ ଆଉ ବୁଝିବୁ କେବେ
ଏଇ କି ସ୍ୱାଭିମାନ ।
ତା ମମତାର ମୂଲ କି ନାହିଁ
ତୋ ଭଳି ପୁଅ କୁ ଜନମ ଦେଇ
ଦେଉ ତୁ ଅପମାନ ।
ଏ ମାଟିରେ ଜନମ ନେଇ
ସୁବାସ କଲେ କେତେ ଲଢେଇ
ଧନ୍ୟ ମାଟିର ବୀର ।
ବାରବର୍ଷର ବାଳୁତ ସେଇ
ବନ୍ଧୁକ ଆଗେ ଛାତି ପତାଇ
ଆଜି ସେ ଚିର ଅମର ।

ଗୋପବନ୍ଧୁଙ୍କ ତ୍ୟାଗର ଆଗେ
ଜବାବ ନାଇଁ ଭାଷାରେ କେବେ
ଆଖିରୁ ଝରେ ଲୁହ ।
ନିଜ ପୁଅକୁ ଜରରେ ଛାଡି
ଘରୁ ଚାଲିଲେ ସେ ଗୋଡକାଢି
କେ ବାପ ଅଛି କହ ।
ବହୁତ ଅଛିରେ ଏ ଜାତି କଥା
ଶୁଣିଲେ ଘୁରିବ ତୋହରି ଅଥା
କେଉଁଠୁ କହିବି ତୋତେ ।
ଏତିକି ରଖିଥା ମନରେ ଧନ
ତୋ ବାପା ଗୋସାପା ଥିଲେ ମହାନ
ଏଜାତି ମାନ ତୋ ହାତେ ।

କଲ୍ୟାଣପୁର, ଭୁଇଁପୁର,
ପାଣିକୋଇଲି, ଯାଜପୁର

ISSN NO.
2582-208X

# ପୁଣ୍ୟାତ୍ମା ଉତ୍କଳମଣୀ



ରାଜକିଶୋର ସାଇଁ

ନଜର ନରଖି ସ୍ୱାର୍ଥ ଯିଏ କଛି
କରୁଥିଲେ ଜନସେବା
ଆପେ ଦୁଃଖ ଅହି ଖୁସି ବାଣ୍ଟିବାକୁ
ଆସିଥିଲେ ସତେ ଅବା ।୧।

ଅନ୍ୟ ଦୁଃଖରେ ଯେ କାନ୍ଦୁଥିଲେ ନତି
ନଜ ଲୋକ ମନେ ଭାବି
ହେଉଥିଲେ ବିଚଳତ ଦେଖି ଯିଏ
ଭୋକର କରୁଣ ଛବି ।୨।

ବନ୍ୟା ବାତ୍ୟା ଆଦି ବିପତ୍ତି ବେଳାରେ
ସାଥୀଙ୍କୁ ସାଙ୍ଗରେ ଧରି
ବାଣ୍ଟୁଥିଲେ ବିପନ୍ନଙ୍କୁ ଦାନା କନା
ଯିଏ ଗାଆଁ ଗାଆଁ ବୁଲି ।୩।

ବେଶଭୂଷା ଆଉ ହାବଭାବ ଯାର
ଥିଲା ଅତି ସାଧାରଣ

ISSN NO.
2582-208X

ପରକୁ ଆପଣା କରିବା କଳାରେ
ଥିଲେ ଯେ ଅତି ନିପୁଣ ।୪।

ପାଉଥିଲେ ଯିଏ ଅପାର ଆନନ୍ଦ
ଦୀନଜନ ସେବା କରି
ଏମିତି ମଣିଷ ଦେଖିଛ କେ କୁହ
ଅଛି କିଏ ତାଙ୍କ ପରି ।୫।

ଜୀବନ ତମାମ ଆମ ସେବା କରି
କଲେ ଯେ ଆମକୁ ଋଣୀ
ସେ ପରା ପଣ୍ଡିତ ଗୋପବନ୍ଧୁ ଦାସ
ପୁଣ୍ୟାତ୍ମା ଉତ୍କଳମଣୀ ।୬।

ଗରିବର ବନ୍ଧୁ ଦରଦୀ ମଣିଷ
ଥିଲେ ସେ ଏ ଜାତି ପ୍ରାଣ
ଆନ ପାଇଁ ଆମେ ଜୀବନ ଜିଇଁବା
ଏ ଥିଲା ତାଙ୍କ ଦର୍ଶନ ।୭।

ତାଙ୍କ ପୁଣ୍ୟ ଶ୍ରାଦ୍ଧ ଦିବସରେ ଆଜି
ଆମେ ଏ ଶପଥ ନେବା
ସୁଖ ଦୁଃଖ ଭୁଲି ଦୁଃଖୀଙ୍କ ସେବାରେ
ନିଜକୁ ହଜାଇ ଦେବା ।୮।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

ISSN NO.
2582-208X

# ଓଡିଶା ମାଟିର ସମ୍ଭ୍ରାନ୍ତ ପୁତ୍ର ଗଙ୍ଗାଧର ମେହେର



ଅସିତ ମହାନ୍ତ

୧୮୬୨ ମସିହାରେ ସମ୍ବଲପୁର ଜିଲା (ବର୍ତ୍ତମାନ ବରଗଡ଼) ବରପାଲିର ଏକ ଗରିବ ବୁଣାକାର ପରିବାରରେ ଜନ୍ମ ହୋଇଥିବା ଗଙ୍ଗାଧର ମେହେରଙ୍କୁ (୯ ଅଗଷ୍ଟ ୧୮୬୨ - ୪ ଅପ୍ରେଲ ୧୯୨୪) ଓଡିଆ ସାହିତ୍ୟର ଅନ୍ୟତମ ରତ୍ନ ଭାବରେ ବିବେଚନା କରାଯାଏ । ସେ ସ୍ନେହରେ 'ପ୍ରକୃତି କବି' ଭାବରେ ମଧ୍ୟ ଜଣାଶୁଣା । ଏହି କବିଙ୍କୁ ପ୍ରତିଭାବାନ ଭାବରେ ବିବେଚନା କରାଯାଉଥିଲା ଯେହେତୁ ତାଙ୍କର ସାହିତ୍ୟିକ କାର୍ଯ୍ୟ ପଣ୍ଡିତମାନଙ୍କ ପାଇଁ ବିଶ୍ଳେଷଣ କରିବା କଷ୍ଟସାଧ୍ୟ ଥିଲା ଯେତେବେଳେ ସେ ମାତ୍ର ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷିତ ହୋଇଥିଲେ। ସୌନ୍ଦର୍ଯ୍ୟ ଏବଂ ସୁନ୍ଦର ପ୍ରକୃତିର ନିଜର ବାସ୍ତବବାଦୀ ଭାବନା ଯୋଗୁ ଗଙ୍ଗାଧର ମେହେର ବିଶିଷ୍ଟ କବି ତଥା ସମ୍ଭ୍ରାନ୍ତ ପୁତ୍ର ଯୁଗ ଯୁଗରେ ତାଙ୍କର ଆକର୍ଷଣୀୟ ଏବଂ ଚିତ୍ରଣ ବର୍ଣ୍ଣନା ମାଧ୍ୟମରେ ପାଠକମାନଙ୍କ ମନରେ ଗଭୀର ଆନନ୍ଦ ଏବଂ ଗଭୀର ଭାବନା ସୃଷ୍ଟି କରିଥିଲେ । ସମସାମୟିକ ସାହିତ୍ୟିକ ଦୃଶ୍ୟ କଳାର ଆତ୍ମା ଏବଂ ଶକ୍ତିଶାଳୀ ବହୁମୁଖୀ ଶୈଳୀ ଏହାର ପଦବୀରେ ଏକ ସ୍ୱତନ୍ତ୍ର ଶ୍ରେଣୀ ପାଇବାକୁ ଯୋଗ୍ୟ । ପ୍ରକୃତି କବି ଭାବରେ ଜଣାଶୁଣା ଗଙ୍ଗାଧର ମେହେର୍ ସୃଷ୍ଟିରେ ବହୁ ଅଳଙ୍କାର ଭାଷା ରଚନା, ସରଳ ଏବଂ ରୂପାୟନ ରହିଛି ଯାହା ପାଇଁ ଅନେକ ସମାଲୋଚକ ତାଙ୍କୁ ସେଲି, ବାଇରନ୍ ଏବଂ କିଟ୍ସ ପରି ମହାନ କବିମାନଙ୍କ ସହିତ ତୁଳନା କରନ୍ତି । କିନ୍ତୁ ତାଙ୍କର ଶୈଳୀ ବହୁତ ସ୍ୱତନ୍ତ୍ର ଥିଲା ଏବଂ ଏହାର କୌଣସି ତୁଳନା କରିବାର ଆବଶ୍ୟକତା ନାହିଁ । ସେ ଦେଶଭକ୍ତି, ସାମାଜିକ ସଂସ୍କାରମୂଳକ, ଗୀତ, ଭକ୍ତି ଗୀତ, ନୈତିକତା ଏବଂ ଜୀବନର ସମସ୍ତ ଦିଗକୁ ଆଚ୍ଛାଦନ କରିଥିବା ବିଷୟରେ ନିଜର କଲମ ଚଳାଇଛନ୍ତି। ସେ କୃଷିର ସୂତ୍ର ବା ପଦ୍ଧତି ରଚନା କରିଛନ୍ତି ଏବଂ ସର୍ବୋପରି ତାଙ୍କର କଳ୍ପନା ଏବଂ ପ୍ରକୃତିର ବର୍ଣ୍ଣନା ଅତ୍ୟନ୍ତ ପ୍ରଭାବଶାଳୀ । ସେ ଓଡିଆ ସାହିତ୍ୟର କିମ୍ବଦନ୍ତୀ କବି କବିବର

ISSN NO.
2582-208X

ରାଧନାଥା ରୟଙ୍କ ସମସାମୟିକ ଥିଲେ। ତାଙ୍କ ଲେଖା ଗୁଡିକୁ ପଢିଲେ ଅନୁଭବ ହୁଏ ଯେ ପ୍ରକୃତି ଠାରୁ କେହି ଉର୍ଦ୍ଧରେ ନୁହେଁ, ଅର୍ଥାତ ପ୍ରକୃତିର ପ୍ରଭାବ ମାନବ ତଥା ଜୀବଜଗତ ସହିତ ଓତ ପ୍ରୋତ ଭାବେ ଜଡିତ । ତେଣୁ ପ୍ରକୃତି ବାହାରେ କିଛି ଜିନିଷ ଯଦି ଲେଖାଯାଏ ତେବେ ତାହା ନିଛක କଳ୍ପନା ଛଡା ଆଉକିଛି ହୋଇପାରିବ ନାହିଁ । କଳ୍ପନା ଉପରେ ନିର୍ଭର କରି ମାନବ ସଭ୍ୟତା ଆଗକୁ ବଢ଼ିପାରିବ ନାହିଁ । ମାନବ ସଭ୍ୟତାର ବିକାଶ ପ୍ରକୃତି ସହିତ ଲଢେଇ ମାଧ୍ୟମରେ ହୋଇଛି, ତେଣୁ ଆଜି ସେ ସଭ୍ୟ ମନୁଷ୍ୟ । ଏହାହିଁ ହେଉଛି କାରଣ, ମେହେରଙ୍କୁ ପ୍ରକୃତି କବି ବୋଲି କୁହାଯାଏ ।

ଇତିହାସ ପୃଷ୍ଠା ଲେଉଟାଇଲେ ଜଣାଯାଏ, ଏଇ ଓଡ଼ିଶାରେ ଦିନେ ମୁକୁନ୍ଦଦେବ ଗଙ୍ଗାନଦୀକୁ ଓଡିଶାକୁ ଆଣିବାକୁ ତପସ୍ୟାରେ ବସିଲେ ଏବଂ ଘୋଷଣା କଲେ ଯିଏ ମୋ ତପସ୍ୟା ଭଙ୍ଗ କରିବ, ତାକୁ ଦୁଇ ଖଣ୍ଡ କରିଦେବି । ରାଜାଙ୍କ ତପସ୍ୟା ଦିନ ପରେ ଦିନ ବଢିଚାଲିଲା । ଗଙ୍ଗା କିନ୍ତୁ ଓଡିଶା ଆସିଲା ନାହିଁ । ସେନାପତି କହିଲେ, ମୋ ଗଣ୍ଡି ବରଂ ଦି ଗଡ଼ ହେଉ, ରାଜା ତପସ୍ୟା ଭାଙ୍ଗନ୍ତୁ । ମନ୍ତ୍ରୀ କହିଲେ, ନା – ନା ବରଂ ବଂଶୀ ବାଦନ କରାଯାଇ ରାଜାଙ୍କ ତପସ୍ୟା ଭଙ୍ଗ କରାଯାଉ । ସେଇୟା ହେଲା । ରାଜାଙ୍କ ତପସ୍ୟା ଭଙ୍ଗ ହେଲା। ଯିଏ ତାଙ୍କ ତପସ୍ୟା ଭଙ୍ଗ କଲା, ରାଜା ତାକୁ ଦୁଇ ଖଣ୍ଡ କରିବାକୁ ଆଦେଶ ଦେଲେ । ମନ୍ତ୍ରୀ କହିଲେ, ହଜୁରଙ୍କ ତପସ୍ୟା ଏଇ ବଂଶୀ ଖଣ୍ଡକ ଭଙ୍ଗ କରିଛି, ତେଣୁ ବଂଶୀକୁ ଦି ଖଣ୍ଡ କରାଯାଉ । ସେଇଆ ମଧ୍ୟ ହେଲା । ଏଠାରେ ପ୍ରବାଦ ଅବତାରଣା କରିବାର ଉଦ୍ଦେଶ୍ୟ ହେଲା, ଓଡିଶାକୁ ରାଜା ସିନା ଗଙ୍ଗା ନଦୀକୁ ଆଣିପାରିଲେ ନାହିଁ, କିନ୍ତୁ ଗଙ୍ଗାଧର ମେହେର ସାରା ଭାରତରେ ଗଙ୍ଗାଜଳ ଛିଂଚି ଦେଲେ, ଗଙ୍ଗାଧରଙ୍କ ପବିତ୍ର ଗଙ୍ଗାଜଳରେ ଓଡିଶା ସିକ୍ତ ହେଲା । ଗଙ୍ଗାଧରଙ୍କ ହୃଦୟରୁ ଯେଉଁ ଜଳ ଉସରିତ ହେଲା, ତାହା ପ୍ରକୃତରେ 'ଗଙ୍ଗାଧାର'। ଗଙ୍ଗାଧର ମେହେରଙ୍କ ପ୍ରାଞ୍ଜଳ ପଦାବଳୀ ଅଧିକାଂଶ ସ୍କୁଲରେ ହଷ୍ଟେଲରେ ପ୍ରାର୍ଥନା ବେଳେ ସମସ୍ୱରରେ ଷ୍ପନ୍ଦିତ ହୁଏ । "ମଙ୍ଗଳେ ଅଇଲା ଉଷା" ଏବେବି ଗୁଞ୍ଜରଣ ସୃଷ୍ଟି କରେ । ତାଙ୍କ ତପସ୍ୱିନୀ, ପ୍ରଣୟ ବଲ୍ଲରୀ, ଇନ୍ଦୁମତୀ, ରସରତ୍ନାକର ଓ କିଚକ ବଦ୍ଧ ଭଳି କାବ୍ୟ ଭାରତୀୟ ଭାଷା ସାହିତ୍ୟରେ ସ୍ୱତନ୍ତ୍ର ସ୍ଥାନ ଦଖଲ କରିଛି । ଏହି କାବ୍ୟ ପୁସ୍ତକ ଅଧିକାଂଶ ହିନ୍ଦୀ ଓ ଇଂରାଜୀ ଭାଷାରେ ମଧ୍ୟ ଅନୁବାଦ ହୋଇସାରିଛି ।

ISSN NO.
2582-208X

ଗଙ୍ଗାଧର ମେହେରଙ୍କୁ ଆମେ ପିଲାଦିନୁ ସ୍କୁଲ ଛାତ୍ରାବସ୍ଥାରୁ ସ୍ୱଭାବ କବି ବୋଲି ଶୁଣି ଆସୁଛୁ । କିନ୍ତୁ ଏହି ସ୍ୱଭାବ କବିଙ୍କ ପାଇଁ ଅଭାବର ମରୁଭୂମିରେ କିପରି 'ଭାବ' ଫୁଟି ଉଠିଛି ଦେଖନ୍ତୁ -'ଦରିଦ୍ରତା ପଙ୍କପୂର୍ଣ୍ଣ ମୋ ଜୀବନସର/ଜଞ୍ଜାଳ ଜଳଦ ଜାଳେ ଆବିଳ ଉଦର। ୧୮୬୨ ରେ ପଶ୍ଚିମ ଓଡିଶାର ବରପାଲିରେ ଜନ୍ମିତ ଗଙ୍ଗାଧର ମେହେର ମାତ୍ର ୬୨ ବର୍ଷ ବୟସରେ ତାଙ୍କ ଖେଳଲୀଳା ସାରି ବାହୁଡ଼ିଗଲେ । ଛାଡିଦେଇଗଲେ ଅମୁଲ୍ୟ ସମ୍ପଦ। ଆମେ ରବିନ୍ଦ୍ରନାଥ ଠାକୁରଙ୍କୁ ବିଶ୍ୱକବି ବୋଲି ଜାଣୁ । ରବି ଠାକୁର ଗଙ୍ଗାନଦୀର ନୀଳ ଜଳ ତରଙ୍ଗକୁ ବାରମ୍ବାର ଉପଭୋଗ କରିଛନ୍ତି । ଗଙ୍ଗା ଜଳ ରବି ଠାକୁରଙ୍କୁ ପବିତ୍ର କରିଛି। କିନ୍ତୁ ଓଡ଼ିଶାର 'ଟାଗୋର' ଗଙ୍ଗାଧର ମେହେର ନିଜ ରାଜ୍ୟର ମାଟି ପାଣି ପବନରେ ବିଭୋର ହୋଇ ଯେଉଁ କାବ୍ୟକବିତା ରଚନା କରିଗଲେ, ତାହା ରବି ଠାକୁରଙ୍କ କାବ୍ୟଠାରୁ  କୌଣସି ଗୁଣରେ କମ ନୁହେଁ। ଆମେ ସବୁ ହତଭାଗ୍ୟ ଓଡ଼ିଆ, ଗଙ୍ଗାଧର ମେହେରଙ୍କୁ ବିଶ୍ୱ ସାହିତ୍ୟରେ ପରିଚିତ କରାଇବାକୁ ସକ୍ଷମ ହୋଇପାରିଲେ ନାହିଁ। କେବଳ ଯାହା ପାଠ୍ୟପୁସ୍ତକରେ ମହାବିଦ୍ୟାଳୟରେ ତାଙ୍କ ନାମ ଯୋଡ଼ାଗଲା। ପରାଧୀନ ଭାରତ ବର୍ଷରେ ବ୍ରିଟିଶ ସାମ୍ରାଜ୍ୟବାଦୀଙ୍କ ଭୟଙ୍କର ରାଜୁତିର ଦମନଲୀଳାରେ କେବଳ ସାଧାରଣ ଲୋକେ ନୁହନ୍ତି, ସାମନ୍ତବାଦୀ ରାଜା ଜମିଦାରମାନେ ସୁଦ୍ଧା ତ୍ରାହି ତ୍ରାହି ଡାକୁଥିଲେ, ଠିକ ସେତିକିବେଳେ ଯୋଗଜନ୍ମା ଗଙ୍ଗାଧର ଭୂମିଷ୍ଠ ହେଲେ । ଏଇ ଓଡ଼ିଶାର ଜନଗଣ ଯୁଗଯୁଗ ଧରି କେତେ ଯେ ଗୋଲାମୀ ଖଟିଛନ୍ତି, ତାର କଳନା ନାହିଁ । ସମସ୍ତ ପ୍ରକାର ଦୁଃଖ, ଯାତନା, ଅପମାନ, ଶୋଷଣ, କଷଣ, ଅତ୍ୟାଚାର ଭିତରେ ଗଙ୍ଗାଧର ମେହେର ଜୀବନର ଅପୂର୍ବ ଅର୍ଥ ସୃଷ୍ଟି କରିବା ଆଶ୍ଚର୍ଯ୍ୟଜନକ ମନେହୁଏ । ତାଙ୍କର ଜୀବନକ୍ଷେତ୍ର, ସାହିତ୍ୟକ୍ଷେତ୍ର, ଧର୍ମକ୍ଷେତ୍ର, ଯୁଦ୍ଧକ୍ଷେତ୍ର ସବୁ ଏକପ୍ରକାର ହୋଇଯାଇଛି । ସେ ସୃଷ୍ଟି କରିଛନ୍ତି ଅପୂର୍ବ ଛନ୍ଦରେ, ଅମୃତମୟ କରିଦେଛନ୍ତି  ଭାରତୀୟ ଭାଷା ସାହିତ୍ୟକୁ ।

ସ୍ୱଭାବ କବିଙ୍କର ଘରଦ୍ୱାର, ଜମିବାଡ଼ି, ଧାନସମ୍ପତି, ପିଲାଛୁଆ, ଭାଇ ଓ ଭଉଣୀ, ବାପା ମା, ସାଙ୍ଗସାଥି, ଶିକ୍ଷାଦୀକ୍ଷା, ଆଚାର ବ୍ୟବହାର, ପାପପୂଣ୍ୟ, ଦୁଃଖସୁଖ, ଭଲମନ୍ଦ ସମ୍ପର୍କରେ ଅନେକ ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶ ପାଇଛି । କବିଙ୍କ କାବ୍ୟ କବିତାକୁ ନେଇ ଅନେକ ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶ ପାଇଛି । କବିଙ୍କ କାବ୍ୟକବିତାକୁ ନେଇ ଅନେକ ତର୍ଜମା ହୋଇଛି । ତୁଳସୀ ଦୁଇପତ୍ରରୁ ବସିଲା ଭଳି ବାଲ୍ୟକାଳ, ଯୌବନକାଳରୁ ଶେଷକାଳ ପର୍ଯ୍ୟନ୍ତ ପ୍ରତି ମୁହୂର୍ତ୍ତ ଦିନ, ମାସ ବର୍ଷକୁ ନିବିଷ୍ଟ ଭାବେ ନିରୀକ୍ଷଣ କରି

ISSN NO.
2582-208X

ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ, ସୂର୍ଯ୍ୟଚନ୍ଦ୍ର, ଦିନରାତି, ଅନ୍ଧାର-ଆଲୁଅ, ଧନଖେତ, ଶସ୍ୟ ଶ୍ୟାମଳା, ଫଳ ପୁଷ୍ପକ୍ଷେତ୍ର, ମହାନଦୀର ନୀଳ ଜଳରାଶିଠାରୁ ଆରମ୍ଭକରି ମଣିଷ ଜୀବନର ସକାଳ ଭଲମନ୍ଦ ଗୁଣରୁ ଅମୃତ ଏହାର କରି ସ୍ୱ-ଭାବରେ କବିକଣ୍ଠରୁ କବିଙ୍କ କଲମ ମୁନରୁ ଝରିଯାଇଛି । କେବଳ ମହାନଦୀ ନୁହେଁ, ଗଙ୍ଗା, ଗୋଦାବରୀ ସମେତ କାହିଁ କେତେ ପବିତ୍ର ନଦୀ । ଧନ୍ୟ ଧନ୍ୟ ହେ ଆମେ ଓଡିଶାବାସୀ- ଗଙ୍ଗାଧର ମେହେର ଓଡିଶା ମାଟିରେ ଜନ୍ମ ନେଇଥିବା ଯୋଗୁ । ଅନ୍ୟ ଅର୍ଥରେ କହିବାକୁ ଗଲେ କବି ଥିଲେ ସ୍ୱାଭିମାନୀ । ସ୍ୱାଭିମାନ ତାଙ୍କ ପ୍ରତି ରକ୍ତକଣାରେ ଭରପୂର ଥିଲା । ଶାଳୀନତା ତାଙ୍କର ଶ୍ରେଷ୍ଠ ଗୁଣ । ସ୍ୱାଭିମାନ ଓ ଶାଳୀନତାର ସମିଶ୍ରଣରେ କବିଙ୍କ ପ୍ରତିଭା ହିଁ ଅନ୍ଧକାରର ବକ୍ଷ ବିଦାରି ନୂତନ ସକାଳ, ସୂର୍ଯ୍ୟୋଦୟର ସୁଡ଼ଙ୍ଗ ଆଡକୁ ମୁହାଇଁ ନେଇଛି। ତପସ୍ୱିନୀ କାବ୍ୟରେ କବିଙ୍କ ଅମୃତମୟ ନିର୍ମଳଧାରା ପ୍ରତ୍ୟକ ଶବ୍ଦରେ ବ୍ରହ୍ମଜ୍ଞାନ, ସ୍ୱର୍ଗ ସୁଖକୁ ମର୍ତ୍ତ୍ୟରେ ଆଣି ବିଚରଣ କରିବା ଖୁବ କ୍ୱଚିତ ଭାରତୀୟ କବିଙ୍କ ପାଖରେ ମିଳେ। ଏହି କବିଙ୍କର ସାହିତ୍ୟକୁ ଜନମାନସରେ ଆଣିବା ସହିତ ବିଶ୍ୱ ଦରବାରରେ ତାଙ୍କର ଲେଖା ଶୈଳୀ ଏବଂ ମର୍ମସ୍ପର୍ଶୀ ଭାବନାକୁ ଆଣିବାର ଦାୟିତ୍ୱ ହେଉଛି ଆମର । ଯଦି ଓଡ଼ିଆ ଭାଷାକୁ ଆହୁରି ଉନ୍ନତ କରିବାକୁ ହୁଏ ତେବେ ମେହେରଙ୍କ ରଚନା ଗୁଡିକ ମଧ୍ୟ ଦେଇ ନୂତନତ୍ୱ ସମ୍ଭବ । ଯୋଗଜନ୍ମା ଓଡିଶା ମାଟିର ବର ପୁତ୍ର ମହାନ କବି ଗଙ୍ଗାଧର ମେହେରଙ୍କୁ ତାଙ୍କର ୧୬୧ ତମ ଜନ୍ମଦିବସରେ ସତ ସତ ନମନ ।

ସୁଜନପୁର, ଯାଜପୁର
୯୩୪୮୭୬୮୮୧୨

ISSN NO.
2582-208X

# ପଦ୍ମର ବିଳାପ ସ୍ୱର - ଆଜ ଦେଖିଲିରେ ନବୀନ ବୟସୀ ବାଳା



ଅଲେଖ ମେହେର

ଧନୀ ସରସିଜ ବିରସ କରିଛି ମନ।
ଧରଣୀ ବସ୍ତ୍ରକୁ ଲେଉଟିଲା ଯେବେ ଉତଫୁଲ୍ଲିତେ ଚାରି ଘନ।0
ଧାସ ଆଦିତ୍ୟର ସଜ ପ୍ରିତି ଘର ମିଳିନ୍ଦ ଦିଏ ଚୁମ୍ବନ,
ଧଡଧଡ ଛାତି ପ୍ରିୟର ମିଳନେ ଆତ୍ମ ବିଭୋରେ ସ୍ପନ୍ଦନ ।୧
ଧିର ମନ୍ଦ ବାତ ଆସେ ଅକସ୍ମାତ କରି ଘୋର ଗରଜନ,
ଧସେଇ ତଡାଗେ  ଯଉବନ ରାଗେ ପୟଃ ଚିତ୍ତ ଛନ ଛନ।୨
ଧରା ହୁଏ ସାଜି ସବୁଜିମା ରାଜି ହାସରେ ଫୁଲ ମଗନ,
ଧରି ସରଞ୍ଜାମ କରେ ବିଲକାମ ହରଷ କୃଷକ ମନ। ୩
ଧିମେଇ ଯାଇଛି ବିପ୍ରଙ୍କର ରାବ ପରଭୃତ କରେ ସ୍ୱନ,
ଧରେ ସ୍ନେହେ ରାଗ ଡାହୁକ ବିହଗ ପୂର୍ଣ୍ଣ ହୋଇଛି ସ୍ୱପନ।୪
ଧାରଧାର ନୀର ଅକ୍ଷିରୁ ଚିବୁକେ ନିରତେ କରେ ଗମନ ।
ଧୈର୍ଯ୍ୟଚ୍ୟୁତ ହୁଏ  ବିଲୋକି ଏ ଦୃଶ୍ୟ ଯାଯାବର ହୃଦବନ।୫

ଟୀକା- ଧନୀ-ସୁନ୍ଦରୀ, ସରସିଜ-ପଦ୍ମ,
ତଡାଗେ- ପୋଖରୀରେ, ଦ୍ୱିଜ-ପକ୍ଷୀ, ପରଭୃତ-ମୟୁର

ସୋହେଲା, ବରଗଡ
ମୋ-୭୩୭୦୨୨୦୫୫୯

ISSN NO.
2582-208X

# ବଡ଼ ଦାଣ୍ଡରେ ଉଭା ଚକାନୟନ

ଦୀନବନ୍ଧୁ ବେଜ

ବଡ଼ଦାଣ୍ଡରେ ଉଭା ଚକାନୟନ ......

ବଡ଼ଦାଣ୍ଡ ହୋଇଛି ଶୋଭାବର୍ଦ୍ଧନ
ସାଙ୍ଗସାଥିଙ୍କ ହୋଇଛି ପୂନଃ ମିଳନ
ସାଧୁସନ୍ଥଙ୍କର ଆତ୍ମା ହୁଏ ତଲିନ
ଭକ୍ତ ଓ ଭଗବାନଙ୍କ ପ୍ରେମ ବନ୍ଧନ
ସୃଷ୍ଟି ସର୍ଜନାର ଆଦ୍ୟ ସୋପାନ ।

ବଡ଼ ଦାଣ୍ଡରେ ଉଭା ଚକାନୟନ....

ସଭ୍ୟତା ବିକାଶର ପହିଲି କିରଣ
ନିଅଁ ପକାଇବା ପାଇଁ ମନ୍ତ୍ର ଉଚ୍ଚାରଣ
ସମ୍ଭାବନା ଆଙ୍କାକ୍ଷିତ ମନ ଦୋଳନ
ପ୍ରିତିର ବନ୍ୟା ପାଇଁ ଚକ୍ଷୁ ଫେଡିଣ
ସ୍ୱପ୍ନ ବାଣ୍ଟିବାକୁ ଜଗା କରେ ମେଳନ ।

ବଡ଼ ଦାଣ୍ଡରେ ଉଭା ଚକାନୟନ .......

ଦେଖିବା ଲୋକଙ୍କୁ ମିଳଇ ବଡ଼ପଣ
ଆତ୍ମାଭିତରୁ କରେ ମନୁଷ୍ୟ ସମର୍ପଣ
ସମସ୍ତ ସଦାଚାର ହୁଏ ପ୍ରତିଫଳନ
ଗ୍ରହଣ କରିବାକୁ ବ୍ୟଗ୍ର କରୁଛି ଦାନ
ସବୁଦେଖି ହସୁଅଛି କଳାବଦନ ।।

ବଡ଼ ଦାଣ୍ଡରେ ଉଭା ଚକାନୟନ.......

ସଂପାଦକ
ଜାତୀୟ କବି ଲେଖକ ସଂଗଠନ
ଭଦ୍ରକ, ଓଡ଼ିଶା

ISSN NO.
2582-208X

# ସମୟ ଗୋ



ବିନୟ ମିଶ୍ର

ସମୟ ଗୋ !
କାହା ପାଇଁ ଥାଅ
କେଉଁଠି ନ ଥାଅ
ଅଦୃଶ୍ୟ ଅନନ୍ତ ତୁମେ,
କାହାକୁ ବା ଦିଅ
କାହାକୁ ନ ଦିଅ
ଥାଇ ନ ଥାଇ ଭରମେ।

କେତେ ହସ କେତେ କାନ୍ଦ
କେତେ ସୁଖ ଦୁଃଖ ନେଇ ଆସ,
କେବେ ପତ୍ରଝଡା କଅଁଳ ବୟସୁ
ବାର୍ଦ୍ଧକ୍ୟରେ ଦିଅ ହସ।

କେବେ ବା ଆଘାତ,
ପ୍ରତିଘାତ ପ୍ରଶ୍ନ କେବେ ତ ଉତ୍ତର,
ସମୟ ଗୋ ତୁମେ ବନ୍ଧନ କେବେ
କେବେ ତ ମୁକ୍ତିର ସ୍ୱର।

ଆପଣାର କେବେ ପର କରି
ପର ଆପଣାର ଦିଅ କରି,

ISSN NO.
2582-208X

ଘୁରୁଛ ଅଦୃଶ୍ୟ ଶକ୍ତିର ନିର୍ଦ୍ଦେଶେ
ସୁଦର୍ଶନ ଚକ୍ର ପରି।

କାଟୁଛ କାହାକୁ ଭେଟୁଛ କାହାକୁ
ଲୁଟୁଛ ସର୍ବସ୍ୱ କାର,
କାହାକୁ ହାଣୁଛ କାହାକୁ ମଣୁଛ
ବିଚାର ସବୁ ତୁମର।

କାହା ମାଥେ ଦେଇ ବିଜୟ ସିନ୍ଦୁର
କାହା ଦେହେ ଫଗୁ ବୋଳି,
କାହା ହାତୁ ଶଙ୍ଖା ମଥାରୁ ସିନ୍ଦୁର
ନିମିଷକେ ଦିଅ ଦଳି ।

ସମୟ ଗୋ କୁହ କିଏ ଅଛି ତୁମ
ଶକତିକୁ ଯିବ ବଳି,
ଯନ୍ତ୍ରରେ ମନ୍ତ୍ରରେ ତନ୍ତ୍ରରେ ଅବା
ଦେବ ତୁମକୁ ଶାଂକୋଳି ?

ମଲ୍ଲୀପୁର, ନଆଳ, ଖୋର୍ଦ୍ଧା
୯୪୩୯୪୩୩୩୩୭

ISSN NO.
2582-208X

# ପହିଲି ବରଷା



ସିଦ୍ଧେଶ୍ୱର ତ୍ରିପାଠୀ

ପହିଲି ବରଷା ଆକାଶରୁ ଝରି
ଭିଜାଉଛି ମାଟି ଦେହ
ଅତୀତରେ ଦିନେ ଏମିତି ମୁହୂର୍ତ୍ତେ
ତୁମେ ରଚିଥିଲ ମୋହ ।

ସେଇ ପାଣିପାଗ ମିଠା ଅନୁରାଗ
ଅତୀତ ସ୍ମୃତିକୁ ଟାଣେ
କେଇ ବୁନ୍ଦା ଲୁହ ଜମାଟ ବାନ୍ଧଇ
ଏଇ ଦୁଇ ଆଖି କୋଣେ ।

ଭାବିଲେ ସେକଥା ବଢିଯାଏ ବ୍ୟଥା
ଛାତିତଳୁ ଉଠେ କୋହ
ପହିଲି ବରଷା ଆକାଶରୁ ଝରି
ଭିଜାଉଛି ମାଟି ଦେହ ।

କୁଆଡେ ଗଲାଣି ସେଇସବୁ କଥା
କେବେଠୁ ତୁମରି ସାଥେ
ଆଜି ଏଇ ପାଗ ଭେଳିକି ଲଗାଏ
ପାଗଳ ସଜାଇ ମୋତେ ।

ଯାଯାବର ଏଇ ସମୟର ଦାଉ
ସହି ପାରେନି ହୃଦୟ
ପହିଲି ବରଷା ଆକାଶରୁ ଝରି
ଭିଜାଉଛି ମାଟିଦେହ ।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା

ISSN NO.
2582-208X

# ନାଟକ

## ରାମ ରାବଣ ରାମାୟଣ



ସୁଧାଂଶୁ ଶେଖର ଦ୍ୱିବେଦୀ

।। ୨୩ ଦୃଶ୍ୟ ।।

(ଦଶରଥ ସିଂହଙ୍କ ବଙ୍ଗଳା। ଓକଲ ଏବଂ ସ୍ୱୟଂ ଦଶରଥ ସିଂହ ଆଲୋଚନାରେ ବ୍ୟସ୍ତ ବିବ୍ରତ ଭଳି ଜଣାପଡୁଥାନ୍ତି।)

ଓକଲ- ସାର! ଆଦୌ ବ୍ୟସ୍ତ ବିବ୍ରତ ହୁଅନ୍ତୁ ନାହିଁ। ଆପଣ ଆଉ ଥରେ ମୋ କଥାକୁ ଭଲଭାବେ ଚିନ୍ତା କରନ୍ତୁ। ମୁଁ ଆଉକେବେ ଆସି ଉଇଲ ବନେଇଦେବି। କିନ୍ତୁ ନିଜର ନିଷ୍ପତ୍ତି ବିଷୟରେ ପୁଣିଥରେ ସଠିକ ନିର୍ଣ୍ଣୟ ନିଅନ୍ତୁ।

ଦଶ- ମୋର ନିଷ୍ପତ୍ତି ବଦଳାଇବାକୁ ଆପଣ ମୋତେ ରାୟ ଦେବେ? ବଡ଼ ଅସମ୍ଭବ ବାରିଷ୍ଟର ଆପଣ? ଦେଖନ୍ତୁ ବହୁତ କିଛି ଚିନ୍ତା କରି ସାରିବା ପରେ ଏହାହିଁ ମୋର ଶେଷ ସିଦ୍ଧାନ୍ତ।

ଓକଲ- ଅଲ ରାଇଟ! ଯାହା ଆପଣଙ୍କ ଇଛା।। (ଆଟାଚିରୁ ଉଇଲ ବାହାର କରି ବଢାଏ। ଦଶରଥ ସାଇନ କରିବାବେଳେ କୈକେୟୀ ଆସି ପ୍ରତିରୋଧ କରେ)

କୈକେୟୀ- ତୁମେ ଏ କଣ କରୁଛ? ଶେଷରେ......?

ଦଶ- କିଛି ଭୁଲ କରୁନାହିଁ କୈକେୟୀ ଯାହା କରୁଛି ସବୁକିଛି ଭାବିଚିନ୍ତି ଠିକ କରୁଛି। (ପୁନଃ ସାଇନ ପାଇଁ ପ୍ରସ୍ତୁତ ହେବାବେଳେ)

କୈକେୟୀ- ନା- ମୁଁ ଉଇଲ ପେପରରେ ସାଇନ କରିବାକୁ କଦାପି ଦେବିନାହିଁ।

ISSN NO.
2582-208X

ଦଶ– ତାମାନେ ତୁମେ ମୋତେ ବାଧ୍ୟ କରିବ ମୁଁ କଣ ଡିସାଇଡ଼ କରିବି କଣ ନ କରିବି ?

କୈକେୟୀ– ଭାବିପାର ସେଇୟା।

ଦଶ– ଏତେକଛି ଭାବିବାକୁ ସମୟ ନାହିଁ କୈକେୟୀ। ଜାଣିନଅ ମୁଁ ଯାହାକଛି କରୁଛି ସବୁ ଏ ବଂଶର ଭବିଷ୍ୟତ ମଙ୍ଗଳ ନମନ୍ତେ କରୁଛି।

କୈକେୟୀ– ଜଣକୁ ଦାଣ୍ଡର ଭିଖାରି କରି ଆଉ ଜଣକୁ ସିଂହାସନ ରେ ବସେଇଦେଲେ ଭବିଷ୍ୟତ ମଙ୍ଗଳ ହେବନ ବରଂ ଆଉ ଏକ ମହାଭାରତ ସୃଷ୍ଟି ହେବ।

ଓକଲ– ମାଡାମ ଠିକ କହୁଛନ୍ତ ସାର! ଦୁହିଙ୍କ ମଧ୍ୟରେ ଆପଣ ଏଭଳ ଅନ୍ତର ପାତର କରନ୍ତୁ ନାହିଁ। ସରକାରୀ ଆଇନ ଅନୁସାରେ ପିତାଙ୍କର ସମସ୍ତ ସ୍ଥାବର ଅସ୍ଥାବର ସମ୍ପତ୍ତିର ହକଦାର ହେଉଛନ୍ତ ସନ୍ତାନ। ହେଲେ ଅନ୍ଧ ଧୃତରାଷ୍ଟ୍ରଙ୍କ ଭଳ ଦୁହିଙ୍କ ମଧ୍ୟରେ ଫାଟ ସୃଷ୍ଟି କରନ୍ତୁ ନାହିଁ, ପ୍ଲିଜ...।

ଦଶ– ମୁଁ ଆପଣଙ୍କଠାରୁ ଫିଲୋସଫି ଶୁଣିବାକୁ ପ୍ରସ୍ତୁତ ନୁହେଁ ବାରିଷ୍ଟର। ଆପଣ ଏବେ ଆସିପାରନ୍ତ।

ଓକଲ– ଓକେ ସାର! ଗୁଡ଼ ନାଇଟ(ପ୍ରସ୍ଥାନ)

ଦଶ– ମୁଁ ବୁଝିପାରୁନ ତୁମେ ସବୁବେଳେ ମୋ କାମରେ କଣପାଇଁ ହସ୍ତକ୍ଷେପ କରୁଛ ? କଣପାଇଁ ତୁମେ ମୋ ପଛରେ ଛାଇ ଭଳ ଜଗି ରହୁଛ ?

କୈକେୟୀ– ଏଭଳ ପ୍ରଶ୍ନ ପଗ୍ଧରିବା ପୂର୍ବରୁ ନଜକୁ ଥରେ ପଗ୍ଧର ଏ ବଂଶର ରକ୍ଷା ନମନ୍ତେ ମୋର ଅବଦାନ କଣ ?

ଦଶ–ତାମାନେ ତୁମ ଅବଦାନର ପ୍ରତିଦାନ ଗ୍ଧହୁଁଛ ?

କୈକେୟୀ– ସ୍ୱାର୍ଥ ବିଜଡିତ ଦୁନଆରେ ସମସ୍ତେ ସ୍ୱାର୍ଥପର। କଏ କାହାର ? ଆଜି ମଲେ କାଲି ଦିଇ ଦିନ। ମୋତେ ମୋ ତ୍ୟାଗର ମୂଲ୍ୟ ଆବଶ୍ୟକ।

ଦଶ– ଅର୍ଥାତ ତୁମେ ଏ ବଂଶ ପରମ୍ପରା ପାଇଁ ଯେଉଁ ତ୍ୟାଗ କରିଛ ତାର ମୂଲ୍ୟ ଗ୍ଧହଁ?

ISSN NO.
2582-208X

କୈକେୟୀ- ହଁ-ହଁ ମୁଁ ମୂଲ୍ୟ ଚାହେଁ।

ଦଶ- କୁହ! କୁହ କୈକେୟୀ କେତେ କୋଟିଟଙ୍କା ଦରକାର? ଯେତେ କହିବ ତାର ଦୁଇଗୁଣ ଅଧିକ ଟଙ୍କା ମୁଁ ତୁମକୁ ଦେବି। କନ୍ତୁ ପ୍ରତି ବଦଳରେ ଏ ବଂଶର ଗୋଟେ ଇଞ୍ଚ ସମ୍ପତ୍ତି ଭରତ ନାମରେ କରି ପାରିବି ନାହିଁ।

କୈକେୟୀ- କାହିଁକ? କଣପାଇଁ? ତାମାନେ ମୋ ପୁଅ ଏ ବଂଶରେ ଚାକର ଭଳି ଦିନ କାଟିବ ଆଉ ରମଣ ରାଜସୁଖ ଭୋଗିବ।

ଦଶ- ତୁମେ ମୋ ଉପରେ ବୃଥା ଆକ୍ଷେପ କରୁଛ କୈକେୟୀ। ମୁଁ କେବେ ଏ ବଂଶର ଭୂ-ସମ୍ପତ୍ତିକୁ ଭାଗ ଭାଗ କରିବାକୁ ଚାହେଁନା।

କୈକେୟୀ- ମାନେ?...

ଦଶ- ଏ ବଂଶର ବିଧି ବିଧାନ ଅନୁସାରେ ବଡ଼ପୁଅ ସମସ୍ତ ସମ୍ପତ୍ତିର ହକଦାର ହେବାପାଇଁ ବାଧ୍ୟ।

କୈକେୟୀ- ସେଇଥିପାଇଁ ମୁଁ ଯେତେବେଳେ ଗର୍ଭବତୀ ଥିଲି ଗର୍ଭସ୍ଥ ସନ୍ତାନକୁ ଏବର୍ସନ କରିବାକୁ କହିଥିଲି। ହେଲେ ତୁମେ ସେଦିନ ମୋ କଥା କିଛି ଶୁଣିଲ ନାହିଁ, ଶେଷରେ ଆଜି....

ଦଶ- ଗୋଟେ ସୀମା ଭିତରେ ରହି ଯାହା କହିବା କଥା କୁହ।

କୈକେୟୀ- ଆଜି ପର୍ଯ୍ୟନ୍ତ ତୁମେ କେବେ ଭରତକୁ ନଜର ପୁଅ ଭଳି ବ୍ୟବହାର କରିଛ? କେବେ ତା ସହିତ ଭଲରେ ଦିଇପଦ କଥା ହୋଇଛ? କେବେ ତାକୁ ଭଲରେ ମନ୍ଦରେ ଆକଟ କରିଛ? ତା' ପ୍ରତି ହେଉଥିବା ଏକତରଫା ଇର୍ଷାକୁ ମୁଁ ଆଉ କେତେଦିନ ସହିବି?

ଦଶ- ମା'ର ଆଖିରେ ଯେତେବେଳେ ମମତାର ପରଳ ପଡ଼ିଯାଏ ସମସ୍ତ ବସ୍ତୁ ତା'ପାଇଁ ଅଙ୍ଗାର ହୋଇଯାଏ।

ISSN NO.
2582-208X

କୈକେୟୀ– ତୁମେ ଠିକ କହିଛ। ମୋ ଆଖିରେ ମମତାର ପରଳ ପଡି ଯାଇଛି। ଭରତ ପାଇଁ ମୁଁ ଅନ୍ଧୁଣି ହୋଇଯାଇଛି। ଭରତ ଏ ବଂଶ ପାଇଁ ମରିଯାଇଛି। କେବଳ ଏଇଥିପାଇଁ ତାକୁ କୌଶଲ୍ୟା ଜନ୍ମ ଦେଇନାହିଁ। ସେଇଟା ବିମାତା କୈକେୟୀର ପୁଅ।

ଦଶ– କୈକେୟୀ! ତୁମେ ହେଉଛ ମା' କେବଳ ଜଣେ ମା'। ନିଜ ପୁଅ ପାଇଁ ତୁମେ ଅନେକ ପ୍ରକାର ଚିନ୍ତା କରିପାର। କିନ୍ତୁ ମୁଁ ହେଉଛି ବାପ। ନିଜ ପୁଅ ଯଦି ସମାଜର ପରିଧିରୁ ବାହାରିଯାଇ ବଂଶ ଇଜ୍ଜତରେ ଆଞ୍ଚ ଆଣେ ତାହେଲେ ସେ ବାପର ପୁଅ ପ୍ରତି କଣ ଅଧିକାର ଅଛି ?

ଭରତ(ପ୍ରବେଶି)– ଅଧିକାର ଅଛି। ଏ ବଂଶର ଅର୍ଦ୍ଧେକ ସମ୍ପତ୍ତିର ଅଧିକାରରୁ ଯିଏ ମୋତେ ବଞ୍ଚିତ କରିବ ସେ ଯେ କେହି ହୁଅନ୍ତୁ ମୁଁ ତାଙ୍କ ନାମରେ ହାଇକୋର୍ଟ କରିବି।

ଦଶ–ତୋର ମନେରଖିବା ଉଚିତ ଦଶରଥ ସିଂହ ହୁକୁମରେ କୋର୍ଟ କଚେରୀ ଚାଲେ।

ଭରତ– କୋର୍ଟ କଚେରୀ ତୁମ ହାତରେ ଚାଲେଲେ ମୋ ହାତରେ ପିସ୍ତଲ ଅଛି। ବେଶୀ ସମୟ ଲାଗିବନି ନିଜ ଶତ୍ରୁକୁ ମର୍ଡର କରି ବାକୁ।

ଦଶ– ତାମାନେ ତୁ ମୋତେ ମର୍ଡର କରିବୁ ?

ଭରତ– ମୋର ଅର୍ଦ୍ଧେକ ସମ୍ପତ୍ତିରୁ ବହିଷ୍କୃତ ହେଲେ ହୁଏତ ଭବିଷ୍ୟତ ସେଇୟା କରିବାକୁ ବାଧ୍ୟ କରିବ।

ଦଶ– କୋର୍ଟରେ ଆସାମୀ ପ୍ରତି ହେଉଥିବା ଫାଶୀ ଆଦେଶ ବରଂ ବଦଳି ଯାଇପାରେ କିନ୍ତୁ ଦଶରଥ ସିଂହର ନିଷ୍ପତ୍ତି କେବେ ବଦଳିବ ନାହିଁ।

ଭରତ––ଇଉ ଓଲଡ଼ ମେନ (ପିସ୍ତଲ ନିଶାଣ ଲଗାଏ)

ରମଣ– (ଦୌଡ଼ି ଆସି ଭରତ ହାତରୁ ପିସ୍ତଲ ଛଡ଼ାଇନିଏ)ତୁ ଏକଣ କରୁଛୁ ଭରତ ?

ଦଶ– ତାକୁ ପିସ୍ତଲଟା ଦେଇଦେ ରମଣ। ମୁଁ ଦେଖିବାକୁ ଚାହେଁ ଜଣେ ପୁଅ ତା' ବାପ ଛାତିରେ କେତେଟା ବୁଲେଟ ମାରିପାରିବ ?

ISSN NO.
2582-208X

ରମଣ- ଡାଡି! ଆପଣ କଣପାଇଁ ଏମିତି କରୁଛନ୍ତି। ଭାରତର ହକ ଦାବିକୁ କାହିଁକି ଏକତରଫା କରୁଛନ୍ତି?

କୈକେୟୀ- ଆ-ହା- ହା ସତରେ ଯେମିତି ଭୋଳା ମହେଶ୍ୱର!

ରମଣ- ମୋତେ ବିଶ୍ୱାସ କର ମମ୍ମି ଏ ବିଷୟରେ ମୁଁ କଛିମାତ୍ର ଜାଣେନାହିଁ। ଲଛୁକକା ଠାରୁ ଶୁଣି ଏଠିକୁ ଆସିଛି।

ଭାରତ- କଣପାଇଁ ଆସିଛୁ? ନଆଁରେ ଘିଅ ଢାଳବାକୁ?

ଦଶ- ଭା-ର-ତ...!!

ରମଣ- ନା ଡାଡି! ଆପଣ ଉତ୍ତକ୍ଷିପ୍ତ ହୁଅନ୍ତୁ ନାହିଁ। ଯେଉଁ ଧନ ସମ୍ପତ୍ତି ପାଇଁ ମୋ ସାନ ଭାଇ ଓ ମମ୍ମିର ସୁଖରେ ନଆଁ ଲାଗିପାରେ, ରକ୍ତର ଦୁଇଧାର ମଧ୍ୟରେ ଗୋଟିଏ ସୁଖ ଅନ୍ୟପଟେ ଦୁଃଖର ବନ୍ୟା ସୃଷ୍ଟି ହୋଇପାରେ ସେଭଳ ସମ୍ପତ୍ତିର ଉତ୍ତରାଧିକାରୀ ହେବାକୁ ମୁଁ ଚାହେଁନା ଡାଡି। ପ୍ଲିଜ ମୋତେ କ୍ଷମା କରିଦିଅନ୍ତୁ।

ଦଶ- ରମଣ! ତୁ ଭାବିଛୁ ମୋ ମୁଣ୍ଡର ଧଳା କେଶ ବାର୍ଦ୍ଧକ୍ୟ ଜନତ ହୋଇଛି। ସେଇଟା ତୋର ଭୁଲ ଧାରଣା। ମୋ ମୁଣ୍ଡର ଧଳା କେଶ ତଳେ ଦୀର୍ଘ ୬୫ ବର୍ଷର ଅଭିଜ୍ଞତା ଛପି ରହିଛି। ଦଶରଥ ସିଂହର ନମସ୍କାର ତିରସ୍କାର ହୋଇପାରେ ହେଲେ ତିରସ୍କାର କେବେ ନମସ୍କାର ହେବନି। ମାଇଣ୍ଡ ଇଟ!

(ପ୍ରସ୍ଥାନ ଉଦ୍ୟତ) (ସମସ୍ତେ ଫ୍ରିଜ)

(ମଞ୍ଚ ଅନ୍ଧାର)

କ୍ରମଶଃ.........

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା
email-dwibedysudhansu@gmail.com

ISSN NO.
2582-208X

# କଳା ଗୋସାଇଁ



ନନ୍ଦିନୀ ରାଉତ

ଭବ ସାଗରରେ ଭାସୁଛି
ଆହେ କଳା ନାବିକ
ପାରି କରି ଦିଅ ସୁଦୟା
ବହି ଗୋପ ରସିକ ।

ତୁମେ ତ ଦେଇଛ ଜନମ
ତୁମେ ଦିଅ ଶରଣ
ପଙ୍କିଳ ଅଟେ ଏ ଜୀବନ
ମୋତେ କର କାରଣ ।

ରାଧାରାଣୀ ହେବା ସପନ
କେବେ ମୁଁ ଦେଖିନାହିଁ
ଯଶୋଦା ମନରେ ନିତି ମୁଁ
ତତେ ଖୋଜେ କହ୍ନେଇ ।

ଗୋପ ବୃନ୍ଦାବନ ମୋ ଠାରୁ
ଅଟେ ବହୁତ ଦୂର
ହୃଦୟ ମୋହର ହୋଇଛି
ତୋର ଗୋପନଗର ।

କ୍ଷୀର ସର କାହୁଁ ପାଇବି
ମୁଁ ଯେ ଦୀନ ଦରିଦ୍ର
ସୁଦାମା ର ମନ ପରି ମୁଁ
ରଖିଅଛି ରେ ଭାବ ।

ବିଷମ ଜଗତ ଜଞ୍ଜାଳ
ଆଉ ଲୋଡ଼ା ମୋ ନାହିଁ
ତୋ ପାଦରେ ମତେ ବିଲୀନ
କର କଳା ଗୋସାଇଁ ।

ବାଲିପଟା, ଅନୁଗୁଳ

ISSN NO.
2582-208X

# ଗଙ୍ଗାଧର ସ୍ମରଣେ



ଶେଷଦେବ ପଣ୍ଡା
( ବ୍ରଗ-ଚକ୍ରକେଳ )

ପଶ୍ଚିମ ଓଡିଶାକାଶର ରବି,
ନାମ ଗଙ୍ଗାଧର ମେହେର କବି ।
ବାଣୀ ସାଧକ ସେ ଚିର ଭାସ୍ୱର,
ଭାରତୀ ସନ୍ତାନ ନବ ରୁଚିର ।
ଲେଖିଲେ କବିତା ଭଳିକି ଭଳି,
ଦାରିଦ୍ର୍ୟ ତାହାଙ୍କୁ ନ ଗଲା ଦଳି ।
ସାହିତ୍ୟ ସାଧନା ଅମୂଲ୍ୟ ତାଙ୍କ,
ଅଜର ଅମର ସେ ଦିବ୍ୟାଲୋକ ।
ନମ୍ରତା ଶିଷ୍ଟତା ତା'ର ଆଧାର,
ଜୀବନଦର୍ଶନ କି ମନୋହର ।
କବି କୋକିଳ ତୋଳି ଦିବ୍ୟତାନ,
ବାଣୀ କୁଞ୍ଜେ କରିଗଲେ ଗାୟନ ।
ତପସ୍ୱିନୀ ଗାଏ କବିଙ୍କ ଗୁଣ,
କୀଚକ ବଧ ତ ସ୍ୱାକ୍ଷର ପୁଣ ।
ପ୍ରଣୟ ବଲ୍ଲରୀ ଅକ୍ଷୟ ଯଶ,
ମ୍ଳାନ ନ ହୋଇବ ଅଯୋଧ୍ୟା ଦୃଶ୍ୟ
ଇନ୍ଦୁମତୀ ଠାରୁ ମହିମା ଯାଏ,
ମେହେର କୀରତି-ସଉଧ ଇଏ ।

ଅର୍ଘ୍ୟଥାଳୀ ନାମେ କବିତା ଗୁଚ୍ଛ,
ପଦ୍ମିନୀ ସୌରଭ ଅଛି ପ୍ରତ୍ୟକ୍ଷ ।
ରସରତ୍ନାକର ତାଙ୍କ କଳ୍ପନା,
ସ୍ୱଭାବକବିଙ୍କ ଚାରୁ ଭାବନା
ଗୋଟିଏ ଲେଖାରୁ ଆରଟି ବଳି,
ରାଗରାଗିଣୀରେ ଅଛଇ ପୂରି ।
ମାଳ ମାଳ ଅଳଙ୍କାରେ ଶୋଭନ,
ଶିକ୍ଷା ସଂସ୍କୃତିର ଉଚ୍ଚ ସୋପାନ ।
ପ୍ରକୃତି ବର୍ଣ୍ଣନା ଅମୃତମୟ,
ନିଜ ଲେଖନୀରୁ କଲେ ଉଦୟ ।
ଶବ୍ଦ ବୈଚିତ୍ର୍ୟରେ ହେବ କେ ସରି,
ପଶ୍ଚିମର 'ଭଞ୍ଜ' କଳାକୁ ଧରି ।
ମାତୃଭାଷା ସେବା ଜୀବନ-ବ୍ରତ,
ଭାଷାଉଦ୍ୟାନର ଗୋଲାପ ସେ ତ ।
ହେ କବିଶେଖର ! ଘେନ ପ୍ରଣାମ,
ଅସହ୍ୟ ତୁମର ଅବର୍ତ୍ତମାନ ।
କବିତା-ଲତିକା ହେଲା ଦୁର୍ବଳ,
ଜ୍ଞାନ-ତରୁ ହେ ଧରି ରଖିଥିଲ ।

ISSN NO.
2582-208X

କବିତା–ତଟିନୀ ଦେଲ ଝରାଇ,
ଓଡିଆ ଆଜି ବି ତାକୁ ଝୁରଇ ।
ଉତ୍କଳ ମାଟିର ତୁମେ ଫାଲ୍ଗୁନୀ,
ଜନମି ଥିଲ ବାଣୀ କୃପା ଘେନି ।
ଶରରେ ସାଗର ବାନ୍ଧିଲେ ପାର୍ଥ,
ଶବ୍ଦ ସନ୍ଧାନରେ ତୁମେ ଅବ୍ୟର୍ଥ ।
ଭାବର ମାଧୁର୍ଯ୍ୟେ ଗୁନ୍ଥିଲ ହାର,
କରୁଣ ରସର କାବ୍ୟ ସମ୍ଭାର ।
ଭାରତୀୟ ନାରୀ ଠାରେ ଯେ ଗୁଣ,
ଉତ୍ତମ ରୂପରେ କଲ ଚିତ୍ରଣ ।
ପ୍ରକୃତିକୁ ଦେଲ ମାନବୀୟତା,
ତୁମ ଲେଖନୀରୁ ଝରେ ମୁକୁତା ।
ଲେଖା ଯେହ୍ନେ ସୁବାସିତ ଚନ୍ଦନ,
ବିଦଗ୍ଧ ପାଠକ ଶ୍ରେଣୀ–ବନ୍ଦନ ।
ଦରିଦ୍ରତା ପଙ୍କେ ସଜ ସରୋଜ
ଦୀପ୍ତିମନ୍ତ ତୁମ କାବ୍ୟିକ ତେଜ ।
ଉତ୍କଳ ସାହିତ୍ୟ ଶିରୀ ମଣ୍ଡନ,
ଭାଷାର ବିନ୍ଧାଣୀ କବି ପ୍ରଧାନ ।
ମାନବୀୟ ସମ୍ବେଦନା ସୁକୃତି,
ପଦବିନ୍ୟାସ ଅଭିନବ ଅତି ।
ଯେତେ ଦିନ ଥିବ ଓଡିଆ ଭାଷା,
ପାସୋର ନ ଯିବ ପ୍ରଥିତ ଯଶା ।
ଲୁଚିଯିବ ନାହିଁ ନାମ ତୁମର,
କବି–କୁଳ–ଶଶୀ ହେ ଗଙ୍ଗାଧର ।

ସୃଜନ ନିଳୟ
ସହରାପଡା,ବ୍ରହ୍ମପୁର
ପାଟଣାଗଡ ,ବଲାଙ୍ଗିର

ISSN NO.
2582-208X

# ଅଭିନନ୍ଦନ ଓ ଅଭିବାଦନ



ଜୟ କୁମାର ମିଶ୍ର

ପୂଜ୍ୟପୂଜା ଘେନ, ସବୁରି ସମ୍ମାନ
ଆନନ୍ଦ, ଅଭିବାଦନ,
ଭାରତ ଦେଶର, ପ୍ରଥମ ନାଗରିକ
ଘେନିଲ ଶ୍ରେଷ୍ଠ ଆସନ ।
ଅଭିନନ୍ଦନ ଗୀତି, ଗାଏ ତୁମ ପ୍ରତି
ମାଟି, ମାଆ, ଜନ, ମନ,
ତୁମେ ତ ମହାନ, ତୁମେ ଗରିଆନ
ସବୁରି ସମ୍ମାନ ଘେନ ।
ଓଡ଼ିଆ ଝିଅଟି, ଦେଶ ରାଷ୍ଟ୍ରପତି
ମାଆ ମାଟି ପୁଲ୍ଲକିତ,
ଧନ୍ୟ ସେ ଉତ୍କଳ, ମାଆ ମାଟି କୋଳ
ଉଡୁଛି ବିଜୟ ଜୈତ୍ର ।
ହୋଇଲ ବରଣ୍ୟା, ତୁମେ ହେ ଅନନ୍ୟା
ଗରବ, ଗୌରବ, ହେତୁ,
ପ୍ରଗତି, ଉନ୍ନତି, ମମତା ଓ ପ୍ରୀତି
ନୁଆଁ ପୁରୁଣାର ସେତୁ ।
ଦେଶ ଇତିହାସ, ହୋଇ ହସ ହସ
ଗାଇବ, କହିବ କଥା,
ଉତ୍କୃଷ୍ଟ ଆସନ, ନାରୀକୁ ସମ୍ମାନ
ଦେଇଛି ବିଧାନ ପ୍ରଥା, ।

ISSN NO.
2582-208X

ଓଡିଶା ଗଉରବ, କ୍ଷାତି ସଉରଭ
ହୋଇବ ଯାଜୁଲ୍ୟ ଅତି,
ଉତ୍କଳ ଜନନୀ, ବୀର ପ୍ରସବିନୀ
ଧନ୍ୟ, ଧନ୍ୟ ଭାଗ୍ୟବତୀ ।
କେତେ ବୀର ବୀରା, ସୁନାମ ପସରା
ପୂଣ୍ୟ, ଧନ୍ୟ, ମାଆ, ମାଟି,
ତାଙ୍କରି କୋଳରେ, ଜନ୍ମ ଲଭି ବାରେ
ଦେଲ ଆନନ୍ଦର ଭେଟି ।
ଦୁଃଖିଙ୍କର ଧନ, ଅନ୍ଧାରେ କିରଣ
ଚଳନ୍ତି ଦେବତା ତୁମ୍ଭେ,
ନୁଆଁ ସକାଳର, ନବ ସୂର୍ଯୋଦୟ
କେତେ ସମ୍ଭାବନା ଏବେ ।
ଆଶା ଭରସାର, ତୁମେ ମହାମେରୁ
କୋଟି ସପନର ମୂଳ,
ମାଟି ମାଆ ଜେମା, ଅସାରନ୍ତି ସୀମା
ଶୀର୍ଷ ସୋପାନର ଚୂଳ ।

ବୁଦୁରା, ଗୋରିବନ୍ଧା
ଗଜପତି, ଓଡିଶା, 761296,
ଯୋଗାଯୋଗ 6372127449

ISSN NO.
2582-208X

# ଆଦ୍ୟ ଆଷାଢ଼



ଅରୁଣ କୁମାର ମେହେର

ମାଟି ସାଙ୍ଗେ ଆକାଶର ହୋଇଥାଏ
ଯେଉଁ ଅପୂର୍ବ ମିଳନ
ଆଦ୍ୟ ଆଷାଢ଼ର ପହିଲି ବର୍ଷାଟା
ସତେ ଅତି ମନୋରମ

ମେଘ ଘଡ଼ଘଡ଼ି ବିଜୁଳି ଚମକେ
ପବନର ସାଥେ ଆସେ
ତୁମ ଆଗମନେ ପ୍ରକୃତି ରାଣୀ ବି
ମନ ଖୋଲି କେତେ ହସେ

ଟୁପୁରୁ ଟାପୁରୁ ବରଷା ପାଣିରେ
ମନ ଆଜି ମୋହିଥାଏ
କଳା ମେଘ ଦେଖି ଚାଷୀ ଭାଇ ଏଠି
ମନେ ଆଶା ବାନ୍ଧିଥାଏ

ଶସ୍ୟ ଶ୍ୟାମଳାରେ ପୁରିଉଠେ ଆଜି
ଏଇ ସୁନ୍ଦର ବନାନୀ
ଅସହ୍ୟ ଗରମରୁ ମୁକ୍ତି ମିଳିବ
ଗୁଳୁଗୁଳି ଠାରୁ ପୁଣି

ଅତି ସୁନ୍ଦର ଆକାଶରୁ ଝରୁଛି
ବୁନ୍ଦା ବୁନ୍ଦା ଜଳ ଧାର
ମାଟି ସ୍ପର୍ଶ କଲେ ଭିଜାମାଟି ବାସ୍ନା
ଲାଗୁଛି ଅତି ସୁନ୍ଦର

ବୁଟୁପାଲି, ଜିଲ୍ଲା -ବୌଦ୍ଧ
ମୋ -9583935009

ISSN NO.
2582-208X

# ପ୍ରାଚୀନ ଭାରତରେ ପାର୍ସି ସଭ୍ୟତାର ଉତଥାନ, ପତନ

ପ୍ରିୟବ୍ରତ ପାତ୍ର

ନିଶବ୍ଦ ଖରାବେଳେ ଶୁଭ୍ର ବସ୍ତ୍ର ପରିହିତ ଶବଟିକୁ ଲୁହା ଫ୍ରେମର ଏକ କୋକେଇରେ ନେଇ ଚାଲିଥିଲେ ଛଅ ଜଣ ସରିକି ଅନୁରୂପ ଶୁଭ୍ର ପୋଷାକ ପରିହିତ ଅଭ୍ୟସ୍ତ ତଥା ପ୍ରଶିକ୍ଷିତ ଶବବାହକ ମାନେ। ସଂସ୍କୃତ ଭାଷା ପରି ଶୁଭୁଥିବା ବା ବେଦ ମନ୍ତ୍ର ପରି ଗଭୀର ଜନ୍ମ, ମୃତ୍ୟୁର ରହସ୍ୟକୁ ପ୍ରତିପାଦନ କରୁଥିବା ଅଜ୍ଞାତ ଶ୍ଳୋକରାଜିର ମୃଦୁ ଗୁଞ୍ଜରଣରେ ଜଙ୍ଗଲୀ ରାସ୍ତାଟି ଗୁମୁରି ଉଠୁଥିଲା। ବହୁକାଳର ସଯତ୍ନ ବର୍ଦ୍ଧିତ ଆମ୍ବ, ପଣସ, ନଡିଆ ଗଛର ଛାଇ ଆଲୁଅ ଭିତରେ ଶବ ପଛରେ ଚାଲିଥିବା ଆତ୍ମୀୟ ସ୍ୱଜନଙ୍କ ଲମ୍ବା ଧାଡି ସ୍ପଷ୍ଟ ବାରି ହୋଇ ପଡୁଥିଲା। ପୁରୁଷ, ନାରୀ ଯୋଡି ଯୋଡି ହୋଇ ହାତକୁ ହାତ ଧରି ଏବଂ ଏକ ଧଳା ରୁମାଲଟିଏ ହାତ ଛନ୍ଦିରେ ରଖି ନୀରବରେ ଚାଲିଥିଲେ, ଏକ ଆତ୍ମୀୟର ଶେଷ ଯାତ୍ରାରେ। ସେମାନେ ସମସ୍ତେ ଧଳା ପୋଷାକ ପିନ୍ଧିଥିଲେ –କୌଣସି ସଂକ୍ରମଣକାରୀ ଦୃଶ୍ୟ, ଅଦୃଶ୍ୟ ଦୁଷ୍ଟ ଶକ୍ତିଠାରୁ କବଚାବୃତ୍ତ ହୋଇ ରହିବା ପାଇଁ। ମୃତ୍ୟୁକୁ ନେଇ କୌଣସି କାନ୍ଦାକଟା, କୋଳାହଳ ବା କର୍ମକାଣ୍ଡ ଚାଲୁନଥିଲା, କମକୁଟଭରା କଫିନର ବ୍ୟବସ୍ଥା ନଥିଲା କି କାଠ ଗଦା ଶବ ଦାହ ପାଇଁ ପ୍ରସ୍ତୁତ ନଥିଲା । ଯାହା ଥିଲା କେବଳ ନିୟତି ନିର୍ଦ୍ଧାରିତ ଘଟଣାଟିକୁ ସମୟର ଅବଲୀଳା କ୍ରମେ ଗ୍ରହଣ କରିନେବା ଏବଂ ଭାବ ପ୍ରବଣତାରେ ନ ମାତି ବିଦାୟୀକୁ ବିଦାୟ ଦେବା। ଶବ ବାହକମାନେ ମାଟି ରାସ୍ତା ଛାଡି ପଥର ପାହାଚରେ ପାଦ ଦେଲେ ଏବଂ ଉପରକୁ ଉପରକୁ ଉଠି ଚାଲିଲେ, ପଛରେ ରହିଗଲେ ପଶ୍ଚାତଧାବନ କରୁଥିବା ବିମର୍ଷ, ବିଷର୍ଣ୍ଣ ଆତ୍ମୀୟ ସ୍ୱଜନ।

ISSN NO.
2582-208X

ଦଶ ବାରଟି ପାହାଚ ଅତିକ୍ରାନ୍ତ ପରେ ଶବ ବାହକମାନେ ବହୁ ପ୍ରାଚୀନ କବାଟକୁ ଖୋଲି ଭିତରକୁ ପଶିଲେ। ପ୍ରାୟ ୩୦୦ ଫୁଟର ପରିଧି ଆକ୍ରାନ୍ତ କରି ରହିଥିବା, ତଥା କେନ୍ଦ୍ର ଆଡକୁ ଗଡାଣିଆ ହୋଇ ରହିଥିବା ସମତଳ ଅଞ୍ଚଳଟି ଅନେକ ବଡ ବଡ ପଥର ଚଟାଣରେ ନିର୍ମିତ ହୋଇଥିଲା। ପ୍ଲାୟ ସାଢେ ତିନିଶହ ବର୍ଷର ପୁରୁଣା ସୌଧଟି କୌଣସି ଉଚ୍ଚା ଜାଗାରେ ଥିବା ଯୋଗୁଁ ଏକ ଅଦ୍ଭୁତ ନୀରବତା ଭିତରେ ନିଶ୍ୱାସ ନେଲାଭଳି ଲାଗୁଥିଲା। ଚାରିପଟେ ଦଶ ଫୁଟ ଉଚ୍ଚର ବାଡ ଘେରି ରହିଥିଲା ଏବଂ ସେହି ବାଡ ଉପରେ ପଲପଲ ଶାଗୁଣା ଡେଣା ମେଲେଇ ବସିଥିଲେ। ସେହି ସମତଳର କେନ୍ଦ୍ରରେ ପ୍ରାୟ ୧୫୦ଫୁଟ ପରିଧି ଆକ୍ରାନ୍ତର ବିଶାଳ ଅଗଭୀର ବାମ୍ପି ଆକୃତିର କୂପ ଥିଲା ଏବଂ କେତେ ଶତାବ୍ଦୀର ମଣିଷ କଙ୍କାଳ ସବୁ ତା ଭିତରେ ପଡି ରହିଥିଲା। ଶବଟିକୁ କୋକେଇରୁ ବାହାର କରି ତଳେ ରଖାଗଲା, ଦେହରୁ ବସ୍ତ୍ରଟିକୁ ବାହାର କରି ଆକାଶ ମୁହଁ ରଖି ଦିଆଗଲା। ଆଉ ଜଣେ ଶବବାହକ ଏକ ଲମ୍ବା ବାଡି ସାହାଯ୍ୟରେ ଚାରି ସପ୍ତାହ ତଳୁ ଆକାଶକୁ ମୁହଁକରି ପଡିଥିବା ଶୁଖିଲା କଙ୍କାଳଟିକୁ ଠେଲି ଠେଲି ସେହି ଅଗଭୀର ଗର୍ତ୍ତରେ ପକେଇ ଦେଲେ। ସେହି ଗଡାଣିଆ ସମତଳଟିରେ ଏମିତି ଆହୁରି କେତୋଟି କଙ୍କାଳ ଆକାଶକୁ ଅନେଇ ଖରା ସ୍ନାନ କଲାପରି ଦିଶୁଥିଲେ। ତା ଭିତରେ କିଏ ଧନୀ, କିଏ ଗରିବ, କିଏ ପୁରୁଷ କିଏ ନାରୀ କିଛି ମଧ୍ୟ ଜାଣିବାର ଉପାୟ ନଥିଲା। ଶବବାହକମାନେ କୋକେଇ, ତଥା ଫିଟା ବସ୍ତ୍ରଟିକୁ ଧରି ସେହି ଜାଗା ଛାଡିବା ପୂର୍ବରୁ ହିଁ ଶାଗୁଣାମାନେ ଘେରିଗଲେ ଏବଂ ଗୋଟିଏ ଗୋଟିଏ ଦଫାରେ ଭିଡି ଆଣିଲେ ଅନ୍ତବୁଜୁଳା ସବୁକୁ। ଖୁବ୍ ବେଶୀରେ ପନ୍ଦର ମିନିଟ୍ ଭିତରେ ଏହି ଆକାଶର ଶୃଗାଳମାନେ ନିଖୁଣଭାବେ ସଫା କରିଦେଲେ ଏବଂ ଧଳା ରଙ୍ଗର କଙ୍କାଳ ଉପରେ ଏତେ ଟିକେ ମଧ୍ୟ ମାଂସ ନଥିଲା, ମାଛି ତଥା ଅନ୍ୟ କୀଟ ପତଙ୍ଗ ଦ୍ୱାରା ବିଘଟିତ ହୋଇ ଦୁର୍ଗନ୍ଧ ସୃଷ୍ଟି କରିବାକୁ। ପେଟପୁରା ଖାଇ ଡେଣା ମେଲେଇ କିଛି ସମୟ ବିଶ୍ରାମ ନେବାପରେ ଅଳସୁଆ ତଥା ପେଟୁ ପକ୍ଷୀଗୁଡିକ ନିଜର ଭୟାନକ ଚଞ୍ଚୁ ସବୁରେ ଡେଣା ସବୁ ସଫା କରି ଖଣ୍ଡି ଉଡା ଦେଇ, ବସିଲେ ଯାଇ କାନ୍ଥ ଉପରେ। ଉଚିଷ୍ଟ ତଥା ହାଡ ମାଂସ ନେଇ ଉଡିବା, ଏତସ୍ତତଃ ପକେଇବା ଏହି ପକ୍ଷୀମାନଙ୍କ ସ୍ୱଭାବର ବାହାରେ। ତାପରେ ସେମାନେ ଯାଇ ବସିଲେ ବଡ ବଡ ଗଛର ଡାଳରେ ଏବଂ ତାପରେ ଉପରକୁ ଆହୁରି ଉପରକୁ ଆକାଶର ଶେଷ ସୀମାକୁ

ISSN NO.
2582-208X

ଉଡିଚାଲିଲେ, ସତେ ଅବା ଜଡ ଶରୀରର ଅଂଶ ବିଶେଷ ସବୁ ପକ୍ଷୀମାନଙ୍କ ମାଧ୍ୟମରେ ସ୍ୱର୍ଗ ଅଭିମୁଖେ ଯାତ୍ରା କରୁଥିଲା।ଏପଟେ ସଦ୍ୟ ଅନାବୃତ୍ତ ମଣିଷ କଙ୍କାଳଟିରୁ ବାହାରୁ ଥିବା ରକ୍ତ ମାଂସର ଗନ୍ଧରେ ମତୁଆଲ ଲାଲ ପିମ୍ପୁଡିମାନଙ୍କର ବିଶାଳ ବାହିନୀ ସବୁ ମାଡି ଆସୁଥିଲେ, କିନ୍ତୁ ଖାଇବା ପାଇଁ କିଛି ହିଁ ବାକି ରହୁ ନଥିଲା। କେନ୍ଦ୍ରସ୍ଥ କୂପଟିରେ ଖରା ଓ ଉତ୍ତପ୍ତ ପବନରେ ଅସ୍ଥି ସବୁ ଶୁଖିଯାଇ ବାଲି ପରି ଗୁଣ୍ଡ ହେଉଥିଲା, ବର୍ଷା ଜଳରେ ସେଗୁଡିକ ଭାଇ ଯାଉଥିଲା, କୂପର ଚାରିପଟେ ଥିବା ନାଳ ଆଡକୁ। ସେହି ସବୁ ନାଳର ମୁହଁରେ ଚୂନ ପଥର ଓ ଅଙ୍ଗାର ରଖାଯାଇଥିଲା। ଛାଣି ହୋଇ ପାଣିରେ ମିଳେଇ ଯାଉଥିବା ଅସ୍ଥି ସବୁ ନାଳ ଦେଇ ପଡୁଥିଲା ଆଉ ଚାରିଟି କୂପ ମଧ୍ୟରେ। ପରସ୍ତ ପରେ ପରସ୍ତ ବାଲିର ଆସ୍ତର ଦେଇ ସେହି ପାଣି ଧରିତ୍ରୀ ମଧ୍ୟରେ ସମାହିତ ହେଉଥିଲା। ମାଟିର ମଣିଷ ମାଟିରେ ମିଶି ଯାଉଥିଲା - ରାଜା ରଙ୍କୀ, ଧନୀ ଗରିବ, ପୁରୁଷ ନାରଈ, ପିଲା ବୁଢା ସମସ୍ତେ ନିଜ ନିଜର ଅସ୍ତିତ୍ୱ ନିର୍ବିଶେଷରେ ମାଟିରେ ମିଶି ଯାଉଥିଲେ। ଟାଟା, ମୋଡି ପରି ଧନୀ ହୁଅନ୍ତୁ, ଭାବାଙ୍କ ପରି ବୈଜ୍ଞାନିକ ହୁଅନ୍ତୁ, ଦାଦା ଭାଇ ନାରୋଜୀଙ୍କ ପରି ଦେଶପ୍ରେମୀ ହୁଅନ୍ତୁ ବା ରାମା ଦାମା ପରି ଅନାମଧେୟ ସର୍ବହରା ହୁଅନ୍ତୁ ସମସ୍ତଙ୍କର ସେହି ଏକା ପରିଣତି । ଏପରି ବିଚିତ୍ର ଶବଶତ୍କାର ପଦ୍ଧତି ପ୍ରତିଦିନ ଚାଲିଥାଏ। ଏହା ନାଜୀ ଜର୍ମାନୀର କୌଣସି କଷଣ ଶିବିର ନୁହଁ କି ଟିଭିରେ ଆସୁଥିବା ହରର ସୋ ନୁହଁ କି ମଧ୍ୟଯୁଗୀୟ ଧର୍ମୀୟ ବର୍ବରତାର ପୁନରୁତ୍ଥାନ ନୁହଁ। ଏହା ଥିଲା ବମ୍ବେର ମାଲବାର ହିଲ ଉପରିସ୍ଥ "ଅଞ୍ଜୁମାନ୍" ନାମକ ଏକ ପାର୍ସି ସମ୍ପ୍ରଦାୟଙ୍କ ଶବ ଶତ୍କାର ଗମ୍ବୁଜରେ ନିତିଦିନିଆ ଏକ ଦୃଶ୍ୟ। ଅଞ୍ଜୁମାନର ଅର୍ଥ ହେଲା ନିଷ୍ଠାର ସହ ସମର୍ପିତ ହେବା ଏବଂ ଏହି ପାର୍ସିମାନେ ହେଲେ ସପ୍ତମ ଶତାବ୍ଦୀରେ ଇରାନରୁ ଆସିଥିବା ଜୋରାଷ୍ଟର ଧର୍ମାବଲମ୍ବୀ ସମୂହ। ଏହି ଶବ ଶତ୍କାର ପାଇଁ ଉଦ୍ଦିଷ୍ଟ ଗମ୍ବୁଜ ସବୁକୁ "ଡୋଖମା" କୁହାଯାଏ। ପାଖାପାଖି ଆହୁରି ପାଞ୍ଚ ସାତଟି "ଡୋଖମା" ରହିଛି ଯାହାକି ପ୍ରତ୍ୟେକ ପାର୍ସି ସନ୍ତାନଙ୍କ ଅନ୍ତିମ ଆଶ୍ରୟସ୍ଥଳୀ।

ଉଚ୍ଚା ଉଚ୍ଚା ଜାଗାରେ ତିଆରି ହୋଇଥିବା ଏହି ସତ୍କାର ଗମ୍ବୁଜ ସବୁ ଖୁବ୍ ଶକ୍ତ ଓ ଅଭେଦ୍ୟ ଭାବେ ତିଆରି ହୋଇଥାଏ। କାଳେ ଦୁର୍ବଳ ହେଲେ ମଣିଷଙ୍କ ବିଗଳିତ ଶରୀର ପାଣି, ପବନ ଓ ମାଟିରେ ମିଶି ପ୍ରଦୂଷଣ କରିବ। ଏ ପ୍ରକାରର ସତ୍କାର ବ୍ୟବସ୍ଥାକୁ ପାର୍ସିମାନେ

ISSN NO.
2582-208X

ଶ୍ରେୟସ୍କର ବୋଲି ଦାବୀ କରନ୍ତି କାରଣ ମଣିଷର ମର ଶରୀରଟି ଶେଷରେ ପ୍ରକୃତିର ବନ୍ଧୁ ଶାଗୁଣାକୁ ଖାଦ୍ୟ ଯୋଗେ ଏବଂ ଜଳ, ସ୍ଥଳ ଓ ପବନ ଏହା ଦ୍ୱାରା ପ୍ରଦୁଷିତ ହୁଅନ୍ତି ନାହିଁ। ଏଥିପାଇଁ ଜାଳେଣି ଲୋଡା ନାହିଁ, କି ସମାଧି ପାଇଁ କିଛି ଜାଗାର ଆବଶ୍ୟକ ପଡେନାହିଁ। ହଜାର ହଜାର କୀଟ ପତଙ୍ଗ ଦୀର୍ଘ ଦିନ ଧରି ବିଘଟନ କରିବା ଅପେକ୍ଷା ଏହା ଭଲ ବୋଲି ମତ ଦେଉଥିବା ଅନେକ ବୈଜ୍ଞାନିକ, ଡାକ୍ତର, ଜନନାୟକ, ଧର୍ମାଧୀଶ ତଥା ପ୍ରତିଷ୍ଠିତ ସମ୍ବାଦପତ୍ରଙ୍କ ଟିକାଟିପଣିକୁ ଏକ ସଂକଳନ ଆକାରରେ ପାର୍ସି ପଞ୍ଚାୟତ ପ୍ରସ୍ତୁତ କରିଛନ୍ତି। ଏହି ବିଚିତ୍ର ଶବ ସତ୍କାର ବିରୁଦ୍ଧରେ କେବେ କେବେ ସୃଷ୍ଟି ହେଉଥିବା କୁତ୍ସାରଟନା ତଥା ଅନ୍ଧବିଶ୍ୱାସକୁ ପ୍ରତିହତ କରିବା ପାଇଁ ଏହି ସଂକଳନ ଯଥେଷ୍ଟ। ସତ କହିବାକୁ ଗଲେ ପ୍ରାକୃତିକ ପରିବେଶଭରା ଏହି "ଡୋଖମା" ମଧ୍ୟରେ ଥିବା ଗୋଲାପ ବଗିଚାର ଭୁରୁଭୁରୁ ବାସ୍ନାରେ ମଣିଷ କୌଣସି ବିଗଳିତ ଶବର କଳ୍ପନା ମଧ୍ୟ କରିପାରେ ନାହିଁ। ବରଂ କେତେ ଶତାବ୍ଦୀର ପୁଞ୍ଜୀଭୁତ ନୀରବତା ଭିତରେ ଅମର ଆତ୍ମାର ଆନନ୍ଦମୟ ସ୍ୱର୍ଗ ଯାତ୍ରା ବେଶୀ ବେଶୀ ମନକୁ ପୁଲକିତ କରେ ।

କ୍ରମଶଃ.....

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

ISSN NO.
2582-208X

# ଧରା ଶ୍ରାବଣ



ଅମରନାଥ ବାରିକ

ଧରା ଶିରାବଣ ମାସ
ହେଉଛି ବରଷା ଝିପିରି ଝିପିରି
ଗଛ ଲଗାଇବା ଆସ ।

ବିଲରେ ଛନକା ଘାସ
ଖୁଆଇବା ଆଣି ଗାଇ ବାଛୁରୀଙ୍କୁ
ହୋଇବେ ଦୁହେଁ ହରଷ ।

ସୁମନ ଭରିଛି ରସ
କରନ୍ତି ସଂଗ୍ରହ କଙ୍କି ପ୍ରଜାପତି
ଚୁମି ଫୁଲର ସୁବାସ ।

ମେଘୁଆ ଦିଶେ ଆକାଶ
ଆହାକି ସୁନ୍ଦର ପ୍ରକୃତି ରାଣୀର
ମନୋମୁଗ୍ଧକର ବେଶ ।

ହର ପାରବତୀ ରାସ
ଲୀଳା କରୁଛନ୍ତି କୈଳାସ ପର୍ବତେ
ନଭଦେଶେ ପରକାଶ ।

ମନରେ ରଖି ବିଶ୍ୱାସ
ପୂଜିବା ଶିବଙ୍କୁ ଦୁବୁରା ଜଳରେ
ଶଙ୍କର ଦେବେ ଆଶିଷ ।

କିଏ ସେ ହେବ ସରସ
କହୁଛି କାନନ ବୃକ୍ଷଲତା ରାଜି
ସରିବ ଶ୍ରାବଣ ମାସ ।

ବରଷକେ ବାର ମାସ
ସବୁ ମାସଠାରୁ ବଳି ମହୀୟାନ
ଧାରା ଶିରାବଣ ମାସ ।

ଯାଜପୁର,
ମଙ୍ଗଳପୁର, କୟାଁ

ISSN NO.
2582-208X

# ପଞ୍ଚୋପଦେଶ



ଅଧ୍ୟାପିକା ରୋଜାଲିନ୍ ବାରିକ୍

ପ୍ରଥମଟି ହେଲା ଆବଶ୍ୟକତାରୁ ଅଧିକା କେବେ ନଭାବ ।
ଆବଶ୍ୟକତା ଠାରୁ ଅଧିକ କେବେ(ହେଲେ) ମନେ ଚନ୍ତା ନକରିବ ।୧।
ଅତ୍ୟଧିକ ଆଗୁଆଁ ଭାବନା ମାନ ମନରେ ବୋଝ ଆଣଇ ।
ଏଥିରୁ ନବୃତ୍ତ ରହିଲେ ମାନବ ସୁଖରେ କାଳ କାଟଇ ।୨।
ଅଧିକ ଆଗତ ଭାବନାରୁ ମନ ସର୍ବଦା ରୁହ ବିରତ ।
ଫଳରେ ହିତ ସାଧନ ହୋଇବ ନଜର ଜାଣ ଏହା ସତ୍ୟ ।୩।
ଚନ୍ତା ପରିତେଜ ହେ ସୁଧି ସମାଜ ଚନ୍ତାହିଁ ଚଡା ସମାନ ।
ନବୃତ୍ତ ରହିଣ ଏଥିରୁ ସର୍ବଦା ଜୀବନକୁ କର ଧନ୍ୟ ।୪।
ଚନ୍ତା ଦ୍ୱାରା କହି ନୁହେଁ ସମାଧାନ ଚନ୍ତ ସମାଧାନ ପଥ ।
ସବୁ ସମସ୍ୟାର ସମାଧାନ ଅଛି ଏହା ଜାଣ ଅନୁବ୍ରତ ।୫।
ତେଣୁ ତେଜ ଚନ୍ତା ବିଷମ ଏକଥା ସମାଧାନ ପଥ ବାଛ ।
ନଜର ମଙ୍ଗଳ ହୋଇବ ନଶ୍ଚୟ ଚନ୍ତା ବରଜ ହେ ବତ୍ସ ।୬।
ତୃତୀୟରେ ଅତୀତକୁ କେବେହେଲେ ଧରି ରଖନାହିଁ ମନ ।
ଅତୀତ ସତତ ଦୁଃଖ ଦେଇଥାଇ ଅହେତୁକ ଦୁଃଖ ପୁଣ ।୭।
ତେଣୁ ଅତୀତକୁ ଭୁଲିଯାଇ ସଦା ବର୍ତ୍ତମାନେ ଦିଅ ଚତ୍ତ ।
ବର୍ତ୍ତମାନ ଗୋଟି ଅଟଇ ଶ୍ରେଷ୍ଠ ସମୟ ଜାଣନ୍ତୁ ଜଗତ ।୮।
ସୁଖଦ ଦୁଃଖଦ ହେଉ ବି ଅତୀତ ତାହାକୁ ନ ଅନୁସର ।
ବର୍ତ୍ତମାନ ପଥ ସୁଗମ ହୋଇଲେ ଭବିଷ୍ୟ ହୋଇବ ସ୍ଥିର ।୯।

ISSN NO.
2582-208X

ଚତୁର୍ଥ କଥାଟି ଅଟଇ ଯେ ଏହି କାହାରେ ନକର ଦୁଃଖୀ ।
ସର୍ବଜନେ ସୁଖ କରଣେ ପ୍ରଦାନ ଉଦ୍ୟମ କର ପରଖି ।୧୦ ।
ଅପରକୁ ସୁଖ ଦେଲେ ମିଳଥାଏ ହୋଇଣ ତାହା ଦ୍ୱିଗୁଣ ।
ସେଥିପାଇଁ ଅପରକୁ ସୁଖି କରିବା ପାଇଁ କର ମନନ ।୧୧ ।
ପରକୁ ସୁଖୀ କରିବାର ପ୍ରୟାସ ଯତନେ କର ସାଧନ ।
ସୁଖ ପ୍ରଦାନଲେ ଅପରକୁ ପୁଣି ତା ମିଳଥାଏ ବହନ ।୧୨ ।
ପଞ୍ଚମରେ ଆତ୍ମ ବିଶ୍ୱାସ ହିଁ ଶ୍ରେଷ୍ଠ ତାହାକୁ କେବେ ନତେଜ ।
ନିଜପରେ ଯଦି ଭରଷା ବିଶ୍ୱାସ ରଖିବ ତେବେ ତା ହେଜ ।୧୩ ।
ଯଦି ନିଜପରେ ହୋଇବ ବିଶ୍ୱାସୀ ଅସାଧ ହେବ ସାଧନ ।
ଅନ୍ୟମାନଙ୍କର ବିଶ୍ୱାସ ଭାଜନ କିପରି ହୋଇବ ଜନ ।୧୪ ।
ଯଦି ନିଜପରେ ସନ୍ଦେହ କରିବ ପଡିବ ହିଁ ଅପଚୟ ।
ତେଣୁ ସୁଧିଜନ ପଞ୍ଚ ଉପଦେଶ ପାଳନରେ ମନ ଦିଅ ।୧୫ ।

ମହୁ, ଆଳ, କେନ୍ଦ୍ରାପଡା ୭୫୪୨୩୧
ମୋବାଇଲ – ୯୯୩୮୫୦୧୧୦୨

ISSN NO.
2582-208X

# ସ୍ୱାଧୀନତା



ଭାସ୍କର ଚନ୍ଦ୍ର ଖଣ୍ଡା

ଆଜାଦିର ୭୫ ତମ ଅମୃତ ମହୋତ୍ସବ
ଇଚ୍ଛା ହୁଏ କରିବାକୁ ଆଜି ଆମ୍ ନିରୀକ୍ଷଣ
ରୋମନ୍ଥନ କରେ ଯେବେ ଇତିହାସ ପୃଷ୍ଠା
ଝଲସି ଉଠେ ବହିଃଶତ୍ରୁ ଆକ୍ରମଣ
ସେମାନଙ୍କ ଲୋଲୁପ ଦୃଷ୍ଟିରେ
ଯାଇଥିଲା ପେଷି ହୋଇ
ଆମ ସ୍ୱର୍ଣ୍ଣିମ ଭାରତ
ମୋଗଲ ସହିତ ଅଂଗ୍ରେଜଙ୍କର ଦୌରାତ୍ମ୍ୟ ।୧।

ବାନ୍ଧି ହୋଇ ପରାଧିନତାର ଶିକୁଳିରେ
ଲୋତକଭରା ନୟନରେ
ଚାହିଁରହିଥିଲା ଆମରି ମାଆ
କେତେ ଆତ୍ମ ବଳିଦାନ ଆଉ ରକ୍ତପାତ
ଅହିଂସାର ମହାମନ୍ତ୍ର
ପ୍ରାପ୍ତି ହେଲା ପରିଶେଷରେ
ବହୁ ଆକାଂକ୍ଷିତ ସ୍ୱାଧୀନତା ।୨।

କରିବାକୁ ହେବ ଅତିକ୍ରମ
ସୁଦୀର୍ଘ ସେଇ ପଥ
ଶେଷ ହେବ ଯେଉଁଠି ବ୍ୟଭିଚାର
ହିଂସା ଦ୍ୱେଷ ଆଉ ସ୍ୱାର୍ଥପରତାର ସ୍ଥାନକୁ

ISSN NO.
2582-208X

କରୁଥିବେ ପୂରଣ
ସ୍ନେହ ଶ୍ରଦ୍ଧା ପ୍ରେମ ଆଉ ମୈତ୍ରୀର ବନ୍ଧନ
ହେଉଥିବ ଉଦ୍ରେକ ଦେଶବାସୀଙ୍କ ହୃଦୟରେ
'ମୋ' ଦେଶ ବୋଲି
ଖେଳୁଥିବ ନିର୍ଭୀକତା ମାନସ ପଟରେ ।୩।

ନଥିବ ସେଠି ଯୌତୁକର ବ୍ୟାଧି
ଋଣ ବୋଝରେ ବୁଡ଼ି
କରୁନଥିବ ସେଠି କୃଷୀ ଆତ୍ମହତ୍ୟା
ଆବୋରି ନେଇ ନିଃସ୍ୱାର୍ଥପର ଆଉ ନିଷ୍ଠା
ଥିବେ କାର୍ଯ୍ୟରତ ସବୁ କର୍ମଚାରୀ
ସାଜୁ ନଥିବ ରକ୍ଷକ ସେଠି ଭକ୍ଷକ ।୪।

ନ ସାଜି କ୍ଲାନ୍ତ ପଥିକ
ନେଇ ଧୈର୍ଯ୍ୟ ଆଉ ଉତ୍ସାହର ଭିଟାମିନ
ଯିବାକୁ ହେବ ଅନେକ ଦୂର
ହେ ପରମେଶ୍ୱର
ଭରିଦିଅ ମୋ ଦେଶବାସୀଙ୍କ ମନରେ
ଦେଶ ପ୍ରେମର ପରିଭାଷା
ସେ ବାରିରେ ଦେଇ ବୁଡ଼
କରି ତହିଁରେ ସ୍ନାହାନ
ଝରିପଡୁ ଅମୃତର ବାଣୀ
ହେଉ ପ୍ରାପ୍ତି ସବୁ ଦେଶବାସୀଙ୍କୁ
ବହୁ ଆକାଂକ୍ଷିତ ସ୍ୱାଧୀନତା ।୫।

ଫ୍ଲାଟ୍ ନଂ ବି /୩୦୧, ଗୌରୀଶଙ୍କର ରେସିଡେନ୍ସି
କେଶୁରା, ଭୁବନେଶ୍ୱର (ମୋ) ୯୪୫୫୭୧୭୫୦୭

ISSN NO.
2582-208X

# ହୁଣ୍ଡା



ଅଧର ବିଶ୍ୱାଳ

ତା ନାଆଁ ହୁଣ୍ଡା, ତା କାମ ହୁଣ୍ଡା, ତା ବୁଦ୍ଧି ହୁଣ୍ଡା, ଏକ ନମ୍ବର ହୁଣ୍ଡା ମାଧିଆ I ଯା ବୁଝିଥିବ ସେଇଆ I ଇଂରାଜୀ ଟ୍ରାନ୍ସଲେସନ ବି ମୁଖସ୍ତ କରିବ I ରାତିଭରି ମୁଖସ୍ତ କରିଥିବ I saw a tiger; ଲେଖିଲା ବେଳକୁ ଲେଖିବ I was a tiger, saw ଟା ଓଲଟି was ହେଇଯାଇଥିବ I ଏକ ଅଜବ ଚରିତ୍ର I

ହୁଣ୍ଡା ସମସ୍ତଙ୍କ ସାଙ୍ଗରେ ଯୁକ୍ତି କରେ, ନିଜକୁ କେବେ ଛୋଟ କରିବାକୁ ଦିଏନା I ତା ହିସାବରେ ତାଙ୍କ ଘରର ସବୁ ଜିନିଷ ଗୁଡାକ ବଡ ଓ ଭଲ, ତାଙ୍କ ଢ଼ିଙ୍କି ବଡ, ଛାଞ୍ଚୁଣି ବଡ଼, କୁଲା ବଡ଼, ହାଣ୍ଡିଶାଳ ବଡ଼ I ତା ବାପା ଭଲ, ତା ବୋଉ ଭଲ ତା ଭଉଣୀ ଭଲ ଇତ୍ୟାଦି ଇତ୍ୟାଦି I ଅନ୍ୟ ଗାଁ ପିଲାଙ୍କ ସହିତ ଯୁକ୍ତି କଲାବେଳେ ନିଜ ଗାଁକୁ ବି ତଳେ ପକାଇ ଦିଏନା I କହେ ଆମ ଗାଁ ଭଳି ଗାଁ ନାହିଁ I ଆମ ଗାଁ ଭଲ, ଆମ ଖେଳ ପଡିଆ ଭଲ, ଆମ ଗାଁ ବରଗଛ ଭଲ, ଆମ ଗାଁ ପୋଖରୀ ଭଲ, ଆମ ଗାଁ ସ୍କୁଲ ଭଲ, ଆମ ସାରେ ଭଲ, ଇତ୍ୟାଦି, ଇତ୍ୟାଦି I ବେଳେ ବେଳେ ଆମକୁ ମଧ୍ୟ ପକ୍ଷ କରି କହେ I ତା କଥା ଶୁଣିବାକୁ ଭାରି ମଜା ଲାଗେ, ବେଳେ ବେଳେ ଗର୍ବ ବି ଲାଗେ I

ହୁଣ୍ଡା କଷ୍ଟେମଷ୍ଟେ ମାଟ୍ରିକ ଖଣ୍ଡକ ପାସ କଲା I ଆଉ ପାଠ ନହବାରୁ ଗାଁରେ ରହି ଚାଷବାସ କଲା I ମୁଁ ଓ ଅନ୍ୟ ସାଙ୍ଗମାନେ ଯେଉଁ ମାନେ କଲେଜରେ ପଢୁଥିଲୁ ଗାଁ ଛାଡି ଚାକିରୀ ଅନ୍ୱେଷଣରେ ସହରକୁ ଆସିଲୁ I ଯେହେତୁ ଗାଁ ସଂସ୍କୃତିରେ ବଢ଼ିକି ଆସିଛି, ପ୍ରଥମେ ପ୍ରଥମେ ଗାଁ ଜିନିଷ ଗୁଡାକ ଭାରି ବଡ ଲାଗୁଥିଲା I ହୁଣ୍ଡା ପରି ମୁଁ ମଧ୍ୟ ଭାବୁଥିଲି ଆମ ଗାଁ ବଡ଼, ଆମ ଖେଳ ପଡିଆ ବଡ଼, ଆମ ସ୍କୁଲ ବଡ଼, ଆମ ସାରେ ବଡ଼, ଆମ ଦାଣ୍ଡ ବଡ଼, ଆମ ହାଣ୍ଡିଶାଳ ବଡ଼, ଆମ ଛାଞ୍ଚୁଣି

ISSN NO.
2582-208X

ବଡ଼ I ମୋ ବାପା ବୋଉ ମହାନ I ଯେତେବେଳେ ଧୀରେ ଧୀରେ ସହରୀ ସଭ୍ୟତା ସାଙ୍ଗରେ ମିଶିଲି, ସେ ବଡ ପଣିଆର ଭୂତଟା ମୁଣ୍ଡରୁ ଉତୁରିଗଲା I ମୋ ଗାଁଟା, ଏ ସହରୀ ସଭ୍ୟତାରେ ଅତି ନଗଣ୍ୟ ଦେଖାଗଲା, ମୋ ହାଣ୍ଡିଶାଳଟା ଏ ମୋଡ୍ୟୁଲାର କିଚିନ ଭିତରେ ଅସ୍ତିତ୍ୱ ହରାଇଲା I ମୋ ବୋଉର ସରୁ ଚକୁଳି ଗୁଡାକ ଏ ଦକ୍ଷିଣୀ ଦୋଷା ଭିତରେ ହଜିଗଲା I ଆମ ଘର ର ଖଜୁରୀ ପିଂଛ ଛାଞ୍ଚୁଣିଟା ଫୁଲଝାଡୁ କୁ ଦେଖି ଲାଜେଇଲା, ମୋ ଗାଁ ସ୍କୁଲ, ମୋ ଗାଁ ପୋଖରୀ, ମୋ ଗାଁ ବରଗଛ, ପାଣି, ପବନ ସବୁଗୁଡ଼ାକ ଚେତାଶୂନ୍ୟ ହୋଇଗଲେ I ମୋର ସେ ଧୋତି ପିନ୍ଧା ସାରେ ମାନେ ଅଶିକ୍ଷିତ ଲାଗିଲେ I ସାରେ ପଢ଼ାଇଥିବା ସାହିତ୍ୟ, ଭୂଗୋଳ, ବୀଜଗଣିତ, ପାଟିଗଣିତ, ଜ୍ୟାମିତି, ପରିମିତି ଗୁଡାକ, ଏ ସହରୀ ଇଂରାଜୀ ଭିତରେ ବାଟ ବଣା ହୋଇଗଲେ I

ଧୀରେ ଧୀରେ ମୁଁ ବି ଏ ସହରୀ ସଭ୍ୟତାକୁ ଆପଣେଇନେଲି ଆଉ ଭାବିଲି ହୁଣ୍ଡାଟା ବହୁତ ପଛରେ ରହିଗଲା I କିନ୍ତୁ ଯେତେବେଳେ ଏ ସହରୀ ସଭ୍ୟତା ଓ କର୍ମମୟ ଜଂଜାଳ ଭିତରେ ଜୀବନଟା ଅସ୍ତବ୍ୟସ୍ତ ଲାଗେ, ହୁଣ୍ଡା କଥା ଭାରି ମନେପଡେ, ଫେରି ଯିବାକୁ ଇଛା ହୁଏ ସେଇ ଗାଁ ପଡ଼ିଆର ବର ଗଛ ପାଖକୁ, ଯେଉଁଠି ଡାଳିମାଙ୍କୁଡି ଖେଳୁଥିଲୁ, ଚୁଲି ମୁଣ୍ଡରେ ବସି ବୋଉର ସେ ସରୁ ଚକୁଳି ଖାଇବାକୁ, ସେଇ ଧୋତି ପିନ୍ଧା ସାର ମାନଙ୍କର ଉପଦେଶ ଶୁଣିବାକୁ I କିନ୍ତୁ ଏ ସହରୀ ଜୀବନର ଶିକୁଳିଟା ଏତେ ମଜ୍‌ଭୁତ ହେଇଯାଇଛି ଯେ, ଚାହିଁଲେ ମଧ୍ୟ ଛିଣ୍ଡେଇ ପାରୁନି I

ଜୟଦେବ ବିହାର, ଭୁବନେଶ୍ୱର

ISSN NO.
2582-208X

# କିଛି କରିବା



ସୁଜ୍ଞାନ ବାଘ

ହାତୀ ଚାଲୁଥିବ ଏକୁଟିଆ ଭାଇ
କୁକୁର ଭୁକୁଥିବେ ହଜାରେ
ନିଜର ଦକ୍ଷତା ଯାହା ଅଛି ଆଜ୍ଞା
ଦେଖେଇ ଦିଅ ଏ ସଂସାରେ ॥
ଜୀବନର କିଛି ସ୍ଥାୟୀ ନାହିଁ ଜାଣ
କେଉଁ ମୁହୂର୍ତ୍ତରେ ଚାଲିଯିବ
ସ୍ମୃତି ଖାଲି ତୁମ ବଞ୍ଚିଯେ ରହିବ
ଯୁଗେ ଯୁଗେ ମନେ ପଡୁଥିବ ॥
ଆଜି ଯିଏ ଅଛି କୋଟିପତି ଭାଇ
କାଲି ସେ ହୋଇବ ଭିକାରୀ
ମଣିଷ ହୋଇତୁମେ ଗର୍ବ କଣ ପାଇଁ
ଖାଲି ହିସାବ କରୁଛ ଖାତା ଧରି ॥
ଭଗବାନ ଦେଇଛନ୍ତି ମଣିଷ ଜନ୍ମ
କିଛି ପୁଣ୍ୟ କାମ କରିବା ପାଇଁ
ପୁଣ୍ୟ ବଦଳରେ ପାପଯେ ବଢୁଚି
ଏ ତ କଳିଯୁଗ ଭାଇ ॥
କାହାକୁ କହିଲେ କିଏ ବା ମାନିବ
ସମସ୍ତେ ନିଜ ବୁଦ୍ଧିବଳେ ରଜା
ଟଙ୍କାର ପଛରେ ଧାଇଁ ଧାଇଁ ସବୁ
ଉଡିଗଲାଣି ମୁଣ୍ଡର ଭେଜା ॥

ବୌଦ୍ଧ

ISSN NO.
2582-208X

# ଜୀବନୀ ଗୀତିକା



ଅଜିତ ପାଢ଼ି

ଏହି ମୋର ଗୀତ ଜୀବନ ସଙ୍ଗୀତ
କାଲି ପାଇଁ ଆମେ ଗାଇଯିବା ଗୀତ
ଜୀବନ ଭିତରେ କରିଯିବା କର୍ମ
ରଖିଯିବା କିଛି କର୍ମର ସଙ୍ଗୀତ
ଏହି ମୋର ଗୀତ ଜୀବନ ସଙ୍ଗୀତ ........

ସଭ୍ୟତା ପ୍ରଳୟେ ଦୁର୍ନୀତି ସଙ୍ଗୀତ
ସବୁଠି ଶୁଭୁଛି ସମାଧି ର ସ୍ରୋତ
ନିଶବ୍ଦ ର ଗୀତ କରୋନା ସଙ୍ଗୀତ
ଚାଇନାର ପୁଞ୍ଜିନୀତି ଶ୍ମଶାନ ସଙ୍ଗୀତ
ଏହି ମୋର ଗୀତ ଜୀବନ ସଙ୍ଗୀତ ........

ବିଶ୍ୱ ଉପବନେ ଆଜି ଲାଞ୍ଛନାର ଗୀତ
ନିଯୁକ୍ତି, ଦାଦନ, ଧର୍ଷଣ ସଙ୍ଗୀତ
ଈର୍ଷା ଅହଙ୍କାର ନିର୍ବାଚନ ପଥ
ଶୁଭେ ପାଶବିକ, ନାରୀ ହତ୍ୟା ର ସଙ୍ଗୀତ
ଏହି ମୋର ଗୀତ ଜୀବନ ସଙ୍ଗୀତ ........

ISSN NO.
2582-208X

ଅମ୍ଳଜାନ ସିଲିଣ୍ଡର ସାମର୍ଥ୍ୟ ର ଗୀତ
ପାହାଡ ଗାଉଛି ଆଜି ବେଦନା ସଙ୍ଗୀତ
ଜଳୁଅଛି ଗିରିବନ ଘଞ୍ଚବଣ ପଥ
ରାଜରାସ୍ତା ପ୍ରାନ୍ତେ ଆଜି ହାତୀ ଚଳାପଥ
ଜଳୁଅଛି ବକ୍ଷ ଆଜି ପ୍ରଦୂଷଣେ ଭୀତ
ଗାଉଅଛି ଆଜି ସତେ ବେଦନା ସଙ୍ଗୀତ ।
ଏହି ମୋର ଗୀତ ଜୀବନ ସଙ୍ଗୀତ ........

ସୁପରସୋନିକ, ରାଫେଲ ଶୁଣାଉଛି ଗୀତ
ସୈନିକ କମାଣ ସାଜେ ରାଷ୍ଟ୍ରୀୟ ସଙ୍ଗୀତ
ଭାରତ ଦର୍ଶନ ଆଜି ଜୀବନ ସଙ୍ଗୀତ
ପ୍ରଳୟ ସ୍ରୋତ ମହୀ ବେଦନା ରେ ଭୀତ
ପର୍ଯ୍ୟାବରଣ ଡାକରା କରୋନା ସଙ୍ଗୀତ
ନ ଥାଉ ବିଶ୍ୱବନେ ସମାଧି ର ସ୍ରୋତ
ଭାରତ ଦର୍ଶନ ଆଜି ଜୀବନ ସଙ୍ଗୀତ
ଏହି ମୋର ଗୀତ ଜୀବନ ସଙ୍ଗୀତ
କାଲି ପାଇଁ ଆମେ ଗାଇଯିବା ଗୀତ ॥

ଘାସିରାମ ମାଝୀ ହାଇସ୍କୁଲ, ନୂଆଗାଁ

ISSN NO.
2582-208X

# ବର୍ଷା : ତୁମର ପ୍ରକୃତି ନା ତୁମର ଈର୍ଷା !



ଡମ୍ବରୁଧର ବାଗ

ଟୁପୁର ଟାପୁର ବରଷୁଛ ଯେ
ବରଷୁଛ
ଅଜାଡି ଦେଉଛ ଅଯାଚିତ ଜଳ,
ଭାବୁଛ
ଜଳମୟ ହେଉ ପୃଥିବୀ
ବୁଡିଯାଉ ଘରଦ୍ୱାର
ବୁଡିଯାଉ ଶସ୍ୟକ୍ଷେତ
ଉଦୁରିଯାଉ ଅସହାୟ ବୃଦ୍ଧ ଦମ୍ପତିଙ୍କ ଝାଟିମାଟି ଘର
ଜଳପ୍ଲାବିତ ହେଉ ନଈପଠା ସବୁ
ବାଲିଚରି ଯାଉ ଯେତକ ଚାଷ ଜମି
କ୍ଷତହେଉ ମୃତ୍ତିକା ସମୁହ
ଢସକି ପଡୁ ପାହାଡ଼ ପର୍ବତ
ଭାସିଯାଆନ୍ତୁ ଜଳରେ ଗୋରୁଗାଈ
ନଷ୍ଟ ହେଉ ଧନସମ୍ପଦ
ଭିଜିଯାଉ ଟଙ୍କିକିଆ ଚାଉଳ
ଅନାହାର ରେ ମରନ୍ତୁ ପିତୃମାତୃହୀନ ସନ୍ତାନ ସନ୍ତତି ।
ଏ କି ଅତ୍ୟାଚାର ତୁମର !
ଏ କି ଅବିଚାର ତୁମର !
ଏ କି ଅନ୍ୟାୟ ତୁମର !

ISSN NO.
2582-208X

ଟିକିଏ ହେଲେ ତ ଚିନ୍ତା କରନ୍ତ ତୁମେ
ତୁମେ ପରା ସୃଷ୍ଟି ଏଇ ମାଟିରୁ
ଏଇ ମାଟି ରେ ତୁମ ଥିଲ ବୋଲି ସିନା
ଜଳରୁ ହେଲ ଜଳୀୟ ବାଷ୍ପ ,
ଜଳୀୟ ବାଷ୍ପ ରୁ ହେଲେ ମେଘ,
ମେଘରୁ ପୁଣି ବର୍ଷା ।
ତୁମର ସୃଷ୍ଟି ଏଇ ମାଟିରୁ
ମାଟି ତୁମର ମାଁ
ତୁମର ଜନନୀ
ତୁମର ଅତୀତ ।
ପୁଣି ତୁମର ଭବିଷ୍ୟତ ,,,,,,
ରହି ପାରିବନି ତୁମେ ମେଘ ହୋଇ ଆକାଶରେ ।
ମାଟି କୋଳକୁ ଆସିବ
କୋଳେଇ ନେବ ତୁମକୁ ସେ !
ଭୁଲି ଯାଇଛି ସବୁ
ସେଇଥିପାଇଁ ତ ଏତେ ତୁମର ଉତ୍ପାତ।
ସୁଧୁରିଯାଅ।
ସୁଧୁରିଯାଅ।

ଚପ୍ରିଆ, କଳାହାଣ୍ଡି, ଓଡ଼ିଶା
ଦୂରଭାଷ-୯୧୭୮୨୨୫୭୬୪

ସେପ୍ଟେମ୍ବର - ୨୦୨୨
www.vedantimagazine.com
ISSN NO.
2582-208X

# ପ୍ରଜ୍ଞା

# ଅନ୍ୱେଷଣ



କୃଷ୍ଣ ଚନ୍ଦ୍ର ବାରିକ

କରୀନ୍ଦ୍ର ଗମନା କଟାକ୍ଷେ ଚାହାନ୍ତେ
ତିଥିଚନ୍ଦ୍ର ହେଲା ତନୁ
ଶୟନେ ସପନେ ଅବା ଜାଗରଣେ
ଉଦେ ସେହି ପ୍ରୀତି ଭାନୁ

ସୁନାର ହରିଣୀ ପରାୟେ ସଜନୀ
କେବେ ପାଶେ କେବେ ଦୂରେ
ବିରହ ବିଷାଦ ଅନଳ ପ୍ରଜ୍ୱଳ
ବିଭୀଷିକା ରଚେ ଗାତ୍ରେ

ନାଭି ଦେଶେ ମୋର କସ୍ତୁରୀ ମଣ୍ଡଳ
ଖୋଜିବୁଲେ ଦଶଦିଶ
ପ୍ରେମକୁ ଛାଡି ମୁଁ ପ୍ରଣୟର ପଥେ
ଧାଇଁ ଯାଏ ଅହଃନିଶ

ମରିଚୀକା ହାତେ ସମର୍ପି ଦେଇଛି
ମୁକ୍ତି ମାର୍ଗ କର୍ମ ଯୋଗୀ
ଫେରି ଯିବା ଆସ ଅମୃତ ସନ୍ତାନ
ବିଭୁ ପାଶେ ସୁଧା ଭୋଗୀ

ଫିଙ୍ଗିଦେବା ଆସ ଏ କ୍ଷଣ ଭଙ୍ଗୁର
ମୋହ ମାୟାର ଫରୁଆ
ଚିରନ୍ତନ ସୁଖ କର ଉପଭୋଗ
ଏ ମିଛ ମାୟା ଦୁନିଆଁ

ସାରସମାଲ, ଏସ୍ ରାମପୁର,
ସୁବର୍ଣ୍ଣପୁର

ISSN NO.
2582-208X

# ଅଚହ୍ନା ବନ୍ଧନ

(ଧାର୍ବାହିକ)



ଜୟଲକ୍ଷ୍ମୀ ସେଠୀ

ସୋମବାର ସକାଳ ମନ୍ଦିରରୁ ଭାସି ଆସୁଛି ଶଙ୍ଖଧ୍ୱନୀର ଶବ୍ଦ । ମଙ୍ଗଳ ଆଳତିର ମଧୁର ଝଙ୍କାରରେ ବିମୋହିତ ହୋଇଉଠୁଛି ପ୍ରତ ହୃଦୟ ସ୍ପନ୍ଦନ । ପୂଜା ଓ ସୁନନ୍ଦା, ମାର ଆସିବା ଖବର ଶୁଣି ମନ୍ଦିରକୁ ଭୋଗ ନେଇ ଯାଇଥାନ୍ତି । ସୁନନ୍ଦା ତରତର ହୋଇ ଚାଲିଥାଏ ପୂଜାର ପଛରେ । ଜୀବନର ଏମିତି ଘଟଣା ଘଟେ ଯାହା ସବୁଦିନ ପାଇଁ ଅଲିଭାସ୍ମୃତି ହୋଇ ରହିଯାଏ । ଚାହିଁଲେ ବି ଭୁଲିହୁଏନାହିଁ ଦୁଃଖ ସୁଖ ଭିଜା ସ୍ମୃତିକୁ । ଭାବବିହ୍ୱଳତା ଭିତରେ କେତେବେଳେ ଦାରୁଣ ଯନ୍ତ୍ରଣା ସହିବାକୁ ହୁଏ ତାହା ଜାଣିବା ସହଜ ନୁହେଁ, କିନ୍ତୁ ଭାବନା ଆଉ କଳ୍ପନା ଅସ୍ୱାଭାବିକ ଗୁଣ । ଏଥିରେ କେତେବେଳେ ଦୁଃଖର ଝରଣା ବହିଯାଏ ତ, କେତେବେଳେ ଆନନ୍ଦର ପାହାଡ ସୃଷ୍ଟି ହୁଏ । କିନ୍ତୁ କିଛି ପରିବର୍ତ୍ତନ ହୁଏ ନାହିଁ କାହିଁକି? କାହିଁକି ଅତୀତଟା ବାରମ୍ବାର ଘାଣ୍ଟି ଚକଟି ଭାବନା ରାଇଜରେ ପାଗଳ ପ୍ରାୟ ଘୂରିବୁଲେ? ଏହାର କଣ ଅନ୍ତ ନାହିଁ? ଏହା ଭିତରେ ପୁଣି ଅସୁମାରି କଳ୍ପନା ବସା ବାନ୍ଧି ଦିଏ ଯାହାର ଜୀବନର ଅନ୍ୟ ନାମ ପ୍ରେମ । ଜୀବନକୁ ରଙ୍ଗହୀନ କରି ଗଢି ଗୋଳିବାରେ ଆଗେଇ ଆସେ ଆଶାର ମିନାର ହୋଇ ଭଲପାଇବା ସୌଧ ଭିତରେ ଭୁଲିହୋଇ ଯାଏ ସବୁ ଦୁଃଖ । ଆଉ କେତେବେଳେ ପ୍ରେମ ଧକ୍କା ଖାଇଗଲେ ସବୁ ସରିଲା । ଜୀବନସାରା ଜଳିବା ଛଡା ଆଉ କିଛି ମିଳି ନଥାଏ । ଠିକ୍ ସେହିପରି ପୂଜା ଆଜି ନିଜକୁ ଅଭିମାନରେ ଜାଳି ଜାଳି ଚାଲୁଛି । କେଉଁ ଦିନ ଲିଭିଯିବ ଅପେକ୍ଷା କରି ରହିଛି । ଭାବନା ଭିତରେ ହଜି ଯାଇଥିଲା ପୂଜା । ସୁନନ୍ଦା କହିଲା ମନ୍ଦିର ଆସିଗଲା ଦିଦି ।

ଚମକି ପଡିଲା ପୂଜା..... ହଁ ହଁ, ପୂଜା ସାରି ସଅଳ ଘରକୁ ଫେରିଯିବା । ମାଆ ଆସି ପହଞ୍ଚିଯିବେ ।

ISSN NO.
2582-208X

ଆରେ ଆଜି ତୋ ସାଙ୍ଗରେ କିଏ ଆସିଛି ପୂଜା । ନନା ପଚାରିଲେ । ସୁନନ୍ଦା ଆସିଛି, ପୂଜା କହିଲା । ସୁନନ୍ଦା ଯାଇ ନନାଙ୍କୁ ପ୍ରଣାମ କରି ପୂଜା ପାଇଁ ଭିତରକୁ ଚାଲିଗଲା । ମନ୍ଦିର ପଛପଟରେ ପୂଜା ବସିଥାଏ । ନନା ପାଖରୁ କହ୍ନେଇର କିଛି କଥା ଶୁଣିବା ପାଇଁ। ପଚିଶ ବର୍ଷ ପରେ ବି ଜୀବନ୍ତ ଭାବରେ ମନରେ ସଜାଇ ରଖିଛି ପୂଜା । ସବୁ ମୁହୂର୍ତ୍ତରେ ହୃଦୟ ବେଳାଭୂମି ଖୋଜିବୁଲୁଛି କହ୍ନେଇକୁ । ସଂସାର କର୍ତ୍ତବ୍ୟ ଗଳିରେ ହଜେଇ ଦେଇନି କହ୍ନେଇର ମିଳନ ପ୍ରଣୟକୁ । ପ୍ରଭୁଙ୍କ ପାଖରେ ଦୀପ ଜାଳିଲେ ଆଖି ଲୁହରେ ଝରିଆସେ କହ୍ନେଇର ମଙ୍ଗଳକାମନା କରି । ଜାଣିନି କାହିଁକି କେଜାଣି କେବେ ବି ତାଙ୍କୁ ଘୃଣା କରିବାର ଶବ୍ଦ ସୃଷ୍ଟି ହୋଇନାହିଁ? ପ୍ରୀତିର ଅର୍ଘ୍ୟ ପ୍ରଭୁଙ୍କ ଶ୍ରୀଚରଣେ ଅଜାଡି ଦେଇ ତାଙ୍କର ସର୍ବ ମଙ୍ଗଳ କାମନା କରିଆସିଛି ପୂଜା ।

ବିଚିତ୍ର ଆସି ପୂଜା ସହିତ ଏୟାଡୁ ସେୟାଡୁ କଥା ହେଉଥାଏ । ସୁନନ୍ଦା ପୂଜା କାମ ସାରି ବାହାରକୁ ଆସି ବିଚିତ୍ରକୁ ଦେଖି ଚମକି ଉଠିଲା । ଏ ତ ସେହି ଲୋକ । ଯିଏ ମତେ ନେଇ ହୋଟେଲରେ ରାତି ବିତାଇଥିଲା । ଏଠି ୟାର କାମ କଣ । ପୁଣି ପୂଜା ଦିଦିଙ୍କ ସହିତ ! ଯାହାପାଇଁ ମୁଁ ଆଜି କଳଙ୍କିନୀ ହୋଇଯାଇଛି । ସେମାନଙ୍କ ପାଖକୁ ନ ଯାଇ ଘର ଆଡକୁ ସୁନନ୍ଦା ଚାଲିଥାଏ, ମୁଣ୍ଡରେ ଓଢଣୀ ପକାଇଦେଇ । ପୂଜା ହଠାତ୍ ଦେଖିଲା ସୁନନ୍ଦା କଣ ମତେ ନଡାକି ଚାଲିଯାଉଛି, ଜାଣିପାରି ନାହିଁ ବୋଧେ । ହଉ ବିଚିତ୍ର, ମୁଁ ଆସୁଛି ।

ହଁ ପୂଜା ।

ରୁହ ସୁନନ୍ଦା । ସାଙ୍ଗ ହୋଇ ଯିବା । ସୁନନ୍ଦା ଡାକ ଶୁଣି ବିଚିତ୍ର ଚମକି ପଡିଲା । ନା....ନା ସେତ ମଡର୍ଣ୍ଣ ଯୁଗର ଝିଅ । ଏମିତି କଣ ଓଢଣୀ ଟାଣି ମନ୍ଦିର ଆସିବ ? ଆଉ କିଏ ହୋଇଥିବ ବୋଧେ !

ଭୋଗ ନିଅ ବିଚିତ୍ର ।

ଦିଅନ୍ତୁ, ନନା ।

ପୂଜା ସାଙ୍ଗରେ କିଏ ଆସିଥିଲା କି ନନା?

ପୂଜାର ଭାଉଜ ।

ISSN NO.
2582-208X

ଓଃ...... ।

ହଉ ମୁଁ ଯାଏ କେତେ କାମ ଅଛି ମୋର, କହି ବିଚିତ୍ର ଚାଲିଗଲା ।

ଗାଡିର ହର୍ଣ୍ଣ ବାଜି ଉଠିଲା ଘର ଭିତରେ ସମସ୍ତେ ବାହାରକୁ ବାହାରିଗଲେ । ଇନ୍ଦୁମତୀଙ୍କୁ ଦେଖି ସମସ୍ତଙ୍କ ଆନନ୍ଦର ସୀମା ରହିଲା ନାହିଁ । ବିଶେଷ କରି ସିଦ୍ଧେଶ୍ୱରବାବୁଙ୍କର ଆନନ୍ଦ କହିଲେ ନସରେ । ସନ୍ଧ୍ୟା ନଇଁ ଆସୁଥାଏ । ସୁଖର ସୂର୍ଯ୍ୟ ଯେମିତି ବିଛେଇ ଦେଇଥିଲା ସିଦ୍ଧେଶ୍ୱରବାବୁଙ୍କ ଘର ଅଗଣାରେ । ଧିରେଧିରେ ଜଗନ ଆସି ମାର ପାଦ ଧରି କଇଁ କଇଁ କାନ୍ଦି ଉଠିଲା । ଆରେ ପାଗଳା କାହିଁକି କାନ୍ଦୁଛୁ ? ମୋ ପାଖକୁ ଆସେ । ଇନ୍ଦୁମତୀ କହିଲେ ନିଜ କୋଳରେ ଜଗନର ମୁଣ୍ଡକୁ ରଖି ଥାପୁଡେଇଲେ । ମୁଁ ଜାଣିଛି ମୋ ପୁଅ କେବେ ମୋତେ ପର କରିପାରିବ ନାଇଁ । ସୁନନ୍ଦା ଆସି କ୍ଷମା ମାଗୁଥାଏ । ସୁନନ୍ଦାର ଏମିତି ପରିବର୍ତ୍ତନ କିଛି ଭାବି ପାରିଲେ ନାହିଁ ଇନ୍ଦୁମତୀ । ତାଙ୍କୁ ସ୍ୱପ୍ନ ପରି ଲାଗିଲା । ପୂଜା ବାପା, ମୁଁ ସ୍ୱପ୍ନ ଦେଖୁନି ତ । ସିଦ୍ଧେଶ୍ୱରବାବୁ କହିଲେ ନାହିଁ ମୋ ପୂଜା ମା । ଆମ ସୁନନ୍ଦା ପୂରା ବଦଳି ଯାଇଛି, ଆଗପରି ଆଉ ନାହିଁ । ଇନ୍ଦୁମତୀ ଆନନ୍ଦରେ ଜଗନ୍ନାଥଙ୍କୁ ପ୍ରଣାମ କଲେ । ହେ ପ୍ରଭୁ ତୁମରି ଦୟାର ମୋ ସଂସାର । ତୁମରି ବାହୁ ତଳେ ଆଶ୍ରୟ ଦେଇଥାଅ ଆମ୍ଭମାନଙ୍କୁ । ବିକାଶ ବାବୁ ଉଠି ଛିଡା ହେଲେ । ଆମେ ଏବେ ଆସୁଛି ଘରେ ଝିଅଟା ଏକୁଟିଆ ଅଛି । କେତେଦିନ ହେଲା ଆମେ ଦୁଇଜଣ ଆସିଲୁଣି । ଖୁଡୀଙ୍କୁ ଜଗାଇ ଆସିଥିଲି ।

ହଁ, ହଁ ଯାଅ, ଇନ୍ଦୁମତୀ କହିଲେ ପୂଜା ବିକାଶ ଦୁଇଜଣ ବାହାରିଆସିଲେ ଘର ଭିତରୁ । ଜଗନ ଗାଡି ଧରି କହିଲା ମୁଁ ନେଇ ଛାଡି ଆସିବି ଭାଇ ।

ହଉ..... ଚାଲ ବିକାଶ କହି ଗାଡିରେ ବସିଗଲେ ।

କ୍ରମଶଃ ...

ସଂଯୋଜିକା, ସମ୍ପାଦିକା, ଔପନ୍ୟାସିକା, କବି,
ଜୀବନୀ ଲେଖିକା ଓ ସମାଜସେବୀ
ଡ୍ରିମସ୍ ଷ୍ଟାଫ୍ କ୍ୱାଟର,ଟାଙ୍ଗୀ, କଟକ – ୭୫୪୦୨୨
ଭ୍ରାମ୍ୟଭାଷ –୯୯୩୭୩୪୭୩୧୮

ISSN NO.
2582-208X

# ପ୍ରାଚୀନ ଐଶ୍ବର୍ଯ୍ୟ



ସୀମାଞ୍ଚଳ ରଣା

ସେଇ କଥା
ଅନ୍ଧାରର ଆସ୍ତରଣ ଅବା ତୁମକଥା,
ଅନ୍ଧାର ବାଟୋଇ ଆଉ ତୁମେ ଜୋସ୍ନା,
ତୁମ ଛାତିରେ ଶୀତକଣ୍ଟକର ଚାରଣଚର୍ଯ୍ୟା-
ତୁମେ ପ୍ରଗଲ୍ଭା ତଥାପି ସ୍ୱେଦ ଜର୍ଜରିତା ।

ଏ ଏକାକୀ ନିଶ୍ୱାସର ନିକଟ
ସମାବର୍ତ୍ତରୀର ଅଧଅଧ ଅଧରାତି,
ତୁମେ ଆଜି ଅତୁଟ ଆତତାୟୀ ଏ ଅନ୍ତରେ/
ନା ମଧୁମତି ମହମହ ଫୁଲଶେଜ ?

ପୌନଃପୁନିକ ପ୍ରସ୍ତାବିତରେ
ଥାଉ ତୁମ ଦେହର ସୁଗନ୍ଧ ଶ୍ୟାମଳି,
ଗଳିକନ୍ଦିରେ କାନ୍ଦୁଥାଉ ଯୌବନ-
ତୁମେ ବାସ୍ ନିରୁତା ଦିନାନ୍ତର କ୍ଷୟକ୍ଷତି ମୋ,
ଆବେଗ ଅବାନ୍ତର ପୁନଃ ପୁନଃ ସମୀରଣ ।

ସରେ କି ସରେନି ବାରମାସ
ନସରୁ ନସରୁ ଏ ମଧୁର-ଦୁଃଖ ବର୍ଷ,

ISSN NO.
2582-208X

ତମେ ତ ଋତୁ ନିର୍ବାଚିତ ଅରଣ୍ୟ ରୋଦନ,
ମୋ ମନର ଆହୁରି ବାକି ବନସ୍ତ ଦହନ।

ଲିପାପୋଛା ସମାଧିରେ
ଯଦି ରାତି ମୃତ୍ୟୁର କବିତା,
ସ୍ତନ ତୁମ ଶବ୍ଦ ହେଉ ନିକ୍ୱଣ ବନିତା,
ନାଭି ତୁମ ସମୁଦ୍ରର ଉର୍ମିମାଳା ଝଡ଼-
ତୁମେ ଆସ ଭାଙ୍ଗିବ ମୋ ବାଲିଦିନ ଖେଳ।

ବାକିଅଛି ପ୍ରିୟତମା ସପ୍ତମ ଋତୁ
ବିଷାଦରେ ବିଷ ତଳେ ତୁମ ନାଁ ଦିଶୁ,
ତୁମେ ହୁଅ ହଙ୍ଗେରୀର ବାସ୍ନା ଆଉ ମିଶରର ଦୋଷ-
ତୁମ ଦେହେ ଗଢିଉଠୁ ପ୍ରାଚୀନ ଐଶ୍ୱର୍ଯ୍ୟ।

ଅର୍ଦ୍ଧ ଯେତେ ଅନୁଭବ ପୁଣି କିଛି କଥା
ତୁମେ ଆଜି ନିର୍ମାଣର ନିରୋଳା ମନ୍ତ୍ର ବାକି ସବୁ ବ୍ୟଥା,
ତୁମ ଦେହେ ଲାଗିଥାଉ କାମନା ଅତର-
ଆଜି ମୁଁ ଅତଏବ ତୁମର ନିଜର।

ବାସ୍ନାରଙ୍ଗ ସୁଆଦରେ
ତୁମ ଦେହ ଆଜି ବାସେ ଅତର ଅତର
ବକ୍ଷ ତୁମ ନିର୍ବିଶେଷେ ଉନ୍ନତି ଆଦର,
ତୁମେ ଆଜି ରତିମତି ବିଳାସ ବ୍ୟଞ୍ଜନ-
ତୁମ ଦେହେ ଉଦ୍ଧାର ଯେତେ ସମୀରଣ।

ବାଙ୍ଗାଲୋର, କର୍ଣ୍ଣାଟକ
ଫୋନ: ୮୨୮୦୯୧୩୯୬୬

ISSN NO.
2582-208X

# ମୁଁ ଓଡିଆ



ପୂର୍ଣ୍ଣିମା ଗୋଚ୍ଛାୟତ

ମୁଁ ଓଡିଆ
ଯେ ଦେଶେ ଗଲେବି ଯେଉଁ ରାଜ୍ୟେ ଗଲେ
ପରିଚୟ ମୋର ସବୁଠି ବଢିଆ
ମୁଁ ଓଡିଆ ।

ମାଟି ମା ମୋର ଗରବେ ଫୁଲାଏ ଛାତି
ସହିଯାଏ ସବୁ ଆଘାତ କୁ ମଥା ପାତି
ତଥାପି ଗରବେ ହସେ ଓ ହସାଏ ସଭିଙ୍କୁ
ଆପଣାର କରି ପରକୁ
ଗରବେ କହେ ପରିଚୟ ମୋର ସବୁଠୁ ବଢିଆ
ମୁଁ ଓଡିଆ ।

ଓଡିଶା ରାଇଜ ମୋର ଭରି ମନୋହର
ସୁନ୍ଦର ସୁଶୀଳ ସବୁଜ ବର୍ଣ୍ଣର
ଚରକାଳ ହସ୍ୟମୟୀ ସେ ସୌନ୍ଦର୍ଯ୍ୟ ର ରାଣୀ
ଖେଳଇ ତରଙ୍ଗ ପୁଣି ନୂଆ ଆଲୋକ ବୁଣି
ଗରବେ କହେ ସେ ପରିଚୟ ମୋର ସବୁଠୁ ବଢିଆ
ମୁଁ ଓଡିଆ ।

ISSN NO.
2582-208X

କାରୁକାର୍ଯ୍ୟ ରେ କୋଣାର୍କ ମୋର ବିଶ୍ୱ ପ୍ରସିଦ୍ଧ
ବସିଛନ୍ତ ମହାପ୍ରଭୁ ପୁଣି ହୋଇ ସମୃଦ୍ଧ
ଖଣ୍ଡଗିରି କହେ ପୁଣି ଇତିହାସର ଗାଥା
ବୀର ଅଛନ୍ତ ଏଠି ଉଚ୍ଚ କରି ମଥା
ଗରବେ କହେ ସେ ପରିଚୟ ମୋର ସବୁଠୁ ବଢିଆ
ମୁଁ ଓଡିଆ ।

ଅସରନ୍ତ ଭଣ୍ଡାରର ଗାଥା ରେ ଭର୍ ମୋ ଗ୍ରଇଜ
ଚର ଅମର ସେ ଚର ପବିତ୍ର
କେତେ ଯୁଦ୍ଧ କେତେ ସଂଘର୍ଷ ରୁ ଜିତି
ହୋଇଥିଲ୍ ଆଜି ସ୍ୱତନ୍ତ୍ର
ଗରବେ କହେ ପରିଚୟ ମୋର ସବୁଠୁ ବଢିଆ
ମୁଁ ଓଡିଆ, ମୁଁ ଓଡିଆ, ମୁଁ ଓଡିଆ ।

ଗୁ ରିବାଟିଆ,
ଚଣ୍ଡିଖୋଲ, ଜିଲ୍ଲା–ଯାଜପୁର

ISSN NO.
2582-208X

# ବୁଝେଇ ପାରିବ କିଏ ?



ଜୟନ୍ତ କୁମାର ମଲ୍ଲିକ୍

ସରଗକୁ କିଛି ଖାଦ୍ୟ ପଠେଇବା
ବ୍ୟବସ୍ଥା ନାହିଁରେ ଭାଇ
କି ଲାଭ କହିଲ ବାପ ମଲାପରେ
ହଜାରେ ମଣିଷ ଖାଇ ?

ଜୀବନରେ କେବେ ଯାହାଙ୍କୁ କହିନ
ପଦୁଟେ ମଧୁର କଥା
ଲୋକ ଦେଖାଣିଆ ଆଜି ଫୁଲଦିଅ
ଫଟୋରେ, ଝୁକେଇ ମଥା ।

ଯେତେପଛେ ପୂଜ ପଥର ମୁରତି
ମନ୍ଦିର ନିଇତି ଯାଇ
ବାପା ମାଆ ଯଦି ଖୁସିରେ ନଥିବେ
କିଛି ଲାଭ ହେବ ନାହିଁ ।

ଗୁଣ୍ଡାଟିଏ ଦେଇ ଖୁନ୍ଦାଟିଏ ଦବା
ଗୁଣକୁ ଦିଅରେ ଛାଡ଼ି
ସବୁରି ଉପରେ ଜଣେ ପରଖୁଛି
ଚିପି ଚିପି ଆମ ନାଡ଼ି ।

ଆମ ଏ ଧରାରେ ଚଳନ୍ତି ଠାକୁର
ବାପ ମାଆ ପରା ସିଏ
ସବୁ ଜାଣି ଯଦି ଅଜଣା ରହିବ
ବୁଝେଇ ପାରିବ କିଏ ?

ଶୂରଡିହ, ନନ୍ଦିପୁର, ଯାଜପୁର
ଆଳାପ:~୯୪୩୭୮୭୫୭୨୭

ISSN NO.
2582-208X

# ପାଦ ପାଉଁଜି



ଚୈତନ୍ୟ ବାଗ

ଶୁଭ୍ର ପୟରେ ବିମଳିନ ପାଉଁଜି
ଯେସନେ ପୁନେଇଁ ଚାନ୍ଦ,
ଶ୍ୱେତଭଣ୍ଡା ପରି ଅତୀବ ନିର୍ମଳ
ହୃଦ କୁ କରେ ଆହ୍ଲାଦ ।।

ରୁଣୁ ଝୁଣୁ ଶବ୍ଦେ କରେ ବିଚଳିତ
ବଜ୍ର ପରି ହୃତପଦ୍ମ କୁ,
ବରୁଣ ଗହ୍ୱରୁ ଅନୁସନ୍ଧାନ କରେ
ସପ୍ତ ସିନ୍ଧୁ ଶାମୁକା କୁ ।।

ବେନି ପୟରେ ଯୁଗଳ ପାଉଁଜି
ଦୃଶିତ ଯେ ମୁକ୍ତା ମଣି,
ଅଳ୍ପକେ ମନ ହୁଏ ମୋହିତ
ସପ୍ତ ସୁର ର ରାଗିଣୀ ।।

ଅହଲ୍ୟା ପରି ମନ ମଞ୍ଜୁଷା ଥିଲା
ଖୋଜୁ ଥିଲି ପଦ ରେଣୁ,
ଦାଶରାଥି ପଦ ପଙ୍କଜ ସ୍ପର୍ଶେ
ଉଲ୍ଲାସ ମୋ ମନ ତନୁ ।।

ପ୍ରେୟସୀ ମୋ ଅଟେ ଭାରୀ ଅଭିମାନୀ
ନିମିଷ ନ ପରେ ତେଜି,
ଅହରହ ମୋତେ ବ୍ୟାକୁଳ କରେ
ତା ଗୋରା ପାଦ ପାଉଁଜି ।।

ଚଚଆ, କଲାହାଣ୍ଡି

ISSN NO.
2582-208X

# ସୁବର୍ଣ୍ଣପୁରର ଲୋକଗୀତ; ଏକ ଆଲୋଚନା



ଶଙ୍ଖସିନ୍ଧୁ ପୁରୋହିତ

"ଲୋକନାମ ଅନୁବର୍ତନ୍ତେ ଯଥା ରାଜା ତଥା ପ୍ରଜା" ଶ୍ଳୋକରେ ଲୋକ ଶବ୍ଦଟି ପ୍ରଜାବର୍ଗ ବା ସଧାରଣ ଜନତାକୁ ବୁଝାଉଥିବାର କଥା ସ୍ପଷ୍ଟ ହୋଇ ପଡେ। ଅମରକୋଷରେ ଏହା ଅର୍ଥ 'ଜନ' ବା 'ଭୁବନ' । ସିଦ୍ଧାନ୍ତ କୌମୁଦି ଅନୁସାରେ 'ଲୋକଦର୍ଶନେ' ଧାତୁରେ 'ଅଞ୍ଚ' ପ୍ରତ୍ୟୟ ହୋଇ 'ଲୋକ' ଶବ୍ଦ ଗଠିତ ହୋଇଛି। (ସାହୁ ୨୦୧୮:୧୧)। ଏତତ ବ୍ୟତିତ ବେଦ, ଉପନିଷଦ, ଅଗ୍ନିପୁରଣ, ମହାଭାରତ ଆଦି ପ୍ରାଚ୍ୟ ଗ୍ରନ୍ଥଗୁଡିକରେ ବିଭିନ୍ନ ଅର୍ଥରେ ଏହାର ବହୁଳ ପ୍ରାୟୋଗ ଦେଖିବାକୁ ମିଳେ।

ଇଂରାଜୀ Folklore ଶବ୍ଦର ବିକଳ୍ପ ଭାବରେ ଅନେକେ ଲୋକ ସଂସ୍କୃତିକୁ ଗ୍ରହଣ କରନ୍ତି। ଏହି ଲୋକ ସଂସ୍କୃତିକୁ ରିଚାର୍ଡ ଡରସନ 'Folklore and folk life : an introduction" ପୁସ୍ତକରେ ଚାରିଭାଗରେ ଭାଗ କରନ୍ତି। ସେଥିମଧ୍ୟରୁ ମୌଖିକ ସାହିତ୍ୟ ବା ଲୋକ ସାହିତ୍ୟ ଏକ ଅନନ୍ୟ ଓ ଅନ୍ୟତମ ବିଭବ।

ଲୋକସାହିତ୍ୟ ହେଉଛି ସାଧାରଣ ଜନତାଙ୍କର ସାହିତ୍ୟ ବା ଲୋକ ମାନଙ୍କର ସାହିତ୍ୟ। ଯେଉଁଥିରେ ସେମାନଙ୍କର ସରଳ ପ୍ରାଣର ଆବେଗ ଓ ଅବେଦନ ରହିଥାଏ। ଏହା କାହାରି ବ୍ୟକ୍ତିଗତ ସମ୍ପତ୍ତି ନୁହେଁ ବରଂ ସର୍ବ ସଧାରଣଙ୍କର। ଏହାର କେହି ସ୍ରଷ୍ଟା ନାହାନ୍ତି। ଏଥିରେ ସଧାରଣ ଜନତାଙ୍କର ଚିନ୍ତା, ଚେତନା, କଳା, କୌଶଳ, ପ୍ରଥା, ପରମ୍ପରା, ବିଶ୍ୱାସ, ପର୍ବପର୍ବାଣି ଓ ଆଚାର ବିଚାର ଦେଖିବାକୁ ମିଳିଥାଏ ।

ISSN NO.
2582-208X

ଲୋକସାହିତ୍ୟର ସବୁଠାରୁ ଲୋକପ୍ରିୟ ବିଭାଗ ହେଉଛି ଲୋକଗୀତ। ଯେଉଁ ଗୀତ ଲୋକମାନଙ୍କ ଦ୍ଵାରା, ଲୋକ ମାନଙ୍କ ପାଇଁ ଲିଖିତ ତାହା ଲୋକ ଗୀତ । ମଣିଷ ଯେତେବେଳେ ନିଜର ଭାବନା କୁ ସଙ୍ଗୀତାତ୍ମକ ଭାବେ ପରିପ୍ରକାଶ କରିବାକୁ ଆରମ୍ଭ କରିଥିଲା ତାହା ଲୋକ ଗୀତ ହୋଇଗଲା। ଜନମୁଖରେ ପ୍ରଚଳିତ ଗୀତ ହିଁ ଲୋକଗୀତ ଯାହା ପ୍ରାରମ୍ଭିକ ପ୍ୟର୍ୟାୟରେ ମନୋରଞ୍ଜନ ଓ ଅବସର ବିନୋଦନ ପାଇଁ ପ୍ରଯୁଜ୍ୟ ଥିଲା ।

ଲୋକରତ୍ନ କୁଞ୍ଜବିହାରୀ ଦାଶ ଲୋକ ଗୀତ କୁ ଲୋକ ବେଦ ବୋଲି କହିଥାନ୍ତି । ଡ଼. ଆଶୁତୋଷ ଭଟ୍ଟାଚାର୍ଯ୍ୟ ଲେଖନ୍ତି ‘’ଯାହା ଏକ ଭାବ ଅବଲମ୍ବିତ, ଗାନ ଯୋଗ୍ୟତା ସମ୍ପନ୍ନ ଏବଂ ଲୋକ ସମାଜ କର୍ତୃକ ମୁଖେ ମୁଖେ ପ୍ରଚାରିତ ହୁଏ; ତାହା ଲୋକ ଗୀତ । ଲୋକଗୀତ ପରିପ୍ରେକ୍ଷାରେ ଚକ୍ରଧର ମହାପାତ୍ର ଏକ ସୁନ୍ଦର କଥା ଲେଖନ୍ତି । ତାଙ୍କଭାଷାରେ “ଏ କବିତା ମାନେ ପକ୍ଷୀ ଗାନ ପରି ମୁକ୍ତ, ସେଥିପାଇଁ କପଟତାର ଆଚରଣ ନାହି। ବ୍ୟାକରଣ ର କଠୋର ସଂଯମତା ମଧ୍ୟ ନାହିଁ ।

## ସୁବର୍ଣ୍ଣପୁରର ଲୋକଗୀତ

ସୁବର୍ଣ୍ଣପୁର ହେଉଛି ଏକ ସଂସ୍କୃତି ସମ୍ପନ୍ନ ଐତିହାସିକ ସହର । ଏ ଅଞ୍ଚଳର ଲୋକ ସଂସ୍କୃତି, ଲୋକ ସାହିତ୍ୟ ସମଗ୍ର ରାଜ୍ୟ, ଦେଶ ତଥା ବିଶ୍ଵ ଲୋକ ସଂସ୍କୃତିକୁ ଏକ ଅପୂର୍ବ ଦାନ । ଏଠାରେ ସୋମବଂଶ, ଭଞ୍ଜ ବଂଶ, ଯଯାତି ବଂଶ ଆଦି ଅନେକ ବଂଶ ଶାସନ କରି ଆନେକ ସମୟରେ ସୋନପୁର (ଅଧୁନା ସୁବର୍ଣ୍ଣପୁର) ଓ ବିନିତପୁର (ଆଧୁନା ବିନିକ ) ଠାରେ ସେମାନଙ୍କର ରାଜଧାନୀ ପ୍ରତିଷ୍ଠା କରି ଏହାର ବିକାଶ କ୍ଷେତ୍ର ରେ କାର୍ଯ୍ୟ କରି ଏହାକୁ ସମୃଦ୍ଧ କରି ଗଢିଛନ୍ତି। (ଅଗ୍ରଓ୍ୱାଲ ସଦାନନ୍ଦ;୧୯୮୮ )। ଏହା ଏକ ପ୍ରାଚୀନ ପୀଠ ହେତୁ ଏଠିକାର ଲୋକ ଗୀତ ମଧ୍ୟ ସ୍ଵତନ୍ତ୍ର ଓ ସୁସମୃଦ୍ଧ । ସୁବର୍ଣ୍ଣପୁର ଅଞ୍ଚଳରେ ଦେଖାଯାଉଥିବା ଲୋକଗୀତ କୁ ୬ ଭାଗରେ ଭାଗ କରାଯାଇ ପରେ :-

୧)କର୍ମ ମୂଳକ ଲୋକଗୀତ
୨)ଧର୍ମ ମୂଳକ ଲୋକଗୀତ
୩)ନାରୀ ମନସ୍ତାତ୍ତ୍ୱିକ ଲୋକଗୀତ

ISSN NO.
2582-208X

୪)ନୀତି ନିୟମ ସମ୍ପର୍କିତ ଲୋକଗୀତ
୫)ଅନ୍ୟାନ୍ୟ ଲୋକ ଗୀତା ।
୬)ବୁଦ୍ଧି ପରୀକ୍ଷା ମୂଳକ ଲୋକଗୀତ ।

## ସୁବର୍ଣ୍ଣପୁରର ଲୋକଗୀତର ବୈଶିଷ୍ଟ୍ୟ

ଓଡିଶାରେ ଅନ୍ୟାନ୍ୟ ଅଞ୍ଚଳ ଅପେକ୍ଷା ସୁବର୍ଣ୍ଣପୁର ଅଞ୍ଚଳରେ ପ୍ରଚଳିତ ଲୋକଗୀତ ର ଏକ ଅଲଗା ପ୍ରକାର ସ୍ୱତନ୍ତ୍ରତା ରହିଅଛି। ଏ ଅଞ୍ଚଳ ସାଧାରଣତଃ ଗ୍ରାମ୍ୟ ଭିତ୍ତିକ। ଏଣୁ ଏଠିକାର ଲୋକମାନେ ଚାଷ ବାସ ଉପରେ ନିର୍ଭର କରନ୍ତି। ଏହି ଚାଷୀ ପୁଅ–ଝିଅ ମାନଙ୍କର ସୁଖଦୁଖ ର ଜୀବନାନୁଭୂତି ହିଁ ଏ ଅଞ୍ଚଳର ଲୋକଗୀତ ର ମୁଖ୍ୟ ସ୍ୱର । ଏତଦ୍ଭିନ୍ନ ସୁବର୍ଣ୍ଣପୁର ଏକ ଆଦିବାସୀ ବହୁଳ ଅଞ୍ଚଳ ଭାବେ ମଧ୍ୟ ସୁପରିଚିତ । ଏଣୁ କନ୍ଧ, ଶଉରା, ଗଣ୍ଡ, ଶିତିରିଆ ଆଦି ଜାତି ଙ୍କର ଜୀବନ ଚ୍ୟର୍ୟା ଓ ପ୍ରଥା ପରମ୍ପରା ମଧ୍ୟ ଏଥିରେ ଦେଖିବାକୁ ମିଳିଥାଏ।(ଡ଼ଂ ପଶାୟତ ଚିତ୍ରସେନ ୨୦୧୮)

### କ)ଧର୍ମୀୟ ଚେତନା

ଶୈବ ଶାକ୍ତ ର ମିଳନ ପିଠ ଭାବେ ଲୋକ ସୁବର୍ଣ୍ଣପୁର ସୁପରିଚିତ। ଏ ଅଞ୍ଚଳରେ ମା ମେଟାକାନି, ମା ସୁରେଶ୍ୱରୀ, ମହାଦେବ ସୁବର୍ଣ୍ଣମେରୁ ଆଦି ଶୈବ ଓ ଶାକ୍ତ ପୀଠର ସମନ୍ୱୟରେ ଗଢି ଉଠିଛି। (ଅଗ୍ରୱାଲଂ୧୯୮୨) ଏ ସବୁକୁ ଭିତ୍ତିକରି ଏ ଅଞ୍ଚଳର ଅନେକ ଲୋକଗୀତ ଦେଖିବାକୁ ମିଳେ । ଏ ଅଞ୍ଚଳ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବାରୁ, ଆଦିବାସୀ ସଂସ୍କୃତି, ଦେବୀ ଦେବତାଙ୍କୁ ଆଧାର କରି ଅନେକ ଲୋକଗୀତ ଦେଖିବାକୁ ମିଳେ। ଏହି କ୍ରମରେ'କରମା' ନାଚ ହେଉଛି ଅନ୍ୟତମ। ମାଦଳ ର ତାଳେ ତାଳେ ଗାୟକ ପଟି ରୁ ଶୁଭେ,

"ହାର ଗୋ ମା କରମସାନୀ, ଅପୁତ୍ରିକେ ପୁତ୍ର ଦାନୀ ।
ଅନ୍ଧା ଦେସୁ ଆଏଁଖ ଆନି ଗୋ ମା କରମସାନୀ।
ତୋର ପାଦେ କରୁଛେଂ ଦଏନି................?"

ISSN NO.
2582-208X

ଭାଇ ର ଶୁଭ ମନାସି ଭଉଣୀ ମାନେ ଭାଇ ଜନ୍ତିଆ ଓଷା କରନ୍ତି, ଏ ସମ୍ପର୍କିତ ଏକ ଡାଳଖାଇ ଲୋକଗୀତ ସୋନପୁର ଅଞ୍ଚଳରେ ପ୍ରଚଳିତ।

"ସପନ ହେଲା ମୋତେ ସପନ ହେଲା ମୋତେ
କାଏଁ ଡାଳଖାଇରେ .................. ..........।
ଭାଇ ଜୁଉଁତିଆ ଲାଗି ଗାଏସନ କାଏଁ,
ଡାଳଖାଇ ରେ ଡାଳଖାଇରେ................... ।
ଭୁଦୋ ଗଲା ହେଲା ଦଶରା ମାସ ,
ଟୁକଲେ କରୁଛନ ଭାଏ ଜୁଉଁତିଆ ଉପାସ ।
ଭାଏ ର ଶୁଭ ମନାସି ମା ସରଳୀକେ,
ଗୁହାରି କରସନ ପୂଜାର ବେଳକେ।
ଭଲେ ସୁଖେ ରଖିଥିବୁ ମା
ମୋର ଭାଇକେ ମୋର ଭାଇ କେ,
କାଏଁ ଡାଳଖାଇରେ .................. ..........।
କାଏଁ ଡାଳଖାଇରେ .................. ..........। (ଡ଼ଂ ନାୟକ ଦ୍ୱାରିକ)

## ଖ )ନାରୀ ମନସ୍ତତ୍ତ୍ୱ

ଏ ଅଞ୍ଚଳର ସଂସ୍କୃତି ରେ ନାରୀର ମହାନତା, ତ୍ୟାଗ, ବଳିଦାନ ଓ ସମାଜ ପ୍ରତି ତାର ଦାୟିତ୍ୱ ବୋଧ ବେଶ ଅନୁମେଯ କରି ହୁଏ । ଏହି ଦୃଷ୍ଟିରୁ ଲୋକଗୀତ ରେ ମଧ୍ୟ ନାରୀର ମନସ୍ତତ୍ୱ କଥା ପ୍ରତିଫଳିତ। ବିବାହ ପୁର୍ବରୁ ଯୁବତୀ ମାନଙ୍କ ମନରେ ଭାବି ସ୍ୱାମୀ ପ୍ରତି ଥିବା ଭାବନା ଏଠା ରେ ବେଶ ଅନୁମାନ କରାଯାଇ ପରେ ;-

"ବାହାଲେ ବୁନିଲି ଚନା ତୋର ଲାଗି ମୁଇ ହେଲିନ ବନା,
ଧନ ଲାଗୁଛେ ତନା ଘନା ରେ ମୋର ଗଜର ଘନା ।"

ISSN NO.
2582-208X

କାନ୍ଦଣା ଲୋକ ଗୀତରେ ନାରୀର ମନସ୍ତତ୍ତ୍ୱ କଥା ବେଶ ଭଲ ଭାବେ ଦୃଶ୍ୟମାନ;-

"ମୁଇ ଦୁଆର ଡେଗିଲେ ପର ହେଲି ମା ଗୋ,
ମୁଇ ପାନୀ ଗଡୁକର ଲୁକ ହେଲି ମା ଗୋ।
ମୋତେ ଗଲା, ନାଇ ମଲା ବଲିବୁ ମା ଗୋ।
ଛାନୀ ପିରଡା ରେ କୁଆ ବସଲେ,
ମୋର ଝି ଆସିବା ବଲିବୁ ମାଗୋ ।"

"ଟାଟି କନେ ଅଛେ ଘିଅ କରେହି ବହୁ ଗୋ,
ମୁଇ ଥିଲି ତୁମର କଲି ଲଗେଇ ବହୁ ଗୋ,
କଲି ଲଗା ନନ୍ଦ ଗଲା ଏଥର ବହୁ ଗୋ,
ଦେରାନୀ-ଜେଠାନୀ ପଟ ଏଥର ବହୁ ଗୋ। ।"

## ଗ )ଜୀବନ ଚ୍ୟର୍‌ୟା

ନାରୀ ହେଉଛି ସାକ୍ଷାତ ଦେବୀ ଟିଏ । ସମସ୍ତଙ୍କର ଯତ୍ନ ନିଏ ସେ ଶେଷ ରେ ବାଲିଲେ ଖାଏ ନଚେତ ପାନୀ ପିଇ ସୋଇପଡେ । ତାର ଏକ ନିଛକ ଛବି ;-

"କଷି ବାଉଁଶ ର ଧୁନ ବଉଲିରେ କଷି ବଉଁଶର ଧୁନ।
ଘଇତା ଖାଉଛେ ଶିକାର ତୁନ, ଘଇତା ଖାଉଛେ ଶିକାର ତୁନ।
ମଏଝି ଚାଟୁଛେ ନୁନ ବଉଲିରେ ମଏଝି ଚାଟୁଛେ ନୁନ।"

ଅତ୍ୟାଚାରୀ ଶାଶୁଶୁର କଥା କୁ ନିଜ ସ୍ୱାମୀ ଆଗେ ଅଭିଯୋଗ କରି ଘର ନେଇ ଛାଡିବାକୁ ନିବେଦନ କରୁଛି;-

"ନଈର ଚକା ପଥର ମାଡ଼ ଖାଇ ଖାଇ ଦିହ କାକର ଗୋ ।
ନେଇ ଛାଡ ବାପ ଘର ନାଗର ହେ ।"

ISSN NO.
2582-208X

## ଘ )ସଂସ୍କାର ଭାବନା

ସୁବର୍ଣ୍ଣପୁର ଅଞ୍ଚଳ ରେ ଲୋକଗୀତ ରେ ସଂସ୍କାର ଭାବ ଏକ ସ୍ୱଷ୍ଟ ଚିତ୍ର ଦେଖିବାକୁ ମିଳେ। ସାମାଜିକ ଚେତନାରେ ସଂସ୍କାର ର ଏକ ପ୍ରମୁଖ ଭୂମିକା ରହିଅଛି । ଏ ଅଞ୍ଚଳର ଲୋକଗୀତ ରେ ସଂସ୍କାର ଭାବନା କିପରି ଫୁଟି ଉଠିଛି ନିମ୍ନୋକ୍ତ ପଂକ୍ତି ରୁ ଅନୁମେୟ ;-

"ଜାଇ ଫୁଲ ରେ ଶାଗ ଧୁଇଗଲି ନାଲେ ।
ବିଭା ହୋଇଥିଲି ବାଳୁତ କାଲେ,
ସତେଗା ବୁଦ୍ଧି ନାଇ ଥିଲା ବେଳେ। ॥"

## ଙ) ସନ୍ତାନ ପ୍ରୀତି

ଏ ଅଞ୍ଚଳର ଲୋକଗୀତ ରେ ସନ୍ତାନପ୍ରୀତି ବା ବାସଲ୍ୟତା ଭାବ ବେଶ ଅନୁମେୟ । ମା ପୁତ୍ର ପ୍ରତି ଯେଉଁ ପ୍ରେମ କରେ, ଭଲ ପାଏ, ସ୍ନେହ କରେ ତାର ପଟାନ୍ତର ନାହି । ଲୋକକବି ଲେଖେ ;-

"କାଠ ଭାଙ୍ଗୁ ପତ୍ର ତୁଲୁ ଷଠୀ ମା କେ ଜେଜେ କାରୁ।
ତେଲ ମାଖି ଯିବୁ ରେ ବାବୁ ଅଖୁ ଖାଇ ଯିବୁ। ।"

## ଚ ) ମୃତ୍ୟୁ ଚେତନା

ଜନ୍ମ ହେଲା ମାତ୍ରେ ମୃତ୍ୟୁ ଅନିର୍ବାର୍ଯ୍ୟ। ଲୋକ ଗୀତ ରୁ ଆରମ୍ଭ କରି ବେଦ ପୁରାଣ ପର୍ଯ୍ୟନ୍ତ ସବୁଥିରେ ଏହି ଚେତନା ବର୍ଣ୍ଣନ। ଏ ଅଞ୍ଚଳର ଲୋକଗୀତରେ ହେଲେ କିପରି ଦେଖା ନ ଜାନ୍ତା ?;-

"ମା ଥିଲେ ମାମୁ ଘର, ମା ମରିଗଲେ କିଏ କାହାରରେ
ସତେ ଦୁନିଆଁ ଦିଶେ ଅନ୍ଧାର, ସଜନୀରେ ।"

ISSN NO.
2582-208X

"ମୋତେ କାହି ଛାଡିଗଲ ହାତୀ ହୋ,
ମୋତେ ନିଃସଖା କରିଗଲ କାଏଁ ସଖା ହୋ ।
ତୁମର ଛୁଆ ପିଲା ଛଉଣ୍ଡ ହେବେ କାଏଁ ରାଜା ହୋ ।"

## ଉପସଂହାର

ଲୋକ ଜୀବନ ର ଏକ ପ୍ରବାହମାନ ଧାରା ହେଉଛି ଲୋକଗୀତ। ମଣିଷକୁ କଳା ଆଡୁ ଧଳା ଆଡକୁ ପଥ ପ୍ରଦର୍ଶନ କରେ ଲୋକ ଗୀତା । ମଣିଷର କଥା କୁହେ, ମଣିଷ ପାଇ କହେ ଏବଂ ମଣିଷ ଦ୍ୱାରା ହିଁ କହେ । ଏଣୁ ଲୋକଗୀତ ଯେ ଲୋକପପ୍ରାଣ ଏହା ଯୁକ୍ତି ସଂବଦ।

ଅନ୍ୟାନ୍ୟ ପ୍ରାଦେଶିକ ଲୋକଗୀତ ଅପେକ୍ଷା ସୁବର୍ଣ୍ଣପୁର ର ଲୋକଗୀତ ର ଏକ ଭିନ୍ନତା ରହିଛି। ଏହାର ସ୍ୱତନ୍ତ୍ରତା ର କାରଣ ଏ ଗୀତ ରେ ରହିଛି ସୁନ୍ଦର ଶବ୍ଦ ସଂଯୋଜନା, ବୋଧଗମ୍ୟ ଶବ୍ଦ, ସଂଗୀତର ଛୁଙ୍କ ଏବଂ ଅତି ସରଳ, ତରଳ ଭାଷାର ପ୍ରୟୋଗ। ବାସ୍ତବିକ ବିଶ୍ୱ ସଂସ୍କୃତି ଗଠନ ରେ ସୁବର୍ଣ୍ଣପୁର ର ଲୋକ ସଂସ୍କୃତିର ଏକ ପ୍ରଚ୍ଛନ୍ନ ହାତ ଅଛି ଏହା ନିଃ ସନ୍ଦେହ।

## ସହାୟକ ଗ୍ରନ୍ଥ ସୂଚୀ

୧) ସାହୁ ପ୍ର ନାରାୟଣ –ଲୋକ ସଂସ୍କୃତି –ଲୋକ ସାହିତ୍ୟ, ଚିନ୍ମୟ ପ୍ରକାଶନ, ବିନୋଦ ବିହାରୀ କଟକ ୨୦୧୮

୨) ପଣ୍ଡା ଡ଼ଃ ନିମାଇ ଚାରଣ–ପଶ୍ଚିମ ଓଡିଶାର ଲୋକ ସାହିତ୍ୟ ର ସ୍ୱରୂପ ମେନକା ପ୍ରକାଶନୀ, ଗୋଲ ବଜାର ସମ୍ବଲପୁର । ୧୯୯୭

ISSN NO.
2582-208X

୩) ଦାଶ ଡ଼ଂ କୁଞ୍ଜବିହାରୀ-ଓଡିଆ ଲୋକ ଗୀତା ଓ କାହାଣୀ ।
ବିଶ୍ୱଭରତୀ, ଶାନ୍ତିନିକେତନ, ୧୯୫୮

୪) ନାୟକ ଡ଼ଂ ଦ୍ୱାରିକାନାଥ-ସମ୍ବଲପୁରୀ ଲୋକଗୀତରେ ସମାଜ ଜୀବନ ର ସ୍ୱରୂପ ।

୫) ଅଗ୍ରୱାଲ ସଦାନନ୍ଦ -ସୋନପୁର ର ଇତିହାସ
ଆତ୍ମ ପ୍ରକାଶନୀ ବଲାଙ୍ଗିର, ୧୯୮୮

୬) ଡ଼ଂ ପଶାୟତ ଚିତ୍ରସେନ- Folklore foundation, ଓଡିଶା, ୨୦୦୮

୭) ଡ଼ଂ ନାୟକ ଦ୍ୱାରିକ ନାଥ-ସମ୍ବଲପୁରୀ ଲୋକାଜୀବନରେ ସମାଜ ଜୀବନ ର ବରୂପ

ପତ୍ରିକା

୧) ମଲେଶ୍ରୀ, ୨୦୧୫

୨) ଏଷଣା, ୨୦୧୮ ପୁଜାସଂଖ୍ୟା

ନ -ବଡାଲୀ, ପୋଷ୍ଟ-ଉଲୁଣ୍ଡା
ଜିଲ୍ଲା-ସୁବର୍ଣ୍ଣପୁର, ୭୬୭୦୬୨
ମୋ-୭୯୭୮୨୩୮୬୦୬

ISSN NO.
2582-208X

# ମୁଁ ସେଇଠି ଅଛି



ରଶ୍ମିତା ସାହୁ

ସଂସାରରେ ମୋର ଗହଳିଚହଳି
ମନ ମଧ୍ୟରେ ମୋର ଅଶାନ୍ତ ର ଲହରୀ
କିନ୍ତୁ ମୁଁ ସେଇଠି ଅଛି।

ସମୟ ଗତିଶୀଳ
ମୋ ଶରୀର ବି କ୍ରିୟାଶୀଳ,
କିନ୍ତୁ ମୁଁ ସେଇଠି ଅଛି। ଅପେକ୍ଷା ରତ.....

ଚତୁଃର୍ପାର୍ଶ୍ୱ ମୋର ଚଳଚଞ୍ଚଳ
ମୋ ମନ ବି ଅଶାନ୍ତି ରେ ଭରପୂର,
କିନ୍ତୁ ମୁଁ ସେଇଠି ଅଛି । ନିଶ୍ଚଳ.....

ଚାରିଦିଗରେ ଲାଗିଛି କୋଳାହଳ
ମୋ ହୃଦୟ ବି କରୁଛି ଆର୍ତ୍ତଚିତ୍କାର,
କିନ୍ତୁ ମୁଁ ସେଇଠି ଅଛି।ଧରି ହୃଦ୍ ସ୍ପନ୍ଦନ....

ମୋ ଦୁନିଆ ଆଲୋକ ପୂର୍ଣ୍ଣ
ମୋ ନୟନ ବି ଲୋତକ ରେ ପୂର୍ଣ୍ଣ,
କିନ୍ତୁ ମୁଁ ସେଇଠି ଅଛି। ଚାହିଁ ତୁମର ବାଟ....

ହଁ, ମୁଁ ସେଇଠି ଅଛି... ସେମିତି ହିଁ ଅଛି
ଯେଉଁଠି ତୁମେ ମୋତେ ଛାଡ଼ିଥିଲ ......।।।

ଛତ୍ରପୁର (ଗଞ୍ଜାମ)
E-mail- rasmi.k.sahu777@gmail.com

ISSN NO.
2582-208X

# ସ୍ୱାଧୀନତା ଦିବସ



ପ୍ରିୟଦର୍ଶିନୀ ମହାପାତ୍ର

ଇଏ ସେବା ବିଶ୍ବାସ ର
ପୂଣ୍ୟ ପ୍ରାପ୍ତି ର
ଧର୍ମ କ୍ଷେତ୍ର ର ଦେଶ
ତାକୁ ଛୁଇଁ ପାରିବନି
ନେଇ ପାରିବନି
ଏଠି ଅଶାନ୍ତି ର ନାହିଁ ବାସ ।।

ଏଠି ନାହିଁ ଗୋଟେ ଧର୍ମ
ନୁହେଁ ଭିନ୍ନ ମତ
ହେଲେ ହୃଦୟେ ଗୋଟିଏ ଭାବନା
ତୁମେ ତନ୍ନ ତନ୍ନ କରି ନଜର ପକାଅ
ଏଠି ସହିଥିଲେ କେତେ ଯାତନା ।।

ସେ ମୋଗଲ ହେଉ କି
ଇଂରେଜ ହେଉ ଅବା
ଶତ୍ରୁ ଆମ ଏ ଦେଶର
ସବୁ ହାର ମାନିଥିଲେ
ମୋ ଦେଶ ଆଗରେ
ଏଠି ଜୟ ହୋଇଥିଲା ସତ୍ୟ ର ।।

ISSN NO.
2582-208X

ପତୀତ ପାବନୀ ଗଙ୍ଗା ବହିଚାଲେ
ପୂଣ୍ୟ ମୋ  ଭାରତ ଭୂଇଁରେ
କାଶ୍ମୀର ଠାରୁ କନ୍ୟାକୁମାରୀ
କି ସୁନ୍ଦର  ଦିଶେ  ମହୀ ରେ  ।।

ସହି କଷଣ ବନ୍ଦୀ ଜୀବନ
ସ୍ୱାଧୀନତା ସଂଗ୍ରାମୀ ର ଏ ଦାନ
କେତେ  ଜୀବନ ବଳିଦାନରେ
ଆଜି ଦେଇ ଗଲେ ଏହି ବରଦାନ।।

ଆଉ ନୁହେଁ  ପରାଧୀନ
ମିଳିଛି  ସ୍ୱାଧୀନ
ବିକାଶ ପଥରେ ମୋ ଦେଶ
ଏକତା ଭାବନା,
ସତ୍ୟ ଧର୍ମ ପଥେ ଅଗ୍ରସର ହେଲେ
ହସିବ  ଭାରତ ବର୍ଷ
ହସିବ ଭାରତ  ବର୍ଷ ।।

ଶିକ୍ଷୟିତ୍ରୀ
ଜୟଦେବ ବିହାର
ଭୁବନେଶ୍ୱର

ISSN NO.
2582-208X

# ଆଶ୍ଚର୍ଯ୍ୟ !



ସ୍ୱାତୀ ସୁଚରିତା ପ୍ରିୟଦର୍ଶିନୀ

ଶର୍ବରୀ ର ଘନ କଳା ରଙ୍ଗ ରେ
ମୁଁ ପ୍ରତି ଥର ଶବ ପାଲଟେ !
ହେଲେ, ପୁଣି !
ପୁଣି ମୋ ନିଜକୁ ମୁଁ ନିଜେ ଦେଖେ
ପ୍ରତିଟି ସକାଳ ରେ ...
ସେଇ ଉଦୟମାନ ସୂର୍ଯ୍ୟ ସହ
ଇଏ କଣ ?
ମୁଁ ତ ବଞ୍ଚିଛି ...

ନିଜକୁ ମାରିବାର ପ୍ରଚେଷ୍ଟା ରେ ତ ନାହିଁ
କିନ୍ତୁ ମନ ର ଦରଦ ଠାରୁ ବେଶୀ
ଆଉ କୋଉ ମରଣ ଅଛି ଯେ ?
ପ୍ରତି ସକାଳ ରେ ତ ସେଇ ସୂର୍ଯ୍ୟ
ସଂଧ୍ୟାରେ ତ ସେଇ ତାରା ସେଇ ଜହ୍ନ
ପୁଣି ସେଇ କୋଳାହଳ ତ ସବୁଆଡେ
ତା ଭିତରେ ମୁଁ କେମିତି ଅଛି ?
ମୁଁ ମରିନି ତ
ମୁଁ ତ ପୁଣି ଦେଖେ
ମୁଁ ବଞ୍ଚିଛି ବୋଲି ...

ISSN NO.
2582-208X

ଛାତିର କୋହ ସବୁ ମଥା ପିଟି ବଧିର କରି ଦିଅନ୍ତି
ଆଖିରେ ସମୁଦ୍ର ର ଭଙ୍ଗା ଢେଉ
କୂଳ ଲଂଘି ପୁଣି ମିଳେଇ ଯାଆନ୍ତି,
ସେଇ ତତଲା ସମୁଦ୍ର ରେ
ଇଏ ତ ଆଶ୍ଚର୍ଯ୍ୟ !
ଦୁଃଖ ର କବର ତଳେ ବଞ୍ଚିବା
କଣ ଗୋଟେ ବଞ୍ଚିବା କୁ ଲେଖା କି ?
ହେଲେ ତଥାପି,
ତଥାପି ତ ମୁଁ ମରିନି
ପ୍ରତି ଟି ସକାଳରେ ମୁଁ ପୁଣି ଦେଖେ,
ମୁଁ ବଞ୍ଚିଛି ...

ପୁରୀ, ଓଡିଶା

ISSN NO.
2582-208X

# ସୁନାବେଶ



ଭଗିରଥୀ ଯାନୀ

ଅତ୍ୟନ୍ତ ସରସ ତୁମ ଅପରୂପ ସୁନାବେଶ,
ଦେଖି ଏ ଦୁଇ ନୟନ ମେଣ୍ଟାଇଲା ଅବଶୋଷ।।
ଜନ ସମାଗମ ସ୍ଥଳେ ବଡ଼ଦାଣ୍ଡ ଭବଜଳେ,
ହାତ ଟେକି ଛିଡା ହୋଇ ଖୋଜୁଥାଏ ଭୂମଣ୍ଡଳେ।।
ତବ ଶ୍ରୀମୁଖରେ ଆଭା ନାଲିଆ ଅଧର ହସ,
ଅତ୍ୟନ୍ତ ସରସ ତୁମ ଅପରୂପ ସୁନାବେଶ।।
ଅନ୍ତରର ସବୁ କୋହ ମନର ଯେତେ ଉଦାସ,
କାଢି ନିଅ ଥରେ ଆଉ ଭରିଦିଅ ମୁଖେ ହସ।।
ଶିଥିଳ ହେଲାଣି କାୟା ସରି ଯାଉଛି ବୟସ,
ହରନିଅ କୋଟି ଜନମର ପାପ ଆଉ ଦୋଷ।।
ମହଣ ମହଣ ସୁବର୍ଣ୍ଣ ସଜ୍ଜିତ ତବ ବେଶ,
ଦେଖି ଏ ଦୁଇ ନୟନ ମେଣ୍ଟାଇଲା ଅବଶୋଷ।।
ଯାନୀ ଭାଗିରଥୀ ତବ ରହିଥାଉ ଚିର ଦାସ,
ମନୋହର ରୂପ ଦେଖି ଭକ୍ତ ହୁଅନ୍ତି ହରଷ।।

ଦଳପଡା, ଖଜୁରୀପଡା,
ଫୁଲବାଣୀ, କନ୍ଧମାଳ

ISSN NO.
2582-208X

# ଶେଷ ସ୍ପର୍ଶ

ଯଶୋଶ୍ରୀ ବେହେରା

''ମେଘା, ତୁମେ ସତ ରେ ଏ ସବୁ କହୁଛ ?"

"ହଁ ମୟୂରୀ ,ଏଥିରେ କୌଣସି ସନ୍ଦେହ ନାହିଁ। ତାଙ୍କୁ ମୁଁ ବାନ୍ଧି ପାରିଲି ନାହିଁ। ପାରିଲି ନାହିଁ ମୁଁ ନିଜ ପ୍ରେମ ରେ ବାନ୍ଧି। ମୁଁ ତାଙ୍କ ପାଇଁ ଯେତେ ପାଗଳ ହେଲେ ବି, ସେ ତ ତୁମ ପ୍ରେମ ପାଖରେ ବନ୍ଧା ପଡି ଗଲେ। ତୁମ ପାଇଁ, ମୋ ସହିତ ପ୍ରତାରଣା କଲେ ସେ।"

''ଉହୁଁ, ତୁମେ ଜାଣିଛ, ବାରିଦ ଙ୍କ ପତ୍ନୀ ତୁମେ। ଏକ ପବିତ୍ର ବନ୍ଧନ ରେ ବନ୍ଧା ହୋଇ ସାରିଛ ତୁମେ ଦୁହେଁ। ଧର୍ମତ, ତାଙ୍କ ଶରୀର ଉପରେ ତୁମ ଅଧିକାର।"

"ଶରୀର ମିଳିଲେ କଣ ହେଲା ? ତାଙ୍କ ହୃଦୟ କୁ ତ ତୁମେ ଆବୋରି ବସିଛ ନା।

"ତୁମେ ଜାଣିଛ ମେଘା, ବାରିଦ ତୁମ ପାଇଁ ସେତିକି ପ୍ରେମ ଅନୁଭବ ଏଯାଏଁ କରନ୍ତି, ଯେତିକି ପୂର୍ବ ରୁ କରୁଥିଲେ। ମୋ ବାହୁ ବନ୍ଧନ ରେ ଥିଲେ ମଧ୍ୟ, ତୁମ କଥା ଭାଳି ହୁଅନ୍ତି ସେ।

ଯେବେ ତାଙ୍କ ସେ ସୁଢ଼ୋଳ ନୟନ ଯୁଗଳ ରୁ ମୁକ୍ତା ପରି ଅଶ୍ରୁ ବୁନ୍ଦା ଝରି ଆସେ, ସେବେ ତାକୁ ନିର୍ବାପିତ କରିବା ପାଇଁ, ମୋ ହସ୍ତ ଦ୍ୱୟ ଆତୁର ହୋଇ ଯାଆନ୍ତି।

ହେଲେ ମୋ ହାତ କୁ ରୋକି ଦେଇ ସେ କୁହନ୍ତି, ''ନା ମୟୂରୀ, ବହି ଯିବାକୁ ଦିଅ ଏ ଲୁହ କୁ। ମେଘା ସିନା ମୋ ପତ୍ନୀ। ସେ ସାରା ଜୀବନ ମୋ ପ୍ରତି ଅନୁରକ୍ତ ରହିଗଲେ। ତାଙ୍କ ପବିତ୍ର ପ୍ରେମ କୁ ମୋ ଉପରେ ଅଜାଡି ଦେଇଥିଲେ ସେ। ହେଲେ, କେଜାଣି କାହିଁକି, ମୁଁ ତାଙ୍କୁ ଏମିତି ପ୍ରତାରଣା ଦେଲି? ଇତିହାସ ର ପୃଷ୍ଠାରେ, ନିଜ ମଥା ରେ କଳଙ୍କ ଲଦି ଦେଲି ?"

ISSN NO.
2582-208X

ଅଭିମାନ ରେ, ଯେବେ ମୁଁ ରୁଷି ବସେ, ସେ ନିଜ ମନ କୁ ପରିବର୍ତ୍ତନ କରି କୁହନ୍ତି, ''ମୟୂରୀ ଗୋ, ତୁମେ ରୁଷି ଗଲେ, ଖୁବ ସୁନ୍ଦର ଦିଶ। ଖାସ କରି, ତୁମ ଚନ୍ଦ୍ରିକା ଗୁଡିକ ଝଲସି ଉଠନ୍ତି।''

ତାଙ୍କ ପ୍ରଶଂସା ପାଇ, ମୁଁ ସିନା କୁରୁଳି ଉଠେ, କିନ୍ତୁ ତାଙ୍କ ମନ ରେ ତୁମ ପାଇଁ ଥିବା ପ୍ରେମ, ମୁଁ ସ୍ପଷ୍ଟ ଦେଖି ପାରେ।"

"ମୟୂରୀ, ତୁମେ ସିନା ଆମ ଦୁହିଁଙ୍କୁ ଦେଖିଛ, ହେଲେ ଆମ ବିବାହ ପୁରାଣ ଏଯାଏଁ ତୁମ ପାଖରେ ସୁପ୍ତ ପ୍ରାୟ।

ବ୍ୟୋମଦେବ ଙ୍କ ସୁକୁମାରୀ ଅଲିଅଳି କନ୍ୟା ମୁଁ। ପିତା ଙ୍କ ସାମ୍ରାଜ୍ୟ ରେ ହସି ଖେଳି ବଢୁଥାଏ ମୁଁ। କେବେ ଏହି ଅବଧି ମଧ୍ୟ ରେ, ବାଲ୍ୟକାଳ ର ଖେଳ ସାରି, କୈଶୋରୀ ଖୋଳପା କୁ ଛାଡି, ଯୌବନ ରେ ପାଦ ଦେଇ ସାରିଥିଲି।

ଅଳସ ଯୌବନ ମୋ ଦେହ ରେ ଲହଡି ଭାଙ୍ଗୁଥାନ୍ତି। ପହିଲି ପହିଲି ରଙ୍ଗ ମୋ ଦେହ ରେ ମାଖି ହୋଇ ଯାଉଥାଏ। ଶୁଭ୍ରତା ର ପ୍ରଲେପ ସାରା ଶରୀର କୁ ଆବୋରି ବସିଥାଏ। କେବେ ମୁଁ ସମ୍ପୂର୍ଣ ଯୁବତୀ ଟିଏ ହୋଇ ସାରିଥାଏ ନିଜ ଅଜାଣତ ରେ।

ହଜାରେ ବିହଙ୍ଗ ମୋତେ ପାଇବା ପାଇଁ ଆକୁଳ ହେଉଥିଲେ। ମୋ ଦର୍ଶନ ପାଇଁ, ତାଙ୍କ ଅମାନିଆ ପର ଗୁଡିକ ଝାଡ଼ି ଦେଇ, ଧାଇଁ ଆସୁଥିଲେ। ହେଲେ ସେ ମୋ ଠାରୁ କେତେ ଦୂର ରେ ଥିଲେ। ତାଙ୍କ ପ୍ରଚେଷ୍ଟା ଦେଖି, ମୋତେ ଖୁବ ଆମୋଦିତ ଲାଗୁଥାଏ। ପରମ ସୁନ୍ଦରୀ ବୋଲି, ମନ ଗର୍ବ ରେ ଭରି ଯାଉଥାଏ।

ହେଲେ ସେ ଦିନ, ପିତା ଙ୍କ ବନ୍ଧୁ ସୂର୍ଯ୍ୟଦେବ ଏବଂ ତାଙ୍କ ସହଧର୍ମିଣୀ କିରଣ ଦେବୀ, ଅତିଥି ରୂପେ ଆମ ସଦନ କୁ ଭ୍ରମଣ ରେ ଆସିଥିଲେ। ତାଙ୍କ ସାଥିରେ ଥିଲେ ଜଣେ ନବ ଯୁବକ। ଯୁବକ ଜଣକ ଦେଖିବା ପାଇଁ, ସ୍ୱୟଂ କନ୍ଦର୍ପ ଙ୍କ ସ୍ୱରୂପ ଥିଲେ। ତାଙ୍କ ସ୍ୱଚ୍ଛ ଅଙ୍ଗକାନ୍ତି, ଗଭୀର ନୀଳ ଆଖି ରେ, ମୁଁ ନିଜକୁ ହଜାଇ ଦେଲି।

ଆମ ଚାରି ଚକ୍ଷୁ ର ମିଳନ ଘଟିଲା। ଲାଜ ରେ ଜରଜର ହୋଇ ଯାଉଥାଏ ମୁଁ। ସେ କିନ୍ତୁ ଶାନ୍ତ ଭାବେ ମୋତେ ନୀରିକ୍ଷଣ କରି ଚାଲିଥାନ୍ତି।

ISSN NO.
2582-208X

ପିତା ଙ୍କ ସମ୍ମୁଖ ରେ କହି ଉଠିଲେ ସୂର୍ଯ୍ୟଦେବ, "ଆକାଶ ଦେବ। ବନ୍ଧୁ ମୋର, କୁମାର ବାରିଦ ଙ୍କ ସାଥେ, ଆପଣ ଙ୍କ କନ୍ୟା ମେଘାଙ୍କ ବିବାହ ପ୍ରସ୍ତାବ ନେଇ ଆସିଛି ମୁଁ। ଆପଣ ଙ୍କ ସହମତି ହେଲେ, ଏ ପ୍ରସ୍ତାବ ଆଗକୁ ବଢିବ।"

ପିତା ମୋତେ ଚାହିଁଲେ। ଲାଜ ରେ ଜର୍ଜରିତ ହୋଇ ଯାଉଥାଏ ମୁଁ। ପ୍ରଥମ ଦେଖା ହିଁ, ମୋ ହୃଦୟ କୁ ଅଧିକାର କରି ସାରିଥିଲେ ସେ। ଲଜ୍ଜ୍ୟା ରେ ନିଜ ମଥାନତ କରି, ସହମତି ପ୍ରକାଶ କଲି ମୁଁ।

ଯଥାଶୀଘ୍ର ବିବାହ ର ପବିତ୍ର ବନ୍ଧନ ରେ ବାନ୍ଧି ହୋଇଗଲୁ ଆମେ। ତାଙ୍କ ନୀଳ ଆଖି ର ମାୟା ରେ ନିଜକୁ ହଜାଇ ଦେଇଥିଲି ମୁଁ । ହେଲେ ମୟୂରୀ ତୁମେ? ତୁମେ ତ ମୋ ପ୍ରିୟ ବନ୍ଧୁଥିଲ। ଅତି ଆପଣାର ମନେ କରି, ମୁଁ ତୁମ ଦୁହିଁଙ୍କ ଦେଖା ସାକ୍ଷାତ କରାଇ ଥିଲି ମୁଁ।

ହେଲେ ତୁମେ ଫଳ ସ୍ୱରୂପ କଣ କଲ? ଦୁହେଁ ମୋ ଅନୁପସ୍ଥିତି ରେ, ଦୁଇଜଣ ନିକଟତର ହୋଇଗଲ?

ମୋତେ ପ୍ରତାରଣା କରି, ସେ ତୁମକୁ ନିର୍ଦ୍ୱନ୍ଦ ଆପଣାଇ ନେଲେ। ଯଦି ତୁମ ମତ ରେ ବାରିଦ ଙ୍କ ମୋ ପ୍ରତି ପ୍ରେମ ଥିଲା, ତେବେ ସେ ସମୟ ରେ ତାଙ୍କ ପ୍ରେମ କେଉଁଠାକୁ ଗଲା?"

"ନା ମେଘା, ତୁମକୁ ସେ ଧୋକା ଦେଇ ନାହାନ୍ତି। ବରଂ ମୁଁ ତାଙ୍କୁ ଆପଣାର କରିବାକୁ ଚାହିଁଥିଲି। କେଉଁ ଦୁର୍ବଳ ମୁହୂର୍ତ୍ତ ରେ କେଜାଣି, ସେ ମୋ ନିକଟତର ହୋଇଗଲେ। ସତ ରେ, କେଉଁ ଯାଦୁ ଥାଏ କେଜାଣି ତାଙ୍କ ସ୍ୱର ରେ, ମୁଁ ସମ୍ପୂର୍ଣ ରୂପେ ସମର୍ପିତା ହୋଇ ଯାଏ ତାଙ୍କ ପାଇଁ। କିନ୍ତୁ ସେ ମୋତେ ଆପଣାଇ ତୁମ ସହିତ ପ୍ରତାରଣା କରିଛନ୍ତି ବୋଲି, ମୋତେ ଖୁବ ଦୁଃଖ ଲାଗେ।

କିନ୍ତୁ ତାଙ୍କୁ ହରାଇବା ର ଭୟ ମୋତେ ଆବୋରି ବସେ। ଚାହିଁଲେ ମଧ୍ୟ, ମୁଁ ତାଙ୍କୁ ତୁମ ହାତ ରେ ସମର୍ପି ପାରେ ନାହିଁ। ଏହା ହିଁ ତ ଜଣେ ପ୍ରେମିକାର ଅଭିମାନ। ନିଜ ପ୍ରିୟତମ କୁ କାହାରିକୁ ସମର୍ପିବା ପାଇଁ ତିଳେ ହେଲେ ପ୍ରସ୍ତୁତ ନୁହେଁ! ତାର ପ୍ରେମିକ, ତାର ସ୍ୱାଭିମାନ ସାଜି ଯାଏ। ପ୍ରେମିକ ର ପ୍ରେମ ଅପେକ୍ଷା, ତା ପ୍ରତି ଥିବା ଅଧିକାର, ବେଶୀ କାମ୍ୟ ହୁଏ।

ISSN NO.
2582-208X

ମୁଁ ହୁଏତ ତାଙ୍କ ହୃଦୟ ରେ, ତୁମେ ଥିବା ସ୍ଥାନ କୁ ନେଇ ନ ପାରେ, ହେଲେ ମୁଁ ବି ପ୍ରେୟସୀ ନା ! ଏତିକି କାମନା ମୋର ମଧ୍ୟ ଥିଲା, ମେଘା ତୁମେ ଖୁବ ଭାଗ୍ୟବତୀ। ମୋ ନୀଳତନୁ ସ୍ପର୍ଶ ରେ ମଧ୍ୟ, ସେ ତୁମକୁ ଭୁଲି ନାହାନ୍ତି। ତୁମ ଶ୍ୟାମଳ କେଶରାଶି ଆଜି ବି ତାଙ୍କୁ ଅଧିର କରେ। ତୁମ କଳା ବୌଦ ପରି ଆଖି ଯୋଡିକ, ଆଜି ମଧ୍ୟ ତାଙ୍କ ମନ ରେ ଛାପ ଛାଡି ଦେଇଛି।

ଜାଣିଛ ସେ ମୋତେ କଣ କୁହନ୍ତି, "ମୟୂରୀ, ତୁମ ନୀଳତନୁ ର ସ୍ପର୍ଶ ର କାମନା ରେ କେତେ ଯେ, ପାଗଳ ପ୍ରେମିକ ସାଜି ଭ୍ରମର ପରି ଉଡି ବୁଲନ୍ତି ତୁମ ଚାରି ପାର୍ଶ୍ୱ ରେ। ହେଲେ ତୁମେ? ତୁମେ ମୋତେ କାହିଁକି ପସନ୍ଦ କଲ?

ମୁଁ ତ ମେଘା ଙ୍କ ସାଥେ ନିଜ ସୁଖ ର ସଂସାର ଗଢିଥିଲି। କାହିଁକି ନିଜ ମୋହିନୀ ଚାହାଣି ରେ ମୋତେ ଆକ୍ରାମାକ୍ତା କଲ? ତୁମ ସେଇ ନୀଳ ନିଶା ରେ ମୁଁ ମୋ ଶ୍ୟାମଳୀ ସୁନ୍ଦରୀ ମେଘା ଙ୍କୁ ପ୍ରତାରଣା କଲି। କାହିଁକି ତାଙ୍କୁ ତ୍ୟାଗ କରି, ତୁମ ନୀଳ ତନୁ ପ୍ରେମ ରେ ପଡି ଗଲି ?"

ନାରୀ ର ପ୍ରକୃତି ସେମିତି ହିଁ। ନିଜ ପ୍ରିୟ ପୁରୁଷ ମୁହଁ ରୁ, ପ୍ରେମ ଭରା ବାଣୀ ଶୁଣି, ମହମ ପରି ତରଳି ଯାଏ ମୁଁ। ନିଜକୁ ତାଙ୍କ ସ୍ପର୍ଶ ରେ ହଜାଇ ଦିଏ। ହେଲେ ତୁମ ପରି, ମୁଁ ମଧ୍ୟ ତାଙ୍କୁ ବାନ୍ଧି ପାରିଲି ନାହିଁ ନିଜ ନୀଳ ତନୁ ମାୟା ରେ। ମୋ ପ୍ରେମ ଭରା ବାଣୀ ତାଙ୍କ ଅନୁଗତ କରି ରଖି ପାରିଲା ନାହିଁ।

ଏବେ ତୁମେ ହିଁ କୁହ, ସେ କଣ ମୋ ସହିତ ଠିକ କଲେ କି?

ନିରବ ରେ ଠିଆ ହୋଇ ଶୁଣୁଥାଏ ବସୁଧା। ସେ ତ ସାମାନ୍ୟ ଦାସୀ ଟିଏ। ସେ ଅବା କଣ କହିବ? ଯେଉଁଠି ମେଘା କୁମାରୀ ଅବା ମୟୂରୀ ସୁନ୍ଦରୀ ତାଙ୍କୁ ବାନ୍ଧି ପାରିଲେ ନାହିଁ, ସେ ତ ଏକ ଦାସୀ ମାତ୍ର।

ଯେବେ ସୂର୍ଯ୍ୟ ଦେବ ଙ୍କ କୋପରେ ତା ତପ୍ତତନୁ, ଶୁଷ୍କମରୁ ପ୍ରାୟ ମନେ ହେଲା, ସେବେ ବାରିଦ ହିଁ ତା ପାଇଁ ପ୍ରଭୁ ସ୍ୱରୂପ ଉଭା ହୋଇଥିଲେ।

ISSN NO.
2582-208X

ତା' ଶୁଷ୍କ ଅଧରରେ, ପ୍ରେମ ର ପ୍ରଥମ ସ୍ୱାକ୍ଷର ସେ ହିଁ ତ ଆଙ୍କି ଥିଲେ। ତାଙ୍କରି ପାଇଁ ହିଁ ତ, ସେ ଆଜି ସବୁଜ ଶ୍ୟାମଳ ମଣ୍ଡିତା!

ଶେଷ ରେ ନିଶାପ ବସିଲା। ଦୋଷୀ ଟିଏ ପରି ଠିଆ ହୋଇଥିଲେ ବାରିଦ। ତାଙ୍କର ଅବା ଦୋଷ କଣ ? ପ୍ରକୃତି ତ ତାଙ୍କୁ ସେହି ପରି ଗଢିଛି। ସେ ଗୋଟିଏ ରମଣୀ ପାଖେ ବନ୍ଧା ପଡି ପାରିଲେ ନାହିଁ। ଯାହାକୁ ବିବାହ କଲେ, ତାକୁ ସମ୍ମାନ ଦେଲେ ମଧ୍ୟ, ପ୍ରେମ କରି ପାରିଲେ ନାହିଁ। ଏବଂ ଅନ୍ୟ ଜଣଙ୍କ ସାଥିରେ ଏକ ଆକର୍ଷଣ ରେ ବାନ୍ଧି ହୋଇଥିଲେ ମଧ୍ୟ, କେବେ ହେଲେ ତାକୁ ନିଜ ପ୍ରେୟସୀ ରୂପେ ଦେଖି ପାରିଲେ ନାହିଁ।

ହେଲେ ଯାହାକୁ ପ୍ରେମ କଲେ, ସେ ତ ଏ ସାରା ପ୍ରକୃତି ର ନିୟମ ବିରୋଧ ରେ।ରାଜା ହୋଇ ଦାସୀ ସାଥେ ପ୍ରେମ? ସେ ପ୍ରେମ ଯେତେ ପବିତ୍ର ହେଉ ନା କାହିଁକି, ଏ ସମାଜ ଆଖି ରେ ତାହା ନିୟମ ବିରୁଦ୍ଧ।

ଶେଷ ରେ ସ୍ଥିର ହେଲା, ମେଘା ପ୍ରଥମ ପତ୍ନୀ ହେତୁ, ବାରିଦ ଙ୍କ ଉପରେ ତାଙ୍କ ଅଧିକାର ରହିଛି। ମୟୂରୀ ମଧ୍ୟ ତାଙ୍କୁ ସମୟେ ସମୟେ ଭେଟିବାର ଅନୁମତି ପାଇବେ।"

ମୁହଁ କୁ ତଳକୁ କରି, ଆଗାଉଥାନ୍ତି ବାରିଦ।ପ ଛରେ ଲୋତକ ପୂର୍ଣ୍ଣ ନୟନ ରେ ଚାହିଁ ରହିଥିଲା ବସୁଧା, ସେ ଭାବୁଥିଲା, ''ମୋତେ କଣ ମିଳିଲା ?''

ଦୁଇ ରମଣୀ ଙ୍କ ଭରାତନୁ ତାଙ୍କୁ ବାନ୍ଧି ପାରି ନଥିଲା ବୋଲି, ସେ ମୋ ପାଖକୁ ଆସିଥିଲେ। ହେଲେ,ତାକୁ କଣ ମିଳିଲା ?

"ସାମାନ୍ୟ ଦାସୀ ଟିଏ ତୁ ବାରିଦ କୁମାର ଙ୍କୁ ଆଶା କରିବା ତୋର ମୂର୍ଖାମୀ। ଯେବେ ତୁ ମରୁପ୍ରାୟ ହୋଇଥିଲୁ, ସେ ହିଁ ତୋ ତୋ ଜୀବନ ରେ ପ୍ରୀତି ର ଫଲ୍ଗୁ ଭରି ଦେଇଥିଲେ। ପ୍ରିୟ ପୁରୁଷ ର ସାଥ ଅପେକ୍ଷା ତାର ପ୍ରେମ କାମ୍ୟ ହୋଇଥାଏ। ତୋ ପ୍ରେମ ରେ ତ ଆବିଳତା ନଥିଲା। ନଥିଲା ବଡ଼ ସାନ ର ବାଛବିଚାର। ବାରିଦ ତୋତେ ହିଁ ପ୍ରକୃତ ପ୍ରେମ କରୁଥିଲେ। ସେତିକି କଣ ଯଥେଷ୍ଟ ନୁହେଁ, ତୋ ପାଇଁ?

ହଟାତ ଧାଇଁ ଆସି ତାକୁ ନିଜ ବକ୍ଷ ରେ ଜଡେଇ ଧରିଲେ ବାରିଦ। ଦୁହିଁଙ୍କ ଆଖି ରେ ଅମାନିଆ ଧାରା ଶ୍ରାବଣ। କେହି କାହାଠାରୁ ଦୁରେଇ ଯିବା ପାଇଁ, ସତେ ଯେମିତି ଅପ୍ରସ୍ତୁତ!

ISSN NO.
2582-208X

ହେଲେ ଏହା ହିଁ ତ ପ୍ରକୃତି ର ନିୟମ। ବାରିଦ ବସୁଧା ଠାରୁ ନିଜକୁ ଦୁରେଇ ନେଲେ। ପାଦ ଯେତେ ଆଗକୁ ଆଗକୁ ଯାଉଥାଏ, ମନ ସେତେ ନିକଟ କୁ ଟାଣି ହୋଇ ଯାଉଥାଏ।

ହୁଏ ତ ବାରିଦ ତା ଜୀବନ ରେ ନ ରହି ପାରନ୍ତି, ହେଲେ ତାଙ୍କ ପ୍ରେମ, ସର୍ବଦା ଅମର। ବାରିଦ ଙ୍କ ଶେଷ ସ୍ପର୍ଶ ହିଁ ଯଥେଷ୍ଟ ତା ଉତପ୍ତ ଜୀବନ ରେ, ଶୀତଳ ଛାୟା ରେ ଭରିବା ପାଇଁ।

ଅଶ୍ରୁଳ ନେତ୍ର ରେ ବିଦାୟ ଦେଉଥାଏ ସେ। ସାଉଁଟି ନେଇଥାଏ, ଶେଷ ସ୍ପର୍ଶ।

କଟକ ,ଓଡିଶା
ପିନ - ୭୫୪୧୩୧
ଯୋଗାଯୋଗ - ୬୩୭୨୬୦୦୯୦୭

ISSN NO.
2582-208X

# ନୀଳ ସୁନ୍ଦର ପରବତେ ନୀଳମାଧବ ହରି

ଦେବଜାନୀ ବାରିକ୍

ନୀଳ ସୁନ୍ଦର ପରବତେ ନୀଳମାଧବ ହରି ।
ରାସ ବିହାରୀ ଦନୁଜାରୀ ଦ୍ୱାପରେ ସେ କଂସାରୀ ।୧।
ରମାରମଣ କୃପାସିନ୍ଧୁ ହରି ଦିଣ ବାନ୍ଧବ ।
ବହନ ସ୍ମର ମନ ନିତ୍ୟ ରୂପ ଶ୍ରୀ ବାସୁଦେବ ।୨।
ବନମାଳୀ କ୍ଷେତ୍ର ମଣ୍ଡଳୀ ନାମ ତା ଜନାର୍ଦ୍ଦନ ।
ନୟନାଭି ରାମ କେଶବ ସେ ପତିତପାବନ ।୩।
ନମାମି କରୁଣା ସାଗର ବିଷ୍ଣୁ ଦେବାଧିରାଜ ।
ଜଗ ମୋହନ ନନ୍ଦନାନ କୃଷ୍ଣ ଗରୁଡଧ୍ୱଜ ।୪।
ଜପ ରାମହରି ମୁରାରୀ ଚଉବର୍ଗ ଦାୟକ ।
କୃଷ୍ଣ କେଶବ ଦାନବାରୀ ହରି କଳା ମାଣିକ ।୫।
କଦମ୍ବ ମାଳୀନ ଶ୍ରୀକୃଷ୍ଣ ବୃନ୍ଦାବନ ବିହାରୀ ।
ରହରେ ମାନସ ସୁମରି ରୂପ ଗୁଣ ତାହାରି ।୬।
ରବି ସୁତ ଦଣ୍ଡ ଖଣ୍ଡନ କାରୀ କୃଷ୍ଣ ଗୋବିନ୍ଦ ।
ଦନୁଜ ନାଶନ ମାଧବ ଶ୍ରୀହରି ଆଦିକନ୍ଦ ।୭।
ଦ୍ୱାପର ଯୁଗରେ ବଧିଲେ କଂସ ବେଶୀ ପୁତନା ।
ନୀବ ହରି ଭବ ସିନ୍ଧୁର ନନ୍ଦ ନନ୍ଦନ କାହ୍ନା ।୮।
ନାରାୟଣ ନାମ ପାବନ ତାରଇ ଭୂମଣ୍ଡଳ ।
ଲୟ ଲଗାମନ ଶ୍ରୀପଦେ ଚିନ୍ତି ନନ୍ଦ ଦୁଲାଳ ।୯।
ଲାଭ ଏ ସଂସାରେ ଶ୍ରୀହରି ଭଜନ ଅବିରତ ।
ତର ବକୁ ଦୂର ଶ୍ରୀଧର କୃଷ୍ଣ ଶ୍ରୀ ରାଧା କାନ୍ତ ।୧୦।

ISSN NO.
2582-208X

ତପନ କୁଳିରେ ଜନମ ନାମ ରାମ ରାଘବ ।
ବସୁଦେବ ସୁତ ଦ୍ୱାପରେ ସେହି ନୀଳ ମାଧବ ।୧୧।
ବଂଶୀ ବଦନ ଦାମୋଦର କମ୍ବୁ ନିଗ୍ରାଧିଶ୍ୱର ।
ରମଣୀୟ ବେଶ ଶ୍ରୀ ହୃଷୀକେଶ ଶ୍ୟାମ ସୁନ୍ଦର ।୧୨।
ରଖଇ ଭକତ ଶଙ୍କେ ପୁରାଇ ଢାଙ୍କି ଚଦର ।
ରଜନୀଶ ବଂଶୀ ବତଂସ କୃଷ୍ଣ ନଟ ନାଗର ।୧୩।
ରମଣୀୟ ବେଶ ଜଗନ୍ନିବାସ ରମା କଳାର ।
ସର୍ବ ଅନ୍ତର୍ଯ୍ୟାମୀ କୃପା ନିଧାନ ରାଧିକା ରଶ ।୧୪।
ଶରଣ ବତ୍ସଳ ଦେବକୀ ଦୁଲାଳ କଳା ମୁଖ ।
ଖଣ୍ଡେ ସର୍ବାପଦ ଗୋବିନ୍ଦ ଶ୍ରୀହରି ଭକ୍ତ ସୁଖ ।୧୫।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ମନର ମୃତ୍ୟୁ



ଭାରତୀ ମୁଦୁଲି

ମିଶ୍ରିତ ହୃଦେ ଅଶ୍ରୁର ନାମ
ଫାଟେ ବସୁଧାରୂପୀ କୋମଳ ମନ
ଛିଦ୍ର ଥାଇ ଢାଙ୍କେ ସଦା ଲୋକ ଆଢୁଆଳୁ
ନଇଁଯାଏ ମଥା ତାର ପ୍ରେମର ସମ୍ମୁଖେ
ଋତୁରାଜ ଆସିଲେ ଯେମିତି ପାଦପ ଝଡ଼ାଏ
ତା ପତ୍ର
ସେମିତି ଝରେ ଖଣ୍ଡାଧାର ଲୁହ ପୁଣି
କଅଁଳୁ ଥାଏ ଆଖି ଭିତରେ ନୂଆ ଲୁହ
ପୋଛୁ ପୋଛୁ ଓଦା ହୁଏ ଗୋଟା ଓଢଣୀ
ଅଳସୀ ଜହ୍ନ ଧୀରେ ଆସେ
ଉଙ୍କିମାରେ ବାଦଲ ସେପାରେ
ପଶ୍ଚିମେ ମାର୍ତ୍ତଣ୍ଡର ଲୋହିତ ଅବତାର
ତା ଊର୍ଦ୍ଧ୍ୱରେ ଫୁଟେ ଚନ୍ଦ୍ରମାର ଧୀର ସ୍ୱର
ଧ୍ରୁବ ତାରା ଦେଖି ଖୋଜେ ଚାରୁପାଶେ
ଆଉ କିଛି ନକ୍ଷତ୍ର ଦିଶୁଚି ସତେ
ଅପେକ୍ଷାରେ ଧୀରେ ଧୀରେ ଶୋଇପଡ଼େ ମନ
କନ୍ଦଳ ଚାଲେ ତା ମଧ୍ୟେ ସାରା ରାତି
ଘାଣ୍ଟେ ନିରୀହ ଜୀବନକୁ ପରା
ଅସୁମାରୀ ସ୍ୱପ୍ନର ମରିଚୀକା ପଛେ
ଧାଏଁ ଗୋଡାଏ ଟିକେ ସୁଖ ପାଇଁ
ଶେଷ ରାସ୍ତା ତାର ମୃତ୍ୟୁ ବୋଲି
କୁହେ ବୋଲେ ବୁଝାଏ ଆବୋରି...।

ଗବେଷିକା
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର

ISSN NO.
2582-208X

# ବାଜପକ୍ଷୀ

ବିନୟାନନ୍ଦ ବସ୍ତ୍ରସ୍ୟ

ଏକା ଏକା ଉଡେ ଉଚ୍ଚ ଆକାଶରେ କ୍ଷୁଦ୍ର ପକ୍ଷୀ ସାଥୀ ଛାଡି,
ତୀକ୍ଷ୍ଣ ଦୃଷ୍ଟି ଧରି ଲକ୍ଷ୍ୟ ଭେଦେ ପୁଣି ଶିକାର ପଛରେ ପଡି।

ମୃତ ଜୀବ କେବେ ନ କରେ ଭକ୍ଷଣ ଜୀଅନ୍ତାକୁ ଧରି ଖାଏ,
ଝଡ଼ ଆସିଗଲେ ଅତି ଉଚେ ଉଡେ କାହିଁ ଖାତିର ନ ଥାଏ।

ନୀଡ଼ରେ ନରଖେ କୋମଳ ଘାସ ସେ କଣ୍ଟକିତ ଶଯ୍ୟା ତାର,
ଏହି ପାଞ୍ଚ ଗୋଟି ସଦଗୁଣ ବାଜ ପକ୍ଷୀଠାରୁ ଶିଖିବାର।

ଏକା ଏ ସଂସାରେ ଚଳିବା ଛୋଟିଆ ସମସ୍ୟାକୁ ତେଜି ମନୁ,
ଲକ୍ଷ୍ୟ ସ୍ଥିର କରି ହାସଲ କରିବା ବଞ୍ଚିବା ଯେ ସନ୍ଦିହାନୁ।

ଅତୀତକୁ ଛାଡି ବର୍ତ୍ତମାନ ସଦ୍ୟ ଆବୋରିବା ଦକ୍ଷତାରେ,
ସମସ୍ୟା ଆସିଲେ ସମ୍ମୁଖୀନ ହେବା ଅଣ୍ଟା ଭିଡି ତା ଆଗରେ।

ସହଜେ ମିଳିବା କୋମଳ ଆରାମ ସଦା ଦୁଃଖର କାରଣ,
ବିବେକ ବୁଦ୍ଧିର ଆତ୍ମଶକ୍ତି ବଳେ ବଞ୍ଚିବା ସଂସାରେ ଜାଣ।

ମଲ୍ଲୀପୁର ନଆଳ
୯୪୩୯୪୩୩୩୩୭

ISSN NO.
2582-208X

# ସ୍ୱାଧୀନତାର ଦିବସ



କାଳପ୍ରସାଦ ମହାପାତ୍ର

୭୬ତମ ସ୍ୱାଧୀନତାର ଦିବସ
ପାଳନ କରଇ ଆମର ଦେଶ।।

ଆନନ୍ଦ ମନରେ ପତାକା ତଳେ
ଏକାଠି ହୋଇବା ଆମେ ସକଳେ।।

ଜାତୀୟ ସଂଗୀତ ଗାନ କରିବା
ଭାରତ ମାଆର ପୂଜା କରିବା।।

ବନ୍ଦେ ମାତରମ ଗୀତ ଗାଇବା
ଗାନ୍ଧୀଙ୍କର କଥା ମନେ ରଖିବା।।

ସ୍ୱାଧୀନତା ପାଇଁ ରକ୍ତ ମାଗିଲେ
ସୁଭାଷ ବୋଷ ଅମର ହେଲେ।।

ସ୍ୱାଧୀନତା ଆମ ଜନ୍ମସିଦ୍ଧ ଅଧିକାର
କହି ଯାଇଛନ୍ତି ବାଲ୍ ଗଂଗାଧର ।।

ଗାନ୍ଧିଜୀଙ୍କର ସେ ଅହିଂସାର ନୀତି
ଥରାଇ ଦେଲା ତ ଇଂରେଜଙ୍କ ଛାତି।।

ISSN NO.
2582-208X

ଭଗତ ସିଂହଙ୍କ ଆନ୍ଦୋଳନ  ପାଇଁ
ବିଦେଶୀ ଶାସକ ଭଲରେ ଥରଇ ।।

ପାଇକ ବିଦ୍ରୋହ ଓଡ଼ିଶା  ମାଟିର
ପ୍ରଥମ ସଂଗ୍ରାମ ସେ  ସ୍ୱାଧୀନତାର ।।

ଉଣଇଶ ଶହ ସତଚାଳିଶ ମସିହା
ଅଗଷ୍ଟ ପନ୍ଦର ତାରିଖ ଦିନ ତାହା।।

ସ୍ୱାଧୀନ ହୋଇଲା ଭାରତ ଆମର
ଛାଡି ପଳାଇଲା ଇଂରେଜ ସରକାର।।

ଜାତୀୟତାବୋଧର ଭାବନାକୁ ନେଇ
ଉଡାଇବା ଘରେଘର ପତାକା ଭାଇ।।

ଭାରତ ମାଆର ଆମେତ ସନ୍ତାନ
ଜୀବନ ଦେଇଣ ରଖିବା ସମ୍ମାନ। ।

ଶିକ୍ଷକ, ବନ୍ଧୁଗାଁ,
କୋରାପୁଟ

ISSN NO.
2582-208X

# ଛୋଟ ମୋର ନାଆଟି

(ଧାରାବାହିକ)



ପ୍ରଫେସର ଅନତା ପଣ୍ଡା

## ୩୧. ଚମତ୍କାର ସ୍ୱପ୍ନ ନୁହେଁ ତ

ସ୍ୱପ୍ନ ନୁହେଁ ତ? ସ୍ୱପ୍ନ କହିବି ନା ଜାଗରଣ... ଉପଲବ୍ଧି କହିବି ନା ଅନୁଭୂତି...

କହନ୍ତୁ ଜଗନ୍ନାଥଙ୍କର ଡ଼ୋରି ନ ଲାଗିଲେ କଏ ବା ତାଙ୍କ ଦର୍ଶନ ପାଇଁ ଯାଇପାରେ!! ଏଇ ଡ଼ୋରିଟି କ'ଣ ମୋ' ପାଇଁ ପ୍ରତୀକ୍ଷା କରିଥିଲା... ମୁଁ ବି କ'ଣ ଏଇ ଡ଼ୋରିଟିର ପ୍ରତୀକ୍ଷାରେ ଥିଲି । ପ୍ରତ୍ୟକ୍ଷରେ ତ ନଷ୍ଟୟ ନୁହେଁ । ମନ୍ଦିର ସଦୃଶ ଏଇ ସଂସ୍ଥାଟିରେ ମୋ'ର ଜୀବନଟି କେଡ଼େ ସୁରୁଖୁରିରେ ବିତିଯାଇଛି । ତା'ର ଅର୍ଥ ନୁହେଁ କି ଚଲାପଥରେ ମୋ'ର ଝଡ଼ ଝଞ୍ଜା ଆସିନି... ଆସିଛି... ଖୁବ୍ ବେଶୀ ମାତ୍ରାରେ । କିନ୍ତୁ ସେଇ ଝଡ଼ ବତାଶକୁ ସୁଦର୍ଶନ ଚକ୍ରରେ ଆଢୁଆଳ କରିଦେଇ ସେଇ ଜଗନ୍ନାଥ ମତେ ବହୁ କିଛିର ଅଧିକାରୀ ହେବାର ସୌଭାଗ୍ୟ ଦେଇଛନ୍ତି । ଯାହା ଜଣେ ସାଧାରଣ ମଣିଷ ପାଇଁ ନିହାତି କଷ୍ଟଦାୟକ । ଗୋଟିଏ ନାରୀ ପାଇଁ ତ ସଂପୂର୍ଣ୍ଣ ଭାବେ ଅସମ୍ଭବ । ତେବେ ସେଇ ପ୍ରଭୁଙ୍କ ପାଦତଳେ ମୁଣ୍ଡ ରଖି ମୋ'ର କହିବା ଉଚିତ୍ ଯେ "ମୁଁ ତୁମପାଖେ ଜନ୍ମ ଜନ୍ମାନ୍ତରେ ଋଣୀ ପ୍ରଭୁ ତୁମଠାରେ କୃତଜ୍ଞତା ଜ୍ଞାପନ କରିବି କିମ୍ବା ଧନ୍ୟବାଦ...

ତାହା ଚିନ୍ତା କରିବା ମୋ' ଭାବନାର ବର୍ହିଗତ । ମାତ୍ର ଏତିକି ଦୃଢ଼ ଭାବେ କହିପାରେ ଏଇ ମନ୍ଦିରରୁ ବିରତି ନେଇ ତୋ ମନ୍ଦିରରେ ପ୍ରଥମେ ପ୍ରବେଶ କରିବା ମୋ'ର କର୍ତ୍ତବ୍ୟ । କର୍ତ୍ତବ୍ୟ କହି ମୁଁ ଭୁଲ୍ କରୁନି ପ୍ରଭୁ । କାରଣ ଏଇ କର୍ତ୍ତବ୍ୟପରାୟଣତା ତ ତୁ ମତେ ଶିଖାଇଛୁ । ହେଲେ ଅବସର ଜୀବନ ଅତିବାହିତ କରିବା ପାଇଁ ବାସ ଖଣ୍ଡିକର ଯଥୋଚିତ ବ୍ୟବସ୍ଥା ହୋଇ ପାରିନି । ତେଣୁ କାଲିଠୁ ମତେ ସେଇ କାମରେ ହିଁ ଲାଗିବାକୁ ହେବ ।

ISSN NO.
2582-208X

ସେଦିନ ୩୧ ତାରିଖ । ତିରିଶ ତାରିଖ ପୂର୍ବରୁ ଅଫିସ୍‌ର ଟେବୁଲ୍, ଚେୟାର, ସୋଫା, କପ୍‌ବୋର୍ଡ଼ ଇତ୍ୟାଦି ଇତ୍ୟାଦି ସମସ୍ତ ନିଜୀ ଅଧିକାର ଯୁକ୍ତ ଅଫିସିଆଲ୍ ବସ୍ତୁ ଗୁଡ଼ିକୁ ମୁଁ ଖାଲି କରି ଦେଇଥିଲି । ସକାଳ ସାଢ଼େ ସାତଟାରେ ଅଫିସ୍‌ରେ ପହଞ୍ଚିବା ମୋ'ର ନିତି ଦିନିଆଅଭ୍ୟାସ । ତା'ର ମଧ୍ୟ ବ୍ୟତିକ୍ରମ ହେବାକୁ ଦେଇନଥିଲା । ବ୍ୟାଗ୍ ଖଣ୍ଡକ ଉଠାଇବା ବେଳକୁ ପୁଅ ଥଟ୍ଟା କରି କହିଥିଲା, "କାଲି ସକାଳ ସାତଟାରେ ଯିବ ମା'?" ମୁଁ କିଛି କହିବା ପୂର୍ବରୁ ଜଣେ ବୟୋଜ୍ୟୋଷ୍ଠା ତାକୁ ଚୁପ୍ ରହିବାକୁ କହିଲେ । ଅଳ୍ପ ହସି କହିଲି ସେ ଠିକ୍ ପ୍ରଶ୍ନ ପଚାରିଛି ଅସୀମା । ତୁମେ ମଧ୍ୟ ତାକୁ ବାରଣ କରି ତୁମର କର୍ତ୍ତବ୍ୟ କରିଛ, ମାତ୍ର ତୁମେ ଭଲ କରି ଜାଣିଛ, ମୁଁ କେବଳ ତା'ର ମା' ନୁହେଁ, ବାପା, ଭାଇ, ଭଉଣୀ ବନ୍ଧୁ ସବୁ କିଛି । ତେଣୁ ସେ କେତେବେଳେ କେଉଁ ସ୍ଥାନରେ ରହି ମୋ' ସଂଗେ କଥା କହେ ମୁଁ ତା' କଥାରୁ ଜାଣିପାରେ । ମୋ' ଆଡ଼କୁ ଚାହିଁ ଅସୀମା ଆଖିରୁ ଗଡ଼ି ଯାଉଥିଲା ସୀମାହୀନ ଅଶ୍ରୁ । ଗେଟ୍ ବନ୍ଦ କଲା ବେଳକୁ ପଛରୁ ଆଉଥରେ ପୁଅର କଣ୍ଠସ୍ୱର ଶୁଣାଗଲା । ଗାଡ଼ି ନେବନି । ସଂଧ୍ୟା ବେଳକୁ ଏସ୍.ଏକ୍ସ ଫୋର୍ ନେଇ ପହଞ୍ଚିବି। ତୁମ ଗାଡ଼ିରେ ସବୁ ଫୁଲଗୁଡ଼ା ଆସିପାରିବନି ।

ଅଫିସ୍ ଖାଲି । ଆଜି ରାଉଣ୍ଡ ଡ଼େ । ତେଣୁ ପିଲାମାନେ ମଧ୍ୟ ୮.୩୦ଟା ପୂର୍ବରୁ ୱାର୍ଡ଼ ଆସିବେନି । ବାଧ୍ୟତଃ ଏଇଠି ହାତଗୋଡ଼ ଯୋଡ଼ି ବସିବାକୁ ପଡ଼ିବ । ଗତକାଲି ଅପରେସନ୍ କରିଥିବା ରୋଗୀମାନଙ୍କର ଅନୁଚର ମାନେ ଆସି କାଲିଠାରୁ କାହା ସଂଗେ ସଂପର୍କ କରିବେ ତାହା ବୁଝି ନେଇଥିଲେ । ବସି ବସି ବିରକ୍ତ ହୋଇ ମୋବାଇଲ୍ ଫୋନ୍ ଉଠାଇଲି । ହେଲେ ବେକାରରେ ଫୋନ୍ କରି କାହାକୁ ବିକ୍ଷୁବ୍ଧ କରିବା ମୋ' ନୀତି ବାହାରେ ତାହା ପୁଣି ଏତେ ସକାଳୁ । ତେବେ କ'ଣ କରାଯାଇ ପାରେ! କମ୍ପ୍ୟୁଟର ଖୋଲିଲି ଠକ୍ କରି ଶବ୍ଦଟାଏ ଶୁଣାଗଲା । ମନରେ ଛନକା ପଶିଲା । ବହି, ଫାଇଲ୍ ଆଦି ଖାଲି କରିବା ସମୟରେ ରମେଶର ହାତ ଅଜାଣତରେ ପଛରେ ଥିବା ତାର ଗୁଡ଼ିକରେ ବିଶୃଙ୍ଖଳା ଆଣି ଦେଇନି ତ! ସରକାରୀ କାନୁନ୍ କାୟଦା ହିସାବରେ ମତେ ଅର୍ଥଦଣ୍ଡ ଦେବାକୁ ପଡ଼ିବନି ତ!! ଅତି ସନ୍ତର୍ପଣରେ ନିରୀକ୍ଷଣ କଲି । ଏକ ଇଞ୍ଚ ଡାଇମିଟରର ପତଳା ଟିଣ ଖଣ୍ଡିଏ କେଉଁଠୁ ଖସି ଆସିଛି । ନିଶ୍ଚିତ ଭାବେ ଅର୍ଥଦଣ୍ଡ ଭରିବାକୁ ହେବ । ମଣିଷ ମହର୍ଗରୁ ଯାଇ କାନ୍ତାରରେ ପଡ଼ିଲା । ଟିଣ ଖଣ୍ଡିକୁ ଅତି ସନ୍ତର୍ପଣରେ ଉଠାଇଲି । ଅବର୍ଣ୍ଣନୀୟ କାରୁକାର୍ଯ୍ୟ । ଖୁବ୍ ପୁରୁଣା ହୋଇ ଯାଇଥିବାରୁ ଠିକ୍‌ରେ କିଛି ଜାଣି ହେଉନି ।

ISSN NO.
2582-208X

ମାତ୍ର ସେଇ କାଳିଆର ଚକାଡ଼ୋଳା ଦୁଇଟି ସ୍ୱଷ୍ଟ । ମୁଣ୍ଡରେ ଲଗାଇ ନୀରବରେ ବସି ରହିଲି । ଏଇ କାଳିଆ... ଯାହାର ଅପୂର୍ବ ଶକ୍ତି ମତେ ଦୀର୍ଘ ଚାଳିଶ ବର୍ଷ ଧରି କାର୍ଯ୍ୟ କ୍ଷେତ୍ରରେ ଅସୀମ ଶକ୍ତି ପ୍ରଦାନ କରି ଆସିଛି । ଏଇ ମହାପ୍ରଭୁର କରୁଣା ମତେ ଏତେଟା ଲୋକପ୍ରିୟ କରାଇ ପାରିଛି । ଚାଳିଶ ବର୍ଷର ରହଣୀ ଚାଳିଶ ମାସ ନୁହେଁ ଚାଳିଶ ଦିନ ଭଳି ସୁରୁଖୁରିରେ ବିତି ଯାଇଛି । ନାଁ, ସେ ଘର ତିଆରି କାମ ପଛରେ ରହୁ । ମୁଁ ପ୍ରଥମ ସେଇ ମହାପ୍ରଭୁଙ୍କୁ ଦର୍ଶନ କରିବି । କମ୍ପ୍ୟୁଟର ଖୋଲି କି-ବୋର୍ଡ଼ ଉପରେ ହାତ ଚଳାଇଲି। ପୁରୀ ଯିବାପାଇଁ କୌଣସି ଟ୍ରେନ୍‌ରେ ଦେଢ଼ମାସ ପାଇଁ ଟିକେଟ୍ ନାହିଁ । ମେକ୍ ମାଇ ଟ୍ରିପ୍ ସାଇଟ୍‌କୁ ଯାଇ ଏୟାର ଟିକେଟ୍‌ର ସନ୍ଧାନ କଲି । ଯିବା ଆସିବା ପ୍ରାୟ ଚାଳିଶ ହଜାର ପାଖାପାଖି । ହାତ ଘଡ଼ିକୁ ଚାହିଁଲି । ଆଠଟା ବାଜି କୋଡ଼ିଏ ମିନିଟ୍ । ରେଲ୍‌ୱେ ରିଜରଭେସନ୍ କାଉଣ୍ଟର ଖୋଲି ଯାଇଥିବ । ଯାଇ ଥରେ ଚେଷ୍ଟା କରେ । ଯଦି ଗୋଟାଏ ଟିକେଟ୍ ମିଳିଯାଏ! ମତେ ଅସମୟରେ ଦେଖି କର୍ମଚାରୀ ମାନେ ତତ୍ପର ହୋଇ ଉଠିଲେ । ପୁରୁଷୋତ୍ତମ(ବୟୋଜ୍ୟେଷ୍ଠ) କର୍ମଚାରୀ କହିଲେ ଶୀତଳ ମାଡ଼ାମ୍ ଦଶଟା ପରେ ଆସିବେ। କିଛି ଜରୁରୀ କାମ ଥିଲା ?

ହଁ, ପୁରୀ କିମ୍ବା ଭୁବନେଶ୍ୱର ପାଇଁ ଆଜି ସଂଧ୍ୟା ୫ଟା ପରେ ମୋ'ର ଗୋଟିଏ ଟିକେଟ୍ ଦରକାର ।

ଆଜି ? ଆଚ୍ଛା ଠିକ୍ ଅଛି, ଯାତ୍ରୀର ବିଶେଷ ବିବରଣୀ ଦିଅନ୍ତୁ ।

"ମୋ' ପାଇଁ ।"

"ଆପଣଙ୍କ ପାଇଁ?" ଆଶ୍ଚର୍ଯ୍ୟରେ ମୋ' ମୁହଁକୁ ଚାହିଁଲା ପୁରୁଷୋତ୍ତମ । ତା'ର କାରଣ ହେଲା ସେ ଭଲ କରି ଜାଣେ ମୁଁ "ସବୁବେଳେ" ଟ୍ରେନ୍ ଜର୍ଣ୍ଣି ଆଭଏଡ୍ କରେ ।

"ଘରେ ସମସ୍ତେ ଠିକ୍ ତ ମାଡ଼ାମ୍!" ଅପେକ୍ଷାକୃତ ସହଜ କଣ୍ଠରେ କହି କମ୍ପ୍ୟୁଟର ଆଡ଼େ ଦୃଷ୍ଟି ନିବିଦ୍ଧ କଲା । ପୁରୁଷୋତ୍ତମ ଏକ୍ସପ୍ରେସ୍‌ରେ ଲେଡ଼ିଜ୍ କୋଟାରେ ସେକେଣ୍ଡ କ୍ଲାସ୍‌ରେ ଗୋଟିଏ ସିଟ୍ ଖାଲି ଅଛି ।

ISSN NO.
2582-208X

କ'ଣ ପାଇଁ କେଜାଣି ଆଖିରେ ଲୁହ ଜମିଗଲା । ଦିଲ୍ଲୀରୁ ପୁରୀ ଦ୍ୱିତୀୟ ଶ୍ରେଣୀରେ । ଯେଉଁଥିରେ ଯୁବାବସ୍ଥାରେ ବି ମୁଁ ଯାତ୍ରା କରି ପାରେ । ସବୁ ପ୍ରଭୁଙ୍କ ଇଚ୍ଛା । ପର୍ସ ଖୋଲି ପଇସା ବାହାର କରୁଥିଲି । ନରୋତ୍ତମ କହି ଉଠିଲା ବରିଷ୍ଠ ନାଗରିକଙ୍କର କୋଟାରେ ଦ୍ୱିତୀୟ ବାତାନୁକୁଳ ବଗିରେ ଗୋଟିଏ ସିଟ୍ ମିଳିପାରେ । ଆସିବା ପାଇଁ ତତ୍କାଳରେ ମଧ୍ୟ ମିଳିଯିବ । ଖୁସିରେ ଆପ୍ୟାୟିତା ହୋଇ ଉଠିଲି । ଟିକେଟ୍ ନେଇ ଅଫିସ୍‌ରେ ପହଞ୍ଚିବା ବେଳକୁ ଭିଡ଼ ଜମି ଯାଇଥିଲା । ଅବସର ଗ୍ରହଣ କରିବା ଦିନ ସେଇ ଗତାନୁଗତିକ ପ୍ରଥା... ଯାହା ବର୍ଷ ବର୍ଷ ଧରି ଚଳି ଆସିଛି । ଭାଷଣ ମାନଙ୍କର ସାରାଂଶ କର୍ମଚାରୀଟି ବଡ଼ ଦୟାଳୁ । ଖୁବ୍ ଭଲ ମଣିଷ, କର୍ମ ନିଷ୍ଠ, କେତେକ କ୍ଷେତ୍ରରେ ଅପାର ଜ୍ଞାନୀ ମଧ୍ୟ । କର୍ମ କ୍ଷେତ୍ରରେ କେତେଟା ଅବାଞ୍ଛନୀୟ ସଂଘର୍ଷ କରିବାକୁ ପଡୁଥିଲା । ଆହୁରି ଚମତ୍କାର ବିଷୟ ଯେ କର୍ମଚାରୀଟି ମଧ୍ୟ ସବୁ କିଛି ଅଘଟଣ ଉପରେ ଗୋଟିଏ ପରଦା ବିଛାଇ ଦେଇ ସେମିତି କିଛି ବ୍ୟକ୍ତ କରି ଉପର ଠାଉରିଆ ଧନ୍ୟବାଦ ଦେଇଥାଏ । ମାତ୍ର କାହିଁକି? ନିଜ ହିତରେ ନହେଲେ ମଧ୍ୟ ଭବିଷ୍ୟତ ପିଢ଼ୀ ପାଇଁ ସେ ତ ପ୍ରକାଶ କରି ପାର । "ବିନତି କରୁଛି, ମୋ' ପାଇଁ ଯେଉଁ ଦୁର୍ଦ୍ଦଶା ଆଣିଥିଲ, ଆସନ୍ତା ପିଢ଼ୀ ପାଇଁ ପୁନରାବୃତ୍ତି ନ କରିବା ପାଇଁ ଶପଥ ନିଅ ।"

ମୋ' ପାଇଁ ଦିନରେ କ'ଣ ସବୁ କହିବାର ଯୋଜନା ଥିଲା । ତାହା ତ ମୁଁ କହିପାରିବିନି, କାରଣ ହେଲା ଚିରାଚରିତ ପରମ୍ପରା ପୁନରାବୃତ୍ତି କରିପାରିବି ନାଁ ଅପ୍ରିୟ ସତ୍ୟ କହି କାହା ମନରେ ଆଘାତ ଦେବି । ତେଣୁ ବିଭିନ୍ନ ବିଭାଗରୁ ସାତଗୋଟି କାର୍ଯ୍ୟକ୍ରମ ଯୋଜନା ଥିଲେ ମଧ୍ୟ ମୁଁ ସମସ୍ତଙ୍କ ଠାରୁ ହାତଯୋଡ଼ି କ୍ଷମା ପ୍ରାର୍ଥନା କରିଥିଲି । ହେଲେ ପରିଶେଷରେ ମତେ ସେମାନଙ୍କ ନିକଟରେ ହାର ମାନିବାକୁ ପଡ଼ିଥିଲା । ବହୁ ଭାଷଣ ପରେ ଜଣେ କେହି ସ୍ୱର ଉତ୍ତୋଳନ କରିଥିଲେ, ଜଣକ ପ୍ରଗତି ପଥରେ ବ୍ୟାଘାତ ସୃଷ୍ଟି କରାଇଥିବା ମଣିଷ କ'ଣ ସତରେ ସୁଖୀ??? ଈଶ୍ୱର ଦତ୍ତ ଶକ୍ତି ଯୋଗୁ ମାଡ଼ାମ୍ ବହୁ ଝଡ଼କୁ ଖୁବ୍ ଖୁସିରେ ପାର କରିଯାଇଛନ୍ତି । ତାଙ୍କର ଏଇ ଗୁଣଟି ଶିକ୍ଷଣୀୟ... ମଣିଷ ଜୀବନରେ ଦୁଃଖ ବହୁପ୍ରକାରରେ ଆସିଥାଏ, ମାତ୍ର ତାଙ୍କ କହିବା ଅନୁସାରେ ଆମେ ଯଦି ଦୁଃଖ କୁ ଦୁଃଖ ବୋଲି ଧରିନେବା ତେବେ ଆମେ ପରାଜିତ । ତେଣୁ ଦୁଃଖେଷ୍ୱ ନୁହବିଗ୍ନମନାଃ ସୁଖେଷ୍ୱ ବୀଗତ ସ୍ପୃହା ତାଙ୍କର ଏଇ ଫିଲୋସୋଫୀଟି ତାଙ୍କୁ ଅହରହ ଖୁସି ରଖିଛି । ଏଇ ବିଷୟଟି ନିଶ୍ଚିନ୍ତ ଭାବରେ ଶିକ୍ଷଣୀୟ ।

---

ISSN NO.
2582-208X

ହଠାତ୍ କାହାର କଣ୍ଠସ୍ୱରରେ ମୁଁ ଚମକି ଚାହିଁଲି । ସାମ୍ନାରେ ଜଣେ ନନା...

ମତେ କିଛି କହିଲେ ନନା ?

ମୁଁ ନନା ନୁହେଁ, ପିତୃ ସଦୃଶ ।

ଠିକ୍ ଅଛି, କ'ଣ କୁହନ୍ତୁ । ମୁଁ ଦର୍ଶନ କରି ସାରିଛି । ଟିକିଏ ବିରକ୍ତି ପ୍ରକାଶ କରି କହିଲି। ଆସନ୍ତା ରଥଯାତ୍ରାରେ ଆସିବାକୁ ଚାହୁଁଛ, ମାତ୍ର ଭିଡ଼କୁ ଡରି ଆସିବାକୁ ସାହସ କରୁନାହଁ । ମା'ର କର୍ତ୍ତବ୍ୟ ପିଲା ପାଇଁ ସ୍ନେହ, ଶ୍ରଦ୍ଧା ବିତରଣ ଆଉ ବାପାର କର୍ତ୍ତବ୍ୟ ପିଲାର ସୁରକ୍ଷା। ହଠାତ୍ ୧୯୭୨ ମସିହାକୁ ଫେରିଗଲି । ଓଡ଼ିଶାରେ ବାପାଙ୍କର ବିୟୋଗ ହୋଇଥିଲା । ମୁଁ ସେତେବେଳେ ଭେଲୋର୍‌ରେ ହାଉସ୍ ଜବ୍ କରୁଥିଲି । ବାପାଙ୍କୁ ଥରେ ମୃତ୍ୟୁ ମୁଖରୁ ଫେରାଇ ଆଣିବାରେ ସକ୍ଷମ ହୋଇଥିଲେ ମଧ୍ୟ ଦ୍ୱିତୀୟ ଥର ତାଙ୍କଠାରୁ ବହୁ ଦୂରରେ ଥିଲେ କହନ୍ତି ମଣିଷଟିର ମୃତ୍ୟୁ ପରେ ତା'ର ପୁନର୍ଜନ୍ମ ହୁଏ । ପୁନର୍ଜନ୍ମରେ ବିଶ୍ୱାସ ନ କରୁଥିଲେ ମଧ୍ୟ ସେଇ ସମୟରେ ୪୦ ବର୍ଷ ତଳକୁ ଓହ୍ଲାଇ ପଡ଼ିଲି । ହଠାତ୍ ମନେ ହେଲା ମତେ ଯେମିତି ମୋ' ସାମ୍ନାରେ ଛିଡ଼ା ହୋଇଥିବା ମଣିଷଟି ମୋ' ବାପାଙ୍କର ଅବିକଳ ପ୍ରତବିମ୍ବ । ଚିନ୍ତା ରାଜ୍ୟରେ ଭାସିଗଲି । ୧୯୭୧ ମସିହା ଅକ୍ଟୋବର ମାସ । ବାପା କହୁଥିଲେ "ଶେଷରେ ଏଇ ସିଦ୍ଧାନ୍ତ ନେଲୁ । ଜନ୍ମମାଟି ତ୍ୟାଗ କରି ଅନ୍ୟର ସେବା କରିବୁ" ।

"ମୁଁ ଆପଣଙ୍କୁ କଥା ଦେଉଛି ବାପା ମୃତ୍ୟୁ ପୂର୍ବରୁ, ହେଲେ ମଧ୍ୟ ମୁଁ ନିଶ୍ଚିନ୍ତ ଭାବେ ଜନ୍ମମାଟିର ସେବା କରିବି । ବର୍ତ୍ତମାନର ଲକ୍ଷ୍ୟ ଭିନ୍ନ । ମତେ ଆଶୀର୍ବାଦ ଦିଅନ୍ତୁ ।"

ଓଡିଶାମାଟିତ୍ୟାଗ କରି ଭେଲୋର ଅଭିମୁଖେ ଚାଲିଥିଲି । ଆସିବାର ଇଚ୍ଛା ମନରେ ଜାଗିଛି ମାନେ ତାକୁ ମନରେ ମାରି ଦିଅନା । ପ୍ରଭୁଙ୍କ ଇଚ୍ଛା । ସେଇ ଦିନଟି ତୁମପାଇଁ ମଧ୍ୟ ଖାସ୍ ମା' ।
ମୋ' ପାଇଁ ମହତ୍ୱପୂର୍ଣ୍ଣ ??? କିଛି ନ ବୁଝିପାରି ଅବାକ୍ ହୋଇ ତାଙ୍କ ମୁହଁକୁ ଚାହିଁଲି ।

ISSN NO.
2582-208X

ଜଗା ତ ସେଇଦିନ ତୁମକୁ ତା' ଦୁନିଆକୁ ଆଣିଥିଲା । ଏଥର ସତକୁ ସତ ମୁଁ ସ୍ତମ୍ଭୀଭୂତ ହୋଇଗଲି । କାଳିଆ ଦୟାରୁ ମୁଁ କପାଳ ଦେଖି କିଛି କିଛି ପଢ଼ିପାରେ ।

ସାମ୍ନାରେ ଛିଡ଼ା ହୋଇଥିବା ପଣ୍ଡାଙ୍କ କଥାରେ ମୁଁ ନିଜକୁ ଟିକିଏ ସ୍ଥିର ମନେ କଲି । ବିଚଳିତ ମନ... କେତେବେଳେ କ'ଣ ଚିନ୍ତା କରିଯାଏ । କହିଲି, ରଥଯାତ୍ରା ଆସିବାକୁ ବହୁତ ଇଚ୍ଛା ହେଲେ... ଭିଡ କଥା ଭାବି ପଛଘୁଞ୍ଚା ଦେଉଛି ।

– ଆସ, ଚେଷ୍ଟା କରିବା । ବିନା ଚେଷ୍ଟାରେ ତ କିଛି ସମ୍ଭବ ହୋଇ ପାରେନା । ଆଜି ତୁମେ ଯୋଉ ଏତେ ବଡ଼ ପଦବୀ ଲାଭ କରିଛ କ'ଣ ବିନା ଚେଷ୍ଟାରେ ? ଯଦି ଭୋରୁ ଭୋରୁ ଆସି ଉତ୍ତର ଦ୍ୱାର ପାଖେ । ପହଞ୍ଚି ଯିବ, କିଛି ଗୋଟାଏ ବ୍ୟବସ୍ଥା କରିବା ।

ମୁଁ କଥା ଦେଇ କେବେ ଭାଙ୍ଗେନା । ତା'ଛଡ଼ା ଏବେ ମୋ'ର ମନେ ହେଉଛି ପ୍ରଭୁ ଜଗନ୍ନାଥ ଯେମିତି ମୋତେ ନିଜେ ଡାକୁଛନ୍ତି । ଭାଗ୍ୟରେ ଥିଲେ ନିଶ୍ଚୟ ଆସିବି ।

ଭକ୍ତକୁ ଭାବଗ୍ରାହୀ ମା'...

ମତେ ଚିହ୍ନି ପାରିବ ତ ନନା ?

ଠିକ୍ କହିଲ ମା'... କାନ୍ଧରେ ଝୁଲାଇଥିବା ବ୍ୟାଗ୍‌ରୁ ଗୋଟିଏ ଛୋଟ ପୁରୁଣା ଜଗନ୍ନାଥଙ୍କର ଟିଣ ଫଟୋ ବାହାର କରି ମୋ' ହାତକୁ ଦେଲେ । "ଏଇଟା ତୁମ ଶାଢ଼ୀ ଉପରେ ଚପେଇ ଦବ । ମୋ'ର ଚିହ୍ନିବାକୁ ଅସୁବିଧା ହେବନି ।"

ପୁଣିଥରେ ଆଶ୍ଚର୍ଯ୍ୟ ଜଗତରେ ଭାସିଗଲି । ଏଇ ଫଟୋଟା ତ ସେଦିନ ମତେ ଅଫିସ୍‌ରୁ ମିଳିଥିଲା ।

କ'ଣ ଏତେ ଭାବୁଚ ମା'?? ସବୁ ଫଟ ଗୁଡ଼ା ପୁରୁଣା ହେଇଗଲେ ଏଇମିତି ଦେଖାଯାଏ ।

ISSN NO.
2582-208X

ପୁଣି ଥରେ ସ୍ୱସ୍ତି ଅନୁଭବ କଲି । ସାଧାରଣତଃ ମୁଁ ପଣ୍ଡା ମାନଙ୍କ ହାତରେ ପଇସାଦ୍ଧରାଏନା – ତାହା ନିଜ ପାଖରେ ଅର୍ଥ ସ୍ତୀମିତ ବୋଲି କିମ୍ବା "ନୀତି" ତାହା କହିବା ପାଇଁ ମୁଁ ଅସମର୍ଥ । ମାତ୍ର ଆଜି ପାଇଁ ଏକ ବିଶେଷ କାରଣ ନିହିତ ଥିଲା । ତାହା ହେଲା ମୋ' ଅଜାଣତରେ ମୁଁ ତାଙ୍କୁ ମୋ'ର ବାପାଙ୍କ ସ୍ଥାନ ଦେଇସାରିଥିଲି । ବାପାଙ୍କର ସ୍ୱର୍ଗବାସ ୧୯୭୨ରେ ହୋଇଥିଲା । କେଉଁଠି ଜନ୍ମ ହୋଇଥିଲେ ତାଙ୍କୁ ମଧ୍ୟ ଏଇ ନନାଙ୍କ ବୟସ ହୋଇଥିବ ।

କ'ଣ ଏତେ ଭାବୁଚ ମା' । ଏଇଠି ଠିଆ ହେଇ ରଇଲେ ଗାଡ଼ି ଫେଲ୍ ହେଇଯିବ ଯେ!

ଗାଡ଼ି ? କୋଉ ଗାଡ଼ି ??

ଯୋଉ ଗାଡ଼ିରେ ଆଜି ତମ ବସାକୁ ଯିବ ।

ହେଲେ ତାହା ତୁମେ କେମିତି ଜାଣିଲ ନନା? ପୁଣି ଥରେ ଆଶ୍ଚର୍ଯ୍ୟର ଚରମ ସୀମାରେ ପହଞ୍ଚି ଗଲି ।

ପାଶୁରି ଦେଉଚ ? ଏଇଲେ ତ ଯିବା କଥା କୋହୁଥିଲ ।

ମନେ ମନେ ବହୁ ଶଙ୍କି ଗଲି । ଏଇ ନନା ବେଶରେ କେଉଁ ଗୁଣୀ ଗାରେଡ଼ୀ ବାଲା ଆସିନି ତ । ଯେତେ ଶୀଘ୍ର ଏଠାରୁ ଚାଲିଗଲେ ମୁକ୍ତି । ମୁହଁ ବୁଲାଇଲି ।

"ଆସନ୍ତା ବରଷ ରଥଯାତ୍ରା ଆଉ ମାସ କେଇଟା ରହିଲା । ଘର ତିଆରି ଜଂଜାଳରେ ରହିଯିବ ଯଦି ଆସିବ କେମିତି ? ତେଣୁ ଯେତେ ଶୀଘ୍ର ସେ କାମଟା ଶେଷ କରିଦିଅ ।"

ପୁଣି ଥରେ ଫେରି ଚାହିଁ ଆଶ୍ଚର୍ଯ୍ୟରେ ପଚାରିଲି "ଘର ତିଆରି କରୁଛି ବୋଲି ତ ମୁଁ ତୁମକୁ କହିନି ।"

ISSN NO.
2582-208X

ନାଁ ମା', କହିନ ଯେ, ହେଲେ କହିଲ ଏବେ ଚାକିରୀରୁ ଅବସର ନେଇଚ । ଚାକିରୀରେ ଥିବା ବେଳେ ସରକାର ତମୁକୁ ରହିବାକୁ ଘର ଦେଇଥିବ । ଏବେ ତ ତାକୁ ଚାଡ଼ିବାକୁ ହେବ । ସଚ୍ଚୋଟ ସରକାରୀ ଚାକିରୀଆ ପାଖରେ ଏତେ ଟଙ୍କର ନଥାଏ । ଏବେ ଅବସର ସମୟରେ ଭଲ କରି ଗଣ୍ଡାଏ ପଇସା ମିଳିଯାଇଥିବ । ତେଣୁ ନିଜ ପାଇଁ କୁଡ଼ିଆ ଖଣ୍ଡେ ନିଶ୍ଚେ ତୋଳୋଉ ଥିବ ।

ଅଜାଣତରେ ମୋ' ପାଟିରୁ ବାହାରିଗଲା, "ସତ କହିଲ ନନା, ହେଲେ ଭଲ କଣ୍ଟ୍ରାକ୍ଟର ଖୋଜି ପାଉନି । ସ୍ତ୍ରୀ ଲୋକମାନଙ୍କୁ କଣ୍ଟ୍ରାକ୍ଟର ମାନେ ଲୁଟନ୍ତି ।"

ସବୁ ସେଇ କାଳିଆର ଲୀଳା । ମତେ ନାଗୁଚି ବସାରେ ପହଞ୍ଚୁ ପହଞ୍ଚୁ ତମୁକୁ କେହି ନା କେହି ମିଳିଯିବେ । ସାବଧାନରେ କାମ କରେଇ ନବ । କାମ ସରୁ ସରୁ ତା'ଠାରୁ ସଂପର୍କ କାଟି ଦବ । ଆଜିକାଲି ଦୁନିଆ ଖରାପ । ଆଜି ନ ହେଲେ କାଲି । କୋଉ ବାଟରେ ତୁମଠୁ ଖାଇଯିବେ, ଜାଣିବା ବେଳୁକୁ ନେଡ଼ି ଗୁଡ଼ କହୁଣୀକୁ ବୋହି ଯାଇଥିବ" କହି ନନା ଜଣକ ଦୂରକୁ ଚାଲିଗଲେ । ହୁଏତ ଅନ୍ୟ କେହି ଭକ୍ତ ଗୋଷ୍ଠୀଙ୍କ ସନ୍ଧାନରେ ।

ମନ୍ଦିରରୁ ଫେରି ହୋଟେଲ୍‌ରୁ ବ୍ୟାଗ୍ ଖଣ୍ଡକ ଉଠାଇ ଷ୍ଟେସନ ଅଭିମୁଖରେ ବାହାରିଲି । ରାତି ବହୁତ ହୋଇଯାଇଥିଲେ ମଧ୍ୟ ନିଦ ଆସୁ ନ ଥିଲା, ବାରଂବାର ସେଇ ନନାଙ୍କର ଚେହେରାଟି ଆଖି ଆଗରେ ନାଚି ଯାଉଥିଲା । ବିରକ୍ତିର ଚରମ ସୀମାରେ ପହଞ୍ଚି ଯାଇଥିଲି। କିଏ ଏଇ ଭଣ୍ଡ ନନା ଜଣକ । ପ୍ରଭୁଙ୍କ ଦର୍ଶନ କରି ଫେରିଛି । ତାଙ୍କର ଶ୍ରୀମୁଖ ଆଖି ଆଗରେ ଭାସି ଯାଉନି । ହେଲେ ଏଇ ଛଦ୍ମବେଶୀ ନନା...

ପୁରୀରୁ ଫେରି କେତେଦିନ ହୋଇଯାଉଥିଲା । ଘର ତିଆରି କଥା କିଛି ଆଗକୁ ବଢ଼ୁ ନଥିଲା । ପିଲାମାନଙ୍କର ନିଷ୍ପତ୍ତି, "ଚାକିରୀରେ ଥିବା ସମୟରେ ସମସ୍ତେ ଏଇ କାମଟିକୁ ଶେଷ କରିଥାନ୍ତି । ତୁମ ନୀତି ନିୟମ ଯୋଗୁ ଆମେ କାହିଁକି ଭୋଗିବୁ ? ଯେ ପର୍ଯ୍ୟନ୍ତ ଘର ତିଆରି ଶେଷ ହେବନି ଆମେ କ୍ୱାଟର୍ସରେ ରହିବୁ । ତିନି ମାସ ତ ରଖି ହେବ । ୟା' ଭିତରେ ପୁରୀ ବଡ଼ଦାଣ୍ଡରେ ଦେଖା ହୋଇଥିବା ନନା କଥା ମୁଁ ଭୁଲି ଯାଇଥିଲି । ହଠାତ୍

ISSN NO.
2582-208X

ମନେ ପଡ଼ିଗଲା "କାମ ସରୁ ସରୁ ତା'ଠାରୁ ସଂପର୍କ କାଟି ଦେବ ।" ମନକୁ ମନ ହସି ପକାଇଲି । ଆଗ କେହି ତ ମିଳିଯାଉ ।

ନମସ୍ତେ ମାଡ଼ାମ୍ - ମୋ' ନାଁ ସୁନୀଲ । ମୋ' ଘର ଓଡ଼ିଶାରେ, ବାପା ତିରିଶ ବର୍ଷ ହେଲା ଦିଲ୍ଲୀରେ ପ୍ଲମ୍ବର କାମ କରୁଛନ୍ତି । ଦଶ ବର୍ଷ ହେଲା ମୁଁ ଦିଲ୍ଲୀରେ କଣ୍ଟ୍ରାକ୍ଟରୀ କରୁଛି । ଆପଣ ଚାହିଁବେ ଯଦି ମୋ' କରିଥିବା କାମ ବର୍ତ୍ତମାନ ଆପଣଙ୍କୁ ଦେଖାଇ ଆଣିବି, ପସନ୍ଦ ହେଲେ ଆପଣଙ୍କ କାମଟା ମତେ ଦେବେ ।

ମୁଁ ଯାହା ଚାହେଁ ଖୁବ୍ ସ୍ୱତନ୍ତ୍ର ।

ଜାଣିଛି ମାଡ଼ାମ୍! ତା'ଛଡ଼ା ଆପଣ ଆର୍କିଟେକ୍ଟଚର୍‌ଙ୍କ ସାହାଯ୍ୟ ମଧ୍ୟ ନ ନେବା ପାଇଁ ନିଷ୍ପତି ନେଇଛନ୍ତି । ନିଜ ପ୍ଲାନ୍ ଅନୁସାରେ କରାଇବାକୁ ସ୍ଥିତ ପ୍ରଜ୍ଞ ।

ଠିକ୍ କହିଲ । ମୁଁ ସରକାରୀ ଚାକିରୀଆ ଥିଲି । ସଚ୍ଚୋଟ କର୍ମଚାରୀ । ତେଣୁ ବିଜିନେସ୍ ମ୍ୟାନ୍‌ମାନଙ୍କ ଭଳି କଳା ପଇସା ନାହିଁ ଯେ ଖୋଲା ହାତରେ ପଇସା ଫୋପାଡ଼ିବି । ତା'ଛଡ଼ା ନିଜ ପ୍ଲାନ୍ ଅନୁସାରେ କଲେ ନିଜ ଚଳିବାରେ ସୁବିଧା ହେବ । ଏଇ ଦେଖୁନ, ଠାକୁର ଘରଟିଏ ବାହାର କରିବା ପାଇଁ ମୋ' କଥାକୁ ସମସ୍ତେ ହସରେ ଉଡ଼ାଇ ଦେଲେ । ଆଚ୍ଛା ଛାଡ଼ ସେ ସବୁ । ଚାଲ ତୁମ କାମ ଦେଖି ଆସିବା" କହି ତା ଗାଡ଼ିରେ ବସିଲି ।

---

ଘର କାମ ଆରମ୍ଭ ହେଲା । ସୁନୀଲ୍ ସହିତ ରେଟ୍ ଗୁଡ଼ା ଠିକ୍ କରି ନେଲି । ତା'ଛଡ଼ା ସବୁକାମ ମୋ' ହିସାବରେ ହେବ । ଖରାଦିନ ପୂର୍ବରୁ ମୋ'ର ଫ୍ରି ହେବା ଦରକାର । ନାନୀ ମୋ' ପାଖେ ରହେ । ତେଣୁ ତା ରୁମ୍‌ଟାକୁ ପ୍ରଥମରୁ ଡିଷ୍ଟର୍ବ ନ କରିବାକୁ କହିଲି । ପୁରା ଘରଟା ଭିତରେ ସିମେଣ୍ଟ, ବାଲି, ଇଟା ଭର୍ତ୍ତୀ, ଦିନଯାକ ସେମାନଙ୍କ ପଛରେ ଲାଗି କାମ କରାଏ । ସେମାନେ ଯାଉ ଯାଉ ରାତି ସାଢ଼େ ଆଠଟା ହୋଇଯାଏ । କେଉଁଠି ଟିକିଏ ଜାଗାଟାକୁ ସଫା କରି ଟିକିଏ ଗଡ଼ି ପଡ଼ିବାକୁ ଚାହେଁ । ହେଲେ ଏତେ କ୍ଲାନ୍ତ ହୋଇଯାଇଥାଏ

ISSN NO.
2582-208X

ଯେ ସମ୍ଭବ ହୁଏନା । ଅଗଣାରେ ଦିୱାନ ଖଣ୍ଡକ ରଖା ଯାଇଥିଲା । ବାହାର ଗେଟ୍‌ରେ ତାଲା ଲଗାଇ ଦେଇ ବିମୁକ୍ତ ଆକାଶ ତଳେ ଗଡ଼ି ପଡ଼େ । ମଶା ଦାଉରୁ ରକ୍ଷା ପାଇବା ପାଇଁ ଗୋଡ଼ରୁ ମୁଣ୍ଡ ପର୍ଯ୍ୟନ୍ତ ଚଦର ଖଣ୍ଡେ ଘୋଡ଼ି ହୋଇପଡ଼େ । ତକିଆ ପାଖରେ ରଖିଥାଏ ସେଇ ଟିଣ ଫଟ ଖଣ୍ଡିକ । ୟା' ପଛରେ ବି ଦୁଇଟି କାରଣ ନିହିତ ରହିଥିଲା । ପ୍ରଥମଟି ହେଲା ତାଙ୍କଠାରୁ ସୁରକ୍ଷାର ଆଶା । ଦ୍ୱିତୀୟ କାରଣଟି ବଡ଼ ବିଷମ । ମୁଁ ଯଦି ମଶା ମାନଙ୍କ ସହ ସଂଘର୍ଷ କରି ଦାଣ୍ଡ ଅଗଣାରେ ଆକାଶର ତାରା ଗଣେ ସେ କାହିଁକି ଘର ଭିତରେ ଆରାମରେ ଘୁଙ୍ଗୁଡ଼ି ମାରି ଶୋଇବ ।

ବହୁ ପରିଶ୍ରମ ପରେ ନିଜ ମନ ମୁତାବକ ଘରଟିଏ ଗଢ଼ି ଉଠିଛି । ରଥଯାତ୍ରା ବହୁଦିନ ବାକୀ । ମଝିରେ ମଝିରେ କେତେଜଣ ବନ୍ଧୁଙ୍କ ରଥଯାତ୍ରାରେ ପୁରୀ ଯିବା ପାଇଁ ଅନୁରୋଧ କଲି, ମାତ୍ର ସେମିତି କେହି ଆଗ୍ରହ ଦେଖାଇଲେନି । ଏକା ଏକା ଯିବା ପାଇଁ ଟିକେଟ୍ ବୁକ୍ କଲି । ଭୋରୁ ଭୋରୁ ଅଟୋ ଖଣ୍ଡିଏ ଧରି ବଡ଼ଦାଣ୍ଡ ପାଖରେ ପହଞ୍ଚିଲି । ୧୯୫୮ ମସିହାର ରଥଯାତ୍ରା ଆଖି ଆଗରେ ନାଚି ଉଠୁଛି । ରାଜ ମହଲ ଉପରେ ଛୁଆନାନୀ, ନାନୀ ଏବଂ ଅନ୍ୟ କେତେ ଜଣ ସମବୟସ୍କାଙ୍କ ସଂଗେ କେଡ଼େ ଆନନ୍ଦରେ ପ୍ରଭୁଙ୍କ ଦର୍ଶନ କରିଥିଲି । କି ମନୋରମ ସେ ଦୃଶ୍ୟ! ରାଜା ଛେରା ପହଁରା ଲଗାଇଥିଲେ । କେଇଜଣ ପଣ୍ଡା ରଥ ଉପରେ ଛିଡ଼ା ହୋଇ ଅସଭ୍ୟ ଭାଷାରେ ପ୍ରଭୁଙ୍କ ଉପରେ ଆରୋପ ଲଗାଉଥିଲେ। ପରେ ପରେ ରଥଟଣା । ଆଉ କେତେଜଣ ପଣ୍ଡାମାନେ ମନ୍ତ୍ର ଜପ କରୁଥିଲେ, "ଆତ୍ମାନଂ ରଥିନାମ୍...ଗୁଣ୍ଡିଚା" । ଛୁଆନାନୀ ତା'ର ଅର୍ଥ ପଚାରିଥିଲା । କଥା ଦେଇଥିଲି "ମନ୍ତ୍ର ଗୁଡ଼ିକର ସଂପୂର୍ଣ୍ଣ ଅର୍ଥ ମୁଁ ପାଠ ପଢ଼ିଲା ପରେ ବୁଝାଇ ଦେବି ।" ମାତ୍ର ସେ ସୌଭାଗ୍ୟ ମୋ' ପାଇଁ ଆସି ନଥିଲା । ମୁଁ ମେଡ଼ିକାଲ୍ କଲେଜରେ ତୃତୀୟ ବର୍ଷର ଛାତ୍ରୀ ଥିବା ସମୟରେ ସେ ଆମମାନଙ୍କୁ ଛାଡ଼ି ବହୁ ଦୂରକୁ ଚାଲି ଯାଇଥିଲା । ବାସ୍ତବକୁ ଫେରିଲି । ବଡ଼ଦାଣ୍ଡରେ ସୋରିଷ ପକାଇବାକୁ ଜାଗା ନ ଥିଲା । ପୋଲିସ୍ କଟକଣା ସୂଚାରୁ ରୂପେ ହୋଇଥିଲେ ମଧ୍ୟ ଠେଲା ପେଲା ହୋଇ ଭକ୍ତମାନେ ଆଗକୁ ମାଡ଼ି ଚାଲିଥିଲେ । ହେଲେ ମୋ'ର ମନେ ହେଲା ମୁଁ ଧକ୍‌କା ଖାଇ ପଛକୁ ପଛକୁ ଆସୁଥିଲି । ଆଗକୁ ଚିନ୍ତା କରି ପାରୁ ନ ଥିଲି । ଦର୍ଶନ କରିବା ଭାଗ୍ୟରେ ଅଛି ତ? ଅଳ୍ପ ଦୂରରେ ବାଲ୍ୟ ସହପାଠୀ ଅଭୟଙ୍କର ପିତୃଗତ ଘର । ତାଙ୍କୁ ଅନୁରୋଧ କରିଥିଲେ ହୁଏତ ତାଙ୍କ ଛାତ ଉପରେ ବସି ଟିକିଏ ଦର୍ଶନ

ISSN NO.
2582-208X

କରିବାର ଭାଗ୍ୟ ମିଳି ପାରିଥାନ୍ତା । ନିଜ ଉପରେ ରାଗ ହେଲା । ପରେ ପରେ ପ୍ରଭୁଙ୍କ ଉପରେ । କାହିଁକି ସେ ଏଇ ଦାବୀ କରିବା ଗୁଣଟି ମତେ ଦେଇ ନାହାନ୍ତି । ଅନ୍ୟମାନେ କେତେ କ'ଣ ଦାବୀ କରି ନିଜକୁ ଉପକୃତ କରି ଥାଆନ୍ତି ।

ଛିଃ... ପୁଣି ନିଜକୁ ନିଜେ ଧିକ୍କାରିଲି । ଅନ୍ୟ ସହ ତୁଳନା କରିବା ଗୋଟିଏ ବଦ୍‌ଗୁଣ । ଆଜି ଭଳି ଏ ଶୁଭଦିନରେ ଏ ଖରାପ କଥାଟିକୁ ମନରେ ଆଣିବା ମଧ୍ୟ ଦୋଷାବହ । ସାମ୍ନାକୁ ଚାହିଁ ଦେଖିଲି । ଜଣେ ୪୦-୪୫ ବର୍ଷ ବୟସର ନନା । ହଠାତ୍ ମୋ'ର ଗତ ବର୍ଷ କଥା ମନେ ପଡ଼ିଲା । ୟାଙ୍କରି ଭଳି ନନା ଜଣେ ତ ମତେ ଆସିବାକୁ କହିଥିଲେ ଯାହା ଉପରେ ମୁଁ ଜମା ଗୁରୁତ୍ୱ ଦେଇ ନ ଥିଲି । କରୁଣ ଦୃଷ୍ଟିରେ ତାଙ୍କ ଆଡ଼କୁ ଚାହିଁ କହିଲି "ଦର୍ଶନ ହୋଇ ପାରିବ ?"

ଭାବକୁ ଭାବଗ୍ରାହୀ ମା'!

କ'ଣ କହିବାକୁ ଚାହୁଁଛ ମୁଁ ବୁଝିପାରୁନି । ମୁଁ ମନେ ମନେ ନେଇ ଯାଇଥିଲି ମୋ'ଠାରୁ ସେ ବହୁ ଅର୍ଥ ଦାବୀ କରିବେ ।

"ଏଇ ଚିହ୍ନଟ ପତ୍ରଟି ନିଆରା । ବଡ଼ବାବୁ ତୁମକୁ ଦବାକୁ କହିଛନ୍ତି ।" କହି ନନା ଜଣଙ୍କ ମୋ' ହାତକୁ ଫିତା ବନ୍ଧା କାର୍ଡ଼ଟିଏ ଦେଲେ । ବଡ଼ବାବୁଙ୍କ ପରିଚୟ ବିଷୟରେ ଇଚ୍ଛା ପ୍ରକାଶ ନ କରି ବହୁ ଆନନ୍ଦରେ ତାହା ବେକରେ ଗଳାଇ ଦେଲି । ସେ ପରିଚୟ ପତ୍ରରେ କ'ଣ ଥିଲା କେଜାଣି । ମୁଁ ଯେଉଁ ବାଟେ ଗଲେ ବି ଭକ୍ତମାନେ ମତେ ରାସ୍ତା ଛାଡ଼ି ଦେଉଥିଲେ । ପାଖକୁ ଚାହିଁଲି, ସେ ନନା ଜଣଙ୍କ କୁଆଡ଼େ ଚାଲି ଗଲେଣି ।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ISSN NO.
2582-208X

# ସାଇକେଲ୍



କଶୋର ମହାନ୍ତ

ତେଲ ଟିଣ ଭଙ୍ଗା ଢାବଲ
ପୁରୁଣା ଗୋଡ ନଥିବା
କାଠ ଚଉକୀ, ଛିଣ୍ଡା ଫିତା ଖଟିଆ
ପଡିଥିବା ଗୋଟିଏ କଣରେ
ଅଲୋଡା ହେଇ କେବେଠାରୁ
ରଂଗଛଡା ମୋ ପୁରୁଣା ସାଇକେଲ
ମୁହଁ ମାଡି ପଡିଛି, ଗୋଟିଏ
ରୋଗୀ ପରି, ଯେମିତି ଛଟପଟ
ହେଉଛି, ରୋଗ ଶଯ୍ୟାରେ.....
ଜାଡ, ବର୍ଷା, କାକର, ଖରାକୁ
ଖାତର ନକରି ପଡି ରହିଛି
ଖୋଲା ଛାତ ତଳେ....
କାକୁସ୍ଥ - ମୋ ପ୍ରିୟ ସାଇକେଲ
ମୁଁ ନିରବି ଯାଏ
ଟିକିଏ ହାଟ ମାରେ ତା ଦେହରେ
ଖୋଲା ପବନ ପାଉଛୁ ତୁ କ୍ଷତି କଣ ?
ତଥାପି ମୋ ମନ ଭିତରେ
ତା ଚକା ଦିଟା କେମିତି
ଘିରିଘିରି ହେଇ ବୁଲନ୍ତି
ଅତୀତ, ବର୍ତ୍ତମାନ, ଆଉ ଭବିଷ୍ୟତ
ଆସ୍ତେ ଆସ୍ତେ କେମିତି ବଦଳିଯାଏ

ISSN NO.
2582-208X

ଚେହେରା.....
ଲୋକଟାଏ ବି
ବଦଳିଯାଏ ଅଚାନକ
ଅକାମୀ ହେଇଯାଏ
ଅଲୋଡା ଅଦରକାରୀ
ମୋ ଆଖିରେ ଥିବା ମୋ ଚଷମା ପୋଛେ
ସାମାନ୍ୟ ସାଇକେଲଟା ପାଇଁ
ମୁଁ ବା ଅଧିକ କଣ କରିପାରେ ?
ହଡା ବଳଦ କୁ କଂସେଇକୁ ଦେଲାପରି
ମୋ ସାଇକେଲ କୁ କଣ ଟେକି ଦେବି
କଣ ସେ ମାତାଲ କବାଡିବାଲା ହାତରେ ?
କେତେଟା ସ୍ପୋକ ତାର ଭାଙ୍ଗି ଯାଇଛି
ଚକା ଦିଟା ଦବି ଗଲାଣି ଏହା ଭିତରେ
ଜଙ୍କ ଲାଗି ଗଲାଣି ରିମ୍ ରେ
ଖଣ୍ଡିଆ ମଡଗାର୍ଡ ରୁ ମୁଁ
ଅନୁଭବୀ ନେଇଛି ମୋ ସାଇକେଲ
କେତେ ପ୍ରିୟ ମୋର ସତରେ
କେହି ଦେଇ ଯାଇଥିଲା ବାଇବା ବାବା ମଠରୁ
ଇସ୍କନ ଟେମ୍ପଲ ଆଡେ
ଯେତେବେଳେ ନା ସେତେବେଳେ ନା ଖରା
ନା ବର୍ଷା ମାଗୁଥିଲା ସେ
ସ୍କୁଲ, ଅଫିସ, ବନ୍ଧୁଘର, ମେଳା, ଯାତ୍ରା, ସିନେମାଘର
ଆଜି କିନ୍ତୁ ମୋତେ ତାକୁ ଥରୁଟିଏ
ଛୁଇଁବାକୁ ଇଚ୍ଛା ହେଉନାହିଁ,
ମୁଁ ସତରେ ଦୋଷୀ
ତାକୁ ଅଲଗା କରି ଦେଇଛି ମୋଠାରୁ ଆଜି ଯାଏ ।
କେବେ କଣ ପଚାରିଛି ସେ

ISSN NO.
2582-208X

"ମତେ ଥରେ ତୋ ପାଖକୁ ନେଉନୁ ?"
ଧୂଳି ମଳି ଲାଗିଥିବା ମୋ ଦେହରେ
ହାତ ଟିକିଏ ବୁଲାଇ ନିନନ୍ତୁନି
କେତେ ଆନନ୍ଦ ଲାଗନ୍ତା,
ତୋ ମୋ ସଂପର୍କ ପୁଣି
ଯୋଡିହେଉ ଯାଆନ୍ତାନି !
ମୁଁ ପୁଣି ଚେଇଁ ଉଠନ୍ତି ଆଗପରି
ତୋତେ ସାରା ପୃଥିବୀଟା ବୁଲେଇଦିଅନ୍ତି ।
ମୂଷେଇ ପାନ ଦୋକାନ, ବୁଲା ଦର୍ଜି ଦୋକାନ
ଆଉ କେତେକଣ !
ମୁଁ ନିରବ, ନିରବ ଝଡ ମୋ
ଭିତରେ ଶବ୍ଦହୀନ ମୁଁ ବାଷ୍ପରୁଦ୍ଧ ।
ନିଜକୁ ପରଖି ଦେଇଛି ସାଇକେଲର
ମୋ ଦୁସ୍ଥ ଚେହେରା ଭିତରେ
ମୁଁ ଭିତରେ ଏ କି ପ୍ରବାହ ?
ସବୁଦିନ ସମାନ ରହେନା
କେତେବେଳେ କିଏ କବାଡିବାଲାର
ଅଧିକାରରେ ଆସେ
ପୁଣି କିଏ ଚାଲିଥାଏ ମଶାଣୀକୁ
ଆକାଶ କୁ ଚାହିଁଲି,
ଚାହିଁଲି ମୋ ପ୍ରିୟ ସାଇକେଲକୁ
ଦୀର୍ଘଶ୍ୱାସଟିଏ ମୋତେ ସ୍ଖଳିତ କଲା
ଚାହିଁଲି ନିଜକୁ ଆଉ ମୋ ସାଇକେଲ୍ କୁ
ବାରମ୍ବାର ଦେଖିଲି ଦେହରେ କେମିତି ଅଳନ୍ଧୁ ଲାଗିଗଲା ।

ସିଡିଏ, କଟକ
ମୋ: ୯୪୩୭୭୨୮୪୭୫

ISSN NO.
2582-208X

# ମେଘ ସବାରୀରେ ବରଷା ଆସିଛି



ପ୍ରଶାନ୍ତ କୁମାର ଦାଶ

ରାମ ସୀତା ହନୁ ଗୀତ ପଦେ ଗାଇ
ଚଷାକରେ ବିଲ ଚାଷ
ପଡିଆ ମଥାରେ କଅଁଳି ଉଠଇ
ମରିଯାଇଥିବା ଘାସ ।।

ଗାଆଁ ସହରର ଚାଳରୁ ଛାତରୁ
ଖସିପଡ଼ିଲାଣି ପାଣି
ପୋଖରୀ ହୁଡାରେ ଗୀତ ଗାଇ ନାଚି
ବେଙ୍ଗୁଲୀ ଦେଖାଏ ଠାଣି ।।

ବଣ ତୋଟା ହୁଙ୍କା ଦେହେ ବାଲିଛତୁ
ଫୁଟି ହୋଇଲାଣି ଭରା
ବରଷା ହେବାରୁ ମଳିଣ ପଡଇ
ଟାଆଁସିଆ ତାତି ଖରା ।।

ମେଘସବାରୀରେ ବରଷା ଆସଇ
ଘଡଘଡି ଡାକ ଦେଇ
ବରଷାରେ ଭିଜି ଅପା ଚାଲିଯାଏ
ଶାଶୂଘର ବିଦାହେଇ ।।

ISSN NO.
2582-208X

ବହି ବୋଝ ବୋହି ମୁଣ୍ଡେ ଛତା ଦେଇ
ପାଠ ପଢ଼ିଯାଏ କୁନା
ପଢ଼ାବେଳ ହେଲେ ସଜବାଜ ହୁଏ
ପାଠ ପଢ଼ିବାକୁ ମୁନା ।।

କଳାମେଘ ଘୋଟି ଅଜାଡି ଦିଅଇ
ଆକାଶ ବରଷା ପାଣି
ନାଆକୁ ଫିଟାଏ ନାଉରିଆ ଭାଇ
ନଇ ପୁରୀଯିବା ଜାଣି ।।

ନାଲିପାଟ ପିନ୍ଧି ସାଧବାଣୀ ବୋହୂ
ଘାସର ପିଠିରେ ଚାଲେ
ନିଆଁରେ ଦେଖାଇ ବୋଉ ତାର ହାତ
ସେକ ଦିଏ କୁନି ଗାଲେ ।।

ବରଷା ଦିଅଇ ଶୀତଳ ପରଶ
ମେଘସବାରୀରେ ଆସି
ପିଲାଙ୍କ ତିଆରି କାଗଜର ଡ଼ଙ୍ଗା
ଗାଆଁଦାଣ୍ଡେ ଯାଏ ଭାସି ।।

କୁଞ୍ଜର ସଙ୍ଗଳାଇ
ପିପିଲି ପୁରୀ
Mobile –9668822190

ସେପ୍ଟେମ୍ବର – ୨୦୨୨
www.vedantimagazine.com
ISSN NO.
2582-208X

# ବର୍ଷା ଆସିଛି....



ସାଇପ୍ରସାଦ ସାହୁ

ବର୍ଷା ତୁ ଆସୁଛୁ ବୋଲି
ଚାରିଆଡ଼େ ଆନନ୍ଦ
ଫୁଲେଇ ହେଉଛି ଧରା
ହସୁଛି ସେ ଟିକେ ମନ୍ଦ ମନ୍ଦ ।
କହୁନି  ସେ ମନ ଖୋଲି
ପରଶଟା ଏମିତି ବିଚିତ୍ର
ବୁକୁତଳେ ସାଇତିଛି
କେତେ ଆଶା ହତାଶାର ଚିତ୍ର ।
କାଠ ଲୁହା ଲଙ୍ଗଳର
ମୁନିଆ ତୀକ୍ଷ୍ଣ ଧାର ସ୍ପର୍ଶେ
ଉନ୍ମାଦନା ହୋଇଉଠେ
ଚଷାପୁଅ ଚାଷ ଭୂଇଁ କର୍ଷେ ।
ପଲ୍ଲବିତ ତରୁଲତା
ସେଥିପାଇଁ ଭାବ ବିହ୍ୱଳିତ
ଚାରିଆଡ଼େ ନିର୍ମଳ
ଶୁଣୁଛି ସେ କୋକିଳର ଗୀତ ।
ଦେହେ ତା ସବୁଜ ଶାଢ଼ୀ
ଆବରଣ ମନରେ  ମଉଜ
ପ୍ରକୃତିର ଗୀତ ଗାଇ ସତେ
ହେଉଛି କେତେ ସଜବାଜ ।

ସିନ୍ଧେକେଲ୍, ବଲାଙ୍ଗୀର

ISSN NO.
2582-208X

# ଶୁଣ ସରକାର !



ରାଧାମୋହନ ପୂଜାହାରୀ

କ'ଣ ବା କହିବି ସରକାର ତୁମ
ଓଡ଼ିଶା ଶାସନ ନୀତି !
ଅସହ୍ୟ ହେଉଛି ଦେଖି ଶୁଣି ତୁମ
ପୂର୍ବାଞ୍ଚଳ ପ୍ରିୟା-ପ୍ରୀତି । (୧)

ଉଚ୍ଚ ନ୍ୟାୟାଳୟ କଟକେ ରଖିଲ
ସବୁ ଓଡ଼ିଆଙ୍କ ପାଇଁ,
ଅଭାବେ ଥାଇ ବି ନ୍ୟାୟ ପାଇଁ ଲୋକେ
ଆସନ୍ତୁ ଏଠାକୁ ଧାଇଁ । (୨)

କୋରାପୁଟ କଳାହାଣ୍ଡି ବଲାଙ୍ଗୀର
ବଉଦ ସମ୍ବଲପୁର,
କଟକ ନଗରୁ ଏ ସବୁ ସହର
ଶହ ଶହ କୋଶ ଦୂର । (୩)

ପଶ୍ଚିମ ଓଡ଼ିଶା ଲୋକଙ୍କ ଦୁର୍ଦ୍ଦଶା
ନ କହିବା ଏଠି ଭଲ,
ନ୍ୟାୟ ପାଇଁ କଟକକୁ ଧାଇଁ-ଧାଇଁ
ହେଉଛନ୍ତୁ କଲବଲ । (୪)

କେବିକେର ଉନ୍ନୟନ ପରିଷଦ
ଗଢ଼ି ଦେଲ ଓଡ଼ିଶାରେ,
କିନ୍ତୁ ମୁଖ୍ୟାଳୟ ରଖିଲ ଆଣିକି
ରାଜଧାନୀ ଇଲାକାରେ । (୫)

ଚାକିରିଆ ଅବା ଦିନ ମଜୁରିଆ
ହେଉ ବା ଶ୍ରମିକ ଚାଷୀ,
ନ୍ୟାୟ ପାଇଁ ଲଢ଼େ ପଶ୍ଚିମାଞ୍ଚଳରୁ
କଟକ ନଗରେ ଆସି । (୬)

ପଶ୍ଚିମାଞ୍ଚଳରେ ହାଇକୋର୍ଟ ବେଞ୍ଚ୍
ସ୍ଥାପନ କରିବା ପାଇଁ,
କହି କହି ଲୋକେ ଥକି ସାରିଲେଣି
ଧୈର୍ଯ୍ୟ ଆଉ ତାଙ୍କ ନାହିଁ । (୭)

ଦୀର୍ଘଦିନ ଧରି ସ୍ଥାୟୀ ବେଞ୍ଚ୍ ପାଇଁ
ଲୋକେ କରୁଛନ୍ତୁ ଦାବି,
କିନ୍ତୁ ଦୁଃଖ ଲାଗେ ତୁମ ତାଙ୍କ ପ୍ରତି
ଅଣଦେଖା କଥା ଭାବି । (୮)

ISSN NO.
2582-208X

ଆମ ଦେଶେ ହାଇକୋର୍ଟ ବେଞ୍ଚ୍ ହେବା
କଛି ନୂଆ କଥା ନୁହଁ,
ଏ ବିଷୟେ ସବୁ ଜାଣିଶୁଣି ତୁମେ
ଚୁପ୍ ଆଜି ତୁମ ମୁହଁ ! (୯)

ଓଡ଼ିଶା ବାହାରେ ବିଭିନ୍ନ ପ୍ରଦେଶେ
ବିଭିନ୍ନ ସହରେ ଜାଣ,
ସ୍ଥାପନ ହୋଇଛି ହାଇକୋର୍ଟ ର ସେ
କେତେ ସ୍ଥାୟୀ ବେଞ୍ଚ୍ ମାନ । (୧୦)

ଜବଲ୍‌ପୁର ଏବଂ ଲକ୍ଷ୍ନୌ ସହରେ
ମଦୁରାଇ ନାଗପୁରେ,
ସହଜେ ସୁଲଭେ ନ୍ୟାୟ ପାଉଛନ୍ତି
ଥାଇ ଲୋକେ ବହୁ ଦୂରେ । (୧୧)

ଆଜି ବି କୋର୍ଟରେ ଲକ୍ଷ-ଲକ୍ଷ କେସ୍
ରହିଛି ବିଚାରାଧୀନ,
ବାକି କେସ୍ ପାଇଁ ଗଡ଼ୁଛି ସମୟ
ଗଡ଼ୁଛି ତାରିଖ ଦିନ । (୧୨)

କ'ଣ ପାଇଁ ଗୋଟେ ଲୋକ ଏତେ ବାଟ
ଆସିବ ବା ନ୍ୟାୟ ପାଇଁ !
ପକ୍ଷପାତଭରା ତୁମରି ନୀତିରେ
ତା' ଭାଗ୍ୟେ ବା ନ୍ୟାୟ କାହିଁ ! (୧୩)

ଖାଇବା-ରହିବା ଖର୍ଚ୍ଚ ସାଥେ ପୁଣି
ଅର୍ଥହାନୀ-ପ୍ରାଣପୀଡ଼ା,
ଗରୀବ ଭୋଗେ ତା' ମୁଣ୍ଡ ପରେ ବୋଝ
ଉପରେ ନଳିତା ବିଡ଼ା । (୧୪)

ଯାଇ-ଆସି ସିଏ ସବୁ ହରାଏ ତା'
ଝାଳବୁହା ଧନରାଶି,
ନ୍ୟାୟ ଅପେକ୍ଷାରେ ରହି ରହି ତା'ର
କୂଳ ଯାଏ ମୂଳୁ ଭାସି । (୧୫)

ଲୋକଟି ତ ପୁଣି କଟକକୁ ଆଉ
ବୁଲିବାକୁ ଆସୁ ନାହିଁ,
ପାଏ ସେ ଅଯଥା ନାନା ଦୁଃଖକଷ୍ଟ
ତୁମରି ଅନ୍ୟାୟ ପାଇଁ । (୧୬)

ଅଳ୍ପ କେତେଜଣ ବ୍ୟବସାୟ ଖୋର
ସ୍ୱାର୍ଥୀ ଓକିଲଙ୍କ ପାଇଁ,
ପଶ୍ଚିମାଞ୍ଚଳର ଗରୀବ ଜନତା
ହନ୍ତସନ୍ତ ହେବେ କାହିଁ ? (୧୭)

ଆଉ କେତେ ବର୍ଷ ଏମିତି ଅନ୍ୟାୟ
ତୁମ ରାଜ୍ୟେ ହେଉଥିବ ?
ବିଲୁଆ ନାଟକୁ କେତେ ଦିନ ଯାଏଁ
ଏ ପ୍ରଶ୍ରୟ ଦେଉଥିବ ? (୧୮)

ISSN NO.
2582-208X

ଗୋଟେ ପରେ ଗୋଟେ ଏଭଳ ଅନ୍ୟାୟ
ଗ୍ଭଲିଲେ ତୁମ ଅଧୀନେ,
ଏ ପଶ୍ଚିମାଞ୍ଚଳ ଓଡ଼ିଶା ମାଟିରୁ
ବିଚ୍ଛିନ୍ନ ହୋଇବ ଦିନେ । (୧୯)

ତେଣୁ ସରକାର ପ୍ରିୟା-ପ୍ରୀତି ଛାଡ଼ି
ମନ ବଦଳାଅ ଆଜି,
ସର୍ବାଞ୍ଚଳ ପ୍ରତି ସମଭାବ ରଖ
ନଜେ ହିଁ ନାୟକ ସାଜି । (୨୦)

ଅଧ୍ୟାପକ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ତାଳଚେର
(ଜିଲ୍ଲା : ଅନୁଗୋଳ)

ISSN NO.
2582-208X

# ଅପ୍ରିୟ ସତ୍ୟ



ଖଗେଶ୍ୱର ବାଗ

## ଭାଗ -୪

ପ୍ରତି ଦିନ ଟେଲର ଦୋକାନ ଆସିଲା ଭଳି ସେଦିନ ମଧ୍ୟ ମାଳତି ଟେଲର ଦୋକାନ ଆସିଥାଏ। କିନ୍ତୁ ଏହି ଦିନ ଓ ସମୟ ଥିଲା ଅନ୍ୟ ଦିନମାନଙ୍କ ଅପେକ୍ଷା ସମ୍ପୂର୍ଣ୍ଣ ଭିନ୍ନ। ତା'ସାଥୀରେ ଥିଲେ ଦୁଇ ଜଣ ଆଧୁନିକ ସାଙ୍ଗ ନନ୍ଦିନୀ ଓ ଶେଫାଳୀ। ନାମ ଦ୍ୱୟରୁ ଯେ ଏମାନେ ଶାନ୍ତ ଓ ସରଳା ଏପରି ଭାବିବା ଭୁଲ। ଅବଶ୍ୟ ସେତିକି ଖରାପ ମଧ୍ୟ ନୁହଁନ୍ତି। ହେଲେ ବେଶପୋଷାକରେ ନୂତନତାର ଛାପ। ଜୀବନ ଶୈଳୀରେ ପାଶ୍ଚାତ୍ୟ ସଂସ୍କୃତିର ରୂପରେଖ। କଥା ହେଲେ ଭାଷା ଅପେକ୍ଷା ଠାଣିଭଙ୍ଗୀ ଅଧିକ। ସୁବିଧାବାଦୀ ମଣିଷ ଏମାନେ। ବ୍ୟକ୍ତି ସ୍ୱାର୍ଥକୁ ଗୁରୁତ୍ୱ ଦେବାରେ ମାହିର। ଜୀବନର ପ୍ରତିଟି ସମସ୍ୟା ଓ ସମାଧାନର ଗଭୀର ଅନୁଭୂତି ଏମାନଙ୍କର। ତିନି ନାରୀ ମୂର୍ତ୍ତି ଆସି ଉପସ୍ଥିତ ହେଲେ ଦୋକାନ ସମ୍ମୁଖରେ। ଏହି ସମୟରେ ସତ୍ୟ ପଛ ଆଡୁ ଧୀରେ ଧୀରେ ଆସି ମାଳତିର ବେଣୀ ବନ୍ଧନକୁ ଥଟ୍ଟାରେ ପଛକୁ ଟାଣି ଦେଲା। ସତ୍ୟର ବେଣୀ ଟାଣିବାରେ ଦୁଃଶାସନ ଭଳି ଦୁରାଶା କି ପାଞ୍ଚାଳିକୁ ବିବସ୍ତ୍ର କରି ଅପମାନ କରିବାର ଅଭିପ୍ରାୟ ନଥିଲା। ନଥିଲା ଦେବରାଜ ଇନ୍ଦ୍ର ଛଦ୍ମ ବେଶରେ ଗୌତମୀଙ୍କ ସତୀତ୍ୱ ହରଣ କି ବାଳି ଭ୍ରାତାର ଭାରିଯାକୁ ବଳ ପୂର୍ବକ ହରଣ କଲା ଭଳି ଅଭିଳାଷ। ଯେତେବେଳେ ମାଳତି ସତ୍ୟ ଉପରେ ଥଟ୍ଟା ମଜା କରେ ତେବେ ସୁଯୋଗଟା ନିଜ ପାଖରେ ହେତୁ ସେ କାହିଁକି ନକରିବ? ଏହି ମର୍ମରେ ମାଳତି ସହିତ ସତ୍ୟର ଥଟ୍ଟା ପରିହାସ। ହେଲେ ବୋଧହୁଏ ସେଦିନ ସତ୍ୟର ଗ୍ରହ ନକ୍ଷତ୍ରର ଗତିବିଧି ଠିକ୍ ନଥିଲା। ମାଳତି ରାଗରେ ଜର୍ଜରିତ ହୋଇ କହିଲା,"ମୁଁ ଟେଲର ଦୋକାନ ଆସିଲେ ତୁ ଏଠି ନଥିବୁ। ତତେ ଟିକିଏ ବି ଭଲ ଲାଗେନାହିଁ।" ବେଶ୍ ଏଇ ଦୁଇ

ISSN NO.
2582-208X

ଧାଡି ସତ୍ୟର ଅନ୍ତରକୁ ତୀରବିଦ୍ଧ କଲା ପରି ମନେହେଲା। ପ୍ରତୀୟମାନ ହେଲା ୧୯୪୫ ମସିହାରେ ପରମାଣୁ ବୋମାଟା ଭୁଲବଶତଃ ଜାପାନର ହିରୋସୀମା ଓ ନାଗାସାକୀରେ ନପଡି ସତ୍ୟର ମସ୍ତିଷ୍କ ଉପରେ ପଡିଗଲା। ମୁହୂର୍ତ୍ତକ ପାଇଁ ନୀରବ ହୋଇଗଲା ସେ। ହିତାହିତ ଜ୍ଞାନ ହଜେଇ ବସିଲା। ଭାବିଲା "ଯିଏ ପ୍ରତ୍ୟେକ ଦିନ ମୋତେ ରଗାଇ ଏତେ ଖୁସି ପାଉଥିଲା ତା'ର ସେହି ଖୁସିରେ ଜଣକର ରାଗଟା କେତେ ଯେ ମର୍ମାହତ ବୋଧେ ସେ ବୁଝି ପାରିଥିବ।" ମାତ୍ର ଏହି କଥା ପ୍ରକାଶ କରିବାର ଜୁ କି କ୍ଷମା ଭିକ୍ଷାର ଆବଶ୍ୟକତା ମନେ କଲା ନାହିଁ। ଓ୍ୱାଟରଲୁ ଯୁଦ୍ଧରେ ପରାଜିତ ନେପୋଲିୟନ ଭଳି ଭାଙ୍ଗି ପଡିଲା କେବଳ। କିଛି ସମୟ ନୀରବ ହୋଇ ସେହି ସ୍ଥାନ ପରିତ୍ୟାଗ କରି ଚାଲିଗଲା।

ବେଳେବେଳେ ଏମିତି ଏକ ମୁହୂର୍ତ୍ତ ଆସେ ଯାହା ପରବର୍ତ୍ତୀ ସମୟରେ ଜୀବନର ଗତିପଥକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିଥିଲେ। କିଛି ଗୋଟିଏ ଭାବିବାର ଅତ୍ୟାବଶ୍ୟକ ମନେହୁଏ। ଭଲ ମନ୍ଦ ବିଚାର କରିବାର ଭାବନା ଆସେ। ଆଚରଣ, ବ୍ୟବହାରରେ ଦେଖା ଯାଉଥିବା ତ୍ରୁଟିଟା ଧରାପଡିଯାଏ। ଏହାର ସଂଶୋଧନରେ ମିଳିଯାଏ ଭିନ୍ନ ଏକ ପଥ, ଗଢି ଉଠେ ନୂଆ ସଂସାର। ଏହି ସୁଯୋଗର ହାତଛଡା ବା ଦୁରୁପଯୋଗ ହେଲେ ହସଖୁସି ବ୍ୟାହତ ହୋଇଥାଏ। ଜୀବନରେ ଦୁଃଖ ହିଁ ଦୁଃଖ ମିଳେ। ଚରିତ୍ରରେ ଲାଗିଯାଏ କଳଙ୍କ। ପରିଣତାବସ୍ଥାରେ ଅନୁତାପ ବ୍ୟତୀତ ଆଉ କିଛି ମିଳେ ନାହିଁ।

ସତ୍ୟ ଭାବିଲା "ମୋତେ ଯଦି ମାଳତି ରଗାଇ ଖୁସି ପାଏ ତେବେ ପାଉ। ମୋତେ ଯଦି ଲୋକଲୋଚନରେ ଉପହାସ କରିବାକୁ ଚାହେଁ ତେବେ କରୁ, ସେଥିରେ ମୋର କିଛି ଯାଏଆସେ ନାହିଁ। ହେଲେ ମୁଁ ତା'କୁ ରଗାଇ ତା'ମନରେ କେବେ ବି ଦୁଃଖ ଦେବି ନାହିଁ। ମୋର ଯଦି କଥାବାର୍ତ୍ତା ତା'କୁ ଭଲ ଲାଗେ ନାହିଁ, ମୋର ଆଚରଣ ତା'ର ହୃଦୟକୁ ଆଘାତ ଦେଉଛି, ମୋର ଉପସ୍ଥିତି ଯଦି ତା'କୁ ବିବ୍ରତ କରୁଛି ତେବେ ମୁଁ କାହିଁକି ଜାଣିଶୁଣି ତା'ର ଅପ୍ରିୟ ହେବି? ସେ ଯଦି ମୋ ସହିତ କଥା ହେବାକୁ ଚାହେଁ ନାହିଁ, ଥଟ୍ଟା ପରିହାସ କରିବାକୁ ମନ ବଳୁ ନାହିଁ ତା'ହେଲେ ତା'ସହିତ ମୋର କଥା ହେବାଟା ନିହାତି ମୂର୍ଖାମୀ ହେବ।" ଏହିସବୁ ଭାବି ସତ୍ୟ ଗୋଟିଏ ସିଦ୍ଧାନ୍ତରେ ଉପନୀତ ହେଲା ଯେ ମାଳତି ସହିତ ତା'ତରଫରୁ କଦାପି କଥା ହେବ ନାହିଁ। ଜାଣିଶୁଣି କେବେହେଲେ ଦୁଃଖ ଦେବ ନାହିଁ। କଟା ଘା'ରେ ଚୂନ ଦେଲା ଭଳି କାର୍ଯ୍ୟ କରିବ ନାହିଁ। କ୍ରୋଧାଗ୍ନିରେ ଟିକିଏ ଘିଅ ଢାଳିବା ସମୀଚୀନ ନୁହେଁ। ସେ ସିନା କେତେ ସହଜରେ ଭାବି ନେଲା ମାଳତି ସହିତ କଥା ହେବ

ISSN NO.
2582-208X

ନାହିଁ ବୋଲି। କାରଣ ଏଠି ଭାବିବା ପାଇଁ ପଇସା ଲାଗେ ନାହିଁ। ଯିଏ ଯାହା ଭାବିଲା। ତଥାପି ସର୍ଭେ କଲେ ଜଣା ପଡିବ ଯେ ଉତ୍ତମ ସ୍ୱଭାବର ବ୍ୟକ୍ତି ଭଲ କଥା ଭାବିବ ଓ ଦୁଷ୍ଟ ପ୍ରକୃତିର ଲୋକ ମନ୍ଦ କଥା ହିଁ ଭାବିବ। ମାତ୍ର ପରିସ୍ଥିତି ବାଧ୍ୟ କରେ ସତ୍ୟକୁ ମାଳତି ସହିତ କଥା ହେବା ପାଇଁ। ହୃଦୟ ବାରମ୍ବାର ଆଲୋଡିତ ହୁଏ। ବାଟରେ, ଘାଟରେ, ଦୋକାନରେ, ନଳକୂଅରେ ଦେଖା କଲେ ଅନ୍ତର ଭିତରୁ ସତେ ଯେପରି କେହି ଜଣେ କହିଉଠେ, "ଆରେ,ସେ ସିନା ରାଗରେ ତତେ ଯାହା ତାହା କହିଦେଲା। ତୁ କାହିଁକି ଅଭିମାନ କରି ବସିଛୁ? ଅଭିମାନ ଝିଅମାନେ କରନ୍ତି। ସାମାନ୍ୟ କଥାରେ ରାଗିବା, ରୁଷିବା ଏସବୁ ଝିଅମାନଙ୍କ ପ୍ରକୃତି। କଥା କଥାରେ ମୁହଁ ଫୁଲେଇବା, ଝିମଟି ଖେଳରେ ମହାଭାରତ କରିବା ସେମାନଙ୍କର ସ୍ୱଭାବ। ଆରେ ଜାଣିନୁ ସୁବର୍ଣ୍ଣ ଲଙ୍କାର ଧ୍ୱଂସ ସୀତାଙ୍କ ପାଇଁ ହୋଇଥିବାର। କୌରବ ବଂଶର ବିନାଶ ପାଞ୍ଚାଳୀଙ୍କ ଯୋଗୁଁ ହେବାର। ସାମାନ୍ୟ କଥାରେ ଅଡି ବସିଲେ କ'ଣ ଚଳିବ?" ପର ମୁହୂର୍ତ୍ତରେ ଭାବିଲା, "ଠିକ୍ କଥା ଯେ, କିନ୍ତୁ ମୋର କଥାବାର୍ତ୍ତା ଯଦି ତା'କୁ ଭଲ ଲାଗୁ ନାହିଁ ତେବେ ଜାଣି ଜାଣି ଦୁଃଖ ଦେବାଟା ଯଥାର୍ଥତା କି? କଥା ନହେଲେ ମଧ୍ୟ ଚଳିବ।" ଏମିତି ଭାବି ଭାବି କୋଡିଏଟି ଦିବସ ଅତିକ୍ରାନ୍ତ ହୋଇଗଲା।

କ୍ରମଶଃ -------

ବୁଦ୍ଧିକୋମନା, ଜିଲ୍ଲା ନୂଆପଡ଼ା

ISSN NO.
2582-208X

# ମଧୁର ମଧୁର

ସୁହାସିନୀ ବାରିକ୍

ମଧୁର ମଧୁର ତୋର ବଂଶୀସ୍ୱର ଆକର୍ଷଇ ଜନ ମନ ।
ମଧୁର ତୋହର ରୂପ ଲୀଳା ଗୁଣ ଦର୍ଶନେ ହରେ ଦୃଦୀନ ।୧।
ମଧୁର ଲିଳାମୟର ଲୀଳାମାନ ନରେ କର୍ଣ୍ଣେ ଡେରି ଶୁଣ ।
ମଧୁର ଶ୍ରୀକୃଷ୍ଣ ଶ୍ରୀରାଧା ମୋହନ କନ୍ଦର୍ପ ଯାର ନନ୍ଦନ ।୨।
ମଧୁର ଯାହାର ଦିବ୍ୟ ଗୁଣମାନ ଶ୍ରବଣେ ପାପ ନାଶନ ।
ମଧୁର ତାହାର କ୍ଷେତ୍ର ବୃନ୍ଦାବନ ଝୁଲଇ ରାଇ ମୋହନ ।୩।
ମଧୁର ମଳୟ ବହେ ଘନଘନ ସଦା ଯମୁନା ପୁଳୀନ ।
ମଧୁର ମଞ୍ଜୁଳ ନନ୍ଦର ଦୁଲାଳ କର ତା ରୂପ ଦର୍ଶନ ।୪।
ମଧୁର ଦେଖ ତାହାର ଗୋପପୁର ପାବନ ଜଳ ପବନ ।
ମଧୁର ଯାହାର ନୁପୁରର ସ୍ୱନ ମନ ହରେ ଅନୁକ୍ଷଣ ।୫।
ମଧୁର ମିଳନ ରାଇ ସାଥେ ତୋର ମଧୁର ତୋ ବୃନ୍ଦାବନ ।
ମଧୁର ତୋ ଛବି ଜିଣି ବାଳରବି ମୋହଇ ଜଗତ ଜନ ।୬।
ମଧୁର ଅଟଇ ତୋର ମଧୁପୁର ଆବର ଦ୍ୱାରିକା ପୁଣ ।
ମଧୁର ତୋହର ବାଣୀ ବେଣୁପାଣି ଚକ୍ରପାଣି ଜନାର୍ଦ୍ଦନ ।୭।
ମଧୁର ମନ ମୋହନ ଠାଣି ତୋର ଆହେ ଶ୍ରୀରାଧା ରମଣ ।
ମଧୁର ମଧୁର ତାର କଥାମୃତ ସୁଧିଜନେ କର ପାନ ।୮।
ମଧୁର ତା ସ୍ୱର ନନ୍ଦର କୁମର ଭବ ଦୂରୀତ ହରଣ ।
ମଧୁର ତା ରୂପ ଦରଶନେ ପାପ ହୋଇଣ ଯାଇ ମୋଚନ ।୯।
ମଧୁର ତାହାର ରୂପ ଗୁଣମାନ ଭବ ତାପ ବିନାଶନ ।
ମଧୁର କୋମଳ ଭାବ ଯା ନିର୍ମଳ ଜଗତ ହୀତ କାରଣ ।୧୦।

ISSN NO.
2582-208X

ମଧୁର ଯାହାର ଘଣ୍ଟି ଘଣ୍ଟା ସ୍ୱନ ଭକ୍ତେ କରେ ଆକର୍ଷଣ ।
ମଧୁର ତାର ଗୀତା ବଚନ ମାନ କରେ ନରକ ତାରଣ ।୧୧ ।
ମଧୁର ତା ବେଶ କୃଷ୍ଣ ଜଗଦୀଶ ହୃଷୀକେଶ ସୁରରାଣ ।
ମଧୁର ଅଟଇ ତାହାର ଭଜନ ଭଜୁଛନ୍ତି ଯୋଗୀଜନ ।୧୨ ।
ମଧୁର ମୂର୍ଚ୍ଛନା ତୋଳେ ଯାର ବାନା ନାମ ପତିତପାବନ ।
ମଧୁର ତାହାର୍ ନାମ ରସ ସାର ଶ୍ରୁତି ଯୁଗେ କର ପାନ ।୧୩ ।
ମଧୁର ଯାହାର କୈବଲ୍ୟ କଣିକା ସାଧବେ କର ଭକ୍ଷଣ ।
ମଧୁର ତାର ଟଙ୍କ ତୋରାଣୀ ଧାରପିବ ହେ ବିଦୂଷ ଗଣ ।୧୪ ।
ମଧୁର ତା ନାମ ରୂପ ଗୁଣ ଲୀଳା ଧାମ ଅଟଇ ପାବନ ।
ମଧୁମୟ କରଇ ଏଇ ଧରଣୀ ଯାର ନାମାମୃତ ସ୍ୱନ ।୧୫ ।

ମଧୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ମୋ କାଳିଆ ସୁନା



ଜନ୍ମେଜୟ ନାୟକ

ତୁ କଳାକାହ୍ନୁ ବୋଲି ଜାଣେ ଜଗତ,
ତୋ ଅପାର ମହିମା ବିଶ୍ୱ ବିଖ୍ୟାତ ।
କାହା ପାଇଁ ମିଛ କାହାପାଇଁ ସତ,
ଭାବରେ ବନ୍ଧା ତୁ ଭକତର ମିତ ।
ତୋରି ପାଇଁ ମୁଁ ଆଜି ଜୀଇଛି ସିନା,
ମୋ କାଳିଆ ସୁନା, ମୋ କାଳିଆ ସୁନା ।

ଶ୍ରୀକ୍ଷେତ୍ରରେ ବସି ହସୁଛୁ ମୁରୁକ,
ଦୁଃଖୀର ଦୁଃଖକୁ କ ପାରୁନୁ ଦେଖି ?
ଭୋକ ବିକଳେ ଗରିବ ଆଖି ବୁଜେ,
ତୋ କରୁଣା ବାରିଧାର୍ କଆଁ ହଜେ ?
ଚଳବନ ରେ ତୋର କଛି ବାହାନା,
ମୋ କାଳିଆ ସୁନା, ମୋ କାଳିଆ ସୁନା ।

ମାଆ କୋଳୁ ପୁଅ ତ ଯାଏ ଦୂରେଇ,
ସଧବା ସିନ୍ଦୂର ଅବେଳେ ହଜଇ ।
ବୋଝ ପରେ ନଳତାବିଡା କାହିଁକ ?
ସତେ କ ତୁହି ପାଷାଣ ସାଜିଲୁ କ ?

ISSN NO.
2582-208X

ଦୁଃଖ ଲଫାପାରେ ତୁ ସୁଖ ଠିକଣା,
ମୋ କାଳିଆ ସୁନା, ମୋ କାଳିଆ ସୁନା ।

ଜଗତେ ପଡିଛି ଆଜି ହାହାକାର,
ଶୁଭୁନ କ ତୁହି  ହେଲୁ କ ବଧିର ।
ରୋଗଶୋକେ ସଭିଏଁ  ପର୍ା ଅଥୟ,
କୃପା କରଟିକେ ଦୂରେଇ ଦେ ଭୟ ।
ସବୁ ଜାଣି କାହିଁ ହେଉରେ ଅଜଣା,
ମୋ କାଳିଆ ସୁନା, ମୋ କାଳିଆ ସୁନା ।

କଳହ ସବୁଠି ତ ହିଂସା ଭାବନା,
ଧରଣୀ ବି ଅତିଷ୍ଠ ସହି ପାରେନା ।
ଅଚନ୍ଦ୍ରା ହଦରେ ତୁ ବଡଦେଉଳେ,
ହଦ ଭାଙ୍ଗୁନାହିଁ  କ କ୍ରନ୍ଦନରୋଳେ ।
ଶାନ୍ତ ଫେରେଇଦେ ତୁ କରନ ମନା,
ମୋ କାଳିଆ ସୁନା, ମୋ କାଳିଆ ସୁନା ।

ପୀନାଥଜୀଉ ସରକାରୀ ଉଚ୍ଚବିଦ୍ୟାଳୟ
ଜଗତସିଂହପୁର
ଫୋନ-୯୩୩୭୮୦୦୫୬୫

ISSN NO.
2582-208X

# ଚନ୍ଦ୍ରଭାଗା



ପ୍ରଶାନ୍ତ କୁମାର ନାଥ

ଚାନ୍ଦ ଉଇଁଥିଲା ଚନ୍ଦ୍ରଭାଗା କୂଳେ
ଧରମା ତୋଳିଲା ଚୂଳି
କୋଣାର୍କ ମନ୍ଦିର ପୂର୍ଣ୍ଣାଙ୍ଗ ହୋଇଲା
ଦିଶୁଥିଲା ସ୍ୱର୍ଣ୍ଣ ଭଳି।

ବାରଶ ବଢେଇ ଗଢି ପାରିଲେନି
ଅଭିଜ୍ଞ ବଢେଇ ଥାଇ
ତୋଳି ଦେଖାଇଲା ଧରମା ସେ ଚୂଳି
ଛୋଟିଆ ବାଳକ ହୋଇ।

ଏ ମାଟିର ଯଶ ଧରମା ବାଳୁତ
ରଖିଗଲା ତା'ର ନାମ
କାଳ କାଳକୁ ସେ ରହିଲା ଅମର
କୋଣାର୍କରେ ତା'ର ନାମ।

ଓଡ଼ିଶାର କିର୍ତ୍ତି ବିଶ୍ୱରେ ପ୍ରସିଦ୍ଧି
କଳା ଭାସ୍କର୍ଯ୍ୟ ରେ ପୂର୍ଣ୍ଣ
କରିଣ ପୂର୍ଣ୍ଣାଙ୍ଗ କରି ଥିଲା ପଣ
ନିଜ ଭବିଷ୍ୟତ ଚୂର୍ଣ୍ଣ

ଚନ୍ଦ୍ରଭାଗା କୂଳେ ଦେଇଥିଲା ଝାସ
ସ୍ୱାଭିମାନ ହୋଇ ଜାଣ
ବାରଶ ବଢେଇ ପରାଣ ବଞ୍ଚାଇ
ନିଜେ ହାରିଥିଲା ପ୍ରାଣ।

ଛୋଟିଆ ବାଳକ ଅନନ୍ୟ ମହକ
ବାସୁଅଛି ସବୁ ଦିନ
ଯେବେ ଥିବ ଏହି କୋଣାର୍କ ମନ୍ଦିର
ଥିବ ତା'ର ସେହି ଚିହ୍ନ।

ଜୁଣଗଡି (ରାଜନଗର),
କେନ୍ଦ୍ରାପଡ଼ା

ISSN NO.
2582-208X

# ମୁକ୍ତ ବିହଙ୍ଗ

ନରଞ୍ଜନ ସାହୁ

ଆସ ଆମେ ଦୁହେଁ ଡେଣା ଝାଡ଼ି ଝାଡ଼ି
ଉଡିଯିବା ବହୁଦୂର
ଯେଉଁଠି ନ ଥିବ ନଜର କାହାରଣ
ହୋଇଥିବ ଶାନ୍ତିପୁର ।

କୁଟାକାଠି ନେଇ ବସାଟେ ବାନ୍ଧିବା
ବିରାଜିବ ତହିଁ ସୁଖ
ହସିବା, ଖେଳିବା, ଖାଇବା, ବୁଲିବା
ନ ଥିବ କଦାପି ଦୁଃଖ
ମନ ରହୁଥିବ ସର୍ବଦା ସନ୍ତୋଷ
ଅହଂକାର ହେବ ଚୁର ।

ଜଗତ କଲ୍ୟାଣ ଚିନ୍ତା କରୁଥିବା
ସ୍ମରୁଥିବା ବିଭୁ ନାମ
ନିଜ ଉପାର୍ଜନେ ପେଟ ପୋଷୁଥିବା
କରୁଥିବା ନିଜ କାମ
ସତ୍ୟ, ନ୍ୟାୟ, ଧର୍ମ ପଥେ ଚାଲୁଥିବା
ଆଶିଷ ବାଢ଼ିବେ ସୁର ।

ନିହଲପ୍ରସାଦ,
ଗନ୍ଦିଆପାଟଣା, ଢେଙ୍କାନାଳ

ISSN NO.
2582-208X

# ଭକ୍ତରେ ଭଗବାନ
# ଅଭକ୍ତରେ ହୀନମାନ



ନରେନ୍ଦ୍ର ପ୍ରସାଦ ବେହେରା

ଗୋଟିଏ ଗାଁରେ ଜଣେ ଗରିବ ବ୍ୟକ୍ତି ବାସ କରୁଥିଲା । ତା' ନାଁ ଥିଲା ସୁଧାକର । ସ୍ତ୍ରୀ ମାଳତୀ ଏବଂ ଦୁଇପୁଅ ହେମନ୍ତ ଓ ବସନ୍ତକୁ ନେଇ ଥିଲା ସଂସାର । ବିଚରା ସୁଧାକର ଗାଁର ସବୁଠୁ ଗରିବ ଥିଲା । ସୁଧାକର ପର ଘରେ ମୂଲ ଲାଗୁଥିଲା । ସ୍ତ୍ରୀ ମାଳତୀ ପରଘରେ ବାସନ ମାଜୁଥିଲା । ଉଭୟ ସ୍ୱାମୀ ସ୍ତ୍ରୀ ଯାହା ରୋଜଗାର କରୁଥିଲେ ଦୁଃଖେ କଷ୍ଟେ ଚଳିଯାଉଥିଲେ । ହେଲେ ଉଭୟ ସ୍ୱାମୀ ସ୍ତ୍ରୀ ପରମ ପ୍ରଭୁ ଭକ୍ତ ଥିଲେ । କିଏ କାହାର ଭକ୍ତ ଉଭୟଙ୍କୁ ଜଣା ନଥିଲା । ଏମିତି ଅଭାବ ମଧ୍ୟରେ ସଂସାର ଚାଲିଲା । ଦୁଇପୁତ୍ର ବଡ଼ ହେଲେ । ପାଠପଢି ଶିକ୍ଷିତ ହେଲେ । ବଡ଼ ଚାକିରୀ ମଧ୍ୟ କଲେ । ଘରକୁ ବୋହୂ ଆସିଲା । ପିତା ସୁଧାକର ଓ ମାତା ମାଳତୀ ଭାବିଥିଲେ ଏଥର ନିଶ୍ଚୟ ସୁଖ ଫେରି ଆସିବ । ଆଉ ପରଘରେ ମୂଲ ଲାଗିବାକୁ ପଡିବ ନାହିଁ । ଏମିତି କେତେ କ'ଣ ସ୍ୱପ୍ନ ଦେଖି ଚାଲିଲେ ସ୍ୱାମୀ ସ୍ତ୍ରୀ । ହେଲେ କ'ଣ ହେଲା ! କୁଆଡେ ଗଲା ସେ ସୁଖ ! ସବୁ ସ୍ୱପ୍ନ ପାଣି ଫୋଟକା ପରି ମିଳେଇଗଲା । ସୁଧାକର ଓ ମାଳତୀଙ୍କ ଭାଗ୍ୟ ଆକାଶରେ କଳାବାଦଲ ଘୋଟି ଆସିଲା । ଦୁଷ୍ଟ ବଡ଼ ବୋହୂର ଘରେ ହାକିମାତି ଆରମ୍ଭ ହୋଇଗଲା । ଧରାକୁ ସରା ମଣି ନିଜର ମଣିଷ ପଣିଆକୁ ଭୁଲିଗଲା । ଶାଶୁ ଶ୍ୱଶୁରଙ୍କ ପ୍ରତି କଦର୍ଯ୍ୟ ବ୍ୟବହାର ଦିନକୁ ଦିନ ବଢିଚାଲିଲା । ବଡ଼ ଘର ଝିଅ ତ ମନରେ ଭାରି ଗର୍ବ । ହଠାତ୍ ଦୁଇ ପୁଅଙ୍କର ଅନ୍ୟତ୍ର ବଦଳି ହେଲା । ବଡ଼ ବୋହୂ ନିଜର ଆସବାବପତ୍ର ନେଇ ସ୍ୱାମୀ ସହିତ ସରକାରୀ ବଙ୍ଗଳାରେ ରହିଲା । ଓଡିଆରେ ଗୋଟିଏ ଢଗ ଅଛି " ଆଗ ହଳିଆ ଯୁଆଡେ ପଛ ହଳିଆ ସେଇଆଡେ " ଅର୍ଥାତ ଘରର ବଡ଼ ବୋହୂ ଯେଭଳି ଢଙ୍ଗରେ ଚାଲିବ ସାନମାନେ ମଧ୍ୟ ତାକୁ ଅନୁକରଣ କରିବେ । କିନ୍ତୁ ସାନବୋହୂ କ୍ଷେତ୍ରରେ ଏହା ସମ୍ପୂର୍ଣ୍ଣ ନିଆରା ଥିଲା ।

ISSN NO.
2582-208X

ବଡ଼ ବୋହୂ ସିନା ଶାଶୁ ଶ୍ୱଶୁରଙ୍କ ସେବାକୁ ଘୃଣା କରି ଘରୁ ଚାଲିଗଲା ହେଲେ ସାନବୋହୂ ମମତା ଘରୁ ଗୋଡକାଢି ସ୍ୱାମୀ ସହିତ ଗଲା ନାହିଁ । ଶାଶୁ ଶ୍ୱଶୁର ମୋ ପାଇଁ ଚଳନ୍ତି ଦେବତା ଏହା ଭାବି ମମତା ଘରେ ପଡି ରହିଲା । ବଡ଼ପୁଅ ସପ୍ତାହରେ ଥରେ ବି ଘରକୁ ଆସେ ନାହିଁ କିନ୍ତୁ ନିରୀହ ସାନପୁଅ ପ୍ରତି ସପ୍ତାହରେ ଘରକୁ ଆସି ବାପା ମାଆଙ୍କ କଥା ବୁଝୁଥାଏ । ଏବଂ ଘରୁ ଗଲାବେଳେ ସ୍ତ୍ରୀ ମମତାଙ୍କୁ ତାଗିଦ୍ କରି କୁହେ – ଦେଖ ମମତା, ମୋ ବାପା ମାଆଙ୍କ ସେବାରେ ତୃଟି କରିବନି କି ତାଙ୍କ ମନରେ କେବେ କଷ୍ଟ ଦେବନି । ମୁଁ ଜାଣିଛି ତୁମେ ବଡ଼ ଘରର ଝିଅ । ଭାଇଙ୍କର ଗେହ୍ଲା ଭଉଣୀ । ବାପା ମାଆଙ୍କର ଗେହ୍ଲା ଝିଅ । ହେଲେ ମୋ ବାପା ମାଆଙ୍କର ତୁମେ ସାହାଭରସା । ଏ ଘରର ଲକ୍ଷ୍ମୀ ଠାକୁରାଣୀ । ମୋ ଅନୁପସ୍ଥିତି ଏଘର ପାଇଁ ତୁମେ ସବୁକିଛି । ଭାଇସିନା ବାପା ମାଆଙ୍କୁ ଭୁଲି ସ୍ତ୍ରୀକୁ ନେଇ ସୁଖରେ ରହିଲା । ହେଲେ ବାପା ମାଆ କି ପ୍ରକାର କଷ୍ଟ କରି ମଣିଷ ପରି ମଣିଷଟିଏ କରିଛନ୍ତି ତାହା ମୁଁ ଅନୁଭବ କରିଛି । ପରଘରେ ବାପାଙ୍କର ମୂଲଲଗା ଓ ମାଆଙ୍କର ବାସନମଜା ଏବେବି ମୁଁ ଭୁଲି ପାରିନି । କିଛି କହିପାରିଲାନି ମମତା । ସ୍ୱାମୀଙ୍କ କଥାକୁ ସମ୍ମତି ଜଣାଇ ହସିହସି ବିଦାୟ ଦେଲା । ଇତିମଧ୍ୟରେ ବଡ଼ପୁଅ ପ୍ରମୋସନ ପାଇ ବଡ଼ ଅଫିସର ପାଲଟି ଯାଇଛି । ପଛକଥା ସବୁ ଭୁଲି ଯାଇଛି । ସ୍ତ୍ରୀ ପରାମର୍ଶରେ ଲାଞ୍ଚ ପଛରେ ପଡି ପଡି ଶେଷରେ ଭିଜିଲାନ୍ସ ଦ୍ୱାରା ଧରାପଡି ଜେଲଗଲା । ଗର୍ବ ଅହଂକାର ସବୁ ଚୂର୍ଣ୍ଣ ହେଲା ତା' ସ୍ତ୍ରୀର । ସ୍ୱାମୀକୁ ମୁକୁଳାଇବା ପାଇଁ ଗହଣାଗାଣ୍ଠି ବିକିଦେଲା, ବାର ଦୁଆର ସୁଣ୍ଠିପିଣ୍ଡା ହେଲା । କେତେ କାହାକୁ ନେହୁରା ହେଲା ତଥାପି ସ୍ୱାମୀକୁ ମୁକୁଳାଇ ପାରିଲା ନାହିଁ । ଯୁଆଡେ ଗଲା ସମସ୍ତେ ଖେଦି ଗୋଡାଇ ଗର୍ବୀ ଅହଂକାରୀ, ଯିଏ ଚଳନ୍ତି ଦେବତାଙ୍କୁ ଖୁସି ଦେଇପାରି ନାହିଁ କି ଚିହ୍ନି ପାରି ନାହିଁ ତାକୁ କିଏବା କାହିଁକି ସହାୟ ହେବ। ମନେ ମନେ କଲା କର୍ମକୁ ଧିକ୍କାର କରି ରହିଲା ବଡ଼ ବୋହୂ ।

ଭଗବାନଙ୍କ ଆଶୀର୍ବାଦରୁ ମମତା ସରକାରୀ ଚାକିରୀ ପାଇଲା । ସ୍ୱାମୀ ପରି ନିରୀହା, ମନରେ ଗର୍ବ ଅହଂକାର ନାହିଁ । ଚାକିରୀ ଜଞ୍ଜାଳ ସହିତ ଚଳନ୍ତି ଦେବତା ଶାଶୁ ଶ୍ୱଶୁରଙ୍କ ସେବା । ସବୁ ପରେବି ସେ ଜଣେ ପ୍ରଭୁ ଭକ୍ତ । ଶାଶୁ ଶ୍ୱଶୁରଙ୍କୁ ସାକ୍ଷାତ ଲକ୍ଷ୍ମୀ ନାରାୟଣ ଭାବି ମନଜାଣି ସେବା କରୁଥାନ୍ତି । ସ୍ୱାମୀଙ୍କ କଥା ଅନୁସାରେ କୌଣସି ଦିନ ସେବାରେ ତୃଟି କରି ନାହାନ୍ତି କି ମନରେ ଘୃଣାଭାବ ଆଣି ନାହାନ୍ତି । ଦୈନିକ ଘରର ଯାବତୀୟ କାର୍ଯ୍ୟ ସାରି ଜଗନ୍ନାଥଙ୍କ ଫଟୋଚିତ୍ର ନିକଟରେ ବସି ପ୍ରଭୁଙ୍କୁ ଦୁଃଖ ଜଣାଉ ଥାଆନ୍ତି ମମତା। ଶାଶୁ ଶ୍ୱଶୁର ଲୁଚି ଲୁଚି ଦେଖୁଥାନ୍ତି ବୋହୂ ନଶୋଇ ଘର ଭିତରେ କ'ଣ ଗୁଣୁଗୁଣୁ

ISSN NO. 2582-208X

ହେଉଛି । ଏମିତି କିଛି ଦିନ ଗଲା । ସହଜେ ବୁଢାବୁଢୀ ପ୍ରଭୁ ଭକ୍ତ । ତେଣୁ ଅତି ସହଜରେ ବୁଝିଗଲେ ଯେ ବୋହୂ ପ୍ରଭୁ ଜଗନ୍ନାଥଙ୍କୁ ଜପ କରୁଛି । ଅଫିସର ହେବାପରେ ଭାଇସିନା ଭାଇକୁ ଭୁଲିଗଲା ହେଲେ ମମତା ଶାଶୁ, ଶ୍ୱଶୁର, ସ୍ୱାମୀ, ଦେଢଶୁର ଓ ଯାଆ ସମସ୍ତଙ୍କ ମଙ୍ଗଳ ପାଇଁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରେ ।

ଦିନକର ଘଟଣା । ବୁଢାବୁଢୀଙ୍କର ଦେହ ଭୀଷଣ ମାତ୍ରାରେ ଖରାପ ହୋଇଥାଏ । ଘରେ ମମତା ଏକୁଟିଆ । ସ୍ୱାମୀ ତା'ର ୧୫ ଦିନ ହେବ ଘରକୁ ଆସି ନାହାନ୍ତି । ରାତି ବଢୁଥାଏ। ପାଗଳ ଭଳି ଏଘର ସେଘର ହେଉଥାଏ ମମତା । ଭାବିଲା ଯଦି ଶାଶୁ ଶ୍ୱଶୁରଙ୍କର କିଛି ହୋଇଯାଏ, ତା' ହେଲେ ସ୍ୱାମୀ ମୋତେ କ'ଣ କହିବେ । ମୁଁ ସ୍ୱାମୀଙ୍କ ଠାରେ ବଚନ ଦ୍ରୋହି ହେବି । ଦୌଡ଼ି ଗଲା ଠାକୁର ଘରକୁ ମମତା । ଜଗନ୍ନାଥଙ୍କ ପାଦତଳେ ପଡି କାକୁତି ମିନତୀ ହେଲା । କହିଲା ହେ ପ୍ରଭୁ ଜଗନ୍ନାଥ ମୁଁ ଯଦି ପ୍ରକୃତରେ ତୁମର ସେବକ ହୋଇଥାଏ, ମୋ ସେବାରେ ଯଦି କିଛି ତୃଟି ନଥାଏ କିମ୍ବା ଆପଣ ଯଦି ମୋ ସେବାରେ ସନ୍ତୁଷ୍ଟ ତେବେ ମୋତେ ଏ ବିପଦରୁ ଉଦ୍ଧାର କରନ୍ତୁ । ମୋ ସ୍ୱାମୀ ଘରକୁ ଫେରିବା ପର୍ଯ୍ୟନ୍ତ ଶାଶୁ ଶ୍ୱଶୁରଙ୍କୁ ବଞ୍ଚାଇ ରଖନ୍ତୁ । ନହେଲେ ଏଦୁନିଆ ଆଖିରେ ମୁଁ କଳଙ୍କିନୀ ହେବି । ସ୍ୱାମୀ କହିବ ମୁଁ ଅଲକ୍ଷିଣୀ, ସେବାରେ ଅବହେଳା କରି ଜାଣିଶୁଣି ମାରିଦେଲି ! ଭକ୍ତର ବିକଳ ସହିପାରିଲେ ନାହିଁ ପ୍ରଭୁ ଜଗନ୍ନାଥ । ଆବିର୍ଭାବ ହେଲେ ମହାପ୍ରଭୁ, କହିଲେ- ବ୍ୟସ୍ତ ହୁଅନି ମମତା ! ତୁ ଆଜି ପର୍ଯ୍ୟନ୍ତ ଯାହାଙ୍କୁ ହୃଦୟ ଦେଇ ପୂଜା କରି ଆସୁଥିଲୁ ସେ ହେଉଛି ମୁଁ ନିଜେ । ତୋର ସେହି ଚଳନ୍ତି ପ୍ରତିମା ଶ୍ୱଶୁର ହେଲେ ଜଗନ୍ନାଥ ଆଉ ଶାଶୁ ହେଲେ ଲକ୍ଷ୍ମୀ ଠାକୁରାଣୀ । ସେ ଦୁହେଁ ସର୍ବଦା ଅନ୍ତରର ସହିତ ମୋତେ ଭଜୁଥିଲେ । କିଛି ସେବା ବାକିଥିବାରୁ ତୋତେ ଏଘରେ ସ୍ଥାନ ମିଳିଥିଲା । ତେଣୁ ତୋ ସେବାରେ ମୁଁ ସନ୍ତୁଷ୍ଟ । ମୁଁ ତୋତେ ଏହି ଆଶୀର୍ବାଦ ଦେଉଛି ତୋର ଏହି ସେବାପାଇଁ ନିରାମୟ ଜୀବନ ଯାପନ କରିବୁ, ଐଶ୍ୱର୍ଯ୍ୟ ସୁଖ ଭୋଗ କରିବୁ, ଧନଧାନ୍ୟରେ ଏ ଘର ଭରପୁର ହେବ ଏବଂ ତୋର ଏହି କୁଡିଆ ଘରଟି ଇନ୍ଦ୍ରଭୁବନ ହେବ । " ମର୍ତ୍ତ୍ୟେ ମଣ୍ଡଳେ ଦେହବହି ଦେବତା ହେଲେ ବି ମରଇ " ମୁଁ ତୋର ଶାଶୁ ଶ୍ୱଶୁରଙ୍କୁ ବଞ୍ଚାଇ ରଖି ପାରିବି ନାହିଁ କିନ୍ତୁ ଗୋଟିଏ ସର୍ତ୍ତ ତୋ ସ୍ୱାମୀ, ଦେଢଶୁର ଓ ଯାଆ ଆସିବା ପର୍ଯ୍ୟନ୍ତ ତାଙ୍କ ଶୋଇବା ଘର କବାଟ ଖୋଲିବୁ ନାହିଁ । ଆସିଲେ ସେମାନଙ୍କୁ ନେଇ କବାଟ ଖୋଲିବୁ । ଏହାକହି ପ୍ରଭୁ ଅନ୍ତର୍ଦ୍ଧାନ ହୋଇଗଲେ ।

ISSN NO.
2582-208X

ତେଣେ ସ୍ୱାମୀ, ଯାଆ ଓ  ଜେଲରେ ଥିବା ଦେଢଶୁରଙ୍କୁ ସ୍ୱପ୍ନରେ ମହାପ୍ରଭୁ ସବୁ ଜାଣାଇ ଦେଇଥାନ୍ତି । ସେତେବେଳକୁ କୁଡିଆ ଘରଟି ଇନ୍ଦ୍ରଭୁବନ ହୋଇସାରିଥାଏ । ହଠାତ୍ ମୋବାଇଲ ରିଙ୍ଗ୍ ହେଲା । ସ୍ୱାମୀ କହିଲେ ମମତା ଆମ୍ଭେମାନେ ଘଣ୍ଟେହେଲା ଗାଁରେ ବୁଲୁଛୁ ହେଲେ ଘର ପାଉନାହୁଁ ! କିନ୍ତୁ କାହିଁକି ! ସଙ୍ଗେ ସଙ୍ଗେ ଗାଁ ଦାଣ୍ଡକୁ ମମତା ଦୌଡ଼ି ଯାଇ ସମସ୍ତଙ୍କୁ ପାଛୋଟି ନେଲା । ସ୍ୱାମୀ ହାତଧରି ଶାଶୂ ଶ୍ୱଶୁରଙ୍କ ଶୋଇବା ଘର କବାଟ ଖୋଲି ଦେଖିଲା ଶାଶୂ ଶ୍ୱଶୁର ନାହାନ୍ତି ସ୍ୱୟଂ ଲକ୍ଷ୍ମୀ ନାରାୟଣ ମୂର୍ତ୍ତି ଛିଡା ହୋଇଛନ୍ତି । ସମସ୍ତେ ସଙ୍ଗେ ସଙ୍ଗେ ସାଷ୍ଟାଙ୍ଗ ପ୍ରଣାମ କଲେ । ପରେ ଜାଣିପାରିଲେ ଏସବୁ ମମତା ପାଇଁ ସମ୍ଭବ ହୋଇ ପାରିଛି । ପ୍ରକୃତରେ ଭଗବାନ ବୋଲି ସଂସାରରେ କେହି ଜଣେ ଅଛି । ଯାହାକୁ ପୂଜି ମମତା ଘରର ଏତେବଡ଼ ପରିବର୍ତ୍ତନ ଆଣି ପାରିଛି । କେବଳ ସେହି ସ୍ୱୟଂ ଜଗତରନାଥ ଜଗନ୍ନାଥ ପାଇଁ ସମ୍ଭବ ହୋଇପାରିଛି । ଏକଥା ସମସ୍ତେ ସ୍ୱୀକାର କଲେ । ଯାଆ ଓ ଦେଢଶୁର ସେମାନଙ୍କ ଭୁଲ୍ ବୁଝିପାରିଲେ । ତେଣୁ କଥାରେ ଅଛି ଭକ୍ତିରେ ଭଗବାନ ଅଭକ୍ତିରେ ହୀନିମାନ । ଭକ୍ତ ପାଇଁ ଭଗବାନ ସର୍ବଦା ଜାଗ୍ରତ ପ୍ରହରୀ । ଏକଥା ଯୁଗେଯୁଗେ ସତ୍ୟ । ତେଣୁ ମନରେ ଭକ୍ତି ଭାବନା ଥିଲେ ଭଗବାନ ନିଶ୍ଚୟ ମିଳିବେ ଏଥିରେ ସନ୍ଦେହ ନାହିଁ ।

ଆଳନ୍ଦା, ଖଇରା,ବାଲେଶ୍ୱର

ISSN NO.
2582-208X

# ସୁନ୍ଦର ଜୀବନର
# ଷଡ ସୂତ୍ର



ଅଳକା ବାରିକ୍

ସୁନ୍ଦର ଜୀବନ ଆସିଯାଏନାହିଁ ଆପେ ଆପେ କଦାଚନ ।
ଏହା ନିର୍ମାଣର ଅଟଇ ଅଧିନ ନିର୍ମାଣ କର ସୁଜନ ।୧।
ପ୍ରତିଦିନ ଏହି ଷଡ ସୂତ୍ର ଗୋଟି କଇଲେ ଅନୁକରଣ ।
ଜୀବନରେ ନିଶ୍ଚୟ ହଟିବ ଦୁଃଖ ସୁଖ ଆସିବ ପ୍ରମାଣ ।୨।
ସ୍ନେହ ପ୍ରେମ ବେନି କରିଣ ଆଧାର କର ଏହାର ଗଠନ ।
ସିନହ ମମତା ଓ ଶ୍ରଦ୍ଧା ଶକତା ପ୍ରାପ୍ତିରେ ଦିବ୍ୟ ଜୀବନ ।୩।
ହସି ହସାଅ ସକଳ ଜନେ ନିତି ଲଭିବ ଦିବ୍ୟ ଦର୍ଶନ ।
ହସ ହସରେ ବିତାଇଦିଅ ନିତି ଜୀବନକୁ କରିଦିଅ ଧନ୍ୟ ।୪।
ହସ ଖୁସିର ସଂସାରେ ଦୁଃଖରାଶି ନପଶଇ କଦାଚନ ।
ଏଣୁ ଏଥିପାଇଁ ହସ ଆନନ୍ଦକୁ ସାଦରେ ଦିଅ ପ୍ରାଧାନ୍ୟ ।୫।
ତ୍ୟାଗରେ ଜୀବନ ହୁଅଇ ମହାନ ଏକଥା ସତ୍ୟ ସୁଜନ ।
ତ୍ୟାଗର ଆନନ୍ଦ ଭୋଗରେ ନଥାଇ ଭୋଗ ଯେଣୁ ଅଟେ ଗୌଣ ।୬।
ତ୍ୟାଗେ ମିଳେ ସୁଖ ଦେଖ ହେ ପ୍ରତ୍ୟକ୍ଷ ତ୍ୟାଗ କର ଅଧ୍ୟୟନ ।
ତ୍ୟାଗେ ଜିଅଁ ନର ହୋଇଣ ବିଭୋର ତ୍ୟାଗର ଗୁଣ ମହାନ ।୭।
ତ୍ୟାଗ ଅଗ୍ରଗଣ୍ୟ ସକଳ ଗୁଣରେ ତ୍ୟାଗୀ ହୁଅ ସୁଧିଜନ ।
ଧଇର୍ଯ୍ୟ ବଳରେ ସର୍ବକାର୍ଯ୍ୟେ ଜୟ ଧୈର୍ଯ୍ୟ ହିଁ ମୂଳ କାରଣ ।୮।
ଧୈରଯ୍ୟ ବଳେ ସମସ୍ତ ହୁଏ ସାଧନ ତେଣୁ ଶିଖ ଏହି ଗୁଣ ।
ଧୈର୍ଯ୍ୟବାନ ଜନ ଅଟଇ ମହାନ ତାରେ କର ନିବେଦନ ।୯।

ISSN NO.
2582-208X

ଧୈର୍ଯ୍ୟ ଗୁଣ ଶିଖ ପ୍ରାପ୍ତ ହେବ ସୁଖ ଦୁଃଖ ଯିବ ପଳାଇଣ ।
ସମସ୍ୟା ଥିଲେ ତ ଅଛି ସମାଧାନ ଧଇର୍ଯ୍ୟେ କର ସାଧନ ।୧୦।
ବାଳକବାଳକା ହେଲେ ଧୈର୍ଯ୍ୟହୀନ ଦୁଃଖି ହୋଇଥାନ୍ତୁ ପୁଣ ।
ଧଇର୍ଯ୍ୟଟି ନାନା ସୁଖ ପ୍ରଆନଇ ଧୈର୍ଯ୍ୟେ ତୋଷ ଭଗବାନ ।୧୧।
ଦୟାର ସାଗର ଦେବଦାମୋଦର ସର୍ବେ ତା ଆପଣା ଜନ ।
ହୁଅ ଦୟାବାନ ନର୍ଦ୍ଦୟ ନହୋଇ ସାର୍ଥକ ହେବ ଜୀବନ ।୧୨।
କୃପାସିନ୍ଧୁ ହରି ମୁକୁନ୍ଦ ମୁରାରୀ ସଦା କରୁଣାରେ ପୂର୍ଣ୍ଣ ।
ତେଣୁ ସୁଧିନରେ ହୋଇ ଦୟାବାନ ଦିଅ କାଳ ବିତାଇଣ ।୧୩।
କ୍ଷମା ଦୈବୀ ଗୁଣ ଅଟଇ ପ୍ରଧାନ ନାହିଁ ଯହାର ତୁଣନ ।
ହୋଇ କ୍ଷମାଶୀଳ କ୍ଷମା କର ଜନ ସବୁରି ଦୋଷ ଦୁର୍ଗୁଣ ।୧୪।
ସ୍ୱର୍ଗୀୟ ମହାନ ଗୁଣ ଟେ କ୍ଷମା କ୍ଷମାସିନ୍ଧୁ ନାରାୟଣ ।
ଏହା ଜାଣି ଜନେ ଆନନ୍ଦ ମନରେ ହୁଅ କ୍ଷମାର ଅଧିନ ।୧୫।

ମହୁ, ଆଳ, କେନ୍ଦ୍ରପଡା

ISSN NO.
2582-208X

# ବିଚିତ୍ର ପାଉଣା



ବାଙ୍କାବିହାରୀ ମହାକୁର

ଅସମୟେ ତୁଇ ପିତାମାତା ନେଇ
କାହିଁକ ହେଲୁ ନିର୍ଦ୍ଦୟ
କେମିତି ବଞ୍ଚିବି କେଉଁଠିକୁ ଯିବି
ମନରେ ଉଠେ ସଂଶୟ ।

ସପନକୁ ମୋର କରି ଚୁରମାର
କି ଲାଭ ପାଇଲୁ କହ
ସାଙ୍ଗସାଥୀ ମେଳେ ଖେଲିବାର ବେଳେ
ମୁଣ୍ଡାଇଲି ଭାଇ ବୋଝ ।

ବନ୍ଧୁ ସହୋଦର କେ ନୁହେଁ କାହାର
ଦୁଃଖେ ନ ଦିଅନ୍ତୁ ଦେଖା
ପାସେ ଥିଲେ ଧନ ଜିଣିଥାନ୍ତୁ ମନ
ଭରି ରହିଥାନ୍ତେ ସଖା ।

ନେତ୍ର ଅଶ୍ରୁ ଛୁଇଁ ସପଥ କରୁଛି
ବଞ୍ଚିବି ମୁଣ୍ଡ ଉଠାଇ
କାଳମା ଅନ୍ଧାର ହେବି ନିଶ୍ଚେ ପାର
ସବୁ ଦୁଃଖ ଭୁଲି ଯାଇ ।

ISSN NO.
2582-208X

ଦୟା ପାତ୍ର କାହା ନ କରୁ କେ ଆହା
ଗ୍ଭଲିବି ସଂସାର ପଥେ
ଅନ୍ୟ କାମ କରି ଶ୍ରମକୁ ଆଦରି
ଭାଇକୁ ଗଢିବି ହାତେ ।

ବଞ୍ଚିବି ବଞ୍ଚାଇ ହସିବି ହସାଇ
କଷଣକୁ ଆଶ୍ରା କରି
ଶୈଶବକୁ ମୋର ଦେଇ ଉପହାର
ଭାଇ ସ୍ୱପ୍ନ ଦେବି ଭରି ।


ସରଗରୁ ଥାଇ ପିତାମାତା ଦୁଇ
କର ମୋତେ ଆଶୀର୍ବାଦ
ବିଚନ୍ଦ୍ର ପାଉଣା କରିବି ଆପଣା
ମନୁ ଭୁଲି ସବୁ ଖେଦ ।

ବୁରୁବୁଡ଼ା, ବୀରମହାରାଜପୁର,
ସୁବର୍ଣ୍ଣପୁର

ପଢନ୍ତୁ ଏବଂ ପଢାନ୍ତୁ ମାସିକ ପାରିବାରିକ ପତ୍ରିକା
"ବେଦାନ୍ତୀ"

ISSN NO.
2582-208X

# ମିଳି ଯାଆନ୍ତା କି ସେହି



ପ୍ରଶାନ୍ତ ବ୍ରହ୍ମା

ଖୋଜି ବୁଲୁଥାଏ ମୁଁ ଗହନ ବନରେ ଗଭୀର ମନରେ
ମିଳ ଯାଆନ୍ତା କ ସେହି ପୁରୁଣା ସ୍ମୃତି ସାଇତି ରଖନ୍ତୁ ପାଖରେ।

ଆଜିବି ଝରୁଛି ଲୁହ ଲୁଚେଇବି ବୋଲି ପାରେନା ଲୁଚେଇ
କେଜାଣି କାହିଁକ ଯେତେ ବୁଝାଇଲେ ବୁଝେନା ଏ ଆଖି ଦୁଇ।

ବୁଝେନା ଏ ମନ ସହେ ନାହିଁ ଏ  ମନ ପାଗଳ କରିଦିଏ ସେଦିନର କଥା
ଯେଉଁଠି ଥିଲା ସେ ଥିଲି ମୁଁ ସାକ୍ଷୀ ଅଟନ୍ତୁ ସେହି ବନ ଆଉ ଲତା।

ପୁରୁଣା ସ୍ମୃତିଟା ସତରେ ହଜି ଯାଇଛି ନା ସେ ଲୁଚେଇ ଦେଇଛି
କମିତି ଜାଣିବି ତା ପାଖକୁ ଯିବି ନା ଯିବିନ ମନେ ମନେ ମୁଁ ଭାବୁଛି।

ଧର୍ଯ୍ୟର ସିମା ଗଲାଣି ଟପି କମିତି କହିବି କାହାକୁ
ଲାଜବି ଲାଗୁଛି ମନର ବେଦନା
କହିବାକୁ କାହାକୁ।

ପଳାଶପୁର, ଖୋର୍ଦ୍ଧା

ISSN NO.
2582-208X

# ଅନେକ ଭିତରେ ଅନନ୍ୟ ସିଏ



ନୀଳମଣି ଗ୍ଭନ୍ଦ

ସପ୍ତାଶ୍ଚର୍ଯ୍ୟ ଭଳ ସେ ଏକ ଆଶ୍ଚର୍ଯ୍ୟ
ସରଗଠାରୁରେ ବଡ଼
ତାଙ୍କଠୁଁ ଶିଖିଛି  ଗ୍ଭଲିବା, ଖେଳବା
ସହିବାକୁ ଦୁଃଖ ଝଡ଼ ।
ସିଏ ତ  ବିଶାଳ ଦ୍ରୁମଟିଏ ପରି
ଦେଇଥାନ୍ତୁ ସୁଖ- ଛାଇ
ଜୀବନ ସାଗରେ ଯାତ୍ରା ମୁଁ କରଇ
ତାଙ୍କରି ଆଶିଷ ପାଇ ।
ମୋ  ସବୁ ପ୍ରଶ୍ନର  ଉତ୍ତର ଲ୍‌ଗଇ
ସତରେ ତାଙ୍କୁ ଯେ ଜଣା
ସେମିତି ଆଲ୍‌ୋକବର୍ତ୍ତିକାର ପାଇଁ
ହୁଏନ ମୁଁ ବାଟବଣା ।
କେବେ ଲ୍‌ଗୁଥାନ୍ତୁ ମାନସାଙ୍କ ପରି
ଭ୍‌ରି ଯେ ସରଳ ସିଏ
ଆମ ପରିବାର ବୃତ୍ତଟିଏ ହେଲେ
ତା'ର କେନ୍ଦ୍ରବିନ୍ଦୁ ସିଏ ।

ପୁତ୍ରକନ୍ୟାପାଇଁ  ଜୀବନ୍ତ ଦିଅଁ ସେ
ଶୁଭଚନ୍ତକ ତ ପର୍‌
ତାଙ୍କରି ସେନେହ, ମମତା ଆଗରେ
ଫିକା କୋହିନୂର ହୀର୍‌ ।
ସିଏ ପ୍ରିୟ  ବାପା ଢ଼ାଳନ୍ତୁ ଆଶିଷ
ଶ୍ରାବଣ ବାରିଦ ପରି
ଅନେକ ଭିତରେ ଅନନ୍ୟ ସିଏରେ
ବାପା ତ ବାପାଙ୍କ ପରି ।

୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯,
ମୋ:୯୫୮୩୨୦୨୩୫୭

ISSN NO.
2582-208X

# ନବରଙ୍ଗପୁର ମାଟିର ସାରସ୍ୱତ ସାହିତ୍ୟ ସାଧିକା "ଶ୍ରୀମତି ଜେମାମଣି ବିଷୟୀ"



ପ୍ରତାପ ଚନ୍ଦ୍ର ସାହୁ

ସମାଜ ପାଇଁ, ଜାତି ପାଇଁ, ସାହିତ୍ୟ ପାଇଁ, ଶିକ୍ଷା ପାଇଁ ଯାହାଙ୍କର ଜୀବନ ଉତ୍ସର୍ଗୀକୃତ ସେ ହେଉଛନ୍ତି ଅଖ୍ୟାତ ପଲ୍ଲୀ ର ପ୍ରଖ୍ୟାତ ସାହିତ୍ୟିକା "ଶ୍ରମତୀ ଜେମାମଣି ବିଷୟୀ "। ଏଇ ମହୀୟସୀ ମହିଳା ଙ୍କ ର ଜନ୍ମ ୧୯୫୨ ମସିହା ଜୁଲାଇ ୧୫ ତାରିଖ ରେ ନବରଙ୍ଗପୁର ଜିଲ୍ଲା ତେନ୍ତୁଳୀଖୁଣ୍ଟୀ ବ୍ଲକ୍ ସ୍ଥିତ ବାଗନାଗୁଡା ଭଳି ଏକ ନିପଟ ପଲ୍ଲୀ ରେ । ମାତା ଗୋମତୀ ଦେବୀ ଙ୍କର ଓ ପିତା ମକରନ୍ଦ ବିଷୟୀ ଙ୍କ ର କୋଳ ମଣ୍ଡନ କରିଥିଲେ ଜେମାମଣି ବିଷୟୀ। ଶିକ୍ଷା ଖେତ୍ର ରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ ପାଇଁ ସେ ତତ୍କାଳୀନ ମାନ୍ୟବର ରାଜ୍ୟପାଳ ଜି.ରାମାନୁଜମ୍ ଙ୍କ ଠାରୁ ୧୯୯୫ ମସିହା ରେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ହୋଇଥିଲେ। ପେଷାରେ ଶିକ୍ଷୟିତ୍ରୀ ହେଲେ ବି ସାହିତ୍ୟ ପ୍ରତି ତାଙ୍କର ଅନୁରାଗ, ଦୁର୍ବଳତା ଓ ଅବଦାନ ଅତୁଳନୀୟ। ଜନସେବା ହେଲା ମୁଖ୍ୟ କାର୍ଯ୍ୟ। ନିଜର ସାଧନା ପାଇଁ ସେ ସାହିତ୍ୟ ଏକାଡେମି ର ସଦସ୍ୟ ୫ ବର୍ଷ ପାଇଁ ରହିଥିଲେ। ନିକଟ ଅତୀତ ରେ ତାଙ୍କର ସ୍ୱରଚିତ ପୁସ୍ତକ "ବଣ ମଲ୍ଲୀର ଆତ୍ମ ଲିପି" ମହାମହିମ ରାଜ୍ୟ ପାଳ ପ୍ରଫେସର୍ ଗଣେଶୀ ଲାଲ୍ ଙ୍କ କର କମଳ ରେ ଉନ୍ମୋଚିତ ହୋଇ ଥିଲା। ଏହା ହେଉଛି ନବରଙ୍ଗପୁର ର ଗର୍ବ ଓ ଗୋଉରବ ର ବିଷୟ। ସେ ଏକାଧାର ରେ ଜଣେ ସୁଲେଖିକା, ଛାତ୍ର ବତ୍ସଳ ଶିକ୍ଷୟିତ୍ରୀ, ସମାଜ ସେବୀ, କବୟିତ୍ରୀ ସର୍ବୋ ପରି ମାନବ ପ୍ରେମି ଅଟନ୍ତି। ସେ ସବୁବେଳେ ଚାହିଁଛନ୍ତି ଯେ ଏଇ ଉପାନ୍ତ ଅଞ୍ଚଳ ର ନାରୀ ମାନେ କିପରି ଅଧିକ ରୁ ଅଧିକ ଶିକ୍ଷିତ ହେବେ। ନାରୀ ଶିକ୍ଷା ର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ। ସେ ସବୁ ବର୍ଗ ର ନାରୀ ଙ୍କୁ ସମ୍ମାନ ଦିଅନ୍ତି। ନାରୀ ସଶକ୍ତିକରଣ ନିମନ୍ତେ ତାଙ୍କରି ଦ୍ୱାରା ରେ ଯାହା ସମ୍ଭବପର ସେ କରି ଆସିଛନ୍ତି। ସମସ୍ତ ନାରୀ ଙ୍କୁ ସେ ନାରାୟଣୀ ଙ୍କର ଅଂଶ ବିଶେଷ

ISSN NO.
2582-208X

ବୋଲି ମନେକରନ୍ତି। ଯେଉଁ ମହିଳା ଙ୍କ ସମ୍ପର୍ଶ ରେ ଆସନ୍ତି, ଆଗ ନିଜ ପଟୁ ନମସ୍କାର କରି ନିଅନ୍ତି। ପ୍ରତିନମସ୍କାର ଗ୍ରହଣ ପୂର୍ବରୁ ତାଙ୍କର ଭଲ ମନ୍ଦ ବୁଝି ନିଅନ୍ତି। ତାଙ୍କରି ମତରେ ନାରୀତ୍ୱ ଏକ ସାଧନା। ସମାଜ ର ହିତ ପାଇଁ ଚତୁପାର୍ଶ୍ୱ ରେ ଥିବା ରମଣୀ ମାନଙ୍କୁ ଶିକ୍ଷିତ କରାଇବା ସହ ସେମାନଙ୍କୁ ସେମାନଙ୍କ ର ଉପଯୁକ୍ତ ଆସନ ଅର୍ପଣ କରାଯାଇପାରିଲେ ସମାଜ ର ମଙ୍ଗଳ ହେବ। ତାଙ୍କର ସାହିତ୍ୟ କୃତି ମଧ୍ୟରେ କିଛି ପ୍ରବନ୍ଧ, ଗଳ୍ପ, କ୍ଷୁଦ୍ର ଗଳ୍ପ, କବିତା ଗୁଚ୍ଛ, ଉପନ୍ୟାସ ମୀନାର ସ୍ୱପ୍ନ, ତ୍ରୀରତ୍ନ, ପିଲାଙ୍କ ଛମାଣ ଆଠଗୁଣ୍ଠ, ଛମାଣ ଆଠଗୁଣ୍ଠ ର ପଦ୍ୟାନୁବାଦ, କବିତା ସଙ୍କଳନ, ତେଜସ୍ୱୀନୀ, ପ୍ରଚଳିତ ଢଗ ଢମାଳି, ଲୋକ ଗୀତ, ଚର୍ବିତ ଚର୍ବଣ, ବଣ ମଲ୍ଲୀର ଆତ୍ମଲିପି ଆଦି ପ୍ରଧାନ। ଜେମାମଣି ବିଷୟୀ ଙ୍କର ବିବାହ ଜଣେ ସମାଜ ସେବୀ ଗୋପବନ୍ଧୁ ବିଷୟୀ ଙ୍କ ସହ ୧୯୬୯ ମସିହା ଫେବୃୟାରୀ ମାସ ୨୯ ତାରିଖ ରେ ହୋଇଥିଲା। ଓଡିଶା ଚାଇଲ୍ଡ ବେଲଫେୟାର୍ କମିଟି ରେ ସଦସ୍ୟ ଅଛନ୍ତି। ସୁଲେଖିକା ସାଙ୍ଗ କୁ ଜଣେ ସୁବକ୍ତା ମଧ୍ୟ। ଯେଉଁଠି ସାହିତ୍ୟ ଚର୍ଚ୍ଚା ହେବାର ଖବର ପାଆନ୍ତି, ଅବିଳମ୍ବେ ସେଇଠି ଯାଇ ପହଞ୍ଚି ଯାଆନ୍ତି। ମହିଳା ଶିକ୍ଷକ ସଙ୍ଘ ର ଉପଦେଷ୍ଟା ବି ଅଛନ୍ତି। ଶିକ୍ଷ୍ୟକତା ସାଙ୍ଗକୁ ସାହିତ୍ୟ ସାଧନା କଲେ ବି ଜଣେ ସୁଗୃହିଣୀ ମଧ୍ୟ ଆଟନ୍ତି। ସ୍ୱମୀ ଙ୍କ ସହାୟତା ରେ କିଛି ଦିନ ଏକ ପତ୍ରୀକା "ଜନ ସଖା" ବାହାର କଲେ। ବର୍ତ୍ତମାନ ବନ୍ଦ ରହିଛି। ସେ ବିଭିନ୍ନ ସ୍ଥାନ ରୁ ମାନ ପତ୍ର ତଥା ସମ୍ବର୍ଧିତ ବି ହୋଇ ଛନ୍ତି । ଯଥା :: ୧--ଏଜୁକେଶନ୍ ଇଣ୍ଟେର୍ ନେସନାଲ୍ ସାର୍ଟିଫିକେଟ୍, ୧୯୯୫, (୨)ନେସନାଲ୍ କାଉନ୍ ସେଲିଙ୍ଗ୍ ଅଫ୍ ଏଜୁକେଶନ୍ ରିସର୍ଚ୍ଚ ରିଜିଓନାଲ୍ ଇନ୍ ଷ୍ଟିଚ୍ୟୁଟ୍ ପ୍ରମାଣ ପତ୍ର, ଭୁବନେଶ୍ୱର ୧୯୯୬, (୩) ଦେଶାତ୍ମବୋଧ କବିତା ପାଠୋତ୍ସବ ମାନପତ୍ର ନବରଙ୍ଗପୁର ୧୯୯୮, (୪) ଶ୍ରୀ ଜଗନ୍ନାଥ ସାହିତ୍ୟ ସାଂସ୍କୃତିକ ପରିଷଦ ସମ୍ମାନ ନବରଙ୍ଗପୁର ୨୦୦୦, ସର୍କଲ୍ ଲେବେଲ୍ ସାଇନ୍ସ ଏଜୁକେସନ୍ ସାର୍ଟିଫିକେଟ୍ ଜୟପୁର ୨୦୦୨, ମଣ୍ଡେଇ ସମ୍ମାନ, ଉତ୍କଳ ଦିବସ ମାନପତ୍ର, ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ସ୍ମାର୍ଟ ଓଡିଶା ସମ୍ବର୍ଦ୍ଧନା, ଭୁବନେଶ୍ୱର, ପ୍ରଥମ ସାରସ୍ୱତ ସମ୍ବର୍ଧନା ପାଠୋତ୍ସବ, ଖାରବେଳ ନଗର ଭୁବନେଶ୍ୱର, ଶାରଳା ଶକ୍ତିପୀଠ ଝୋଲ ମହୁଲ ମାନପତ୍ର, ବଲାଙ୍ଗୀର, ସନ୍ଥ ତୁଳସୀ ଦାସ ରାଷ୍ଟ୍ରୀୟ ସଂସଦସମ୍ମାନ ଓ ସମ୍ବର୍ଦ୍ଧନା ବେଲପଡା, ଜିଲ୍ଲା ସୁରକ୍ଷା ଆଇନ ମଞ୍ଚ ମାନ ପତ୍ର ଓ ସମ୍ବର୍ଦ୍ଧନା, ଜିଲ୍ଲା ସ୍ତରିୟ କବିତା ପାଠୋତ୍ସବ କୋରାପୁଟ ସମ୍ମାନ, ଭାରତୀୟ ଦଳିତ ସାହିତ୍ୟ ଏକାଡେମୀ ମାନ ପତ୍ର ଓ ସମ୍ବର୍ଧନା (ନୂଆ ଦିଲ୍ଲୀ), ଭାଗୀରଥି ପାତ୍ର ସ୍ମୃତି ସଂସଦ ସମ୍ମାନ, ବେଷ୍ଟ୍ ଟିଚର୍ ଆବାର୍ଡ,

ISSN NO.
2582-208X

ମହାବୀର ଇଣ୍ଟର ନେସନାଲ୍ ପ୍ରଜ୍ଞା ସମ୍ମାନ, ଶିକ୍ଷକ ସମାଜ ମାନପତ୍ର, ଅଷ୍ଟଭୂଜା ମାନପତ୍ର, ବଲାଙ୍ଗୀର, ଶ୍ରବଣୀ ସାହିତ୍ୟ ସଂସଦ ମାନପତ୍ର, ରାଜ୍ୟ ସ୍ତରୀୟ କବି ସମ୍ମିଳନୀ ମାନପତ୍ର କୋରାପୁଟ, ସ୍ମୃତିରେ ସ୍ମୃତିରେ ଜଗନ୍ନାଥ ତ୍ରିପାଠୀ କବିତା ପାଠୋତ୍ସବ ମାନପତ୍ର, ନେତାଜୀ ରାଷ୍ଟ୍ରୀୟ ଆକାଡେମୀ ସମ୍ବର୍ଦ୍ଧନା ମାନପତ୍ର, ଭୁବନେଶ୍ୱର। ନିର୍ବାଣ ସାହିତ୍ୟ ସଂସଦ ଜୟପୁର ମାନପତ୍ର, ଜିଲ୍ଲା ସସ୍କୃତି ପରିଷଦ ନବରଙ୍ଗପୁର, ମଣ୍ଡେଇ ମାନପତ୍ର, ଜିଲ୍ଲା ପୁସ୍ତକ ମେଳା ସମ୍ମାନ, ଦକ୍ଷିଣ ଓଡିଶା ସାହିତ୍ୟ ସମ୍ମିଳନୀ ସ୍ୱୀକୃତି ସମ୍ମାନ, ଶିଶୁ ସାହିତ୍ୟିକ ସମ୍ମାନ, ଦକ୍ଷିଣ ଓଡିଶା ସାହିତ୍ୟ ସମ୍ମିଳନି, ମାଲକାନଗିରି ସମ୍ମାନପତ୍ର, ଭାଗୀରଥି ସମ୍ମାନ ନବୟଙ୍ଗପୁର, ନବଜାଗରଣ ସାହିତ୍ୟ ସଙ୍ଗଠନ ସାରସ୍ୱତ ସ୍ରଷ୍ଟା ସମ୍ମାନ, ମା'ଘର ସମ୍ମାନ। ଶୁଣ୍ଡି ସମାଜ ସମ୍ମାନ, କଳାହାଣ୍ଡି ଜିଲ୍ଲା ଲୋକ ସମ୍ପର୍କ ବିଭାଗ ମାନ ପତ୍ର ଓ ପ୍ରଥମ ମହିଳା ହାଇକୁ କବିତା ସମ୍ମାନ। ବିଷୟ ବସ୍ତୁ ଉପସ୍ଥାପନ ନିଖୁଣ ଭାବେ, ସୁନ୍ଦର ଭାବେ, ନୈପୁଣତା ସହ ଶବ୍ଦ ଓ ଭାଷା ରସାୟନ ରେ ଉପସ୍ଥାପନ କରିଥାନ୍ତି। ମଣିଷର ଚିନ୍ତା ଓ ଚେତନା ର ଆବେଗ କୁ ନେଇ ଲେଖନି ଚାଳନା କରିଥାନ୍ତି ସେ। ସବୁଠାରୁ ବଡ କଥା ହେଲା ପ୍ରଥିତ ଯଶା ସାହିତ୍ୟିକା ତଥା ଅଧ୍ୟାପିକା ବାସନ୍ତୀ ମହାନ୍ତୀ ଙ୍କ ରଚିତ "ଚନ୍ଦ୍ର ମଲ୍ଲୀ" ର ଆଦିବାସୀ ଭାଷା ରେ ଅନୁବାଦ କରି ଚର୍ଚ୍ଚାର ପରିସର କୁ ଆସିଛନ୍ତି। ଗରିବ ମେଧାବୀ ଛାତ୍ର ଛାତ୍ରୀ ଙ୍କୁ ନିଜେ ପରୀକ୍ଷା ଫିସ୍ ବାନ୍ଧି ଦେବା ସହ ସେମାନଙ୍କ ପାଇଁ ପୋଷାକ ପତ୍ର ଓ ବହି ପତ୍ର ବି କିଣି ଦେଇଥାନ୍ତି। ଅନେକ ପୁସ୍ତକ ଉନ୍ମୋଚନ ଉତ୍ସବ ରେ ଯୋଗ ଦେଇଥାନ୍ତି। ଅବିଭକ୍ତ କୋରାପୁଟ ଜିଲ୍ଲା ର ଜଣେ ସୁସାହିତ୍ୟିକା, ସୁଗୃହିଣୀ, ଆଦର୍ଶ ଶିକ୍ଷୟତ୍ରୀ ଓ ସମାଜ ସେବୀ ଭାବେ ସୁପରିଚିତା।

ନବରଙ୍ଗପୁର
୯୪୩୭୭୮୮୭୦

ISSN NO.
2582-208X

# ମୌସୁମୀ



ଦୁଷ୍ମନ୍ତ ବେହେରା

କୁସୁମ ମଞ୍ଜରୀ ପାଟ ପିନ୍ଧି ଆସ
ଗୋ ମୌସୁମୀ ରାଣୀ ଅଭିନନ୍ଦନ
କରେ ତୁମ ଠାର ଚାହାଣୀ କୁ !

ମନ ଶବ୍ଦ କୁ ଭିଜେଇ ଦେବ
ଅକୁହା ପବନ ସୁଲୁ ସୁଲୁ
ବାହାରେ ତନୁ ସହଁଳି ଉଠିବ !

ଆକାଶ ମୁରୁଜ ହସୁଛି ମୋ ଗାଁ
ଦାଣ୍ଡ କହି ହସି ଦେଉଛି ଦେଖି
ଝୁଲି ଝୁଲି ଆସେ ମୌସୁମୀରାଣୀ !

ଜଉବନ ଉଛନ କୁ ଆଭାସ ଉଛନ
ବିହଙ୍ଗ କହେ ସିଂହରଣ ତାତି
କୁ ଦେହ ବାସର ମୂଖର !

ଲୁଚକାଳି ଖେଳ ବା ବତାସରେ
ସ୍ୱର କୁ ସ୍ୱର ନାଚି ନାଚି
ଆସ ହୃଦୟ ବନ ରେ !

ଜଗତ ହସିଲେ ଧରଣୀ ହସେ
ଜନମଙ୍ଗଳକୁ ଦେଖି ସକଳ କହେ
ମୌସୁମୀ ଗୋ ଆସିଛ ସମୟ ଦେଖି !

ଜୀବନ ପଥ ସୁଗମ କରି
ପ୍ରିୟଭୂମି ରେ ହେମଶସ୍ୟ ଦେଖି
ଅମୃତମୟ ସଂସାର ଏଇ !

ଆସ ଗୋ ମୌସୁମୀ.........

ଗ୍ରସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

ISSN NO.
2582-208X

# ଜନ୍ମଦିନ ଅବସରରେ



ବିଷ୍ଣୁପ୍ରିୟା ଦାସ

ଆଜି ମୋର ଜନ୍ମଦିନ
ପୃଷ୍ଠାଟିଏ ଓଲଟିଲା
ଆୟୁଷ ଖାତାରୁ
ଆଉ ମୁଁ....
ଗୋଟେ ପାଦ ପାଖେଇଲି
ମୃତ୍ୟୁର କୋଳକୁ !!

ନଜ ଏନ୍ଗୁଡ଼ି'ଠୁ ମଶାଣି ଦୂରତା ?
କଏ ବା ପାରିବ କହି ?
ଏ ଯାତ୍ରାରେ ଅଛି ଯହିଁ
ଶେଷପ୍ରାନ୍ତ...
ମୃତ୍ୟୁଅଛି ତହିଁ!!

ଜନ୍ମଦିନ ତ ଆସିଥାଏ
ବୟସର ମାପକାଠି ହୋଇ
ଅତିକ୍ରାନ୍ତ ସମୟର
ବିବରଣୀ ସହିତ ସେ
ଆଗାମୀକୁ...
ମୃତ୍ୟୁଦିନ ପାଇଁ...
ସତର୍କର ବାର୍ତ୍ତା ଦିଏ କହି !!

ସେହି ଚରନ୍ତନୀ
ସତ୍ୟକୁ ଭେଟିବା ପାଇଁ
ତା ବିଭତ୍ସତା କୁ
ସାମ୍ନା କରିବା ପାଇଁ
ମୁଁ ଆଜିଦିନେ ସଭିଙ୍କର
ସ୍ନେହ ଶ୍ରଦ୍ଧା ଶୁଭେଚ୍ଛା ଓ
ଆଶିଷ ଲୋଡ଼ଇ !!

ହୀରାପୁର, ଭୁବନେଶ୍ୱର
ଜିଲ୍ଲା: ଖୋର୍ଦ୍ଧା

ISSN NO.
2582-208X

# ପ୍ରକୃତିର ଦାନ

ଲକ୍ଷ୍ମୀପ୍ରିୟା ବିଶ୍ୱାଳ (ପୂଜା)

ପ୍ରକୃତିର ଦାନ ଅଟେ ଏ ଜୀବନ କର ତହିଁ ବିଚରଣ ।
ଏତ ସମାହାର ପ୍ରକୃତି ରାଣୀର ସର୍ବ ପଞ୍ଚ ତତ୍ତ୍ୱ ମାନ ।୧।
କ୍ଷିତି ଆପ ତେଜ ମରୁତ ଓ ବ୍ୟୋମ ପଞ୍ଚଭୂତେ ଗଢା ପ୍ରାଣ ।
ଏକରୁ ଅନେକ ଅନେକରୁ ଏକ ଏକଥା ସତ୍ୟ ପ୍ରମାଣ ।୨।
ପ୍ରକୃତି ମାତାର କୋଳେ ଜନମିଣ ଧନ୍ୟ ମଣ ଏ ଜୀବନ ।
ମହାନ ଯାହାର ରୂପ ଗୁଣମାନ କେ ପାରେ କରି ବର୍ଣ୍ଣନ ?୩।
ମାଆ କୋଳ ସମ ପ୍ରକୃତିର କୋଳ ଆନନ୍ଦ କରେ ପ୍ରଦାନ ।
କୋଳେ ପ୍ରକୃତିର କଲେ ବିଚରଣ ଦେହ ହୁଏ ରୋଗଶୂନ୍ୟ ।୪।
ପଶୁ ପକ୍ଷୀଙ୍କର ଚାରଣ ସ୍ଥଳ ଏ ଭ୍ରମୁଥାନ୍ତି ଅନୁକ୍ଷଣ ।
କୀଟ ତରୁଲତା ଫୁଲ ଫଳ ଦାନେ ମାନବେ କରେ ପୋଷଣ ।୫।
ଧେନୁ ମେଷ ପଲ କରନ୍ତି ଭ୍ରମଣ କରିଣ ତୃଣ ଭୋଜନ ।
ପ୍ରକୃତିର କୋଳେ ସର୍ବ ଜୀବ ଜନ୍ତୁ ଅଟନ୍ତି ଜାଣ ସମାନ ।୬।
ଯେଣୁ ପ୍ରକୃତିର ନାହିଁ ଭିନ୍ନା ଭିନ୍ନ ସଭେଏଁ ତାର ସନ୍ତାନ ।
ପ୍ରକୃତି ଦାନର ନାହିଁନା ତୁଳନା ସକଳ ତାର ଭିଆଣ ।୭।
ପ୍ରତିକ୍ଷଣେ ଲତା ପାଦପ ଏହାର ପ୍ରଦାନନ୍ତି ଅମ୍ଳଜାନ ।
ଋତୁଚକ୍ର ଏଠି କରେ ପ୍ରବର୍ତ୍ତନ ଏକ ପରେ ଆସେ ଆନ ।୮।
ଗ୍ରୀଷମ ପରେ ବରଷା ଆଗମନ ଯଥା ରାତ୍ରି ପରେ ଦିନ ।
ଅୟନ ବେନିର ହୁଏ ଆଗମନ ଉତ୍ତର ଦକ୍ଷିଣାୟନ ।୯।
ଧରଣୀ ପୃଷ୍ଠରେ ମାସ ସମ୍ବତ୍ସର ଦିବାନିଶି ଆଗମନ ।
କାଳ କ୍ଷୟ କରେ ସଭିଙ୍କ ଆୟୁଷ ସମ୍ପ୍ରତି କ୍ଷଣକୁ କ୍ଷଣ ।୧୦।

ISSN NO.
2582-208X

ଘଡି କି ଘଡି ଅନ୍ତର ଦେଖି ନର ଶୈଶବ ପରେ ଯୌବନ ।
ଯଉବନ ପରେ ଆସେ ପ୍ରୌଢକାଳ ଜୀବନକୁ କରି କ୍ଷୀଣ ।୧୧।
ତପ୍ତରେ ବାର୍ଦ୍ଧକ୍ୟ ଜୀବ ଶରୀରରେ ପ୍ରବେଶ କରେ ବହନ ।
ଜରା କଷାଘାତେ ନର କଳେବର ଲାଗି ଥାଇ ପରା ଶୂଣ୍ୟ ।୧୨।
ବାର୍ଦ୍ଧକ୍ୟ ଆସିବ ବ୍ୟାଧି ତ ଗ୍ରାସିବ ତହୁଁ ନାହିଁ ପରିତ୍ରାଣ ।
ଏନର ଜୀବନ ଅଟେ ମହୀୟାନ ହୃଦେ ବିନେ ଭଗବାନ ।୧୩।
ସକଳ ଜୀବ ଅନ୍ତରେ ଅନ୍ତର୍ଯ୍ୟାମୀ କରିଛନ୍ତି ବାସସ୍ଥାନ ।
ପ୍ରକୃତିର ଦାନ ଘେନିଣ ସୁମନ ସାଜ ତା ରକ୍ଷା କାରଣ ।୧୪।
ବଞ୍ଚିଲେ ପ୍ରକୃତି ଜୀବ ହିଁ ବଞ୍ଚିବ ଅନ୍ୟଥା ହେବ ନିଧନ ।
ପ୍ରକୃତି ମାତାକୁ କଲେ ହତାଦାର ନରକ ହେବ ଜୀବନ ।୧୫।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# କୋଣାର୍କ



ଲଲ୍ଟେନ୍ଦୁ ବାରିକ

ବାର ବରଷ ର ତପସ୍ୟା ର ଫଳ
ସନ୍ତକ ଟିଏ ଅଟେ ସେ ଉତ୍କଳ ର
କାରୁକାର୍ଯ୍ୟ ରେ ଭରା ଗନ୍ତାଘର
ଦିଶଇ ସତେ କି ରଥ ଆକୃତି ର
ଉତ୍କଳ ବକ୍ଷରେ ଆଜି ଦଣ୍ଡାୟ ମାନ
ମୂକସାକ୍ଷୀ ସାଜିଛି ସେ ଇତିହାସ ର
ଗଢି ଥିଲେ ଆମ ବାର ଶହ ବଢେଇ
ନିଜ ର ଜୀବନ କୁ ଜଳାଞ୍ଜଳି ଦେଇ
ଶୁଭ ସକାଳ ର ରକ୍ତ ରଞ୍ଜିତ ଆଭା
ଚରଣ କୁ ଚୁମି ଥାଏ ସେ ରଥ ଟିର
ସୁନେଲି କିରଣେ ଝଲସି ଉଠେ ସେ
କାରୁକାର୍ଯ୍ୟ ର ଭରା ବକ୍ଷ ଟି ତାର
ପ୍ରସ୍ତର ର ସେ ଖୋଦିତ ଜୀବନ୍ତ ଛବି
ଭାବନା ର ବିହ୍ୱଳେ ସାହିତ୍ୟ କବି

ଯେତେ ବି ଲେଖି ଲେ ଯଶ କଥା
ସରେ ନାହିଁ ସୃଷ୍ଟି ର ବର୍ଣ୍ଣନା ବାର୍ତ୍ତା
ଉତ୍କଳ ଭୂମି ର ଅଟେ ମଣି ସଦୃଶ
ଯଶ ବଢାଇ ଛି ଦେଶ ବିଦେଶ ରେ
ହୃଦୟ ରୁ ମୋର ଶତ ଶତ ନମନ
କାରିଗର କୁଳ ଙ୍କ ଚରଣ ପଦ୍ମ ରେ
ନିହାଣ ମୁନ ରେ ଶତ ଶତ ପ୍ରହାରେ
ଜୀବନ୍ତ ହୋଇଛି ନୃତ୍ୟରତ ମୂରତି
ଧରମା ର କୀର୍ତ୍ତି ଲାଗି ବିଶ୍ୱ ବିଖ୍ୟାତ
ଧନ୍ୟ କୁନି କାରିଗର ହୋଇ ଜନ୍ମିତ

ବାସୁଦେବପୁର ,ଭଦ୍ରକ

ISSN NO.
2582-208X

# ପୁରୁଣାକୁ ନୂଆ କରେ ନୂଆକୁ ନିଆରା



ସୂର୍ଯ୍ୟ ନାରାୟଣ ସାହୁ

ମଣିଷ ଦିନକୁ ଦିନ ଯେତେ ବଡ଼ ହେଇ ହେଇ ଯାଉଛି ସେ ଅତୀତ ର କଥା ସେତିକି ସେତିକି ମନ ପକେଉଛି । ହେଲେ ଆଜି କାଲିକା ନୂଆ ଯୁବ ପିଢ଼ି ପାଇଁ କେତେ ଜିନିଷ ଲୋପ ପାଇସାରିଲାଣି । ୫୦/୨୦ ଦଶକ ର ପିଲା ମାନଙ୍କ ଯୁଗ ବା ସେଇ ସମୟ କୁ ଗୋଟେ ଗୋଲଡେନ ଏରା ବୋଲି କୁହାଯାଏ । ଆଉ ସେଇ ସମୟରେ ଯେଉଁ ମାନେ ଜନ୍ମ ନେଇଛନ୍ତି ସେମାନେ ଜୀବନରେ ସବୁ ଖୁସି ନିଶ୍ଚୟ ପାଇଥିବେ ।

************************************

ଦୂର.. ତାଳ.. ବଣେ...
ଦୂର...ତାଳ...ବଣେ....
ବାୟା.. ବଧୁର...ବସା..
ବାୟା...ବଧୁର... ବସା... ।

ରେଡ଼ିଓ ର ସଂଗୀତ ମୂର୍ଚ୍ଛନା, ଝରକା ର ମୃଦୁ ମଳୟ ପବନରେ ଭାସି ଆସୁଥିଲା... ଆଉ ମୁଁ ବୋଉ କୋଳ ରେ ଶୋଇ ଶୁଣୁଥିଲି.. ।

ଲାଗୁଥିଲା ଯେମିତି ମୁଁ ଗୋଟେ ୫୦ ଦଶକ ର ହିରୋ । ନହେଲେ ଆଜିକାଲି କା ପିଲା ହୋଇ ଏମିତି ମାନ୍ଧାତା କାଳ ର ଗୀତ କାହିଁକି ଶୁଣୁ ଥାନ୍ତି!! ଭାରି ଭଲ ଲାଗୁଥିଲା ସେଇ ଅତୀତ କୁ ଫେରିଯିବା.. । କେଜାଣି କାହିଁକି ସେଇ ଅତୀତରେ ଏମିତି କିଛି ସ୍ୱାଦ ଥିଲା । ଅତୀତ ର ସ୍ୱାଦ ଚାଖି ଚାଖି ଭବିଷ୍ୟ ର ସ୍ୱାଦ ଚାଖିବାକୁ ଆଉ ଇଛା ନାହିଁ, ଢେର ସାରା

ISSN NO.
2582-208X

କଥା ମନେ ପଡିଯାଉଥିଲା ଛବିଳ ବର୍ଣ୍ଣବୋଧ ବହି ପରି.. ଚକା ଚକା ଭଉଁରୀ, ଏଇ ଆମ ଘର, ଆସ ଆମେ ଖେଳିବା, ଜହ୍ନ ମାମୁଁ, କାଳୀଯାଇ, କଳା ମାଣିକରେ, ଦୁଖୀ ଧନ ନୀଳ ମଣିରେ, ହଁ ଆଉ ଏକ କବିତା ଯାହା ଗ୍ରାମ୍ୟ ଜୀବନର ସରଳ ଜୀବନ ଜାପନ ଲୋକମାନଙ୍କ ବିଷୟରେ ପ୍ରସ୍ଫୁଟିତ, ମନେ ଅଛି ସେଇ ଷଷ୍ଠ ଶ୍ରେଣୀ ର କବିତା ଯାହା ସଚି ରାଉତ ରାୟ ଙ୍କର କୃତି "ଛୋଟ ମୋର ଗାଁ ଟି" ଟିକେ ମନେ ପକେଇ ଦେଉଛି ତାହେଲେ....

"ଛୋଟ ମୋର ଗାଁ ଟି...
ଭୂଗୋଳ ପୋଥି ପଛରେ ପଛେ ନଥାଉ ତାର ନାଁ ଟି ।"
ଏମିତି କେତେ କବିତା... ଭାସି ଆସୁଥିଲା କଳା ମେଘ ପରି ।

ସବୁବେଳେ ମୋ ମନର ହିରୋ ଟା ଜାଗ୍ରତ ହୋଇ ଉଠୁଥିଲା ସେ କବିତା ଆଉ ଗୀତ ସବୁ ଶୁଣି.. । ଭାରି ଭଲ ଲାଗୁଥିଲା । ଶୁଣିବାକୁ କାନ ର ପରଦା ଗୁଡିକ ଏକ ନିରବ ଅସ୍ପୃହା ଉନ୍ମାଦନା ସୃଷ୍ଟି କରୁଥିଲା ଯେମିତି । ଲୋମ ଗୁଡାକ ଟାଙ୍କୁରୀ ଉଠୁଥିଲା, କେଜାଣି କାହିଁକି ଅତୀତ କଥା ମନ ପଡିଲେ ମୁଁ ଏକ ଅବାସ୍ତବ ଜଗତ କୁ ଟାଣି ହେଇ ଯାଏ ଯେମିତି ।

ଭବିଷ୍ୟତ ଆଡକୁ ଚାହିଁବାକୁ ଜମା ଇଛା ହୁଏନି । ଯୌବନ ରେ ଥାଇ ବି ଅତୀତ ର ସେଇ ଧୂଳି ମାଟି ଖେଳିବାକୁ ମନରେ କୌତୁହଳ ଉପୁଜୁଥିଲା । ଦଶମ ଶ୍ରେଣୀ ସେଇ କବିତା...ବିନୋଦ ଚନ୍ଦ୍ର ନାୟକ ଙ୍କ କୃତି "ଗ୍ରାମପଥ " ଯାହା ଆଜି ବି ମୋ ମନକୁ ରୁଦ୍ଧିମନ୍ତ କରୁଛି । ଆପଣ ମାନେ ଦଶମ ଶ୍ରେଣୀ ସାହିତ୍ୟ ବହିରେ ନିଶ୍ଚୟ ପଢ଼ିଥିବେ...ତଥାପି ଟିକେ ମନେ ପକେଇଦେଉଛି..

"ଦୂର ତାଳ ବଣେ,
ଆକାଶ ଶୁଣାଏ,
ମାଟିର କବିତା କି ସେ!!,
ଏ ଗ୍ରାମ ର ପଥ,
ତହିଁ ଦିଗନ୍ତ ମିଶେ,

ISSN NO.
2582-208X

କ୍ଷେତ ପରେ କ୍ଷେତ, କାଶ ଫୁଲ ଆଉ,
ବେଣା ରେ ଜଟିଳ ପାଟ,
ପାଟ ପରେ ବଣ,
ବଣ ପାରି ହେଲେ,
ମାମୁ ଘର ଗାଁ ଦିଶେ... । "

ଇଛା ହଉ ଥିଲା ପୁଣି ଥରେ ଯାଇ ଦଶମ ରେ ଜଏନ କରି ଆଜିର ବାସ୍ତବତା କୁ ଭୁଲି ଯିବାକୁ । ମନରେ ଅସରାୟ ଇଛା ବର୍ଷା ର ପାଣି ଫୋଟକା ପରି ଅହେତୁକ ସ୍ଫୁରଣ ଭାସି ଆସୁଥିଲେ ସୁଦ୍ଧା ନିରୁପାୟ ଥାଏ, ସେଇ ଅତୀତ କୁ ଫେରିଯିବାକୁ । ଇଛା ହୁଏ ପ୍ରଥମ ବର୍ଷାର ମାଟିରେ ପଡିଲା ମାତ୍ରେ ମାଟିର ବାସ୍ନାକୁ ଘ୍ରାଣ କରିବା ପାଇଁ ଏବଂ ମାଟିର ମଣିଷ ହେଇ ସେଇ ମାଟି ଉପରେ ଥାଇ ବଞ୍ଚିବାର ଆଶା ସଞ୍ଚାର କରୁଥିଲା, ଏମିତି ସେଇ ଅତୀତ ର ଗୀତ ଶୁଣି ଅତୀତ ର ବହୁତ କଥା ମନେ ପକାଇଥାଏ । ହେଲେ ଆଜିର ବାସ୍ତବତା ତାର ଲୁହା ଶିକୁଳି ରେ ମୋ ଗୋଡ଼ କୁ ବାନ୍ଧି ଦେଇଥିଲା ଯେମିତି । ଗୋଟେ ମଲା ମଣିଷ ପରି ମୁଁ ପଡି ରହିଛି ଆଉ ଯୌବନ ରେ ପଦାର୍ପଣ କରି ସୁଦ୍ଧା ମତେ ପଙ୍ଗୁ ପରି ଅନୁଭୂତ ହେଉଛି । କାଶ ତଣ୍ଡି ଫୁଲ ପରି ଜୀବନ ଅତି ସରଳ ରେ କଟୁଥିଲା, ଯେମିତି ସମୁଦ୍ର ର ଉର୍ମି ମାଳା କୂଳକୁ ଛୁଇଁବାକୁ ବ୍ୟାକୁଳ ହୁଅନ୍ତି ଯେମିତି ବୟସର ଅପରାହ୍ନ ରେ ସନ୍ଧ୍ୟା ଆଡକୁ ଆଗେଇ ଚାଲିଥାଏ ଠିକ ସେମିତି । ଜୀବନ ମରଣ ଆଡକୁ ଗତିଶୀଳ ହୋଇଚାଲିଥାଏ, ଏହା ହିଁ ତ ବାସ୍ତବତା ।

ଆପଣ ମାନେ ପୁରୁଣା ଜିନିଷ ଯଦି ଘରେ ଥାଏ ଫୋପାଡ଼ି ଦିଅନ୍ତି ଆଉ ସେହି ଯାଗାରେ ନୂଆ ଜନିଷ କୁ ଆଶ୍ରା ଦିଅନ୍ତି । ହେଲେ ମୁଁ ସେଇ ଅଶି ଦଶକ ର ଜିନିଷ କୁ ଭଲ ପାଏ, ଆଉ ସେଇ ଜିନିଷ କୁ ସାଇତି ରଖେ ମୋ ମୋ ମାନସପଟରେ । ସେଇ ଜିନିଷ କୁ ଦେଖିଦେଲେ ମୋ ଅତୀତ ବହେ ଗାଥା ମନେ ପଡ଼ିଯାଏ । କେଜାଣି କୋଉ କାଳୁ ସେ ଜନ୍ମ ହେଇଥିବ!!, ଯୁଗ ଯୁଗ ଧରି କେତେ ପୁରୁଷ ତାରି ଉପରେ ହାତ ବୁଲାଇ ଆସିଥିବେ, ଆଉ ସେଇ ଜିନିଷ ରେ ବାପ- ଅଜା ମାନଙ୍କର ଆଙ୍ଗୁଠି ର ହାତ ଛାପ ଥିବ, ଥରୁଟେ ଦେଖିଦେଲେ ମୋ ମନରେ ଅସରାଏ ବର୍ଷାର ପାଣି ଫୋଟୋକା ପରି କେତେ ପ୍ରଶ୍ନ ମନକୁ ଆସୁଯାଏ । ଉଙ୍କିମାରୁଥାଏ ଅସରାଏ ଅସୁମାରୀ, କେତେ ପ୍ରତିଛବି, ଲୁହ ରେ ଟଳ ମଳ ହେଇଯାଏ ସେଇ କ୍ଷଣିକ ପାଇଁ, ଦିଗନ୍ତ ହରା ପଥିକ ପରି ଖୋଜୁବୁଲେ ସେଇ ଅତୀତ କୁ ।

ISSN NO.
2582-208X

ଅପରାହ୍ଣ ସୂର୍ଯ୍ୟର ବିଦଗ୍ଧ ଖରା ତାପରେ ଜର୍ଜରିତ ହୋଇ ଉଠେ ଅତୀତ, କେଜାଣି କାହିଁକି ଅତୀତ କଥା ମନକୁ ଆସିଲେ ରକ୍ତ ବୁନ୍ଦା ସବୁ ଏକ ଉନ୍ମାଦନା ସୃଷ୍ଟି କରନ୍ତି ଯେମିତି, କର୍ଣ୍ଣପଟରେ ଶୁଣିବାକୁ ଇଚ୍ଛା ହୁଏ ସେଇ ସ୍ମୃତି ସବୁ । ଛାତି ରେ ଅହେତୁକ ଶୀହୀରଣ ଖେଳି ବୁନ୍ଦା ବୁନ୍ଦା ରକ୍ତ ମୋର ରାତ୍ରର ଜାଗ୍ରତ ପ୍ରହରୀ ପରି ଉଠି ବୁଲେ ।

ମୋ ଶରୀର ର ପ୍ରତ୍ୟେକ ଟି ସ୍ନାୟୁ ଚଳ-ଚଞ୍ଚଳ ହୋଇ ଉଠେ । ହାତ ଗୋଡ଼ ରେ ଲୋମ ସବୁ ଟାଙ୍କୁରୀ ଉଠେ । କୋଉ ଏକ କାରଗିଲ ଯୁଦ୍ଧ ରଣଭୂମିର ସୈନିକ ପରି ।

ମୋ ମନର ହିରୋ ଟା ଯେମିତି ପୁରୁଣା "ଯାଯାବର" ଫିଲ୍ମ ର ଯାଯାବର ପରି ଉଠି ବସୁଥିଲା, ସତେ ଯେମିତି ଗୋଟେ ଯାଗାରେ ମୁଁ ଯେମିତି ସ୍ଥାୟୀ ନୁହଁ । ସେଇ ଶ୍ରୀରାମ ପଣ୍ଡା ଙ୍କ କଥା ଆଜି ବି ମନେ ପଡି ଯାଏ । ବଧୂ ନିରୁପମା, କାବେରୀ, ସାଗର - ଶାମୁକା, 1942 a love story, ଏମିତି କେତେ ଚଳଚିତ୍ର । ଆଜିର ହିରୋ ମାନଙ୍କ ପରି ଇଛା ହୁଏନି ରଙ୍ଗ,ବେଶ, ସାଜ- ସଜା, ଇଛା ହୁଏନି ଏଇ ଜିନ୍ସ ପ୍ୟାଣ୍ଟ ଆଉ ଶାର୍ଟ, ଫେରିଯିବା କୁ ଇଛା ହୁଏ ଜେଜେ ବାପାଙ୍କ ସେଇ ଧୋତି-କୁର୍ତ୍ତା ପାଖକୁ । ମଣିଷ ଜନ୍ମ ନେଇଛି ଯେତେବେଳେ ସମୟର ସ୍ରୋତ ରେ ବହି ଯାଇ ଆଜି ର ଯୁଗପଯୋଗୀ ହେବା ନିମନ୍ତେ ଯଥାର୍ଥ ଆବଶ୍ୟକତା ହୋଇ ପଡୁଛି । ହେଲେ ମୋ ମନର ମାନସ ପଟ ଟା ଖୋଜୁ ଥାଏ ସେଇ ଅତୀତ କୁ । ସତେ!! ଯେମିତି କାଳ ର କରାଳ ରୂପରେ ସେଇ ଅତୀତର ବହୁତ କିଛି ହରେଇ ବସିଛି!!

ଆଗ ପରି ଆଉ ତାଳ ବଣ ନାହିଁ,କି ବାଇ ଚଢେଇ ବସା ବି ଦେଖିବାକୁ ସ୍ୱପ୍ନ । ଆମ୍ବ ତୋଟା, ଗାଡ଼ିଆ, ପୋଖରୀ, ନଈ, ନାଳ, ଆଉ ସେଇ ବିଲ, ପାହାଡ଼, ନଈ ପଠାର ସେଇ କାଶ ତଣ୍ଡି ଫୁଲ, କୁଆଁରୀ ମାନଙ୍କ ଜହ୍ନି ଉଷା, ବାଡ଼ରେ ମାଳିଥିବା ସେଇ ଅପରାଜିତା,ଜହ୍ନି ଫୁଲ, ବର୍ଷା ହେଲେ ସାଙ୍ଗ ମାନେ ସବୁ ମିଶି ପୋଖରୀ ପହଁରା, ନଈ ରେ ପାଣି ଆସିଲେ ପହଁରିବା, ବାଟି ଖେଳ, ବାସ୍କେଟ ବଲ, ବୋହୁ ଚୋରି ଖେଳ, କିତ କିତ, ସାଙ୍ଗକୁ କବାଡି, ଚକା ଭଉଁରୀ, ଚୋର-ପୋଲିସ, ରାଜା-ମନ୍ତ୍ରୀ, ବିଷ -ଅମୃତ, ମୂଷା-ବିରାଡ଼ି, କ୍ରିକେଟ, ସବୁଠୁ ମଜାଦାର ଥିଲା । ଧାନ ଖଳା ରେ ଧାନ ଗଦା ରେ ଲୁଚକାଳି ଖେଳ, ଦୌଡ଼, ହାଣ୍ଡି ବଡ଼ିଆ, ଏଇସବୁ ସାଥେ ଆମ୍ବ ତୋଟା ରେ ଡାହୀ-ମାଙ୍କଡ଼, ଏମିତିକି ଜେଜେ ଙ୍କ ଠାରୁ ଆଠଅଣା ପଇସା ନେଇ ଆଇସକ୍ରିମ ବାଲା ଠାରୁ ଆଇସକ୍ରିମ ଖାଇବା, ଆମ୍ବ, ପଣସ,

ISSN NO.
2582-208X

ଏଇ ସବୁ ଚୋରି କରି ଖାଇବା, ଲଣ୍ଠନ ନେଇ ଟ୍ୟୁସନ ଯିବା, କାଗଜ କୁ ମୋଡି ତାକୁ ସିଗାରେଟ ଆକାର କରି ମିଛି ମିଛିକା ସିଗାରେଟ ଖାଇବା, ଶଗଡ଼ ଗଲା ବେଳେ ପଛପଟୁ ଟାଣି ଧରିବା, ତାଳ – ଖଜୁରୀ ସାଙ୍ଗ ସାଙ୍ଗ ଭିତରେ ଭାଗ ବଣ୍ଟା, ନଈ ବାଲିରେ ଘର କରିବା, ଦୌଡ଼ା-ଦୌଡ଼ି ହେବା, କଳା-ଧଳା ଟିଭି ରେ ଶକ୍ତିମାନ, ଆଉ ରଙ୍ଗୋଲି ଭଳି କାର୍ଯ୍ୟକ୍ରମ ଦେଖିବା, ଦୀପାବଳି ସମୟ ଆସିଲେ ପିସ୍ତଲ କିଣି ରିଲ ବାଣ ନେଇ ଫୁଟାଇବା, ସେକାଳ ର ହାବେଳୀ ବାଣ ସାଙ୍ଗକୁ ମାଣ ବସା ଗୁରୁବାରେ ବୋଉ ହାତ ରନ୍ଧା ପୋଡ଼ ପିଠ, ଆଡିଶା, ଚକୁଳି, ବିଭିନ୍ନ ରକମ ର ଫଳ ସବୁ ଆଜିର ବାସ୍ତବ ଦୁନିଆ ରେ ଆଉ ନାହିଁ । ହଜି ଯାଇଛି ସବୁ ଇତିହାସ । ନଦୀ ଗର୍ଭରେ ଲୀନ ହେଇଯାଇଛି । ଆଜି କୋଉ ପିଲା ପାଖରେ ସମୟ ନାହିଁ, କାହା ପାଖରେ ବନ୍ଧୁତା ର ପରିଭାଷା ନାହିଁ, କାହା ପାଖରେ ଧର୍ଯ୍ୟ ନାହିଁ, କାହା ପାଖରେ ଆନ୍ତରିକତା ନାହିଁ, ତଥାପି... ତଥାପି ହସୁଚି ସେଇ ଅତୀତ ର ସ୍ମୃତି ପଟ କୁ ନେଇ । ଯାହା ୨୦ ଦଶକ ର ପିଲା ହୋଇ ଆମେ ମାନେ ଉପଭୋଗ କରିଥିଲୁ, ତାହା ଆଜି କାଲିକା ପିଲା ବୁଝୁନାହାନ୍ତି । ସମସ୍ତେ ମୋବଇଲ ରେ ବ୍ୟସ୍ତ ହୋଇ ପଡିଲେଣି, କେହି ମଧ୍ୟ ବ୍ୟସ୍ତ ବହୁଳ ଜୀବନ ଭିତରେ ସୁଦ୍ଧା ଶାରୀରିକି ପରିଶ୍ରମ କରି ଖେଳ ଖେଳୁ ନାହାନ୍ତି । ବାହାରକୁ ଯାଇ ବୁଲାବୁଲି କରୁନାହାନ୍ତି, ପ୍ରକୃତି କୁ ଉପଭୋଗ କରୁନାହାନ୍ତି, ବିଲୀନ ହେଇଗଲାଣି ସବୁ । କେଜାଣି ଆମ ପରବର୍ତ୍ତୀ ପିଢ଼ି ଏଇସବୁ ବିଷୟରେ ଜାଣିବେ କି ନାହିଁ!! ସବୁ ଯେମିତି ଅପସରି ଯାଇଛି, ଦେଖିବାକୁ ମିଳୁ ନାହିଁ ଗାଁ.. ଗାଁ..ରେ ଆଉ ସେଇ ଶଗଡ଼ ଗାଡି । ଦେଖା ଯାଉନି ଗାଁ ମାନଙ୍କରେ ସେଇ ଲ୍ୟାଣ୍ଡ ଫୋନ । ଦେଖା ଯାଉନାହିଁ ସେଇ ସେଇ କଙ୍କି ପ୍ରଜାପତି । ଏଇସବୁ ଯେମିତି ଆଧୁନିକ ବାସ୍ତବ ଜଗତ ଠାରୁ ବିଦାୟ ନେଇ ସାରିଛି..... ହଁ...ବିଦାୟ ନେଇ ସାରିଛି.... ।

ସେଥିପାଇଁ ଏଇ ଲେଖା ମୋର...ପୁରୁଣାକୁ ନୂଆ କରେ ନୂଆକୁ ନିଆରା ।

ଆଶା କରୁଛି ଏଇ କାହାଣୀ ଟି ଆପଣଙ୍କ ମାନସ ପଟରେ ଅତୀତର ସ୍ମୃତି ସବୁ ରୁଦ୍ଧିମନ୍ତ ହୋଇ ନାଚି ଉଠିଥିବ ।

%%%

ISSN NO.
2582-208X

# ରକ୍ଷା ବନ୍ଧନ



ଦେବାର୍ଚ୍ଚନ ମେହେର

ଭାଇ ଭଉଣୀ ର କହ କାହାଣୀ,
ଭାଇ ଭଉଣୀ ର ଝଗଡ଼ା ରହେନି ଠାନି।।

ଭାଇ ଆଜି ମୁଁ ବାନ୍ଧିଲି ତ ହାତେ ରାକ୍ଷୀ,
ସବୁଦିନ ପାଇଁ ରହିଲୁ ତୁ ମୋ ସାକ୍ଷୀ।।

ରାକ୍ଷୀ ନୁହେଁ ଏ ସ୍ନେହ ମମତା ର ଡୋରି,
ଭାଇ ପାଇଁ ଭଉଣୀ ହେଉ ଥାଏ ଝୁରି।।

କେତେ ରାଗ ରିସା ଚାଲି ଥାଏ ଆମ ଭିତରେ,
ଦୁଃଖ ସୁଖ ବାଣ୍ଟି ନେବା ଆମେ ଶେଷରେ।।

ଭାଇ ବୋଲି ତୁ ମୋ ପାଖେ କରୁଛୁ ଅଝଟ,
ସହି ନେବି ସବୁ ତୋହରି ଦୋଷ ନଥିବ କପଟ।।

ତୁମ ପରି ଭାଇ ପାଇ ଆଜି ମୁଁ ହେଲି ଧନ୍ୟ,
ତୋ ପରି ଭଉଣୀ ପାଇ ମୋ ଜୀବନ ପୁଣ୍ୟ।।

ISSN NO.
2582-208X

ରାକ୍ଷୀ ବନ୍ଧନ ଏତ ପବିତ୍ର ବନ୍ଧନ,
ଭାଇ ଭଉଣୀ ହୃର୍ଦୟର ଅଟେ ସ୍ପନ୍ଦନ।।

ଚନ୍ଦନ, ସିନ୍ଦୂର, ଧୂପଦୀପ, ଫୁଲ ଧରି,
ତା ସଙ୍ଗେ ମିଠା କଂସା ଥାଳିରେ ସଜେଇ କରି।।

ଥାଳିକୁ ସାତ ଥର ଭାଇ ସମୁଖେ ବୁଲେଇ,
ଭାଇ ପାଇଁ ମଙ୍ଗଳ କାମନା କରଇ।।

ରାକ୍ଷୀ ବାନ୍ଧିଦେ ତୁ ମୋ ହାତେ,
ଜୀବନ ଥିବା ଯାଏଁ କଣ୍ଟା ନ ଦେବି ତୋ ପଥେ।।

ତୁ ମୋ ସୁନା ଭଉଣୀ,
ତୁ ମୋ ସୁନା ଭଉଣୀ।।

ଗ୍ରାମ - ବାପୁଜୀନଗର
ଜିଲ୍ଲା - ବୌଦ୍ଧ
ମୋ - ୭୮୯୪୩୪୩୫୫୨

ISSN NO.
2582-208X

# ନାରୀ ଅତ୍ୟାଚାର



ସନ୍ତୋଷ କୁମାର ବେହେରା

ନାରୀ ଅତ୍ୟାଚାର ହେଲା ଅପ୍ରମିତ
ଧରିତ୍ରୀ କରେ କ୍ରନ୍ଦନ
ଶତ ଶତ ମହିଷାସୁର ଗୋ ଆଜି
କରନ୍ତି ନାରୀ ଶୋଷଣ (୧)

ସର୍ବ ଦେବାଦେବୀ ଏକତ୍ରିତ ହୋଇ
ଜାତ କର ମୃତ୍ୟୁ ବାଣ
ମୃତ୍ୟୁର କରାଳ ବିଭୀଷିକା ସାଜି
ମର୍ତ୍ତ୍ୟକୁ ଆସ ବହନ (୨)

ନାରୀଙ୍କ ହୃଦୟେ ହୁଅ ବିରାଜିତ
କର ମା ଶକ୍ତି ପ୍ରଦାନ
ଅବଳା ଦୁର୍ବଳା ନାରୀ ସମାଜକୁ
କର ମାଗୋ ବଳିୟାନ (୩)

ଦୁର୍ବଳ ଉପରେ ଶବଳର
ବଢୁଅଛି ଅତ୍ୟାଚାର
ଅନ୍ୟାୟର ସୀମା ଟପି ଯାଉଅଛି
କର ମାଗୋ ପ୍ରତିକାର (୪)

ISSN NO.
2582-208X

ଏ ଧରାପୃଷ୍ଠକୁ ଅବତରି ଆସ
ପ୍ରଳୟର ରୂପ ଧରି
ସଂହାର କର ମା  ସଂହାର କାରିଣୀ
ହାତରେ ତ୍ରିଶୂଳ ଧରି  (୫)

ଜ୍ୱାଳାମୁଖୀ ହୋଇ କର ଗୋ ବିନାଶ
ପାପ ହୋଇଯାଉ କ୍ଷୟ
ଧର୍ମ ଆଗମନେ ପାପ ହେଉ ଅସ୍ତ
ପୂଣ୍ୟର ହେଉ ମା ଜୟ (୬)

କପସିଲ୍, ତୁଷୁରା, ବଲାଙ୍ଗିର
ଫୋ:ନ:--୭୭୩୫୬୧୫୧୦୭

ସେପ୍ଟେମ୍ବର - ୨୦୨୨
www.vedantimagazine.com
ISSN NO.
2582-208X

# ଦୁର୍ଲଭ ମାନବ ଜନ୍ମ

ଅଲେଖ ମେହେର

ରାଗ-ରଷିକୁଲ୍ୟା

ନକର ଶୋଚନା ହେ ନୃପ ସୁମନା ଧ୍ୟାନକର ଆମ୍ଭ ସୁ ଗିର
ଶୂନ୍ୟ ହୋଇଗଲା ଜୀବନ ଆଶରା ପରଲୋକକୁ ହେ ସୁଧାର
କର୍ମେ ଲିହିଥିଲାକ ବିହି
ଅହିରାଜ ସର୍ପ ପ୍ରବେଶି ଦଂଶିବ ସପ୍ତମ ବାସଗଲେ ହୋଇ ।୨୬ ।

କ୍ଷଣ ଭଂଗୁର ଏ ଭବ ଅର୍ଣ୍ଣବରେ କେହି ନୁହନ୍ତିଟି କାହାର
ଭୁଲିଯିବେ ସର୍ବେ ଦ୍ୱାଦସ ବାସରେ ଲଭିଣ ମୋହିନୀ ମନ୍ତର
ମାୟା ମୋହରେ ଛନ୍ଦି ହୋଇ
ମାନସ ଅଟଳେ ପରଲୋକ ଖେଦ ଆସେନାହିଁ କ୍ଷଣିକ ପାଇଁ ।୨୭ ।

ବୋଲି ମୋର ମୋର ଯା ପାଇଁ ବ୍ୟଥିତ ସେକି ଯିବେ ତୁମ୍ଭ ସଂଗତେ
ଯିବନାହିଁ ଧନ ଜନ ଗୋପଲକ୍ଷ୍ମୀ ଯାହାବି ସଞ୍ଚିଛ ଗୁପତେ
ଏକା ଆସି ଏକା ଫେରିବ
ଯାହାପାଇଁ ଏତେ କରୁଛ ଭାଳେଣି ମୃତ୍ୟୁପରେ ଭାବ ତୁଟିବ ।୨୮ ।

ଛାଡି ମୋହ ଚିନ୍ତା ଗୁରୁଜନ ଅନୁସରଣ ହୋଇବା ଉଚିତ
ଦେଖାଇବେ ଯାହା ସତମାର୍ଗ ପଥ ପରାଣ ହୋଇବ ତୃପତ
ଗମି ଯେଉଁ ପଥେ ମାନବ
ଦେହତ୍ୟାଗ ପରେ ଅନାବିଳ ଚିତ୍ତେ ମୋକ୍ଷପଦ ପ୍ରାପ୍ତି ହୋଇବ ।୨୯ ।

ISSN NO.
2582-208X

ଛାଡି ମରଦେହ ଅମର ଲୋକଙ୍କୁ କରୁ ଆତ୍ମା ତବ ଗମନ
ଅବିନାଶି ଆତ୍ମାକୁ ନକରୁ ସ୍ପର୍ଶ ଦିବ୍ୟଜ୍ଞାନ ବଳେ ସମନ
ତହିଁ ପାଅ ଉଚ୍ଚ ଆସନ
ମହାତେଜୋବନ୍ତ ଯତିନ୍ଦ୍ର ଯେସନେ ହେଉ ତୁମର ସନମାନ ।୩୦ ।

ଦୀନବାନ୍ଧବ ଭାବଗ୍ରାହୀ ମାଧବ କରନ୍ତୁ ମଙ୍ଗଳ ବିଧାନ
ଭାଷି ଏସନକ ଶମୀକ ମହର୍ଷି ତ୍ୟାଗ କଲେ ରାଜଭବନ
ଋଷିନ ଗନ୍ତବ୍ୟ ପଥକୁ
ବିଥିର ହୃଦୟେ ବେଲୋକି ରାଜନ ନିନ୍ଦିଲେ ଆପଣା ଭାଗ୍ୟକୁ ।୩୧ ।

-: ଟୀକା :-

ଲିହିଥିଲା - ଲେଖିଥିଲା
ଅର୍ଣ୍ଣବ - ସମୁଦ୍ର
ଖେଦ - ଦୁଃଖ
ଗମି - ଯାଇ
ବିଥିର - ଅସ୍ଥିର
ବିକ୍ଷଣ - ଦେଖିବା
ବିଲୋକି - ଦେଖିବା

କ୍ରମଶଃ.....

ବରପଦର, ଗୋବିନ୍ଦପୁର, ବରଗଡ

ISSN NO.
2582-208X

# କୋଇଲି ପାରୁଢ଼ା ଆମ୍ବ



ତାରାପ୍ରସାଦ ଜେନା

କୋଇଲି ପାରୁଢ଼ା ଆମ୍ବ ଲୋ...
ଦେହକୁ ଲଗେଇ ଗେଲ ହେଉଥିଲୁ
ଆଢୁଆଳ ଥିଲା ଖମ୍ବ !
ଶୁଖିଲା କଖାରୁ ଡଙ୍କ ଲୋ...
ଆଖିକୁ ମାରିକି ମୁହଁକୁ ମୋଡ଼ିକି
ସେଇତକ ଯାହା ରଙ୍କ !
ଚହଟ ମନ୍ଦାର ନାଲି ଲୋ...
ପାନଖିଆ ଓଠ ବାଦକି ପଡ଼ିବ
ବହଳିଆ ପ୍ରେମ ଖାଲି !
ଛନକା ମନକା ଛାତି ଲୋ...
ଚୋରା ପୀରତିରେ ଶରଧା ଏମନ୍ତ
ଅନ୍ଧାରକୁ ଛାଇ ହାତୀ !
ଜହ୍ନଠି ବଉଦ ଖଣ୍ଡେ ଲୋ...
ତୁଛାକୁ ହାତେର ଓଢ଼ଣା ପଡ଼ିଚି
ଦେଖିନାଇଁ ଜମା ଦଣ୍ଡେ !
ହାଟକୁ ବାଟକୁ ପାଆ ଲୋ...
ଲାଜକୁ ଏମିତି ମହତ କାଢୁଚୁ
ସିଆଣିରେ ପକା ନୂଆ !

ISSN NO.
2582-208X

ସାଧାରେ ଅଧାକୁ ଲାଖ ଲୋ...
ମନଟା ସାଗରେ ପୋଖରୀ ଅଣ୍ଡାଳି
ଦେଖାଉଛୁ ତୁଚ୍ଛା ସୁଖ !
ନହର କଣ୍ଠାରେ କାନି ଲୋ...
କେତେ ଶାଗ ମୁଗ ଅଣ୍ଟିରେ ପୂରାଇ
ମିଛୁଟାରେ ସାଜୁ ମୁନି !
ଧାନୁଆ ଲଙ୍କାର ପେନ୍ଥା ଲୋ...
ଘରକୁ ଝଅଟ ଆସିବୁ ଯେବେଟି
ସିନ୍ଦୂରିଆ ହେବ ସୁନ୍ଥା !

ଗ୍ରାଜ ରଣପୁର, ଜିଲ୍ଲା-ନୟାଗଡ଼, ପିନ୍-୭୫୨୦୨୬
ଦୂରଭାଷ-୯୩୪୮୦୫୪୩୦୦

ISSN NO.
2582-208X

# କ୍ଷୁଦ୍ରଗଳ୍ପ- ପାଗଳି



ଶ୍ୟାମସୁନ୍ଦର କୁମ୍ଭାର

ରାମବାବୁ ଜଣେ ସମ୍ଭ୍ରାନ୍ତ ବ୍ରାହ୍ମଣ ଲୋକ । ଧନ, ମାନ, ଜଜମାନୀ ପାଣ୍ଡିତ୍ୟ କୋଉଥିରେ ତାଙ୍କର ଊଣା ନାହି । ତାଙ୍କର ଗୋଟିଏ ମାତ୍ର ଝିଅ ନୀତା । ଗୋଟିଏ ଚାଉଳରେ ଗଢା, ସତେ ଯେପରି ସରଗ ପରୀଟିଏ । ରୂପରେ ଯେମିତି ଗୁଣରେ ସେମିତି । ରାମବାବୁଙ୍କର ବା କୋଉଥିରେ ଅଭାବ ରହିଛି ତା ଛଡ଼ା ନୀତା ହେଉଛି ତାଙ୍କର ଏକମାତ୍ର ଅଲିଅଳ ଝିଅ । ରାମବାବୁ ନୀତାକୁ ତାଙ୍କ ଜୀବନଠୁ ଅଧିକ ଭଲ ପାଆନ୍ତି ।ନୀତାର ବାଲ୍ୟ ଜୀବନ ଅତ୍ୟନ୍ତ ହସଖୁସିରେ କଟିଗଲା । ନୀତା BA ପର୍ଯ୍ୟନ୍ତ ପଢିଲା ।

ନୀତାର ବିବାହ ବୟସ ହେବାରୁ ସମଜାତିର ଗୋଟିଏ ଯୁବକ ସହିତ ମହା ଧୁମ୍‌ଧାମରେ ନୀତାର ବାହାଘର ହେଲା । ମୋଟର ସାଇକେଲ୍ ଠାରୁ ଆରମ୍ଭ କରି TV, କୁଲର୍, ଫ୍ରିଜ, ଘର ତଲଣୀ ସାମଗ୍ରୀ ଇତ୍ୟାଦି ଦେଇ ରାମବାବୁ ନୀତାକୁ ବାହା ଦେଲେ । କନ୍ୟା ବିଦାକଲା ସମୟରେ ସଂସାର ରୀତିନୀତି, ସାମାଜିକ ଚଲଣୀ ବିଷୟରେ ବୁଝାଭ ରାମବାବୁ ଝିଅକୁ ବିଦାକଲେ ।

ଚଉଠି ରାତିରେ ନୀତା ମନରେ ଅସରନ୍ତି ସପ୍ନ । ସ୍ୱାମି ସହିତ ହସ ଖୁସିରେ ରହିବ । ତାର କୁନି କୁନି ପୁଅ ଝିଅ ହେବେ । ତାର ପୁଅଝିଅର ଟିକିଟିକି ହାତ ଧରି ତାଲି ଶିଖାଇବ । ଜହ୍ନ ମାମୁଁକୁ ଦେଖାଇ ଦୁଧଭାତ ଖୁଆଇ ଦେବ, ଅଳି କଲେ ନାନାବାୟା ଗୀତ ଗାଇ ଶୁଆଇ ଦେବ । ସମାଜରେ ଗୋଟିଏ ଆଦର୍ଶ ସ୍ତ୍ରୀ ଭାବେ ନିଜକୁ ପ୍ରତିଷ୍ଠିତ କରିବ ।

ISSN NO.
2582-208X

ଠିକ୍ ଏହି ସମୟରେ ମାତାଲ ଅବସ୍ଥାରେ ଢଳିଢଳି ଗୃହକୁ ପ୍ରବେଶ କଲେ ଜିତୁ । ଅତି କର୍କଶ କଣ୍ଠରେ ଡାକିଲା ଏ ନୀତା ଭଲ ଅଛୁ ।

ଚମକି ଉଠିଲା ନୀତା, ହଠାତ୍ ତାର ସ୍ୱପ୍ନରେ ପୂର୍ଣଛେଦ ପଡ଼ିଗଲା । ଏ କଣ ଜିତୁ ? ମୁଁ ଭୁଲ୍ ଦେଖୁନାହିଁତ ? ମୋର ଭବିଷ୍ୟତ କଣ ହେବ ? ଏମିତି ଅନେକ ପ୍ରଶ୍ନ ନୀତାର ହୃଦୟକୁ ଆନ୍ଦୋଳିତ କଲା । ତାର ପାଦ ତଳରୁ ପୃଥିବୀ ଖସିଗଲା ପରି ଲାଗିଲା । କଣ କରିବ, କଣ କହିବ କିଛି ଚିନ୍ତା କରିପାରିଲା ନାହିଁ । ଶେଷରେ ସାହସ ସଂଚୟ କରି କହିଲା ତୁମେ ମଦ ପିଇଛ ? ନୀତାର ଜୀବନରେ ଝଡ଼ର ପ୍ରାକ୍ ସୂଚନା ଚଉଠି ରାତିରୁ ହିଁ ଜଣା ପଡ଼ିଗଲା । କ୍ଷଣକ ପୂର୍ବରୁ ଦେଖୁଥବା ସ୍ୱପ୍ନ ସଙ୍ଗେସଙ୍ଗେ ଉଭେଇ ଯାଇ ଅନିଶ୍ଚିତ ଭବିଷ୍ୟତ ଅମାଅନ୍ଧକାରର ଚିନ୍ତା ଦେହ ମନକୁ ଅସ୍ଥିର କଲା । ସେ ଜିତୁ ଠାରୁ ଦୂରେଇ ଗଲା ।

ଜିତୁ କଣ ଛାଡ଼ିବା ଲୋକ, ନୀତାର ଅନିଚ୍ଛା ତଥା ବାରଣ ସତ୍ତ୍ୱେ ଯୋର ଜବରଦସ୍ତ ନୀତାର ନାରୀତ୍ୱକୁ ଉପଭୋଗ କଲା । ଜିତୁ ପ୍ରତିଦିନ ଏପରି ମାତାଲ ଅବସ୍ଥାରେ ଘରକୁ ଆସିବାରୁ ବିବାହର ଦୁଇଦିନ ପରେ ନୀତା, ଜିତୁକୁ ମଦ ଛାଡି ଦେବା ପାଇଁ ବୁଝାଇବାକୁ ଚେଷ୍ଟାକଲା ।

ଜିତୁ କଣ ବୁଝିବାର ବା ମାନିବାର ପିଲା, ତୁ କିଏବେ ମୋତେ ମନା କରିବୁ, ମୁଁ କଣ ତୋ ବାପାର ଟଙ୍କାରେ ମଦ ପିଉଛି କହି ଜିତୁ ନୀତାକୁ ନିର୍ଦ୍ଧୁମ ପିଟି ପକାଇଲା । ସେହିଦିନ ଠାରୁ ଜିତୁ ନିୟମିତ ମଦପିଇ ସନ୍ଧ୍ୟାରେ ଘରକୁ ଆସେ ଓ ନୀତାକୁ ଅନେକ ପ୍ରକାର ଅଶ୍ଲୀଲ ଭାଷାରେ ଗାଲିଗୁଲଜ କରି ନୀତାକୁ ଖୁବ୍ ଜୋର୍'ରେ ମାଡ଼ଦେବା ଆରମ୍ଭ କରିଦେଲା ।

ନୀତା ଜଣେ ରକ୍ତ ମାଂସରେ ଗଢା ମହିଳା । ଜିତୁର ଅତ୍ୟାଚାର କେତେବା ସହିବ । ଅତ୍ୟାଚାର ଅସହ୍ୟ ହେବାରୁ ତାର ବାପାଙ୍କୁ ଫୋନ୍ କରି ଜଣାଇଲା । ରାମବାବୁ ଜୋଇଁ ଘରକୁ ଆସି ସବୁ ବୁଝାସୁଝା କଲେ । ଜିତୁ ଆଉ ମଦ ପିଇବି ନାହିଁ ବୋଲି ପ୍ରତିଶ୍ରୁତି ଦେଲା । ରାମବାବୁ ଘରକୁ ଫେରିଗଲେ ।

ISSN NO.
2582-208X

ଖାଇଲା ତୁଣ୍ଡ, ବୋହିଲା ମୁଣ୍ଡ । ଜିତୁ କଣ ମଦ ନ ପିଇ ରହିପାରିବ ? ଚୋର ମନ ଗଣ୍ଠିରେ, ସେ ତାର ପୁରୁଣା ଅଭ୍ୟାସ ଛାଡ଼ିଲା ନାହିଁ । ପୂର୍ବରୁ ଦ୍ୱିଗୁଣିତ ଅତ୍ୟାଚାର ଆରମ୍ଭ କରିଦେଲା ଜିତୁ । ତାର ଅତ୍ୟାଚାର କଥା ଦାଣ୍ଡରୁ ଯାଇ ହାଟରେ ଗଡ଼ିଲା ।

ସହିବାର ବି ଗୋଟିଏ ସିମାଥାଏ । ଅନେକ ଥର ବୁଝାମଣା ହେଲାପରେ ଶେଷରେ ନୀତା ନିଜେ ଜିତୁଠାରୁ ଛାଡ଼ପତ୍ର ନେଲା ।

ଜିତୁର ଅତ୍ୟାଚାରରେ ଅତିଷ୍ଠ ହୋଇ ନୀତା ଛାଡ଼ପତ୍ର ନେଲା ସତ । କିନ୍ତୁ ତାର ଆଗରେ ଲମ୍ବା ଭବିଷ୍ୟତ । ତାକୁ ଆଜୀବନ ଏକାକୀ ଦିନ କାଟିବାକୁ ପଡ଼ିବ । ନା ପୁଣି ବିବାହ କରିପାରିବ, ପୁଅ ଝିଅ ଜନ୍ମକରି ସଂସାରଟିଏ କରିପାରିବ । ନୀତାର ମନରେ ପୁଣି କାହା ହାତଧରି ସ୍ୱାମି ସଂସାର କରି ଜୀବନ ବିତାଇବାର କାମନା ବାସନା ଉଙ୍କିମାରେ । ନିଜ ଭାଗ୍ୟକୁ ନିନ୍ଦାକରି ଲୁଚିଲୁଚି କାନ୍ଦେ । ଖାଇବା,ଶୋଇବା, କାହା ସହିତ ମିଶିବାକୁ ଇଛା ନାହିଁ ।

ସଂସାର କରିବାକୁ ତାର ଇଛା ଥିଲେ କଣ ହେବ? ସମାଜରେ ପରା ନିୟମ ରହିଛି ଝିଅ ଥରେ ବାହା ହୋଇ ଯଦି ଛାଡ଼ପତ୍ର ହୁଏ ବା ବିଧବାହୁଏ , ସେ ଦ୍ୱତୀୟ ବିବାହ କରିପାରିବ ନାହିଁ । ସେ ଯୌବନ ବୟସର ହୋଇଥିଲେ ମଧ୍ୟ ବାକିତକ ଜୀବନ କାମନା, ବାସନା ରହିତ, ନିରାଡମ୍ବର, ନିଃସଙ୍ଗ ଜୀବନ ଜୀଇଁବାକୁ ପଡ଼ିବ । ପିଣ୍ଡରେ କେବଳ ଜୀବନ ଟିକେ ଥିବ, ତାକୁ ମାନସିକ ସ୍ତରରେ ପ୍ରତିଦିନ ମରିବାକୁ ପଡ଼ିବ । କିନ୍ତୁ ପୁରୁଷ ଯଦି ନାରୀକୁ ଛାଡ଼ପତ୍ର ଦିଏ ବା ତାର ସ୍ତ୍ରୀ ମରିଯାଏ ପୁନର୍ବିବାହ କରିପାରିବ ।

ନୀତାକୁ ସମାଜର ଏହି ନିୟମ ଅସହ୍ୟ ହୋଇ ଉଠେ । ମନେମନେ ସମାଜର ଏହି କଠୋର ନିୟମକୁ ନିନ୍ଦାକରେ । ଏହି ନିୟମ ଉଠାଇ ଦେବାକୁ ସମାଜର ଭଦ୍ର ଲୋକଙ୍କୁ କହିବାକୁ ଚେଷ୍ଟାକରେ । ହେଲେ ଲୋକ ଅପବାଦ ଭୟରେ ମନ କଥା ମନରେ ମାରି ରହିଯାଏ ।

ISSN NO.
2582-208X

ନୀତା ଚଉଠି ରାତିରେ ଦେଖିଥିବା ସ୍ୱପ୍ନକୁ ମନେ ପକାଏ । ତାର ସାଙ୍ଗସାଥୀ ଝିଅ ମାନଙ୍କ ପୁଅ ଝିଅଙ୍କୁ ଦେଖେ । ଏକ ସୁଖର ସଂସାର ଗଢିବା ବାସନାରୁ ବଞ୍ଚିତ ହୋଇଥିବାରୁ ମାନସିକ ଭାରାକ୍ରାନ୍ତ ହୋଇ ନଖାଇ, ନପିଇ ଦିନ ରାତି ଭାବିଭାବି ନୀତା ଶେଷରେ ପାଗଳି ହୋଇଗଲା ।

ଯାହାକୁ ଦେଖିଲେ ତାକୁ କହିଲା, ହେ ମୁଁ ବାହା ହେବି । ସ୍ୱାମି ସଂସାର କରିବି, ମୋର ପୁଅ ହେବ, ଝିଅ ହେବ ତାଙ୍କ ହାତଧରି ଚାଲି ଶିଖାଇବି, ଜହ୍ନକୁ ଦେଖାଇ ଭାତ ଖୁଆଇବି, ଅଝଟ ହେଲେ ନାନାବାୟା ଗୀତ ଗାଇ ଗେଲକରି ଶୁଆଇ ଦେବି । ମୁଁ ପୁଣି ସ୍ୱାମି ସଂସାର କରିବି, ମୁଁ ପୁଣି ସ୍ୱାମି ସଂସାର କରିବି..........................

ନି.ସନ୍ଧିବାହାଲ,ପୋ.ଅ. ଜମୁଟବାହାଲ,ଗାଇସିଲେଟ,
ବରଗଡ଼, ମୋ.ନଂ.୯୯୩୮୯୦୨୫୩୬

ସେପ୍ଟେମ୍ବର - ୨୦୨୨
www.vedantimagazine.com
ISSN NO.
2582-208X

# ଅବ୍ୟକ୍ତ ର ଚିଠି

## ଶ୍ରୀହସ୍ତରୁ

( ଭଗବାନ ଉବାଚ )



ମନୋରଞ୍ଜନ ସୁରୁଜାଲ

ଆଶା ଥିଲା ଅସୁମାରୀ ବୁଝିଲୁନି ମନ
ସବୁକୁ ପାଶୋରି ଦେଲୁ ଭାବି ଅକାରଣ ।

ଅନ୍ୟ ଠାରୁ ଶ୍ରେୟ ଦେଇ ଗଢିଅଛି ତନୁ
ତୋ'ର ଚିନ୍ତା ଦିନରାତି ନ ପାଶୋରି ମନୁ ।

ଚଳିବା ବୁଲିବା ପାଇଁ ଦେଇଛି ସକଳ
ମାତା ପିତା ପରି ଚିନ୍ତେ ତୋହରି ମଙ୍ଗଳ ।

ସତ୍ୟ ଧର୍ମ ନ୍ୟାୟ ପୂଣ୍ୟ ସବୁ ତୋ' ଭୂଷଣ
ମୋର କଥା ଭୁଲି ମୋତେ ଦେଉଛୁ କଷଣ ।

ବେନି ଡୋଳେ ଚାହାଁ ଥରେ ସୃଷ୍ଟିର ନିୟମ
ସ୍ୱାର୍ଥରେ ପଡ଼ିଛୁ ବୋଲି ମନରେ ଭରମ ।

ପ୍ରକୃତି ତାଣ୍ଡବ ଖେଳ ରଚେ ଘନ ଘନ
ମାୟାର ପରଳ ଘୋଡ଼ି ଦେଇଛି ନୟନ ।

ISSN NO.
2582-208X

ପ୍ରଳୟର ଡିବି ଡିବି ବାଜେ ଚଉକତି
ପ୍ରକୃତି କାଟିଲା ଚିତା ଦେଖି ଏ ଅନୀତି ।

ଯୁଦ୍ଧ ପାଇଁ ସଜବାଜ ମୁ'କାର ପଣରେ
କି ନେଇକି ଯିବୁ ବାବୁ ତୋହରି ସଙ୍ଗରେ ।

'ହରେ କୃଷ୍ଣ ହରେ ରାମ' ଜପ ମନ ଦେଇ
ଉଚ୍ଚରେ କର କୀର୍ତ୍ତନ ନାଚି ଥେଇ ଥେଇ ।

ଅଭୟ ଦେଉଛି ଧନ ଦୂର ହେବ ବ୍ୟଥା
ପାଦପଦ୍ମେ ଲୟ ରଖି ହେଜିବୁ ମୋ କଥା ।

ଆଇଁଲ୍‌ପାଲି, ଧମା, ସମ୍ବଲପୁର

ISSN NO.
2582-208X


# ପଥ ଓ ପଥିକ



ଶୋଭଗିନ ବିଶି

ଜୀବନର ଚଲାପଥେ ମାନବ ପଥିକ,
ଲକ୍ଷ୍ୟ ପ୍ରାପ୍ତି ଆଶେ ଖୋଜେ ସାଧନ ଅନେକ ।

ସେଇ ଚଲାପଥ ତାର ଭେଟେ କେତେ ଜନ
ସୁନ୍ଦର ସମ୍ବଳ ଦେଖି ଥମିଯାଏ ମନ ।

ତହିଁରେ ନିଜ ଜୀବନ ଦେଇଦିଏ ଜୋଡି,
ମାୟାର ବନ୍ଧନକୁ କେବେ ନ ପାରେ ସେ ଏଡି ।

ସେ ସବୁକୁ ଦେଖୁ ଦେଖୁ ଲାଗଇ ଏମିତି,
ଏହିତ ପର ନୁହନ୍ତି ନିଜର ଯେମିତି ।

ସ୍ନେହର ବନ୍ଧନେ ପଇ ହୁଏ ଲକ୍ଷ୍ୟଭ୍ରଷ୍ଟ,
ମନେ ପଡିଗଲେ ଆପେ ପାଏ କେତେ କଷ୍ଟ ।

ଭାବେ ଏ ସଂସାରେ ମୁହିଁ ଲକ୍ଷ୍ୟ ପୂରଣରେ,
ଆସି ଏଠି ରହିଗଲି ସୁନ୍ଦର ତୃପ୍ତିରେ ।

ଅନ୍ତିମ ଲକ୍ଷ୍ୟକୁ ମୋର ପାସୋରିଣ ଦେଲି,
ମୂଢ ଅଜ୍ଞାନ ମତି ମୁଁ କୁପତେ ଗମିଲି ।

ISSN NO.
2582-208X

ଏତିକି ବୁଝିଲେ ଆଉ ନଥାଏ ଯେ ରାହା,
ଇତର ପ୍ରାଣୀ ତ କେବେ ନ କରନ୍ତି ଆହାଃ ।

ଅଶାନ୍ତି ଆବେଗେ ହୃଦ ହୁଏ ଆଲୋଡିତ,
ନ ଜାଣେ ଲୁଚିଛି ତହିଁ ସମାଧାନ ପଥ ।

ଯେ ପ୍ରାଣୀ ଲକ୍ଷ୍ୟକୁ ନିଜ କେନ୍ଦ୍ରସ୍ଥଳୀ କରି,
କର୍ତ୍ତବ୍ୟ ପାଳନ କରେ ସତ୍ୟ ଅନୁସରି ।

ଜଗତର କଲ୍ୟାଣକୁ ସର୍ବୋତ୍ତମ ମଣି,
ନିଜ ଜୀବନକୁ ବାଜି ଦେଇଥାଏ ପୁଣି ।

ସେହି ଏକା ଜଗତରେ କର୍ମ ଅନୁରାଗୀ,
ଉଚ୍ଚାସନ ଲଭିବା ପଥରେ ଏକା ଭାଗୀ ।

ଆସ ଆମେ ସତ୍ୟ ପଥେ କର୍ମ କରିଯିବା,
ଲକ୍ଷ୍ୟ ପୂରଣେ ଜୀବନ ସାର୍ଥକ କରିବା ॥

ଦୁଆନ ପାଲି, ସୋହେଲା, ବରଗଡ

ISSN NO.
2582-208X

# ମାଆ



ଶିବରାମ ଦଳେଇ

ପଥର ଭିତରେ  ଠାକୁର ଖୋଜିଲେ
ମୋହ ମାୟା ଖାଲି ତୁଟେ,
ବାପା ମାଆ ମୋର  ଜୀବନ୍ତ ଠାକୁର
ଜୀବନର ଚଲା ପଥେ ।।

ମାଆ ହାତ ଧରି  ପୁଅ ଚାଲୁଥିଲା
ମାଆ ଭାବୁଥିଲା ମନେ,
ବୁଢ୍ଢୀ ହେଇଗଲେ  ଏମିତି ଚାଲିବି
ପୁଅ ହାତ ଧରି ଦିନେ ।।

ଗଢ଼ିଥିଲେ ଘର  ରକତ ନିଗାଡି
ସଞ୍ଚିତ ପୁଞ୍ଜି ଲଗାଇ,
ଜାଣିଥିଲା କଣ  ବୃଦ୍ଧାଶ୍ରମ ଦେବ
ଜୀବନର ଶେଷ ଛାଇ ।।

ଜାଣିଥିଲା କଣ  ଏମିତି ହୋଇବ
ବୟସ ଟା ଗଲେ ଗଡ଼ି,
ପୁଅର ଜାଗାକୁ  ପୂରଣ କରିବ
ବାଉଁଶ ର ଖଣ୍ଡେ ବାଡ଼ି ।।

କେହି କରନାହିଁ  ହତାଦର ତାଙ୍କୁ
ଚଳନ୍ତି ଦେବତା ସିଏ,
ଯେପରି କରିବ  ସେପରି ଭୋଗିବ
ବିଧିର ବିଧାନ ଇଏ ।।

ଲେଖନପୁର ସାଲେପୁର
ଦୂରଭାଷ :- ୯୪୩୯୯୩୭୦୭୧

ISSN NO.
2582-208X

# ଶିକ୍ଷକ

ସନ୍ତୋଷ ସାହୁ

ଜୀବନର ପ୍ରତିରକ୍ତ ବିନ୍ଦୁ ଯାର
ସମାଜ ଗଢ଼ାରେ ଅର୍ପିତ
ଉଜ୍ଜ୍ୱଳ ଭବିଷ୍ୟତ କରାଗ୍ରେ ଧରି
କାର୍ଯ୍ୟ କରିଯାନ୍ତି ଅବିରତ ।।(୧)

ନିଃସ୍ୱାର୍ଥ ମନରେ ନିଶି ଦିବସରେ
ଦେଖନ୍ତି ସୁସଂଗଠିତ ରାଷ୍ଟ୍ର
ରାଷ୍ଟ୍ର ନିର୍ମାଣରେ ଆପ୍ରାଣ ଉଦ୍ୟମ
କରିଦିଏ ଜାଣ ତାଙ୍କୁ ଶ୍ରେଷ୍ଠ ।।(୨)

ଅଜ୍ଞାନ ତିମିରେ ଜ୍ଞାନାଲୋକ ସଞ୍ଚାରି
ବାସ୍ତବତାକୁ ଦେୟାନ୍ତି ଚିହ୍ନାଇ
ପ୍ରତିଭାରେ ପୁଣି  ପ୍ରତିଷ୍ଠା  ଦେଖନ୍ତି
ସଫଳତାର ମନ୍ତ୍ର ପଢ଼ାଇ ।।(୩)

ଗୁରୁ ବିନା ଜ୍ଞାନ ନ ହୁଏ ଆୟତ୍ତ
ଗୁରୁ ହିଁ ସାକ୍ଷାତ ଈଶ୍ୱର
ତାଙ୍କ ନିର୍ଦ୍ଦେଶରେ ଚାଲିଲେ ପଥ
ଧନ୍ୟ ହୁଏ ଜନ୍ମ ଶିଷ୍ୟର ।।(୪)

ISSN NO.
2582-208X

ବିଦ୍ୟାଦାତା ବିଦ୍ୟାଦାତ୍ରୀ ଯା କଣ୍ଠେ
କରୁଥାନ୍ତି ସଦା ଚଳପ୍ରଚଳ
ସବୁ ସମସ୍ୟାର ସମାଧାନ ସୂତ୍ରଧରି
କରନ୍ତି ସେ ସମାଜ ମଙ୍ଗଳ ।।(୫)

ଉତ୍ତମ ଚରିତ୍ର ମହାନ ଆଦର୍ଶ ଯାର
ଉଙ୍କିମାରେ ପ୍ରତି ପଦେ
ତାଙ୍କ ଚରଣରେ ଶରଣ ପଶିଲେ
ଜ୍ଞାନାଲୋକ ନିଶ୍ଚେ ଉଦେ ।।(୬)

ISSN NO.
2582-208X

# କ୍ଷୁଦ୍ର ଆଲୋକର ଶିଖା



ବାଲ୍ମୀକି ନାୟକ

## ୫୩. କିଛି ଧାର୍ମିକ ବିଶ୍ୱାସ ଓ କିମ୍ବଦନ୍ତୀ ଉପରେ ବୈଜ୍ଞାନିକ ବିଶ୍ଳେଷଣ

କ. "ଅମରନାଥ" ଠାରେ ଶିବ ଲିଙ୍ଗ ଆପେ ଆପେ ନିର୍ମାଣ ହୋଇଥାଏ ।

ଉତ୍ତର: ସେଠାରେ ପାହାଡରୁ ଯେଉଁ ପାଣି ଅଳ୍ପ ଅଳ୍ପ କରି ନିର୍ଗତ ହୁଏ ତାହା ପଥର ଗୁମ୍ଫା ଭିତରେ ଅତ୍ୟଧିକ ଥଣ୍ଡା ଯୋଗୁଁ ବରଫ ପାଲଟିଯାଏ ଏବଂ ଏକ ଲମ୍ବା ଆକାର ଧାରଣ କରିଥାଏ ଯାହାକୁ ଶିବ ଲିଙ୍ଗ ବୋଲି ବିଶ୍ୱାସ କରାଯାଏ । ପୃଥିବୀରେ ଅନେକ ସ୍ଥାନରେ ଏହିଭଳି ବରଫର ସ୍ତୁପ ଦେଖିବାକୁ ମିଳୁଛି । ଆଉ ଏକ ସତ୍ୟ ହେଉଛି ଯେ ଏହି ବରଫର ଶିବଲିଙ୍ଗ ଗ୍ରୀଷ୍ମ ଋତୁରେ ତରଳିଯାଏ । ତେଣୁ ପ୍ରଶ୍ନ ଉଠୁଛି – ଯଦି ସତରେ ମହାଦେବଙ୍କ ଲିଙ୍ଗ ତେବେ ଗରମ ଦିନେ ତରଳି ଯାଉଛି କାହିଁକି ?

ଖ. "ମାତା ଜ୍ୱାଳାମୁଖୀ" ଠାରେ ସବୁବେଳେ ଅଗ୍ନି ନିର୍ଗତ ହେଉଛି ।

ଉତ୍ତର: ସେହି ସ୍ଥାନରେ ଏକ ଜୀବନ ଆଗ୍ନେୟଗିରି ଅଛି, ଯେଉଁଥିରୁ କ୍ରମାଗତ ଭାବେ ଜ୍ୱଳନ୍ତ ଗ୍ୟାସ ନିର୍ଗତ ହୋଇଥାଏ । ସେଠାରେ ଏକ ଦେବୀଙ୍କ ନିବାସ ଥିବା କଳ୍ପନା କରି ପ୍ରଚାର ହୋଇଛି ।

ଗ. ଭାରତ ସୀମାରେ ଏକ "ତନୋଟ ମାତା" ମନ୍ଦିର ଅଛି ଯେଉଁଠି ୩୦୦୦ ବମ ଅଛି କିନ୍ତୁ ଗୋଟିଏ ବି ଫୁଟିନାହିଁ ।

ଉତ୍ତର: ସେଗୁଡିକ କେବେ ବି ଫୁଟିବ ନାହିଁ କାରଣ ସେଗୁଡିକ ନିଷ୍କ୍ରିୟ ବମ ।

ଘ. ୨୦୧୩ ମସିହାରେ କେଦାରନାଥରେ ଘଟିଥିବା ପ୍ରାକୃତିକ ବିପର୍ଯ୍ୟୟରେ କେଦାରନାଥ ମୂର୍ତ୍ତିର କିଛି କ୍ଷତି ହୋଇନାହିଁ ।

ISSN NO.
2582-208X

ଉତ୍ତରଃ ମନ୍ଦିର ନିର୍ମାଣ ବେଳେ ଗଭୀର ଭାବେ ସ୍ଥାପନ କରାଯାଇଥିବା ମନ୍ଦିରର କାନ୍ଥ ଭାଙ୍ଗି ପଥର ମୂର୍ତ୍ତିଟି ପାଣିର ସାଧାରଣ ସ୍ରୋତରେ ଭାସି ଯାଇ ପାରିନାହିଁ । ହୁଏତ ପାଣିର ମୂଖ୍ୟ ଧାରାରୁ ମନ୍ଦିରଟି ଦୂରରେ ଥିଲା । ତେଣୁ ସେଠାରେ ଥିବା ଆହୁରି ଅନେକ ଭାରି ପଥର ବି ଭାସି ଯାଇନାହିଁ । ଏଥିରେ ଚମତ୍କାର କଣ ଅଛି ?

ଚ. ରାମସେତୁର ପଥର ପାଣିରେ ଭାସୁଥିଲା ।

ଉତ୍ତରଃ ଏହାକୁ "ମୁଙ୍ଗା" ପଥର କୁହନ୍ତି । ଏହାର ଗଠନ ମହୁଫେଣା ଭଳି ଏପରି ହୋଇଥାଏ ଯେ ଖଣ୍ଡ ଖଣ୍ଡ ହୋଇଥିଲେ ପାଣିରେ ଭସିପାରେ । ଅନ୍ୟାନ୍ୟ ଦେଶରେ ମଧ ଏହି ପଥର ରହିଛି ।

ଛ. ରାମେଶ୍ୱର ଧାମରେ ସମୁଦ୍ର ଲହରୀ ନଥାଏ ।

ଉତ୍ତରଃ ସମୁଦ୍ର କୂଳରେ ପାହାଡ ଥିଲେ ପାଣିରେ ଲହରୀ ଉଠେ ନାହିଁ । ସେଠାରେବି ପାହାଡ ଥିବାରୁ ଲହରୀ ଉଠେନାହିଁ ।

ଜ. ପୁରୀ ମନ୍ଦିର ଉପରେ କୌଣସି ପକ୍ଷୀ ଓ ଜାହାଜ ଉଡେନାହିଁ ।

ଉତ୍ତରଃ ଏହା ଏକ ଭ୍ରମାତ୍ମକ ପ୍ରଚାର । ଚିଲ ପକ୍ଷୀ ବହୁତ ଉପରେ ଉଡୁଛନ୍ତି ଏବଂ ଉପରେ ଉଡାଜାହାଜ ମଧ୍ୟ ଉଡୁଛନ୍ତି । ତଳେ ଠିଆ ହୋଇ କିଏ କହିପାରିବ ଯେ ମନ୍ଦିର ଉପରେ କିଛି ବି ଉଡୁନାହିଁ ?

ଝ. ପୁରୀ ମନ୍ଦିରର ପତାକା ବାୟୁ ପ୍ରବାହିତ ହୋଇଥିବା ଓଲଟା ଦିଗରେ ଉଡୁଛି ।

ଉତ୍ତରଃ ଏହା ମଧ୍ୟ ସମ୍ପୂର୍ଣ୍ଣ ଭ୍ରମାତ୍ମକ ପ୍ରଚାର । ପ୍ରକୃତରେ ମନ୍ଦିର ଉପରେ ପତାକା ପବନ ସହିତ ଠିକ ଦିଗରେ ହିଁ ଉଡୁଛି । କିନ୍ତୁ ସମୁଦ୍ର କୂଳରେ ଥିବାରୁ ତଳେ ବହୁଥିବା ପବନର ଦିଗ ବିପରୀତ ଦିଗରେ ପ୍ରବାହିତ ହେଉଛି । ତେଣୁ ତଳେ ଠିଆହୋଇ ଦେଖୁଥିବା ମଣିଷଙ୍କୁ ପତାକା ଓଲଟା ଦିଗରେ ଉଡୁଥିବା ଭଳି ଲାଗେ ।

ISSN NO.
2582-208X

ଞ. ଉଜ୍ଜୈନ ସହରରେ ଥିବା "ଭୈଁରୋନାଥ" ଦେବତା ଦାରୁ ସେବନ କରନ୍ତୁ ।

ଉତ୍ତରଃ ଭକ୍ତମାନେ ଦେବତାଙ୍କୁ ମଦ ବୋତଲ ନେଇ ଅର୍ପଣ କରନ୍ତୁ ଏବଂ ପ୍ରସାଦ ରୂପେ ସେଇଠି ହିଁ ସେବନ କରନ୍ତୁ । ମଦ୍ୟ ସେବନକୁ ଧାର୍ମିକ ରୂପ ଦେଇ ଦୋଷମୁକ୍ତ ହେବାର ଏହା ଏକ ଭଲ ବାହାନା ।

ଟ. ଗଙ୍ଗା ଓ ନର୍ମଦା ନଦୀର ପାଣି କେବେ ଦୂଷିତ ହୁଏନାହିଁ । ସଦା ପବିତ୍ର ରହିଥାଏ ।

ଉତ୍ତରଃ ସେ ଯୁଗ ଗଲାଣି । ଯେତେବେଳେ ଜନସଂଖ୍ୟା କମ ଥିଲା । କଳ କାରଖାନା ବି କମ ଥିଲା । ତେଣୁ ପ୍ରଦୂଷଣ କମ ହେଉଥିଲା । ବର୍ତ୍ତମାନ ଏତେ ପ୍ରଦୂଷଣ ହୋଇଗଲାଣି ଯେ ସହରର ନାଳ ନର୍ଦ୍ଦମା ଠାରୁ ବି ଅଧିକ । ପୂର୍ବାଗ୍ରହ ତ୍ୟାଗ କରି ମୁକ୍ତ ମନରେ ବୈଜ୍ଞାନିକ ଦୃଷ୍ଟି କୋଣରୁ ବିଗ୍ଭର କଲେ ହିଁ ସତ୍ୟର ସନ୍ଧାନ ମିଳଥାଏ ।

କ୍ରମଶଃ.....

Mob:94820 16260

ISSN NO.
2582-208X

# କଂସାରୀ ବକାରୀ

ମାଳତୀ ଦେବୀ

କଂସାରୀ ବକାରୀ ହରି
ଦନୁଜାରୀ ବାସୁଦେବ ।
କମନୀୟ ରୂପ କାନ୍ତି
ମଦନପିଅର ଭାବ ।୧।
କଳା କଉତୁକ ହରି
କେଶବ ଦୀନବାନ୍ଧବ ।
କରୀ ହରିଣୀ ତାରଣ
ନରହରି ସର୍ବଶୁଭ ।୨।
କରୀତ କରମା ସେହି
ଭାବଗ୍ରାହୀ ରାଧାଧବ ।
କଳି କଳୁଶ ନାଶନ
ନୀଳମଣି ସୁମାଧବ ।୩।
କଞ୍ଜ ସୁନ୍ଦର ବଦନ
ସର୍ବ ବ୍ୟାପି ଶ୍ରୀୟାଧବ ।
କଳି ନପାରନ୍ତି ଯାକୁ
ଧାତା ହର ଓ ବାସବ ।୪।

କରଣ କାରଣ ହରି
ସର୍ବ ଦେବଙ୍କର ଦେବ
କରୁଣା ସାଗର ଭାବ
ଅଭାବ ଦୂର ହୋଇବ ।୫।
କରତା କୋଟି ବିଶ୍ୱର
ଶ୍ରୀକୃଷ୍ଣ ଭକ୍ତ ବାନ୍ଧବ ।
କଳନା ନାହିଁ ଯାହାର
ସେ ଶ୍ରୀହରି ରମାଧବ ।୬।

ଲୋକାପଡା, ପୁରୁଣାବଜାର, ଆଳ

ISSN NO.
2582-208X

# ଭୁଲ୍ ବୁଝିବନି ମୋତେ



ରାଧାରାଣୀ ରାଉଳ

କେଜାଣି କାହିଁକ ତୁମକୁ ଦେଖିଲେ
ଲାଗେ ଭାରି ଆପଣାର
ତୁମ ସହ ପଦେ କଥା ହେବାପାଇଁ
ଚାହୁଁଥାଏ ମନ ମୋର ।
କହିବାକୁ ଅଛି କେତେ କଥା ହେଲେ
ପାରୁନ ତୁମକୁ କହି
କହିଦେଲେ କାଳେ ତୁମେ ରାଗିଯିବ
ସେଥିପାଇଁ କହେନାହିଁ ।
ତୁମେ ସିନା ମୋତେ ଦୂରେଇ ଦେଇଛ
ସମୟର ବାହାନାରେ
ମୁଁ କ ତୁମକୁ ପାରୁଛି ଦୂରେଇ
ରହିଛି ମୋ ଭାବନାରେ ।
କେବିଟେ ନହେଇ କବିତା ଲେଖିଛି
ଆଜି ତୁମପାଇଁ ପଦେ
ବନ୍ଧୁଟିଏ ଭାବି ଭଲ ମୁଁ ପାଉଛି
ଭୁଲ୍ ବୁଝିବନ ମୋତେ ॥

କଟିକଟା, ଯାଜପୁର

ISSN NO.
2582-208X

# ମୋ ମାମା



ସଙ୍ଗୀତା ମହାନ୍ତ

ସ୍ନେହମୟୀ ମା ମୋର ମମତାର ପାବାବାର
ସ୍ନେହ ଦିଏ ସେ ଭଲ ପାଏ ସେ
କେବଳ ସ୍ନେହ ଦିଏ ମା ଭଲ ପାଏ ମା
ଜୀବନସାରା ଯେଉଁ ମା ଦେଇଚାଲେ
ନବା ପାଇଁ ତାର କିଛି ଆଶା ନଥାଏ
ତା ଜୀବନକୁ ବାଜି ଲଗାଇ ସବୁ କାମ କରେ ଆମ ପାଇଁ
ହେଲେ ଆମକୁ କିଏ କଣ କହିଦେଲେ ସେ ତାକୁ ଛାଡେ ନାହିଁ
ଆମେ କାନ୍ଦିଦେଲେ ତା ମନ ଦୁଃଖ ହୋଇଯାଏ
ଆମକୁ କେତେ ଗେଲ କରି ସେ ବୁଝେଇ ଦିଏ
ମା ଶବ୍ଦ ସିନା ଅଟଇ ସହଜ ବୁଝିବା ଯେ ଭାରି କଷ୍ଟ
ମା ଶବ୍ଦକୁ ଯିଏ ବୁଝିଯାଏ ସିଏ ହିଁ ଅଟେ ଶ୍ରେଷ୍ଠ
ତୋ ଭଲ ପାଇବା ମୁଁ ପ୍ରଥମେ ପାଇଛି
ତୋ ସ୍ନେହରେ ମୁଁ ବଡ ହେଇଛି
ତୋ ହାତରେ ମୁଁ ପ୍ରଥମେ ଖାଇଛି
ତୋ ହାଟ ଧରି ମୁଁ ଚାଲିବା ଶିଖିଛି
ତୋ ନା ମୁଁ ପ୍ରଥମେ ଧରିଛି
ତୋ ଆକଟରେ ମୁଁ ପଢିବା ଶିଖିଛି
ତୋ ଆଦର୍ଶରେ ମୁଁ ବଡ ମଣିଷ ହୋଇଛି

ISSN NO.
2582-208X

ତୋ ପାଖେ ମୋ ମନର କଥା ସବୁ କହିଛି
ତୁ ହିଁ ମୋ ଜୀବନର ପ୍ରଥମ ସାଙ୍ଗ
ତୁ ଆଉ କେହି ନୁହଁ.. କେବଳ ମୋ ବୋଉ
ଯେତେ ଯାହା ହେଲେ ତୋ ସ୍ନେହ ତୋ ଭଲପାଇବା
କେହି ଦେଇ ପାରିବେ ନାହିଁ
ଯେତେ ଚେଷ୍ଟା କଲେ ମଧ୍ୟ ତୋ ସ୍ଥାନ
କେହି କେବେ ବି ନେଇ ପାରିବେନାହିଁ ॥

ତୁଳସୀପୁର, ମଠସାହି

ବେଦାନ୍ତୀର ପୁରୁଣା ସଂଖ୍ୟା ସବୁ ଆପଣ www.vedantimagazine.com କୁ ଯାଇ ପଢ଼ିପାରିବେ ଏବଂ download ମଧ୍ୟ କରିପାରିବେ

ISSN NO.
2582-208X

# ମୋ ଜୀବନ ଟା



ଚିତ୍ତରଞ୍ଜନ ବେହେରା

ଫୁଲ ଠୁ ବାସ୍ନା ଜହ୍ନ ଠୁ ଜୋଷ୍ନା
ଚାଲିଗଲାପରେ ଯେମିତି
ମୋ ଜୀବନ ଟା ଠିକ୍ ସେମିତି....!!

ଫଗୁଣ ଠୁ ରଙ୍ଗ ଶ୍ରାବଣ ଠୁ ବର୍ଷା
ଦୂରେଇ ଗଲା ପରେ ଯେମିତି
ମୋ ଦୁନିଆ ଠିକ୍ ସେମିତି......!!

ମନରୁ ହୃଦୟ ଶରୀର ଠୁ ପ୍ରାଣ
ଚାଲିଗଲା ପରେ ଯେମିତି
ମୋ ଜୀବନ ଟା ଠିକ୍ ସେମିତି....!!

କବି କୁ କବିତା ନର୍ତ୍ତକୀ କୁ ଘୁଙ୍ଗୁର
ଧୋକା ଦେଲେ ଲାଗେ ଯେମିତି
ମୋ ଜୀବନ ଟା ସେମିତି.....!!

ପାହାଡି ଝରଣା ସୁଖୀ ଗଲା ପରେ
ପଶୁ ପକ୍ଷୀ କୁ ଲାଗେ ଯେମିତି
ମୋ ଜୀବନ ଟା ଠିକ୍ ସେମିତି.....!!

ସମୁଦ୍ର ସୁଖିଲେ ଜଳଚର ଯିବ
ଛଟପଟ ହୁଅନ୍ତି ଯେମିତି
ମୋ ଜୀବନ ଟା ବି ଠିକ୍ ସେମିତି...!!

ଶବ ଗଲା ବେଳେ ସମ୍ପର୍କୀୟ ଆଖିରୁ
ଲୁହ ଝରୁଥାଏ ଯେମିତି
ମୋ ଜୀବନ ଟା ଠିକ୍ ସେମିତି....!!

ବୌଦ୍ଧ

ISSN NO.
2582-208X

# ଆଜିର ସମାଜ

ଅନନ୍ତ କୁମାର ସାହୁ

ପେଟ ପାଇଁ ଦାନା ମିଳୁ ନାହିଁ ଏଠି
ପିନ୍ଧିବାକୁ କନା ମିଳୁ ନାହିଁ,
ଅଳିଆ ଗଦାରୁ ଖୁଣ୍ଟି ଖାଉଛି ମଣିଷ
ଶୋଇବାକୁ ଜାଗା ଟିକେ ନାହିଁ ।

କେମିତି କହିବି କେମିତି କହିବି
କହିଲେ ହୋଇବ ବଡ ପୋଥି
ନ୍ୟାୟ ବଦଳରେ ଅନ୍ୟାୟ ମିଳୁଛି
ତୁଣ୍ଡ ଖୋଲିଲେ ହବ ଏଠି ଦୋଷୀ ।

ଖତ ଖାଇ ଗଲାଣି ମଣିଷ ପଣିଆ
ସବୁ ଏଠି ହେଉଛି ଜାଲି ଆଡି,
କହିବ କାହାକୁ ଶୁଣିବ କିଏ ଏଠି
ଏ ତ କଳି ଯୁଗର ରିତି ନିତୀ ।

ହାତ ବାନ୍ଧି ପୋଲିସ୍ ବସେ
ବଡ ବଡିଆଙ୍କ ଆଦେଶରେ
ଗରିବ  ନ୍ୟାୟ ପାଇଁ ଆଜି
କୋର୍ଟ କଚେରୀ ଯାଇ ମରେ ।

ISSN NO.
2582-208X

ପରିବା ହାଟରେ ନାହିଁ ବେପାର
ଗରିବ ବସି ବସି ନିତି ଉପବାସ ମରେ
ସହରାଟା ସାରା ଭିଡ ଚାଲେ
ଦେହର ବେପାର ପାଇଁ ଏଠି ଅନ୍ଧକାରେ ।

ନାଟକ ପରି ଚାଲିଛି ଆଜିର ସମାଜ
ତୁଣ୍ଡ ଖୋଲିବାକୁ ନାହାଁନ୍ତି କେହି ଏଠି,
ସବୁ ଜଣେ ଜଣେ ଏଠି ଅଭିନେତା ସାଜି
ଅଭିନୟ କରନ୍ତି ସଭିଏଁ ସବୁ ଦେଖି ।

ସବୁର ଦିନେ ହବ ହିସାବ କିତାବ
ବଡ ଦେଉଳର ମହାପ୍ରଭୁଙ୍କ ପାଖେ,
ଧର୍ମର ହେବ ଦିନେ ବିଜୟ ନିଶ୍ଚିତ
ଅଧର୍ମ ସାଥେ କେହି ପାଖେ ନ ଥିବେ ।

ତିହିଡି,ଭଦ୍ରକ,
ଯୋଗାଯୋଗ–୮୩୩୯୯୩୯୯୨୯

ISSN NO.
2582-208X

# ଅଧା ଲେଖା ଗଳ୍ପ !



ଶଶିକାନ୍ତ ମେହେର

କୋଠରୀ ର ଡାହାଣ ପଟରେ ପଡିଛି ପଲଙ୍କ ଆଉ ତାରି ବାମ ପଟରେ ପଡ଼ିଛି ଏକ ବ୍ରାଞ୍ଚ ଆଉ ଟେବୁଲ୍ । ସେଇ ଟେବୁଲ୍ ଉପରେ ରହିଛି କେଇଖଣ୍ଡ ରକମ୍ ରକମ୍ ର ବହି ଆଉ ସାଧା ଫର୍ଦ୍ଦ ର କେଇ ଖଣ୍ଡ ଖାତା । ଆଉ ଟେବୁଲ୍ ଦେଖିଲେ ଏମିତି ଲାଗୁଛି ଅନେକ ଦିନରୁ ସେଇ ଟେବୁଲ୍ ରେ କେହି ବସି ନାହାନ୍ତି ଅବା ସେଇ ବହି ଗୁଡ଼ାକୁ ଖୋଲି ନାହାନ୍ତି । କାରଣ ସେଇ ଟେବୁଲ୍ ରେ ଥିବା ସାଧା ଫର୍ଦ୍ଦ ରେ ଅଧା ଲେଖା ହେଇ ରହିଛି ଏକ ଲେଖା ବୋଧହୁଏ ସେଟା ଚିଣ୍ଟୁ ବାବୁର ଏକ ଅଧାଲେଖା ଗଳ୍ପ ହେଇପାରେ ! ଆଉ ତାରି ପାଖରେ ପଡି ରହିଛି କଲମ । ଆଉ ପୁଣି ବହିଗୁଡ଼ିକ ମଧ୍ୟ ସଫା ନାହିଁ ତାରି ଉପରେ କେତେ ଧୋଲିକଣା ପଡିଗଲାଣି । ଏଇ ସବୁ ଗଠନ ଅବସ୍ଥା ଦେଖିଲେ ସ୍ପଷ୍ଟ ଲାଗୁଛି ବୋଧେ ଅନେକ ଦିନରୁ ସେ କିଛି ପଢୁନାହାନ୍ତି ବା ଲେଖୁନାହାନ୍ତି ।

ଆଗେ ମୁଁ ପ୍ରତିଦିନ ଦେଖୁଥିଲି ଫେସ୍ ବୁକ୍ ରେ ସେ ପ୍ରତିଦିନ କିଛି କିଛି ଲେଖି ପୋଷ୍ଟ କରୁଥିଲେ । ଅନେକ ଗଳ୍ପ ତାଙ୍କ କଲମରୁ ଅବିରତ ଝରୁଥାଏ । ଅନେକ ସାମାଜିକ ଗଳ୍ପ ଅନେକ ପ୍ରେମ ଗଳ୍ପ ଅନେକ ଦେଶାତ୍ମକ ସମ୍ପର୍କୀୟ ଗଳ୍ପ ର ଗନ୍ଥାଘର ସାଜିଥିଲା ତାଙ୍କର ଡାଏରୀ ମଧ୍ୟ । ସାହିତ୍ୟ ତାଙ୍କ ଜୀବନ ଆଉ ଲେଖା ମାଧ୍ୟମ ରେ ପ୍ରକାଶିତ କରୁଥିଲେ ଭାବନା ସମାଜ ର କଥା , ନିତିଦିନିଆ ବାର୍ତ୍ତା । ଅବିରତ ଲେଖି ଚାଲିଥିବା ତାଙ୍କ ଗୋଟେ ହବି ଥିଲା ବୋଧେ । ମୁଁ ମଧ୍ୟ ତାଙ୍କ ଅନେକ ଗଳ୍ପ ପଢ଼ିଛି । ହେଲେ କଣ ହେଲା କେଜାଣି ଅଚାନକ ଅନେକ ଦିନ ହେଲା ନା' କିଛି ଗଳ୍ପ ନା' କିଛି କବିତା ନା' କିଛି ଅନ୍ୟାନ୍ୟ ଲେଖନୀ ତାଙ୍କ କଲମରୁ ଆସୁଛି । ସମସ୍ତ ଙ୍କ ମନରେ ଗୋଟିଏ ପ୍ରଶ୍ନ ଘୁରିବୁଲିଛି "କଣ ହେଲାଯେ କେଜାଣି ଏବେ ସେ ଆଉ କିଛି ଲେଖା ଲେଖୁନାହାନ୍ତି ?

ISSN NO.
2582-208X

ଅନେକ ଲୋକ ତାଙ୍କୁ ପଚାରିଲେନି ମଧ୍ୟ ହେଲେ ଆଜିଯାଏଁ କୌଣସି ସଠିକ ତୃପ୍ତିକର ଉତ୍ତର ତାଙ୍କଠାରୁ ପାଇ ପାରିନାହାନ୍ତି । ଯେବେ ପଚାରିଲେ ସେଇ ଅର୍ଥହୀନ ଉତ୍ତର "ମୁଁ ଲେଖି ଜାଣୁନି ! କଣ ଆଉ ଲେଖିବି ମୋ ଦ୍ୱାରା ହୁଏନି" ।

ମୁଁ ମଧ୍ୟ ଅନେକ ଥର ପଚାରିଲି ହେଲେ ଭି ସେଇ ସମାନ ଉତ୍ତର । "ମୁଁ କଣ ଆଉ ଲେଖିବି ମୋ ଦ୍ୱାରା ହୁଏନି, ଜାଣେନି, ଆଉ ପୁଣି ଚୁପ୍ ରହନ୍ତି ।

ମୁଁ ତା ପରେ କୁହେଁ କାଇଁ ଏମିତି ଭାବୁଛ ଆଉ କିଏ କହିଲା ତମ ଦ୍ୱାରା ହୁଏନି ବୋଲି ? ଅନେକ ଲୋକ ତମର ପଢୁଛନ୍ତି, ଆଉ ମୁଁ ଅନେକ ତମର ଗଳ୍ପ ପଢିଛି ସବୁ ମୋ ହୃଦୟ ଛୁଆଁ । ଆଉ ଯଦି ହୁଏନି ତାହେଲେ ସେ ସବୁ କିଏ ଲେଖିଥିଲା କହିଲ ? କେଉଁଠୁ ହେଉଥିଲା ?

ପୁଣି ସେ ଅର୍ଥ ହିନ ଅବିଶ୍ୱାସ ଯୋଗ୍ୟ ଉତ୍ତର "ଆବେ ଛାଡ ସେ ସବୁ କଣ ବା ଅଛି ଯେ? କିଏ ବା ପଢୁଥିଲା ଯେ ? କାହାର ପସନ୍ଦ ଆସୁଥିଲା ଯେ ? ତୁମେ ମୋ ମନ ବୁଝାଇବା ପାଇଁ ଏ ସବୁ କହୁଛୁ । ହେଲେ ଶୁଣ ଏଇ ପଥ ରେ ଭି ଅନେକ ବିପଦ ଆସେ ! ହଉ ଛାଡ଼ ସେ କଥା ...., ମୁଁ ଜାଣିଛି, ମୁଁ ଜାଣେନି ଲେଖି ।

ଯାହା ପଢିଛ ତମେ ଭାବିନିଅ ସେ ସବୁ ଗୋଟେ ସ୍ୱପ୍ନ କେଉଁ ଯୁଗର । ସେ ଗୋଟେ ଅଲଗା ଯୁଗ ଏବେ ଯୁଗ ବଦଳିଲା ...!

ମୁଁ ପୁଣି କହେ ନା ଏହା ସଠିକ୍ ଉତ୍ତର ନୁହଁ ମୁଁ ଜାଣେ । କଣ ବା କିଏ କହୁଛି କି ? ମୋତେ କହ, ମୁଁ ଜାଣେ ତମର ଅନ୍ୟ କିଛି ହେଇଥାଇ ପାରେ । ମୁଁ ମଧ୍ୟ ଜାଣିଛି ଅନେକ ଲେଖକ ଙ୍କ ଜୀବନୀ ଶୁଣିଛି । ଅନେକ ଲୋକ ଅନେକ କଥା କହନ୍ତି ତାଙ୍କ ରାସ୍ତାରେ ଅନେକ ଲୋକ ପ୍ରତିବନ୍ଧକ ସାଜନ୍ତି ଆଉ ଆଉ ଅନେକ ଘଟଣା ଘଟେ, ଯଦି କିଏ କଣ କହିଛି ବା ଏମିତି କଣ ହେଇଛି ତାହେଲେ ସେ କଥା ଛାଡ଼ । ଏ ପଥେ ଏମିତି ଆସେ ହେଲେ ସେ ସବୁ ଭୁଲି ଯାଆ ଆଉ ପୁଣି ଲେଖି ଚାଲ । ପୁଣି ଆମେ ଆହୁରି ଲେଖନି ଆମେ ପଢିବାକୁ ଚାହୁଁ । ଏତେ ସୁନ୍ଦର କାହାଣୀ ଯାହାର କଲମରୁ ଝରୁଥିଲା । ଏତେ

ISSN NO.
2582-208X

ସୁନ୍ଦର ଭାବନା । ଆଉ ପୁଣି ଏତେ ଦୁଃଖଦ ଭାବନା ର ଏତେ ସୁନ୍ଦର ଉପସ୍ଥାପନା କରିପାରୁଥିଲା ଯେଉଁ ହୃଦୟ ଭାବିପାରୁଥିଲା ଆଉ ଯେଉଁ କଲମ ସେଇ ସାଧା ଫର୍ଦ୍ଦ କୁ ରଙ୍ଗୀନ ଆଶ୍ଚର୍ଯ୍ୟଜନକ, ହୃଦୟସ୍ପର୍ଶୀ କରୁଥିଲା ତାହା ଏତେ ଶୀଘ୍ର ଯେ ଲୋପ ପାଇବ ମୋତେ ବିଶ୍ୱାସ ହେଉନି । କଣ ଯେ ହେଲା ତମେ ମୋତେ କହିବ ନା ନାଇଁ ?

ହେଲେ ସେ କହନ୍ତି ନା କିଏ କିଛି କହିଛି ସେମିତି କଥା ନୁହେଁ । ପୁଣି ସେଇ ଅର୍ଥ ହିନ ଉତ୍ତର .....! " ଲେଖା ମୋ ଦ୍ୱାରା ହୁଏନି" । ହେଲେ ଏ କଥା କହିଲା ବେଳେ କାହିଁ କେଜାଣି ତାଙ୍କର ଚେହେରା ରେ ଗୋଟିଏ ନିରାଶ ଭାବ, ଯେପରି ଅନେକ ଦୁଃଖ ଜାବୁଡ଼ି ଧରୀ ନିଷ୍ଠୁର ହୃଦୟ ହେବାକୁ ଅବିରତ ପ୍ରୟାସ ଆଉ ସେ ସେଠି ବିଫଳ । ସେ ମୋ ଦ୍ୱାରା ହୁଏନି, ମୁଁ ଜାଣେନି ଏମିତି କହିଲା ବେଳେ ଭି ତାଙ୍କ କଥାରୁ ସ୍ପଷ୍ଟ ଜଣାଯାଉଥାଏ ସେ କିଛି ନା କିଛି ଲୁଚାଉଛନ୍ତି ତାଙ୍କର ପ୍ରକୃତ କାରଣ । ଆଉ ସେଇ ଲେଖି ଜାଣେନି କହିବା କଥା ଯାହା ମୋତେ କଣ କାହାରିକୁ ଆଜିଯାଏଁ ବିଶ୍ୱାସ ହେଇ ପାରୁନି ।

ପୁଣି ମୁଁ ପଚାରିଲି, ଆଉ ସେ ଟେବୁଲ୍ ରେ ଲେଖା ହେଇ ଥିବା ଅଧଲେଖାଟା କଣ ଯେ ? ବୋଧେ ତାହା କେଇଦିନରୁ ଅଧାଲେଖା ହେଇ ରହିଥିବା ଗଳ୍ପ ବୋଧେ ? ସେ କହିଲେ ହଁ। ମୁଁ କହିଲି କେବେ ତାହା ସଂପୂର୍ଣ୍ଣ ହେବ ? ସେ କହିଲେ ସେ ଏକ ଅଧାଲେଖା ଗଳ୍ପ, ଯାହାର ପୂର୍ଣ୍ଣତା ଆଉ ହେଇପାରିବନି । ପୁଣି ପଚାରିଲି କାଇଁ ହେବନି ? ହେଲେ ସେ ପୁଣି ସେ ଅର୍ଥହୀନ ଉତ୍ତର.... ପୂର୍ବ ପରି, ମୋ ହୁଏନି ।

ଏତେ ଭାବୁକ ମନ, କୌଣସି ଘଟଣାକୁ ଅତି ସୁନ୍ଦର ଭାବେ ହୃଦଙ୍ଗମ କରି, ବଖାଣି ଅତି ଉତ୍ତମ ଉପସ୍ଥାପନା, ବର୍ଣ୍ଣନା କରୁଥିବା ମନ ଆଜି କାଇଁ ନିସ୍ତବ୍ଧ ? ଏହାର ଉତ୍ତର ଅଜିଭି ମିଳିନି ! ଆଉ ଆଜିଭି ସମସ୍ତ ଙ୍କ ମନରେ ସେଇ ପ୍ରଶ୍ନ, କଣ ଯେ ପ୍ରକୃତ କାରଣ ହେଇଥାଇ ପାରେ ????? ମୁଁ ଆଉ ଅନେକ ବନ୍ଧୁ ଉତ୍ତର ଖୁଯିବାରେ ବ୍ୟସ୍ତ ............!

ଜମଲ୍, ପଦ୍ମପୁର, ବରଗଡ଼
ମୋ: ୫୦୧୫୧୬୫୨୬୫

ISSN NO.
2582-208X

# ଦୁଃଖୀ ମଣିଷ

ପି. ପାତ୍ର

ଜହ୍ନ ଆସି ଉଙ୍କି ମାରେ
ବୁଡିଲାଣି ବେଳ
ମନଟିଏ ପଚାରୁଛି
ବୟସକୁ ତାର
ଆସିଥିଲି ମାଆ କୋଳେ
ଶିଖିଲି ମୁଁ କେତେ
ଦେଖିଲି ମୁଁ ଦୁନିଆରେ
ମନଭରି ସେତେ
ବୋଳିଦେଲା ସ୍ନେହ ପ୍ରେମ
ଢାଳି ଦେଲି କେତେ
କେତେ ତୃଷା ମେଣ୍ଟାଇଲି
ଦେଲି କାହା ତୁଣ୍ଡେ
ଉଡି ଆସି ବସିଥିଲି
ଯିବି ବହୁ ଦୂର
ସତ୍ୟ ଅଟେ ସଂସାରରେ
କର୍ମ ମଧ୍ୟେ ଫଳ
ପାଇଛି ମୁଁ ଯେତେ ସୁଖ
ସମୟର ଖେଳ
ଦୁଃଖୀ ମଣିଷର ଦୁଃଖ
ଧର୍ମ ଅଟେ ବଳ ॥

ISSN NO.
2582-208X

# ରସନା ରଟ

କବିତା ସ୍ୱାଇଁ

ରସନା ରଟ ନିରତେ ପିତବାସ ହରିବ ଭବ କଷଣ ।
ରହିବନି ଦୁଃଖ ଚିନ୍ତ କଳାମୁଖ ଭକ୍ତ ସୁଖ ନାରାୟଣ ।୧।
ରବି ସୁତ ଦଣ୍ଡ ଖଣ୍ଡନ କାରଣ ଜନାର୍ଦ୍ଦନ ଜପ ମନ ।
ରଖଇ ଭକତ ଶଙ୍ଖରେ ପୁରାଇ ଚକ୍ରଦ୍ଧାଙ୍କି ନନ୍ଦନାନ ।୨।
ରମଣୀ ରସିଆ କଜ୍ଜଳ କାଳିଆ ଅଶେଷ ଯା ରୂପ ଗୁଣ ।
ରମଣୀୟ ବେଶ ହରି ଜଗଦୀଶ କେଶବ ଜଗମୋହନ ।୩।
ରମାବର ହରି ମୁକୁନ୍ଦ ମୁରାରୀ ମାଧବ ମଧୁସୂଦନ ।
ରସିକ ଶେଖର ସେ ଶ୍ରୀରାଧା ବର ଶ୍ରୀକୃଷ୍ଣ ଯଦୁ ନନ୍ଦନ ।୪।
ରହରେ ମନ ବାରଣ ଆବୋରିଣ ଶ୍ରୀହରି କଞ୍ଜ ଚରଣ ।
ରକ୍ଷା କବଚ ସେ ସଦା ଭକତର ଭକ୍ତହୀତେ ଧରେ ପ୍ରାଣ ।୫।
ରକ୍ଷ ସୁର ନର ଗନ୍ଧର୍ବ କିନ୍ନର କରନ୍ତି ଯାର ଭଜନ ।
ରଚନା ଯାହାର ବିଶ୍ୱ ଚରାଚର ତ୍ରିତାପ କରେ ହରଣ ।୬।
ରଜ ଶ୍ରୀପୟରୁ ପଡିଣ ଅହଲ୍ୟା ପାଷାଣୁ ହେଲା ମୋଚନ ।
ରତ ହୋଇ ମନ ତାହାର ଭଜନେ ସୁଖେ କାଟିଦିଅ ଦିନ ।୭।

ମହୁ ଆଳ କେନ୍ଦ୍ରାପଡା

ISSN NO.
2582-208X

# ବିଶ୍ୱାସ



ବାପିନ ସିଂ

ସୁଦୃଢ ହୃଦୟରୁ ଏଇ ବଳିଷ୍ଠ ଭାବନା
କାହା ପାଇଁ ଆଶା ଉନ୍ମାଦନା
ଗୋରାଖ ଯୋଗାଏ ଆଗେ ବଢ଼ିବାକୁ
କେବେ ଦିଏ ମନକୁ ସାନ୍ତ୍ୱନା ।

ଅଭ୍ୟୁଦୟ ଆଣେ ନିରାଶାରୁ ଆଶା
ସମୟକୁ ଦେଇପାରେ ଛାଣି
ଋତୁ ଫଗୁଣର ରଙ୍ଗ ସମ୍ଭାର ଭିତରେ
ଲେଖେ ନୂଆ ଭାବର କାହାଣୀ ।

ସଂକଳନ କରିଚାଲେ ହୃଦୟର ବହି
ଦେଇ ନୂତନ ରଙ୍ଗ ରୂପ
ବିଚ୍ଛିନ୍ନତା ମନେ ଆଣେ ଅଖଣ୍ଡର ତତ୍ତ୍ୱ
ରଚିବାକୁ ଶାନ୍ତି ଧୈର୍ଯ୍ୟ ସ୍ତୁପ ।

ପ୍ରଚ୍ଛଦପଟର ଏଇ ଜୀବନ ସଂହତିରେ
କେବେ ବୁଣେ ଜୀବନେ ଉନ୍ନତି
ନିଘୋଡ଼ ନିଦରୁ ଉଠାଏ କେବେ ସିଏ
ବୁଝିବାକୁ ନୂତନ ରଚିତ ପଂକ୍ତି ।

ISSN NO.
2582-208X


ଅଦୃଶ୍ୟ ପ୍ରାୟ କିନ୍ତୁ ଭାରି ବଳବାନ୍
ପଙ୍ଗୁକୁ ଲଙ୍ଘାଏ ସେ ଗିରି
ବେଳେବେଳେ ତିକ୍ତମୋହ ତାଡ଼ନାରେ
ଦିଏ ସୁସ୍ଥ ଜୀବନର ଶିରୀ ।

ବିଶ୍ୱାସ ଅଛି ବୋଲି ନିଃଶ୍ୱାସ ଚାଲେ
ଖୋଲି କହେ ହୃଦୟର ଭାଷା
ଯନ୍ତ୍ରଣା ଜର୍ଜରିତ କଦର୍ଯ୍ୟ ଜୀବନରେ
ନୁହେଁକି ଏ ସ୍ୱତନ୍ତ୍ର ଅନ୍ୱେଷା ।

ସ୍ନାତକୋତ୍ତର ଅର୍ଥଶାସ୍ତ୍ର ବିଭାଗ ଛାତ୍ର
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର, ବାଲେଶ୍ୱର
ଦୂରଭାଷ : ୯୯୩୭୮୨୦୮୩୧

ISSN NO.
2582-208X

# କିଏ ଆସୁଛି



ବିଶ୍ୱଜିତ ନାଥ

ଶ୍ରାବଣ ଆସିଛି
ଋତୁ ବି ଫେରିଛି
ମୌସୁମୀ ବର୍ଷୁଛି
ଭିଜା ମାଟି ବାସୁଛି
ସେହି ଶ୍ରାବଣ ରେ
ଇନ୍ଦ୍ରଧନୁ ଟିଏ
ସାତରଙ୍ଗ ଧରି ଚାହିଁ ରହିଛି
ସେ ସନ ଫଗୁଣ ରୁ
ଅପେକ୍ଷା କରିଛି ସେ
ତା ପାଇଁ କିଏ ଆସୁଛି ।

ବାଦଲ ମିଶା ଜହ୍ନ ରାତି ର ବର୍ଷା
ଟିକେ ଟିକେ ଆଲୋକ ର ଫର୍ଚ୍ଛା
ମିଞ୍ଜିମିଞ୍ଜି ହାତ ଗଣତି
ତାରାକା ଙ୍କ ହସ
ଅଭିମାନିନୀ ସୌଦାମିନୀ ର
ଚମକ ଭରା ରୋଷ ।
କିନ୍ତୁ କାହିଁକି ?

ISSN NO.
2582-208X

ତା ମନରେ ଆଜି
ଫୁଟେ ସ୍ୱର୍ଗ ର ପାରିଜାତ
ଅନେକ ଦିନ ର  ଅପେକ୍ଷା
ଆଜି ହୋଇଛି ଅନ୍ତ
କଣ କେହି ଜଣେ ଆସୁଛି କି!

ପ୍ରେମ ର ଫରୁଆ ଧରି
ସ୍ୱର୍ଗର ପରୀ ନା ସେ ଅପସରୀ
ମନ ର ରାଇଜ କୁ ଆସେ
କେଉଁ ଅଜଣା ଜାଗାରେ ବସେ
କିଏ ସେ ?
ସେ କଣ ତାର ସେହି
ହଜିଲା ଦିନର ଫଗୁଣ
ଯାହାର ଆଗମନ ରେ ଆଜି
ହୋଇଛି ଯୁଗାନ୍ତର ମିଳନ

ଜିଲ୍ଲା ଶିକ୍ଷା ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନ କେନ୍ଦୁଝର,
ଉଲ୍ଲୋଳ, କେନ୍ଦୁଝର

ISSN NO.
2582-208X

# ସ୍ୱାସ୍ଥ୍ୟ ବିଭାଗ

ISSN NO.
2582-208X

# ସୁସମ ଖାଦ୍ୟ ଓ ଉତ୍ତମ ସ୍ୱାସ୍ଥ୍ୟ



ଡାକ୍ତର ବସନ୍ତ କୁମାର ଷଡଙ୍ଗୀ

ଧରା ପୃଷ୍ଠରେ ଯେତେ ସବୁ ରାଷ୍ଟ୍ର ସମୂହ ରହିଛି ପ୍ରତି ରାଷ୍ଟ୍ରର ଋତୁଚକ୍ର ଓ ପୃଥିବୀ ପରିକ୍ରମା ଅନୁଯାଇ ଭିନ୍ନ ଭିନ୍ନ ଜଳବାୟୁ ପରିଲକ୍ଷିତ ହୋଇଥାଏ । ତଦନୁଯାଇ ପ୍ରାକୃତିକ ପରିବେଶ, ଶସ୍ୟ ଆମଦାନୀ, ଜୀବଜନ୍ତୁ ସୁରକ୍ଷା ଆଦି କାର୍ଯ୍ୟ ସୁଚାରୁରୂପେ ହୋଇଥାଏ । ଆମ ଦେଶ ଭାରତରେ ଋତୁ ଚକ୍ର ଅନୁଯାଇ ଜଳବାୟୁ ପରିବର୍ତ୍ତନ ହେବାସହ ବିଭିନ୍ନ ପ୍ରକାର ଫଳ ଓ ସବୁଜ ପନପରିବା ଆମଦାନୀ ହୋଇଥାଏ ।

ସ୍ୱାସ୍ଥ୍ୟ ସୁରକ୍ଷା ବିଷୟରେ ପ୍ରାୟତଃ କିଛି ଲୋକ ଅନଭିଜ୍ଞ ଥିବା ବେଳେ କିଛି ବ୍ୟକ୍ତି ବିଶେଷ ଦୈନନ୍ଦିନ ଆହାର ବିହାର କୁ ଅଣଦେଖା କରିବା ସହ ଖାଦ୍ୟ ଖାଇବା ଓ ଶୋଇବା ଆଦି ନିତ୍ୟକର୍ମ କୁ ଅନିୟମିତତା କରିଥାନ୍ତି । ଯଦ୍ୱାରା ଶରୀରରେ "ରୋଗପ୍ରତିରୋଧକ ଶକ୍ତି" ହ୍ରାସ ପାଇ ମନୁଷ୍ୟ ବିଭିନ୍ନ ପ୍ରକାର ରୋଗର ଶିକାର ହୋଇଥାଏ। ଘରେ ଖାଦ୍ୟ ସାମଗ୍ରୀ କୁ ବହୁ ସମୟ ଧରି ରଖିବା ପରେ ଖାଇବା, କୌଣସି ଖାଦ୍ୟ ସାମଗ୍ରୀ ପ୍ରସ୍ତୁତି ପାଇଁ ବ୍ୟବହୃତ ତେଲ କୁ ବାରମ୍ବାର ଖାଦ୍ୟ ରୂପେ ବ୍ୟବହାର କରିବା ଦ୍ୱାରା ଏହା ଶରୀର ପାଇଁ କ୍ଷତି କାରକ ହୋଇଥାଏ । ପୋଡା ତେଲ ଖାଇବା ଦ୍ୱାରା "ଆଣ୍ଟିଅକ୍ସିଡେଣ୍ଟ" ତିଆରି କରୁଥିବା ଶରୀରର ଉପକାରୀ ଏନଯାଇମ ଗୁଡିକ ନଷ୍ଟ ହୋଇଯାଇଥାଏ, ତେଣୁ ତେଲ ଓ ଘିଅ ଦ୍ୱାରା ଛଣା ଯାଇଥିବା ଖାଦ୍ୟକୁ ସମ୍ପୂର୍ଣ୍ଣ କମ ଖାଇବା ସହ ଅଳ୍ପ ଭଜା ଭଜି ଖାଦ୍ୟ, ଅଧିକ ସିଝା ଖାଦ୍ୟ ଖାଇବା ଓ ତନ୍ତୁ ଜାତୀୟ ପନିପରିବା (କଖାରୁ, ସୋୟା ବଡ଼ି, ଦେଶୀ ପୋଟଳ, ଲାଉ, ଭେଣ୍ଡି, ଜହ୍ନି) ଆଦିକୁ ଖାଦ୍ୟ ରୂପେ ଗ୍ରହଣ କରିବା ଦ୍ୱାରା ଖାଦ୍ୟ ର ଗୁଣାତ୍ମକ ମାନ ବୃଦ୍ଧି ପାଇ ଶରୀର ନିରୋଗ ରହିବା ସହ ମନୁଷ୍ୟ ଦୀର୍ଘଯିବି ହେବାପାଇଁ ସୁଯୋଗ ସୃଷ୍ଟି ହୋଇଥାଏ ।

ISSN NO.
2582-208X

ମନୁଷ୍ୟ ର ବୟସ ବଢ଼ିବା ସାଙ୍ଗକୁ ମାଛ, ମାଂସ ଖାଇବା କମ କରିବା ଉଚିତ I ଅଧିକ ମାତ୍ରାରେ ଲାଲ ମାଂସ (RED MEET) ଖାଇବା ଦ୍ୱାରା ରକ୍ତରେ ଆଇରନ ର ମାତ୍ରା ବଢ଼ିଯାଏ ଯାହାକି ସୁସ୍ଥ ଶରୀର ପାଇଁ କ୍ଷତି ପହଞ୍ଚାଇଥାଏ,ଏହାର ମୂଳ କାରଣ ହେଲା ବର୍ଦ୍ଧିତ ଆଇରନ "ଅକ୍ସିଡେସନ" ପ୍ରକ୍ରିୟା କୁ ନଷ୍ଟ କରିବାରେ ସହାୟକ ହୋଇଥାଏ, ତେଣୁ ଅଧିକ ମାତ୍ରାରେ ମାଛ ମାଂସ ଖାଇବା କୁ ପସନ୍ଦ କରୁଥିବା ବ୍ୟକ୍ତି "ଅକ୍ସିଡେସନ" ପ୍ରକ୍ରିୟା କୁ କ୍ରିୟାଶୀଳ  କରିବା ପାଇଁ ଅଧିକ ସବୁଜ ପନିପରିବା ଖାଇବା ଜରୁରୀ ଅଟେ I ଦୈନନ୍ଦିନ ଖାଦ୍ୟରେ କମ ମୂଲ୍ୟରେ ବଜାରରେ ମିଳୁଥିବା ଅମୃତଭଣ୍ଡା, କଦଳୀ, ଗାଜର, ବନ୍ଧା କୋବି, ଟମାଟ, ପାଚିଲା ବଇତାଳୁ, ତରଭୁଜ ସଜନା ଛୁଇଁ, ପୋଇ ଶାଗ, ପାଳଙ୍ଗ ଶାଗ, କୋଶଳା ଶାଗ, ମେଥି ଶାଗ, ସଜନା ଶାଗ ଆଦି ବିଭିନ୍ନ ସବୁଜ ପନିପରିବା କୁ ଦୈନନ୍ଦିନ ଖାଦ୍ୟ ରୂପେ ଗ୍ରହଣ କରିବା ଦ୍ୱାରା ଏହା ଶରୀର ପାଇଁ ଅମୃତ ତୁଲ୍ୟ କାମ କରିଥାଏ I ଏଗୁଡିକ ଖାଦ୍ୟରେ ନିୟମିତ ବ୍ୟବହାର କରିବା ଦ୍ୱାରା ଶରୀର  କ୍ରିୟାଶୀଳ  ହେବା ଦ୍ୱାରା, ଶରୀର ସୁସ୍ଥ ରହିଥାଏ I ଏମିତି କେତେକ "ଫଳ" ରହିଛି ଯାହାକି ଖାଦ୍ୟ ରୂପେ ଗ୍ରହଣ କରିବା ଦ୍ୱାରା ଶରୀରରେ ତତକ୍ଷଣାତ ପ୍ରଭାବ ପକାଇଥାଏ I ଲେମ୍ବୁ ରେ ପ୍ରଚୁର ପରିମାଣରେ ଭିଟାମିନ-C ରହିଥାଏ, ଯାହାକି ଏଣ୍ଟିଅକ୍ସିଡେଣ୍ଟ ଅଟେ I ଏଣ୍ଟି ଅକ୍ସିଡେଣ୍ଟ ଶରୀରରେ "ରୋଗ ପ୍ରତିରୋଧକ ଶକ୍ତି (IMMUNITY POWER)" ବୃଦ୍ଧି କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ, ତେଣୁ ଦୈନନ୍ଦିନ ଖାଦ୍ୟରେ ଏହାକୁ ଖାଦ୍ୟ ରୂପେ ବ୍ୟବହାର କରିବା ଉଚିତ I ଯଦ୍ୱାରା ଏହା ହୃଦ ରୋଗ, କର୍କଟ, ମାରତ୍ମକ ଚର୍ମରୋଗ, ମାନସିକ ଚିନ୍ତା ଜନିତ ରୋଗ ଭଳି ଦୁଃସାଧ୍ୟ ରୋଗକୁ ପ୍ରାକୃତିକ ଉପାୟରେ ପ୍ରତିରୋଧ କରିବାରେ ସହାୟକ ହୋଇଥାଏ I  ଦୈନନ୍ଦିନ ଖାଦ୍ୟରେ ପ୍ରାକୃତିକ ପ୍ରଣାଳୀରେ ଖୁବ ଶସ୍ତା ଓ ସହଜ ଉପାୟରେ ମିଳୁଥିବା  ଲେମ୍ବୁ, କମଳା, ଅଙ୍ଗୁର, ଷ୍ଟ୍ରବେରୀ, ଜାମକୋଳି, ଡାଳିମ୍ବ, ସେଓ, ଚେରି, ସପୁରି, ପିଜୁଳି, କଦଳୀ, ବଡେଇ, ଟମାଟୋ,ଆମ୍ବ ଏହିପରି ଏଣ୍ଟିଅକ୍ସିଡେଣ୍ଟ ଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ଶରୀରରେ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇ ଶରୀର ଭିତରକୁ ବିଭିନ୍ନ ପ୍ରକାର ଜୀବାଣୁ, ଭୁତାଣୁ ଆଦିର ପ୍ରବେଶକୁ ପ୍ରତିରୋଧ କରିବାରେ  ସହାୟକ ହୋଇ ଶରୀରରକୁ ସୁସ୍ଥ, ସତେଜ ରଖିଥାଏ I

ଦୈନନ୍ଦିନ ଜୀବନ ଯାପନ ଭିତରେ ଏମିତି କେତେକ ସାଧାରଣ କଥା ରହିଛି ଯାହାକି ସ୍ୱାସ୍ଥ୍ୟ ପାଇଁ ହିତ କାରକ ହୋଇଥାଏ, ବାସ ଗୃହରେ କୁକୁର, ବିଲେଇ, ନେଉଳ  ଆଦିଙ୍କୁ ଘରେ ପୋଷିବା, କୁଆ, ଚଟେଇ, ଚିରଗୁଣୀ, ପାରା, ଆଦି ପକ୍ଷୀ ଙ୍କୁ ଦୈନନ୍ଦିନ

ISSN NO.
2582-208X

ଖାଦ୍ୟସସ୍ୟ ଦେବା ଦ୍ୱାରା ବହୁ ଉପକାର ମିଳିଥାଏ । ଯେପରି କୁକୁର ବାହ୍ୟ ଶତ୍ରୁ ଏବଂ ବିଭିନ୍ନ ବନ୍ୟ ଜନ୍ତୁ ଙ୍କୁ ପ୍ରତିରୋଧ କରୁଥାଏ, ବିଲେଇ ବାସ ଗୃହରେ ସାପ, ବେଙ୍ଗ, ବିଛା ଆଦିଙ୍କୁ ଘରଭିତରକୁ ନଯିବା କୁ ପ୍ରତିରୋଧ କରୁଥାଏ, ନେଉଳ, ସାପ ଏବଂ ବିଭିନ୍ନ ପୋକ ଜୋକ ଙ୍କ ଠାରୁ ଦୁରେଇ ରଖୁଥିବା ବେଳେ ଚଟେଇ, ପାରା, ଚିରଗୁଣି ଆଦି ଘର ର ଚତୁର୍ପାଶ୍ୱରେ ଥିବା ବିଭିନ୍ନ ପୋକ ଜୋକ, କୀଟପତଙ୍ଗ ଆଦିଙ୍କ ପ୍ରାଦୁର୍ଭାବରୁ ଦୁରେଇ ରଖିବା ସହ ବେଳେବେଳେ ମନୁଷ୍ୟ ର ଜୀବନ ହାନୀ ସମ୍ଭାବନା କୁ ଏଡାଇବାରେ ସହାୟକ ହୋଇଥାନ୍ତି ।

ମନୁଷ୍ୟ ଚିନ୍ତାମୁକ୍ତ, ନିରୋଗ, ଦୀର୍ଘାୟୁ ଭାବେ ବଞ୍ଚି ରହିବା ପାଇଁ ପ୍ରକୃତି ଓ ପରିବେଶ ସହ ଖାପ ଖୁଆଇ ଚଳିବା ଏବଂ ଦୈନନ୍ଦିନ ସୁଷମ ଖାଦ୍ୟ ଗ୍ରହଣ କରିବା, ପ୍ରାତଃ ସୂର୍ଯ୍ୟ କିରଣରେ ଯାତାୟାତ କରିବା, ଦୈନନ୍ଦିନ ବ୍ୟାୟାମ କରିବା ଦ୍ୱାରା ମନୁଷ୍ୟ ଶରୀରରେ ରକ୍ତ ଚାପ ଓ ସର୍କରା ର ପରିମାଣ ସନ୍ତୁଳିତ ରହିବା ସହ ମନୁଷ୍ୟର ବୟସ ଅନୁପାତ ରେ ଓଜନ ଠିକ ଭାବେ ରହିଥାଏ । ଯାହାକି ଦୀର୍ଘାୟୁ ନିମନ୍ତେ ସହାୟକ ହୋଇଥାଏ ।

ସମସ୍ତ ବିଷୟକୁ ଅନୁଧ୍ୟାନ କଲେ ନିଜ ସ୍ୱାସ୍ଥ୍ୟ ର ଯତ୍ନ ନିଜ ହାତରେ ରହିଥିବା ବେଳେ ମନୁଷ୍ୟ ବାଟବଣା ହୋଇ ବିଭିନ୍ନ ପ୍ରକାର ଦୂଷିତ ଖାଦ୍ୟ, ଦୂଷିତ ଜଳ, ବିଭିନ୍ନ ଫାଷ୍ଟ ଫୁଡ ପ୍ରତିଦିନ ଠିକ ସମୟରେ ଖାଦ୍ୟ ଗ୍ରହଣ ନ କରିବା ଦ୍ୱାରା, ବିଳମ୍ବିତ ରାତ୍ରିରେ ଶୋଇବା, ବିଳମ୍ବରେ ଶଯ୍ୟା ତ୍ୟାଗ କରିବା ଆଦି ବିଭିନ୍ନ କାରଣରୁ ଶରୀର ବିଭିନ୍ନ ଜଟିଳ ରୋଗର ଶିକାର ହୋଇଥାଏ । ଆମେ ସଜାଗ ରହି, ସ୍ୱାସ୍ଥ୍ୟ କୁ ସୁସ୍ଥ ଓ ସଜାଗ ରଖିବା ସହ ପରିବାରକୁ ମଧ୍ୟ ସୁସ୍ଥ ରଖିବା ର ଆବଶ୍ୟକତା ରହିଛି ।

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚନ୍ଦାହାଣ୍ଡି, ନବରଙ୍ଗପୁର,
ଫୋନ–୭୮୯୪୧୧୨୪୮୭

ISSN NO.
2582-208X

# ଆମ ହାଣ୍ଡିଶାଳ

ISSN NO.
2582-208X

# ଗୋଟା କଲରା



ଦେବଯାନୀ ସ୍ୱାଇଁ

ଆମ ଓଡିଆ ଘରେ ଆଳୁ ମସଲା ଦିଆ ଗୋଟା କଲରା ଭଜା ବେଶ୍ ପରିଚିତ ଆଉ ଖୁବ୍ ସ୍ୱାଦିଷ୍ଟ ମଧ୍ୟ। ହେଲେ ଆଜିକାଲି ଘରେ ଘରେ ଯେଉଁ ମଧୁମେହ ରୋଗର ପ୍ରବେଶ ହେଲାଣି, ଗୃହିଣୀ ମାନେ ରୋଷେଇ ଘରେ ଆଳୁ ପୁରେଇବାକୁ ଡରିଲେଣି। ତାହେଲେ ପିତା କଲରାକୁ କେମିତି ସ୍ୱାଦିଷ୍ଟ ବନାଯିବ ଆସନ୍ତୁ ବନେଇବା।



ISSN NO.
2582-208X

କଲରା ଆଣିବା ବେଳେ ଛୋଟ ଛୋଟ କଲରା ବାଛିକି ଆଣନ୍ତୁ। ସେଗୁଡ଼ିକୁ ଭଲଭାବେ ଧୋଇ ଗୋଟା କଲରା ଭାଜିବା ଭଳି ମଝି ଚିରିକି ରଖନ୍ତୁ।

୨୫୦ ଗ୍ରାମ୍ କଲରା ପାଇଁ, ୨-ବଡ ଚାମଚ ସୋରିଷ, ୧-ଚାମଚ ଜିରା, ଅଧା ଚାମଚ କଳା ଜିରା, ଅଧା ଚାମଚ ପାନ ମଧୁରୀ, ୪-ଖୋଲା ରସୁଣ ଓ ୨ ଟି ବଡ କଂଚାଲଙ୍କା କୁ ଭଲ ଭାବେ ବାଟି ଦିଅନ୍ତୁ। କଡେଇରେ ପାଣି ଦେଇ କଲରାକୁ ଲୁଣ, ହଳଦୀ ଓ ବଟା ଯାଇଥିବା ମସଲା ସହିତ ସିଝାଇ ଦିଅନ୍ତୁ। ପାଣି ଏମିତି ଦେବେ ଯେମିତି କଲରା ଗୁଡିକ ସେତିକି ପାଣିରେ ସିଝିଯିବ। ଅଧିକା ପାଣି ହେଇଗଲେ ତାକୁ ସେଇ କଡେଇରେ ହିଁ କଲରା ସହିତ ମାରି ଦିଅନ୍ତୁ, ସିଝା ମସଲା ପାଣିକୁ ଫୋପାଡନ୍ତୁ ନାହିଁ। ସବୁ ପାଣି ମରି ଗଲେ ଏବେ ଗୋଟେ ପ୍ୟାନ୍ ଗରମ କରି ସେଥିରେ ସିଝା ମସଲା ଦିଆ କଲରା ଗୁଡିକୁ ଭଲକି ତେଲ ଦେଇ ଭାଜି ନିଅନ୍ତୁ।

ଗୋରେଗାଓଁ, ମୁମ୍ବାଇ

ISSN NO.
2582-208X

# କଡ଼ାଇ ପନୀର


ଜୟନ୍ତୀ ଦେବୀ

**ସାମଗ୍ରୀ:**

ପନୀର-୨୫୦ ଗ୍ରାମ, ପିଆଜ-୨୦୦ ଗ୍ରାମ,

ତେଲ=୨୦୦ ଗ୍ରାମ, ଟମାଟୋ-୨୫୦ ଗ୍ରାମ, କାପସିକମ୍-୧୫୦ ଗ୍ରାମ

ହଳଦୀ- ୧ ଚାମଚ, ଧନିଆ-୫୦ ଗ୍ରାମ, ଜିରା-୫ ଗ୍ରାମ,

ଗରମ ମସଲା- ୧ ଚାମଚ୍, ଅଦା ରସୁଣ ବଟା-୨ ଚାମଚ,

ଲୁଣ-ଦରକାର ଅନୁସାରେ

**ପ୍ରସ୍ତୁତି ପ୍ରଣାଳୀ:** ପିଆଜକୁ ଲମ୍ବା ଓ ପତଳା ଆକାରରେ ଏବଂ ଟମାଟୋକୁ ଲମ୍ବା ଓ ପତଳା ଆକାରରେ କାଟି ରଖନ୍ତୁ । କାପସିକମ୍ କୁ ଗୋଲ ଗୋଲ କରି କାଟି ରଖନ୍ତୁ । ପନୀରକୁ ୧ ଇଞ୍ଚ ୧ ଇଞ୍ଚ ବା ସ୍କୋୟାର ସାଇଜରେ କାଟି ରଖନ୍ତୁ । କଡେଇରେ ତେଲ ଗରମ କରି ପିଆଜକୁ ଲାଲ ହେବା ପର୍ଯ୍ୟନ୍ତ ଗୁଣ୍ଡ ଦେଇ ଭାଜନ୍ତୁ । ୫ ମିନିଟ୍ ଭାଜିବା ପରେ ତେଲ ମସଲାକୁ ଛାଡି ଛାଡି ଆସିଲେ କାପସିକମ୍ ଓ ଟମାଟୋ ପକାଇ ଆଉ କିଛି ମସଲା ଭାଜି ନିଅନ୍ତୁ । ଯେତେବେଳେ ତେଲ କଡେଇରୁ ଛାଡି ଆସିବ, ସେତେବେଳେ ପନୀର, ଲୁଣ ଓ ପାଣି ଦେଇ ଆଉ ୨ ମିନିଟ୍ ରାନ୍ଧନ୍ତୁ । ମନ ପସନ୍ଦର ଝୋଳ ରଖି ଚୁଲିରୁ ଓହ୍ଲାଇ ପରଷି ଦିଅନ୍ତୁ ।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଗାଜର ପାଏସ୍



ଅଧ୍ୟାପିକା ରେ୍ଜାଲିନ୍ ବାରିକ୍

**ସାମଗ୍ରୀ:**

ଗାଜର – ୨୫୦ ଗ୍ରାମ, କ୍ଷୀର-ଅଧଲିଟର
ଚିନି-୧୦୦ ଗ୍ରାମ, କାଜୁ-୫୦ ଗ୍ରାମ, କିସମିସ୍-୫୦ ଗ୍ରାମ
ଗୁଜୁରାତି-୨ଟା, ଘିଅ-୧ ଟେବୁଲ ଚାମଚ, ତେଜପତ୍ର-ଗୋଟିଏ

**ପ୍ରସ୍ତୁତି ପ୍ରଣାଳୀ:**

ଗାଜରକୁ ଧୋଇ ଚୋପା ଛଡାଇ ଛୋଟ ଛୋଟ ଖଣ୍ଡରେ କାଟନ୍ତୁ। ଏହାପରେ କଟା ଗାଜରରେ କପେ କ୍ଷୀର ମିଶାଇ ଭଲକରି ଗ୍ରାଇଣ୍ଡିଂ କରିନିଅନ୍ତୁ। କ୍ଷୀରରେ ଚିନି ଓ ତେଜପତ୍ର ପକାଇ ଫୁଟାନ୍ତୁ। କ୍ଷୀର ଫୁଟି ଆସିଲେ ସେଥିରେ ଗାଜର ପେଷ୍ଟ ମିଶାଇ ହାଲୁକା ଆଞ୍ଚରେ ଧିରେ ଧିରେ ଘାଣ୍ଟନ୍ତୁ। ବହଳିଆ ହୋଇ ଆସିଲେ ଆଞ୍ଚ ବନ୍ଦ କରି ଦିଅନ୍ତୁ। ଉପରେ କାଜୁ, ଗୁଜୁରାତି ଗୁଣ୍ଡ, କିସମିସ୍ ଓ ଘିଅ ପକାନ୍ତୁ। ଭଲକରି ଥଣ୍ଡା ହେବାପରେ ପରଷନ୍ତୁ। ଏହି ପାଏସ୍ ର ସ୍ୱାଦ ବଢାଇବାକୁ ଚାହୁଁଥିଲେ ପାଏସ୍ ହୋଇସାରିବା ପରେ ତୁରନ୍ତ ଏକ ମାଟି ପାତ୍ରରେ ରଖି ଫ୍ରିଜ୍ ରେ ରଖନ୍ତୁ। ଥଣ୍ଡା ହେବାପରେ ପରିବେଷଣ କରନ୍ତୁ।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# କେକ୍



ଅଳକା ବାରିକ୍

**ଆବଶ୍ୟକ ସାମଗ୍ରୀ:**

କସମିସ୍-୨ କପ୍,
ପେଷାଚନ-ଆବଶ୍ୟକ ପରିମାଣରେ, ମଇଦା-୨ କପ୍
୧ ଗ୍ଲମଚ ବେକଂ ପାଉଡର, ଚକୋ ପାଉଡର୍ ଗୁଣ୍ଡ
ଅଣ୍ଡା-୨ଟି, ବଟର-ଆବଶ୍ୟକ ପରିମାଣର, ଚେରି

**ପ୍ରସ୍ତୁତି ପ୍ରଣାଳୀ:**

ସର୍ବପ୍ରଥମେ ଏକ ପାତ୍ରରେ କସମିସ୍ ନେଇ ସେଥିରେ ପେଷାଚନ ଭଲଭାବରେ ମିଶାନ୍ତୁ । ଏହାପରେ ଏକ ପାତ୍ରରେ ମଇଦା ନେଇ ସେଥିରେ ବେକଂ ପାଉଡର ମିଶାନ୍ତୁ । ଏବେ ଏକ ପାତ୍ରରେ ବଟର ନେଇ ଏହାକୁ ଭଲ ଭାବେ ଫେଣ୍ଟି ୨ଟି ଅଣ୍ଡା ଭାଙ୍ଗି ପକାଇ ଭଲଭାବେ ଗୋଳାନ୍ତୁ । ଏହାପରେ ଏହି ମିଶ୍ରଣରେ ଚକୋ ପାଉଡର ଗୁଣ୍ଡ ମିଶାନ୍ତୁ ଏବଂ ଏହାକୁ ଭଲଭାବେ ଗୋଳାନ୍ତୁ । ଏବେ ଏଥିରେ ମଇଦା ମିଶାଇ, ବର୍ତ୍ତମାନ ଏହି ମିଶ୍ରଣରେ କସମିସ୍ ଏବଂ ଚନର ମିଶ୍ରଣ ମିଶାନ୍ତୁ ଏବଂ ଏକ ପାତ୍ରରେ ରଖି ଏହାକୁ ଏକ ଆକୃତି ଦିଅନ୍ତୁ । (ଗୋଲ୍‌କାର, ଗ୍ଲରିକଣିଆ ନଜ ପସନ୍ଦ ଅନୁଯାୟୀ) । ମାଇକ୍ରୋଓଭେନ ରେ କେକ୍ କୁ ୩୫୦ ଡିଗ୍ରୀ ତାପମାତ୍ରାରେ ୪୦ ମିନଟ୍ ପାଇଁ ରଖନ୍ତୁ । ଏବେ କେକ୍ କୁ ଏକ ପାତ୍ରକୁ କାଢି ଏହା ଉପରେ ସାମାନ୍ୟ ଚେରି ଓ ଚନ ପକାଇ ସଜାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ କେକ୍ ।

ମହୁ, ଆଳ, କେନ୍ଦ୍ରପଡା

ISSN NO.
2582-208X

# ଆଞ୍ଚଳିକ

ISSN NO.
2582-208X

# ଚେହେରା



ସତ୍ୟନାରାୟଣ ମିଶ୍ର

କହେସନ୍ ତ
ସିଆନ ସୁଜନ୍ ଗୁନି ଗିଆନି
ସଭେ କହେସନ୍
ଚେହେରା ଗୁଟେ ଦର୍ପନ୍ ହେ ।

ହୁରୁଦ ର୍ ଦରଦ୍ ହଉ କି ମନର୍ ଭାବନା
ପେଟ ର୍ ଭୋକ ହଉ କି ଦେହେ ର୍
ଛଲ୍ ଭୋଲ୍ ଆରୁ କଲବଲ୍
ସଂଗେ ତରା ତରା ମଲ୍ ମଲ୍
ଉପର ଛଲକେ ଗହଗହ କି
ହୁରୁଦ ଚନ୍ଦନ୍ ମହ ମହ
ସବୁ ଯାକ ଜନେଇ ଦେସି ଚେହେରା
ଚେହେରା ନୁହେ ସେ ମନର୍ ଇଂତା ପୁହୁରା ।

ଚେହେରା ନେ ଅଛେ ଆଖି ର୍ ଠାର୍
ନାକ ର୍ ଚଘାନି ଚଂଡ ଗୁଜା ସଂଗେ
ପସନ୍ ବାଆନା ଠାର୍ ନାର୍
ନାଇଁ କହେଲେ ବି କଥା
ଇ ମାନକ ର୍ ଚାହାନି ବଲେ ମିଲି ଯାଏ ସବୁ ପତା ।

ISSN NO.
2582-208X

ଠେଙ୍ଗୁଆ ପିଲାର୍ ଜୁଲି ହେବାର୍ ରାଗ୍ ରାଗ୍
ଲୁଭୁନି ଲୁଭା ର୍ ମନ୍ କହେସି ଯା ଭାଗ୍
ବିଛୋଡ ମିଲନ୍ ଉସତ୍ ଆନନ୍
ସବୁ ଜନାସି ଇ ଦର୍ପନ୍
ଉପର ଛଲ କେ ମୁହୁଁ ସମନେ
ହସୁ ଥିଲେ କି କହେଲେ ବନେ
ଅନ୍ତର୍ ଥି ଅଛେ କି ନାଇଁ ପର୍ଚ୍ଛା
ଦିଲ୍ ସଂଗେ ସଂଗେ ଚେହେରା ବି ଦେଖ
କାହାର୍ ଭାବ ଟା କେନ୍ତା !

ସିଂଧେକେଲ୍ , ବଲ୍ଙ୍ଗୀର

ISSN NO.
2582-208X

# ଅରୁନ୍ଧତି ବୋଏଲେ ବଶିଷ୍ଠ ମୁନି କେ



କୁମରଲାଲ ରଣା

ଅରୁନ୍ଧତୀ ବୋଏଲେ   ବଶିଷ୍ଠ ମୁନି କେ
ନାଇନା ଘରେ ନୁନ୍
ଖୋଜି ଢୁଣି ଆନ   ଓଏନ୍ କରି
ରାନ୍ଧିଦେମି ମୁଇ ତୁନ୍
ବଶିଷ୍ଠ ବୋଏଲେ   ଅରୁନ୍ଧତୀ ରେ
ଯାଅ ବିଶ୍ୱାମିତ୍ର ଘର୍
ମାଗିଆନ ନୁନ   ରାନ୍ଧିଦେବ ତୁନ୍
ନାଇ କରନ ଉଛୁର୍
ଅରୁନ୍ଧତୀ ବୋଏଲେ   କେନ୍ କଥା କହ
ଶତୃକେ ଭାବୁଛ ମିତ୍
ସେ ବିସୁଆ ମିତ୍ର   ଆମର୍ ବଇରି
ବୁଡାଲା ଆମର୍ ହିତ୍
ଶହେ ପୋ ମନ୍ କେ   ଅଭିସାପ ଦେଲା
ମରିଗଲେ ଘାଏକେ
ଦୟା ନାଇନା ତାର୍   ଅଭିମାନୀ ମୁନୀ
ନାଇ ରଖଲା ପୋ ମନକେ
ହେତକି ରିସ୍ ତାର୍   ଟୁଣେ ଭରତି ଅଛେ
ଧଏନ୍ ତାର୍ ତପ୍ ବିଚାର

ISSN NO.
2582-208X

ବାଲୁତ ପୋ ମାନକେ ମରେଇ ଦେଲା
ଧଏନ୍ ତାର୍ ତଗଦିର୍
ତାର୍ ଘରକେ କେନ୍ତା ନୁନ୍ ମାଗି ଜିମି
କହୁଛ ଜେ ଗୁସିଆଁ ସୁନ
ନାଇ ପଛେ ମାଗି ଜାଏ ତାର୍ ଘରକେ
ନେଉ ହୋଉ ପଛେ ତୁନ
ବଶିଷ୍ଠ ବୋଏଲେ ରିସ୍ ଦୁଖ ଛାଡ୍
ମାଗି ଯା ତ ତୁଇ ନୁନ୍
ମାଗି କରି ଆନଲେ ରାନ୍ଧିଦେବୁ ତୁଇ
ଅଏନ୍ କରି ଭଜା ତୁନ୍
ଯାହାର୍ ରିସ୍ ତାହାକେ ଖାଇସି ଗୋ
ଇ କଥା ତ ମନେ ରଖ
ନୁନ୍ ଆନିକରି ଭାଜି ଦିଅ ତୁନ୍
ମେଟେଇ ଦିଅ ମୋର୍ ଭୋକ

ମହୁଆଭଟା
ନୂଆପଡା

ISSN NO.
2582-208X

# ମାଲୁ ଧାନର୍ ମହକ୍



ଦିନେଶ ମେହେର

ଉତ୍ତର ଦିଗେ ମହକି ଉଠିଚେ
କ୍ଷେତ୍ ଖଳା ସବୁ
ସୁନା ରଙ୍ଗେ ରଙ୍ଗେଇ ଯାଇଚେ
ଚଷା ପୋ ର୍ ମନ୍ ଉସତେ
ନାଚି ଝୁମି ଉଠୁଚେ ।

ଇଟା ପରେ ଆମର୍
ବଛର୍ ର ପହେଲା ଫସଲ୍ !
ମାଁ ମାଟି ର୍ ମହକ୍ ସଙ୍ଗେ
ଭୋଦୋ ତିହାର୍ ଆଗତୁରା ଡ଼ାକ୍ ଦେଲାନ ।

ମାଁ ସମଲେଇ ର ବଡଖା ତିହାର୍
ଆମର ନୂଆଁଖାଇ
ଧୁପ୍ ଗୁଗୁଲର୍ ମହକ୍ ସଙ୍ଗେ
କେତେ ଉସତ୍ ଭରି ଦେଲା ନ ।

ନୂଆଁ ନୂଆଁ ଭୁଦୋ ଜନ୍
ଉଦିଚେ କେଢ଼େ ସରଗେ
ନୂଆଁଖାଇ ତିହାର୍ କେ ନେଇଛେ ଆନି
ଇଟା ପରେ ଆମର ଭାଇଚାରା ର୍ ତିହାର୍ ।

ISSN NO.
2582-208X

ବସୁଧୈବ କୁଟୁମ୍ବକମ୍ ନାଁ କେ
ଉଜଲ୍ କରୁଥିଶି ଇ ତିହାର୍।
ସାନ୍ କେ ଆଦର୍ ବଡ଼ କେ ମୁଡ଼ିଆ
ରସେଇ ଦେସି ଶୁହ୍ଲ ରସେ।

ବେଲ୍ ଉଦା ନୁ ଭୂଆସେନ୍ ଟୁକେଲ୍
ପେନ୍ ବୁହିକରି ଆନସି ସରାଗେ
ନିର୍ମଲ୍ ମନେ
ଧୁଇସି ଇଷ୍ଟଦେବୀ ର୍ ଚରନ୍।

ଲଗନ୍ ଫିଟା ବେଲ୍ କେ
ସବେ ହେସନ୍ ଏକ୍ ଜାଗା ନେ କୁରା,
ଠିକ୍ ଲଗନେ ଖାଏସନ୍ ସବେ
ନୂଆଁ ଫସଲର୍ ନୂଆଁ ଆରନ୍
ଯାହାକେ କହେସୁଁ ଆମେ ନୂଆଁ।

ପଳାସ, କଳାହାଣ୍ଡି

ISSN NO.
2582-208X

# ଶିଶୁ ବିଭାଗ



ISSN NO.
2582-208X

# କୁମ୍ଭୀରର ନାସପାତି !



ଡ଼ଃ ରଞ୍ଜିତ କୁମାର ସାହୁ

ଜେଜେଙ୍କର ପାକୁଆ ପାଟିକୁ ଦେଖି ମାମିନା ବହୁତ ହସିଲା । ଏକ ଅମାୟିକ ହସ । ଆଜି ଜେଜେଙ୍କର ନୂଆ ନକଲି ଦାନ୍ତ ଲାଗିବ । ଘରେ ବସି ବସି ବିରକ୍ତ ଲାଗୁଥିଲା ତାକୁ ତେଣୁ ବାପାଙ୍କ ସହ ଚାଲି ଆସିଥିଲା ଜେଜେଙ୍କୁ ନେଇ ଦାନ୍ତ ଡାକ୍ତରଙ୍କ ପାଖକୁ । ବାପା ମାମିନା କୁ ଜାଗୁଆକୁଳି କରି କାଗଜପତ୍ର କାମ କରିବାକୁ ବାହାରିଗଲେ । ଜେଜେ ବହୁତ ଖୁସି ଲାଗୁଥାଆନ୍ତି ।

"ଘରକୁ ଫେରିଲେ ପ୍ରଥମ ଟିକିଏ ନଡ଼ିଆ ଖାଇବି । ବାଡ଼ିର ନଡ଼ିଆ ଖାଇକି ବହୁତ ବର୍ଷ ହେଇଗଲାଣି, ଆମ୍ବ ଆଉ ପଣସ ସିନା ପାଚିଲେ କୌଣସି ପ୍ରକାର ଖାଇ ପାରୁଛି ନଡ଼ିଆଟା ଖାଇ ହେଉନି । ଯାହା ହେଉ ମୋ ବାପା ବାଡ଼ିରେ ଆମ୍ବ ଗଛ ଲଗେଇଥିଲେ ବୋଲି ତୁମେ ସମସ୍ତେ ଗଛ ପାଚିଲା ଫଳ ଖାଇ ପାରୁଛ," ଜେଜେ କହିଲେ ।

"କିନ୍ତୁ ସେହି ଗୋଟିଏ ପ୍ରକାର ଆମ୍ବ ର ତିନିଟା ଲଗେଇଥିଲେ ଅନ୍ୟ ଦୁଇ ତିନି ପ୍ରକାରର ଲଗେଲେନି ? ଲାଭ କଣ ?" ମାମିନା ପଚାରିଲା ।

"ଯେ କୌଣସି ଫଳ ଗଛରେ ପାଚିଲେ ତାହାର ସୁଆଦ ବଢିଆ, ତେଣୁ ବାଡ଼ିରେ ଫଳ ଗଛଟିଏ ଥିଲେ ଅଲଗା ମଜା," ଜେଜେ ଉତ୍ତର ଦେଲେ ।

"ଆଉ ଯଦି କୌଣସି ଫଳ ଗଛରେ ପାଚୁ ନଥିବ ତାହା ହେଲେ କଣ ହେବ ? ମାମିନା ପଚାରିଲା ।

"ସେମିତି କେମିତି ହେବ? ଯଦି ଫଳଟିକୁ ଯଥେଷ୍ଟ ସମୟ ଆଉ ସୁରକ୍ଷା ଦିଆ ଯାଏ ତାହା ନିଶ୍ଚୟ ପାଚିବ," ଜେଜେ କହିଲେ ।

ISSN NO.
2582-208X

"କିନ୍ତୁ ତୁମେ ହିଁ ତ କହିଥିଲ, ପୃଥିବୀର ଅନେକ ସ୍ଥାନରେ ଅନେକ ଜିନିଷ ଏମିତି ଥାଏ ଯାହା ଆମର ସାଧାରଣ ଜ୍ଞାନର ବ୍ୟତିକ୍ରମ ହୋଇ ଥାଏ I ତେଣୁ ସଦା ବେଳେ ମନକୁ ଖୋଲା ରଖିବା ଆବଶ୍ୟକ ଏବଂ ନୂତନ ତଥ୍ୟକୁ ଗ୍ରହଣ କରିବାକୁ ମଙ୍ଗୁଥିବା ଜରୁରୀ I ତାହାହିଁ ଜ୍ଞାନାରୋହଣର ଏକ ମାତ୍ର ପନ୍ଥା," ମାମିନା କହିଲା I

"ହଉ ତୋର ଯଦି ମନ ମାନୁନି ତୁ ଖୋଜେ ସେମିତି ଫଳ, ଯଦି ପାଇବୁ ମୋତେ କହିବୁ," କହି ଜେଜେ ବେଞ୍ଚରେ ହିଁ ଢୁଳେଇ ପଡ଼ିଲେ I

ମାମିନା କଣ କରିବ ଭାବି ବାପାଙ୍କର ଫୋନରେ ଖୋଜିବାକୁ ଲାଗିଲା ଗଛରେ ପାଚୁଥିବା ଫଳର ନାମ I

ଗୁଗୁଲରେ ଖୋଜୁ ଖୋଜୁ ଦେଖିଲା ନାସପାତି ଭଳି ଦେଖା ଯାଉଥିବା ଫଳଟିଏ ଆଉ ତାହା ସହ ତାହାର ବିବରଣୀ ମଧ୍ୟ ଅଛି I ଦେଖିବାକୁ ସବୁଜ ରଙ୍ଗର ଆଉ ନାସପାତି ଆକାରର! ମାମିନା ଫଳଟିର ବିବରଣୀ ଦେଖିବାକୁ ଲାଗିଲା I



ISSN NO.
2582-208X

ଫଳଟି କୁ "ଆବୋକାଡ଼ୋ" କୁହନ୍ତି ଏବଂ ଏହା ଆମେରିକା ମହାଦେଶରେ ପ୍ରଥମେ ଫଳ ରୂପରେ ବ୍ୟାବାହାର ହୋଇଥିଲା, ବିଶେଷ କରି ମେକ୍ସିକୋ ଦେଶରେ । ଏହା ଆମେରିକାର ବିଷୁବୀୟ ଆଞ୍ଚଳରେ ମୁଖ୍ୟତଃ ଚାଷ କରା ଯାଏ । ଫଳଟି ଦେଖିବାକୁ ନାସପାତି ହୋଇଥିଲେ ମଧ୍ୟ, ଭିତରେ ଗୋଟାଏ ବିରାଟକେ ମଞ୍ଜି ଥାଏ ଯେଉଁଥିରୁ ତେଲ ମଧ୍ୟ ବାହାର କରା ଯାଏ । ଏହି ତେଲ ଅନ୍ୟ ତେଲ ଠାରୁ ଅଧିକ ଉତ୍ତପ୍ତ ହେଇ ପାରୁଥିବାରୁ, ଏହାକୁ ବିଶେଷ କରି ଛଣା ଜିନିଷ ଲାଗି ଉପଯୁକ୍ତ ମନେ କରା ଯାଏ । ଏହା ବ୍ୟତୀତ ଏହାକୁ ପ୍ରସାଧନ ପାଇଁ ମଧ୍ୟ ବ୍ୟବହାର କରାଯାଏ । ତେଲକୁ ବିଭିନ୍ନ ସାଲାଡ଼ ଉପରେ ମଧ୍ୟ ବ୍ୟବହାର କରା ଯାଏ ।



ଫଳର ଚୋପା ଏକ ପ୍ରକାର ଟାଣ ହୋଇଥାଏ ଏବଂ ମଞ୍ଜି ଓ ଚୋପା ମଧ୍ୟରେ ଥିବା ଅଂଶ ପାଚିଲେ ପୁରା ଲହୁଣୀ ଭଳି ନରମ ହୁଏ । ଏହି ଫଳଟି ସ୍ନେହସାରରେ ଏତେ ପରିପୂର୍ଣ ହୋଇଥାଏ ଯେ ଲୋକେ ଏହାକୁ "ବଟର ଫ୍ରୁଟ ବା ଲହୁଣୀର ଫଳ "ଆଖ୍ୟା ଦେଇଥାଆନ୍ତି । କିନ୍ତୁ ଏଥିରେ ପୃଷ୍ଟିସାର ମଧ୍ୟ ଅଛି ଏବଂ ଏହାର ସେବନ ଦ୍ୱାରା ଅନେକ ଧାତୁ ଏବଂ ଭିଟାମିନ ର ପୋଷଣ ମିଳିଥାଏ । ମଜା କଥା ହେଲା ଏତେ ପରିମାଣରେ ସ୍ନେହସାର ଥିବା

ISSN NO.
2582-208X

ସତ୍ତ୍ୱେ ଏହା ଓଜନ ହ୍ରାସ କରିବାରେ ସହାୟକ ହୁଏ ଯେହେତୁ  ଏଥିରେ ପ୍ରଚୁର ପରିମାଣରେ ତନ୍ତୁ ମଧ୍ୟ ଥାଏ  ଏବଂ ଶର୍କରା ପରିମାଣ କମ ଥାଏ !

ଗଛରେ ଥିଲା ବେଳେ ଫଳଟି ପାଚେ ନାହିଁ, ତେଣୁ ଯେ ଯାଏଁ ରପ୍ତାନି ହେବାର ସମୟ ଆସି ନ ଥାଏ, ଚାଷୀ ମାନେ ତାହାକୁ ତୋଳନ୍ତି ନାହିଁ  I ଏହି ନରମ ଅଂଶର ସୁଆଦ ଅଲଗା ଏବଂ ଏଥିରୁ ଏକ ପ୍ରକାର ଚଟଣି ମଧ୍ୟ ତିଆରି ହୁଏ ଯାହାକୁ "ଗୁଆକମଲି" କୁହ ଯାଏ I ଏହାକୁ ଲୋକ ବିଭିନ୍ନ ଭାବରେ ଖାଇ ଥାଆନ୍ତି I ଗଛଟି  ବେଶ ଘଞ୍ଚ  ହୋଇଥାଏ ଏବଂ ପ୍ରତି ଗଛରେ 300 ପାଖା ପାଖି ଫଳ ହୋଇଥାଏ  I କିନ୍ତୁ ଏତେ ସୁନ୍ଦର ଦିଶୁଥିଲେ ମଧ୍ୟ ଏହାର ପତ୍ରରେ ଏକ ପ୍ରକାର ରାସାୟନ ଥିବାରୁ ପଶୁ ମାନଙ୍କ ଲାଗି ହାନିକାରକ ଏବଂ ଚାରା ରୂପରେ ନିଷେଧ ଅଟେ I କିଛି ଲୋକେ ଏହାର ପତ୍ରକୁ ମସଲା ଭାବରେ ବ୍ୟବାହର କରିବାର ଦୃଷ୍ଟାନ୍ତ ରହିଛି I



ବେଶ କୌତୁହଳ ହୋଇ  ମାମିନା ଆବୋକାଡୋ  ବିଷୟରେ  ଦେଖୁଥାଏ I ଏତିକି ବେଳେ ଜେଜେଙ୍କର ଛାଇ ନିଦ  ଭାଙ୍ଗିଗଲା ଏବଂ ସିଏ ମାମିନା ଆଡକୁ ଚାହିଁଲେ I ମାମିନା ଜେଜେଙ୍କୁ ଫୋଟୋ ଦେଖେଇଲା ଆଉ ଫଳ ବିଷୟରେ ବୁଝେଇଲା I

ISSN NO.
2582-208X

"ଜାଣିଛ ଜେଜେ ଏହି ଫଳକୁ "କୁମ୍ଭୀରର ନାସପାତି" ବୋଲି ମଧ୍ୟ କୁହା ଯାଏ ! ଦେଖୁନ କେମିତି କୁମ୍ଭୀର ଚମଡା ଭଳି ଏହି କଳା କଳା ପାଚିଲା ଫଳର ଚୋପା ହୋଇଛି! ହୁଏତ ଏଇଟା ଖାଇଲା ପରେ ତୁମେ ଆଉ ନଡ଼ିଆ ଖାଇବାକୁ ଇଛା କରିବନି I ଦାନ୍ତ ନଥିଲେ ମଧ୍ୟ ଖାଇ ହେବ," ମାମିନା ପୁଣି କହିଲା I I

ଜେଜେ କହିଲେ, "ଭଲ କଥା ଏଥର ତୋ ବାପାକୁ କହିବି ଏଥିରୁ ଆଣିକି ଆସିବ I ତୁ ସବୁ ବେଳେ ବାହାରେ ଫାଷ୍ଟ ଫୁଡ଼ ଖାଇ ଖାଇ ମୋଟୀ ହେଲୁଣି, ଟିକିଏ ଓଜନ କମେଇବୁ I ମୁଁ ତାହାର ମଞ୍ଜି ପୋତିଥିବି ଆଉ କିଛି ବର୍ଷ ପରେ ଆଉ କିଣିବାକୁ ପଡ଼ିବନି I"

ମାମିନା ଜାଣିଥିଲା ଜେଜେ ତାକୁ ସ୍ନେହରେ ଥଟ୍ଟା କରୁଥିଲେ I ସିଏ ହସି ଦେଲା ଆଉ କହିଲା, "ହଉ ଏଥର ଏହାକୁ ଆଣି ଘରେ ପାଷ୍ଟ ଫୁଡ ତିଆରି କରିବି ! ଏଥିରେତ କେତେ ସବୁ ସୁଆଦିଆ ଜିନିଷ ସବୁ ତିଆରି ହେଇ ପାରିବ !"

ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ସକାଳ

ସାବିତ୍ରୀ ବେହେରା

ଆହା କି ସୁନ୍ଦର ସକାଳ ସମୟ
ଆକାଶ କରେ ବିଭୋର
ସୁନେଲି କିରଣ ପୂରବ ଦିଗରେ
ଲାଗଇ ଭାରି ସୁନ୍ଦର ।
ଆମ୍ବ ଗଛ ଡ଼ାଳେ କୋଇଲିର ଗାନ
ବଢେ ଶୋଭା ସକାଳର
କିଚିରି ମିଚିରି ପକ୍ଷୀଙ୍କ ଶବଦ
ଲାଗେ ବଡ଼ ମନୋହର ।
ବାଡ଼ି ବଗିଚାରେ ନାନା ଜାତି ଫୁଲ
ସଭିଙ୍କୁ ଲାଗେ ଆଦର
ପୂଜା କରେ ମାଆ ଚଉରା ମୂଳରେ
ମଙ୍ଗଳ ମନାସୀ ଆମର ।
ଭାରି ଭଲ ଲାଗେ ସକାଳର ମଜା
ଅଭୁଲା ସ୍ମୃତି ଆମର
ସକାଳ ଅଟଇ ଦିନର ଆରମ୍ଭ
କର୍ମମୟ ଜୀବନର ।

ସପ୍ତମ ଶ୍ରେଣୀ
ବାଟି ନୋଡାଲ ସ୍କୁଲ

ISSN NO.
2582-208X

# ଭିତ୍ ପତାଓ



ନୀଳମାଧବ ସାହୁ

ଗାଡିଟି ଓଡ଼ିଶାର ଶିମିଳିପାଳ ଜାତୀୟ ଉଦ୍ୟାନ, ମୟୁରଭଞ୍ଜ ଜିଲ୍ଲାରୁ କେନ୍ଦୁଝର ଆସିଲାବେଳେ ଜଙ୍ଗଲ, ଛୋଟ ସହର ଓ ବହୁତ ଗୁଡିଏ ଗ୍ରାମ ଦେଇ ଅତିକ୍ରମ କରୁଥାଏ। ଗାଡ଼ିରେ ଚିକି ଓ ମିକି ଦୁହେଁ ନିଜ ପରିବାର ସହ ଦୁଇଦିନ ଛୁଟି କାଟି ଘରକୁ ଫେରୁଥାନ୍ତି ଓ ଜଙ୍ଗଲର ନିର୍ଜନ ରାସ୍ତାରେ ବାହାରର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ମଝିରେ ମଝିରେ ଗାଁ ଲୋକଙ୍କ ଜୀବନ ଶୈଳୀକୁ ଅନୁଧ୍ୟାନବି କରୁଥାନ୍ତି ।

ସେ ସମୟରେ ଦୁହେଁ ଦେଖିଲେ ଯେ ଗ୍ରାମରେ ଥିବା ଚାଳ ଓ ଛପର ଘରଗୁଡିକର କାନ୍ଥରେ ନିର୍ଦ୍ଦିଷ୍ଟ ଢାଞ୍ଚାରେ ଚିତ୍ର ଅଙ୍କା ଯାଇଛି । କେଉଁଠି କ'ଣ ଚିତ୍ରିତ ହୋଇଛି ତାହା ମଧ୍ୟ ଅନୁଧ୍ୟାନ କରୁଥିଲେ । ଘରଗୁଡିକରେ କାନ୍ଥକୁ ଦୁଇ ଭାଗରେ ବିଭକ୍ତ କରି ଦୁଇଟି ଭିନ୍ନ ରଙ୍ଗରେ ସେହି ଗ୍ରାମମାନଙ୍କରେ ରଙ୍ଗେଇଥିଲେ। କେଉଁଠି କାନ୍ଥର ମଧ୍ୟମ ଭାଗରେ ବିଭିନ୍ନ ପ୍ରକାରର ଗଛଲତା, ଫୁଲଫଳ, ପଶୁପକ୍ଷୀ ଓ ଜ୍ୟାମିତିକ ଢାଞ୍ଚାରେ ଚିତ୍ର ଅଙ୍କାଯାଇଥିଲା ତ କେଉଁଠି ବିନା ଚିତ୍ରରେ କାନ୍ଥକୁ ସାଧାସିଧା ରଖାଯାଇଥିଲା। ସେହି କାନ୍ଥ ଚିତ୍ରକୁ ଦେଖିବା ସହ କେଉଁ ଚିତ୍ରଟା ସବୁଠୁ ସୁନ୍ଦର ହୋଇଛି ଚିକି ଓ ମିକି ମଧ୍ୟରେ ଚର୍ଚ୍ଚା ବି ଆରମ୍ଭ ହୋଇଗଲା । ଚିକିକୁ ବିଭିନ୍ନ ପ୍ରକାରର ଫୁଲ ଓ ପଶୁର ଚିତ୍ର ଭଲ ଲାଗୁଥିବା ବେଳେ ମିକିକୁ ଗାର, ବର୍ଗଚିତ୍ର, ଠିକିରି ଓ ବୃତ୍ତର ସମାହାରରେ ତିଆରି ହୋଇଥିବା ଜ୍ୟାମିତିକ ଚିତ୍ରଗୁଡିକ ଭଲ ଲାଗୁଥିଲା ।

ISSN NO.
2582-208X




କୌତୁହଳ ଭାବେ ଚିକି ଓ ମିକି, ଗାଡ଼ିରେ ଯାତ୍ରା କରୁଥିବା ପରିବାର ଲୋକଙ୍କୁ କାହାକୁ କେଉଁ ଚିତ୍ର ଭଲ ଲାଗୁଛି ପଚାରିଲେ । ତା' ପରେ ଉତ୍ତର ମିଳିଲା ଯେ, ଚିକି ଓ ମିକିର ମାଆଙ୍କୁ କାନ୍ଥରେ ଅଙ୍କା ଯାଇଥିବା ମୟୁର ଚିତ୍ର ଭଲଲାଗୁଥିବା ବେଳେ ବାପାଙ୍କୁ ବିଭିନ୍ନ ଜ୍ୟାମିତିକ ଚିତ୍ର ଓ ଜେଜେଙ୍କୁ ପଶୁଙ୍କ ଚିତ୍ର ଭଲ ଲାଗୁଥିଲା। ତା' ପରେ ଚିକିର ମନରେ ପ୍ରଶ୍ନ ଉଙ୍କି ମାରିଲା ଯେ ଆମ ଘରେ ତ ଏହିପରି ରଙ୍ଗ ଦିଆଯାଇନାହିଁ, ସେହି ଗ୍ରାମର ଲୋକମାନେ ସେହିପରି ରଙ୍ଗ ଦେବାର କାରଣ କ'ଣ ହୋଇପାରେ ? ଚିକି ଏହି ପ୍ରଶ୍ନ ମିକିକୁ ପଚାରିଲା। କିନ୍ତୁ ମିକି କିଛି ଉତ୍ତର ଦେଇପାରିଲା ନାହିଁ ଓ ଦୁହେଁ ପୁଣି ସେମାନଙ୍କ ବାପା ଓ ଜେଜେଙ୍କ ନିକଟରେ ସେହି ପ୍ରଶ୍ନଟିକୁ ଦୋହରାଇଲେ ।

ପିଲାମାନଙ୍କ ପ୍ରଶ୍ନର ଉତ୍ତରରେ ଜେଜେ ଜଣାଇଲେ ଯେ ତୁମେମାନେ ଘରର କାନ୍ଥରେ ଦେଖୁଥିବା ଏହି ସ୍ୱତନ୍ତ୍ର ଚିତ୍ରକଳା ସାନ୍ତାଳ ଜନଜାତି ଲୋକଙ୍କ ଅଟେ ଯାହାକୁ କି "ଭିତ୍ ପତାଓ" କୁହାଯାଏ । ସାନ୍ତାଳମାନେ ପ୍ରତି ବର୍ଷ ଫସଲ ଅମଳ ସମୟରେ, ଚାଷ କାମରେ ସହଯୋଗ କରୁଥିବା ବଳଦଙ୍କୁ ଧନ୍ୟବାଦ ଦେବା ନିମନ୍ତେ ପାରମ୍ପରିକ ଷୋହରାଇ ଉତ୍ସବ

ISSN NO.
2582-208X

ମନାଇଥାନ୍ତି। ସେହି ସମୟରେ ସାନ୍ତାଳୀ ସ୍ତ୍ରୀ ଲୋକମାନେ ଘରକୁ ଗୋବରରେ ଲିପି ନୂଆ ରୂପ ଦେବା ସହ ପ୍ରାକୃତିକ ରଙ୍ଗରେ ଘରକୁ ରଙ୍ଗେଇ ସେଥିରେ ଭିତ୍ ପତାଓ ଚିତ୍ର ଆଙ୍କିଥାନ୍ତି । ମୁଖ୍ୟତଃ ସେମାନେ ନାଲି, ହଳଦିଆ ଓ ଧଳା ରଙ୍ଗ ପାଇଁ ସେହି ରଙ୍ଗର ମାଟି ଉପରେ ନିର୍ଭର କରୁଥିବା ବେଳେ କଳା ରଙ୍ଗ ପାଇଁ ଅଙ୍ଗାରକୁ ବ୍ୟବହାର କରିଥାନ୍ତି । କିନ୍ତୁ ବର୍ତ୍ତମାନ ବହୁତ ସ୍ଥାନରେ ଆଧୁନିକତାର ପ୍ରଭାବ ପଡ଼ିଲାଣି ଓ ପ୍ରାକୃତିକ ରଙ୍ଗ ପରିବର୍ତ୍ତେ କୃତିମ ରଙ୍ଗର ମଧ୍ୟ ବ୍ୟବହାର ହେଉଥିବା ନଜରକୁ ଆସିଲାଣି।

ଜେଜେଙ୍କ ଉତ୍ତର ସରିବା କ୍ଷଣି ଚିକି ଓ ମିକିର ବାପା ସାନ୍ତାଳ ଜନଜାତି ଲୋକଙ୍କ ବିଷୟରେ କିଛି ସେ ଦୁହିଁଙ୍କୁ ଜଣାଇଲେ । ସାନ୍ତାଳ ମାନେ ଭାରତର ଓଡିଶା, ପଶ୍ଚିମବଙ୍ଗ, ଆସାମ, ବିହାର ଓ ଝାରଖଣ୍ଡ ରାଜ୍ୟରେ ବସବାସ କରିବା ସହ ଆମ ପଡୋଶୀ ବଙ୍ଗଳା ଦେଶରେ ମଧ୍ୟ ଦେଖାଯାନ୍ତି । ସେମାନେ ମୁଖ୍ୟତଃ ଓଡ଼ିଶାର ମୟୁରଭଞ୍ଜ, କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲାରେ ବସବାସ କରନ୍ତି । ସେମାନେ ପ୍ରକୃତି ସହ ଏହିପରି ଭାବେ ଜଡିତ ଯେ ସେମାନଙ୍କ ନିତିଦିନିଆ ଜୀବନରେ ଜଡିତ ଥିବାଗଛଲତାଓ ପଶୁପକ୍ଷୀଙ୍କ ସହ ନିଜର ପରମ୍ପରାକୁ ସ୍ୱତନ୍ତ୍ର କାନ୍ଥ ଚିତ୍ର ଭିତ୍ ପତାଓ ରେ ସ୍ଥାନିତ କରିଥାନ୍ତି । ଯାହାଦ୍ୱାରା ସେହି ଅଂଚଳରେ ଥିବା ପ୍ରାକୃତିକ ସମ୍ପଦ, ପଶୁପକ୍ଷୀ ଓ ଗଛଲତା ବିଷୟରେ ବିଶେଷ ସୂଚନା ମିଳିଥାଏ । କହିବାକୁ ଗଲେ ସାନ୍ତାଳମାନେ ଏକାପ୍ରକାରର ନିଜ ଚିତ୍ରକଳା ଓ ପରମ୍ପରା ଦ୍ୱାରା ପ୍ରକୃତି ଓ ଜୈବବିବିଧତାକୁ ସଂରକ୍ଷଣ କରୁଛନ୍ତି ଏହା ଭୁଲ ହେବ ନାହିଁ । ତେଣୁ ଆଧୁନିକତା ପ୍ରଭାବରେ ସାନ୍ତାଳମାନଙ୍କ ଏହି କଳା ଓ ପରମ୍ପରାର ଯେପରି ଲୋପ ନ ପାଇବ ସେଥିପ୍ରତି ଧ୍ୟାନ ଦେବାକୁ ପଡିବ ।

ଚିକି ଓ ମିକି ଘରକୁ ଫେରି ଦେଖିଥିବା ଚିତ୍ର ସବୁ ନିଜନିଜ ଚିତ୍ରଖାତାରେ ଅଙ୍କିବାକୁ ଲାଗିଲେ ଓ ଅନ୍ୟମାନଙ୍କୁ ସେହି ଭିତ୍ ପତାଓ ବିଷୟରେ ଜଣାଇଲେ।

ISSN NO.
2582-208X




ସମରଝୋଳ, ଗଂଜାମ, ଓଡିଶା

ISSN NO.
2582-208X

# କିଏ ସେ
# ପାରିବ କହି



ଅମରନାଥ ବାରିକ

ବାଲିଆ ସ୍ଥାନେ ଗଛ ଲତେ
ଦିଏ ପ୍ରଚୁର ଫଳ
ଅଧିକ ଚଷା ଫଳାଏ ସେ
ପାଇଲେ ନଦୀ କୂଳ

ଫଳଟି ଅଟେ ପେଣ୍ଡୁ ପରି
ରଙ୍ଗଟି ଗାଢ଼ ନୀଳ
କାଟିଲେ ଦିଶେ ନାଲି ରଙ୍ଗ
ମଞ୍ଜି ଥାଏ ପ୍ରବଳ ।

କଖାରୁ ଭଳି ରୂପଟି ଯେ
ଦେଖିଲେ ଲାଗେ ତାକୁ
ଚିକ୍କଣ ମୋଟା ଚମଡ଼ା ତା'
ଓଜନ ଧରିବାକୁ ।

ରସରେ ଭରା ଥାଏ ସେହି
ମିଳଇ ଖରା ଦିନେ
ଚାଖିଲେ ଲାଗେ ମିଠା ସ୍ୱାଦ
ଖାଆନ୍ତି ଲୋକମାନେ ।

ISSN NO.
2582-208X

ଶଶରେ ଭରା ଦେହ ତା'ର
କେବଳ ନୁହେଁ ରସ
ଖାଇଲେ ଅଂଶୁଘାତ ଯାଏ
ଲାଗେନି ବେଶି ଶୋଷ ।

ବଜାର ହାଟେ ମାଟି ହାଣ୍ଡି
ପରିକା ହୁଏ କୁଢା
ତଉଲେ କିଏ ବିକେ କିଏ
ଧରିଣ ଯୋଡ଼ା ଯୋଡ଼ା ।

ପ୍ରଥମ ଆଉ ଶେଷକ୍ଷର
'ତ' ଓ 'ଜ' ମଧ୍ୟେ 'ରଭୁ'
କହିବ କିଏ ନାମ ତା'ର
ସଜାଡ଼ି ଅକ୍ଷରକୁ ?

କୟାଁ, ମଙ୍ଗଳପୁର, ଦଶରଥପୁର, ଯାଜପୁର
ଓଡ଼ିଶା, ପିନ୍ ନଂ – ୭୫୫୦୧୧
ଦୂରଭାଷ – ୯୫୪୦୩୦୮୦୯୫

ସେପ୍ଟେମ୍ବର - ୨୦୨୨
www.vedantimagazine.com
ISSN NO.
2582-208X

# ବେଙ୍ଗୁଲି ନାନୀର ବାହାଘର



ମୀନାକ୍ଷି ପାଢ଼ୀ

ଟୁପୁରୁ ଟୁପୁରୁ ବରଷେ ପାଣି,
ବାହା ହେବ ଆଜି ବେଙ୍ଗୁଲି ନାନୀ।

ସାରୁ ଗଛ ମୂଳରେ ବେଙ୍ଗ ରାଜା,
ବେଦୀ ସଜାଇଛି ବଜାରେ ବାଜା।

ଆକାଶ ଗାଉଛି ମେଘମହ୍ଲାର,
ଜୁଲୁଜୁଲିଆ ଟି ବଡ଼ ଚତୁର।

ଆଲୁଅ ପକାଏ ରହି ରହିକା,
ରାତି ଆସିଲାଣି ଜମିଜମିକା।

ବିଜୁଳି ଦେଖାଏ ବାଣ, ରୋଷଣୀ,
ବର ବେଶେ ବେଙ୍ଗ ଦେଖାଏ ଠାଣି।

ମେଘ ବଜାଉଛି ତେଲିଙ୍ଗି ବାଜା,
ଝଡ଼ିପୋକ ସବୁ ହୋଇଛି ଭଜା।

ଏଣ୍ଡୁଅ ରାନ୍ଧିଛି କଙ୍କି ତିଅଣ,
ଖାଇବେ କୁଣିଆ ପନ୍ଦର ଜଣ।

ISSN NO.
2582-208X

ଛତୁ ଛତାଧରି ଆସୁଛି ବର,
ରଡ଼ି ଶୁଭୁଅଛି କେଁ କଟର।

ବରଯାତ୍ରୀ ଦଳ ହେଲେ ହାଜର,
ଝିଣ୍ଟିକା ବାପୁଡ଼ା ପଢ଼େ ମନ୍ତର।

ଝିପିରି ଝିପିରି ବରଷେ ପାଣି,
ହଳଦୀ ମାଖୁଛି ବେଙ୍ଗୁଲି ରାଣୀ।

ଭାର ସଜାଡ଼ିଛି ଟୋକେଇ କରି,
ପୋକ,ଜୋକ ଆଉ କେଞ୍ଚୁଆ ଭରି।

ବାହା ଦେଖିବାକୁ ଥିଲି ମୁଁ ଧାଇଁ,
ମୋତେ ସେ'ଠି କେହି ଚିହ୍ନିଲେ ନାହିଁ।

ଯା'ରେ ମେଘ ପାଣି ବରଷି ଯାଆ,
ବେଙ୍ଗ ବେଙ୍ଗୁଲିରେ ସୁଖରେ ଥାଆ।

ଶିକ୍ଷୟିତ୍ରୀ, ଚକଟୀ, ଗଞ୍ଜାମ

ISSN NO.
2582-208X

# ସାବାସ୍ ପିମ୍ପୁଡ଼ି



ବିଜୟ କୁମାର ଛାଟୋଇ

ବେଙ୍ଗୁଲି ନାନୀ
ବସିଛି ଦୁଃଖେ
ମଉନ ମନେ,
ମନରେ ତାର
ହରସ ନାହିଁ
ଇଛା ବି ନାହିଁ ଶରତ ଜନ୍ମେ ।।

ବେଙ୍ଗୁଲି କହେ
ପିମ୍ପୁଡ଼ି ଭାଇ
ଶୁଣ ମୋ କଥା,
ଗ୍ରୀଷମ ଗଲା
ବରଷା ଧାରା
ସାଥିରେ ନେଇ
ଦୁଃଖକୁ ଦେଇଗଲା ।।

ଗହୀର ବିଲ
ନଈ ଓ ନାଳ
ଲାଗଇ ଖାଁ',
ବରଗଛଟି
ଶୋଷିଲା ହୋଇ
କରିଛି ଆଁ '
ଆହେ ଦେବତା
ବଞ୍ଚାଇ ଦିଅ
ମେଲାଇ ଦିଅ
ତାହାରି ବାହା  !!
ପବନ ନାହିଁ
ବରଷା ନାହିଁ
ବଉଦ ନାହିଁ
ବରଷା ଟୋପେ
ହେଉନି  କାହିଁ  ?
କ'ଣ ପାଇଁ  ?

ପିଲା ଦୁଇଟି
ଅଛନ୍ତି ମୋର
ବିକଳ ଆହା  !
ପାରୁନି ସହି
ତାଙ୍କରି ପାଇଁ
ଦଇବ ସିନା ସାହା  ।।

ISSN NO.
2582-208X

ଖାଇବାକୁ ତ
ଖୁଦ ମୁଠିଏ
ମୋ ପାଖେ ନାହିଁ,
ଭୋକ ଓ ଶୋଷ
ମେଣ୍ଟିବା ପାଇଁ
ଅସମୟରେ
ବୁଦ୍ଧି ତ ଦିଶୁନାହିଁ ।।

ବେଙ୍ଗୁଲି କଥା
ପିମ୍ପୁଡ଼ି ଶୁଣି
କରଇ ପାଟି,
କହଇ ରାଗେ
କି ହେବ ଲାଭ
ହେଲେ ତୁ ଛାଟିପିଟି ।।

ବଡ଼ବଡ଼ିଆ
କିଆଁ ଜାଣିବେ
ଗରିବ କଥା,
ତଳ ମୁଣ୍ଡକୁ
ଆସିଲେ ସିନା
ଘୁରନ୍ତା ତାଙ୍କ ମଥା।।

ଚାଷ ଓ ବାସ
ପିଇବା ପାଣି
ଅଛି କି ନାହିଁ,
ଆସିଲେ ସିନା
ଜାଣନ୍ତେ ସେହି
ଅଭାବ ହେଲା କାହିଁ ।।

ଯାହାଙ୍କୁ ଆମେ
ଭୋଅଟ ଦେଇ
କରିଛୁ ନେତା,
ସିଏତ ଏବେ
ତାଙ୍କରି ପାଇଁ
କରନ୍ତି ଖାଲି ଚିନ୍ତା ।।

ଶୁଣ ତୁ ଶୁଣ
ବେଙ୍ଗୁଲି ନାନୀ
ସଂସାର ରଥ,
ଗଡ଼ାଉ ଥିବା
କରମ କରି
ଆଦରି ଧର୍ମ ପଥ ।।

ଆଜି ଠୁ ଆମେ
ଶପଥ ନେଇ
ତୋର ମୋର
ଲଗାଇ ଗଛ
ବଢାଇ ଦେବା ଯଦି,
ସାରା ଦୁନିଆ

ISSN NO.
2582-208X

ହସି ଉଠିବ
ଯିବ ବିପଦ ହଟି ।।

ପିମ୍ପୁଡ଼ି ଗାତ
ଖୋଳିଲା ବସି
ତା ସାହି ଭାଇ
ଥିଲେ ତ ଆସି,
ବେଙ୍ଗୁଲି ନାନୀ
ପୋତଲା ଗଛ
ମଉନେ ହସି ହସି ।।

ଅଳପ ଦିନ
ଯାଇଛି ବିତି
ସବୁଜ ହେଲା
ଧରତୀ ଛାତି,
ବିପଦ ଗଲା
ବରଷା ହେଲା
ଉଠିଲେ ସବୁ ନାଚି ।।

ଏକଥା ଜାଣି
ଜଙ୍ଗଲ ପ୍ରାଣୀ
ପଶୁ ଓ ପକ୍ଷୀ
ପ୍ରତି ବରଷ
ଗଛକୁ ପୋତି
ସବୁଜ କଲେ
ଜଙ୍ଗଲ ଛାତି,
ସଭିଙ୍କ ଇଛା
ପୂରଣ ହେଲା
ବେଙ୍ଗୁଲୀ ସୁଖେ
ନାଚି ଉଠିଲା
ପିଲାଏ ତାର
ସୁଖେ ଖେଳିଲେ
ସବୁ କହିଲେ
ପିମ୍ପୁଡ଼ିର ଏ
ବୁଦ୍ଧିର କରାମାତି
ସାବାସ୍ ପିମ୍ପୁଡ଼ି ଜାତି ।।

ମହୁର୍, ପୁରୀ

ISSN NO.
2582-208X

# ଚିତ୍ର



ଆଦବିକା ପଟ୍ଟନାୟକ




କ୍ଲାସ ଉନ୍ନୟନ, ଦିଲ୍ଲୀ ପବ୍ଲିକ ସ୍କୁଲ,
ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ମତାମତ/ସମୀକ୍ଷା

## ଅଗଷ୍ଟ ସମୀକ୍ଷା



ଦେବଯାନୀ ସ୍ୱାଇଁ

ଘୋଷଯାତ୍ରାର କୋଳାହଳ ସରିଯାଇଚି। ଅଲୋଡା, ଅଦରକାରୀ, ଅବହେଳିତ ତିନି ରଥ ଦଣ୍ଡାୟମାନ କେବଳ। ମାଉସୀ ମା' ପାଖରେ ବିତେଇଥିବା ସୁନ୍ଦର ସୁନେଲୀ ସମୟ ଗୁଡିକୁ ସ୍ମୃତି ପଟରେ ମନ୍ଥନ କରୁଚି କାଳିଆ। ଏଥରକ "ବେଦାନ୍ତୀ" ର ପ୍ରଚ୍ଛଦ ପୃଷ୍ଠାରେ ଭାବପ୍ରବଣ କାଳିଆର ପ୍ରତିଛବି ଦେଖି ମୁଁ ସମ୍ମୋହିତ ହେଇଗଲି। ଅନେକ ଦିନ ଧରି ସେଇ ପ୍ରଚ୍ଛଦ ପୃଷ୍ଠାରେ ହିଁ ଅଟକି ରହିଲି।

ପରପୃଷ୍ଠାକୁ ଆସୁ ଆସୁ ଦୁଷ୍ଟ ଶ୍ରାବଣର ଅମାନିଆ, ଅବିଶ୍ରାନ୍ତ ବାରି ଧାରା ବିପକ୍ଷରେ ଅଭିଯୋଗ। ରାଜସ୍ଥାନଠୁ ନେଇ ମଧ୍ୟପ୍ରଦେଶ, ଉତ୍ତରାଖଣ୍ଡ ଯାକେ ସବୁଆଡେ ବନ୍ୟାର ଲୀଳାଖେଳା। ହେଲେ ପିଲାମାନଙ୍କର ସବୁ ପ୍ରକାର ଦୁଷ୍ଟାମି ଲାଗି ଯେମିତି ଶେଷରେ ବାପା, ମା' ଦାୟୀ ହୁଅନ୍ତି, ଠିକ୍ ସେମିତି ପ୍ରକୃତିର ଏ ତାଣ୍ଡବ ନୃତ୍ୟ ଲାଗି ଆମେ ସମସ୍ତେ ହିଁ ଦାୟୀ। ତେଣୁ ପ୍ରକୃତିକୁ ଶାନ୍ତ କରିବାକୁ ହେଲେ ଆମ ସମସ୍ତଙ୍କୁ ଏବେଠୁ ସଚେତନ ହେବାକୁ ହେବ। ଅବୈଧ ଖନନ ପ୍ରକ୍ରିୟାକୁ ବନ୍ଦ କରିବା ସହିତ ବୃକ୍ଷାରୋପଣ ଭଳି ମହାନ କାର୍ଯ୍ୟ କରିବାକୁ ଉତ୍ସାହିତ କରିଛନ୍ତି "ପ୍ରତିଷ୍ଠାତା ଶ୍ରୀଯୁକ୍ତ ଅରବିନ୍ଦ ମିଶ୍ର"।

ଭିତର ପୃଷ୍ଠାରେ ସ୍ୱାସ୍ଥ୍ୟ ବିଭାଗ, ଆମ ହାଣ୍ଡିଶାଳ, ଆଂଚଳିକ, ଶିଶୁ ବିଭାଗ ସହିତ ଏକ ଶହ ରୁ ଉର୍ଦ୍ଧ୍ୱ କବିତା ଓ ଗଳ୍ପ ।

"ଡି. ଏଫ୍.ଓ କ୍ୟାମ୍ପବେଲ୍ ବେ" ରେ ଡି.ଏଫ୍.ଓ, ଅସୀମ ଏଥରକ ନିକୋବର ଦ୍ୱୀପ ସମୁହର ଏକ ଅନ୍ୟତମ ଦ୍ୱୀପ କ୍ୟାମ୍ପବେଲ୍ ବେ କୁ ଯାତ୍ରା ପାଇଁ ନିଜର ଅତ୍ୟନ୍ତ ଜରୁରୀ

ISSN NO.
2582-208X

ଜିନିଷକୁ ସ୍ମୃତି ସହିତ ନିଜ ସାଥିରେ ନେବା ଲାଗି ସବୁ ପ୍ରକାର ପ୍ରସ୍ତୁତି କରି ସାରିଛନ୍ତି। ଅନୁପ ଓ ମଧୁସ୍ମିତା ଙ୍କର "ତୃତୀୟ ଭେଟର ଅବଶୋଷ" ଯେଉଁ ରହିଗଲା, ସେଥିରୁ ସେମାନଙ୍କର ପୁଣି ଥରେ ଭେଟ ହେବା ସୁନିଶ୍ଚିତ ଜଣାପଡୁଚି। ସତରେ "ବିଶ୍ୱାସ" ଏକ ବହୁତ ବଡ ଶବ୍ଦ, ଯାହାକୁ ପାଥେୟ କରି ଚାଲେ ଏ ସଂସାର। "ଉଠ୍ ପୁଟୁର୍" ରେ ଅଭି ର ଜିଲ୍ଲା ହାଇସ୍କୁଲ୍ ରେ ପାଠ ପଢିବାର ସୁନେଲି ସ୍ୱପ୍ନ ଆଉ "ବଉଳ ଫୁଲର ବାସ୍ନା" ଭଳି ମହକେ ଭାଇ ଭଉଣୀର ସ୍ନେହ।

ଏଥରକ ଇତିହାସ ପୃଷ୍ଠାରେ ରହିଛନ୍ତି "ସତ୍ୟବାଦୀ ସାହିତ୍ୟ ଓ ଉତ୍କଳମଣି", "ବିଧଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାର", "ଚେକୋଭ ହେଉଛନ୍ତି ଦୁନିଆର ସର୍ବୋତ୍ତମ କାହାଣୀ ଲେଖକ" ଆଉ ଆମ ଓଡିଶା ସୁନ୍ଦରଗଡ ଜିଲ୍ଲାର ସୁନାମଧନ୍ୟ ମହିଳା ହକି ଖେଳାଳୀ "ଅଲମ୍ପିକ୍ ତାରକା : ଦୀପଗ୍ରେସ୍ ଏକ୍କା"।

ଭଲ ଲାଗିଲା "ଏତେ ରାଗ ଅଭିମାନ କାହାକୁ" କବିତାଟି ପଢିକି। "ସୀତାଙ୍କ ଅଗ୍ନି ପରୀକ୍ଷା" ଭଳି ଆଜି ସନ୍ଦେହ ବହ୍ନିରେ ଜଳୁଚି ସମସ୍ତ ସତୀତ୍ୱ, ହେଲେ ମା'ର ମମତା, ମା'ର ପଣତ, ମା'ର କମଳ ହାତ– ଲଗାଇ ପାରେ କଣ କିଏ କେବେ କଳଙ୍କ!! ଆଉ "ବାପା" ଏକ ଅବ୍ୟକ୍ତ ଶବ୍ଦ, ଯିଏ ଜାଗ୍ରତ କରାନ୍ତି ଅସୁମାରୀ ସ୍ୱପ୍ନ।

ଆହେ "ଚକା ଆଖି", "ପତିତ ପାବନ" ତୁମେ "ଭାବର ଠାକୁର" "ନୀଳ କନ୍ଦର ସୁନ୍ଦର", "ନୀଳାଦ୍ରି ବିଜେ" "ହେ ପରମ ପିତା", ସୂର୍ଯ୍ୟ ଚନ୍ଦ୍ର ତାରା ଭରା ଏ ସୁନୀଳ ଗଗନ, ଛଅ ଋତୁ ମାନକ ଆଗମନ ପୁଣି ଜୀବ ଦେହେ ଜୀବନ, "ସବୁ ତ ତୁମରି ଦାନ"!!

"ନୂଆ ଘର ଖଣ୍ଡି ଦିନେ ପୁରୁଣା ହେବ"। ଏ "ମିଛ ସଂସାର" ରୁ କିସ ନେଇଯିବୁ କହ, "ଜୀବନ ଏକ ସାପଶିଡି ଲୁଡୁ ଖେଳ"। "ପାଟକନା" ଭଳି ଆମେ ସବୁ କେବଳ ଗୋଟେ ଗୋଟେ ପ୍ରୟୋଜନର ପାତ୍ର। ଯିଏ ବୁଝିଚି "ଭକ୍ତିର ଶକ୍ତି" ଆଉ "ନୀରବତାର ମୂଲ୍ୟବୋଧ" ସେ ହିଁ କରିପାରେ ସକଳ ଆୟତ୍ତ।

ISSN NO.
2582-208X

"ମନୁ ତେଜ ବିରସ" "ବିଶ୍ୱ ଗୁରୁ ହେବ ଭାରତ" ଯିଏ ହଳ ଧରି ଲହରାଏ ସବୁଜ ଶସ୍ୟକ୍ଷେତ୍ର, ଯାହାର ନୈତିକତାରେ ଆମେ ହେଉ ଅନୁପ୍ରାଣିତ, ସେ ହେଉଛନ୍ତି "ଆମ ଚାଷୀ, ଖତୁଆ ପାଣ"।

"ମୌସୁମୀ ବର୍ଷା" ରେ ଭିଜିଲା ବେଳେ, ଖୋଜେ ମୁଁ ତୁମକୁ ସଂଜ ସକାଳେ। "ତୁମେ ଗଲା ପରେ" ମୋର ଏ ହୃଦୟେ ତୁମ ଛବି କେବଳ ଢଂକି ମାରେ। କାହିଁକି କେଜାଣି ଏଥରକ ମତେ ଲାଗିଲା କବିତା ବନରେ ପ୍ରିୟା ପ୍ରୀତି ଯେମିତି ଛେଚା ଶ୍ରାବଣର ଭୟରେ କେଉଁଠି ଛୁପି ଯାଇଛନ୍ତି।

ଏକ ବିଶେଷ ପ୍ରସଙ୍ଗରେ ପୁନେ ସହର ର "ରଥଯାତ୍ରା ଖବର" ଦେଖି ଖୁବ୍ ଖୁସି ଲାଗିଲା।

ସ୍ୱାସ୍ଥ୍ୟ ବିଭାଗରେ "ବର୍ଷା ଋତୁର ରୋଗ ଓ ତାର ପ୍ରତିକାର" ସମ୍ବନ୍ଧରେ ସୂଚନା।

"ଶିଶୁ ବିଭାଗ" ର ସମସ୍ତ ଲେଖା ଗୁଡିକ ଖୁବ୍ ସୁନ୍ଦର ତଥା ଶିକ୍ଷଣୀୟ ହେଇଚି, ଆଉ ତା ସହିତ ୭୫ ତମ ସ୍ୱାଧୀନତା ଦିବସ ଉପଲକ୍ଷେ କୁନି ପରୀ, ଆଦବିକା ର "ଚିତ୍ର" ଅତି ଚମତ୍କାର।

ଚାଲନ୍ତୁ ଶେଷରେ ସମସ୍ତେ ମିଶି "ଅନେକରେ ଏକ" – ଆମର ଏ ଦେଶ ଭାରତ ର ଜୟ ଗାନ କରିବା।

ଜୟ 'ଭାରତ', ଜୟ 'ବେଦାନ୍ତୀ', ଜୟ ପାଠକ ବୃନ୍ଦ।

ଗୋରେଗାଓଁ, ମୁମ୍ବାଇ

ISSN NO.
2582-208X

# ମତାମତ

ଆକର୍ଷଣୀୟ ପ୍ରଚ୍ଛଦ..ବେଦାନ୍ତୀ ପତ୍ରିକା ଦୀର୍ଘାୟୁ ହେଉ, ଏତିକି କାମନା। ଓଡ଼ିଆ ଭାଷା, ସାହିତ୍ୟ, କଳା ଓ ସଂସ୍କୃତିକୁ ଋଦ୍ଧିମନ୍ତ କରିବା ପାଇଁ ବେଦାନ୍ତୀ ଇ-ପତ୍ରିକାର ଅନବରତ ପ୍ରୟାସ, ଏହାର ପାଠକ, ଲେଖକ ଏବଂ ତତ୍ ସମ୍ପର୍କିତ ବ୍ୟକ୍ତି ଉଦ୍ୟମହେତୁ ପ୍ରତି ମାସରେ ବହୁ ପ୍ରତୀକ୍ଷିତ ।

ଅରବିନ୍ଦ ମିଶ୍ରଙ୍କ ବଳିଷ୍ଠ ସମ୍ପାଦନା ବାସ୍ତବରେରେ ଏହି ବେଦାନ୍ତୀ ପତ୍ରିକା ଏବେ ଓଡ଼ିଶାର ପ୍ରତିଷ୍ଠିତ ଓ ସର୍ବାଧିକ ପ୍ରସାରିତ ପତ୍ରିକା ତଥା ରାଜ୍ୟ ଓ ରାଜ୍ୟ ବାହାରେ ରହୁଥିବା ପ୍ରତ୍ୟେକ ଓଡ଼ିଆଙ୍କର ପ୍ରିୟ ପାରିବାରିକ ବନ୍ଧନ ଭାବେ ଯଥେଷ୍ଟ ଲେଖକୀୟ ଓ ପାଠକୀୟ ଶ୍ରଦ୍ଧା ଓ ସ୍ୱୀକୃତି ଲାଭ କରିପାରିଛି । ବିଭିନ୍ନ ପ୍ରଯୋଗିତା ଦ୍ୱାରା ମାନପତ୍ର, ନଗଦ ଅର୍ଥରାଶି ପ୍ରଦାନ କରାଯାଇ ବହୁ ସାହିତ୍ୟିକ ଓ ସାହିତ୍ୟିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ।

ଓଡ଼ିଶାର ସାମାଜିକ, ସାଂସ୍କୃତିକ, ସାହିତ୍ୟିକ ଓ ଶୈକ୍ଷିକ ଅଭିବୃଦ୍ଧି କ୍ଷେତ୍ରରେ ବେଦାନ୍ତୀ ଇ-ପତ୍ରିକାର ରହିଛି ଏକ ଯୁଗାନ୍ତକାରୀ ଅବଦାନ । ଏହି ଅବିସ୍ମରଣୀୟ ଅବଦାନକୁ ସ୍ମରଣ କରିବା ସହ ସେଇ ଗୌରବମୟ ଐତିହ୍ୟର ସାର୍ଥକ ସ୍ମୃତିକୁ ପୁନଃ ଜାଗୃତ କରି ଗୋଟିଏ ମଞ୍ଚରେ ପୁରାତନ ଓ ସମକାଳୀନ ସମସ୍ତ ପତ୍ରିକାକୁ ଦେଖି, ଛୁଇଁ, ଅନୁଭବ କରିବା ଭଳି ଦୃଷ୍ଟିଭଙ୍ଗୀକୁ ନେଇ ଏହି ବେଦାନ୍ତୀ ଇ-ପରିକଳ୍ପନା । ସମାଜୋପଯୋଗୀ ବିବିଧ ବିଷୟକ ଏହି ବେଦାନ୍ତୀରେ ସାମିଲ୍ ହେଉଥିବାରୁ ଖୁବ୍ କମ୍ ସମୟ ଭିତରେ ଏହା ସମସ୍ତଙ୍କ ନିକଟରେ ଗ୍ରହଣୀୟ ହୋଇପାରିଛି । ଏହି ବେଦାନ୍ତୀ ଇ-ପତ୍ରିକାରେ ସାହିତ୍ୟ, ଶିଶୁ-କିଶୋର, ପାରିବାରିକ, ଶିକ୍ଷା, ଜ୍ଞାନ-ବିଜ୍ଞାନ, ଚଳଚ୍ଚିତ୍ର, କ୍ରୀଡ଼ା, ରାଜନୀତି, ବାଣିଜ୍ୟ, ନିଯୁକ୍ତି, ପରିବେଶ, ସ୍ୱାସ୍ଥ୍ୟ, ଧର୍ମ-ପୁରାଣ, ଯୋଗ-ଧ୍ୟାନ ଆଦି ବିଭିନ୍ନ ବିଷୟକ ପତ୍ରିକାକୁ ଏକାଠି ଗୋଟିଏ ମଞ୍ଚରେ ପାଇବା ସହିତ ତତ୍ ସମ୍ପର୍କିତ ବ୍ୟକ୍ତିଙ୍କୁ ଭେଟି ହେଉଛି; ଆଉ ପତ୍ରିକାର ଇତିହାସ, ଆନ୍ଦୋଳନ ଓ ସଂଘର୍ଷର କଥା ବି ଜାଣି ହେଉଛି ।

ISSN NO.
2582-208X

ଓଡ଼ିଆରେ ବିବିଧ ପ୍ରକାର ପତ୍ରିକା ପ୍ରକାଶ ପାଇବା ଦରକାର। ଆମର ଅଧିକାଂଶ ପତ୍ରିକା ଏକା ପରି। ଭଲ ଡାଇଜେଷ୍ଟ ପତ୍ରିକାର ଅଭାବ ରହିଛି, ଯାହା ଦେଶ ବିଦେଶର ନୂଆ ନୂଆ ବହି/ଧାରଣା/ଦର୍ଶନ/ଚିନ୍ତା ସହ ଆମକୁ ପରିଚିତ କରାଇଦିଅନ୍ତା। ଓଡ଼ିଆ ପତ୍ରିକା ଆଗରେ ଆହ୍ୱାନଗୁଡ଼ିକ ଜଟିଳ। ମାତ୍ର ସେମାନଙ୍କୁ ସାମ୍ନା କରିବା ଅସମ୍ଭବ ନୁହେଁ। ସିଧାସଳଖ ଗ୍ରାହକ ସଂଗ୍ରହ ଯୋଜନା, ପାଠକ-ଲେଖକ ଯୋଜନାକୁ ଗୁରୁତ୍ୱ ସହ ଜଗତ ସମ୍ବନ୍ଧରେ ଜ୍ଞାନ ପରିବେଷଣ ଗୋଟିଏ ପ୍ରସ୍ତାବର ସଫଳ ପ୍ରୟାସ ବେଦାନ୍ତୀ ଇ-ପତ୍ରିକା ପ୍ରତି ଟି ମାସ ମାନସ ମନ୍ଥନର ସମୟ, ଯାହା ଭିତରୁ ସମାଧାନ ଅମୃତ ବାହାରିପାରିବ ଏବଂ ଆଶଙ୍କାଗୁଡ଼ିକ ସମ୍ଭାବନାରେ ପରିଣତ ହୋଇପାରିବ।

ଜୟ ଜଗନ୍ନାଥ ଜୟ ଉତ୍କଳ ।

ମାନସ ରଞ୍ଜନ ହାତି
ଭାରତୀୟ ଲଘୁ ବିକାଶ ବ୍ୟାଙ୍କ, ନୂଆ ଦିଲ୍ଲୀ

ଏହି ମାସର ଇ-ପତ୍ରିକା ବେଦାନ୍ତୀ ବହୁତ ଉପାଦେୟ ଲେଖାରେ ସମୃଦ୍ଧ ହୋଇଛି । ସମ୍ପାଦକଙ୍କୁ ଅଶେଷ ଧନ୍ୟବାଦ । ମାନନୀୟ ଲେଖକ ଓ ଲେଖିକାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।

ବାଲ୍ମିକୀ ନାୟକ, ବାଙ୍ଗାଲୋର

ISSN NO.
2582-208X

# ସେପ୍ଟେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୦୯/୨୦୨୨ | ନୂଆଖାଇ ପର୍ବ |
| ୦୨/୦୯/୨୦୨୨ | ଷଷ୍ଠୀ ଓଷା, ଲଳିତା ସପ୍ତମୀ, ସୋମନାଥ ବ୍ରତାରମ୍ଭ |
| ୦୩/୦୯/୨୦୨୨ | ଶ୍ରୀ ରାଧାଷ୍ଟମୀ |
| ୦୫/୦୯/୨୦୨୨ | ଗୁରୁ ଦିବସ, ସର୍ବପଲ୍ଲୀ ରାଧାକୃଷ୍ଣନ ଜୟନ୍ତୀ, ତାଳ ନବମୀ |
| ୦୬/୦୯/୨୦୨୨ | ପାର୍ଶ୍ୱ ପରିବର୍ତ୍ତନ (ବଡ) ଏକାଦଶୀ ଉପବାସ |
| ୦୭/୦୯/୨୦୨୨ | ବାମନ ଜନ୍ମ, ବଳିବାମନ ବେଶ |
| ୦୯/୦୯/୨୦୨୨ | ଅନନ୍ତ ବ୍ରତ |
| ୧୦/୦୯/୨୦୨୨ | ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା, ଭାଗବତ ଜନ୍ମ |
| ୧୪/୦୯/୨୦୨୨ | ଅଶ୍ୱ ପଞ୍ଚମୀ |
| ୧୫/୦୯/୨୦୨୨ | ଗଜଷଷ୍ଠୀ |
| ୧୭/୦୯/୨୦୨୨ | କନ୍ୟା ସଂକ୍ରାନ୍ତି, ବିଶ୍ୱକର୍ମା ପୂଜା |
| ୨୪/୦୯/୨୦୨୨ | ଫୁଲ୍ଲେରୀ ଓଷା |
| ୨୫/୦୯/୨୦୨୨ | ମହାଳୟା ଅମାବାସ୍ୟା |
| ୨୬/୦୯/୨୦୨୨ | ବିରଜା ଦେବୀଙ୍କ ରଥଯାତ୍ରା |
| ୩୦/୦୯/୨୦୨୨ | ନତଃ ପଞ୍ଚମୀ |

ISSN NO.
2582-208X

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା - vedantimagazine@gmail.com/ editor.vedantimagazine@gmail.com

## ଅଗଷ୍ଟ ମାସର ବିଜେତାଙ୍କ ନାମ



ISSN NO.
2582-208X

ଡିନ୍ତୁଳକୁ ଅନେକେ କଇଁଆ କୁହନ୍ତ
ଭରି ଉପକାରୀ ସିଏ
ତରକାରୀରେ ଟିକେ ପକାଇଦେଲେ ତ
ତାକୁ ସୁଆଦିଆ କରିଦିଏ

ଚନ୍ଦନ ମିଶ୍ର, ଭୁବନେଶ୍ୱର

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ପ୍ରଚ୍ଛଦପଟ୍ଟ ଚିତ୍ର ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚିତ୍ରକୁ ମଧ୍ୟ ବ୍ୟବହାର କରାଯାଇଥାଏ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା –vedantimagazine@gmail.com

ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733/8828213733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**

ISSN NO.
2582-208X

## ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପାଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପ୍ରତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କର଼ାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା – Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ । ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତୁ ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁ www.vedantimagazine.com କୁ ପଦାର୍ପଣ କରନ୍ତୁ ।

ISSN NO.
2582-208X

"ବେଦାନ୍ତୀ" ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚ୍ଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛିଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ:vedantimagazine@gmail.com । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳିତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**